ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ନଭେମ୍ବର ୭/୨୦୨୧ (୮+୮=୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, November 7/2021 | ★★★★★★

୪୭ଶ ଭାଗ ୩୪୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-



**ହରମନପ୍ରୀତ୍‌ଙ୍କ ଅଲରାଉଣ୍ଡ ପ୍ରଦର୍ଶନ**

ମହିଳା ବିଗ୍‌ବାଶ୍ ଲିଗ୍‌ରେ ହରମନପ୍ରୀତ୍ କୌରଙ୍କ ଅଲରାଉଣ୍ଡ ପ୍ରଦର୍ଶନ ସହାୟତାରେ ମେଲବୋର୍ନ ରେନିଗେଡ୍ସ ବିଜୟୀ ହୋଇଛି।

୦୮

୦୭

**'ଟିପ୍‌ଟିପ୍ ବର୍ଷା ପାନି' ରିମେକ୍‌ରେ କ୍ୟାଟ୍ରିନା**

ଫିଲ୍ମ 'ସୂର୍ଯ୍ୟବଂଶୀ'ରେ ଟିପ୍ ଟିପ୍ ବର୍ଷା ପାନିର ରିମେକ୍ କରାଯାଇଛି। କ୍ୟାଟ୍ରିନା କୈଫ ମୂଳଗୀତରେ ଥିବା ରବିନା ଟଣ୍ଡନଙ୍କୁ କଡ଼ା ଟକ୍କର ଦେଇଛନ୍ତି।






# ଭାଗବଣ୍ଟା ଛିଣ୍ଡୁନି, ପ୍ରକଳ୍ପ ବିଳମ୍ବିତ

**ହର୍ଷବର୍ଦ୍ଧନ ବେହେରା**
**ଯାଜପୁର ଅଫିସ, ୬ା୧୧**

ଖର୍ଚ୍ଚ ଭାଗବଣ୍ଟା (କଷ୍ଟ ଶେୟାରିଂ) ସମ୍ପୂର୍ଣ୍ଣ ହୋଇପାରୁ ନ ଥିବାରୁ ଓଡ଼ିଶାର ୩ ରେଳ ପ୍ରକଳ୍ପ କାର୍ଯ୍ୟ ଠିକଭାବେ ଆଗକୁ ବଢ଼ିପାରୁନାହିଁ। ଏଥିରେ ଖୋର୍ଦ୍ଧା ରୋଡ-ବଲାଙ୍ଗୀର, ଜୟପୁର-ମାଲକାନଗିରି ଓ ଜୟପୁର-ନବରଙ୍ଗପୁର ନୂଆ ରେଳଲାଇନ ପ୍ରକଳ୍ପ ରହିଛି। ସେଥିମଧ୍ୟରୁ ଖୋର୍ଦ୍ଧା-ବଲାଙ୍ଗୀର ରେଳ ପ୍ରକଳ୍ପକୁ ମଞ୍ଜୁର ହେବାର ୨୬ ବର୍ଷ ଅତିକ୍ରାନ୍ତ ହୋଇ ସାରିଥିଲେ ହେଁ ମାତ୍ର ୩୯% କାମ ସମ୍ପୂର୍ଣ୍ଣ ହୋଇଥିବା ଏବଂ ଅନୁଦାନର ୪୩% ଖର୍ଚ୍ଚ ହୋଇଥିବା ରିପୋର୍ଟରେ ଦର୍ଶାଯାଇଛି। ଏହାର ସମାଧାନ ପାଇଁ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ବିଭିନ୍ନ ସମୟରେ ବୈଠକ ବସୁଥିଲେ ହେଁ କିଛି ସୁଫଳ ମିଳିପାରୁ ନାହିଁ। ଫଳରେ ଉକ୍ତ ରେଳ ପ୍ରକଳ୍ପଗୁଡିକର କାର୍ଯ୍ୟ ସମ୍ପୂର୍ଣ୍ଣ ସମୟସୀମା ବଢ଼ିବାରେ ଲାଗିଛି। ଏହିକ୍ରମରେ ଭାରତ ସରକାରଙ୍କ କ୍ୟାବିନେଟ ସେକ୍ରେଟେରିଏଟ୍, ରାଷ୍ଟ୍ରପତି ଭବନ ପକ୍ଷରୁ ଉଦ୍‌ବେଗ ପ୍ରକାଶ ପାଇବା ସହ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଓଡ଼ିଶାର ମୁଖ୍ୟ ଶାସନ ସଚିବଙ୍କ ସହ ଆଲୋଚନା ହୋଇଥିବା ସୂଚନା ମିଳିଛି। ଏହାସହ ଜଙ୍ଗଲ ଜମିକୁ ଅଣଜଙ୍ଗଲ ଜମିରେ ପରିବର୍ତ୍ତନ, ଗଛ ସଂଖ୍ୟା ନିରୂପଣ, ଗଛ କଟା ବାବଦ କ୍ଷତିପୂରଣ, ଏଫ୍‌ଆର୍‌ଏ(ଫରେଷ୍ଟ ରାଇଟ୍‌ସ ଆକ୍ଟ) ସାର୍ଟିଫିକେଟ, ବନ୍ୟଜନ୍ତୁଙ୍କ ସୁରକ୍ଷା ଆଦି ପ୍ରସଙ୍ଗକୁ ନେଇ ଓଡ଼ିଶାର କେତେକ ରେଳ ପ୍ରକଳ୍ପ କାର୍ଯ୍ୟ ନୈରାଶ୍ୟଜନକ ରହିଛି।



ଖୋର୍ଦ୍ଧା-ବଲାଙ୍ଗୀର ରେଳପଥର ବିଚ୍ଛୁପାଲି ନିକଟରେ ଚାଲିଥିବା କାମ।

- **୩୯%ରେ ସୀମିତ ଖୋର୍ଦ୍ଧା-ବଲାଙ୍ଗୀର ରେଳ ପ୍ରକଳ୍ପ**
- **ଜୟପୁର-ମାଲକାନଗିରି ଓ ଜୟପୁର-ନବରଙ୍ଗପୁର ଅଗ୍ରଗତି ଶୂନ**

୧୯୯୪-୯୫ ଆର୍ଥିକ ବର୍ଷରେ ଖୋର୍ଦ୍ଧାରୋଡ-ବଲାଙ୍ଗୀର ୨୮୯ କି.ମି. ରେଳପ୍ରକଳ୍ପକୁ ମଞ୍ଜୁରୀ ମିଳିଥିଲା ଏବଂ ୨୦୦୧ ଜୁନରେ ଏହାର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା। ଦୀର୍ଘ ୨୬ ବର୍ଷ ହେବ ଏହି ପ୍ରକଳ୍ପ ଜମି ଅଧିଗ୍ରହଣ ଓ ଜଙ୍ଗଲ ଜମି ବିବାଦ ଯୋଗୁ ଅଧାରେ ଲାଖିଛି। ପୂର୍ବରୁ ୨୦୧୮ ଜାନୁୟାରୀ ସୁଦ୍ଧା ଏହି ପ୍ରକଳ୍ପକୁ ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟଧାର୍ଯ୍ୟ ରହିଥିଲା। ତାହା ଏବେ ବୃଦ୍ଧି ପାଇ ଡିସେମ୍ବର ୨୦୨୪ରେ ପହଞ୍ଚିଛି। ପୂର୍ବରୁ ଏହି ପ୍ରକଳ୍ପ ନିର୍ମାଣ ପାଇଁ ୩୫୫.୩୫ କୋଟି ଟଙ୍କା ରହିଥିଲାବେଳେ ବର୍ତ୍ତମାନ ୩୭୯୧.୬୬ କୋଟି ଟଙ୍କାକୁ ପହଞ୍ଚିଲାଣି। ଏହି ପ୍ରକଳ୍ପର ୧୧୨-୨୮୯ କିମି ଅଞ୍ଚଳ ଜମିକୁ ରାଜ୍ୟ ସରକାର ବିନା ମୂଲ୍ୟରେ ଯୋଗାଇଦେବାକୁ କଷ୍ଟ ଶେୟାରିଂ ଚୁକ୍ତିରେ ନିଷ୍ପତ୍ତି ହୋଇଥିଲା। ଉକ୍ତ ୧୭୭ କି.ମି. ରେଳଲାଇନ ନିର୍ମାଣ ବାବଦକୁ ଖର୍ଚ୍ଚ ରେଳ ମନ୍ତ୍ରଣାଳୟ ଓ ରାଜ୍ୟ ସରକାର ମିଳିତ ଭାବେ ୫୦%-୫୦% ଅନୁଦାନ ପ୍ରଦାନ କରିବେ। ଅନ୍ୟପକ୍ଷେ ୦-୧୧୨ କି.ମି. ପର୍ଯ୍ୟନ୍ତ ନିର୍ମାଣ ବାବଦ ସମସ୍ତ ଖର୍ଚ୍ଚ ରେଳ ମନ୍ତ୍ରଣାଳୟ ପକ୍ଷରୁ ଖର୍ଚ୍ଚ ହେବ ବୋଲି ନିଷ୍ପତ୍ତି ନିଆଯାଇଥିଲା। କିନ୍ତୁ ଏହିସବୁ ନିଷ୍ପତ୍ତି ଏଯାଏ କେବଳ କାଗଜ କଲମରେ ସୀମିତ ରହିଛି। ନୟାଗଡ଼ ଓ ବୌଦ୍ଧ ଜିଲାର ୨୬୨.୨୫୫ ହେକ୍ଟର ବେସରକାରୀ ଜମି ରେଲୱେ କର୍ତ୍ତୃପକ୍ଷକୁ ହସ୍ତାନ୍ତର ହୋଇ ପାରିନାହିଁ। ☞ପୃଷ୍ଠା-୪

## ଚୁକ୍ତିଭିତ୍ତିକ କର୍ମଚାରୀଙ୍କ ଦରମା ବଢ଼ିଲା

**ଉପକୃତ ହେବେ ୩୩ହଜାର**

**ଭୁବନେଶ୍ୱର,୬ା୧୧(ବ୍ୟୁରୋ)**

ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗରେ କାର୍ଯ୍ୟ କରୁଥିବା ଠିକା ଏବଂ ଆଉଟସୋର୍ସ ନିଯୁକ୍ତ ଚୁକ୍ତିଭିତ୍ତିକ କର୍ମଚାରୀଙ୍କ ଦରମା ବୃଦ୍ଧି କରାଯାଇଛି। ଏନେଇ ଅର୍ଥ ବିଭାଗ ପକ୍ଷରୁ ଶନିବାର ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଚଳିତ ମାସଠାରୁ ଏହି ବର୍ଦ୍ଧିତ ଦରମା ଲାଗୁ ହେବ ବୋଲି କୁହାଯାଇଛି। ଏହା ଦ୍ୱାରା ପ୍ରାୟ ୩୩ହଜାର ଠିକା କର୍ମଚାରୀ ଉପକୃତ ହେବେ। ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଠିକା ଏବଂ ଆଉଟସୋର୍ସ ଦ୍ୱାରା ନିଯୁକ୍ତ କର୍ମଚାରୀଙ୍କ ଦରମା ୨୫% ବୃଦ୍ଧି ଘୋଷଣା କରିଥିଲେ।

ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଯେଉଁ ଚୁକ୍ତିଭିତ୍ତିକ କର୍ମଚାରୀ ମାସିକ ୮,୦୭୦ ଟଙ୍କା ପାଉଥିଲେ ସେମାନଙ୍କୁ ଏବେ ୧୦,୧୦୦ ଟଙ୍କା ମିଳିବ। ଯେଉଁମାନେ ୮,୩୯୦ ଟଙ୍କା ପାଉଥିଲେ ସେମାନେ ୧୦,୫୦୦ ଟଙ୍କା ପାଇବେ। ସେହିପରି ଯେଉଁ ଚୁକ୍ତିଭିତ୍ତିକ କର୍ମଚାରୀଙ୍କୁ ୮,୭୫୦ ଟଙ୍କା ମିଳୁଥିଲା ସେମାନଙ୍କୁ ଏବେ ୧୦,୯୦୦ ଓ ୮,୮୮୦ ଟଙ୍କା ପାଉଥିବା କର୍ମଚାରୀଙ୍କୁ ୧୧,୧୦୦ ☞ପୃଷ୍ଠା-୪

## ରାଜ୍ୟ ସରକାର ଆଣିବେ 'ଗୁଣ୍ଡା' ଆଇନ

**ଭୁବନେଶ୍ୱର,୬ା୧୧(ବ୍ୟୁରୋ)**

ଦୁର୍ଦ୍ଦାନ୍ତ ଅପରାଧୀ ସାବାଡ଼ ହେବେ। ସଂଗଠିତ ଅପରାଧ କଲେ କଡ଼ା ଶାସ୍ତି ମିଳିବ। ଗୁଜରାଟ, ଉତ୍ତର ପ୍ରଦେଶ ଓ ମହାରାଷ୍ଟ୍ର ଭଳି ଓଡ଼ିଶା ସରକାର ଖୁବ୍‌ଶୀଘ୍ର ନୂଆ ଗୁଣ୍ଡା ନିରୋଧୀ ଆଇନ ଆଣିବାକୁ ଯାଉଛନ୍ତି। ଏ ନେଇ ରାଜ୍ୟ ଗୃହ ବିଭାଗ ପକ୍ଷରୁ ଚିଠା ଆଇନ ପ୍ରସ୍ତୁତ କରାଯାଇଥିବା ସୂଚନା ମିଳିଛି। ଏହି ଆଇନ କାର୍ଯ୍ୟକାରୀ ହେଲେ ଦୁର୍ଦ୍ଦାନ୍ତ ଅପରାଧୀ ପ୍ରମାଦ ଗଣିବେ। ସେମାନଙ୍କର ସମ୍ପତ୍ତି ବାଜ୍ୟାପ୍ତ ହେବ। ଏହି ଆଇନ ବଳରେ ଅପରାଧରୁ ଉପାର୍ଜିତ ଧନକୁ ବାଜ୍ୟାପ୍ତ କରିବା କ୍ଷମତା ଜିଲାପାଳଙ୍କଠାରେ ନ୍ୟସ୍ତ ହେବ। ସେଭଳି ଅପରାଧୀଙ୍କୁ ସାହାଯ୍ୟ ସହଯୋଗ କରିଥିବା ସରକାରୀ ଅଧିକାରୀଙ୍କ ବିରୋଧରେ ଦଣ୍ଡବିଧାନ ବ୍ୟବସ୍ଥା ରହିବ। ଦୁର୍ଦ୍ଦାନ୍ତ ଅପରାଧୀଙ୍କ ସହ ସମାଜ ବିରୋଧୀ କାର୍ଯ୍ୟରେ ଲିପ୍ତ ଥିବା ବ୍ୟକ୍ତିଙ୍କ ପାଇଁ ଏହି ଆଇନ କାର୍ଯ୍ୟକାରୀ କରାଯିବ।

ପ୍ରସ୍ତାବିତ ଗୁଣ୍ଡା ଆଇନ ଏବେ ଡ୍ରାଫ୍ଟ ଆକାରରେ ଅଛି। ଆଇନ ବିଭାଗ ଏହି ପ୍ରସ୍ତାବିତ ବିଲ୍ ଉପରେ ତର୍ଜମା ଚଳାଇଛି। ପ୍ରସ୍ତାବିତ ବିଲ୍‌ର ନାଁ ରହିଛି ଓଡ଼ିଶା ଗୁଣ୍ଡା ଆଣ୍ଡ ଆଣ୍ଟି ସୋସିଆଲ୍ ଆକ୍ଟିଭିଟିଜ୍ (ପ୍ରିଭେନଶନ୍) ବିଲ୍। ଆଇନ ବିଭାଗର ସବୁଜ ସଙ୍କେତ ପରେ କ୍ୟାବିନେଟ ମଞ୍ଜୁରୀ ମିଳିଲେ ବିଧାନସଭାରେ ଆଗତ ହେବ। କଟକ, ଭୁବନେଶ୍ୱର ସହ ରାଜ୍ୟର ସହରାଞ୍ଚଳରେ ଆପରାଧିକ କାର୍ଯ୍ୟକଳାପ ବଢ଼ିଚାଲିଛି। ଦାଦାଗିରି, ଜୋରଜବରଦସ୍ତି ଟଙ୍କା ଆଦାୟ, ସୁପାରି କିଲିଂ, ଜମି ଜବରଦଖଲ, ଅପହରଣ ଭଳି ଘଟଣା ବଢୁଛି। କିଛି ସ୍ଥାନରେ ସରକାରୀ ଅଫିସରଙ୍କ ଛତ୍ରଛାୟାରେ ଅପରାଧୀମାନେ ଅପରାଧର କାୟା ମେଲାଉଛନ୍ତି। କେତେକ କ୍ଷେତ୍ରରେ ସବୁ ଜାଣିଶୁଣି ଅଫିସର ଚୁପ୍ ରହୁଥିବା ଘଟଣା ସାମ୍ନାକୁ ଆସିଛି। ଏହି ବିଲ୍ ଆସିଲେ ସରକାର ଜଣେ ବ୍ୟକ୍ତିଙ୍କୁ ଗୁଣ୍ଡା ଘୋଷଣା କରିପାରିବେ।

ଏହି ଆଇନ ବଳରେ ଜଣେ ଦୋଷୀ ସାବ୍ୟସ୍ତ ହେଲେ ସର୍ବନିମ୍ନ ୭ ବର୍ଷ ଜେଲଦଣ୍ଡ ଭୋଗିବ। ଅପରାଧ କରି ସମ୍ପତ୍ତି ବଢ଼ାଇଥିଲେ କୋର୍ଟରେ ଚାର୍ଜଶିଟ୍ ଦାଖଲ ପୂର୍ବରୁ ସମ୍ପତ୍ତି ବାଜ୍ୟାପ୍ତି ହେବ। ସ୍ୱତନ୍ତ୍ର କୋର୍ଟରେ ଏଭଳି ମାମଲାର ଶୁଣାଣି ହେବ। କୌଣସି ଅପରାଧୀ ସହ ସମ୍ପୃକ୍ତ ଜଣାପଡ଼ିଲେ ସରକାରୀ ଅଫିସରଙ୍କୁ ୩ରୁ ୧୦ ବର୍ଷ ଯାଏ ଜେଲ୍ ଦଣ୍ଡାଦେଶ ବ୍ୟବସ୍ଥା ରହିବ। ମାମଲାରେ ସାକ୍ଷୀଙ୍କ ନାଁ, ଠିକଣା ଗୋପନ ରହିବ। କେସ୍ ରେକର୍ଡସ କିମ୍ବା ରାୟ କପିରେ ସାକ୍ଷୀଙ୍କର କୌଣସି ତଥ୍ୟ ରହିବ ନାହିଁ। ସୂଚନାଯୋଗ୍ୟ ଯେ ଗୁଜରାଟ, ଉତ୍ତରପ୍ରଦେଶ ଓ ମହାରାଷ୍ଟ୍ରରେ ଗୁଣ୍ଡା ଆଇନ କାର୍ଯ୍ୟକାରୀ ହୋଇଛି।

## କମିଲା ବସ୍ ଭଡ଼ା



**କିଲୋମିଟର ପିଛା ୫, ୧୦ ପଇସା ହ୍ରାସ**

**ଭୁବନେଶ୍ୱର,୬ା୧୧(ବ୍ୟୁରୋ)**

କେନ୍ଦ୍ର ଓ ରାଜ୍ୟ ସରକାର ଟିକସ କମାଇବା ପରେ ରାଜ୍ୟରେ ଡିଜେଲ ମୂଲ୍ୟ ହ୍ରାସ ଘଟିଛି। ଡିଜେଲ ଲିଟର ପିଛା ପ୍ରାୟ ୧୦ଟଙ୍କା ୭୩ ପଇସା କମିଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ବସ୍ ଭଡ଼ା ହ୍ରାସ କରିଛନ୍ତି। ଶନିବାର ଏ ନେଇ ରାଜ୍ୟ ପରିବହନ କର୍ତ୍ତୃପକ୍ଷଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ସାଧାରଣ ଓ ଏକ୍ସପ୍ରେସ୍ ବସ୍ ଭଡ଼ା କିଲୋମିଟର ପିଛା ୫ ପଇସା ଲେଖାଏ ହ୍ରାସ ପାଇଥିବା ବେଳେ ଡିଲକ୍ସ ଓ ଏସି ଡିଲକ୍ସ ବସ୍ କିଲୋମିଟର ପିଛା ୧୦ ପଇସା ଲେଖାଏ ହ୍ରାସ ପାଇଛି। ସେହିପରି ସୁପର ପ୍ରିମିୟମ୍ ବସ୍ କିଲୋମିଟର ପିଛା ୧୫ ପଇସା ହ୍ରାସ ପାଇଛି। ସାଧାରଣ ବସ୍ ଭଡ଼ା କିଲୋମିଟର ପିଛା ୯୨ ପଇସାରୁ ୮୭ ପଇସାକୁ କମିଥିବା ବେଳେ ଏକ୍ସପ୍ରେସ ୯୬ ପଇସାରୁ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଧର୍ମାନ୍ଧତା**

**ଆଜିର ମନ୍ତବ୍ୟ**

"କେନ୍ଦ୍ର ସରକାର ବିକାଶର ମିଛ ଭାଷଣ ଦେଉଥିବାବେଳେ ଏଲ୍‌ପିଜି ଦରବୃଦ୍ଧି ଯୋଗୁ ଲକ୍ଷ ଲକ୍ଷ ପରିବାର ଚୁଲିରେ ରୋଷେଇ କରିବାକୁ ବାଧ୍ୟ ହେଉଛନ୍ତି।

**-ରାହୁଲ ଗାନ୍ଧୀ, କଂଗ୍ରେସ ନେତା**

## ମଦମୁକ୍ତ ହେଉ ପଞ୍ଚାୟତ ନିର୍ବାଚନ

**ଭୁବନେଶ୍ୱର,୬ା୧୧(ବ୍ୟୁରୋ)**

ଆସନ୍ତା ୨୦୨୨ରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଅନୁଷ୍ଠିତ ହେବ। ଏହି ନିର୍ବାଚନକୁ ଶୃଙ୍ଖଳିତ ଓ ତ୍ରୁଟିଶୂନ୍ୟ କରିବା ପାଇଁ ଶନିବାର ରାଜ୍ୟ ନିର୍ବାଚନ କମିଶନର ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଛି। ଚଳିତ ପଞ୍ଚାୟତ ନିର୍ବାଚନକୁ ମଦମୁକ୍ତ କରିବା ସହ ଭୋଟର ତାଲିକାକୁ ତ୍ରୁଟିଶୂନ୍ୟ କରିବାକୁ ବୈଠକରେ ରାଜନୈତିକ ଦଳଗୁଡ଼ିକ ଗୁରୁତ୍ୱ ଦେଇଛନ୍ତି। ନିର୍ବାଚନର ୭ ଦିନ ପୂର୍ବରୁ ମଦ ବିକ୍ରିକୁ ବନ୍ଦ କରିବାକୁ ପ୍ରସ୍ତାବ ଦିଆଯାଇଛି।

ପ୍ରାର୍ଥୀଙ୍କ ନିର୍ବାଚନୀ ଖର୍ଚ୍ଚ ରାଶିକୁ ବଢ଼ାଇବା ସହ ଭୋଟଦାନ ଅବଧି ଆଉ ୨ ଘଣ୍ଟା ବୃଦ୍ଧି କରିବାକୁ ପ୍ରସ୍ତାବ ଦିଆଯାଇଛି। ଏଥିସହିତ ସରପଞ୍ଚ ଓ ସମିତିସଭ୍ୟଙ୍କ ନିର୍ବାଚନୀ ଖର୍ଚ୍ଚ ୮୦ ହଜାର ଟଙ୍କାରୁ ବଢ଼ାଇ ୨ ଲକ୍ଷ ଏବଂ ଜିଲା ପରିଷଦ ସଭ୍ୟଙ୍କ ପାଇଁ ଖର୍ଚ୍ଚ ୨ ଲକ୍ଷରୁ ୫ ଲକ୍ଷକୁ ବୃଦ୍ଧି ପ୍ରସ୍ତାବ ଦିଆଯାଇଛି।

ଆସନ୍ତା ନିର୍ବାଚନରେ ନିର୍ଭୁଲ ଏବଂ ଠିକ୍ ଭୋଟର ତାଲିକା ପ୍ରସ୍ତୁତ କରିବା ପାଇଁ କମିଶନର ରାଜନୈତିକ ଦଳଗୁଡ଼ିକ ସହ ଆଲୋଚନା କରିବା ସହ ସେମାନଙ୍କର ପରାମର୍ଶ ଓ ସହଯୋଗ ଲୋଡ଼ିଛନ୍ତି। ବୈଠକରେ ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକର ଅବଧି, ଭୋଟ ଗ୍ରହଣ କେନ୍ଦ୍ର ଚିହ୍ନଟ, ଭୋଟର ତାଲିକା ପ୍ରସ୍ତୁତି, ଭୋଟଗ୍ରହଣ ଅବଧି, ନିର୍ବାଚନୀ ଖର୍ଚ୍ଚ ଓ ଯାନବାହନ ବ୍ୟବହାର ଏବଂ ଅନ୍ୟାନ୍ୟ ବିଷୟରେ ଆଲୋଚନା ହୋଇଛି। ଚଳିତ ସାଧାରଣ ପଞ୍ଚାୟତ ନିର୍ବାଚନ ୨୦୨୨ ପାଇଁ ଗ୍ରାମ ପଞ୍ଚାୟତ ପୁନର୍ଗଠନ କାର୍ଯ୍ୟ ନ କରିବା ପାଇଁ ସ୍ଥିର ହୋଇଛି। ପ୍ରତ୍ୟେକ ୱାର୍ଡ ପାଇଁ ଗୋଟିଏ ଭୋଟଗ୍ରହଣ କେନ୍ଦ୍ର ହେବ। ଏହି ଭୋଟଗ୍ରହଣ କେନ୍ଦ୍ରଗୁଡ଼ିକ ଯେପରି ସରକାରୀ ଓ ଅର୍ଦ୍ଧସରକାରୀ ଅନୁଷ୍ଠାନରେ ହେବ ସେଥିପ୍ରତି ଜିଲାପାଳମାନେ ଦୃଷ୍ଟି ଦେବେ। କମିଶନ ଜିଲାପାଳମାନଙ୍କୁ ଏ ନେଇ ନିର୍ଦ୍ଦେଶ ଦେଇଛନ୍ତି। କମିଶନଙ୍କ ଦ୍ୱାରା ଧାର୍ଯ୍ୟ ତାରିଖ ସୁଦ୍ଧା ଯେଉଁ ପୁରୁଷ ଓ ମହିଳାଙ୍କ ବୟସ ୧୮ ବର୍ଷ ହୋଇଥିବ ସେମାନଙ୍କ ନାମ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ କରିବା ପାଇଁ ସୁଯୋଗ ରହିବ। ଏଥିପାଇଁ ୨୦୨୧ ନଭେମ୍ବର ୧ ତାରିଖକୁ ଯୋଗ୍ୟତା ତାରିଖ ଭାବେ ରଖାଯିବ। ବୈଠକରେ ଏନେଇ ଆଲୋଚନା କରାଯିବା ସହ ରାଜନୈତିକ ଦଳଗୁଡ଼ିକର ମତ ଲୋଡ଼ାଯାଇଛି। ☞ପୃଷ୍ଠା-୪

**ସର୍ବଦଳୀୟ ବୈଠକରେ ଦାବି**

- **ପ୍ରାର୍ଥୀଙ୍କ ଖର୍ଚ୍ଚ ବଢ଼ାଯାଉ**
- **ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତି ହେଉ**



## ସଂକ୍ଷେପରେ

### ମନ୍ତ୍ରୀଙ୍କୁ ଗୋଡ଼ାଇଲେ କଂଗ୍ରେସ କର୍ମୀ

ଭବାନୀପାଟଣା,୬।୧୧(ସ୍ୱ.ପ୍ର.)-ଜୁନାଗଡ ସହର ପୁରୁଣା ଚେକ୍ ଗେଟ ନିକଟରେ ଶନିବାର କଂଗ୍ରେସର ବାଇକ୍ ଶୋଭାଯାତ୍ରା ଚାଲିଥିବା ବେଳେ ଭବାନୀପାଟଣା ପଟରୁ ହଠାତ୍ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ଗାଡି ଆସୁଥିବା ଦେଖି କଂଗ୍ରେସ କର୍ମୀମାନେ ଉତ୍ତ୍ୟକ୍ତ ହୋଇ କଳାପତାକା ଧରି ମନ୍ତ୍ରୀଙ୍କ ଗାଡି ଆଡକୁ ଗୋଡାଇଥିଲେ। ଫଳରେ ମନ୍ତ୍ରୀ ମିଶ୍ର ସିଧା ରାସ୍ତାରେ ନ ଆସି ସାପ୍ତାହିକ ବଜାର ବାଇପାସ୍ ରାସ୍ତା ଦେଇ ଚାଲି ଯାଇଥିଲେ। କଂଗ୍ରେସ କର୍ମୀ ମନ୍ତ୍ରୀଙ୍କ ଗାଡି ନିକଟରେ ପହଞ୍ଚିବା ପୂର୍ବରୁ ମନ୍ତ୍ରୀ ସେଠାରୁ ଚାଲି ଯାଇଥିଲେ। ଫଳରେ ଅଣାୟତ୍ତ ପରିସ୍ଥିତିକୁ ଏଡାଇ ଦିଆଗଲା ବୋଲି ଚର୍ଚ୍ଚା ହେଉଛି।

### ଯୁବମୋର୍ଚ୍ଚାର କଳାପତକା

ଭବାନୀପାଟଣା,୬।୧୧(ସ୍ୱ.ପ୍ର.)-ଭବାନୀପାଟଣା ନକଟିଗୁଡାଠାରେ ଶନିବାର ସନ୍ଧ୍ୟାରେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ କଳାପତାକା ପ୍ରଦର୍ଶନ କରାଯାଇଛି। ତାଙ୍କ ସହିତ ବିଜେଡି ବିଧାୟକ ତଥା ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କୁ ମଧ ବିରୋଧ କରାଯାଇ କଳାପତାକା ଦେଖା ଯାଇଥିଲା।
କଳାପତାକା ପ୍ରଦର୍ଶନ କରିଥିବାରୁ ପୋଲିସ କଳାହାଣ୍ଡି ଜିଲା ଯୁବମୋର୍ଚ୍ଚା ସଭାପତି ବିଜୟଦେବ ସାହୁ, ରାଷ୍ଟ୍ରୀୟ ଯୁବମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ଡି.ମୁଣ୍ଡ, ରାଜ୍ୟ ଯୁବମୋର୍ଚ୍ଚା ସଂଯୋଜକ ହିମାଂଶୁ ପଣ୍ଡା, ରୂପେଶ ଜୈନ, ବିଭୀଷଣ ସାହୁ, ବିରଜା ପଣ୍ଡା, ପ୍ରତାପ ବାଗ,ବିଜୟ ମହାରଣାଙ୍କୁ ଟାଉନ ଥାନାରେ ଅଟକ ରଖି ପରେ ଛାଡିଦେଇଛି।

### କଂଗ୍ରେସ ଛାଡ଼ିଲେ ଶିବାଜୀ

ଲାଞ୍ଜିଗଡ଼,୬।୧୧(ଡି.ଏନ.ଏ.)-କଂଗ୍ରେସର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି କଳାହାଣ୍ଡି ଜିଲା ଲାଞ୍ଜିଗଡ଼ର ପୂର୍ବତନ ବିଧାୟକ ଶିବାଜୀ ମାଝୀ। ୨୦୦୭ରେ ସେ କଂଗ୍ରେସରେ ଯୋଗ ଦେଇଥିବା ବେଳେ ୨୦୦୯ରୁ ୨୦୧୪ ପର୍ଯ୍ୟନ୍ତ କଂଗ୍ରେସ ଦଳରୁ ବିଧାୟକ ହୋଇଥିଲେ । ୨୦୧୯



ନିର୍ବାଚନରେ ପରାଜୟ ପରଠୁ ଦଳରେ ଅଣଦେଖା କରାଯିବା ସେ କହିଛନ୍ତି। ତେବେ ତାଙ୍କର ଦଳବଦଳ ନେଇ ଚର୍ଚ୍ଚା ହେଉଥିଲେ ମଧ ସେ କୌଣସି ଦଳରେ ଯୋଗ ଦେଇ ନ ଥିଲେ । କିନ୍ତୁ ଶନିବାର ନିଜର ବ୍ୟକ୍ତିଗତ କାରଣ ଦର୍ଶାଇ ସେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଓ ଜିଲା ସଭାପତି ଭାରତ ଭୂଷଣ ବେମାଲଙ୍କୁ ମେଲ୍ ଯୋଗେ ନିଜର ଇସ୍ତଫା ପତ୍ର ପ୍ରେରଣ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କଳାହାଣ୍ଡି ଗସ୍ତର ଅବ୍ୟବହିତ ପୂର୍ବରୁ ସେ ଇସ୍ତଫା ଦେବା ରାଜନୀତିକୁ ସରଗରମ କରିଛି ।

### ଝାରସୁଗୁଡ଼ାରେ ୮ଘଣ୍ଟିଆ ବନ୍ଦ ପାଳନ

ଝାରସୁଗୁଡ଼ା ଅଫିସ, ୬।୧୧: ମମିତା ମେହେର ହତ୍ୟା ଘଟଣାରେ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ବହିଷ୍କାର ଓ ଘଟଣାର ସିବିଆଇ ତଦନ୍ତ ଦାବିରେ ଭାଜପା ତରଫରୁ ଶନିବାର ଝାରସୁଗୁଡ଼ା ଜିଲାରେ ୮ଘଣ୍ଟିଆ ବନ୍ଦ ପାଳନ କରାଯାଇଥିଲା। ଭାଜପା ନେତା ଓ କର୍ମୀମାନେ ବିଭିନ୍ନ ଅଞ୍ଚଳରେ ପିକେଟିଂ କରି ବନ୍ଦ କରିଥିଲେ। ବନ୍ଦର ପ୍ରଭାବ ଝାରସୁଗୁଡା, ବ୍ରଜରାଜନଗର, ବେଲପାହାଡ, ଲଖନପୁର, ଲଇକେରା, କୋଲାବିରା ଓ କିର୍ମିରା ଅଞ୍ଚଳରେ ଦେଖିବାକୁ ମିଳିଥିଲା। ଲୋକେ ସ୍ୱତଃସ୍ଫୂର୍ତ୍ତ ଭାବେ ବନ୍ଦକୁ ସମର୍ଥନ ଜଣାଇଥିଲେ। କୌଣସି ସ୍ଥାନରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିବା ଖବର ମିଳିନାହିଁ।

### ଭାଜପାରେ ମିଶିଲେ ଶତାଧିକ ବିଜେଡି, କଂଗ୍ରେସ କର୍ମୀ

ବାଲେଶ୍ୱର ଅଫିସ, ୬।୧୧-ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ କୁରାଢ଼ିହା ଓ ଦୁବଲାଗଡ଼ି ପଞ୍ଚାୟତର ଶତାଧିକ ବିଜେଡି ଓ କଂଗ୍ରେସ କର୍ମୀ ନିଜ ଦଳ ଛାଡ଼ି ଭାଜପାରେ ଯୋଗଦେଇଛନ୍ତି। ଏହି ଅବସରରେ ରାଜ୍ୟ ଯୁବମୋର୍ଚ୍ଚା ଉପସଭାପତି ମାନସ କୁମାର ଦତ୍ତଙ୍କ ନେତୃତ୍ୱରେ ଆୟୋଜିତ ଉତ୍ସବରେ ନବାଗତଙ୍କୁ ସ୍ୱାଗତ କରାଯାଇଥିଲା। କୁରାଢ଼ିହା ପଞ୍ଚାୟତର ବରିଷ୍ଠ ନେତା ଶମ୍ଭୁନାଥ ଦାସ, ଗୌରାଙ୍ଗ ଦଳେଇ, ସନ୍ୟାସୀ ଦଳେଇ ପ୍ରମୁଖ ଯୋଗଦେଇଥିଲେ। ଦୁବଲାଗଡ଼ି ପଞ୍ଚାୟତର ବରିଷ୍ଠ ନେତା ରବୀନ୍ଦ୍ର ଜେନା, ଶଙ୍କର ମାନ୍ନା, ଗୋପାଳ ପରିଡ଼ା ଓ ଚନ୍ଦନ ପରିଡା ପ୍ରମୁଖ ଯୋଗଦେଇଛନ୍ତି।

# ମହିଳା ଭାଜପା କର୍ମୀ-ପୋଲିସ ଧସ୍ତାଧସ୍ତି

**ମମିତା ହତ୍ୟା ଘଟଣା**
- ଏସ୍‌ପି ଅଫିସ ସମ୍ମୁଖ ପାଲଟିଲା ରଣକ୍ଷେତ୍ର
- ଗୃହ ରାଷ୍ଟ୍ରମନ୍ତ୍ରୀଙ୍କ ଇସ୍ତଫା ଓ ଗିରଫ ଦାବିରେ କୋକେଇ ଶୋଭାଯାତ୍ରା
- ଏମ୍‌ପିଙ୍କୁ ଟେକିନେଲା ପୋଲିସ

ଭବାନୀପାଟଣା,୬।୧୧(ସ୍ୱ.ପ୍ର)

ମମିତା ମେହେର ମର୍ଡର ମିଷ୍ଟ୍ରିକୁ ନେଇ ତାତି ଥମିବାର ନାଁ ଧରୁନାହିଁ। ଏହି ଘଟଣାରେ ଛନ୍ଦି ହୋଇ ପଡିଥିବା ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ଇସ୍ତଫା, ବହିଷ୍କାର ଓ ଗିରଫ ସହ ଘଟଣାର ସିବିଆଇ ତଦନ୍ତ ଦାବିରେ ଗର୍ଜୁଛନ୍ତି ବିରୋଧୀ। ଭବାନୀପାଟଣାରୁ ଭୁବନେଶ୍ୱର ଯାଏ ମନ୍ତ୍ରୀ ଦିବ୍ୟଶଙ୍କରଙ୍କ ବିରୋଧରେ ହେଉଛି ନାରାବାଜି। ଏପରି କି ଶହ ଶହ ସଂଖ୍ୟାରେ ଭାଜପା କର୍ମୀ ରାସ୍ତାକୁ ଓହ୍ଲାଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଶନିବାର ଭାଜପା ମହିଳା ମୋର୍ଚ୍ଚାର ଶତାଧିକ ନେତ୍ରୀ ଭବାନୀପାଟଣାସ୍ଥିତ ବିଜୁ କଲ୍ୟାଣ ମଣ୍ଡପରୁ ବାହାରି ଘୋଡାଘାଟ ଛକ ଦେଇ ସ୍ଥାନୀୟ ଏସ୍‌ପି ଅଫିସ ପର୍ଯ୍ୟନ୍ତ କୋକେଇ ଶୋଭାଯାତ୍ରା କରିଥିଲେ। ଭାଜପା ମହିଳା ମୋର୍ଚ୍ଚାର ଶୋଭାଯାତ୍ରାକୁ ଦେଖି ପୂର୍ବରୁ ଏସ୍‌ପି ଅଫିସ ସମ୍ମୁଖରେ ବ୍ୟାପକ ଫୋର୍ସ ମୁତୟନ ହୋଇଥିଲେ। ଶୋଭାଯାତ୍ରା ଏସ୍‌ପି ଅଫିସ ଆଗରେ ପହଞ୍ଚିବା ପରେ ପରିସ୍ଥିତି ଅଣାୟତ୍ତ ହୋଇ ପଡିଥିଲା।



ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ଶୋଭାଯାତ୍ରା ।

ସେଠାରେ ପ୍ରତିବାଦ କରିବା ସମୟରେ ଭାଜପା ନେତ୍ରୀ, କର୍ମୀଙ୍କ ସହ ପୋଲିସ ମୁହାଁମୁହିଁ ହୋଇ ଧସ୍ତାଧସ୍ତି ହୋଇଥିଲା। ଫଳରେ କିଛି ସମୟ ପାଇଁ ଘଟଣାସ୍ଥଳ ରଣକ୍ଷେତ୍ର ପାଲଟିଥିଲା। ପ୍ରତିବାଦ କରୁଥିବା ସମୟରେ କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡାଙ୍କୁ ପୋଲିସ ଟେକି ନେଇଥିବା ଦେଖିବାକୁ ମିଳିଥିଲା। ଫଳରେ ଏମ୍‌ପି ପଣ୍ଡା ଆହତ ହୋଇଥିବା ଜଣାପଡିଛି। ସେହିପରି ଜିଲା ସାଧାରଣ ସମ୍ପାଦିକା ଶୋଭାଙ୍ଗିନୀ ପାତ୍ର ଆହତ ହୋଇ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ପ୍ରତିବାଦ ସଭାରେ ରାଜ୍ୟ ସଭାନେତ୍ରୀ ସ୍ମୃତି ପଟ୍ଟନାୟକ, ସାଧାରଣ ସମ୍ପାଦିକା ବବିତା ପାତ୍ର, ଏମ୍‌ପି ପଣ୍ଡା, ଜିଲା ପରିଷଦ ଅଧ୍ୟକ୍ଷା ନମିତାରାଣୀ ସାହୁ, ଜିଲା ସଭାନେତ୍ରୀ ନିରୁପମା ନାଏକ, ପୂର୍ବତନ ମନ୍ତ୍ରୀ ହିମାଂଶୁ ଶେଖର ମେହେର, ଭବାନୀପାଟଣା ବ୍ଲକ ଅଧ୍ୟକ୍ଷା ସନ୍ତୋଷିନୀ ଦାଶ, ଜିଲା ସଭାପତି ଦେବେନ୍ଦ୍ର ମହାନ୍ତି, ପୂର୍ବତନ ଜିଲା ସଭାନେତ୍ରୀ କୁନ୍ତି ପାଲ,ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମନୋଜ ମେହେର ଯୋଗ ଦେଇଥିଲେ । ଏଥିସହିତ ଜିଲା ଯୁବ ସଭାପତି ବିଜୟଦେବ ସାହୁ, ଭାଜପା ଯୁବ ନେତା ଦୀପଜ୍ୟୋତି ମୁଣ୍ଡ, ରୂପେଶ ଜୈନ, ହିମାଂଶୁ ପଣ୍ଡ, ପ୍ରତାପ ବାଗ, କେ. ତନସାଙ୍କ ସମେତ ଶତାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ। ରାଜ୍ୟ ସରକାର ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଆଗାମୀ ଦିନରେ ପ୍ରତି ବ୍ଲକ ଓ ଥାନା ଘେରାଉ କରାଯିବ ବୋଲି ଭାଜପା ମହିଳା ମୋର୍ଚ୍ଚା ଚେତାବନୀ ଦେଇଛି।

# ଜିନ୍ନାଙ୍କୁ ପ୍ରଶଂସା କରିଥିବା ଅଖିଳେଶଙ୍କ ନାର୍କୋ ଟେଷ୍ଟ ହେଉ

**ୟୁପି ମନ୍ତ୍ରୀଙ୍କ ପ୍ରସ୍ତାବ**

ନୂଆଦିଲ୍ଲୀ, ୬।୧୧

ପାକିସ୍ତାନର ପ୍ରତିଷ୍ଠାତା ମହମ୍ମଦ ଅଲି ଜିନ୍ନାଙ୍କୁ ପ୍ରଶଂସା କରିଥିବା ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବଙ୍କ ନାର୍କୋ ପରୀକ୍ଷା କରାଯିବାକୁ ଉତ୍ତରପ୍ରଦେଶ ମନ୍ତ୍ରୀ ଆନନ୍ଦ ସ୍ୱରୂପ ଶୁକ୍ଲା ଶନିବାର ପ୍ରସ୍ତାବ ରଖିଛନ୍ତି। ଗତ ସପ୍ତାହରେ ହାର୍ଦୋଇରେ ଏକ ଜନସଭାକୁ ସମ୍ବୋଧିତ କରୁଥିବାବେଳେ ପୂର୍ବତନ ମୁଖ୍ୟମନ୍ତ୍ରୀ ଅଖିଳେଶ ମହାତ୍ମା ଗାନ୍ଧୀ ଓ ଅନ୍ୟ ସ୍ୱାଧୀନତା ସଂଗ୍ରାମୀଙ୍କ ସହ ଜିନ୍ନାଙ୍କ ନାମ ନେଇଥିଲେ। ଗାନ୍ଧିଜୀ, ଜବାହରଲାଲ୍ ନେହେରୁ, ଜିନ୍ନା ଗୋଟିଏ ଶିକ୍ଷାନୁଷ୍ଠାନରେ ପାଠ ପଢ଼ି ବାରିଷ୍ଟର ହୋଇଥିଲେ। ସେମାନେ ଭାରତକୁ ସ୍ୱାଧୀନ କରିବା ଲାଗି କାର୍ଯ୍ୟ କରିଥିଲେ ଓ ସଂଗ୍ରାମରୁ କଦାପି ପଛକୁ ହଟି ନ ଥିଲେ ବୋଲି ଅଖିଳେଶ କହିଥିଲେ। ତାଙ୍କର ଏହି ମନ୍ତବ୍ୟକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ଶୁକ୍ଲା କହିଛନ୍ତି ଭାରତ ବିଭାଜନ ପାଇଁ ଜିନ୍ନା ଦାୟୀ। କୌଣସି ଭାରତୀୟ ତାଙ୍କର ଗୁଣଗାନ ଶୁଣିବାକୁ ଚାହିଁବ ନାହିଁ। କାହାର ଚାପରେ ପଡ଼ି ଅଖିଳେଶ ପାକିସ୍ତାନର ପ୍ରଥମ ଗଭର୍ନର ଜେନେରାଲଙ୍କୁ ପ୍ରଶଂସା କଲେ ତା'ର ସ୍ପଷ୍ଟୀକରଣ ଦିଅନ୍ତୁ ବୋଲି ଶୁକ୍ଲା ଦାବି କରିଛନ୍ତି। ଜିନ୍ନାଙ୍କୁ ପ୍ରଶଂସା କରୁଥିବା ବ୍ୟକ୍ତି ପାକିସ୍ତାନ ଚାଲିଯିବା ଉଚିତ ବୋଲି ସେ କହିଛନ୍ତି।

# ନ୍ୟାୟ ନ ମିଳିବା ଯାଏ ସାମାଜିକ ବାସନ୍ଦ



ଖବରଦାତା ସମ୍ମିଳନୀରେ ଭାଜପା ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ ଓ ଅନ୍ୟମାନେ।

**ମୁଖ୍ୟମନ୍ତ୍ରୀଙ୍କ କଳାହାଣ୍ଡି ଗସ୍ତକୁ ଭାଜପାର ବିରୋଧ**

ଭୁବନେଶ୍ୱର,୬।୧୧(ବ୍ୟୁରୋ)

ଆସନ୍ତା ୮ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କଳାହାଣ୍ଡି ଗସ୍ତ କରିବା କାର୍ଯ୍ୟକ୍ରମ ରହିଛି। ମମିତା ମେହେର ଅପହରଣ ଏବଂ ହତ୍ୟାକାଣ୍ଡକୁ ନେଇ ଭାଜପା ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ବିରୋଧ କରିବାକୁ ଘୋଷଣା କରିଛି। 'କଟା ଘା'ରେ ଚୁନ' ଲଗାଇ ରାଜନୀତି କରିବା ପାଇଁ ମୁଖ୍ୟମନ୍ତ୍ରୀ କଳାହାଣ୍ଡି ଯାଉଛନ୍ତି ୦। ଆଇନକୁ ବାଟବଣା ନ କରି ମୁଖ୍ୟମନ୍ତ୍ରୀ ତୁରନ୍ତ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ମନ୍ତ୍ରିମଣ୍ଡଳରୁ ବହିଷ୍କାର କରିବା ସହ ଘଟଣାର ତଦନ୍ତ ସିବିଆଇକୁ ହସ୍ତାନ୍ତର କରିବା ପାଇଁ ଭାଜପା ଦାବିକରିଛି। ଶନିବାର ଭାଜପା କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଭାଜପା ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ରାଜନୀତି କରିବା ପାଇଁ କଳାହାଣ୍ଡି ଯାଉଛନ୍ତି । ମମିତାଙ୍କ ହତ୍ୟାକାଣ୍ଡକୁ ମାସେ ବିତିବାକୁ ବସିଲାଣି। କିନ୍ତୁ ତାଙ୍କୁ ନ୍ୟାୟ ପାଇଁ ଶେଷ ପର୍ଯ୍ୟନ୍ତ ଲଢେଇ ଜାରି ରହିବ। ମମିତାଙ୍କ ପରିବାରକୁ ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ଭାଜପା ମୁଖ୍ୟମନ୍ତ୍ରୀଙ୍କ ସମସ୍ତ କାର୍ଯ୍ୟକ୍ରମକୁ ବର୍ଜନ କରିବାକୁ ଆହ୍ୱାନ ଦେଇଛି। ରାଜ୍ୟର ସମସ୍ତ ବ୍ଲକ, ଏନଏସି, ମ୍ୟୁନିସିପାଲିଟି, ଜିଲା ସଦର ମହକୁମାଠାରେ ମୁଖ୍ୟମନ୍ତ୍ରୀଙ୍କ ସମେତ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଓ ଆଇନ ମନ୍ତ୍ରୀ ପ୍ରତାପ ଜେନାଙ୍କ କୁଶପୁତ୍ତଳିକା ଦାହ କରି ପ୍ରତିବାଦ କରିବ ବୋଲି ସେ ସୂଚନା ଦେଇଛନ୍ତି ।

# ଭାଜପାର ମହିଳା ଅପରାଧ ପ୍ରସଙ୍ଗ କେବଳ ସ୍ୱାର୍ଥ ପାଇଁ: ବିଜେଡି

ଭୁବନେଶ୍ୱର,୬।୧୧(ବ୍ୟୁରୋ)

ଭାଜପା ଗତ କିଛିବର୍ଷ ଧରି ସଂକୀର୍ଣ୍ଣ ସ୍ୱାର୍ଥ ପାଇଁ ମହିଳାମାନଙ୍କ ପ୍ରତି ଅପରାଧ ମାମଲାକୁ ବ୍ୟବହାର କରିଆସୁଛି। ପୀଡ଼ିତା କିମ୍ବା ସେମାନଙ୍କ ପରିବାରକୁ ନ୍ୟାୟ ପ୍ରଦାନ କରିବାର କୌଣସି ଉଦ୍ଦେଶ୍ୟ ନାହିଁ ବୋଲି ବିଜେଡିର ରାଷ୍ଟ୍ରୀୟ ମୁଖପାତ୍ର ତଥା ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ର କହିଛନ୍ତି । ଶନିବାର ଏଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପାତ୍ର କହିଛନ୍ତି ପୀଡ଼ିତା ଏବଂ ସେମାନଙ୍କ ପରିବାରର ସମ୍ମାନ ପ୍ରତି ଭାଜପାର ଧ୍ୟାନ ନାହିଁ । ନିଜର ପ୍ରଚାର ଲାଗି ଟିଭି କ୍ୟାମେରା ସମ୍ମୁଖରେ ଠେଲାପେଲା ହେବା ଏବଂ ଖବରକାଗଜରେ ଫଟୋ ଦେଖିବା ପାଇଁ ଭାଜପା ନେତାଙ୍କ ମଧ୍ୟରେ ପ୍ରତିଯୋଗିତା ଲାଗି ରହୁଛି । ସଂକୀର୍ଣ୍ଣ ସ୍ୱାର୍ଥ ପାଇଁ ଜଣେ ମହିଳାଙ୍କ ବିରୋଧରେ ଏକ ଯନ୍ତ୍ରଣାଦାୟକ ଅପରାଧକୁ ବ୍ୟବହାର କରିବା ହେଉଛି ଭାଜପାର ଏକମାତ୍ର ଉଦ୍ଦେଶ୍ୟ । ଆଗାମୀ ଦିନରେ ସମ୍ବେଦନଶୀଳ ଘଟଣାକୁ ନେଇ ଭାଜପା କିଭଳି ଲଜ୍ଜାଜନକ ଭାବେ ରାଜନୀତିକରଣ କରିଥାଏ ତାହାକୁ ବିଜେଡି ଓଡିଶାବାସୀଙ୍କ ସମ୍ମୁଖରେ ରଖିବ। ଯଦି ସାହସ ଅଛି ଭାଜପା ନେତା ପୋଲିସ ଏବଂ ଅଦାଲତ ନିକଟରେ ପ୍ରମାଣ ଉପସ୍ଥାପନ କରନ୍ତୁ ବୋଲି ପାତ୍ର ଆହ୍ୱାନ କରିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ବିଜେଡି ମୁଖପାତ୍ର ଏଲିନା ଦାସ ଉପସ୍ଥିତ ଥିଲେ।

# ଗଜପତିରେ ଭାଜପାର ୧୨ ଘଣ୍ଟିଆ ବନ୍ଦ

ପାରଳାଖେମୁଣ୍ଡି,୬।୧୧(ଡି.ଏନ୍.ଏ.)

ମମିତା ମେହେରଙ୍କ ପରିବାରକୁ ନ୍ୟାୟ ଓ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ଇସ୍ତଫା ଦାବିରେ ଶନିବାର ଭାଜପା ପକ୍ଷରୁ ୧୨ଘଣ୍ଟିଆ ଗଜପତି ଜିଲା ବନ୍ଦ ପାଳନ ସମ୍ପୂର୍ଣ୍ଣ ସଫଳ ହୋଇଛି। ସକାଳ ୬ଟାରୁ ସନ୍ଧ୍ୟା ୬ଟା ଯାଏ ୧୨ଘଣ୍ଟିଆ ବନ୍ଦ ପାଳନ ହୋଇଥିଲା। ଏହାର ପ୍ରଭାବରେ ଗଜପତି ଜିଲାରେ ସମସ୍ତ ଦୋକାନ ବଜାର ବନ୍ଦ ରହିଥିବା ଦେଖିବାକୁ ମିଳିଛି। ପାରଳାଖେମୁଣ୍ଡି ବିଧାୟକ ତଥା ଭାଜପା ଜିଲା ସଭାପତି କେ. ନାରାୟଣ ରାଓଙ୍କ ନେତୃତ୍ୱରେ ଏହି ବନ୍ଦ ପାଳନ କରାଯାଉଛି। ଅନ୍ୟମାନଙ୍କ ମଧ୍ୟରେ ଭାଜପା ଜିଲା ସାଧାରଣ ସମ୍ପାଦକ ନୃସିଂହ ଚରଣ ପଟ୍ଟନାୟକ, ବାବୁନା ବେହେରା, ପ୍ରଶାନ୍ତ କୁମାର ପାଳ, ଅରୁଣିମା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଜିଲାର ସମସ୍ତ ୭ ବ୍ଲକ ଅର୍ଥାତ୍ କାଶୀନଗର, ଗୁମ୍ମା, ଗୋଷାଣୀ, ରାୟଗଡ଼, ନୂଆଗଡ଼, ରା.ଉଦୟଗିରି ଏବଂ ମୋହନା ବ୍ଲକରେ ସମ୍ପୂର୍ଣ୍ଣ ବନ୍ଦ ପାଳନର ପ୍ରଭାବ ଦେଖିବାକୁ ମିଳିଛି।

# ବିଜେଡିରେ ମିଶିଲେ ପ୍ରଦୀପ



କାର୍ଯ୍ୟକ୍ରମରେ ପ୍ରଦୀପ ମାଝି, ରାଜ୍ୟ ସଙ୍ଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ସମେତ ଦଳୀୟ ନେତାମାନେ।

ନବରଙ୍ଗପୁର,୬।୧୧(ବି.ପ୍ର.)

ନବରଙ୍ଗପୁରର ପୂର୍ବତନ ଏମ୍‌ପି ପ୍ରଦୀପ ମାଝି ଶନିବାର ବିଜେଡିରେ ସାମିଲ ହୋଇଛନ୍ତି। ନବରଙ୍ଗପୁର ସର୍କିଟ ହାଉସ ନିକଟ ପଡ଼ିଆରେ ନବରଙ୍ଗପୁର ଏମ୍‌ପି ତଥା ଜିଲା ବିଜେଡି ସଭାପତି ରମେଶ ଚନ୍ଦ୍ର ମାଝିଙ୍କ ସଭାପତିତ୍ୱରେ ମିଶ୍ରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କୋରାପୁଟ, ମାଲକାନଗିରି ଓ କୋଟପାଡ଼ ଅଞ୍ଚଳରୁ ଅନେକ କଂଗ୍ରେସ କର୍ମୀ ଚାମୁରିଆଗୁଡ଼ା ନିକଟରୁ ବିଶାଳ ଶୋଭାଯାତ୍ରାରେ ବାହାରି କାର୍ଯ୍ୟକ୍ରମ ସ୍ଥଳରେ ପହଞ୍ଚିଥିଲେ। ଏଥିରେ ପ୍ରଦୀପ ଏବଂ ତାଙ୍କ ସମର୍ଥକଙ୍କ ବ୍ୟତୀତ କଂଗ୍ରେସ ଛାଡ଼ିଥିବା ଯୁବ ସଙ୍ଗଠକମାନେ ଯୋଗଦେଇଥିଲେ। ମୁଖ୍ୟ ଅତିଥିଭାବେ ବିଜେଡି ରାଜ୍ୟ ସଙ୍ଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ଏମ୍‌ପି ଏବଂ ଦଳୀୟ ନେତାମାନେ ଉପସ୍ଥିତ ରହି ପ୍ରଦୀପଙ୍କୁ ବିଜେଡି ଉତ୍ତରୀୟ ଦେଇ ଦଳକୁ ସ୍ୱାଗତ କରିଥିଲେ।
ଏହି ଅବସରରେ ପ୍ରଦୀପ କହିଛନ୍ତି, ଅବିଭକ୍ତ କୋରାପୁଟ ଜିଲାରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବା ପାଇଁ ସେ ବିଜେଡିରେ ସାମିଲ ହୋଇଛନ୍ତି। ଅଞ୍ଚଳରେ ବହୁ ଚିରାଚରିତ ସମସ୍ୟାର ସମାଧାନ ହିଁ ତାଙ୍କ ଲକ୍ଷ୍ୟ। ତାହା କେବଳ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହିଁ କରିପାରିବେ। ଯେଉଁମାନେ କଂଗ୍ରେସ ଛାଡ଼ି ବିଜେଡିରେ ସାମିଲ ହୋଇଛନ୍ତି ଦଳୀୟ ଶୃଙ୍ଖଳାରେ ନିଃସ୍ୱାର୍ଥପର କାମ କରିବେ ବୋଲି ସେ କହିଛନ୍ତି।
ଅନ୍ୟପକ୍ଷରେ ରାଜ୍ୟ ସଙ୍ଗଠନ ସମ୍ପାଦକ ପ୍ରଣବ କହିଥିଲେ, ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱ ଏବଂ ଯୁଗାନ୍ତକାରୀ ପଦକ୍ଷେପ ଓଡ଼ିଶାକୁ ଭବିଷ୍ୟତ ପିଢ଼ି ପାଇଁ ପ୍ରସ୍ତୁତ କରୁଛି। ଆଦିବାସୀ ଓ ଜନଜାତିଙ୍କ ପାଇଁ ଯେଉଁ ବିକାଶମୂଳକ କାମ କରୁଛନ୍ତି, ସେଥିରେ ଅନୁପ୍ରାଣିତ ହୋଇ ପ୍ରଦୀପ ବିଜେଡିରେ ସାମିଲ ହୋଇଛନ୍ତି ବୋଲି ପ୍ରଣବ କହିଛନ୍ତି। ଅନ୍ୟ ଅତିଥିଙ୍କ ମଧ୍ୟରେ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, କଟକ ସଦର ବିଧାୟକ ତଥା କୋରାପୁଟ, ମାଲକାନଗିରି ଜିଲା ପର୍ଯ୍ୟବେକ୍ଷକ ଚନ୍ଦ୍ର ସାରଥି ବେହେରା, ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ପଦ୍ମିନୀ ଦିଆନ, ଓଡ଼ିଶା ବିହନ ନିଗମ ଅଧ୍ୟକ୍ଷ ଈଶ୍ୱର ପାଣିଗ୍ରାହୀ, ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, ଝରିଗାଁ ବିଧାୟକ ପ୍ରକଶ ଚନ୍ଦ୍ର ମାଝି, ସୁବାସ ଗଣ୍ଡ ପ୍ରମୁଖ ମଞ୍ଚାସୀନ ଥିଲେ।

# ପାଉଥିବା ପେନ୍‌ସନ ଦାନ କରନ୍ତୁ: ତାରା

ନବରଙ୍ଗପୁର,୬।୧୧(ବି.ପ୍ର.)

କଂଗ୍ରେସରୁ ଟିକେଟ ପାଇ ଏମ୍‌ପି ହୋଇଥିବା ପ୍ରଦୀପ ମାଝି ନିଜ ପେନ୍‌ସନ ଟଙ୍କା ଗରିବ କିମ୍ବା ଧର୍ମାନୁଷ୍ଠାନକୁ ଦାନ କରିଦିଅନ୍ତୁ ବୋଲି ନବରଙ୍ଗପୁରସ୍ଥିତ ଜିଲା କଂଗ୍ରେସ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି କହିଛନ୍ତି। ପ୍ରଦୀପ ବିଜେଡିରେ ଯୋଗଦେବା ବିଷୟକୁ ନେଇ ସେ ଏଭଳି କହିଛନ୍ତି। ଜିଲା କଂଗ୍ରେସ ସଭାପତି ମୁନ୍ନା ତ୍ରିପାଠୀ ମଧ ପ୍ରଦୀପଙ୍କ ଦଳ ବଦଳକୁ ଦୃଢ଼ ନିନ୍ଦା କରିଛନ୍ତି। ଅନ୍ୟପକ୍ଷରେ ପ୍ରଦୀପ କଂଗ୍ରେସ ଦଳରୁ ପରିଚୟ ଓ ପଦ ପଦବୀ ପାଇବା ପରେ ଅବିଭକ୍ତ କୋରାପୁଟ ଜିଲାରେ କଂଗ୍ରେସ କିଛି କରିନାହିଁ ବୋଲି କହିବା ନିନ୍ଦନୀୟ ବୋଲି ତାରା କହିଛନ୍ତି। ପ୍ରଦୀପଙ୍କ ବାପା ରାଜ୍ୟ ସଭା ସଦସ୍ୟ ଏବଂ ନିଜେ ଲୋକ ସଭା ସଦସ୍ୟ ଥିଲେ। ଅବିଭକ୍ତ କୋରାପୁଟ ଜିଲା ଓ ନବରଙ୍ଗପୁର ଲୋକସଭା କ୍ଷେତ୍ରର କ'ଣ ଉନ୍ନତି କରିଛନ୍ତି ବୋଲି ତାରା ପ୍ରଶ୍ନ କରିଛନ୍ତି।

# ଅଭିଯୁକ୍ତଙ୍କୁ ଖସାଇବାକୁ ଷଡ଼ଯନ୍ତ୍ର: କଂଗ୍ରେସ

ଭୁବନେଶ୍ୱର,୬।୧୧(ବ୍ୟୁରୋ)

ମମିତା ମେହେର ଅପହରଣ ଓ ହତ୍ୟା ଘଟଣାରେ ପୋଲିସ ନିଷ୍କ୍ରିୟତା ଜଳ ଜଳ ହୋଇ ଦେଖାଯାଉଛି। ମୁଖ୍ୟ ଅଭିଯୁକ୍ତ ସ୍କୁଲ ସଭାପତି ଗୋବିନ୍ଦ ସାହୁଙ୍କୁ ଆଇନର ଫାଙ୍କ ଦେଇ ଖସାଇବା ପାଇଁ



ନିଶିକାନ୍ତ ମିଶ୍ର।

ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଏବଂ ବରିଷ୍ଠ ପୋଲିସ ଅଫିସରଙ୍କ ସଲାସୁତରା ରହିଥିବା କଂଗ୍ରେସ ଅଭିଯୋଗ ଆଣିଛି। କଂଗ୍ରେସ ଭବନଠାରେ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ମୁଖପାତ୍ର ନିଶିକାନ୍ତ ମିଶ୍ର ସିଧାସଳଖ ସରକାରଙ୍କୁ ଟାର୍ଗେଟ କରିବା ସହ ପୋଲିସର ତଦନ୍ତ ପ୍ରକ୍ରିୟାକୁ ନେଇ ପ୍ରଶ୍ନ କରିଛନ୍ତି। ସେ କହିଛନ୍ତି, ମମିତା ନିଖୋଜ ହେବା ପରେ କେ ନୂଆଗାଁ ଏବଂ ସିନ୍ଧେକାଲା ପୋଲିସ୍ ଯେଭଳି ପଦକ୍ଷେପ ନେବା କଥା ତାହା ନେଇ ନ ଥିଲା। 'ଲିଡିଂ ଟୁ ଡିସ୍କଭରି'କୁ ଏଡାଇବା ପାଇଁ ଅର୍ଥାତ୍ ଅପରାଧୀଙ୍କୁ ଆଇନର ଫାଙ୍କ ଦେଇ ଖସାଇବା ଲାଗି ସରକାରୀ ବ୍ୟବସ୍ଥା କରି ପୋଲିସ ୧୭ତାରିଖରେ ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦଙ୍କ ଖସିଯିବାର ନାଟକ ରଚିଥିଲା। ୧୯ ତାରିଖରେ ମମିତାଙ୍କ ମୃତଦେହ ମିଳିବାପରେ ପୁଣିଥରେ ଚାପରେ ଆସି ପୋଲିସ ଗୋବିନ୍ଦଙ୍କୁ ଗିରଫ କରିଥିଲା। ଏବେ ସମସ୍ତ ଘଟଣା ରାଜ୍ୟ ଗୃହରାଷ୍ଟ୍ର ମନ୍ତ୍ରୀ, ରାଜ୍ୟ ପୋଲିସ ମୁଖ୍ୟ, ଡିଆଇଜି (ତଦନ୍ତକାରୀ ଅଫିସର) ଓ ଦୁଇ ଜିଲାର ଏସ୍‌ପି ଏହି ଅପରାଧରେ ଜଡିତ ନେତା-ମନ୍ତ୍ରୀଙ୍କ ପ୍ରମାଣ ନଷ୍ଟରେ ଲାଗି ପଡିଛନ୍ତି। ଅପରାଧୀ ମୁହଁରେ ଯେପରି ମନ୍ତ୍ରୀଙ୍କ ନାଁ ନ ଆସେ ସେଥିପ୍ରତି ଅଧିକ ଧ୍ୟାନ ଦେଉଛନ୍ତି ବୋଲି ନିଶିକାନ୍ତ କହିଛନ୍ତି।

# ଲଢ଼େଇରେ ସାମିଲ ହେବାକୁ ଆହ୍ୱାନ



କଂଗ୍ରେସର ବାଇକ୍ ଶୋଭାଯାତ୍ରା ।

ଭବାନୀପାଟଣା,କୋକସରା,୬।୧୧ (ସ୍ୱ.ପ୍ର./ଡି.ଏନ୍.ଏ.)

ମମିତା ମେହେର ହତ୍ୟା ଘଟଣାର ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କ ସହ ରାଜ୍ୟ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ରଙ୍କ ଲିଙ୍କ ଥିବା ଯୋଗୁ ତଦନ୍ତ ବାଟବଣା ହେଉଥିବା ଅଭିଯୋଗ କରି ସରକାରଙ୍କୁ ଘେରିବାରେ ଲାଗିଛନ୍ତି ବିରୋଧୀ। ରାଜ୍ୟ ସରକାର ମନ୍ତ୍ରିମଣ୍ଡଳରୁ ମନ୍ତ୍ରୀ ମିଶ୍ରଙ୍କୁ ବହିଷ୍କାର କରିବା ସହ ଗିରଫ ଦାବିରେ ରାଜନୀତି ଏବେ ବେଶ ସରଗରମ ହେବାରେ ଲାଗିଛି। ଏହି ଘଟଣାକୁ ନେଇ ବୁଧବାର ଠାରୁ ଜିଲା କଂଗ୍ରେସ ପକ୍ଷରୁ ଆରମ୍ଭ ହୋଇଛି ବାଇକ୍ ଶୋଭାଯାତ୍ରା ସହ ପଥପ୍ରାନ୍ତ ପ୍ରତିବାଦ ସଭା। ଗାଁକୁ ଗାଁ ଯାଇ ପୀଡିତାଙ୍କ ପରିବାରକୁ ନ୍ୟାୟ ଦେବା ପାଇଁ ପ୍ରତିବାଦର ସ୍ୱର ଶାଣିତ କରୁଛି କଂଗ୍ରେସ। ଶନିବାର ସକାଳୁ ଭବାନୀପାଟଣାରୁ ଜୁନାଗଡ ଓ ପରେ କଳମପୁର, ଜୟପାଟଣା, କୋକସରା, ଧର୍ମଗଡ ପର୍ଯ୍ୟନ୍ତ ବାଇକ୍ ଶୋଭାଯାତ୍ରା ହୋଇଥିଲା। ଏହି ସମୟରେ ସେଠାକାର ବିଭିନ୍ନ ସ୍ଥାନରେ ପ୍ରତିବାଦ ସଭା ଆୟୋଜନ କରାଯାଇଥିଲା। ଏହି ଲଢେଇରେ କଳାହାଣ୍ଡିର ଜନସାଧାରଣ ସାମିଲ ହେବା ପାଇଁ କୁହାଯାଇଥିଲା। ଏଥିରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ଭକ୍ତ ଚରଣ ଦାସ ଯୋଗଦେଇ ଘଟଣାକୁ ନେଇ ମନ୍ତ୍ରୀ ଦିବ୍ୟଶଙ୍କରଙ୍କ ଉପରେ ବର୍ଷିଥିଲେ। ମନ୍ତ୍ରୀ ମିଶ୍ରଙ୍କର ନାରୀମାନଙ୍କ ପ୍ରତି ସମ୍ମାନ ନାହିଁ ବୋଲି ଅଭିଯୋଗ କରିଥିଲେ। ସେହିପରି ପୂର୍ବରୁ ମଧ ସେ ଅନେକ ଆପରାଧିକ କାର୍ଯ୍ୟକଳାପରେ ସଂଶ୍ଲିଷ୍ଟ ଥିବା ଅଭିଯୋଗ ଆଣିଛନ୍ତି ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦାସ। ଏହି ଘଟଣାରେ ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ କଂଗ୍ରେସ ରାଜରାସ୍ତାରେ ବିକ୍ଷୋଭ କରିବ ବୋଲି ସେ କହିଛନ୍ତି। ଏହି ସମୟରେ ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ତ୍ରିଲୋଚନ ପାଣିଗ୍ରାହୀ, ସମ୍ପାଦକ ମହମ୍ମଦ ସାହେବ, ଜିଲା ଯୁବ ସଭାପତି ସାଉଲ ମଙ୍ଗରାଜ, ଜିଲା ସାଧାରଣ ସମ୍ପାଦକ ଚିତ୍ତରଞ୍ଜନ ନିଆଲ, ସମ୍ପାଦକ ସତ୍ୟ ସରାଫ, ଦିଗାମ୍ବର ଦୁରିଆ, ଯୁବନେତା ପ୍ରଭାତ ଦାସ, ପରମେଶ୍ୱର ମୋଟେଲ, ଡାକେ ଲହଜଲ ପ୍ରମୁଖ ଉପସ୍ଥିତ ଥିଲେ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୫,୦୧,୨୧,୦୬୭ | ୫୦,୫୭,୮୭୧ | ୨୨,୬୪,୦୭,୬୨୨ |
| ଭାରତ | ୩,୪୩,୪୪,୪୦୯ | ୪,୬୦,୨୬୦ | ୩,୩୭,୨୯,୧୦୧ |
| ଓଡ଼ିଶା | ୧୦,୪୩,୧୫୧ | ୮୩୫୪(+୫୩) | ୧୦,୩୧,୮୫୦ |

ଶନିବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ବ୍ରାଉନ୍‌ସୁଗାର ବ୍ୟବସାୟରେ ପୂର୍ତ୍ତ କର୍ମଚାରୀ

## ୨୭.୫୩୦ ଗ୍ରାମ୍ ଧଳାଜହର ଜବତ, ୫ ଗିରଫ

ଢେଙ୍କାନାଳ ଅଫିସ, ୬।୧୧

ଢେଙ୍କାନାଳ ଟାଉନ ଥାନା ପୋଲିସ ସ୍ଥାନୀୟ ମହାବୀର ବଜାର ନିକଟ ପୂର୍ତ୍ତ ବିଭାଗ କଲୋନୀର ଏକ ଘରେ ଶୁକ୍ରବାର ସନ୍ଧ୍ୟାରେ ଚଢ଼ାଉ କରି ୨୭.୫୩୦ ଗ୍ରାମ ବ୍ରାଉନ୍ ସୁଗାର ଜବତ କରିଛି। ବେଆଇନ ନିଶା କାରବାରରେ ସମ୍ପୃକ୍ତି ଅଭିଯୋଗରେ ୫ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଲକ୍ଷ୍ମୀବଜାର ଅଞ୍ଚଳର ବାପୁନି ସ୍ୱାଇଁ ଓରଫ୍ ସନ୍ଦୀପ, କମଳ କୁମାର ନାୟକ, ସଞ୍ଜୀବ ମହାପାତ୍ର, ଜଗନ୍ନାଥରୋଡ୍‌ର ରାଜେନ୍ଦ୍ର ବରାଳ ଏବଂ ଚାନ୍ଦମାରୀ ସାହିର ଚକ୍ରଧର ପାତ୍ର। ସନ୍ଦୀପ ପୂର୍ତ୍ତ ବିଭାଗର କର୍ମଚାରୀ ଭାବେ କାର୍ଯ୍ୟ କରୁଥିଲେ। ତେବେ କିଛିଦିନ ତଳେ ତାଙ୍କୁ ନିଲମ୍ବିତ କରାଯାଇଥିବା ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ମନୋରଞ୍ଜନ ବିଶ୍ୱାଳ କହିଛନ୍ତି।

ପିଡବ୍ଲ୍ୟୁଡି କଲୋନୀର ଏକ ଘରେ ବ୍ରାଉନ୍ ସୁଗାର କାରବାର ଚାଲିଥିବା ସମ୍ପର୍କରେ ଅପରାହ୍ନରେ ପୋଲିସକୁ ସୂଚନା ମିଳିଥିଲା। ଏହାପରେ ଟାଉନ ଥାନାଧିକାରୀ ନମିତା ନାୟକଙ୍କ ନେତୃତ୍ୱରେ ଏକ ଟିମ୍ ଅତର୍କିତ ଚଢ଼ାଉ କରିଥିଲା। ଘଟଣାସ୍ଥଳରୁ ୨୭.୫୩୦ ଗ୍ରାମ ବ୍ରାଉନ ସୁଗାର ସମେତ ୨ ଏଟିଏମ୍, ୪ ମୋବାଇଲ, ୨ ବାଇକ୍, ଗୋଟିଏ ସ୍କୁଟି, ୪୦ ଖଣ୍ଡ ଶାଗୁଆ ରଙ୍ଗର ଛୋଟ କାଗଜ, ୭ ଚାମଚ, ଗୋଟିଏ ବ୍ୟାଗ ଜବତ କରାଯାଇଛି। ଜବତ ବ୍ରାଉନସୁଗାର ଆନୁମାନିକ ମୂଲ୍ୟ ୩ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଏ ସଂକ୍ରାନ୍ତରେ ଟାଉନ ଥାନାରେ କେସ୍ ନଂ. ୪୮୫/୨୧ରେ ଏକ ମାମଲା ରୁଜୁ କରାଯାଇଛି। ଗିରଫ ଅଭିଯୁକ୍ତଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ସୂଚନା ଦେଇଛନ୍ତି।


ଚଢ଼ାଉ ପରେ ଜବତ ସାମଗ୍ରୀ।

ଢେଙ୍କାନାଳ ସହର ସମେତ ଜିଲାର ବିଭିନ୍ନ ସ୍ଥାନରେ ଧଳା ଜହର ବ୍ୟବସାୟ କାୟା ବିସ୍ତାର କରିବାରେ ଲାଗିଛି। ପୋଲିସ-ଅବକାରୀ ବିଭାଗ ମଧ୍ୟରେ ସମନ୍ୱୟ ଅଭାବ ଏବଂ ଗୋଇନ୍ଦା ବିଫଳତା ଏହା ପଛର ପ୍ରମୁଖ କାରଣ ବୋଲି ଅଭିଯୋଗ ହେଉଛି। ଏଥିପୂର୍ବରୁ ଗତ ଅକ୍ଟୋବର ୨୬ରେ କାମାକ୍ଷାନଗର ଥାନା ଅନନ୍ତପୁର ଗୋଡ଼ିସାହି ଅଞ୍ଚଳରେ ଅବକାରୀ ବିଭାଗ ଚଢ଼ାଉ କରି ୧୦ ଗ୍ରାମ ବ୍ରାଉନ୍ ସୁଗାର ଜବତ କରିଥିଲା। ଏହି ଘଟଣାରେ ଜଣେ ଗିରଫ ହୋଇଥିଲେ।

# ଡବା କ୍ଷୀର ବ୍ୟଗ୍ରତା ଛାଡ଼ିବାକୁ ହେବ

**ସବୁ ଅଭିଭାବକ ଚାହାନ୍ତି କିପରି ପିଲାଟି ସୁସ୍ଥ ହୋଇ ଜନ୍ମ ହେବ ଏବଂ ପରେ ତା'ର ସ୍ୱାସ୍ଥ୍ୟ ଭଲ ରହିବ। ଏ ସମ୍ପର୍କରେ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲର ଶିଶୁରୋଗ ବିଶେଷଜ୍ଞ ଡା. ସୁରେନ୍ଦ୍ର ନାଥ ମିଶ୍ରଙ୍କ ସହିତ 'ଧରିତ୍ରୀ'ର ଅସମାପିକା ସାହୁଙ୍କ ସ୍ୱତନ୍ତ୍ର ଆଳାପ। ଗଞ୍ଜାମ ଜିଲା କୋଦଲା ବ୍ଲକ ଫାଶୀ ଗ୍ରାମରେ ୧୯୫୯ ଜୁଲାଇ ୩୦ରେ ଜନ୍ମଗ୍ରହଣ କରିଥିବା ଡା. ମିଶ୍ର ବ୍ରହ୍ମପୁର ଏମ୍‌କେସିଜିରୁ ୧୯୮୩ରେ ଏମ୍‌ବିବିଏସ୍ ଶେଷ କରିଥିଲେ। ଏହାପରେ ସେ ସରକାରୀ ଚାକିରିରେ ଯୋଗଦେଇଥିଲେ। ପରେ ୧୯୯୩ରୁ ସେ ଏମ୍‌କେସିଜିରୁ ପେଡିଆଟ୍ରିକ୍‌ରେ ପିଜି ଶେଷ କରିଥିଲେ।**



ଧରିତ୍ରୀ ଆଳାପ

ଡା. ସୁରେନ୍ଦ୍ର ନାଥ ମିଶ୍ର

***ପ୍ରଶ୍ନ- ପିଲା ସୁସ୍ଥ ରହିବା ପାଇଁ ଅଭିଭାବକ କ'ଣ କରିବା ଉଚିତ?***

ଉତ୍ତର- ପିଲାକୁ ସୁସ୍ଥ ଓ ସ୍ୱାସ୍ଥ୍ୟବାନ କରିବାକୁ ହେଲେ କେବଳ ଜନ୍ମ ପରେ ନୁହେଁ, ଜନ୍ମ ପୂର୍ବରୁ ବି ଯତ୍ନ ନେବାକୁ ପଡ଼ିବ। ଗର୍ଭଧାରଣ ସମୟରୁ ହିଁ ପିଲାର ଯତ୍ନ ନେବାକୁ ପଡ଼ିବ। ପ୍ରସବ ପରେ ପିଲାର ଗ୍ରୋଥ୍ ପାଇଁ ମା' କ୍ଷୀର ଗୁରୁତ୍ୱ ବହନ କରେ। କିନ୍ତୁ ଆଜିକାଲି ଅଭିଭାବକମାନେ ପିଲାକୁ ନେଇ ଆବଶ୍ୟକଠାରୁ ଅଧିକ ଚିନ୍ତା କରନ୍ତି। ଗୋଟେ ଛୁଆ ପାଇଁ ମା', ବାପାଠାରୁ ଆରମ୍ଭ କରି ତା'ର ପୂରା ପରିବାର ବ୍ୟସ୍ତ ହୋଇପଡ଼ନ୍ତି। ଏଭଳି ବ୍ୟଗ୍ରତା ବି ବେଳେ ବେଳେ ଖରାପ ସ୍ଥିତିକୁ ଟାଣିଦିଏ। ଯଦି ନବଜାତ ପିଲାଟି ଦୁଇଦିନ ଭିତରେ ଭଲରେ ମା' କ୍ଷୀର ନେଇ ନ ପାରିଲା, ଅଭିଭାବକ ସଙ୍ଗେ ସଙ୍ଗେ ବାହାରୁ ଡବା କିଣି ଆଣି ଦିଅନ୍ତି। ଆମେ ସେମାନଙ୍କୁ ବାହାର ଡବା ଆଣି ନ ଦେବା ପାଇଁ କାଉନସେଲିଂ କରୁ। ପ୍ରସବ ପରେ ପିଲାର ଭଲ ଗ୍ରୋଥ୍ ପାଇଁ ମା' କ୍ଷୀର ଗୁରୁତ୍ୱ। ଏଥିସହିତ ମା'ର ପୋଷଣଯୁକ୍ତ ଖାଦ୍ୟ ଉପରେ ବି ପିଲାର ଗ୍ରୋଥ୍ ନିର୍ଭର କରେ।

***ପ୍ରଶ୍ନ- ୩ବର୍ଷର ଛୁଆ ବି ଜଙ୍କ୍ ଫୁଡ୍ ଖାଇବା ଅଭ୍ୟାସ କଲେଣି। ଏ ସମ୍ପର୍କରେ କ'ଣ କହିବେ?***

ଉତ୍ତର- ଏହା ସ୍ଲୋ ପଏଜନ। କେବଳ ଛୋଟ ପିଲା ନୁହେଁ, କୌଣସି ବର୍ଗର ଲୋକଙ୍କ ପାଇଁ ଏହାର ଆବଶ୍ୟକତା ନାହିଁ। ଏଥିରେ କୌଣସି ନ୍ୟୁଟ୍ରିସନାଲ ଭାଲ୍ୟୁ ନାହିଁ। କେବଳ ପାଟି ସୁଆଦ ଓ ଫ୍ୟାନ୍‌ସି। ପୂରା ଜୀବନ ପାଇଁ ଏହା ବିପଦ।

***ପ୍ରଶ୍ନ- ଥାଲାସେମିଆ ଏକ ସାଧାରଣ ରୋଗ ହେଲାଣି। ସବୁବେଳେ ରକ୍ତର ଆବଶ୍ୟକ ପଡୁଛି। ଏଥିରୁ ସମ୍ପୂର୍ଣ୍ଣ ଭଲ ହେବା ପାଇଁ କିଛି ଚିକିତ୍ସା ଅଛି କି?***

ଉତ୍ତର- ମେଜର ଥାଲାସେମିଆରେ ରକ୍ତର ଆବଶ୍ୟକ ପଡ଼ିଥାଏ। ପ୍ରତି ମାସରେ ପ୍ରାୟ ଗୋଟେ ଦୁଇଟା ଅବଶ୍ୟକ ପଡ଼େ। ଏହି ରୋଗ ସମ୍ପୂର୍ଣ୍ଣ ଭଲ ହେବା ପାଇଁ ଏ ପର୍ଯ୍ୟନ୍ତ କୌଣସି ଚିକିତ୍ସା ନାହିଁ। ଯାହା କିଛି ଚିକିତ୍ସା ଅଛି, ତାହା କେବଳ ଜୀବନ ବଞ୍ଚାଇବା ପାଇଁ। ତେବେ ବୋନ୍ ମ୍ୟାରୋ ଟ୍ରାନ୍ସପ୍ଲାଣ୍ଟ ହେଉଛି ଏହାର ଲାଟେଷ୍ଟ ଟ୍ରିଟ୍‌ମେଣ୍ଟ।

***ପ୍ରଶ୍ନ- କେତେବେଳେ ବୋନ୍ ମ୍ୟାରୋ ଟ୍ରାନ୍ସପ୍ଲାଣ୍ଟ ଆବଶ୍ୟକ ପଡ଼େ?***

ଉତ୍ତର- ରୋଗ ଚିହ୍ନଟ ହେବା ଦିନଠାରୁ ଏହାର ଆବଶ୍ୟକ ପଡ଼େ। କିନ୍ତୁ ଦୁଃଖର ବିଷୟ ଏହାର ଚିକିତ୍ସା ପାଇଁ ଖର୍ଚ୍ଚ ଓ ଖର୍ଚ୍ଚ ତୁଳନାରେ ସଫଳତା ବହୁତ କମ୍। ଏହି ଚିକିତ୍ସା ପଦ୍ଧତି ଉପରେ ଏବେ ବି ଗବେଷଣା ଚାଲିଛି। ତେଣୁ ଏହାକୁ କାର୍ଯ୍ୟକ୍ଷମ କରି ହେଉନି।

***ପ୍ରଶ୍ନ- ସିକିଲ ସେଲ୍ ଆନିମିଆ ସମ୍ପୂର୍ଣ୍ଣ ଭଲ ହେବାର ସମ୍ଭାବନା ଅଛି କି?***

ଉତ୍ତର- ଏହି ରୋଗ ବି ସେହି ଥାଲାସେମିଆ ପରି ଏକ୍ସପେରିମେଣ୍ଟାଲ ଷ୍ଟେଜ୍‌ରେ ଅଛି। ରୋଗର ଚିକିତ୍ସା ଅଛି, କିନ୍ତୁ ସମ୍ପୂର୍ଣ୍ଣ ଭଲ ହେବା ପାଇଁ ସେମିତି କିଛି ଚିକିତ୍ସା ନାହିଁ। ଏହାର ବି ବୋନ୍ ମ୍ୟାରୋ ଟ୍ରାନ୍ସପ୍ଲାଣ୍ଟ ଚିକିତ୍ସା ପାଇଁ ଗବେଷଣା ଚାଲିଛି।

***ପ୍ରଶ୍ନ- ଥାଲାସେମିଆ ଓ ସିକିଲ ସେଲ୍ ଆନିମିଆ ବଂଶାନୁଗତ ରୋଗ। ଏହାର ପ୍ରତିକାର?***

ଉତ୍ତର- ଫୁଲବାଣୀ, ଝାରସୁଗୁଡ଼ା, ସମ୍ବଲପୁର, ବଲାଙ୍ଗୀର, ରାୟଗଡ଼ାର କିଛି ନିର୍ଦ୍ଦିଷ୍ଟ ଜାଗାରେ ସିକିଲ ସେଲ୍ ଆନିମିଆ ଅଧିକ ଦେଖାଯାଉଛି। କାରଣ ସେଠାରେ ସମ୍ପର୍କୀୟଙ୍କ ମଧ୍ୟରେ ବାହାଘର ହୋଇଥାଏ। ତେଣୁ ପ୍ରତିକାର ପାଇଁ ସେଭଳି ଗୋଷ୍ଠୀ ଭିତରେ ବାହାଘର ନ କରିବା ଭଲ। ସେହିପରି ଯଦି କାହାର ଗୋଟେ ପିଲା ଏହି ରୋଗରେ ପୀଡ଼ିତ ଅଛି ସେମାନେ ଆଉ ପିଲା ଜନ୍ମ ନ କରିବା ଭଲ। ଏସବୁ ସଚେତନତା କରାଗଲେ ରୋଗକୁ ରୋକାଯାଇପାରିବ।

***ପ୍ରଶ୍ନ-ଏବେ ପ୍ରାୟ ଅନ୍‌ଲାଇନ୍ କ୍ଲାସ୍ ଚାଲୁଛି। ପିଲା ମୋବାଇଲ ଫୋନ୍‌ରେ ଅଧିକ ସମୟ କ୍ଲାସ୍ କଲେ କ'ଣ ପ୍ରଭାବ ପଡ଼ିବ?***

ଉତ୍ତର- ଏହାର ପ୍ରଭାବ ପଡୁଛି। ସେମାନଙ୍କ ଚିଡ଼ଚିଡ଼ା ପଣ ବଢ଼ିଯାଉଛି। ଏଥିସହିତ ଆଖି ଉପରେ ପ୍ରଭାବ ପକାଉଛି। ଏଥିପାଇଁ ଏବେ ଅନେକ ପିଲା ହସ୍ପିଟାଲକୁ ଆସୁଛନ୍ତି। ତେଣୁ ଅଧିକ ଜରୁରୀ ନ ହେଲେ ମୋବାଇଲ ଫୋନ୍ ବ୍ୟବହାର ନ କରିବା ଭଲ।

***ପ୍ରଶ୍ନ- ସମୟ ମିଳିଲେ କ'ଣ କରନ୍ତି?***

ଉତ୍ତର- ମୁଁ ଘରେ ରହି ପରିବାର ଲୋକଙ୍କ ସହିତ ସମୟ ବିତାଇବାକୁ ପସନ୍ଦ କରେ।

***ପ୍ରଶ୍ନ- କ'ଣ ଖାଇବାକୁ ଭଲ ଲାଗେ?***

ଉତ୍ତର- ଘାଣ୍ଟ ତରକାରି ମୋର ପ୍ରିୟ ଖାଦ୍ୟ।

***ପ୍ରଶ୍ନ- ରୋଷେଇ ଜାଣନ୍ତି କି?***

ଉତ୍ତର- ହଁ। ସବୁ ରୋଷେଇ ଜାଣି ନାହିଁ। ତଥାପି ମୁଁ ଭଲ ଡାଲମା କରେ। ମୋ ହାତ ତିଆରି ଡାଲମାକୁ ସମସ୍ତେ ପସନ୍ଦ କରନ୍ତି।

# ଆଶାକର୍ମୀଙ୍କୁ ଗୋବରରେ ପୋତି ହତ୍ୟା ଉଦ୍ୟମ

ଢେଙ୍କାନାଳ ଅଫିସ, ୬।୧୧

ଜମିବାଡ଼ି ବିବାଦକୁ କେନ୍ଦ୍ରକରି ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ କାଲୁରିଆ ପଞ୍ଚାୟତ ଅଧୀନ ଠାକୁରାପାଳ ଗ୍ରାମର ଆଶାକର୍ମୀ ମେନକା ସ୍ୱାଇଁଙ୍କୁ ଗୋବର ଗାଡ଼ିଆରେ ପୋତି ହତ୍ୟା ଉଦ୍ୟମ କରାଯାଇଥିବା ଅଭିଯୋଗ ହୋଇଛି। ଗତ ଅକ୍ଟୋବର ୩୦ରେ ଏଭଳି ଅମାନବୀୟ ଘଟଣା ଘଟିଥିଲେ ମଧ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯାଇନାହିଁ, ଯାହାକୁ ନେଇ ବୁଦ୍ଧିଜୀବୀ ମହଲରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି। ଅଭିଯୋଗ ଅନୁଯାୟୀ, ଗତ ୩୦ ତାରିଖରେ ମେନକା ଘରେ ଥିବା ବେଳେ ଅଭିଯୁକ୍ତ ତାଙ୍କୁ ବଳପୂର୍ବକ ଉଠାଇ ନେଇ ବାଡ଼ିପଟେ ଥିବା ଏକ ଗୋବର ଗାଡିଆରେ ପୋତି ଦେଇଥିଲେ। ଚିତ୍କାର ଶୁଣି ପରିବାର ଲୋକେ ପହଞ୍ଚି ତାଙ୍କୁ ଉଦ୍ଧାର କରି ଜିଲା ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଏ ନେଇ ପୋଲିସ ନିକଟରେ ଅଭିଯୋଗ ହୋଇଛି। ତେବେ ଘଟଣାକୁ ୭ଦିନ ବିତିଯାଇଥିଲେ ମଧ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯାଉ ନାହିଁ। ଅନ୍ୟପଟେ ପୀଡ଼ିତାଙ୍କୁ ନ୍ୟାୟ ଦେବାକୁ ଦାବି କରିଛି ଜିଲା ଭାଜପା। ମହିଳା ମୋର୍ଚ୍ଚା ସଭାନେତ୍ରୀ ମମତା ସ୍ୱାଇଁ, ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ପାତ୍ର ପ୍ରମୁଖ ଜିଲା ମୁଖ୍ୟ ଚିକିତ୍ସାଳୟରେ ମେନକାଙ୍କୁ ଭେଟି ସମବେଦନା ଜଣାଇଛନ୍ତି। ଏଥିସହ ଏକ ପ୍ରତିନିଧି ଦଳ ସଦର ଏସ୍‌ଡିପିଓଙ୍କୁ ସାକ୍ଷାତ କରି ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।

# ଝିଅର ଚରିତ୍ର ସଂହାର କରନାହିଁ

## ଆମକୁ ନ୍ୟାୟ ଦରକାର: ମମିତା ମେହେରଙ୍କ ବାପା

ବଲାଙ୍ଗୀର ଅଫିସ, ୬।୧୧

ମମିତା ମେହେର ହତ୍ୟା ଘଟଣାକୁ ନେଇ ତାଙ୍କ ପିତା ଏକ ଭିଡିଓ ବାର୍ତ୍ତାରେ ଝିଅର ଚରିତ୍ର ସଂହାର ନ କରିବା ଏବଂ ଏହାକୁ ନେଇ ରାଜନୀତି ନ କରିବାକୁ ଅନୁରୋଧ କରିଛନ୍ତି। ଭାଇରାଲ ହୋଇଥିବା ଏକ ଭିଡିଓ ବାର୍ତ୍ତାରେ ହତ୍ୟାକାଣ୍ଡର ଶିକାର ହୋଇଥିବା ମମିତାଙ୍କ ପିତା ସୁଚନ୍ଦ୍ର ମେହେର କହିଛନ୍ତି ତାଙ୍କ ଝିଅ ବହୁତ ଭଲ ପିଲା। ମମିତାଙ୍କୁ ହତ୍ୟା ପରେ ଆମେ ସମ୍ପୂର୍ଣ୍ଣ ପରିବାର ଭାଙ୍ଗି ପଡିଛୁ, ବହୁ ଦୁଃଖରେ ଅଛୁ। ହତ୍ୟାକାଣ୍ଡ ବିଷୟରେ ପୋଲିସ ଯେଉଁ ତଦନ୍ତ କରିଛନ୍ତି ସେଥିରେ ଆମେ ସନ୍ତୁଷ୍ଟ। ମମିତା କେବେହେଲେ ହତ୍ୟାକାରୀ ଗୋବିନ୍ଦଙ୍କ ସହ ରାୟପୁର ଯାଇନାହିଁ ବୋଲି ସେ କହିଛନ୍ତି। ତାଙ୍କ ଝିଅର ଚରିତ୍ରକୁ ସଂହାର କରା ନ ଯାଉ ବୋଲି ସୁଚନ୍ଦ୍ର ସମସ୍ତଙ୍କୁ ଅନୁରୋଧ କରିଛନ୍ତି। ହତ୍ୟା ଘଟଣାକୁ ନେଇ ରାଜନୀତି କରା ନ ଯାଉ ବୋଲି ସେ ରାଜନୈତିକ ଦଳ ଓ ମିଡିଆକୁ ମଧ୍ୟ ଏଥିରେ ଅନୁରୋଧ କରିଛନ୍ତି। ଏସବୁ ବନ୍ଦ କରିବାକୁ ଭିଡିଓରେ


ମୃତା ମମିତା ମେହେରଙ୍କ ମାତାପିତା ଭିଡିଓରେ କହୁଛନ୍ତି।

ହାତଯୋଡି ଅନୁରୋଧ କରୁଥିବା ଦେଖାଯାଇଛି। ଉକ୍ତ ଭିଡିଓରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପରେ ତାଙ୍କର ପୂରା ଭରସା ରହିଛି ଓ ସେ ନ୍ୟାୟ ଦେବେ ବୋଲି ସୁଚନ୍ଦ୍ର କହୁଥିବା ଦେଖାଯାଇଛି। ଏହି ଭିଡିଓଟି ପ୍ରାୟ ୧ ମିନିଟ୍ ଅବଧିର ରହିଛି। ଏହାସହିତ ଝିଅର ସମ୍ପର୍କୀୟ ବଡ଼ବାପା କୌଶିକ ମେହେରଙ୍କ ଅନ୍ୟ ଏକ ୪୨ ସେକେଣ୍ଡର ଭିଡିଓ ମଧ୍ୟ ଭାଇରାଲ ହୋଇଛି। ସେଥିରେ ସେ ମମିତାଙ୍କ ଚରିତ୍ର ସଂହାର କରା ନ ଯାଉ ବୋଲି କହିବା ସହ ପୋଲିସ ତଦନ୍ତରେ ସନ୍ତୋଷ ଅଛନ୍ତି ବୋଲି କହିଛନ୍ତି। ଦୋଷୀକୁ ଫାଶୀଦଣ୍ଡ ଦିଆଯାଉ ବୋଲି ସେ କହୁଥିବା ଦେଖାଯାଇଛି।

# ଅବକାରୀ କର୍ମଚାରୀ ୩ ଘଣ୍ଟା ଅଟକ

ଆଠମଲ୍ଲିକ,୬।୧୧(ଡି.ଏନ.ଏ.)

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ନଅଗାଁ ପଞ୍ଚାୟତ ଦୁଧିଆନାଳି ଗ୍ରାମ ଚଡକାନାଳ ନିକଟରେ ଚୋରା ଦେଶୀମଦ ରନ୍ଧା ଯାଉଥିବା ଖବରପାଇ ଚଢ଼ାଉ ପାଇଁ ଶନିବାର ପୂର୍ବାହ୍ନରେ ଯାଇଥିବା ଅବକାରୀ ବିଭାଗ ଉପ ଆରକ୍ଷୀ ପ୍ରଫୁଲ୍ଲ କୁମାର ପତି ଓ ତାଙ୍କ ଟିମ୍‌କୁ ୩ ଘଣ୍ଟା ଅଟକ ରଖାଯାଇଥିଲା। ସୂଚନା ପାଇ ଆଠମଲ୍ଲିକ ଥାନାର ବ୍ରହ୍ମାନନ୍ଦ ସାହୁ ପହଞ୍ଚି ବୁଝାଶୁଝା କରିବା ପରେ ଗ୍ରାମବାସୀ ଅଟକଙ୍କୁ ଛାଡ଼ି ଦେଇଥିଲେ। ପ୍ରକାଶ ଯେ, ଚଢ଼ାଉ କରିବାକୁ ଯାଇଥିବା ଅବକାରୀ ଅଧିକାରୀଙ୍କ ଗାଡ଼ିରେ ସ୍ଥାନୀୟ ମଦଭାଟି ମ୍ୟାନେଜର ବସିଥିବା ଦେଖି ଗ୍ରାମବାସୀ ଉତ୍ତ୍ୟକ୍ତ ହୋଇପଡ଼ିଥିଲେ। ଅବକାରୀ ବିଭାଗ କର୍ମଚାରୀଙ୍କ ଗାଡି ଗାଁ ମଝିରେ କ୍ଷୀପ୍ର ଗତିରେ କାହିଁକି ଯାତାୟାତ କରୁଛି ଏବଂ ସରକାରୀ ଦେଶୀ ମଦଭାଟି ମ୍ୟାନେଜରଙ୍କ କଥାରେ ଅବକାରୀ ବିଭାଗ କର୍ମଚାରୀ ପରିଚାଳିତ ହେଉଥିବା ଅଭିଯୋଗ କରି ସେମାନଙ୍କୁ ଅଟକ ରଖିଥିଲେ।

# ସିବିକେ ମହାନ୍ତି କିମ୍ସ ଉପକୁଳପତି


କିମ୍ସର ଉପକୁଳପତି ଭାବେ ଡା. ସିବିକେ ମହାନ୍ତି ଯୋଗଦେବା ଅବସରରେ କିଟ୍ ଶିକ୍ଷାନୁଷ୍ଠାନ ସମୂହର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ତାଙ୍କୁ ସ୍ୱାଗତ କରୁଛନ୍ତି।

ଭୁବନେଶ୍ୱର, ୬।୧୧(ବ୍ୟୁରୋ)

ବିଶିଷ୍ଟ ଭେଷଜ ବିଶେଷଜ୍ଞ ତଥା ଓଡ଼ିଶା ମେଡିକାଲ୍ ଏଜୁକେଶନ ଆଣ୍ଡ୍ ଟ୍ରେନିଂର ପୂର୍ବତନ ନିର୍ଦ୍ଦେଶକ ଡା. ସିବିକେ ମହାନ୍ତି କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସେସ୍ (କିମ୍ସ)ର ଉପକୁଳପତି ଭାବେ ଯୋଗଦେଇଛନ୍ତି। ଓଡ଼ିଶାର ଜଣେ ଜଣାଶୁଣା ଚିକିତ୍ସକ ଓ ପ୍ରଶାସକ ଭାବେ ଡା. ମହାନ୍ତିଙ୍କ ସୁନାମ ରହିଛି। ପୂର୍ବରୁ ସେ କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ୍ କଲେଜର ମେଡିସିନ୍ ବିଭାଗ ମୁଖ୍ୟ ଏବଂ ପରେ ଏସ୍‌ସିବିର ଅଧୀକ୍ଷକ ଦାୟିତ୍ୱ ତୁଲାଇଥିଲେ। କିମ୍ସର ଉପକୁଳପତି ଭାବେ ଯୋଗଦେବା ପରେ ଡା. ମହାନ୍ତି ଏହାର ଚିକିତ୍ସା ଓ ପ୍ରଶାସନିକ ଦାୟିତ୍ୱ ତଦାରଖ କରିବେ। ଏହା ସହିତ ସେ କିମ୍ସ ବହିର୍ବିଭାଗରେ ରୋଗୀଙ୍କୁ ନିର୍ଦ୍ଦିଷ୍ଟ ଦିନରେ ପରାମର୍ଶ ଦେବେ। କିମ୍ସରେ ଡା. ମହାନ୍ତିଙ୍କ ଯୋଗଦାନକୁ ନେଇ କିଟ୍ ଶିକ୍ଷାନୁଷ୍ଠାନ ସମୂହ ତଥା କିଟ୍ ଓ କିସ୍ ପରିବାରର ସମସ୍ତ ସଦସ୍ୟ ଆନନ୍ଦ ପ୍ରକାଶ କରିବା ସହ ତାଙ୍କୁ ସ୍ୱାଗତ ଜଣାଇଛନ୍ତି।

# ନବଜାତ ଶିଶୁର ମୃତ୍ୟୁକୁ ନେଇ ଉତ୍ତେଜନା


ମେଡିକାଲ ଅଫିସର ପ୍ରଭାସ ଚନ୍ଦ୍ର ନାୟକ, ପରିବାରବର୍ଗ ଓ ପୋଲିସ ହସ୍ପିଟାଲରେ ଆଲୋଚନା କରୁଛନ୍ତି।

ଜଳେଶ୍ୱର, ୬।୧୧(ଡି.ଏନ୍.ଏ.)

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକର ରାଇବଣିଆ ଅଞ୍ଚଳ ହାତୀଗଡ ଡାକ୍ତରଖାନାରେ ଶନିବାର ଏକ ନବଜାତ ଶିଶୁର ମୃତ୍ୟୁକୁ ନେଇ ଉତ୍ତେଜନା ଦେଖାଦେଇଛି। ସ୍ଥାନୀୟ ଲୋକେ ଏକାଠି ହୋଇ ହୋହଲ୍ଲା କରିଥିଲେ। ପ୍ରସୂତି ଡାକ୍ତର ନ ଥିବାରୁ ଶିଶୁର ମୃତ୍ୟୁ ଘଟିଥିବା ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି। ପରିସ୍ଥିତିକୁ ଦେଖି ଡାକ୍ତରଖାନାରେ ପୋଲିସ ମୁତୟନ ହୋଇଛନ୍ତି। ପରିବାର ପକ୍ଷରୁ ଡାକ୍ତର ଓ ନର୍ସଙ୍କ ବିରୋଧରେ ସିଡିଏମ୍‌ଓଙ୍କୁ ଲିଖିତ ଅଭିଯୋଗ କରାଯିବା

## ଡାକ୍ତର, ଷ୍ଟାଫନର୍ସଙ୍କ ନାମରେ ମାମଲା

ପରେ ରାଇବଣିଆ ଥାନାରେ ଏକ ମାମଲା(ନଂ.୭୨/୨୧) ରୁଜୁ ହୋଇଛି। ଏ ସମ୍ପର୍କରେ ମେଡିକାଲ ଅଫିସର ପ୍ରଭାସ ଚନ୍ଦ୍ର ନାୟକଙ୍କୁ ପଚାରିବାରୁ ପ୍ରସୂତି ଡାକ୍ତର ଅଜୟ ସାହୁ ଛୁଟିରେ ରହିଥିବା କାରଣରୁ ଷ୍ଟାଫନର୍ସ ପ୍ରସବ କରାଇଥିଲେ। ମାତ୍ର ପ୍ରସବ ସମୟରେ ଶିଶୁର କେତେକ ସମସ୍ୟା ଥିବାରୁ ଓ ଏଠାରେ ଶିଶୁ ଡାକ୍ତର ନ ଥିବାରୁ ତାଙ୍କୁ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଉଥିବା ବେଳେ ଶିଶୁର ମୃତ୍ୟୁ ଘଟିଥିବା କହିଛନ୍ତି।

ଶୁକ୍ରବାର ମଧ୍ୟରାତ୍ରରେ ଚମାର ଗାଁର ରାମଚନ୍ଦ୍ର ସାମଲଙ୍କ ସ୍ତ୍ରୀ ସଞ୍ଜିତା(୧୯)ଙ୍କ ଗର୍ଭଯନ୍ତ୍ରଣା ହେବାରୁ ୧୦୮ ଆମ୍ବୁଲାନ୍ସରେ ହାତୀଗଡ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ସେ ଗର୍ଭ ଯନ୍ତ୍ରଣାରେ ଛଟପଟ ହେଉଥିବା ବେଳେ କେହି ଡାକ୍ତର ଆସି ନ ଥିଲେ। ଶନିବାର ସକାଳେ ଜଣେ ଷ୍ଟାଫନର୍ସ ପ୍ରସବ କରୁଥିବାବେଳେ ଦାନ୍ତ ଡାକ୍ତର ସେଠାରେ ଉପସ୍ଥିତ ଥିଲେ। ପ୍ରସବ ସମୟରେ ଉଭୟ ମା' ଓ ଶିଶୁଙ୍କ ଅବସ୍ଥା ସ୍ୱାଭାବିକ ଥିବା ପରିବାର ଲୋକେ କହିଛନ୍ତି। ପିଲାଟି ଜନ୍ମ ପରେ କାନ୍ଦୁଥିବା ଓ ପରେ ଶିଶୁର ମୃତ୍ୟୁକୁ ନେଇ ଉତ୍ତେଜନା ଆରମ୍ଭ ହୋଇଥିଲା।

# ବ୍ୟଙ୍ଗ ସାହିତ୍ୟିକ ମୋହନ ଦାସ ରତିକାନ୍ତ ରାଓଙ୍କ ପରଲୋକ

ପୁରୀ ଅଫିସ,୬।୧୧

ଓଡ଼ିଶାର ସ୍ୱନାମଧନ୍ୟ ବିଶିଷ୍ଟ ହାସ୍ୟ ବ୍ୟଙ୍ଗ ସାହିତ୍ୟିକ ମୋହନ ଦାସ ରତିକାନ୍ତ ରାଓ(୯୩)ଙ୍କ ଶୁକ୍ରବାର କୁଣ୍ଡେଇବେଣ୍ଟ ସାହିସ୍ଥିତ ପଞ୍ଚଉରା ନିକଟ ବାସଭବନରେ ପରଲୋକ ହୋଇଛି। ସେ ଜେଲ ବିଭାଗର ମୁକ୍ତବନ୍ଦୀ ଶିବିରର ଅଧିକାରୀ ଭାବେ କାର୍ଯ୍ୟକରି ଅବସରଗ୍ରହଣ କରିଥିଲେ। ଅନେକ ଗଳ୍ପ, କବିତା ଉପନ୍ୟାସ ଲେଖି ସେ ଓଡ଼ିଆ ବ୍ୟଙ୍ଗ ସାହିତ୍ୟ ଜଗତରେ ଜଣେ ପ୍ରତିଷ୍ଠିତ ସାହିତ୍ୟକାର ଥିଲେ। କାନ୍ତକବି ଲକ୍ଷ୍ମୀକାନ୍ତଙ୍କ ଲିଖିତ ଉପନ୍ୟାସ 'କଣାମାମୁଁ'ର ଉତ୍ତରାର୍ଦ୍ଧ ପ୍ରକାଶ କରି ସେ ଲୋକଲୋଚନକୁ ଆସିଥିଲେ। ଏକାଧିକ ଅନୁଷ୍ଠାନ



ପକ୍ଷରୁ ସେ ସମ୍ବର୍ଦ୍ଧିତ ହୋଇଛନ୍ତି। ଆଠ ମଲ୍ଲିକ ଡାଏରୀ ନାମରେ ସେ ତାଙ୍କର ଆତ୍ମଜୀବନୀର କିଛି ଅଂଶ ଲେଖିଥିଲେ। ସ୍ୱର୍ଗତ ରାଓଙ୍କ ଜୀବନୀକୁ ନେଇ ଧରିତ୍ରୀ ଖବରକାଗଜରେ ୯୦ ବର୍ଷରେ ମଧ୍ୟ ଚଳଚଞ୍ଚଳ ନାମରେ ଖବର ପ୍ରକାଶ ପାଇଥିଲା। ସେ ଭକ୍ତକବି ମଧୁସୂଦନ ରାଓଙ୍କ ଅଣନାତି। ତାଙ୍କର ୨ ପୁଅ ଓ ସାନଝିଅ ଅଛନ୍ତି। ତାଙ୍କ ମୃତ୍ୟୁରେ ସାହିତ୍ୟ ଜଗତରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ମୃତ୍ୟୁ ଖବରପାଇ ଐତିହ୍ୟ ବିଶାରଦ ସୁରେନ୍ଦ୍ର ମିଶ୍ର, ସାହିତ୍ୟିକ ଡ. କୈଳାସ ଚନ୍ଦ୍ର ଟିକାୟତ ରାୟ, ଲକ୍ଷ୍ମୀକାନ୍ତ ତ୍ରିପାଠୀ, ମମତା ଦାଶ, ବଦ୍ରି ମିଶ୍ର, ମମତା ଦାଶ, ପ୍ରମୁଖ ଶୋକ ବ୍ୟକ୍ତ କରିଛନ୍ତି।



## ନାବାଳିକାଙ୍କୁ ଦୁର୍ବ୍ୟବହାର, ଯୁବକ ଗିରଫ

ରାଉରକେଲା ଅଫିସ,୬।୧୧: ରାଉରକେଲା ବିଶ୍ରା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଦୁର୍ବ୍ୟବହାର ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ରାଜୁ ବର୍ମା(୨୪)। ଏ ନେଇ ପୋଲିସ ଏକ ମାମଲା (ନଂ.୧୨୯/୨୧) ରୁଜୁ କରି ଶନିବାର କୋର୍ଟଚାଲାଣ କରିଛି। ବିଶ୍ରା ସରକାରୀ ଡାକ୍ତରଖାନା ନିକଟରେ ଶନିବାର ହାଟ ବସିଥିଲା। ରାଜୁ ଉକ୍ତ ହାଟକୁ ଆସିଥିବା ଜଣେ ନାବାଳିକାଙ୍କୁ ଦୁର୍ବ୍ୟବହାର କରିଥିଲେ। ଏ ନେଇ ନାବାଳିକାଙ୍କ ପରିବାର ଲୋକେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତାଙ୍କୁ ଗିରଫ କରିଥିଲା।


## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଛି ଛି ରେ ପଚା ପଇଡ଼**
**ଭାସିଯାଉଥିଲୁ ମଝି ନଈର**
**ସାଉଁଟି ଆଣିଲି ତୋତେ**
**ତୋ ଦେହରେ ଚେରିମି ଲାଗିଲା**
**ଜବାବ ଦେଉଛୁ ମୋତେ?**

ମଣିଷ ବେଳେ ବେଳେ କୃତଘ୍ନତାର ସବୁ ସୀମା ଟପିଯାଏ। ଯାହାଠାରୁ ସାହାଯ୍ୟ ସମର୍ଥନ ମିଳିଥାଏ ତା' ପ୍ରତି ଆକ୍ରୋଶମୂଳକ ମନୋଭାବ ପୋଷଣ କରୁଥିବାର ଲକ୍ଷ୍ୟ କରାଯାଏ। ସାହାଯ୍ୟ ପ୍ରଦାନକାରୀ ବ୍ୟକ୍ତିଙ୍କ ପ୍ରତି ବେଇମାନି ପ୍ରଦର୍ଶନ କରିବା ଶୋଭନୀୟ ହେଉନଥିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଛୋଟାକୁ ପବନସିଂହ ବୋଇଲେ**
**ସେ ଦୌଡ଼ି ଦୌଡ଼ି ମରେ।**

ଯାହା ପାଖରେ ସାମର୍ଥ୍ୟ ନାହିଁ କି ଦକ୍ଷତା ନାହିଁ, ତାକୁ ଟିକେ ଟେକାଟେକି କରି କହିଦେଲେ ସେ ତାହାକୁ ସତ ମଣି ଧରାକୁ ସରା ମନେକରିଥାଏ। ଗୁଣହୀନ ଲୋକକୁ ପ୍ରଶଂସା କଲେ ସେ ଗର୍ବରେ ଫୁଲିଉଠୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
- ଫ୍ରେଣ୍ଡସ୍ ପବ୍ଲିଶର୍ସ

# ପିଚୁ ପ୍ଲାଣ୍ଟରେ ଅଗ୍ନିକାଣ୍ଡ

**ସମ୍ବଲପୁର,୬।୧୧(ବ୍ୟୁରୋ)**

ସମ୍ବଲପୁର ସଦର ଥାନା ଅନ୍ତର୍ଗତ ଜୟନ୍ତପୁରଠାରେ ଥିବା ପିଚୁପ୍ଲାଣ୍ଟରେ ଶନିବାର ରାତି ପ୍ରାୟ ୧୦ଟାରେ ଅଗ୍ନିକାଣ୍ଡ ଘଟିଛି। ପିଚୁ ତିଆରି କରୁଥିବା ସମୟରେ ହଠାତ୍ ନିଆଁ ଲାଗିଥିଲା। ଖବର ପାଇ ସମ୍ବଲପୁର ମାନେଶ୍ୱର ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଘଟଣାରେ କେହି ମୃତାହତ ହୋଇ ନ ଥିବା ପୋଲିସ କହିଛି। ଏଥିରେ କ୍ଷୟକ୍ଷତି ପରିମାଣ ଆକଳନ କରାଯାଇ ନ ଥିବା ଅଗ୍ନିଶମ ବିଭାଗ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ ୬ମାସ ପୂର୍ବରୁ ଏହି ପ୍ଲାଣ୍ଟରେ ଅଗ୍ନିକାଣ୍ଡ ଘଟିଥିଲା। ଅଗ୍ନି ନିରାପତ୍ତା ଅବହେଳା ଯୋଗୁ ବାରମ୍ବାର ଏଭଳି ଘଟୁଛି ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

# ଶିବୁଙ୍କୁ ୨୦ ବର୍ଷ କାରାଦଣ୍ଡାଦେଶ

**ଯାଯାବର ନାବାଳିକାଙ୍କୁ ବଳାତ୍କାର ଓ ହତ୍ୟା ଉଦ୍ୟମ ମାମଲା**

**ଅନୁଗୋଳ ଅଫିସ, ୬।୧୧**

ଅନୁଗୋଳ ସହରର ଜଣେ ଯାଯାବର ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା ଉଦ୍ୟମ ମାମଲାର ବିଚାର କରି ଜିଲା ପୋକ୍ସୋ କୋର୍ଟ ଶନିବାର ଅଭିଯୁକ୍ତ ଶିବୁ ପଟ୍ଟନାୟକଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୨୦ ବର୍ଷ କାରାଦଣ୍ଡାଦେଶ ଶୁଣାଇଛନ୍ତି। ମୋଟ ୩୦ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ଜିଲା ଓ ଦୌରାଜଜ୍ ତଥା ପୋକ୍ସୋ କୋର୍ଟ ବିଚାରପତି ଅଗସ୍ତି କୁମାର ସାହୁ ଏହି ରାୟ ଦେଇଥିବା କୋର୍ଟ ସୂତ୍ରରୁ ସୂଚନା ମିଳିଛି।

ମାମଲାରୁ ପ୍ରକାଶ, ୨୦୧୯ ଜୁଲାଇ ୨୦ ତାରିଖ ବିଳମ୍ବିତ ରାତିରେ ବସ୍‌ଷ୍ଟାଣ୍ଡସ୍ଥିତ ଆହାର କେନ୍ଦ୍ର ପଛପାର୍ଶ୍ୱରେ ଏହି ସ୍ୱର୍ଶକାତର ଘଟଣା ଘଟିଥିଲା। ମହାରାଷ୍ଟ୍ର ରାଜ୍ୟ ନାଗପୁରର ସମ୍ପୃକ୍ତ ଯାଯାବର ପରିବାରର ନାବାଳିକା ମାଈଙ୍କ ନିକଟରେ ଶୋଇଥିବାବେଳେ ତାଙ୍କୁ ଉଠାଇ ନେଇ ବଳାତ୍କାର ପରେ ହତ୍ୟା ଉଦ୍ୟମ କରାଯାଇଥିଲା। ଖବରପାଇ ଘଟଣାସ୍ଥଳକୁ ତତ୍କାଳୀନ ଉତ୍ତର କେନ୍ଦ୍ରାଞ୍ଚଳ ଡିଆଇଜି ନରସିଂହ ଭୋଳ, ଅନୁଗୋଳ ଏସ୍‌ପି ମିତ୍ରଭାନୁ ମହାପାତ୍ର, ଏସ୍‌ଡିପିଓ ଅଶ୍ୱିନୀ ସାହୁ, ଅନୁଗୋଳ ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇ ପ୍ରମୁଖ ପହଞ୍ଚିଥିଲେ। ସଂଜ୍ଞାହୀନ ଅବସ୍ଥାରେ ଥିବା ନାବାଳିକାଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ପଠାଯାଇଥିଲା। ନାବାଳିକାଙ୍କ ମାଈଁ ଥାନାରେ ଅଭିଯୋଗ କରିବା ପରେ ଘଟଣାର ଗୁରୁତ୍ୱକୁ ଦେଖି ତତ୍କାଳୀନ ଏସ୍‌ପି ମହାପାତ୍ର ତଦନ୍ତର ମନିଟରିଂ କରିଥିଲେ। ଘଟଣାରେ ଅମଲାପଡ଼ାର ଶିବୁ ପଟ୍ଟନାୟକଙ୍କ ସମ୍ପୃକ୍ତି ଥିବା ଜଣାପଡ଼ିବା ପରେ ତାଙ୍କୁ ଗିରଫ କରାଯାଇଥିଲା। ଅଢ଼େଇ ବର୍ଷ ପରେ ଏହି ମାମଲାର ରାୟ ପ୍ରକାଶ ପାଇଛି। ସରକାରଙ୍କ ପକ୍ଷରୁ ସ୍ପେଶାଲ ପୋକ୍ସୋ ପବ୍ଲିକ୍ ପ୍ରସିକ୍ୟୁଟର ସରୋଜ କୁମାର ପଟ୍ଟନାୟକ ମାମଲା ପରିଚାଳନା କରିଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜିର କର୍ମକ୍ଷେତ୍ରରେ ଗରମ ମିଜାଜରେ କାମ କରିବାକୁ ପଡ଼ିବ। ସହକର୍ମୀଙ୍କ ସହ ଅର୍ଥ ସମ୍ପର୍କକୁ କେନ୍ଦ୍ର କରି ତର୍କର ସମ୍ମୁଖୀନ ହେବେ। ଆପୋସ ମିଳାମିଶାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ। ପୂର୍ବରାଗକୁ ସ୍ମରଣ କରି ଆତ୍ମୀୟସ୍ୱଜନ ଦୂରେଇ ଯାଇପାରନ୍ତି। ସନ୍ତାନହେତୁକ ଚିନ୍ତା ଟଳିବ।

**ବୃଷ**
ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ। ସନ୍ତାନଙ୍କ ଗୌରବରେ ଗୌରବାନ୍ୱିତ ହୋଇପାରନ୍ତି। ଅସମ୍ପୂର୍ଣ୍ଣ କାମକୁ ପୂର୍ଣ୍ଣାଙ୍ଗ କରିବାରେ ସାବଧାନତା ଅବଲମ୍ବନ କରିବା ଭଲ। ଯାତ୍ରା ସମୟରେ ଅସାବଧାନତାବଶତଃ ଦ୍ରବ୍ୟ ନଷ୍ଟ ହୋଇପାରେ। ଦୂରଯାତ୍ରା ପାଇଁ ସୁଯୋଗ ଆସିପାରେ।

**ମିଥୁନ**
ଗତକାଲିର ଅଟକି ରହିଥିବା କାମକୁ ଆଜି ପୂର୍ଣ୍ଣାଙ୍ଗ କରିପାରିବେ। ବିବାଦୀୟ ଘଟଣାକୁ ନେଇ ଅସୁବିଧା ନ ହେଲେ ମଧ୍ୟ ଆଶଙ୍କା କରି ମନ ଅସ୍ଥିର ରହିବ। ଅନିୟମିତ ଆହାର ଯୋଗୁ ସ୍ୱାସ୍ଥ୍ୟରେ ସମସ୍ୟା ଦେଖାଦେଇପାରେ। ଆନୁଷ୍ଠାନିକ କାମରେ ସହମତିରେ କାମ କଲେ ଅପେକ୍ଷାକୃତ ସଫଳତା ପାଇପାରନ୍ତି।

**କର୍କଟ**
କର୍ମକ୍ଷେତ୍ରରୁ ଅର୍ଥ ଓ ସମ୍ମାନ ଲାଭ କରି ଉତ୍‌ଫୁଲ୍ଲିତ ହେବା ସାଙ୍ଗକୁ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିପାରନ୍ତି। ଗୁରୁଜନଙ୍କ ପରାମର୍ଶରେ ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇବେ। ପୁଷ୍ୟା ନକ୍ଷତ୍ର କିନ୍ତୁ ସଙ୍ଗଦୋଷ ପାଇଁ ସମାଲୋଚିତ ହୋଇପାରନ୍ତି।

**ସିଂହ**
ଆଜି ଦିନଟିରେ ସଭାସମିତି, ଜମିଜମା ଏବଂ ପିଲାଙ୍କ କଥା ନେଇ ମାନସିକ ସ୍ଥିତି ବିପନ୍ନ ହୋଇପାରେ। ବନ୍ଧୁଙ୍କ ଅସଂଯତ କାର୍ଯ୍ୟକଳାପ ପାଇଁ ଉଚ୍ଚବର୍ଗଙ୍କଠାରୁ ସମାଲୋଚିତ ହେବେ। ଭାଷଣରୁ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ। କେତେକ କ୍ଷେତ୍ରରେ ସୁଯୋଗ ପାଇଲେ ମଧ ସଦ୍‌ବ୍ୟବହାର କରିବା କାଠିକର ପାଠ ହେବ।

**କନ୍ୟା**
ସମସ୍ତ ପ୍ରକାରର ସୁବିଧା ଥିଲେ ମଧ୍ୟ ସୁଯୋଗର ସଦ୍ ବ୍ୟବହାର କରିପାରିବେ ନାହିଁ। ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିପାରେ। ପୁରାତନ ଜିନିଷ ବିକ୍ରୟ କରି ଅର୍ଥ ପାଇବେ ଓ କାମଟି ବିଳମ୍ବରେ ହେବ। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ଅଭିଳଷିତ ଇଚ୍ଛା ପୂର୍ଣ୍ଣ ହେବ।

**ତୁଳା**
ସାଧାରଣ କଥାକୁ କେନ୍ଦ୍ର କରି ଗୃହରେ କଳହ ସୃଷ୍ଟି ହୋଇପାରେ। କର୍ମକ୍ଷେତ୍ରରେ ତର୍କବିତର୍କ କାରଣରୁ ସାୟାହ୍ନେ ମନ ଭଲ ରହିବ ନାହିଁ। ଆଜିର ଫେରନ୍ତା ରାସ୍ତାରେ ମିତ୍ରତାର ବନ୍ଧନରେ ଆବଦ୍ଧ ହେବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟରେ ମାନମନାନ୍ତର ଦେଖାଦେଇପାରେ।

**ବିଛା**
ଆଜି ଯେଉଁ କାମରେ ହାତ ଦିଅନ୍ତୁନା କାହିଁକି, ଆପଣଙ୍କ ସକାଶେ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ। ସମସ୍ୟା ଜଡ଼ିତ କ୍ଷେତ୍ରରେ ଉପସ୍ଥିତ ବୁଦ୍ଧି ଯୋଗୁ ବିପଦ ମୁକ୍ତ ହୋଇପାରନ୍ତି। ଉଚ୍ଚବର୍ଗଙ୍କ ସହାୟତା ପାଇ ଏକ ପ୍ରକାର ଆଶ୍ୱସ୍ତି ଲାଭ କରିବେ। ମିତ୍ର ବନ୍ଧୁମାନେ ଆବଶ୍ୟକୀୟ ସହଯୋଗ କରିବେ।

**ଧନୁ**
ବିଶେଷ କିଛି ଅସୁବିଧା ନ ଥିଲେ ମଧ୍ୟ ସ୍ୱାସ୍ଥ୍ୟ ସମସ୍ୟା ଦୁଶ୍ଚିନ୍ତାର କାରଣ ହୋଇପାରେ। ବନ୍ଧୁଙ୍କ ସଦ୍‌ଭାବ ଓ ସହକର୍ମୀଙ୍କ ସହଯୋଗ ପାଇ କାମ ହାସଲରେ ସମର୍ଥ ହେବେ। ମୂଳା ନକ୍ଷତ୍ରର ସମସ୍ୟା ଲାଗି ରହିବା କାରଣରୁ ସହଜରେ କାମ ହାସଲ କଷ୍ଟକର ହେବ। ଆର୍ଥିକ ସ୍ଥିତି ଭଲ ଥିଲେ ମଧ୍ୟ ଅବହେଳାରୁ ଅନ୍ୟ ବାଟରେ ବ୍ୟୟ ହେବ।

**ମକର**
ଗତକାଲିର ସ୍ଥଗିତ କାମକୁ ପୂରା ଦମ୍‌ରେ କରିବା ପାଇଁ ନିଷ୍ପତ୍ତି ନେବେ। ସଭା ସମିତି, ସଙ୍ଗଠନ ଓ ରାଜନୀତିରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ଶତ୍ରୁ ଉପଦ୍ରବ ସମ୍ପୂର୍ଣ୍ଣ ଭାବେ କମିଯିବାର ଅନୁଭବ କରିବେ। ସ୍ନାୟବିକ ଦୁର୍ବଳତା ଦେଖାଦେଇପାରେ। ଫଳରେ କେତେକ କାମ ଅଧୁରା ରହିଯିବ।

**କୁମ୍ଭ**
ବିଭିନ୍ନ ପ୍ରକାରର ପାରିବାରିକ ବିଷୟକୁ ନେଇ ମନ ଭାରାକ୍ରାନ୍ତ ରହିବ। ଶିକ୍ଷାକ୍ଷେତ୍ର, ସରକାରୀ କାମ ଓ ପଦସ୍ଥ ବ୍ୟକ୍ତିବିଶେଷଙ୍କ କ୍ଷେତ୍ରରୁ ଉପକୃତ ହେବ। ନୂତନ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ଅଭାବ ପୂରଣ ଦିଗରେ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ମାଲିମକଦ୍ଦମା ବିଷୟ ସମାଧାନ ଆଶା।

**ମୀନ**
ବନ୍ଧୁମାନଙ୍କ ସାହାଯ୍ୟ ହେତୁ ଯୋଜନା ମୁତାବକ କାର୍ଯ୍ୟରେ ସଫଳତା ପାଇବେ। କିନ୍ତୁ ପୂର୍ବ ଭାଦ୍ରବ ନକ୍ଷତ୍ର ସକାଶେ ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନେ ଦୋଷ ଖୋଜି ବୁଲିବେ। ଜମିଜମା କ୍ରୟ ବିକ୍ରୟ କ୍ଷେତ୍ରରେ ମୋଟା ଅଙ୍କର ଅର୍ଥର ଆବଶ୍ୟକତା ପଡ଼ିପାରେ। ହଠାତ୍ କାହାର ସମାଲୋଚନାତ୍ମକ କଥା ଶୁଣି ବ୍ୟସ୍ତ ହୁଅନ୍ତୁ ନାହିଁ।

## ପ୍ରଥମ ପୃଷ୍ଠାରୁ...

### ଭାଗବଣ୍ଟା ଛିଣ୍ଡୁନି,...

ଏହାବାଦ ୧୧୨-୧୮୦ କି.ମି. ମଧ୍ୟରେ ୫୯୪.୬୧୮ ହେକ୍ଟର ଜଙ୍ଗଲ ଜମି କିସମ ପରିବର୍ତ୍ତନ ପାଇଁ ଷ୍ଟେଜ-୧ ଏବଂ ୧୮୦-୨୮୯ କି.ମି. ମଧ୍ୟରେ ଥିବା ୮୨.୯୯ ହେକ୍ଟର ଜଙ୍ଗଲ ଜମି କିସମ ପରିବର୍ତ୍ତନ ପାଇଁ ଷ୍ଟେଜ-୨ କ୍ଲିୟରାନ୍ସ ଅଟକି ରହିଛି। ସୁବର୍ଣ୍ଣପୁର ଜିଲାର ୯.୮୮୧ ହେକ୍ଟର ଓ ବଲାଙ୍ଗୀର ଜିଲାର ୧.୩୩୫ ହେକ୍ଟର ବେସରକାରୀ ଜମି ଏଯାଏ ସିଧାସଳଖ କ୍ରୟ କରାଯାଇ ପାରିନାହିଁ। ଏହିସବୁ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ରେଳ ମନ୍ତ୍ରଣାଳୟ ପକ୍ଷରୁ ପରାମର୍ଶ ଦିଆଯାଇଛି। ଏଥିରୁ ଖୋର୍ଦ୍ଧା ରୋଡ-ବଲାଙ୍ଗୀର ରେଳପ୍ରକଳ୍ପ କାର୍ଯ୍ୟକାରୀ ହେବାରେ ବିଭାଗୀୟ ଅଧିକାରୀଙ୍କ ଅବହେଳା ପ୍ରମୁଖ କାରଣ ବୋଲି ସ୍ପଷ୍ଟ ମନେ ହେଉଛି। କେବଳ ବୈଠକଗୁଡିକରେ ପରବର୍ତ୍ତୀ ପଦକ୍ଷେପ ସୀମିତ ରହୁଥିବାରୁ ଏହି ପ୍ରକଳ୍ପର ଅଗ୍ରଗତି ୫୦%କୁ ବି ଛୁଇଁପାରିନାହିଁ। ଜୟପୁର-ମାଲକାନଗିରି ୧୨୬ କି.ମି. ନୂଆ ରେଳପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ଶୂନ ରହିଛି। ଏଯାଏ ମାତ୍ର ୦.୨୬% ଅନୁଦାନ ଖର୍ଚ୍ଚ ହୋଇଛି। ଏହି ପ୍ରକଳ୍ପ ନିର୍ମାଣ କରିବାକୁ ୨୩୪୩.୬୪ କୋଟି ଟଙ୍କା ଅଟକଳ ହୋଇଛି। ଏଥିରେ ଓଡ଼ିଶା ଜମି ବାବଦକୁ ଖର୍ଚ୍ଚ ୨୫ ପ୍ରତିଶତ ଏବଂ ନିର୍ମାଣ ଖର୍ଚ୍ଚ ବାବଦକୁ ୫୮୫.୯୧ କୋଟି ଟଙ୍କା ଦେବାକୁ ଧାର୍ଯ୍ୟ ହୋଇଛି। ବାକି ୭୫% ଜମି ବାବଦ ଖର୍ଚ୍ଚ ଏବଂ ନିର୍ମାଣ ଖର୍ଚ୍ଚ ୧୭୫୭.୭୩ କୋଟି ଟଙ୍କା ରେଳ ମନ୍ତ୍ରଣାଳୟ ପକ୍ଷରୁ ବହନ ହେବ ବୋଲି ଚୁକ୍ତି ହୋଇଛି। ହେଲେ ଏଯାଏ ଓଡ଼ିଶା ସରକାରଙ୍କ ପକ୍ଷରୁ ଆଦୌ ଜମି ହସ୍ତାନ୍ତର ହୋଇନାହିଁ। ରାଜ୍ୟ ସରକାରଙ୍କୁ ୧୬୭୬ ଏକର ରାଜସ୍ୱ ଜମି ଓ ୧୧୫୯ ଏକର ଜଙ୍ଗଲ ଜମି କିସମ ପରିବର୍ତ୍ତନ କରିବା ପାଇଁ ତ୍ୱରିତ ପଦକ୍ଷେପ ନେବାକୁ ପରାମର୍ଶ ଦିଆଯାଇଛି। ଜୟପୁର-ନବରଙ୍ଗପୁର ୪୧.୯ କି.ମି. ନୂଆ ରେଳ ପ୍ରକଳ୍ପର ଅଗ୍ରଗତି ମଧ୍ୟ ଅନୁରୂପ ପରିସ୍ଥିତିରେ ଅଟକିଛି। ଏହି ପ୍ରକଳ୍ପ ପାଇଁ ୭୪୭.୯୧ କୋଟି ଟଙ୍କା ବ୍ୟୟ ଅଟକଳ ହୋଇଛି। ଏହି ପ୍ରକଳ୍ପରେ ସମୁଦାୟ ଜମି ଏବଂ ନିର୍ମାଣ ଖର୍ଚ୍ଚ ବାବଦକୁ ୪୨୫.୫୮ କୋଟି ଟଙ୍କା ଓଡ଼ିଶା ସରକାର ବହନ କରିବେ। ରେଳ ମନ୍ତ୍ରଣାଳୟ ପ୍ରକଳ୍ପର ନିର୍ମାଣ ଖର୍ଚ୍ଚ ବାବଦକୁ ୩୨୨.୩୫ କୋଟି ଟଙ୍କା ବହନ କରିବ ବୋଲି ନିଷ୍ପତ୍ତି ହୋଇଛି। ହେଲେ ଏଯାଏ ଓଡ଼ିଶା ସରକାର ଆଦୌ ଜମି ହସ୍ତାନ୍ତର କରି ପାରିନାହାନ୍ତି। ୮୬୦ ଏକର ରାଜସ୍ୱ ଜମି ଅଧିଗ୍ରହଣ ଏବଂ ୯,୬୯୯ ଏକର ଜଙ୍ଗଲ ଜମି କିସମ ପରିବର୍ତ୍ତନ ପାଇଁ ତତ୍ପରତା ପ୍ରକାଶ କରିବାକୁ ରିପୋର୍ଟରେ ଦର୍ଶାଯାଇଛି।

### କମିଲା ବସ୍ ...

୯୧ ପଇସାକୁ ହ୍ରାସ ପାଇଛି। ସେହିପରି ଡିଲକ୍ସ ବସ୍ କିଲୋମିଟର ପିଛା ୧ ଟଙ୍କା ୩୫ ପଇସାରୁ ୧ ଟଙ୍କା ୨୫ ପଇସାକୁ ହ୍ରାସ ପାଇଥିବା ବେଳେ ଏସି ଡିଲକ୍ସ ବସ୍ କିଲୋମିଟର ପିଛା ୧ ଟଙ୍କା ୬୩ ପଇସାରୁ ୧ ଟଙ୍କା ୫୩ ପଇସାକୁ ହ୍ରାସ ପାଇଛି। ସେହିପରି ସୁପର ପ୍ରିମିୟମ୍ ବସ୍ କିଲୋମିଟର ପିଛା ୨ ଟଙ୍କା ୫୩ ପଇସାରୁ ୨ଟଙ୍କା ୩୮ ପଇସାକୁ ହ୍ରାସ ପାଇଛି। ବସ୍ ଭଡ଼ା କମିଥିବାରୁ ଯାତ୍ରୀମାନେ ସାମାନ୍ୟ ଆଶ୍ୱସ୍ତି ଲାଭ କରିଛନ୍ତି।

### ମଦମୁକ୍ତ ହେଉ ପଞ୍ଚାୟତ ...

ସଂଶୋଧନ ସହିତ ଚିଠା ଭୋଟର ତାଲିକା ୪-୫ ଦିନ ପାଇଁ ପ୍ରକାଶିତ ହେବ। କୌଣସି ବ୍ୟକ୍ତି ଇଲେକ୍ଟୋରାଲ ରେଜିଷ୍ଟ୍ରେଶନ ଅଫିସରଙ୍କ ନିଷ୍ପତ୍ତି ବିରୋଧରେ ଅସନ୍ତୁଷ୍ଟ ହେଲେ ବ୍ଲକ୍ ଉନ୍ନୟନ ଅଧିକାରୀଙ୍କୁ ଦରଖାସ୍ତ କରିପାରିବେ। ବ୍ଲକ ଉନ୍ନୟନ ଅଧିକାରୀ ପୁନଃତଦନ୍ତ କରି ଫଇସଲା କରିବେ ଏବଂ ଆବଶ୍ୟକ ସ୍ଥଳେ ଭୋଟର ତାଲିକାରେ ସଂଶୋଧନ କରିବେ। ସମସ୍ତ ସଂଶୋଧନ ପରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ। ଭୋଟଗ୍ରହଣ ସମୟ ସକାଳ ୭ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ରହିଛି। ଚଳିତ ସାଧାରଣ ନିର୍ବାଚନରେ ଭୋଟ ଗଣତି ଭୋଟଗ୍ରହଣ କେନ୍ଦ୍ରରେ ନ ହୋଇ ବ୍ଲକ୍ ମୁଖ୍ୟାଳୟରେ ହେଉଥିବାରୁ ଭୋଟ ଗ୍ରହଣ ଅବଧି ବୃଦ୍ଧି କରିବା ନେଇ କମିଶନର ରାଜନୈତିକ ଦଳଗୁଡ଼ିକଠାରୁ ମତାମତ ଲୋଡ଼ିଛନ୍ତି। ୨୦୧୭ ପଞ୍ଚାୟତ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀମାନଙ୍କ ନିର୍ବାଚନ ଖର୍ଚ୍ଚ ଓ ପ୍ରଚାର କାର୍ଯ୍ୟରେ ବ୍ୟବହାର ହେଉଥିବା ଯାନ ସଂଖ୍ୟା ବଳବତ୍ତର ରହିଛି। ଜିଲା ପରିଷଦ ସଭ୍ୟଙ୍କ ନିର୍ବାଚନୀ ଖର୍ଚ୍ଚ ସୀମା ୨ ଲକ୍ଷ ଟଙ୍କା ହୋଇଥିବା ବେଳେ ୨ ଗୋଟି ଚାରିଚକିଆ ଏବଂ ୪ଟି ଦୁଇଚକିଆ ଯାନ ବ୍ୟବହାର କରିପାରିବେ। ସେହିପରି ପଞ୍ଚାୟତ ସମିତି ସଭ୍ୟ ଏବଂ ସରପଞ୍ଚମାନଙ୍କ ନିମନ୍ତେ ନିର୍ବାଚନୀ ଖର୍ଚ୍ଚ ସୀମା ୮୦ ହଜାର ଟଙ୍କା ରହିଥିବାବେଳେ ଗୋଟିଏ ଚାରିଚକିଆ ଏବଂ ୨ଟି ଦୁଇଚକିଆ ଯାନ ବ୍ୟବହାର କରିପାରିବେ। ନିର୍ବାଚନ ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ କରିବା ଲକ୍ଷ୍ୟରେ ଚଳିତ ସାଧାରଣ ନିର୍ବାଚନରେ ଭୋଟର ତାଲିକାରେ ନୂଆ ଭାବେ ଭୋଟ ପରିଚୟ ପତ୍ର ନମ୍ବର ରହିବ। ନିର୍ବାଚନରେ ଶାନ୍ତିଶୃଙ୍ଖଳା ରକ୍ଷା ଏବଂ କଳା ଟଙ୍କାର ଅପବ୍ୟବହାର ରୋକିବା ପାଇଁ ନିର୍ବାଚନର କିଛିଦିନ ପୂର୍ବରୁ ମଦକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିବା ପାଇଁ ବିଭିନ୍ନ ରାଜନୈତିକ ଦଳମାନେ କମିଶନରଙ୍କ ନିକଟରେ ପ୍ରସ୍ତାବ ରଖିଛନ୍ତି। ରାଜନୈତିକ ଦଳମାନଙ୍କ ପକ୍ଷରୁ ସମସ୍ତ ପ୍ରସ୍ତାବକୁ ରାଜ୍ୟ ନିର୍ବାଚନ କମିଶନର ଶୁଣିବା ସହ ପରବର୍ତ୍ତୀ ସମୟରେ ବିଚାର କରି ନିଷ୍ପତ୍ତି ଗ୍ରହଣ କରିବେ ବୋଲି କହିଛନ୍ତି। ଏହି ବୈଠକରେ ୧୮ଟି ରାଜନୈତିକ ଦଳର ୨୭ ଜଣ ପ୍ରତିନିଧିଙ୍କ ସମେତ ରାଜ୍ୟ ନିର୍ବାଚନ କମିଶନଙ୍କ ସଚିବ ରବୀନ୍ଦ୍ର ନାଥ ସାହୁ, ସ୍ୱତନ୍ତ୍ର ସଚିବ ରଘୁରାମ ଆର୍. ଆୟାର, ଉପସଚିବ ଆଜାଦ ହିନ୍ଦ୍ ପାଣିଗ୍ରାହୀ ଏବଂ ଆଇନ ଅଧିକାରୀ ମାଧୁରୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ଚୁକ୍ତିଭିତ୍ତିକ କର୍ମଚାରୀଙ୍କ...

ଟଙ୍କା ମିଳିବ। ସେହିପରି ୯ ହଜାର ପାଉଥିବା କର୍ମଚାରୀଙ୍କୁ ୧୧,୨୦୦ ଟଙ୍କା, ୯,୨୫୦ ଟଙ୍କା ଦରମା ପାଉଥିବା ଚୁକ୍ତିଭିତ୍ତିକ କର୍ମଚାରୀଙ୍କୁ ୧୧,୫୦୦ ଟଙ୍କା, ୯,୫୦୦ ଟଙ୍କା ପାଉଥିବା କର୍ମଚାରୀଙ୍କୁ ୧୧,୯୦୦ ଟଙ୍କା, ୧୦ ହଜାର ପାଉଥିବା କର୍ମଚାରୀଙ୍କୁ ୧୨,୫୦୦ ଏବଂ ୧୬,୮୮୦ ଟଙ୍କା ପାଉଥିବା କର୍ମଚାରୀଙ୍କୁ ଏବେ ୨୧,୧୦୦ ଟଙ୍କା ମିଳିବ। ସରକାରଙ୍କ ଏଭଳି ଘୋଷଣା ପରେ ଚୁକ୍ତିଭିତ୍ତିକ କର୍ମଚାରୀଙ୍କ ମହଲରେ ଖୁସିର ଲହର ଖେଳାଯାଇଛି। ସମ୍ପ୍ରତି ପ୍ରତ୍ୟେକ ଜିନିଷର ଅହେତୁକ ଦରଦାମ ବୃଦ୍ଧି ପାଉଥିବାରୁ ଚୁକ୍ତିଭିତ୍ତିକ କର୍ମଚାରୀଙ୍କ ଦରମା ବୃଦ୍ଧି ପାଇଁ ଦାବି ହୋଇ ଆସୁଥିଲା। ଅର୍ଥ ବିଭାଗ ପକ୍ଷରୁ ଶନିବାର ଜାରି ବିଜ୍ଞପ୍ତି ଅନୁସାରେ ପୂର୍ବରୁ ଠିକା କର୍ମଚାରୀଭାବେ ନିଯୁକ୍ତ, ଏପରି କି ଗତ ୧ତାରିଖ ପରଠାରୁ ସମସ୍ତ ଠିକାକର୍ମଚାରୀଙ୍କ ନିଯୁକ୍ତି କ୍ଷେତ୍ରରେ ଏହି ବର୍ଦ୍ଧିତ ଦରମା ଲାଗୁ ହେବ। ଏପରି କି ଯେଉଁମାନେ ଉପରୋକ୍ତ ଦରମା ସ୍ଲାବ୍‌ରେ ନିଯୁକ୍ତ ନ ହୋଇ ଭିନ୍ନ ପାରିଶ୍ରମିକ ପାଉଛନ୍ତି, ସେମାନଙ୍କ କ୍ଷେତ୍ରରେ ଏହି ବର୍ଦ୍ଧିତ ଦରମା ଲାଗୁ ହେବ ନାହିଁ ବୋଲି ଅର୍ଥ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଏଥିସହିତ ସେବା ପ୍ରଦାନକାରୀଙ୍କ ମାଧ୍ୟମରେ ଆଉଟସୋର୍ସିଂ ହୋଇଥିବା କର୍ମଚାରୀଙ୍କ ପାଇଁ ଇପିଏଫ୍ ଏବଂ ଇଏସ୍‌ଆଇ ପ୍ରତି ନିଯୁକ୍ତିଦାତାଙ୍କ ଅବଦାନ ଅଧିକରୁ ଅଧିକ ଫେରସ୍ତ କରାଯିବ। ଏହି ବର୍ଦ୍ଧିତ ଦରମା ପାଇଁ ରାଜ୍ୟ ସରକାରଙ୍କୁ ବାର୍ଷିକ ଶହେ କୋଟି ଟଙ୍କା ଅତିରିକ୍ତ ଭାର ବହନ କରିବାକୁ ପଡ଼ିବ।


# classifieds Everyday
0674-2580101, 2549302




**BRIDE WANTED**

Required bride for Halua Brahmin boy 35yrs. B.Tech, Govt. Job, own house. Only son. 9337774265. D-70251

**GROOM WANTED**

Government Hospital ରେ ଚାକିରି କରୁଥିବା 41 ବୟସ୍କା divorce ନିଃସନ୍ତାନ ଖଣ୍ଡାୟତ ଝିଅଙ୍କୁ ବିବାହିତ/ଅବିବାହିତ ବରପାତ୍ର ଦରକାର। 7681060805. D-22174




**SALE**

Apartment for sale, immediate possession, 2BHK + study, excellent location, near Capital Hospital, Bhubaneswar. Call 9078981785. D-61932

**Bhubaneswar Puri Bypass NHକୁ ଲାଗି ମେହେରପଲ୍ଲୀ ମୌଜାରେ ସଙ୍ଗେ ସଙ୍ଗେ ଘରକଲାଭଳି Commercial / Residential Plot ମିଳୁଛି । 9337028135.** D-71733

2500sqft. private land at Star City Patia for sale. Contact: 7978627900. Broker excuse. D-71509

**Plot for Sale, 2000sqft (15nos) per sqft-2000/- Gharabari Plot Main Road side infront of Tata ariana, Vipul Garden Backside Ghatikia Mouza- Sankarpur, BBSR. Water & Electricity available 30'Road NH-5 to 1km. Contact: - 7381564227, 8114744495.** D-22136

Two BHK Apartment flat near Garage Chhak, Bhubaneswar. Contact: 7873492433. D-70250

**ଭୁବନେଶ୍ୱର Sum Hospitalରୁ 4km distance gharabari plot ମିଳୁଛି। Owner: 9090963952.** D-71730

Gharabari Yellowzone BDA Plot Sale at Ravitalkies, Bhubaneswar. 6371040313, 8658264988. D-22115

**Duplex for sale At-Pokhariput, land area: 2400sqft., construction area: 3600sqft. Contact: 7653927969.** D-22078

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପଦୂରତାରେ 1200sqft., 2,80,000/-, ନଖରା ତ୍ରିନାଥ ବଜାର sqft.-150/- (outright). 9439660381. D-22104

**ଭୁବନେଶ୍ୱର ଗଙ୍ଗପଡ଼ା tollgateରୁ 900mtr ଦୂରତାରେ ଘର ଉପଯୋଗୀ ପ୍ଲଟ୍ ମିଳୁଛି। 8908122121.** D-71729

6BHK duplex finishing Hanspal (Bank finance available), plot Atala- 8018001810. D-70965

**Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact 9937059891.** D-22126

Office furniture in new condition for sale. Contact: 8260052422, 9337358992. D-22183

**1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact 9937059891.** D-22041

Apartment for sale, immediate possession, 2BHK, excellent location, VIP Road main road, Puri. Call 9078981785. D-61933

**୫୫ନଂ. ଜାତୀୟ ରାଜପଥଠାରୁ ୪୨୦ ମିଟର ଦୂରରେ ବିରିବାଟି କଟକ ସଦର ବ୍ଲକ୍‌ରେ ଘର କରିବା ପାଇଁ ଉପଯୋଗୀ ଜମି ଉପଲବ୍ଧ ଅଛି। ଯୋଗାଯୋଗ- 9861033990.** D-22171

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**PURCHASE**

**Land Required in Bhubaneswar & Puri for Outright/ Share basis for Apartment/ Duplex and Plotting Scheme. Interested Land Owner please contact: 9438109040/ 8144658008.** D-22145




Two Storied Building about 5000sft nearing completion near Fire Station Square, behind PGL Honda Showroom, Bhubaneswar for Corporates/ Bank/ Storage. 9437015201. D-70756

Suitable for Office Cum Godown. Ground Floor at Prime Location, Unit-9, Bhubaneswar. 9437057789. D-69998

Single rooms attached Toilet near Sisupalgada College, Bhubaneswar. 9437764734, 9556856822. D-70754

Semifurnished Airconditioned 2BHK Marble / Car Parking / 8500/- Oldtown, Bhubaneswar :9437388990. D-70755




Ashirvaad Saloon and SPA get good massage for your health tha best therapy. 7077181074. D-71808

Newly open SPA positively health benefits by expert therapist. 7846814019. D-71433

Refresh with relaxing massage by experienced Male/Female therapist. 7008773793. D-71428

Newly open full body massage ladies and gents. 8327740003. D-71813

DIWALI OFFER Saikrupa Spa @899/- health benefits with Expert. 8984068077. D-22060

Newly open SPA Center, Diwali Offer 599/-, smart therapist. 8455987557. D-71431

Lotus SPA get refreshment, full body massage by smart/ expert therapist. Contact: 8018891951. D-71193

Newly open SPA positively health benefit with expert. Contact: 7749976301. D-71194

Refreshing your mind and body with the best therapy. 7873794731. D-71197




Khurdha, Bhubaneswarରେ electric wiring & repairing କରିବାକୁ ଚାହୁଁଛନ୍ତି କି, ଯୋଗାଯୋଗ Mahapatra Electric. 9437555851, 8917561502. D-71812

**LOST**

I Brundaban Sahu, S/o- Brajalal Sahu, At.- Sadakpada, PO/ PS- Paikamal, District- Bargarh, Pin-768039 (Odisha), Mob- 9938272763 have lost the landed property documents vide Khata No- 140/693, Mouza- Paikamal, PS/Tahasil- Paikamal. Total Acres-0.10 Dec. D-22178

**AFFIDAVIT**

ମୁଁ ଶ୍ରୀ ଗାଣ୍ଡୁ ପ୍ରଧାନ, ବୟସ-୨୬, ପିତା- ଦାଶରଥି ପ୍ରଧାନ, ସ୍ଥାନ- ବ୍ରହ୍ମାଳଙ୍ଗ, ବନ୍ତଳସିଂହ, ପିପିଲି, ପୁରୀ ଭୁବନେଶ୍ୱର ମାଜିଷ୍ଟ୍ରେଟଙ୍କ କୋର୍ଟରେ ସତ୍ୟପାଠ କରି ମୋର ନାମକୁ ସନ୍ତୋଷ କୁମାର ପ୍ରଧାନ ନାମରେ ଘୋଷିତ କରୁଅଛି। ଆଜିଠାରୁ ଆଇନତଃ ମୁଁ ସନ୍ତୋଷ କୁମାର ପ୍ରଧାନ ନାମରେ ପରିଚିତ ହେବି। ୪-୨୨୧୮୪

# କୁକୁଡ଼ା ଫାର୍ମ ୟୁନିଟ୍ ସ୍ଥାପନକୁ ଗୁରୁତ୍ୱ

ଭୁବନେଶ୍ୱର,୬।୧୧(ବ୍ୟୁରୋ)

ରାଜ୍ୟରେ ସୂର୍ଯ୍ୟମୁଖୀ ଓ ସୋରିଷ ଭଳି ତୈଳବୀଜ ସହିତ ଡାଲିଜାତୀୟ ଶସ୍ୟ ଉତ୍ପାଦନ ବୃଦ୍ଧି କରାଯିବ। ଏଥିପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟକୁ ଦାୟିତ୍ୱ ଦିଆଯାଇଛି। ଅକ୍ଟୋବର ୮ରେ ଲୋକସେବା ଭବନରେ ଆୟୋଜିତ ଏଗ୍ରୀ-କନ୍‌କ୍ଲେଭ୍‌ରୁ ମିଳିଥିବା ମତାମତ ଓ ସୁପାରିସ ଉପରେ ତର୍ଜମା ନିମନ୍ତେ ଶନିବାର ଅନୁଷ୍ଠିତ ବୈଠକରେ ଅଧ୍ୟକ୍ଷତା କରି ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତା ତଥା ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ଅସିତ ତ୍ରିପାଠୀ ଏହି ସୂଚନା ଦେଇଛନ୍ତି।

ଏହି ବୈଠକରେ ଅଂଶଗ୍ରହଣ କରିଥିବା ବିଭାଗ କନ୍‌କ୍ଲେଭ୍‌ରୁ ପାଇଥିବା ଅଭିଜ୍ଞତା, ଦେଶର ଅନ୍ୟାନ୍ୟ ସ୍ଥାନରୁ ଆସିଥିବା ବଡ଼ କମ୍ପାନୀଗୁଡ଼ିକ ରଖିଥିବା ମତାମତ ଏବଂ ସେ ଦିଗରେ ଆଗେଇବା ନିମନ୍ତେ ସମ୍ପୃକ୍ତ ବିଭାଗ ଦ୍ୱାରା ସ୍ଥିର କରାଯାଇଥିବା ପଦକ୍ଷେପଗୁଡ଼ିକୁ ଉପସ୍ଥାପନ କରିବାକୁ କୁହାଯାଇଥିଲା। ରାଜ୍ୟରେ କ୍ଲଷ୍ଟର ଆପ୍ରୋଚ୍ ମାଧ୍ୟମରେ ସୂର୍ଯ୍ୟମୁଖୀ ଏବଂ ସୋରିଷ ଉତ୍ପାଦନ ବୃଦ୍ଧି ଉପରେ ଗୁରୁତ୍ୱ ପ୍ରଦାନ କରାଯିବ। ଏଥିପାଇଁ ଓୟୁଏଟି ନିର୍ଦ୍ଦିଷ୍ଟ ଭାବେ କେତେକ କାର୍ଯ୍ୟକ୍ରମ ଗ୍ରହଣ କରିବ। ଜୈବିକ ଚାଷ ନିମନ୍ତେ ଚାଷୀମାନଙ୍କୁ ସଚେତନ କରାଯିବ। ଏଥିସହିତ ପରାମର୍ଶ ପ୍ରଦାନ ନିମନ୍ତେ ପ୍ରକଳ୍ପ ପରିଚାଳନା ୟୁନିଟ୍ କରିବାକୁ ଆପିକଲ୍‌କୁ କୁହାଯାଇଛି। ଉଦ୍ୟାନ କୃଷି ବିଭାଗ ଆମ୍ବ, ଲେମ୍ବୁ, ଲଙ୍କା ଓ ହଳଦୀ ପ୍ରଭୃତିର ଚାହିଦା ରହିଥିବା କନ୍‌କ୍ଲେଭର ମତାମତରୁ ଜଣାପଡ଼ିଥିବା ଦର୍ଶାଇ ଏହାର ବିକ୍ରୟ ସ୍ଥଳ, କ୍ରେତାଙ୍କ ନାମ ସହିତ କେତେ ପରିମାଣ ଓ କେଉଁ ପ୍ରକାରର ଶୀତଳଭଣ୍ଡାର ଆବଶ୍ୟକ ତାହା ଉପରେ କାର୍ଯ୍ୟ କରିବାକୁ କୁହାଯାଇଛି। ଓଡ଼ିଶାରେ ବର୍ତ୍ତମାନ ୬୮ଟି ହ୍ୟାଚେରୀ ରହିଥିବାବେଳେ ସରକାରଙ୍କ ଅଧୀନରେ ୪୮ଟି ରହିଛି। ଏଥିରୁ ୧ ଲକ୍ଷ ଚିଆଁ ଉତ୍ପାଦନ କରାଯାଉଛି। ତେଣୁ ଆବଶ୍ୟକ ପଡୁଥିବା ଚାହିଦାକୁ ପଡ଼ୋଶୀ ଆନ୍ଧ୍ରପ୍ରଦେଶରୁ ଅଣାଯାଇ ପୂରଣ କରାଯାଉଛି। ରାଜ୍ୟରେ ମଧ୍ୟ କୁକୁଡ଼ା ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟ୍ ସ୍ଥାପନର ଆବଶ୍ୟକତା ରହିଛି। ରାଜ୍ୟ ପାଇଁ ବର୍ଷକୁ ୮.୫ ଲକ୍ଷ ମେଟ୍ରିକ୍ ଟନ୍ ମକା ଏବଂ ୨.୭ ଲକ୍ଷ ମେଟ୍ରିକ୍ ଟନ ସୋୟାର ଆବଶ୍ୟକତା ରହିଛି। ଏସବୁକୁ କୃଷି ବିଭାଗ ଯୋଗାଇବା ସୁନିଶ୍ଚିତ କରିବାର ଆବଶ୍ୟକତା ରହିଛି। କୁକୁଡ଼ା ଖାଦ୍ୟର ମାନ ନିର୍ଦ୍ଧାରଣ ଓ ପରୀକ୍ଷା ନିମନ୍ତେ ପ୍ରମାଣନ ପ୍ରୟୋଗଶାଳା ପ୍ରତିଷ୍ଠା କରିବାକୁ ହେବ।

ସମ୍ବଲପୁରଠାରେ କୁକୁଡ଼ା, ମାଛ ଓ ମାଂସ ପ୍ରକ୍ରିୟାକରଣ ନିମନ୍ତେ ପ୍ଲାଣ୍ଟ ସ୍ଥାପନ କରାଯିବ। ସେହିପରି ହୀରାକୁଦର ଜଳଭଣ୍ଡାରରେ କେଜ୍ କଲଚର ମାଛ ଚାଷକୁ ପ୍ରୋତ୍ସାହିତ କରି ମାଛ ଉତ୍ପାଦନ ବୃଦ୍ଧି କରିବାକୁ ପଡ଼ିବ। ଏସବୁ ଶିଳ୍ପ ପ୍ରତିଷ୍ଠାନର ବିକାଶ ଦିଗରେ ବିଜୁ ଏକ୍ସପ୍ରେସ୍ ୱେ ଏବଂ ୫୫ ନଂ. ଜାତୀୟ ରାଜପଥ ସହାୟକ ହେବ। ଓଡ଼ିଶା ରାଜ୍ୟ କୃଷି ବିପଣନ ବୋର୍ଡ ଦ୍ୱାରା କୃଷି ବିଭାଗ ଓ ନିୟନ୍ତ୍ରିତ ବଜାର କମିଟିକୁ ନେଇ ବୈଠକ ଆୟୋଜନ କରିବାକୁ କୁହାଯାଇଛି। ବୈଠକରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ସଚିବ ବୀରବିକ୍ରମ ଯାଦବ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗର କମିଶନର ତଥା ଶାସନ ସଚିବ ଜି. ରଘୁ ପ୍ରସାଦ, କୃଷି ଓ କୃଷକ ସଶକ୍ତୀକରଣ ବିଭାଗର କମିଶନର ତଥା ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, ଓସ୍‌ମା ବୋର୍ଡର ସଦସ୍ୟ ସଚିବ ବିଶ୍ୱରଞ୍ଜନ ସାସମଲ, କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଏମ୍. ମୁଥୁକୁମାର, ଓଏଲ୍‌ଏମ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ମାନସୀ ନିମ୍ଭାଲ, ଉଦ୍ୟାନ କୃଷି ନିର୍ଦ୍ଦେଶକ ରୋହିତ ଲେଙ୍କା, ପଶୁପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶକ ଡ.ୟେଦ୍ଦୁଲା ବିଜୟ, କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ସ୍ୱତନ୍ତ୍ର ସଚିବ ମନ୍ମଥ କୁମାର ପାଣି, ଆପିକଲ୍‌ର ପରିଚାଳନା ନିର୍ଦ୍ଦେଶକ ପ୍ରଭାତ କୁମାର ରାଉଳ ପ୍ରମୁଖ ଉପସ୍ଥିତ ଥିଲେ।


ଲୋକସେବା ଭବନରେ ଆୟୋଜିତ ବୈଠକରେ। ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ଅସିତ ତ୍ରିପାଠୀ ଓ ଅନ୍ୟମାନେ।

## ପ୍ରଶିକ୍ଷଣ ପାଇଁ ୧୧୪ ବିଜ୍ଞାନ, ଗଣିତ ଶିକ୍ଷକଙ୍କ ବେଙ୍ଗାଲୁରୁ ଗସ୍ତ

ଭୁବନେଶ୍ୱର, ୬।୧୧(ବ୍ୟୁରୋ)

ବିଜ୍ଞାନ ଓ କାରିଗରି ବିଭାଗ ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ମିଳିତ ସହଯୋଗରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅଧୀନରେ ରାଜ୍ୟର ୩୦ ଜିଲାରୁ ମୋଟ ୧୧୪ଜଣ ବିଜ୍ଞାନ ଓ ଗଣିତ ଶିକ୍ଷକ ବେଙ୍ଗାଲୁରୁ ଯାତ୍ରା କରିଛନ୍ତି। ଏହି ଶିକ୍ଷକମାନେ ବେଙ୍ଗାଲୁରୁସ୍ଥିତ ଭାରତୀୟ ବିଜ୍ଞାନ ସଂସ୍ଥାନ ଅଧୀନ ଚିତ୍ରଦୁର୍ଗସ୍ଥିତ ପ୍ରତିଭା ବିକାଶ କେନ୍ଦ୍ରରେ ପ୍ରଶିକ୍ଷଣ ନେବେ। ୧୦ ଦିନିଆ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆସନ୍ତା ୮ ତାରିଖରୁ ଆରମ୍ଭ ହେବ। ଏହି ଅବସରରେ ବିଜ୍ଞାନ ଓ କାରିଗରି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ରାଜ୍ୟର ବିଭିନ୍ନ ଅଞ୍ଚଳରୁ ମନୋନୀତ ଶିକ୍ଷକଙ୍କୁ ଶୁଭକାମନା ଜଣାଇଛନ୍ତି। ଶିକ୍ଷକଙ୍କ ପ୍ରଶିକ୍ଷଣ ନିମନ୍ତେ ସମସ୍ତ ବ୍ୟୟ ବିଜ୍ଞାନ ଓ କାରିଗରି ବିଭାଗ ବହନ କରିବ। ଏପରି ପ୍ରଶିକ୍ଷଣଜନିତ ଉପଲବ୍ଧି ସେମାନଙ୍କୁ ଅଧିକ ସଶକ୍ତ କରିବ। ପ୍ରଶିକ୍ଷଣ ପରେ ଶିକ୍ଷକମାନେ ନୂତନ ଧାରାରେ ଶ୍ରେଣୀ ପରିଚାଳନା କରିବାର ଦକ୍ଷତା ହାସଲ କରିବେ ବୋଲି ମନ୍ତ୍ରୀ ଆଶାପ୍ରକଟ କରିଛନ୍ତି। ସେହିପରି ବିଭାଗର ସଚିବ ମନୋଜ କୁମାର ମିଶ୍ର ମଧ୍ୟ ଶୁଭେଚ୍ଛା ଜଣାଇବା ସହିତ ଶିକ୍ଷକଙ୍କ ପାଇଁ ଏପରି ପ୍ରଶିକ୍ଷଣ ଅଧିକ ଫଳପ୍ରଦ ଓ ଅର୍ଥପୂର୍ଣ୍ଣ ହେବ ବୋଲି ଉଲ୍ଲେଖ କରିଛନ୍ତି।

ଗତବର୍ଷ ଭାରତୀୟ ବିଜ୍ଞାନ ସଂସ୍ଥାନ ଅଧୀନ ପ୍ରତିଭା ବିକାଶ କେନ୍ଦ୍ରର ପ୍ରତିନିଧିମଣ୍ଡଳୀ ଓଡ଼ିଶା ଆସି ରାଜ୍ୟର କେତେକ ଶିକ୍ଷାନୁଷ୍ଠାନ ପରିଦର୍ଶନ କରିବା ସହିତ ଏପରି ପ୍ରଶିକ୍ଷଣ ନିମନ୍ତେ ଗୁରୁତ୍ୱ ପ୍ରଦାନ କରିଥିଲେ। ପ୍ରତିନିଧି ମଣ୍ଡଳୀର ସମ୍ମତି ଅନୁସାରେ ଗଣିତ ଓ ବିଜ୍ଞାନ ଶିକ୍ଷକଙ୍କ ନିମନ୍ତେ ଏପରି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ ସକାଶେ ବେଙ୍ଗାଲୁରୁସ୍ଥିତ ଭାରତୀୟ ବିଜ୍ଞାନ ସଂସ୍ଥାନ ଏବଂ ବିଜ୍ଞାନ ଓ କାରିଗରି ବିଭାଗ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା।

No.n-64

**OFFICE OF THE DIRECTOR,**
**TEXT BOOK PRODUCTION & MARKETING,**
**KHARVEL NAGAR, UNIT-III, BHUBANESWAR-751001.**
TEL. NO.0674-2380871/72, E.MAIL:- directortbpmodisha@gmail.com
**Bid Letter No. 6121/TBPM., Dated. 05.11.2021**

**Corrigendum**

The Tender Call Notice No.-4997/TBPM dt.17.09.21 against Tender for 170 GSM Glossy Art Cover Paper for the Academic Session 2022-23 is hereby cancelled due to unavoidable circumstances.

OIPR-02005/11/0016/2122 Sd./- Director

**E-Procurement Notice** No.n-65

**OFFICE OF THE DIRECTOR,**
**TEXT BOOK PRODUCTION & MARKETING,**
**KHARVEL NAGAR, UNIT-III, BHUBANESWAR-751001.**
TEL. NO.0674-2380871/72, E.MAIL:- directortbpmodisha@gmail.com
**Bid Letter No. 6162/TBPM., Dated. 06.11.21**

01. Description of tender: 170 GSM GLOSSY ART COVER PAPER
02. Date & Time of availability of bid document in the portal
**Start Date & Time: 08.11.2021 10.00 A.M.**
**Closing Date & Time: 22.11.2021 05.00 P.M.**
03. Name and address of the O.I.T.: O/o the Director, Text Book Production & Marketing, Kharavel Nagar, Unit-III, Bhubaneswar- 751001.

Further details regarding downloading of bid documents, online participation can be seen from the e-procurement portal **https://tendersodisha.gov.in**

Further details regarding of bid documents, online participation can be seen from the e-procurement portal https://tendersodisha.gov.in. Subsequent corrigendum/ Addendum and cancellation if any require will be hosted on same website. The Director, TBPM reserves the right to accept or reject (Fully/Partly) tender without assigning any reason thereof.

Sd./- DIRECTOR,
TEXT BOOK PRODUCTION & MARKETING,
OIPR-02005/11/0015/2122 BHUBANESWAR-1

**ପେନ୍‌ସନ ଅଦାଲତ-୨୦୨୧ (ଭର୍ଚୁଆଲ)**
**ଦ.ପୂ. ରେଳପଥ ପେନ୍‌ସନଭୋଗୀ/ପାରିବାରିକ ପେନ୍‌ସନଭୋଗୀଙ୍କ ପାଇଁ**

ଦକ୍ଷିଣ ପୂର୍ବ ରେଳପଥ ପେନ୍‌ସନଭୋଗୀ/ପାରିବାରିକ ପେନ୍‌ସନଭୋଗୀ, ଯେଉଁମାନଙ୍କର (୧) ପେନ୍‌ସନ/ପାରିବାରିକ ପେନ୍‌ସନ ପ୍ରାପ୍ତ ନ ହେବା, (୨) କମ୍ ପେନ୍‌ସନ/ପାରିବାରିକ ପେନ୍‌ସନ ପ୍ରାପ୍ତ ହେବା, (୩) ପେନ୍‌ସନ/ପାରିବାରିକ ପେନ୍‌ସନର ସଂଶୋଧନ, (୪) ଗ୍ରେଡେଡ୍ ରିଲିଫ୍ ଏବଂ ଅନ୍ୟାନ୍ୟ ପେନ୍‌ସନ ସମ୍ବନ୍ଧୀୟ ଲାଭ ପ୍ରାପ୍ତ ନ ହେବା ଏବଂ (୫) ବିତରକ ଏଜେନ୍ସି ଦ୍ୱାରା ପେନ୍‌ସନକୁ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ସ୍ଥାନାନ୍ତର କରା ନ ଯିବା, ସଂକ୍ରାନ୍ତୀୟ ଅଭିଯୋଗ ଅଛି, ସେମାନେ ପେନ୍‌ସନ ଅଦାଲତରେ ନିଜର ଅଭିଯୋଗର ସମାଧାନ ପାଇଁ କେବଳ ଇମେଲ୍ ମାଧ୍ୟମରେ ୦୭ ଡିସେମ୍ବର, ୨୦୨୧ (୦୭।୧୨।୨୦୨୧) କିମ୍ବା ତାହା ପୂର୍ବ ସୁଦ୍ଧା ନିମ୍ନପ୍ରଦତ୍ତ ନମୁନା ଅନୁଯାୟୀ ନିଜର ଦରଖାସ୍ତ ଦାଖଲ କରିପାରିବେ। ଉକ୍ତ ପେନ୍‌ସନ ଅଦାଲତ ଭର୍ଚୁଆଲ ଭାବେ ବୁଧବାର, ୧୫ ଡିସେମ୍ବର, ୨୦୨୧ ପୂର୍ବାହ୍ନ ୧୧.୦୦ ଘଟିକାରେ ମୁଖ୍ୟାଳୟ କାର୍ଯ୍ୟାଳୟ/ଗାର୍ଡେନ୍ ରିଚ୍ ତଥା ସମସ୍ତ ଡିଭିଜନାଲ କାର୍ଯ୍ୟାଳୟ/ୱାର୍କସପ୍ ତଥା ଷ୍ଟୋର/ଖଡ଼ଗପୁର ୟୁନିଟ୍‌ଠାରେ ଆୟୋଜିତ ହେବ।

**ଦରଖାସ୍ତର ନମୁନା**

୧. ଆବେଦନକାରୀଙ୍କ ନାମ (ପେନ୍‌ସନଭୋଗୀ/ପାରିବାରିକ ପେନ୍‌ସନଭୋଗୀ): ..........
୨. ପୂର୍ବତନ କର୍ମଚାରୀଙ୍କ ନାମ: ..........
୩. ପଦବୀ/ବିଭାଗ/ଷ୍ଟେଶନ (ଅବସରଗ୍ରହଣ ସମୟରେ): ..........
୪. ପି.ପି.ଓ. ନଂ.: ..........
୫. ଅବସର ଗ୍ରହଣର ତାରିଖ: ..........
୬. ଶେଷ ମୌଳିକ ଦରମା ଏବଂ ଦରମା ସ୍କେଲ/ପେ ବ୍ୟାଣ୍ଡ ଓ: ..........
ଅବସର ଗ୍ରହଣ ସମୟରେ ଗ୍ରେଡ୍ ପେ: ..........
୭. ବର୍ତ୍ତମାନର ପେନ୍‌ସନ/ପାରିବାରିକ ପେନ୍‌ସନ: ..........
୮. ଟେଲିଫୋନ/ମୋବାଇଲ/ହ୍ୱାଟ୍‌ସଆପ୍ ନଂ. ଓ ଇମେଲ୍ ଆଇଡି : ..........
ସହିତ ଯୋଗାଯୋଗର ପୂର୍ଣ୍ଣ ଠିକଣା
୯. ଅଭିଯୋଗର ପ୍ରକୃତି (ପୂର୍ଣ୍ଣ ବିବରଣୀ ଦିଆଯିବ): ..........
୧୦. ଅଭିଯୋଗକୁ ପୂର୍ବବର୍ତ୍ତୀ କୌଣସି ପେନ୍‌ସନ ଅଦାଲତରେ ଉପସ୍ଥାପିତ କରାଯାଇଛି କି, ଯଦି ହଁ, ବିବରଣୀ ଦିଅନ୍ତୁ: ..........

**ଆବେଦନକାରୀଙ୍କ ଦସ୍ତଖତ**

ପୂର୍ବତନ କର୍ମଚାରୀ ଯେଉଁଠାରୁ ଅବସର ଗ୍ରହଣ କରିଛନ୍ତି କେବଳ ସେହି ସମ୍ପୃକ୍ତ ୟୁନିଟ୍‌କୁ ଇମେଲ୍ କରିଆରେ ଦରଖାସ୍ତ ପଠାଯିବା ଆବଶ୍ୟକ

| ୟୁନିଟ୍/ ଡିଭିଜନ | ଇମେଲ୍ ଆଇଡି | ୟୁନିଟ୍/ ଡିଭିଜନ | ଇମେଲ୍ ଆଇଡି |
|---|---|---|---|
| ଆଦ୍ରା | srdpoadra@gmail.com | ସିକେପି | srdpockp.ser@gmail.com |
| କେଜିପି | srdpo@kgp@railnet.gov.in | କେଜିପିଡବ୍ଲ୍ୟୁଏସ୍ | wpokgp@gmail.com |
| କେଜିପିଏସ୍ | apo.stores.kgp@gmail.com | ଆର୍‌ଏନ୍‌ସି | srdporanchi@gmail.com |
| ଏଚ୍‌କ୍ୟୁ | spohq.grc@ser.railnet.gov.in | | |

ଅନୁକମ୍ପାମୂଳକ ଭିତ୍ତିରେ ନିଯୁକ୍ତି ଏବଂ କ୍ୱାର୍ଟରକୁ ଧାରଣ କରି ରଖିବା/ଜରିମାନାମୂଳକ/କ୍ଷତିମୂଳକ ଭଡ଼ାର ଅସୁଲି ଇତ୍ୟାଦି ପେନ୍‌ସନ ଅଦାଲତର କ୍ଷେତ୍ରାଧିକାର ମଧ୍ୟରେ ଆସେନାହିଁ, ତେଣୁ ଏଗୁଡ଼ିକୁ ପ୍ରଶ୍ରୟ ଦିଆଯିବ ନାହିଁ।
ଦକ୍ଷିଣ ପୂର୍ବ ରେଳପଥ ପେନ୍‌ସନ ଅଦାଲତ ସଂକ୍ରାନ୍ତୀୟ ଅଧିସୂଚନା ଏବଂ ଦରଖାସ୍ତର ନମୁନା www.ser.indianrailways.gov.inର କାର୍ମିକ ବିଭାଗ ପୃଷ୍ଠାରୁ ମଧ୍ୟ ଡାଉନ୍‌ଲୋଡ୍ କରାଯାଇପାରିବ।

(PR-403) **ପ୍ରଧାନ ମୁଖ୍ୟ କାର୍ମିକ ଅଧିକାରୀ**

**ଦକ୍ଷିଣ ପୂର୍ବ ରେଳପଥ**
ଆମେ ହର୍ଷର ସହ ସେବା କରୁ

## ୨୦୨୩ ସୁଦ୍ଧା ସବୁ ଘରକୁ ପାନୀୟଜଳ

**କୋରାପୁଟ ଗସ୍ତରେ କେନ୍ଦ୍ର ଆଦିବାସୀ କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ**

କୋରାପୁଟ,୬।୧୧(ସ୍ୱ.ପ୍ର.)

କୋରାପୁଟ ଜିଲାକୁ ଦିନିକିଆ ଗସ୍ତରେ କେନ୍ଦ୍ର ଆଦିବାସୀ କଲ୍ୟାଣ ଓ ଜଳଯୋଗାଣ ରାଷ୍ଟ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ଆସି ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଡିସେମ୍ବର ୨୦୨୩ ସୁଦ୍ଧା ଜିଲାର ସମସ୍ତ ଘରକୁ ପାନୀୟଜଳ ଯୋଗାଣ ହେବ ବୋଲି ଟୁଡୁ କହିଛନ୍ତି। କୋରାପୁଟ ଜିଲାରେ ଜଳଯୋଗାଣ କାର୍ଯ୍ୟ ସନ୍ତୋଷଜନକ ବୋଲି ପ୍ରକାଶକରି ସେ କହିଥିଲେ, ରାଜ୍ୟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ସିବିଏସ୍‌ସି ପାର୍ଟନର ମୋଟ ୮୫ଟି ଏକଲବ୍ୟ ମଡେଲ ବିଦ୍ୟାଳୟ ସ୍ଥାପନ କରାଯିବାକୁ ନିଷ୍ପତ୍ତି ହୋଇଛି। ଏଥିରୁ ଅବିଭକ୍ତ କୋରାପୁଟ ଜିଲାରେ ୨୯ଟି ବିଦ୍ୟାଳୟ ସ୍ଥାପନ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ସେହିପରି ଜିଲାରେ ସିବିଏସ୍‌ସି ପାର୍ଟନର ୯ଟି ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ସ୍ଥାପନ କରାଯିବ ବୋଲି ମନ୍ତ୍ରୀ ଟୁଡୁ ବୈପାରିଗୁଡ଼ା ଗସ୍ତ ଅବସରରେ ଭୂମିପୂଜନ କାର୍ଯ୍ୟ କରି ଏହା ପ୍ରକାଶ କରିଛନ୍ତି। ବିଦ୍ୟାଳୟ ନିର୍ମାଣ ବେଳେ ଯଦି କେଉଁଠି ବିବାଦ ଉପୁଜିବ ତାହାର ତ୍ୱରିତ ସମାଧାନ କରାଯିବ ବୋଲି ମନ୍ତ୍ରୀ କହିଥିଲେ। ସ୍ଥାନୀୟ ସ୍ୱତନ୍ତ୍ର ସର୍କିଟ ହାଉସଠାରେ ଆୟୋଜିତ ସମୀକ୍ଷା ବୈଠକରେ ଜିଲାରେ ଆଦିବାସୀ ଉନ୍ନୟନ ନେଇ ଚାଲିଥିବା ବିଭିନ୍ନ କାର୍ଯ୍ୟ ସମୀକ୍ଷା କରି ଜିଲାର ଗ୍ରାମାଞ୍ଚଳରେ ପାନୀୟଜଳ ଯେପରି ସମସ୍ତଙ୍କ ନିକଟରେ ପହଞ୍ଚିବ ସେନେଇ ସେ ଗୁରୁତ୍ୱାରୋପ କରିଥିଲେ। ଏହି ବୈଠକରେ ଅତିରିକ୍ତ ଜିଲାପାଳ ରାମେଶ୍ୱର ପ୍ରଧାନ, ଜୟପୁର ସମନ୍ୱିତ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଗୋପୀନାଥ ସାରକା, ସହକାରୀ ଯନ୍ତ୍ରୀ ପ୍ରଭାକର ଦାସ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ କାରୁ ସୋରେନ, ସହକାରୀ ଯନ୍ତ୍ରୀ ସଞ୍ଜୟ କେସପେଟା, ଜିଲା ମଙ୍ଗଳ ଅଧିକାରୀ ସୁନୀଲ ଡାଣ୍ଡି, ଗ୍ରାମୀଣ ଜଳଯୋଗାଣ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଏହାପୂର୍ବରୁ ଜିଲାପାଳ ଅବଦାଲ ଏମ. ଅଖତାର ସର୍କିଟ ହାଉସଠାରେ କିଛି ସମୟ ମନ୍ତ୍ରୀଙ୍କୁ ସାକ୍ଷାତ କରି ଆଲୋଚନା କରିଥିଲେ। ବୈଠକରେ ପୂର୍ବତନ ଏମ୍‌ପି ଜୟରାମ ପାଙ୍ଗୀ, ବଳଭଦ୍ର ମାଝି ଏବଂ ଭାଜପା ଜିଲା ସଭାପତି ସୁମନ୍ତ ପ୍ରଧାନ ଉପସ୍ଥିତ ଥିଲେ।

## 'କୋଟିଆ ପ୍ରସଙ୍ଗରେ ସହାୟତା ଦେବ କେନ୍ଦ୍ର'

**କୋରାପୁଟ,୬।୧୧(ସ୍ୱ.ପ୍ର.):** କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁଙ୍କୁ କୋରାପୁଟ ଦୁରୁଆ ମହାସଂଘ, ଦୋରା ମହାସଂଘ, କମାର ସଂଘ କର୍ମକର୍ତ୍ତା ଭେଟି ସମ୍ବର୍ଦ୍ଧନା ଜଣାଇଛନ୍ତି। ସେମାନଙ୍କୁ ଆଦିବାସୀ ମାନ୍ୟତା ଦେବା ନେଇ ଏକ ଦାବିପତ୍ର ଦେଇଛନ୍ତି। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଟୁଡୁ ଦୁରୁଆ ସମାଜକୁ ଖୁବ୍‌ଶୀଘ୍ର କେନ୍ଦ୍ର ସରକାରଙ୍କ ପକ୍ଷରୁ ଆଦିବାସୀ ମାନ୍ୟତା ମିଳିବ। ଏନେଇ ବିଚାରବିମର୍ଶ ଚାଲିଥିବା କହିଥିଲେ। ଅନ୍ୟପକ୍ଷରେ ଜିଲାରେ ଥିବା ଦୋରା, କମାର ଓ ଅନ୍ୟ ଜାତିକୁ ଆଦିବାସୀ ମାନ୍ୟତା ନେଇ ଆଲୋଚନା କରାଯିବ ବୋଲି କେନ୍ଦ୍ରମନ୍ତ୍ରୀ ସଂଘ କର୍ମକର୍ତ୍ତାଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ସେହିପରି କୋଟିଆ ସମସ୍ୟା ନେଇ କେନ୍ଦ୍ର ସରକାରଙ୍କ ପଦକ୍ଷେପ ସମ୍ପର୍କରେ ମନ୍ତ୍ରୀଙ୍କୁ ପଚାରିବାରୁ ରାଜ୍ୟ ସରକାର ଏନେଇ ପଦକ୍ଷେପ ନେବା ଆବଶ୍ୟକ ବୋଲି ସେ କହିଥିଲେ। ଏନେଇ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କୁ ସହାୟତା ମାଗିଲେ କେନ୍ଦ୍ର ପକ୍ଷରୁ ସମସ୍ତ ସହଯୋଗ କରାଯିବ ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ। ଏ କ୍ଷେତ୍ରରେ ରାଜ୍ୟ ରାଜସ୍ୱମନ୍ତ୍ରୀ କୋଟିଆ ଆସି ବିଭିନ୍ନ ଗ୍ରାମ ବୁଲି ଲୋକଙ୍କ ସହିତ ଆଲୋଚନା କରିବା ଉଚିତ ବୋଲି ମନ୍ତ୍ରୀ କହିଛନ୍ତି। ସର୍କିଟ ହାଉସଠାରେ ମନ୍ତ୍ରୀଙ୍କ ସମୀକ୍ଷା ବୈଠକ ପରେ ସେଠାରୁ ଶତାଧିକ ଭାଜପା କର୍ମୀ ତାଙ୍କୁ ମୋଟର ସାଇକେଲ ଶୋଭାଯାତ୍ରାରେ ସହର ପରିକ୍ରମା କରି ଟାଉନ ହଲ ପର୍ଯ୍ୟନ୍ତ ପାଛୋଟି ଆଣିଥିଲେ। ଟାଉନହଲଠାରେ ଜିଲା ଭାଜପା ସଭାପତି ସୁମନ୍ତ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏକ ସମ୍ବର୍ଦ୍ଧନା ସଭା ହୋଇଥିଲା। ଏଥିରେ ପୂର୍ବତନ ଏମ୍‌ପି ଜୟରାମ ପାଙ୍ଗୀ, ବଳଭଦ୍ର ମାଝିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ୧୨ରେ ଜାତୀୟ ଉପଲବ୍ଧି ସର୍ବେକ୍ଷଣ

ଭୁବନେଶ୍ୱର, ୬।୧୧(ବ୍ୟୁରୋ)

■ ଓଡ଼ିଶାରୁ ସାମିଲ ହେବ ୫,୫୬୩ ବିଦ୍ୟାଳୟ
■ ୮,୯୩୭ କ୍ଷେତ୍ର ଅନୁଧ୍ୟାନକାରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ

ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ସରକାରଙ୍କ ସହଯୋଗରେ ଜାତୀୟ ଉପଲବ୍ଧି ସର୍ବେକ୍ଷଣ (ନ୍ୟାଶନାଲ ଆଚିଭମେଣ୍ଟ ସର୍ଭେ) ଆରମ୍ଭ କରିବାକୁ ଯାଉଛନ୍ତି। ଏହା ଆସନ୍ତା ୧୨ ତାରିଖରେ ସମଗ୍ର ଦେଶରେ ସମ୍ପାଦିତ ହେବ। ବିଦ୍ୟାଳୟ ଶିକ୍ଷାରେ ତୃତୀୟ, ପଞ୍ଚମ, ଅଷ୍ଟମ ଓ ଦଶମ ଶ୍ରେଣୀର ପିଲାମାନେ ମୁଖ୍ୟତଃ କେତେ ପରିମାଣର ବିଷୟଗତ ଜ୍ଞାନ ଆହରଣ କରୁଛନ୍ତି ତାହା ଜାଣିବା ପାଇଁ ଏହି ସର୍ବେକ୍ଷଣ ହେବ। ସେହିପରି ଶିକ୍ଷା ବ୍ୟବସ୍ଥାର ସୁପରିଚାଳନା ଲାଗି ରହିଥିବା ସୁବିଧା ସୁଯୋଗ ସମ୍ପର୍କରେ ମଧ୍ୟ ତଥ୍ୟ ସଂଗ୍ରହ ହେବ। ଏହି ସର୍ବେକ୍ଷଣରେ ଓଡ଼ିଶାର ୫,୫୬୩ ବିଦ୍ୟାଳୟକୁ ସାମିଲ କରିବା ପାଇଁ ଭାରତ ସରକାର ଚୟନ କରିଛନ୍ତି।

ସର୍ବେକ୍ଷଣ କାର୍ଯ୍ୟରେ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ସଂସ୍ଥାନ (ଡିଆଇଇଟି) ଓ ପ୍ରାଥମିକ ଶିକ୍ଷକ ଶିକ୍ଷା ସଂସ୍ଥାନ (ଇଟିଇଆଇ)ରେ ପ୍ରଶିକ୍ଷଣ ନେଉଥିବା ଶିକ୍ଷକ ଏବଂ ଆବଶ୍ୟକ ସ୍ଥଳେ ସିଆର୍‌ସିସିଙ୍କୁ କ୍ଷେତ୍ର ଅନୁଧ୍ୟାନକାରୀ ଭାବେ ନିୟୋଜିତ କରାଯିବ। ଏମାନେ ଆସନ୍ତା ୧୨ ତାରିଖରେ ଚୟନ ହୋଇଥିବା ବିଦ୍ୟାଳୟକୁ ଯାଇ ଛାତ୍ରୀଛାତ୍ରଙ୍କ ଭାଷା, ଗଣିତ, ପରିବେଶ ଅଧ୍ୟୟନ, ସାମାଜିକ ପାଠ, ବିଜ୍ଞାନ ବିଷୟର ଦକ୍ଷତାକୁ ମୂଲ୍ୟାୟନ କରିବେ। ଏହି କାର୍ଯ୍ୟକୁ ସୁଚାରୁରୂପେ ସମ୍ପାଦନ କରିବା ପାଇଁ ପ୍ରାୟ ୮,୯୩୭ ଜଣ କ୍ଷେତ୍ର ଅନୁଧ୍ୟାନକାରୀ ପ୍ରଶିକ୍ଷଣ ପ୍ରାପ୍ତ ହୋଇଛନ୍ତି। ସର୍ବେକ୍ଷଣ କାର୍ଯ୍ୟର ସୁପରିଚାଳନା ନିମନ୍ତେ ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଓ ଏସ୍‌ସିଇଆର୍‌ଟି (ଟିଇ ଆଣ୍ଡ ଏସ୍‌ସିଇଆର୍‌ଟି)ର ନିର୍ଦ୍ଦେଶକଙ୍କୁ ରାଜ୍ୟ ନୋଡାଲ ଅଫିସର ଏବଂ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀଙ୍କୁ ଜିଲା ନୋଡାଲ ଅଫିସର ଭାବେ ଦାୟିତ୍ୱ ସମ୍ପାଦନ କରିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁ ସର୍ବେକ୍ଷଣର ଅଗ୍ରଗତି ସମୀକ୍ଷା କରିବା ସହ ଜିଲାପାଳମାନଙ୍କୁ ଏ ସମ୍ପର୍କରେ ସମୀକ୍ଷା ଓ ତଦାରଖ କରିବାକୁ ଅନୁରୋଧ କରିଛନ୍ତି। ସର୍ବେକ୍ଷଣ ଦିନ ବିଦ୍ୟାଳୟ ସ୍ତରରେ ପରିଷ୍କାର ପରିଚ୍ଛନ୍ନତା, ଶିକ୍ଷାର୍ଥୀଙ୍କ ପାଇଁ ପାନୀୟ ଜଳର ବ୍ୟବସ୍ଥା, କୋଭିଡ୍ ନିର୍ଦ୍ଦେଶନାମା ଅନୁଯାୟୀ ସ୍ୱଚ୍ଛତା, ସାମାଜିକ ଦୂରତା ଅବଲମ୍ବନ କରିବା, ସର୍ବାଧିକ ଶିକ୍ଷାର୍ଥୀ ଓ ସମସ୍ତ ଶିକ୍ଷକଙ୍କ ଉପସ୍ଥାନକୁ ସୁନିଶ୍ଚିତ କରିବା ପାଇଁ ମାତାପିତାଙ୍କ ସହ ଆଲୋଚନା କରି ପଦକ୍ଷେପ ଦେବାକୁ ୫,୫୬୩ ବିଦ୍ୟାଳୟର ପ୍ରଧାନ ଶିକ୍ଷକମାନଙ୍କୁ ସଚିବ ସାହୁ ନିର୍ଦ୍ଦେଶ ଦେଇଛନ୍ତି। ଫଳାଫଳକୁ ନେଇ ଜାତୀୟ ତଥା ରାଜ୍ୟସ୍ତରରେ ଶୈକ୍ଷିକ ବିକାଶ ପାଇଁ ନୀତିଗତ ନିଷ୍ପତ୍ତି ନିଆଯିବ। ତେଣୁ ଏହାର ସୁପରିଚାଳନା ନିମନ୍ତେ ଗଣଶିକ୍ଷା ବିଭାଗ ତରଫରୁ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଇଥିବା ଶନିବାର ଅନୁଷ୍ଠିତ ବୈଠକରେ ସୂଚନା ଦିଆଯାଇଛି।

**ODISHA CONSTRUCTION CORPORATION LIMITED, BHUBANESWAR, ODISHA**
PIN: 751012, Tel No. (0674) 2562020, e-Mail: the occltd@odishaconstruction.com, GSTIN-21AAACO2571K2ZM
**"e" Procurement Notice No.- 08/OCCL/2021-22 (On-line)** No. CAD-1730
Type of Work - Sea Wall cum Service Road work.
Total Nos. of Works - 01 (One) No.

| Sl. No. | Bid Identification No. | Period of Completion | Amount Put to Tender (approx) (Rs. in Lakh) | Bid security | Availability of Tender (online) | Submission of tender (on-line) |
|---|---|---|---|---|---|---|
| 01 | OCCL-SCP/02/2021-22 | 06 (Six) calendar months | Rs.1802.23 Lakh | Bid Security Declaration as per W.D. O.M. No. 5984, dated. 27.04.2021 is to be furnished | From 09.11.2021, 10.00 A.M. to 23.11.2021 upto 5.30 P.M. | From 09.11.2021, 10.00 AM to 23.11.2021 upto 5.30 P.M. |

**Procurement Officer- Managing Director, Odisha Construction Corporation Limited**
Date of Opening of the Technical Bid: **24.11.2021, 12.00 Noon**
Further details can be seen from the e-procurement portal: **https://www.tendersodisha.gov.in**
OIPR-34120/11/0008/2122 Sd./- MANAGING DIRECTOR

**ODISHA HYDRO POWER CORPORATION LTD.**
OHPC
(A Gold Rated State PSU)
**O/o. SR. GENERAL MANAGER, RENGALI HYDRO ELECTRIC PROJECT, RENGALI**
P.O.: RENGALI DAM SITE, DIST.- ANGUL (ODISHA), INDIA, PIN- 759105
TEL.: 06760-277214, FAX: 06760-277324, Email: sgmel500@gmail.com
CIN: U40101OR1995SGC003963
No.: OHPC:RHEP/C&P/PUR-III-91/6256 Date: 05.11.2021

**NOTICE INVITING TENDER No. 34/2021-22**

No.: CAD-1733: Sealed tenders are invited in two part i.e. (i) Techno Commercial Bid & (ii) Price Bid in separate sealed envelopes from reputed firms/agency/contractor.

| Description of Work | Cost of Tender Paper (Non-refundable) in Rs. | EMD in shape of DD/Banker's Cheque only (Refundable) in Rs. | Period of availability of tender at OHPC website (sale) | Last date & Time of receipt of Tender | Date & Time of Opening of Techno Commercial Bid |
|---|---|---|---|---|---|
| Providing false ceiling in suit No. 1, 2 & 3 Dining Hall vitrified tile flooring to Lounge, Verandah, Dining Hall, Kitchen, Dormitory, Portico, Ceramic Wall Tile to Kitchen Room & Silding Window in Dining Hall of Erectors Hostel | Rs.2,360/- (Inclusive of GST @ 18%) | In Lieu of EMD, Bid Security declaration form to be submitted | From Dt.09.11.2021 to Dt.18.11.2021 (Upto 03.00 P.M.) | Upto 04.00 P.M. Dt.18.11.2021 | At 04.30 P.M. Dt.18.11.2021 |

For details and further correspondence/corrigendum, please visit our website **www.ohpcltd.com**.
**OIPR-04005/11/0029/2122** **Sd./- C & P Head, RHEP, Rengali**

GOVT. OF ODISHA
**DEPARTMENT OF WATER RESOURCES**
**OFFICE OF THE CHIEF ENGINEER**
**RENGALI RIGHT IRRIGATION PROJECT, DHENKANAL**
**Email Id-cerripdkl@gmail.com**
**'e' Procurement Notice**

No.A-587:- The Chief Engineer, Rengali Right Irrigation Project, Mahisapat, Dhenkanal on behalf of the Governor of Odisha invites online percentage rate bids in double cover system for construction of the work as detailed below: 1. Name of the work: Excavation of Narasinghpur Branch Canal from RD 30.210 Km. to RD 32.430 Km. including construction of its structures, lining and service road of RRIP. 2. Tender cost : Rs.1216.71 lakh. 3. Bid document cost : Rs.10,000.00 (online). 4. Bid security : Bid security declaration as per proforma. 5. Class of contractor: 'Special' & 'Super' class. 6. Period of completion: 18 calendar months including rainy seasons. 7. Other details are as follows:

| Procurement Officer | Bid identification No. | Availability of tender online for bidding | | Dat of opening of technical bid (Cover-I) |
|---|---|---|---|---|
| | | From | To | |
| Chief Engineer, RRIP, Dhenkanal | CERRIP-04/2021-22 | 10.11.2021 10.00 A.M. | 25.11.2021 5.30 P.M. | 26.11.2021 11.00 A.M. |

Further details can be seen from the e-procurement portal **https://www.tendersodisha.gov.in**. Any addendum / Corrigendum / Cancellation to the above notice will be published in the Govt. website **www.tendersodisha.gov.in.**

**Sd./- Chief Engineer, Rengali Right Irrigation Project, Dhenkanal**
OIPR-32351/11/0006/2122

**ଜଗତ୍‌ସିଂହପୁର ପୌର ପରିଷଦ କାର୍ଯ୍ୟାଳୟ, ଜଗତ୍‌ସିଂହପୁର**
ସଂଖ୍ୟା: ୫୯୬୬ ତା୦୬।୧୧।୨୦୨୧ରିଖ

**ସୂଚନା**

No. C-1221: ଏତଦ୍ୱାରା ଜଗତ୍‌ସିଂହପୁର ପୌରାଞ୍ଚଳର ସମସ୍ତ ଭୋଟରମାନଙ୍କୁ ଜଣାଇ ଦିଆଯାଉଅଛି ଯେ ନିଜ ନିଜର ସ୍ମାର୍ଟ ଫୋନରେ "Voter Helpline App" (VHA) Download କରି ସେଥିରେ ଆପଣ ଆବଶ୍ୟକ ମୁତାବକ New Addition, Deletion, Correction ଏବଂ Transfer କରିପାରିବେ। ଏତଦ୍ ବ୍ୟତୀତ EPIC Number (ଭୋଟ ପରିଚୟ ପତ୍ର ସଂଖ୍ୟା) ମାଧ୍ୟମରେ ସମସ୍ତ ପ୍ରକାର ଭୋଟର ସମ୍ବନ୍ଧୀୟ ସୂଚନା ପାଇପାରିବେ। Special Summary Revision - 2022 ଉପଲକ୍ଷେ ତା୦୭।୧୧।୨୦୨୧ ଏବଂ ୨୧।୧୧।୨୦୨୧ରିଖ ଦିନ ନିଜ ନିଜର ନିକଟସ୍ଥ ଭୋଟ ଦାନ କେନ୍ଦ୍ରକୁ ଯାଇ ଭୋଟର ତାଲିକାରେ ଯୋଗ, ବିୟୋଗ, ବାଦ୍ ଏବଂ ସଂଶୋଧନ କରିବାକୁ ଅନୁରୋଧ, ପୌରପରିଷଦ ଜଗତ୍‌ସିଂହପୁର।

ସ୍ୱା./- ନିର୍ବାହୀ ଅଧିକାରୀ
ପୌରପରିଷଦ, ଜଗତ୍‌ସିଂହପୁର
OIPR-13087/11/0016/2122

**OFFICE OF THE** No. C-1215
**NOTIFIED AREA COUNCIL, PIPILI**
**"e" Procurement Notice**
**BID REFERENCE NO (PIPILI-NAC-02/2021-22)**
**TENDER CALL NOTICE No. 2259 / Dt.06.11.2021**

1. Name of the Work : Civil Works as mentioned in website.
2. No. of works : 5 (Five)
3. Bid Value : As per DTCN.
4. Period of Completion : 30 to 90 days
5. Date & time of availability of bid documents in the portal : From 11 A.M. on 11.11.2021 to 5 P.M. on 20.11.2021.
6. Last date of submission of online bid document : 20.11.2021 upto 5.00 P.M.
7. Online received bid will be opened on 22.11.2021 at 2.00 P.M. onwards
8. Name and address of the Officer Inviting Bid : Executive Officer, Pipili, NAC.

Further details can be seen from the e-procurement portal: **www.tendersodisha.gov.in**.

**Sd./- Executive Officer, Pipili NAC**
**OIPR-13107/11/0006/2122**

**Odisha Lift Irrigation Corporation Ltd.**
**(A Govt. of Odisha Undertaking)**
**OFFICE OF THE EXECUTIVE ENGINEER, L.I. DIVISION, KEONJHAR**
**E-Procurement Notice : 09/2021-22**
**E-mail: olickjr@gmail.com** **No.3179/Dated: 05.11.2021**

No. CAD-1727:- The Executive Engineer, Lift Irrigation Division, Keonjhar invites 'Percentage rate' basis bids in double cover system in ONLINE MODE only for installation, electrification and energisation of 25 nos. T/W L.I. Projects in Anandapur, Ghasipura and Hatadihi blocks of Keonjhar District as detailed in the table given below:

| Package No. | Name of the Block | Name of the L.I. Project/ work | Scheme | Approx. Estimated Cost in Lakhs | Bid Security @ 1% in Rs. | Cost of Bid Documents in Rs. | Class of Contractor | Time of Completion of Work |
|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 |
| 1 | Hatadihi | Abulpura, Nilapur, Sulana-II, Girigaon-I & Marua | Plan 21-22 | 63.981 | 63981 | 10000+5%GST | Civil "B" or Equivalent with HT Licence | 90 days |
| 2 | Hatadihi | Bahirpur-II, Baranga-II, Chapundi-II & Chapundia-III | Plan 21-22 | 50.898 | 50898 | 10000+5%GST | Civil "B" or Equivalent with HT Licence | 90 days |
| 3 | Hatadihi | Bancho-II, Sarala, Bareswar, Samana-II, Temala, Sasanga-V, Anra, Dhaipokhari & Dimiria-II | Plan 20-21 | 72.615 | 72615 | 10000+5%GST | Civil "B" or Equivalent with HT Licence | 90 days |
| 4 | Anandpur, Ghasipura & Hatadihi | Adheidwar-II, Dimiria-I Nasirpur-II, Belda (G), Panchupalli-V, Fatepur & Habaleswar-IV | Plan 20-21 | 53.165 | 53165 | 10000+5%GST | Civil "B" or Equivalent with HT Licence | 90 days |

1. Date and time of availability of bid documents in the portal for online bidding **from 10.00 hrs dated 11.11.2021 to 17.00 hrs dated 18.11.2021.** 2. Last date and time of receipt of bids in the portal upto **17.00 hrs. Dated-18.11.2021.** 3. Last date and time of clarification upto **17.00 hrs Dated.- 17.11.2021.** 4. Date of opening of Tender at **11.00 hrs. Dated- 20.11.2021.** 5. Further details can be seen from the e-procurement portal of Govt. of Odisha i.e. **www.tendersodisha.gov.in.** 6. Subsequent corrigendum/addendum if required shall be available in the above portal.
Authority reserves the right to reject any or all the tenders, increase or decrease the quantities without assigning any reasons thereof.
OIPR-32156/11/0009/2122 **Sd./- Executive Engineer, L.I. Division, Keonjhar**

ମୁଖ୍ୟତଃ ଆମର ଏଠାରେ ବଂଚିବାର ଗୋଟିଏ ମାତ୍ର କାରଣ ହେଲା– ଆମେ ନିଜକୁ ଜାଣିବା– ଆମେ କ'ଣ ? ତାହା ହିଁ ଆମକୁ ଜାଣିବାକୁ ହେବ। ଆମେ ମଧ୍ୟ ଜାଣିବା– କାହିଁକି ଆମେ ଏଠାକୁ ଆସିଛୁ ଓ ଆମର କ'ଣ କରିବାକୁ ଅଛି ? ଯଦି ଆମେ ଏହା ଜାଣି ନାହୁଁ– ତେବେ ଆମ ଜୀବନ ଆମ ପାଇଁ ଓ ଅନ୍ୟ ପାଇଁ ନିରର୍ଥକ। –ଶ୍ରୀମା



# ଧର୍ମାନ୍ଧତା



ଆକାର ପଟେଲ

ଅନେକ ବର୍ଷ ତଳେ ପାକିସ୍ତାନ ଯାଇ ତା'ଉପରେ ଅନୁଧ୍ୟାନ କରିବା ସହ ସେଠାକାର ଖବରକାଗଜରେ ଲେଖିବାର ସୁଯୋଗ ପାଇଥିଲି। ବାଂଲାଦେଶ ଗଠନ ହେବା ଠାରୁ ରାଷ୍ଟ୍ରପତି ଜେନେରାଲ ଜିଆଉଲ୍ ହକ୍‌ଙ୍କ ବିଦାୟ ପର୍ଯ୍ୟନ୍ତ ସେହି ୨୦ ବର୍ଷ ମଧ୍ୟରେ ପାକିସ୍ତାନରେ କ'ଣ ଘଟିଥିଲା ତାହା ଜାଣିବାକୁ ମୋର ବିଶେଷ ଆଗ୍ରହ ଥିଲା। ସେହି ସମୟ ପୂର୍ବରୁ ପାକିସ୍ତାନ ନିଜକୁ ଇସଲାମୀକରଣ କରିବାକୁ ଚେଷ୍ଟା କରିଥିଲେ ବି ସେଥିରେ ବିଫଳ ହୋଇଥିଲା। ଏପରିକି ଆଜି ମଧ୍ୟ ପାକିସ୍ତାନର ଆଇନଗୁଡ଼ିକ ଭାରତ ଭଳି ସମାନ ରହିଛି ଏବଂ ଲାହୋର, କରାଚୀ ଏବଂ ପେଶାୱରରେ ଲୋକେ ଅନୁଚ୍ଛେଦ ୪୨୦,୩୦୨ ଓ ୧୪୪ ସମ୍ପର୍କରେ ଅବଗତ ଅଛନ୍ତି। କାରଣ, ଉନବିଂଶ ଶତାବ୍ଦୀରେ ଏହି ଉପମହାଦେଶର ଅପରାଧ ଆଇନ ମାକ୍ୟୁଲେଙ୍କ ଦ୍ୱାରା ଲେଖାଯାଇଥିଲା। ସେ ଥିଲେ ଜଣେ ଇଂରେଜ। ଏବେ ମଧ୍ୟ ଦିଲ୍ଲୀ ଭଳି ଢାକାରେ ଲାଗୁ କରାଯାଇଥିବା ଅନୁଚ୍ଛେଦ ୧୫୩–ଏ ଶତ୍ରୁତା ବଢ଼ାଉଛି। ତେବେ ୧୯୭୦ ଓ ୧୯୮୦ ଦଶନ୍ଧିରେ ପାକିସ୍ତାନ ଏହାକୁ ପରିବର୍ତ୍ତନ କରିବା ପାଇଁ ଚେଷ୍ଟା କରିଥିଲା। ଏହି ଦୁଇ ଦଶନ୍ଧିରେ ଏହା ଇସଲାମୀୟ ଦଣ୍ଡବିଧି ଶରିୟାତ ଆଇନ ଆରମ୍ଭ କରିଥିଲା। ଶରିୟାତ ଆଇନରେ ମଦ୍ୟପଙ୍କୁ ସର୍ବସାଧାରଣରେ ଚାବୁକ କିମ୍ବା ଲାଠିରେ ଆଘାତ କରିବା, ବ୍ୟଭିଚାର ପାଇଁ ପଥର ଫିଙ୍ଗି ମୃତ୍ୟୁଦଣ୍ଡ ଦେବାର ବ୍ୟବସ୍ଥା ହୋଇଥିଲା। ଚୋରି ଡକାୟତି ଲାଗି ଡାହାଣ ହାତବଳା/ କଚଟିଠାରୁ କାଟି ଅଲଗା କରିବା ଭଳି ଜଘନ୍ୟ ଦଣ୍ଡବିଧାନ କରାଯାଇଥିଲା। ସେହି ଲୋକ ଦ୍ୱିତୀୟ ଅପରାଧ କଲେ ତା'ର ଗୋଇଠିରୁ ପାଦକୁ କାଟି ଅଲଗା କରିଦେବାର ବ୍ୟବସ୍ଥା ଥିଲା। ହେଲେ ପାକିସ୍ତାନରେ ଏଭଳି ଭୟଙ୍କର ଦଣ୍ଡ ଲାଗୁ କରାଯାଇ ନ ଥିଲା। ଏହି ଦଣ୍ଡ କେବଳ ପୁସ୍ତକରେ ହିଁ ସୀମିତ ରହିଗଲା। ସମୟକ୍ରମେ ପାକିସ୍ତାନ ଏହାର ଆଇନକୁ ଧାର୍ମିକ ଶିକୁଳିରୁ ମୁକ୍ତ କରି ଧର୍ମନିରପେକ୍ଷ କରିବାକୁ ଲାଗିଲା। ଜେନେରାଲ ପରଭେଜ୍ ମୁଶରଫ ରାଷ୍ଟ୍ରପତି ଥିବାବେଳେ ବଳାତ୍କାର ସମେତ କିଛି ଅପରାଧକୁ ଶରିୟାତ ଆଇନରୁ ମୁକ୍ତ କରି ପାକିସ୍ତାନ ପେନାଲ କୋଡ୍‌କୁ ଫେରାଇ ଅଣାଗଲା। ଏହା ପଛରେ ଅବଶ୍ୟ କାରଣ ରହିଛି। ବିଶ୍ୱର ଗଣତାନ୍ତ୍ରିକ ଦେଶଗୁଡ଼ିକ 'ସ୍ୱାଧୀନତା' ଶବ୍ଦକୁ ଯେଭଳି ବିଚାର କରନ୍ତି ସେହି 'ସ୍ୱାଧୀନତା' ପାକିସ୍ତାନର ଆଇନଗୁଡ଼ିକ ସହ ଜଡ଼ିତ ରହିଛି। ଏହାଯୋଗୁ ସେହି ଆଇନଗୁଡ଼ିକୁ ଗ୍ରହଣ କରିବା ବ୍ୟତୀତ ତା 'ପାଖରେ ଅନ୍ୟ କୌଣସି ବିକଳ୍ପ ନାହିଁ। ଏଠାରେ ଏହା କହିବାର କାରଣ ହେଉଛି, ଭାରତ ଏବେ ସମାନ ପ୍ରକାର ସମୟ ଦେଇ ଗତି କରୁଛି, ଯାହା ପାକିସ୍ତାନ ସେହି ୨୦ ବର୍ଷରେ କରିଥିଲା। ପାକିସ୍ତାନ ଏହାର ସଂଖ୍ୟାଲଘୁ ହିନ୍ଦୁଙ୍କୁ ଯେମିତି ରାଜନୀତିରୁ ବାଦ୍ ଦେଇଥିଲା ଏବେ ଭାରତ ତା'ସଂଖ୍ୟାଲଘୁଙ୍କୁ ସେମିତି ଅଣଦେଖା କରୁଛି। ଭାରତରେ ଏବେ କୌଣସି ମୁସଲମାନ ମୁଖ୍ୟମନ୍ତ୍ରୀ ନାହାନ୍ତି। ଶାସକ ଦଳର ୩୦୩ ଲୋକସଭା ସଦସ୍ୟଙ୍କ ମଧ୍ୟରେ ଜଣେ ହେଲେ ମୁସଲମାନ ନାହାନ୍ତି। ୧୫ଟି ରାଜ୍ୟରେ କେବେ ବି ମୁସଲମାନ ମୁଖ୍ୟମନ୍ତ୍ରୀ ହୋଇ ନାହାନ୍ତି।

ଭାରତୀୟ ଜନତା ପାର୍ଟି (ଭାଜପା) ଶାସିତ ଅନେକ ରାଜ୍ୟ ୨୦୧୪ ପରେ ସଂଖ୍ୟାଲଘୁ ବିଶେଷକରି ମୁସଲମାନଙ୍କୁ ଟାର୍ଗେଟ କରି ଆଇନ ପ୍ରଣୟନ କରିଛନ୍ତି। ଭାଜପା ଶାସିତ ମହାରାଷ୍ଟ୍ର ଏବଂ ହରିୟାଣା ସରକାର ଗୋମାଂସ ରଖିବା ଏକ ଅପରାଧ ବୋଲି ଆଇନ ଆଣିବା ଯୋଗୁ ଲଗାତର ଭିଡ଼ହିଂସା ଘଟଣା ଘଟୁଛି। ଗୁଜରାଟରେ ଗୋହତ୍ୟାକୁ ଏକ ଆର୍ଥିକ ଅପରାଧ ଭାବେ ଗଣାଯାଇ ସେଥିଲାଗି ଆଜୀବନ ଜେଲ୍‌ଦଣ୍ଡର ପ୍ରାବଧାନ କରାଯାଇଛି। ହିନ୍ଦୁ ଓ ମୁସଲମାନଙ୍କ ମଧ୍ୟରେ ଆନ୍ତଃଧର୍ମୀୟ ବିବାହକୁ ଭାଜପା ଶାସିତ ଉତ୍ତରାଖଣ୍ଡ (୨୦୧୮), ହିମାଚଳପ୍ରଦେଶ(୨୦୧୯), ଉତ୍ତରପ୍ରଦେଶ ଓ ମଧ୍ୟପ୍ରଦେଶ (୨୦୨୦) ଏବଂ ଗୁଜରାଟ (୨୦୨୧)ରେ ଅପରାଧୀକରଣ କରାଯାଇଛି। ଉତ୍ତରପ୍ରଦେଶ(ୟୁପି) ପ୍ରତିବାଦକାରୀଙ୍କ ସମ୍ପତ୍ତି ଜବତ କରିବା ଲାଗି ଆଇନ ଗଢ଼ିଛି ଓ ମଧ୍ୟପ୍ରଦେଶ ଏଭଳି ଏକ ଆଇନ ଆଣିବ ବୋଲି ଚଳିତ ସପ୍ତାହରେ କହିଛି। ନାଗରିକତ୍ୱ ସଂଶୋଧନ ଆଇନ(ସିଏଏ)କୁ ବିରୋଧ କରି ଆନ୍ଦୋଳନ କରୁଥିବା ଅନେକ ମୁସଲମାନଙ୍କ ମୃତ୍ୟୁ ଘଟିବା ପରେ ୟୁପିରେ ଏହି ଆଇନ ଅଣାଯାଇଥିଲା। ସିଏଏ ମୁସଲମାନଙ୍କୁ ଟାର୍ଗେଟ କରୁଛି। ଏହାସହ ଜାତୀୟ ନାଗରିକ ପଞ୍ଜୀକରଣ(ଏନ୍‌ଆର୍‌ସି) ଏକ ସଣ୍ଡୁଆଶି ଭଳି ମୁସଲମାନଙ୍କୁ ଚାପି ଧରିଛି ଯାହା ଦେଖିବାକୁ ମିଳିଛି ଆସାମରେ।

ଯେଉଁମାନେ ସେହି ସମୟରେ ପାକିସ୍ତାନ ଉପରେ ଅନୁଧ୍ୟାନ କରିଥିଲେ ସେଠାରେ ଯେଉଁ ଉଦ୍ଦେଶ୍ୟରେ ଆଇନ ଗଢ଼ାଯାଇଥିଲା ମୋଦି ଶାସନରେ ସେଭଳି ଆଇନ ପାସ୍ କରାଯାଇଥିବା ସ୍ୱୀକାର କରିବେ। ଏହି ଆଇନଗୁଡ଼ିକ ହିନ୍ଦୁସମାଜର ମଙ୍ଗଳ ପାଇଁ ଉଦ୍ଦିଷ୍ଟ ନୁହେଁ । ଏହା ଗରିବ ହିନ୍ଦୁବର୍ଗଙ୍କୁ ଉପରକୁ ଉଠିବାକୁ ଚାହେଁ ନାହିଁ। ଏହିସବୁ ଆଇନ ଘୃଣା ଓ ଅସହିଷ୍ଣୁତା ଯୋଗୁ ଗଢ଼ାଯାଇଛି। ନ୍ୟାୟପାଳିକା ମଧ୍ୟ ଆଇନଗୁଡ଼ିକରେ ମୁଣ୍ଡ ଖେଳାଇବାକୁ ଚାହିଁନାହିଁ। ଏପରିକି କଶ୍ମୀରରେ ମୁସଲମାନଙ୍କ ବନ୍ଦୀ ଘଟଣାରେ ନ୍ୟାୟପାଳିକାର ଭୂମିକା ଠିକ୍ ରହି ନାହିଁ। ପ୍ରଶ୍ନଉଠୁଛି, ଏହା କେତେଦିନ ଚାଲିବ ? ଭାରତ ଯେଉଁ ଦିଗରେ ଗତି କରୁଛି ତା'ର ଅନ୍ତିମ ଲକ୍ଷ୍ୟ କ'ଣ ? ଏହାର ଶେଷ କେଉଁଠି ? ଏହା ଦୀର୍ଘସମୟ ଚାଲିବ। ଦେଖିବାକୁ ଗଲେ ପାକିସ୍ତାନରେ ଇସ୍‌ଲାମୀକରଣର ଦୁଇ ଦଶନ୍ଧି ଥିଲା ଭିନ୍ନ ଏକ ଯୁଗର । କିନ୍ତୁ ଅତ୍ୟାଧୁନିକ ଯୁଗରେ ନାଗରିକମାନଙ୍କ ପ୍ରତି ଭାରତର ଆଇନଗତ ଦୁର୍ବ୍ୟବହାର ତା'ର ଅଧା ସମୟ ଧରି ଲାଗି ରହିବ। ଏହାର ଅନ୍ତିମ ଲକ୍ଷ୍ୟ ବା ଶେଷ ସୀମା ବୋଲି କିଛି ନାହିଁ। ଭାରତ ପୁଣି ୨୦୧୪ର ପୂର୍ବ ସ୍ଥିତିକୁ ଫେରିଯିବ। ତାହା ଏକ ଉପଯୁକ୍ତ ସମୟ ହୋଇ ନ ପାରେ ,କିନ୍ତୁ ସେଠାରେ ସବୁ କିଛି ଏବକାଠାରୁ ଭଲ ରହିବ। ସମ୍ପ୍ରତି ଭାରତ ବିଶ୍ୱରେ ଯେଉଁ ପ୍ରକାର ଧର୍ମାନ୍ଧତା ପ୍ରକାଶ କରୁଛି ତାହାକୁ ଆଧୁନିକ ବିଶ୍ୱ ଗ୍ରହଣ କରିବ ନାହିଁ। ପାକିସ୍ତାନ ଏକ ଅସମ୍ପୂର୍ଣ୍ଣ ଇସଲାମିକ ରିପବ୍ଲିକ ରହିବା ଭଳି ଭାରତର ହିନ୍ଦୁତ୍ୱ ପ୍ରୋଜେକ୍ଟ ବିଫଳ ହେବ। ଶେଷରେ ଭାରତ ଏକ ଅସମ୍ପୂର୍ଣ୍ଣ ହିନ୍ଦୁ ରାଷ୍ଟ୍ର ହୋଇ ରହିଯିବ।

Email:aakar.patel@gmail.com

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 1 | 4 | | 2 | | |
| | | 4 | 3 | | | 6 | | |
| | | | | | | | | |
| | 1 | | | 6 | | | 7 | |
| | 5 | 3 | 2 | | | | | |
| | | | 7 | | | | 9 | |
| | | | 9 | 7 | | | | |
| 3 | | | 5 | | 1 | 7 | | |
| 5 | | 2 | | 8 | | 4 | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 4 | 9 | 7 | 1 | 2 | 3 | 5 | 8 |
| 2 | 7 | 3 | 5 | 8 | 6 | 4 | 1 | 9 |
| 5 | 8 | 1 | 3 | 9 | 4 | 6 | 7 | 2 |
| 4 | 5 | 6 | 8 | 3 | 7 | 9 | 2 | 1 |
| 3 | 2 | 7 | 9 | 4 | 1 | 8 | 6 | 5 |
| 9 | 1 | 8 | 2 | 6 | 5 | 7 | 4 | 3 |
| 7 | 9 | 2 | 4 | 5 | 8 | 1 | 3 | 6 |
| 8 | 6 | 4 | 1 | 2 | 3 | 5 | 9 | 7 |
| 1 | 3 | 5 | 6 | 7 | 9 | 2 | 8 | 4 |

ଗତକାଲିର ଉତ୍ତର

# ପୁଣ୍ୟ ପୁରୁଷଙ୍କ ପୃଥିବୀ



ଚିତ୍ର ଚରିତ୍ର

ଅଧ୍ୟାପକ ନିରଞ୍ଜନ ପାଢ଼ୀ

ପୃଥିବୀ ବୋଇଲେ ତ ଗୋଟିଏ। ପାପ ପୁଣ୍ୟ, ସତ୍ୟ ଅସତ୍ୟ, ହସ କାନ୍ଦ, ଅଭାବ ଐଶ୍ୱର୍ଯ୍ୟ ବା ରାମ ରାବଣ କି ଯୁଧିଷ୍ଠିର ଦୁର୍ଯ୍ୟୋଧନ ପ୍ରମୁଖ ପରସ୍ପର ବିପରୀତମୁଖୀ ଚିତ୍ର ଓ ଚରିତ୍ରମାନେ ମିଳିମିଶି ଯେଉଁଠି ନିଜ ନିଜର ଅସ୍ତିତ୍ୱ ପ୍ରକଟ କରନ୍ତି, ସେଇ ବିଚିତ୍ର ସ୍ଥାନର ନାମ ପୃଥିବୀ। ସୁତରାଂ, ପୃଥିବୀକୁ ପାପ ପୁଣ୍ୟ ମଧ୍ୟରେ ବାଣ୍ଟିବା ଯେତିକି ଅସମ୍ଭବ, ରାମ ରାବଣଙ୍କ ମଧ୍ୟରେ ଭାଗ କରିବା ସେତିକି ଅବାସ୍ତବ। ତଥାପି କୌଶଳୀ କୌରବଙ୍କ କୂଟନୀତିରେ ପାଣ୍ଡବମାନେ ସ୍ଥାନଚ୍ୟୁତ ହେଲା ପରି ଏ ପୃଥିବୀରେ ପାପ ପୁରୁଷମାନଙ୍କ ପରାକ୍ରମ ଓ ପ୍ରତିପତ୍ତିରେ ପୁଣ୍ୟ ପୁରୁଷମାନେ ନିଜ ନିଜର ସ୍ଥାନ ହରାଇ ବସନ୍ତି। କାଁ ଭାଁ ଆତଯାତ ହେଉଥିବା ଏଇ ପୁଣ୍ୟ ପୁରୁଷମାନଙ୍କ ସଂଖ୍ୟା ଆହୁରି କମି କମି ଯାଏ। ସେମାନଙ୍କ ପୃଥିବୀ ସଂକୁଚିତ ହୋଇ ଆସୁଥାଏ ବାରମ୍ବାର। ଅସତ୍ୟ ଅନାଚାରର କୋଳାହଳ ମଧ୍ୟରେ ନିଃଶବ୍ଦରେ ମିଳାଇଯାଏ ପୁଣ୍ୟ ପୁରୁଷଙ୍କ ଅସହାୟତାର ଦୀର୍ଘଶ୍ୱାସ। ସେମାନେ ନିଜ ନିଜକୁ ପ୍ରତିପକ୍ଷଙ୍କ ପାଖରେ ସମର୍ପଣ କରିଦିଅନ୍ତି ଓ ନୀରବରେ ଦୃଶ୍ୟପଟରୁ ଅପସରି ଯାଆନ୍ତି। ସେମାନେ ଚାଲିଗଲା ପରେ ହିଁ ସେମାନଙ୍କ ମହତ୍ତ୍ୱ ପ୍ରସ୍ଫୁଟିତ ହୁଏ। ପୃଥିବୀ ପୁଣ୍ୟରେ ଆତଯାତ ହୁଏ କି ପାପରେ, ତାହା ବି ପ୍ରମାଣିତ ହୋଇଯାଏ। ଏ ପ୍ରସଙ୍ଗରେ କାହାଣୀଟିଏ।

ଏକ ଅଶୁଭ ଅପରାହ୍ଣରେ ପ୍ରବଳ ବର୍ଷା ବିପ୍ୱାତରୁ ରକ୍ଷା ପାଇବା ପାଇଁ ଗୋଟିଏ ଗାଁ ମୁଣ୍ଡରେ ଥିବା ଚଟିଘରେ ଆଶ୍ରୟ ନେଇଥାଏ ବିଧବା ବୁଢ଼ୀ ଜଣେ ଓ ତା'ର ଦଶବର୍ଷର ନାତିଟିଏ। ଚାରିଆଡ଼ୁ ଗୋବର ଗୋଟାଇ ତହିଁରେ ଘଷି ତିଆରି କରି ଗାଁକୁ ଗାଁ ବୁଲି ବିକିବାକୁ ଯାଏ ବୁଢ଼ୀ। ପୁଅବୋହୂ ଦୁହେଁ ଅକାଳରେ ଆରପାରିକୁ ଚାଲିଗଲା ପରେ ଦାରିଦ୍ର୍ୟ ମଧ୍ୟରେ କଅଁଳ ନାତିଟିକୁ ବଞ୍ଚାଇ ରଖିବା ପାଇଁ ସେ ଏହି ବେଉସାକୁ ଆପଣାଇ ନେଇଥାଏ। ଆକାଶରେ କଳାହାଣ୍ଡିଆ ମେଘର ଭୟଙ୍କର ରୂପ ଦେଖି ତରବରରେ ନାତି ସହ ଘରମୁହାଁ ହେଉଥିଲା ବେଳେ ଏମିତି ଦୁର୍ଯୋଗରେ ପଡ଼ିଯାଏ ସେଦିନ।

ଆସ୍ତେ ଆସ୍ତେ ସନ୍ଧ୍ୟା ହୋଇ ଆସିଲେ ବି ମୁଷଳଧାରାର ବର୍ଷା ବନ୍ଦ ହେବାର ନାଁ ଧରୁ ନ ଥିଲା। ତୁହାକୁ ତୁହା ବଜ୍ରପାତର ବୁକୁଫଟା ଭୈରବ ନାଦରେ ଭୟଭୀତ ହୋଇ ନାତିଟିକୁ କୋଳରେ ଜାକି ଚଟିଘରର ଗୋଟିଏ କୋଣରେ ଚୁପ୍‌ଚାପ୍ ବସିଥିଲା ବେଳେ ବୁଢ଼ୀ ଲକ୍ଷ୍ୟ କଲା, ସେଇ ଘରେ ସେ ଏକା ନୁହେଁ, ଆଉ ଚାରିଜଣ ମଧ୍ୟ ଆଶ୍ରୟ ନେଇଛନ୍ତି। ବୁଢ଼ୀ ସେମାନଙ୍କୁ ଚିହ୍ନିଲା। ସେମାନେ ଥିଲେ ସେଇ ଖଣ୍ଡମଣ୍ଡଳର ଶାସକ ମହାପ୍ରତାପୀ ଜମିଦାର, ସେଇ ଅଞ୍ଚଳର ଧନୀ ବେପାରୀ, ପ୍ରତିଦିନ ଡଜନେ ଛେଳି ହାଣୁଥିବା କଂସେଇ ଓ ଜମିଦାରଙ୍କ ଦେହରକ୍ଷୀ ବୋଲାଉଥିବା ଜଣାଶୁଣା ଗୁଣ୍ଡା।

ବର୍ଷା ଓ ବଜ୍ରପାତ ଅବିରତ ଚାଲିଥାଏ। ଚଟିଘର ସାମ୍ନାରେ ଥିବା ଗୋଟିଏ ପରିତ୍ୟକ୍ତ କବରଖାନା ଉପରେ ବାରମ୍ବାର ବଜ୍ରପାତ ହେଉଥିବାର ଦେଖି ସମସ୍ତେ ଚକିତ ହୋଇପଡ଼ିଲେ। ଲାଗୁଥିଲା, ସତେ ଯେମିତି ପରବର୍ତ୍ତୀ ବଜ୍ରପାତ ସେଇ ଚଟିଘର ଉପରେ ପଡ଼ିବ ଓ ନିମିଷକେ ଧ୍ୱଂସ ପାଇଯିବେ ସମସ୍ତେ। ସମସ୍ତଙ୍କୁ ଶୁଣାଇ ଜମିଦାର କହିଲେ, ମୋ ପୂର୍ବଜଙ୍କଠୁଁ ଶୁଣିଛି, ଏ ଚଟିଘରେ ଯଦି କୌଣସି ପାପୀର ପାଦ ପଡ଼େ, ତେବେ ଏମିତି ଘଟେ ଅଘଟଣ। ଯେଯାଏଁ ସେ ପାପୀ କବରସ୍ଥାନ ନିକଟକୁ ଯାଇ ନିଜର ପାପ ସ୍ୱୀକାର ନ କରେ, ସେଯାଏଁ ଏମିତି ବଜ୍ରପାତ ହୋଇ ଚାଲିଥାଏ। ଆଜି ଆମ ଭିତରେ କେହି ପାପପୁରୁଷ ଥିବାରୁ ଏ ବିପ୍ୱାତ ବୋଧହୁଏ ବନ୍ଦ ହେଉନାହିଁ।

ଜମିଦାରଙ୍କ ପାଟିର କଥା ସରିନି, ତାଙ୍କ ଆଜ୍ଞାବହ ଦେହରକ୍ଷୀ ବେପାରୀକୁ ମାରିଲା ଧକ୍କାଟିଏ। ବେପାରୀ ବର୍ଷାରେ ଭିଜିଭିଜି କବର ସ୍ଥାନ ଯାଏ ଗଲା ଓ କେଇ ମୁହୂର୍ତ୍ତ ଗୁଣୁଗୁଣୁ ହୋଇ ନିଜର ପାପ ସ୍ୱୀକାର କରି ପୁଣି ଫେରିଆସିଲା ଚଟିଘରକୁ। ବଜ୍ରପାତ କିନ୍ତୁ ବନ୍ଦ ହେଉ ନ ଥିଲା। ପରେ ପରେ ଜମିଦାରଙ୍କ ମୂଲ୍ୟାୟନରେ କ୍ରମାନ୍ୱୟତା ରକ୍ଷା କରି କଂସେଇ ଓ ଦେହରକ୍ଷୀ ମଧ୍ୟ କବରଖାନା ନିକଟକୁ ଯାଇ ନିଜ ନିଜର ସ୍ୱୀକାରୋକ୍ତି କରି ଆସିଲେ। ତଥାପି ବଜ୍ରପାତ ବନ୍ଦ ନ ହେବାରୁ ଏଥର ଜମିଦାରଙ୍କ ଆଖିପଡ଼ିଲା ବିଧବା ବୁଢ଼ୀ ଉପରେ। କାକୁସ୍ଥ ଭାବେ ତା' କୋଳରେ ଜାକିଜୁକି ବସିଥିବା ନାତିଟିକୁ ଏକଲା ଛାଡ଼ି ସେ ମଧ୍ୟ ଚାଲିଲା ନିଜ ଜୀବନର ପାପ ସ୍ୱୀକାର କରିବା ପାଇଁ। ମାତ୍ର କାହିଁ, ତଥାପି ତ ବଜ୍ରପାତ ବନ୍ଦ ହେଉନାହିଁ! ଏଥର ସମସ୍ତଙ୍କ ଆଖିପଡ଼ିଲା ଖୋଦ୍ ଜମିଦାରଙ୍କ ଉପରେ।

ମାତ୍ର ସେ ଯେ ଜମିଦାର! କେହି ନ ପଚାରିଲେ ମଧ୍ୟ ପାପ ପୁରୁଷଙ୍କ ତାଲିକାରେ ତାଙ୍କ ନାମ ନାହିଁ ବୋଲି ସେ ସ୍ପଷ୍ଟ ଜଣାଇଦେଲେ ଓ ବୁଢ଼ୀର ସେଇ ଅପାପବିଦ୍ଧ ନିରୀହ ନାତିଟିର ପରୀକ୍ଷା ନେବା ପାଇଁ ଆଦେଶ ଶୁଣାଇଦେଲେ। ସେଯାଏ ଜଗତକୁ ସମ୍ପୂର୍ଣ୍ଣ ଚିହ୍ନି ନ ଥିବା ଓ ପାପ–ପୁଣ୍ୟର ପୃଥିବୀଠାରୁ ଢେର ଦୂରରେ ଥିବା ସେଇ ସୁକୁମାର ଶିଶୁଟିର ହାତ ଟାଣି ଭିଡ଼ିନେଲା ଦୁର୍ଦ୍ଦାନ୍ତ ଦେହରକ୍ଷୀ ଓ ଅତ୍ୟନ୍ତ ନିର୍ଦ୍ଦୟ ଭାବେ ଚଟିଘର ବାହାରକୁ ଠେଲିଦେଲା। ଆକୁଳ ଚିତ୍କାର କରି ବୁଢ଼ୀ ନିଜ ନାତିର ଅନୁଧାବନ କରି ଚଟିଘରୁ ବାହାରକୁ ବାହାରିଗଲା ମାତ୍ରେ ସର୍ବଶେଷ ବଜ୍ରପାତଟି ସଂଘଟିତ ହେଲା ଓ ନିମିଷକେ ଧ୍ୱଂସ ପାଇଗଲା ପାପ ପରୀକ୍ଷାର ପୀଠ ସେଇ ଚର୍ଚ୍ଚିତ ଚଟିଘରଟି। ପରେ ପରେ ବର୍ଷା ଛାଡ଼ିଗଲା, ବଜ୍ରପାତ ବନ୍ଦ ହୋଇଗଲା ଓ ଏଥିସହିତ ବଜ୍ରାଘାତରେ ଟଳି ପଡ଼ିଥିବା ସେଇ ତଥାକଥିତ ପୁଣ୍ୟ ପୁରୁଷମାନଙ୍କ ଅକାଳ ମୃତ୍ୟୁ ସହ ପାପପୁଣ୍ୟର ପରୀକ୍ଷା ଶେଷ ହେଲା। ଜଣେ ମାତ୍ର ପୁଣ୍ୟ ପୁରୁଷର ପୁଣ୍ୟକୁ ପୁଞ୍ଜି କରି ପାପଗ୍ରସ୍ତ ପୃଥିବୀର ଧ୍ୱଂସ ସାଧନ ଯେ ବିଳମ୍ବିତ ହୋଇପାରେ, ଏ କଥାର ମଧ୍ୟ ପ୍ରମାଣ ମିଳିଗଲା।

କଳ୍ପନାର କାରୁକାର୍ଯ୍ୟ କହି ଏହି ପ୍ରାଚୀନ କାହାଣୀକୁ ସେଇ ସମୟରେ ଏଡ଼ାଇଯିବା ଖୁବ୍ ସହଜ, ଯେଉଁ ସମୟରେ ପାପ–ପୁଣ୍ୟ ପ୍ରଭେଦକୁ ସଂସ୍କାରଗତ ମନର ବିକାରବୋଧ ବୋଲି ଆଧୁନିକ ଜନମାନସରେ ବିବେଚିତ କରାଯାଉଛି। ମାତ୍ର ସେକାଳର ଚିତ୍ର ଓ ଚରିତ୍ରଠାରୁ ଏକାଳର ବାସ୍ତବତା କିଛି ଭିନ୍ନ ନୁହେଁ। ଆମ ଆଖି ଦେଖୁଥିବା ଅବା କାନ ଶୁଣୁଥିବା ଏପ୍ରକାର ବହୁ ଦୃଷ୍ଟାନ୍ତ କେବଳ ଗୋଟିଏ ସତ୍ୟକୁ ବାରମ୍ବାର ପ୍ରମାଣ କରୁଛି ଯେ, ସତ୍ୟ ସଦାଚାରର ପରିଭାଷା ସମୟ ଓ ସୁବିଧା ଦେଖି ତାହାର ରୂପ ବଦଳାଇ ଚାଲିଛି ଓ ଆଲୋକ ଅନ୍ତରାଳର କଳାଛାୟା ପରି ପ୍ରକୃତ ସତ୍ୟ ଲୋକଲୋଚନକୁ ଆସୁନାହିଁ।

ପ୍ରାୟ ବର୍ଷକ ତଳେ କରୋନା ସଙ୍କଟର ମୁକାବିଲା କରୁଥିବା ବିଭାଗର ଶୀର୍ଷାଧିକାରୀ ଅକସ୍ମାତ୍ ପଦଚ୍ୟୁତ ହୋଇ ଅନ୍ୟ ଏକ ବିଭାଗକୁ ସ୍ଥାନାନ୍ତରିତ ହେଲେ। ନିଜ ଦକ୍ଷତା ସହ ସାଧୁତା ପାଇଁ ସେ ବେଶ୍ ପରିଚିତ ଥିଲେ ମଧ୍ୟ ତାଙ୍କ ସ୍ଥାନାନ୍ତରଣକୁ ପ୍ରଶାସନର ଏକ ନିୟମିତ ପ୍ରକ୍ରିୟା ବୋଲି ସଫେଇ ଦିଆଗଲା। ତାଙ୍କୁ ଜାଣିଥିବା ଓ ତାଙ୍କ ନିଷ୍ପାପର କାର୍ଯ୍ୟଦକ୍ଷତା ଏବଂ ପ୍ରଶାସନିକ ଅଭିଜ୍ଞତା ସହ ପରିଚିତ ଥିବା ଲୋକଙ୍କ ପାଇଁ ଏହା ଥିଲା ଏକ ରହସ୍ୟ। ଆନୁଷ୍ଠାନିକ ଭାବେ ଏହି ରହସ୍ୟ ଉଦ୍‌ଘାଟନ କରିବାକୁ କାହାର ସମୟ ଓ ସ୍ପୃହା ନ ରହିବା ସ୍ୱାଭାବିକ। ତେବେ ଜଣେ ସାମ୍ବାଦିକଙ୍କ ନିରପେକ୍ଷ ଅନୁଶୀଳନ ଏକ ଭିନ୍ନ କଥା କହୁଥିଲା। ତାଙ୍କ ପାଖରୁ ଶୁଣିବାକୁ ମିଳିଥିଲା, ଶାସନ ବା ପ୍ରଶାସନ ସହ ସମାନ୍ତରାଳ ରେଖାରେ ଗତି କରୁଥିବା ସାଧୁତାର ଦୟନୀୟ ଦୁର୍ଭାଗ୍ୟର କଥା। ନିଜ ସମଗ୍ର ଚାକିରି କାଳ ମଧ୍ୟରେ ସାଧୁତାର ପାଖ ଛାଡ଼ି ନ ଥିବା ସେହି ଶୀର୍ଷାଧିକାରୀ ପ୍ରଶାସକ ମହୋଦୟ ମଧ୍ୟ ନିଜ କାର୍ଯ୍ୟଧାରାରେ ଅନ୍ୟ ଅଧିକାରୀମାନଙ୍କ ହସ୍ତକ୍ଷେପ ତଥା ଅନ୍ୟ କିଛି ଅଧିକାରୀଙ୍କ ଅସାଧୁତାରେ ଅତିଷ୍ଠ ହୋଇ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିସ କରିବାକୁ ଯାଉଥିବା ବେଳେ ପରିଣାମ ହେଲା ଅତ୍ୟନ୍ତ ପ୍ରତ୍ୟାଶିତ। ପ୍ରଥମେ ତାଙ୍କୁ ପ୍ରଲୋଭନ ଦେଖାଇ ଚୁପ୍ କରିଦେବାର ଚେଷ୍ଟା କରାଗଲା। ମାତ୍ର ବିଶ୍ୱସ୍ତ ଶ୍ୱାନକୁ ଯେତେ ପ୍ରଲୋଭନ ଦେଖାଇଲେ ମଧ୍ୟ ତା' ମୁନିବର ସ୍ୱାର୍ଥରକ୍ଷା ପାଇଁ ସେ କି କେବେ ଭୁକିବା ବନ୍ଦ କରନ୍ତା! ଅବଶ୍ୟ ଏ କଥା ଭିନ୍ନ ଯେ, ଦ୍ୱାରପାଳ କୁକୁରର ଭୁକିବା ଶବ୍ଦରେ ନିଦ ଭାଙ୍ଗିଗଲା ପରେ ବି ଚରମ ଉଦାସୀନତାରେ ମୁନିବ ଯେଉଁଠି ପୁଣି ଶୋଇପଡ଼େ, ସେଠି ବିଚରା କୁକୁରର ବା ଚାରା କ'ଣ? ଚୋର ହାତରୁ ନିର୍ଘାତ ପ୍ରହାର ଖାଇ ତା'ର ପ୍ରାଣ ଯିବ ସିନା!

ଶୀର୍ଷାଧିକାରୀଙ୍କ କ୍ଷେତ୍ରରେ ତାହାହିଁ ଘଟିଲା। କତିପୟ କରିତ୍‌କର୍ମାଙ୍କ ପ୍ରଭାବ ଓ ପ୍ରତିପତ୍ତି ଆଗରେ ତାଙ୍କ ଆଦର୍ଶବୋଧ ପରାଜୟ ଲଭିଲା। ତାଙ୍କ ରିପୋର୍ଟ ଉପରେ ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ନାହିଁ। ବରଂ ତାଙ୍କ ଅନାବଶ୍ୟକ ସାଧୁତାଠୁ ମୁକ୍ତି ଲଭିବାକୁ ତାଙ୍କୁ ସ୍ଥାନାନ୍ତରିତ କରାଗଲା। ପଦଚ୍ୟୁତ ହେଲା ପରେ ପ୍ରଶାସନିକ ଶୃଙ୍ଖଳା ନାମରେ ତାଙ୍କ ପ୍ରତିକ୍ରିୟାକୁ ସେ ନିଜ ଭିତରେ ଅବରୁଦ୍ଧ ରଖିଥିବେ ନିଶ୍ଚୟ। ନିଜକୁ ନିଜେ ବୁଝାଇ ଦେଇଥିବେ ଯେ, ସାଧୁତା ଓ ଦକ୍ଷତା ସାଙ୍ଗ ହୋଇ ଏକା ରେଖାରେ ଆଗକୁ ବଢ଼ିବା ବୋଧହୁଏ ଅନ୍ୟମାନଙ୍କ ପାଇଁ ଗ୍ରହଣୀୟ ନୁହେଁ। କିନ୍ତୁ ଆମ ଭଳି ପରଦା ପଛର ସାଧାରଣ ମଣିଷମାନଙ୍କ ପାଇଁ ସାଧୁତାର ଏ ପ୍ରକାର ଅପମୃତ୍ୟୁ ବା ଦୁଃଖଦାୟକ ଦୃଶ୍ୟ ନିଶ୍ଚୟ।

ତେବେ ସେହି ଅଧିକାରୀଙ୍କ ଅଯୋଗ୍ୟତା ସପକ୍ଷରେ ଶେଷ ସିଦ୍ଧାନ୍ତଟି କ'ଣ ହୋଇପାରେ? ତାଙ୍କ ଭଳି ପୁଣ୍ୟ ପୁରୁଷଙ୍କୁ କେବଳ ଏତିକି କୁହାଯାଇପାରେ, ହେ ପ୍ରଶାସକ ମହୋଦୟ! ଆପଣ ତ ଛାତ୍ର ଥିବା ବେଳେ ଅର୍ଥଶାସ୍ତ୍ରରେ ପଢ଼ିଥିବେ 'ବେଡ୍ ମନି' କିପରି 'ଗୁଡ୍ ମନି'କୁ ବାହାର କରିଦିଏ। ସୁତରାଂ, ଆପଣ ବିତାଡ଼ିତ ହେବାରେ ଆଉ ବୈଚିତ୍ର୍ୟ ରହିଲା କେଉଁଠି? ଆପଣଙ୍କ ଭଳି କେଇଜଣ ଗୁଡ୍ ମନି ଲୁଚିଛପି ବେଡ୍ ମନିଙ୍କ ସହ ରହିଯାଇଛନ୍ତି ବୋଲି ତ ଏ ପୃଥିବୀର ବିଲୟ ଏତେ ବିଳମ୍ବିତ ହେଉଛି। କାହାଣୀର ସେହି ନିଷ୍ପାପ ଶିଶୁଟିକୁ ଧକ୍କା ମାରି ଚଟିଘରୁ ବାହାର କଲା ପରି ଆପଣଙ୍କ ପରି ସାଧୁ ପୁରୁଷଙ୍କୁ ଧକ୍କା ମାରି ବାହାର କରା ନ ଗଲା ଯାଏ ଚଟିଘରର ଧ୍ୱଂସ କାହିଁ ନା ଏ ପୃଥିବୀର ମୁକ୍ତି କାହିଁ! ଅତଏବ, କେବଳ ଅପେକ୍ଷା ସେଇ ବିପ୍ୱାତକୁ, ସେଇ ବଜ୍ରପାତକୁ!

**ପ୍ରଜ୍ଞା ନିଳୟ, ବିଦ୍ୟାପତି ନଗର, ଚକେଇସିହାଣି, ଭୁବନେଶ୍ୱର–୧୦**
**ମୋ: ୮୮୯୫୬୨୪୧୦୫**

# 'ପ୍ରତିଜ୍ଞା'ର ଔପନ୍ୟାସିକ

ଟାଇପ୍‌ରାଇଟର କିମ୍ବା କମ୍ପ୍ୟୁଟର ବ୍ୟବହାର ନ କରି ପ୍ରାରମ୍ଭିକ ଲେଖା ଲଙ୍ଗହାଣ୍ଡ୍ ନୋଟ୍‌ବୁକ୍ ଉପରେ ଟର୍ଟଏଜଶେଲ୍ ଫାଉଣ୍ଟେନ୍ ପେନ୍ ଚଲାଇ ସୃଜନ କାର୍ଯ୍ୟରେ ନିମଗ୍ନ ରହିବାରେ ଦକ୍ଷିଣ ଆଫ୍ରିକୀୟ ଔପନ୍ୟାସିକ ଡାମୋନ ଗାଲ୍‌ଗୁଟ୍ ଆନନ୍ଦ ପାଇଥାଆନ୍ତି। କୌଣସି ଲେଖାକୁ ପୂର୍ଣ୍ଣାଙ୍ଗ ରୂପ ଦେବା ପୂର୍ବରୁ ତାହାକୁ ଦୁଇ ଥର ପଢ଼ି ନେଇଥାଆନ୍ତି। ଏହା ପରେ ଲେଖା କମ୍ପ୍ୟୁଟର ଉପରକୁ ଚଢ଼େ। ଗାଲ୍‌ଗୁଟ୍‌ଙ୍କୁ ଯେତେବେଳେ ୧୭ ବର୍ଷ ସେତେବେଳେ ସେ ପ୍ରଥମ ଉପନ୍ୟାସ 'ଏ ସିନ୍‌ଲେସ୍ ସିଜନ୍' ରଚନା କରିଥିଲେ। ସେହି ସୃଜନ ଯାତ୍ରା ତାଙ୍କୁ ୨୦୨୧ ଲାଗି ବିଶ୍ୱର ଅନ୍ୟତମ ପ୍ରସିଦ୍ଧ ସାହିତ୍ୟ ପୁରସ୍କାର 'ବୁକର୍' ଦେଇପାରିଛି। ୩ ନଭେମ୍ବରରେ ଗାଲ୍‌ଗୁଟ୍‌ଙ୍କ ଉପନ୍ୟାସ 'ଦି ପ୍ରୋମିଜ୍' ଏହି ବ୍ରିଟିଶ ପୁରସ୍କାର ପାଇବା ପରେ ତାଙ୍କ ବ୍ୟକ୍ତିତ୍ୱ ଚର୍ଚ୍ଚାକୁ ଆସିଛି।



ବ୍ୟକ୍ତିତ୍ୱ

ଡାମୋନ ଗାଲ୍‌ଗୁଟ୍

ଗାଲ୍‌ଗୁଟ୍ ୧୨ ନଭେମ୍ବର ୧୯୬୩ରେ ଦକ୍ଷିଣ ଆଫ୍ରିକାର ପ୍ରିଟୋରିଆରେ ଜନ୍ମଗ୍ରହଣ କରିଥିଲେ। ସେ ଜଣେ ପୁରୁଷ ସମଲିଙ୍ଗୀ ଭାବେ ଜଣାଶୁଣା। ସେଥିପାଇଁ ତାଙ୍କ ଲେଖାରେ ପୁରୁଷମାନେ ପ୍ରାଧାନ୍ୟଲାଭ କରିଥାଆନ୍ତି। ସେ ସାହିତ୍ୟରେ ହେତୁ ପାଇବା ଦିନୁ ନିଷ୍ପତ୍ତି ନେଇଥିଲେ ଜୀବନରେ କଥାକାର ହେବେ। ଗଳ୍ପ, ଉପନ୍ୟାସ ଓ ନାଟକ ତାଙ୍କ ସୃଜନରାଜ୍ୟକୁ ସର୍ବଦା ଆବୋରି ରଖିଆସିଛି। ଲେଖିବା ପାଇଁ ସେ ବୁଲିବାକୁ ଭଲ ପାଇଥାଆନ୍ତି। ସାଥିରେ ଥାଏ ନୋଟ୍‌ବୁକ୍ ଓ ପେନ୍। ଯୁଆଡ଼େ ଗଲେ ଓ ଯେଉଁ ସ୍ଥାନରେ ରହିଲେ ସେହିଠାରେ ସାହିତ୍ୟ ରଚନା କରିଥାଆନ୍ତି। ୧୯୮୨ରେ ଉପନ୍ୟାସ 'ଏ ସିନ୍‌ଲେସ୍ ସିଜନ୍' ପ୍ରକାଶ ପାଇବା ପରେ ୧୯୮୮ରେ କ୍ଷୁଦ୍ରଗଳ୍ପ ସଙ୍କଳନ 'ସ୍ମଲ୍ ସର୍କଲ ଅଫ୍ ବିଇଙ୍ଗସ୍' ଆସିଥିଲା। ତେବେ 'ଦି ବିଉଟିଫୁଲ୍ ସ୍କ୍ରିମିଂ ଅଫ୍ ପିଗ୍‌ସ' ୧୯୯୧ରେ ପ୍ରକାଶ ପାଇବା ପରେ ତାହା ୧୯୯୨ରେ ସେଣ୍ଟ୍ରାଲ ନ୍ୟୁଜ୍ ଏଜେନ୍ସି ଲିଟେରାରି ଆୱାର୍ଡ ପାଇଥିଲା। ସାହିତ୍ୟ କ୍ଷେତ୍ରରେ ପ୍ରଥମ ସ୍ୱୀକୃତି ତାଙ୍କୁ ଉତ୍ସାହିତ କରିଥିଲା। ୧୯୯୫ରେ 'ଦି କ୍ୱାରି' ଫିଚର ଫିଲ୍ମ ହୋଇଥିଲା। ୨୦୦୩ରେ 'ଉପନ୍ୟାସ 'ଦି ଗୁଡ୍ ଡକ୍ଟର' ଗାଲ୍‌ଗୁଟଙ୍କୁ ଦକ୍ଷିଣ ଆଫ୍ରିକା ବାହାରେ ପରିଚିତ କରାଇଥିଲା। ବର୍ଣ୍ଣବିଦ୍ୱେଷ ପରବର୍ତ୍ତୀ ସମୟରେ ଦକ୍ଷିଣ ଆଫ୍ରିକାର ଏକ ଗ୍ରାମୀଣ ଡାକ୍ତରଖାନା ଓ ଡାକ୍ତରଙ୍କ ବିଷୟ ଏଥିରେ ସ୍ଥାନ ପାଇଛି। ୨୦୦୩ ମସିହାରେ ଏହା ବୁକର ପୁରସ୍କାର ପାଇଁ ସଂକ୍ଷିପ୍ତ ଚୟନ ତାଲିକାରେ ସ୍ଥାନ ପାଇବା ସହ ଶ୍ରେଷ୍ଠ ପୁସ୍ତକ ଭାବେ କମନ୍‌ୱେଲ୍‌ଥ ରାଇଟର୍ସ ପ୍ରାଇଜ୍ ଜିତିଥିଲା। ଏପରି କି ତାଙ୍କ 'ଏ ଷ୍ଟ୍ରେଞ୍ଜ୍ ରୁମ୍' ୨୦୧୦ରେ ବୁକର ପୁରସ୍କାର ପାଇଁ ପୁନଶ୍ଚ ସଂକ୍ଷିପ୍ତ ଚୟନ ତାଲିକାରେ ସ୍ଥାନ ପାଇଥିଲା। ଏହି ଉପନ୍ୟାସକୁ 'ଦି ଗାର୍ଡିଆନ୍'ରେ ରିଭ୍ୟୁ କରିବା ବେଳେ ଜନ୍ ମୋରିସ୍ ଲେଖିଥିଲେ ଯେ, ଏ ଷ୍ଟ୍ରେଞ୍ଜ୍ ରୁମ୍ ଏକ ସୁନ୍ଦର ପୁସ୍ତକ ଓ ତାହାକୁ ପଢ଼ିଲେ ମନ ଲାଖିଯିବା ଭଳି ଚରିତ୍ର ଓ ଅବସ୍ଥାକୁ ସନ୍ନିବେଶିତ ଥିବା ଦେଖିବାକୁ ମିଳେ। ତଥାପି ତାହା ମର୍ଯ୍ୟାଦାଜନକ ବୁକ୍‌ର ପୁରସ୍କାର ପାଇବାରୁ ବଞ୍ଚିତ ହୋଇଥିଲା। କିନ୍ତୁ ୨୦୨୧ରେ ଉପନ୍ୟାସ 'ଦି ପ୍ରୋମିଜ୍' ତାଙ୍କୁ ବୁକ୍‌ର ସମ୍ମାନରେ ସମ୍ମାନିତ କରିବା ପରେ ଗାଲ୍‌ଗୁଟ୍‌ଙ୍କ ସୃଜନଶୀଳତା ଦିଗବିଦିଗ ଚରିଯାଇଛି। ଏହି ପୁସ୍ତକର ବିଷୟବସ୍ତୁ ସମୟ ଉପରେ ଆଧାରିତ। ଜଣେ ବନ୍ଧୁଙ୍କ ସହ କଥୋପକଥନ ବେଳେ ତାଙ୍କ ମନକୁ ଏକ ଧାରଣା ଆସିଥିଲା, ଯାହା ପରବର୍ତ୍ତୀ ସମୟରେ ଉପନ୍ୟାସରେ ପରିଣତ ହୋଇଥିଲା। ତାଙ୍କ ବନ୍ଧୁ ନିଜ ମାତାପିତା, ଭାଇ ଓ ଭଉଣୀକୁ ହରାଇ ଯେଭଳି ଭାବେ ପ୍ରତ୍ୟେକଙ୍କ ଅନ୍ତ୍ୟେଷ୍ଟି ସମାପନ କଲା ପରେ ଅନୁଭବ କରିଛନ୍ତି ଓ ସମୟ ତାଙ୍କୁ କିଭଳି ଏକାକୀ ଜୀବନ କଟେଇବା ଲାଗି ବାଧ କରିଛି, ତାହା ଦି ପ୍ରୋମିଜ୍‌ରେ ବର୍ଣ୍ଣନା କରାଯାଇଛି। ଗାଲ୍‌ଗୁଟ୍ କ୍ଷୁଦ୍ରଗଳ୍ପ ଓ ଉପନ୍ୟାସ ରଚନାରେ ଯେଭଳି ପୋଖତ ହୋଇଛନ୍ତି, ଉତ୍ତମ ନାଟକ ସୃଷ୍ଟି କରି କଥା ସାହିତ୍ୟର ସବୁ ଦିଗରେ ଥିବା ଦକ୍ଷତାର ମଧ୍ୟ ପ୍ରମାଣ ଦେଇଛନ୍ତି।

ବୁକର୍ ପୁରସ୍କାର ପାଇବା ପରେ ନିଜ ପ୍ରତିକ୍ରିୟାରେ ସେ ସାମ୍ବାଦିକଙ୍କୁ କହିଛନ୍ତି ଯେ, ଚଳିତବର୍ଷ ଆଫ୍ରିକୀୟ ଲେଖକଙ୍କ ପାଇଁ ଭଲ ସମୟ ଆଣିଦେଇଛି। ଅନ୍ୟତମ ଆଫ୍ରିକୀୟ ଲେଖକ ତଥା ଜାଞ୍ଜିବରରେ ଜନ୍ମିତ ଔପନ୍ୟାସିକ ଅବଦୁଲରଜାକ ଗୁର୍‌ନାହ ସାହିତ୍ୟ କ୍ଷେତ୍ରରେ ମଧ୍ୟ ନୋବେଲ ପୁରସ୍କାର ପାଇଛନ୍ତି। ସେହିପରି ଗାଲ୍‌ଗୁଟ୍ ବୁକର୍ ପୁରସ୍କାର ପାଇବାରେ ତୃତୀୟ ଆଫ୍ରିକୀୟ ଲେଖକ ମଧ୍ୟ ହୋଇପାରିଛନ୍ତି। ପୂର୍ବରୁ ନାଦିନେ ଗୋର୍ଡିମର ଓ ଜେ.ଏମ୍. କୋଟ୍‌ଜି ବୁକର୍ ସମ୍ମାନର ଅଧିକାରୀ ହୋଇଥିଲେ। ଗାଲ୍‌ଗୁଟ କହିଛନ୍ତି, ଏହି ସମ୍ମାନ ତାଙ୍କୁ ଅତ୍ୟନ୍ତ ଆନନ୍ଦ ଦେବା ସହ ଆଗକୁ ଉତ୍ତମ ସର୍ଜନା କରିବା ଲାଗି ପ୍ରେରଣାର ଉତ୍ସ ପାଲଟିଛି।

**–ଜିତେନ୍ଦ୍ର କୁମାର ନାୟକ**

## ଏଇ ଭାରତରେ

ଦିନେ ଜଣେ ସାମ୍ବାଦିକ, ହେଲେ ଘରେ ଚାଷ କରି ବର୍ଷକୁ ୭୦ ଲକ୍ଷ ଟଙ୍କା ରୋଜଗାର କରିବା କିଛି କମ୍ କଥା ନୁହେଁ। ଏଭଳି ପ୍ରେରଣାଦାୟୀ ସଫଳ କାହାଣୀ ପଛରେ ରହିଛନ୍ତି ରାମବୀର ସିଂ। ଉତ୍ତରପ୍ରଦେଶର ବରେଲିରେ ରହନ୍ତି ରାମବୀର। ଚାଷ ଆରମ୍ଭ କରିବା ପରେ ସେ ପ୍ରତ୍ୟକ୍ଷ ସାମ୍ବାଦିକତାରୁ ଓହରି ମୁକ୍ତବୃତ୍ତି ସାମ୍ବାଦିକ ଭାବେ କାର୍ଯ୍ୟ କରୁଛନ୍ତି। ଏହାସହ ନିଜର ଏକ ତିନି ମହଲା ଘରକୁ ହାଇଡ୍ରୋଫୋନିକ ଫାର୍ମ କରିଛନ୍ତି। ବିନା ମାଟିରେ ପରିବା ଚାଷ କରି ବର୍ଷକୁ ୭୦ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। ସେ ଦୁବାଇରୁ ହାଇଡ୍ରୋଫୋନିକ ଫାର୍ମି ଉପରେ ପ୍ରଶିକ୍ଷଣ ନେଇଛନ୍ତି। ପରିବା ଉତ୍ପାଦନ ଓ ମାର୍କେଟିଂ ପାଇଁ ସେ ଭିମ୍ପା ଅର୍ଗାନିକ ଆଣ୍ଡ ହାଇଡ୍ରୋଫୋନିକ୍ସ କମ୍ପାନୀ ଗଠନ କରିଛନ୍ତି। ଘରର ୭୫୦ ବର୍ଗମିଟର ଫାଙ୍କା ଜାଗାରେ ସେ ୧୦,୦୦୦ ଗଛ ଲଗାଇଛନ୍ତି। ଭେଣ୍ଡି, ଲଙ୍କା, କ୍ୟାପ୍‌ସିକମ୍, ଲାଉ, ଟମାଟୋ, ଫୁଲକୋବି, ପୋଇ, ବନ୍ଧାକୋବି, ଷ୍ଟ୍ରବେରି, ଗ୍ରୀନ୍‌ମଟର ଆଦି ଚାଷ କରୁଛନ୍ତି। ଏତିକି ଚାଷ ପାଇଁ ସାଧାରଣ ଖେତରେ ଯେତିକି ପାଣି ଆବଶ୍ୟକ ତା'ର ୯୦ ପ୍ରତିଶତ ବଞ୍ଚାଇ ପାରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୭ ନଭେମ୍ବର ୧୯୯୬

- ଲାଖୁଭାଇ ପାଠକ ଠକେଇ ମାମଲାରେ ପୂର୍ବତନ ପ୍ରଧାନମନ୍ତ୍ରୀ ପି.ଭି. ନରସିଂହ ରାଓଙ୍କୁ ଦିଲ୍ଲୀର ଏକ ଅଦାଲତ ଜାମିନ ମଞ୍ଜୁର କରିଛନ୍ତି।
- ବୈଦେଶିକ ବିନିମୟ ମୁଦ୍ରା ନିୟନ୍ତ୍ରଣ ଆଇନ (ଫେରା) ଉଲ୍ଲଂଘନ ଅଭିଯୋଗରେ ଏନ୍‌ଫୋର୍ସମେଣ୍ଟ ଡାଇରେକ୍ଟୋରେଟ ବିବାଦୀୟ ତାନ୍ତ୍ରିକ ଚନ୍ଦ୍ରସ୍ୱାମୀଙ୍କ ଉପରେ ୧୫ ଲକ୍ଷ ଟଙ୍କା ଜରିମାନା କରିଛି।
- ଓଡ଼ିଶାର ୧୦ଟି ଜଳସେଚନ ପ୍ରକଳ୍ପ ପାଇଁ ୯୮ କୋଟି ଟଙ୍କାର କେନ୍ଦ୍ରୀୟ ସାହାଯ୍ୟ ମଞ୍ଜୁରୀ।

## ଚିରନ୍ତନୀ

ଧବଳ ହରିତ କୃଷ୍ଣ ବହୁ ବର୍ଣ୍ଣ ଚର୍ମ ବେଶବାସ
ବୌଦ୍ଧ ହିନ୍ଦୁ ମୁସଲମାନ ଶିଖ ବା ଖ୍ରୀଷ୍ଟାନ
ସଂଗ୍ରାମ ମାଗଇ ନମ୍ର ବିଦଳିତ ଧୂଳିତଳ ଘାସ
ଶତେକ ଶତାବ୍ଦୀ ପରେ ରଚେ ଅଭିଯାନ।
–(ଶତାବ୍ଦୀ–ସୈନିକ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଉଚ୍ଚଶିକ୍ଷା ବିଭାଗର ଦୃଷ୍ଟିପଡୁ

ମହାଶୟ,

ଚଳିତ ବର୍ଷର ଠିକା ନିଯୁକ୍ତି ବିଷୟରେ ବଡ଼ ଘୋଷଣା ସମସ୍ତ ଠିକା କର୍ମଚାରୀଙ୍କ ପାଇଁ କ୍ଷଣିକ ଆଶ୍ୱାସନା। ଏଥିରେ କୌଣସି ଠିକା ଅଧ୍ୟାପକ ବା ଅଧ୍ୟାପିକା(ଅତିଥି ଅଧ୍ୟାପକ)ଙ୍କ ପାଇଁ ବ୍ୟବସ୍ଥା ଲାଗୁ ହେଉନାହିଁ। କ୍ଲାସ ଅନୁସାରେ ପାଉଣା ତ କେତେବେଳେ ଅତିକମ୍। ଦିନମଜୁରିଠୁ ବି କମ୍ ଦରମା ମହାବିଦ୍ୟାଳୟ ବା ବିଶ୍ୱବିଦ୍ୟାଳୟରେ ଦେଖିବାକୁ ମିଳୁଛି। ସବୁ କ୍ଷେତ୍ରରେ ଦର ବୃଦ୍ଧି ଯୋଗୁ ପରିବାର ଭରଣପୋଷଣ କାଠିକର ପାଠ। କଲେଜ ଅଧକ୍ଷ ତଥା ସ୍ଥାୟୀ ଅଧ୍ୟାପକମାନଙ୍କ ଦ୍ୱାରା ଅତିଥି ଅଧ୍ୟାପକ ଶୋଷଣର ଶିକାର ହେବା ସହ ତାଙ୍କ ଆତ୍ମସମ୍ମାନରେ ବାଧା ଆସୁଛି। ଏଥିପ୍ରତି ଉଚ୍ଚଶିକ୍ଷା ବିଭାଗ ତତ୍ପରତା ପ୍ରଦର୍ଶନ କରି ଯୋଗ୍ୟତା ଭିତ୍ତିରେ ଦରମା ଦେବା ସଙ୍ଗେ ସଙ୍ଗେ ସେମାନଙ୍କ ପାଇଁ ଛୁଟିର ବ୍ୟବସ୍ଥା କରିବା ସହ ସ୍ୱାଧୀନ ଭାବେ କାମ କରିବାର ସୁଯୋଗ ଦେଲେ ଶିକ୍ଷାନୁଷ୍ଠାନରେ ଏକ ସୁସ୍ଥ ପରିବେଶ ଆସିପାରିବ ନିଶ୍ଚୟ।

**– ମମତା ପାଢ଼ୀ, କମଳାନେହେରୁ କଲେଜ, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ପିଏନ୍‌ବିରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

**ଭୁବନେଶ୍ୱର,୬।୧୧:** ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି) ଭୁବନେଶ୍ୱର ଅଞ୍ଚଳ ଏବଂ ସମ୍ ଅଲ୍ଟିମେଟ୍ ହସ୍ପିଟାଲର ମିଳିତ ସହଯୋଗରେ ଏକ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ୟାଙ୍କର ଆଲୋକ ଭାରତୀ ଟାୱାରସ୍ଥିତ ଶହୀଦନଗର ଶାଖା ପରିସରରେ ଉକ୍ତ ଶିବିରର ଆୟୋଜନ କରାଯାଇଥିଲା। ଏହାକୁ ବ୍ୟାଙ୍କର ଆଞ୍ଚଳିକ ପ୍ରବନ୍ଧକ ସଞ୍ଜୀବ ଭରଦ୍ୱାଜ ଉଦ୍‌ଘାଟନ କରିଥିବା ବେଳେ ବ୍ୟାଙ୍କର ମଣ୍ଡଳ ମୁଖ୍ୟ ପରେଶ କୁମାର ଦାସ ଏବଂ ଉପମଣ୍ଡଳ ମୁଖ୍ୟ ଉମାକାନ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଶିବିରରେ ୧୫୦ରୁ ଊର୍ଦ୍ଧ୍ୱ ଗ୍ରାହକ ତଥା ବ୍ୟାଙ୍କ କର୍ମଚାରୀ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ସମ୍ ଅଲ୍ଟିମେଟ୍ ପକ୍ଷରୁ ଆବଶ୍ୟକ ସହଯୋଗ ସହ ଉକ୍ତ ଶିବିରକୁ ସଫଳତାର ସହ ଆୟୋଜନ କରାଯାଇଥିଲା।

### ଟାଟା ଷ୍ଟିଲ ପକ୍ଷରୁ ଶ୍ରମଶକ୍ତି ଶତବାର୍ଷିକ ପାଳନ

**ଭୁବନେଶ୍ୱର,୬।୧୧:** ଟାଟା ଷ୍ଟିଲ୍‌ର ଏକ ବୈଷୟିକ ପ୍ରଶିକ୍ଷଣ ପ୍ରତିଷ୍ଠାନ ସାବକ ନାନାବତୀ ବୈଷୟିକ ପ୍ରତିଷ୍ଠାନ (ଏସ୍‌ଏନ୍‌ଟିଆଇ) ପକ୍ଷରୁ ୧୦୦ତମ ବର୍ଷ ପୂରଣ କରିଛି। ଏହି ଅବସରରେ ଅନୁଷ୍ଠିତ ହୋଇଥିବା ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମଗୁଡ଼ିକ ମଧ୍ୟରେ ଟାଟା ଷ୍ଟିଲ୍‌ର ପରିଚାଳନା ନିର୍ଦ୍ଦେଶକ ଓ ସିଇଓ ଟି ଭି ନରେନ୍ଦ୍ରନ୍ ମୁଖ୍ୟ ଅତିଥି ଭାବେ ଓ ଟାଟା ଷ୍ଟିଲ ଶ୍ରମିକ ସଂଘ (ଟିଡବ୍ଲ୍ୟୁ)ର ସଭାପତି ସଂଜୀବ୍ କୁମାର ଚୌଧୁରୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏକ ଇ-ହେରିଟେଜ୍ ଗ୍ୟାଲେରି ଓ କଫି ଟେବୁଲ୍ ବୁକ୍ ଏବଂ ଏକ ସ୍ମାରକୀ ପ୍ରକାଶନୀର ଉନ୍ମୋଚନ କରିଥିଲେ। ଶତବାର୍ଷିକୀ ପାଳନ ଅବସରରେ ଏକ ପ୍ରିମିୟର୍ ଅନୁଷ୍ଠାନ ଭାବେ ଏସ୍‌ଏନ୍‌ଟିଆଇର ଅଭ୍ୟୁଦୟ ଓ ସ୍ୱଦେଶୀ ଶ୍ରମଶକ୍ତିଙ୍କ କୌଶଳ ବିକାଶ ଓ ସେମାନଙ୍କୁ ନିଯୁକ୍ତିକ୍ଷମ କରିବା ଏବଂ କିଭଳି ଦେଶର ମାନୁଫାକ୍ଚରିଂ କ୍ଷେତ୍ର ପାଇଁ ଏସ୍‌ଏନ୍‌ଟିଆଇ କିଭଳି ଲାଭଦାୟକ ହୋଇଥିଲା ସେହି ଯାତ୍ରା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏହି ଅବସରରେ ଟି ଭି ନରେନ୍ଦ୍ରନ୍, ପରିଚାଳନା ନିର୍ଦ୍ଦେଶକ ଓ ସିଇଓ, ଟାଟା ଷ୍ଟିଲ୍ କହିଛନ୍ତି ଯେ, ଏହା ଅତ୍ୟନ୍ତ ଗର୍ବର ବିଷୟ ଯେ ଏସ୍‌ଏନ୍‌ଟିଆଇ ଭାରତର ବୈଷୟିକ ଶିକ୍ଷାର ଅଗ୍ରଦୂତ ଭାବେ ଶତବାର୍ଷିକୀ ପାଳନ କରୁଛି।

# ୩୦୦ ବିଲିୟନ କ୍ଲବ୍‌ରେ ମସ୍କ



- ବେଜୋସଙ୍କୁ ପଛରେ ପକାଇଲେ ଏଲନ୍
- ପାକିସ୍ତାନର ଜିଡିପିଠାରୁ ମସ୍କଙ୍କ ସମ୍ପତ୍ତି ଅଧିକ
- ଶ୍ରେଷ୍ଠ ୨୦ ଧନୀଙ୍କ ମଧ୍ୟରେ ୨ ଭାରତୀୟ

**ନୂଆଦିଲ୍ଲୀ,୬।୧୧**

ବିଶ୍ୱର ଅନ୍ୟତମ ଧନୀ ବ୍ୟକ୍ତି ତଥା ଆମେରିକୀୟ ଇଲେକ୍ଟ୍ରିକ୍ କାର କମ୍ପାନୀ ଟେସ୍‌ଲାର ମୁଖ୍ୟ କାର୍ଯ୍ୟନିର୍ବାହୀ (ସିଇଓ) ଏଲନ୍ ମସ୍କଙ୍କ ସମ୍ପତ୍ତି ବର୍ତ୍ତମାନ ୩୦୦ ବିଲିୟନ ଟପିଯାଇଛି। ଫଳରେ ବିଶ୍ୱ ଧନିକ ଶ୍ରେଣୀର କ୍ଲବ ୩୦୦ ବିଲିୟନ କ୍ଲବ୍‌ରେ ପ୍ରଥମ ବ୍ୟକ୍ତି ଭାବେ ସେ ସ୍ଥାନ ପାଇଛନ୍ତି। ଅନ୍ୟ ଧନୀ ବ୍ୟକ୍ତିଙ୍କ ଅପେକ୍ଷା ବର୍ତ୍ତମାନ ତାଙ୍କ ସମ୍ପତ୍ତି ଦୁଇଗୁଣାରୁ ଊର୍ଦ୍ଧ୍ୱ ହାରରେ ବଢ଼ିବାରେ ଲାଗିଛି। ଫଳରେ ମସ୍କଙ୍କ ମୋଟ ସମ୍ପତ୍ତିର ପରିମାଣକୁ ହିସାବକୁ ନେଲେ ପାକିସ୍ତାନର ଜିଡିପିଠାରୁ ମଧ୍ୟ ପ୍ରାୟ ୩୦ ବିଲିୟନ ଅଧିକ ବୋଲି ଜଣାପଡ଼ିଛି।

ଜଣେ ଆମେରିକୀୟ ସାମ୍ବାଦିକ ମସ୍କଙ୍କ ସମ୍ପତ୍ତିକୁ ନେଇ ନିକଟରେ ଏକ ରିର୍ପୋଟରେ ଉଲ୍ଲେଖକରି କହିଛନ୍ତି, ପାକିସ୍ତାନର ଜିଡିପିଠାରୁ ମସ୍କଙ୍କ ସମ୍ପତ୍ତି ଢେର ଅଧିକ । ପତ୍ରକାରଙ୍କ ଏଭଳି ମନ୍ତବ୍ୟକୁ ନେଇ ସାରା ବିଶ୍ୱରେ ଚର୍ଚ୍ଚା ଜୋର ଧରିଛି। ୱାର୍ଲଡ ରିଅଲ ଟାଇମ ବିଲିୟନେୟାର୍ସର ରିପୋର୍ଟକୁ ଗ୍ରହଣ କରାଗଲେ ମସ୍କଙ୍କ ନେଟ୍ ୱର୍ଥ ବର୍ତ୍ତମାନ ୩୧୮.୪ ବିଲିୟନ ଡଲାରରେ ରହିଛି। ତେବେ ବର୍ତ୍ତମାନ ତାଙ୍କର ନେଟ୍‌ୱର୍ଥଠାରୁ ୨୦୨୧ର ପାକିସ୍ତାନର ଜିଡିପି ବର୍ତ୍ତମାନର ବଜାର ମୂଲ୍ୟ ଅନୁସାରେ ୨୮୦ ବିଲିୟନ ଡଲାର ବୋଲି ଜଣାପଡିଛି।

ଆମେରିକୀୟ କାର୍ ରେଣ୍ଟାଲ କମ୍ପାନୀ ହର୍ଜ ଗ୍ଲୋବାଲ ହୋଲ୍ଡିଂସ୍ ଇଙ୍କ୍ ଟେସ୍‌ଲାର ୧ଲକ୍ଷ କାର କିଣିବାକୁ ଅର୍ଡର ଦେଇଛି। ଏହା ଫଳରେ ମସ୍କଙ୍କ ସମ୍ପତ୍ତି ଅଚାନକ ୩୬ ବିଲିୟନ ଡଲାର ବୃଦ୍ଧି ଘଟି ୩୦୦ ବିଲିୟନକୁ ଟପିଯାଇଛି। ଫଳରେ ବିଶ୍ୱର ପ୍ରମୁଖ ଧନୀ ଜେଫ୍ ବେଜୋସ ଏବେ ବିଲିୟନେୟାର ଇଣ୍ଡେକ୍ସରେ ମସ୍କଙ୍କ ପଛକୁ ଖସିଯାଇଛନ୍ତି। ବେଜୋସଙ୍କ ମୋଟ ସମ୍ପତ୍ତି ପରିମାଣରୁ ମସ୍କଙ୍କ ସମ୍ପତ୍ତି ୧୦୦ ବିଲିୟନ ଡଲାରରୁ ବି ଅଧିକ ହୋଇଯାଇଛି। ଏଥିରେ ମସ୍କଙ୍କ ସମ୍ପତ୍ତି ବିଶ୍ୱର ଅନ୍ୟତମ କାର୍ ନିର୍ମାତା ଟୟୋଟାଙ୍କ ମାର୍କେଟ୍ କ୍ୟାପ୍ରୁ ଠାରୁ ବି ଅଧିକ ହୋଇଯାଇଛି। ଟୟୋଟାର ବର୍ତ୍ତମାନ ବଜାର ପୁଞ୍ଜି ୨୮୩ ବିଲିୟନ ଡଲାର ରହିଥିବା ବେଳେ ମସ୍କଙ୍କ ସମ୍ପତ୍ତି ପ୍ରାୟ ୩୨୦ ବିଲିୟନରେ ପହଞ୍ଚିଯାଇଛି। ଏହି ସମୟରେ ମସ୍କଙ୍କ ଟେସ୍‌ଲାର ମାର୍କେଟ୍ କ୍ୟାପ୍ ୧ ଲକ୍ଷ କୋଟି ଡଲାରରେ ପହଞ୍ଚିବା ସହ ବିଶ୍ୱର ସବୁଠୁ ଧନୀ କମ୍ପାନୀରେ ମଧ୍ୟ ପରିଣତ ହୋଇଛି। ସେହିଭଳି ବିଶ୍ୱର ଶ୍ରେଷ୍ଠ ୧୦ ଧନୀ ବ୍ୟକ୍ତିଙ୍କ ମଧ୍ୟରେ କେହି ନ ଥିବା ବେଳେ ଶ୍ରେଷ୍ଠ ୨୦ରେ ୨ଜଣ ଭାରତୀୟ ରହିଛନ୍ତି। ବିଶ୍ୱର ୧୧ ତମ ଧନୀ ଭାବେ ରିଲାଏନ୍ସର ଅଧ୍ୟକ୍ଷ ମୁକେଶ ଅମ୍ବାନୀ (୯୫.୬ ବିଲିୟନ) ଥିବାବେଳେ ୧୫ ତମ ସ୍ଥାନରେ ଗୌତମ ଆଦାନୀ (୭୪.୧ ବିଲିୟନ) ରହିଛନ୍ତି।

## ଟିସିଏସ୍ ପକ୍ଷରୁ ୧୦ ଭେଣ୍ଟିଲେଟର ପ୍ରଦାନ



**ଭୁବନେଶ୍ୱର,୬।୧୧**

କୋଭିଡ୍-୧୯ ଚିକିତ୍ସା ସୁବିଧା ପ୍ରଦାନ ପାଇଁ ଟାଟା କନ୍‌ସଲଟାନ୍ସି ସର୍ଭିସେସ୍ (ଟିସିଏସ୍) ପକ୍ଷରୁ ବ୍ୟାପକ ସହାୟତା ଜାରି ରହିଛି। ଏହି ପରିପ୍ରେକ୍ଷୀରେ କମ୍ପାନୀ ତା'ର କର୍ପୋରେଟ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର୍) କାର୍ଯ୍ୟକ୍ରମର ଅଂଶ ଭାବେ ବିଭିନ୍ନ ସରକାରୀ ଓ ବେସରକାରୀ ଡାକ୍ତରଖାନାକୁ ୧୦ଟି ପିବି-୫୬୦ ଭେଣ୍ଟିଲେଟର ପ୍ରଦାନ କରିଛି। ଉକ୍ତ ଭେଣ୍ଟିଲେଟରଗୁଡ଼ିକ ଭୁବନେଶ୍ୱରସ୍ଥ କ୍ୟାପିଟାଲ ହସ୍ପିଟାଲ, ବ୍ରହ୍ମପୁରର ଏମ୍‌କେସିଜି ମେଡିକାଲ କଲେଜ, ଭୁବନେଶ୍ୱରର ଆମ୍ରି ହସ୍ପିଟାଲ ଏବଂ ନିଗମ ହେଲ୍‌ଥ କେୟାର ଭଳି ମେଡିକାଲକୁ ଦିଆଯାଇଛି।

କ୍ୟାପିଟାଲ ହସ୍ପିଟାଲକୁ ଭେଣ୍ଟିଲେଟର ପ୍ରଦାନ ଅବସରରେ ଟିସିଏସ୍‌ର ଭୁବନେଶ୍ୱର କେନ୍ଦ୍ର ମୁଖ୍ୟ ସରିତା ମିଶ୍ର, ଆଞ୍ଚଳିକ ଏଚ୍‌ଆର୍ ହେଡ୍ କାଳିପ୍ରସାଦ ତ୍ରିପାଠୀଙ୍କ ସମେତ କ୍ୟାପିଟାଲ ହସ୍ପିଟାଲର ନିର୍ଦ୍ଦେଶକ ଡ. ଲକ୍ଷ୍ମୀନାରାୟଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଶାର ସବୁ ବର୍ଗର ଲୋକଙ୍କୁ ସାହାଯ୍ୟ ଓ ସହଯୋଗ ଯୋଗାଇବା ପାଇଁ କମ୍ପାନୀ ସଦାସର୍ବଦା ସଜାଗ ରହିଛି ବୋଲି ସରିତା ମତବ୍ୟକ୍ତ କରିଛନ୍ତି। କମ୍ପାନୀର ଏଭଳି ପଦକ୍ଷେପକୁ ସମସ୍ତ ଡାକ୍ତରଖାନା କର୍ତ୍ତୃପକ୍ଷ ପ୍ରଶଂସା କରିବା ସହ କୋଭିଡ୍-୧୯ ବିରୋଧରେ ଲଢ଼ିବାରେ ସହାୟତା କରିଥିବାରୁ ଟିସିଏସ୍ କର୍ତ୍ତୃପକ୍ଷକୁ ଧନ୍ୟବାଦ ଜଣାଇଛନ୍ତି।

# ଅଣଭାଜପା ଶାସିତ ରାଜ୍ୟରେ କମିନି ତୈଳ ଟିକସ

**ଭୁବନେଶ୍ୱର,୬।୧୧**

### ୩ଟଙ୍କା ଭାଟ୍ କମାଇଛି ଓଡ଼ିଶା




ଚଳିତ ବର୍ଷ ଜୁଲାଇ ପରେ ପ୍ରଥମଥର ପାଇଁ ୧୫ଟି ରାଜ୍ୟ ଓ ୩ କେନ୍ଦ୍ର ଶାସିତ ଅଞ୍ଚଳରେ ପେଟ୍ରୋଲ ଲିଟର ପିଛା ୧୦୦ ଟଙ୍କା ତଳକୁ ଖସିଛି। ଏହି ୧୫ଟି ରାଜ୍ୟ ଭାଜପା କିମ୍ବା ତା'ର ସହଯୋଗୀ ଦଳ ସମ୍ପୃକ୍ତ ରାଜ୍ୟଗୁଡ଼ିକରେ ସରକାର ଗଢ଼ିଛନ୍ତି। କେନ୍ଦ୍ର ସରକାର ପେଟ୍ରୋଲ ଓ ଡିଜେଲ ଉପରେ ଲାଗୁଥିବା ଉତ୍ପାଦ ଶୁଳ୍କକୁ ନିକଟରେ ହ୍ରାସ କରିବା ପରେ ଏକାଧିକ ରାଜ୍ୟ ସରକାର ମଧ୍ୟ ଭାଟ୍ ହ୍ରାସ କରିଛନ୍ତି। ଏଭଳି ପରିସ୍ଥିତରେ ଓଡ଼ିଶାକୁ ଛାଡ଼ିଦେଲେ ଅନ୍ୟ କୌଣସି ଅଣ ଭାଜପା ଶାସିତ ରାଜ୍ୟର ସରକାରମାନେ ଏ ପର୍ଯ୍ୟନ୍ତ ତୈଳ ଦର ଉପରୁ ଟିକସ ହ୍ରାସ କରିନାହାନ୍ତି । ଏହାକୁ ନେଇ ରାଜନୀତି ଜୋର ଧରିଥିବା ବେଳେ ସେହିସବୁ ରାଜ୍ୟର ଖାଉଟି ମଧ୍ୟ ସରକାରଙ୍କ ଉପରେ ଅସନ୍ତୋଷ ପ୍ରକାଶ କରିଛନ୍ତି। ବୁଧବାର କେନ୍ଦ୍ର ସରକାର ପେଟ୍ରୋଲ ଉପରରୁ ୫ ଟଙ୍କା ଓ ଡିଜେଲ ୧୦ ଟଙ୍କା ଟିକସ ହ୍ରାସ କରିବା ନେଇ ନିଷ୍ପତ୍ତି ନେବା ପରେ ସଙ୍ଗେ ସଙ୍ଗେ ବହୁ ରାଜ୍ୟର ସରକାର ମଧ୍ୟ ଭାଟ୍ ହ୍ରାସ କରିଥିଲେ। ବର୍ତ୍ତମାନ ସୁଦ୍ଧା ମୋଟ ୨୩ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ସରକାରଙ୍କ ପକ୍ଷରୁ ରାଜ୍ୟ ଟିକସ ହ୍ରାସ କରାଯାଇଛି। ଉଭୟ ସରକାରଙ୍କ ପକ୍ଷରୁ ଟିକସ ହ୍ରାସ ସତ୍ତ୍ୱେ ମଧ୍ୟ କର୍ଣାଟକ, ବିହାର ଓ ମଧ୍ୟପ୍ରଦେଶ ଭଳି ରାଜ୍ୟରେ ପେଟ୍ରୋଲ ଲିଟର ପିଛା ୧୦୦ ଟଙ୍କା ଉପରେ ରହିଛି। ସେହିଭଳି କେନ୍ଦ୍ର ଶାସିତ ଅଞ୍ଚଳ ଲଦାଖରେ ମଧ୍ୟ ପେଟ୍ରୋଲ ୧୦୦ ଟଙ୍କାରୁ ଊର୍ଦ୍ଧ୍ୱ ଦରରେ ବିକ୍ରି ହେଉଛି।

କେନ୍ଦ୍ର ସରକାରଙ୍କ ନିବେଦନକୁ ସମ୍ମାନ ଜଣାଇ ବର୍ତ୍ତମାନ ସୁଦ୍ଧା ୧୬ଟି ରାଜ୍ୟ ଓ ୭ଟି କେନ୍ଦ୍ର ଶାସିତ ଅଞ୍ଚଳର ସରକାରଙ୍କ ପକ୍ଷରୁ ଭାଟ୍ ହ୍ରାସ କରାଯାଇଛି। ହେଲେ ଆଜି ପର୍ଯ୍ୟନ୍ତ ଅନ୍ୟ ୧୨ଟି ରାଜ୍ୟ ଓ ଗୋଟିଏ କେନ୍ଦ୍ର ଶାସିତ ଅଞ୍ଚଳର ରାଜ୍ୟ ସରକାରଙ୍କ ପକ୍ଷରୁ ସେଭଳି କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ।

ଦେଶର ପ୍ରମୁଖ ତୈଳ କମ୍ପାନୀ ଭାରତୀୟ ତୈଳ ନିଗମ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଶନିବାର ପେଟ୍ରୋଲ ଲିଟର ପିଛା ୧୦୦ ଟଙ୍କାରୁ କମ୍ ବିକ୍ରି ହେଉଥିବା ସ୍ଥାନଗୁଡ଼ିକ ମଧ୍ୟରେ ଉତ୍ତର ପ୍ରଦେଶ, ଉତ୍ତରାଖଣ୍ଡ, ଗୁଜରାଟ, ହରିୟାଣା, ଆସାମ, ଚଣ୍ଡିଗଡ଼, ଗୋଆ, ହିମାଚଳ ପ୍ରଦେଶ, ଜମ୍ମୁ-କଶ୍ମୀର, ସିକ୍କିମ, ଅରୁଣାଚଳ ପ୍ରଦେଶ, ମିଜୋରାମ, ନାଗାଲାଣ୍ଡ, ତ୍ରିପୁରା ଓ ପୁଡୁଚେରୀ ଭଳି ପ୍ରମୁଖ ରାଜ୍ୟ ରହିଛି। ସେହିପରି ପେଟ୍ରୋଲ ଓ ଡିଜେଲ ଉପରେ ଭାଟ୍ କମ୍ କରି ନ ଥିବା ରାଜ୍ୟଗୁଡ଼ିକ ମଧ୍ୟରେ ମହାରାଷ୍ଟ୍ର, ଦିଲ୍ଲୀ, ପଶ୍ଚିମବଙ୍ଗ, ତାମିଲନାଡୁ, ତେଲଙ୍ଗାନା, କେରଳ, ଆନ୍ଧ୍ରପ୍ରଦେଶ, ମେଘାଳୟ, ଝାଡ଼ଖଣ୍ଡ, ଛତିଶଗଡ଼, ରାଜସ୍ଥାନ, ପଞ୍ଜାବ ଓ କେନ୍ଦ୍ର ଶାସିତ ଅଞ୍ଚଳ ଆଣ୍ଡାମାନ-ନିକୋବର ଆଦି ରହିଛି।

## ଏସ୍‌ଇସିଏଲ୍‌ର ନିର୍ଦ୍ଦେଶକ ହେଲେ ଟଙ୍କଧର ତ୍ରିପାଠୀ



**ଭୁବନେଶ୍ୱର,୬।୧୧**

ଦେଶର ବୃହତ୍ତମ କୋଇଲା ଉତ୍ପାଦନକାରୀ କମ୍ପାନୀ ସାଉଥ୍ ଇଷ୍ଟର୍ନ କୋଲ୍‌ଫିଲ୍ଡସ୍ ଲିମିଟେଡ୍ (ଏସ୍‌ଇସିଏଲ୍) ର ବୋର୍ଡ ଅଫ୍ ଡାଇରେକ୍ଟର ଭାବେ ଟଙ୍କଧର ତ୍ରିପାଠୀଙ୍କୁ ନିଯୁକ୍ତ କରାଯାଇଛି। ସେ ଆଗାମୀ ୩ ବର୍ଷ ପାଇଁ ଏହାର ନିର୍ଦ୍ଦେଶକ ରହିବେ। କୋଇଲା ମନ୍ତ୍ରଣାଳୟ ପକ୍ଷରୁ ଏ ନେଇ ଏସ୍‌ଇସିଏଲ୍‌ର ସିଏମ୍‌ଡିଙ୍କୁ ପତ୍ର ମାଧ୍ୟମରେ ଅବଗତ କରାଯାଇଛି। ଏସ୍‌ଇସିଏଲ୍‌ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଅମ୍ବିକା ପ୍ରସାଦ ପଣ୍ଡା କହିଛନ୍ତି, କମ୍ପାନୀର ନୀତିକୁ ରଣନୀତିକ ନେତୃତ୍ୱ ପ୍ରଦାନ କରିବାରେ ତ୍ରିପାଠୀ ପ୍ରମୁଖ ଭୂମିକା ଗ୍ରହଣ କରିବେ।

## ଅଶୋକ ତ୍ରିପାଠୀଙ୍କୁ ସେଲ୍‌ର ସ୍ୱାଧୀନ ନିର୍ଦ୍ଦେଶକ ଦାୟିତ୍ୱ

**ଭୁବନେଶ୍ୱର,୬।୧୧**



ଓଡ଼ିଶାର ପୂର୍ବତନ ବରିଷ୍ଠ ପ୍ରଶାସକ ଅଶୋକ କୁମାର ତ୍ରିପାଠୀଙ୍କୁ ନିକଟରେ ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍(ସେଲ୍)ର ସ୍ୱାଧୀନ ନିର୍ଦ୍ଦେଶକ ଭାବେ ନୂତନ ଦାୟିତ୍ୱ ଦିଆଯାଇଛି। ଏକ ପ୍ରମୁଖ ମହାରତ୍ନ କମ୍ପାନୀ 'ସେଲ୍'ର ବର୍ତ୍ତମାନ ଭାରତରେ ୮ଟି ବୃହତ୍ ଇସ୍ପାତ କାରଖାନା ରହିଛି। ସେଥିମଧ୍ୟରୁ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ ଅନ୍ୟତମ । ଅଶୋକ ତ୍ରିପାଠୀ ହେଉଛନ୍ତି ୧୯୮୧ ବ୍ୟାଚ୍‌ର ଆଇଏଏସ୍ ଅଧିକାରୀ। ସେ ମଧ୍ୟ ଓଡ଼ିଶା ସରକାରଙ୍କ ଶିଳ୍ପ, ପର୍ଯ୍ୟଟନ, ସଂସ୍କୃତି, ଶିକ୍ଷା, ଅନୁସୂଚିତ ଜାତି ଓ ଜନଜାତି ଭଳି ବିଭାଗର ଦାୟିତ୍ୱରେ ରହି ବହୁ ବିକାଶମୂଳକ କାର୍ଯ୍ୟ କରିଛନ୍ତି। ସେହିଭଳି ବିଭିନ୍ନ କ୍ଷେତ୍ରରେ ତାଙ୍କର ଅଭିଜ୍ଞତା ରହିଥିବା ଯୋଗୁ କେନ୍ଦ୍ର ସରକାରଙ୍କ ଇସ୍ପାତ ମନ୍ତ୍ରଣାଳୟ ପକ୍ଷରୁ ତ୍ରିପାଠୀଙ୍କୁ ସେଲ୍‌ର ସ୍ୱାଧୀନ ନିର୍ଦ୍ଦେଶକ ପଦରେ ଅବସ୍ଥାପିତ କରାଯାଇଛି। ତାଙ୍କର ସକାରାତ୍ମକ ଯୋଗଦାନ ଯୋଗୁ ରାଜ୍ୟରେ ଅନେକ ବିକାଶମୂଳକ କାର୍ଯ୍ୟ ହୋଇପାରିଛି।

ମନେ ପଡ଼ନ୍ତି
ଦ୍ୱାଦଶ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ଦିବାକର ରଥ
୨୬୭/୩୩୫୫, ଜୟଦେବ ବିହାର, ଭୁବନେଶ୍ୱର
ଆବିର୍ଭାବ-୦୩।୦୬।୧୯୨୬
ତିରୋଧାନ- ୨୧।୧୦।୨୦୦୯
ଆଜି ଆପଣଙ୍କର ଦ୍ୱାଦଶତମ ପୁଣ୍ୟ ଶ୍ରାଦ୍ଧବାର୍ଷିକୀରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରିବା ସହ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଅଛୁ। ଆପଣଙ୍କର ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ସର୍ବଦା ଆମ୍ଭମାନଙ୍କ ପ୍ରତି ଅତୁଟ ରହିଥାଉ।
ଶୋକସନ୍ତପ୍ତ: ପରିବାରବର୍ଗ ।
ଧ-୨୨୧୮୦

## ଫୁର୍‌ସତ୍

# ହାରିବାନି, ହରାଇବା




**କ୍ୟା**ନ୍‌ସର ନାଁ ଶୁଣିଲେ ଲୋକଙ୍କ ମନରେ ଭୟ ସୃଷ୍ଟି ହୁଏ। ତେବେ ଏଭଳି ଶାରୀରିକ ସମସ୍ୟାରେ ସାହସ ଜରୁରୀ। କ୍ୟାନ୍‌ସର ଭୟରେ ପରାଜିତ ମନୋଭାବ ନ ରଖି ଏହାକୁ ହରାଇବା ଲାଗି ଯୋଜନା ପ୍ରସ୍ତୁତ କରିବା ଆବଶ୍ୟକ। ଏହାଦ୍ୱାରା ପରବର୍ତ୍ତୀ ଜୀବନ ଜିଇଁବା ସହଜ ହୋଇଥାଏ। ଭାରତରେ ପ୍ରତି ୮ ମିନିଟରେ ଜଣେ ମହିଳାଙ୍କର ଗର୍ଭାଶୟ କ୍ୟାନ୍‌ସରରେ ମୃତ୍ୟୁ ଘଟିଥାଏ। ସେହିପରି ତମାଖୁଜନିତ କ୍ୟାନ୍‌ସରରେ ଦେଶର ବହୁ ଲୋକଙ୍କ ମୃତ୍ୟୁ ଘଟିଥାଏ। କ୍ୟାନ୍‌ସରର କାରଣ ଏବଂ ଏଥିରେ ନ ହାରି ହରାଇବା ମନୋବୃତ୍ତି ବଢାଇବା ଲାଗି ୨୦୧୪ ସେପ୍ଟେମ୍ବରରେ ଜାତୀୟ କର୍କଟ ସଚେତନତା ଦିବସ ପାଳନ ଲାଗି ତତ୍କାଳୀନ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ହର୍ଷବର୍ଦ୍ଧନ ଘୋଷଣା କରିଥିଲେ। ପ୍ରତିବର୍ଷ ନଭେମ୍ବର ୭ରେ ଏହି ଦିବସ ପାଳନ ଲାଗି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏହି ଦିବସ ପାଳନ ଅବସରରେ କ୍ୟାନ୍‌ସର ନିୟନ୍ତ୍ରଣ ଉପରେ ଦେଶବ୍ୟାପୀ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ। ମାଗଣା ସ୍କ୍ରିନିଂ ପାଇଁ ବିଭିନ୍ନ ହସ୍ପିଟାଲ ପକ୍ଷରୁ ଲୋକଙ୍କୁ ଉତ୍ସାହିତ କରାଯାଇଥାଏ। ଏଥିସହିତ କ୍ୟାନ୍‌ସରର ପ୍ରାରମ୍ଭିକ ଲକ୍ଷଣ ଏବଂ ଏହାକୁ କିପରି ଏଡାଇ ହେବ ସେ ବିଷୟରେ ଲୋକଙ୍କୁ ଆବଶ୍ୟକ ସୂଚନା ପ୍ରଦାନ କରାଯାଇଥାଏ। ସନ୍ତୁଳିତ ଖାଦ୍ୟ ତଥା ଜୀବନଶୈଳୀ ବଜାୟ ରଖିବା କ୍ୟାନ୍‌ସର ସହ ଲଢିବାରେ ବେଶ୍ ସହାୟକ ହୋଇଥାଏ। ଏହା ବ୍ୟତୀତ ଅନ୍ୟାନ୍ୟ ସତର୍କତା ମଧ୍ୟ ଜରୁରୀ।

## ଅଛି ବିଶ୍ୱ ପ୍ରସିଦ୍ଧ ମନ୍ଦିର, ନାହାନ୍ତି ହିନ୍ଦୁ



**ବି**ଶ୍ୱର ଅନେକ ଦେଶରେ ହିନ୍ଦୁ ମନ୍ଦିର ରହିଛି। ମାତ୍ର ଏପରି ଏକ ଦେଶ ଅଛି, ଯେଉଁଠି ବିଶ୍ୱର ସର୍ବ ବୃହତ ହିନ୍ଦୁ ମନ୍ଦିର ଅଛି, ହେଲେ ସେଠାରେ ହିନ୍ଦୁ ସଂଖ୍ୟାଲଘୁ। ଅଙ୍ଗୋକର ୱାଟ ମନ୍ଦିର ହେଉଛି ବିଶ୍ୱର ସବୁଠାରୁ ବଡ଼ ହିନ୍ଦୁ ମନ୍ଦିର। ଏହା ବ୍ୟତୀତ ଏହା ଦୁନିଆର ସବୁଠୁ ବଡ଼ ଧାର୍ମିକ ସ୍ମାରକୀ ଅଟେ। ଏହା କାମ୍ବୋଡିଆର ଅଙ୍ଗୋକରରେ ଅବସ୍ଥିତ। ଅଙ୍ଗୋକର ସିମରିପ ସହରର ମେକୋଙ୍ଗ ନଦୀ କୂଳରେ ଅବସ୍ଥିତ। ଏହା ଶହ ଶହ ବର୍ଗ ମାଇଲ ପର୍ଯ୍ୟନ୍ତ ବ୍ୟାପିଛି। ଏହା ଭଗବାନ ବିଷ୍ଣୁଙ୍କର ଏକ ମନ୍ଦିର। ପୂର୍ବ ଶାସକମାନେ ଏଠାରେ ଭଗବାନ ଶିବଙ୍କର ବଡ଼ ମନ୍ଦିର ନିର୍ମାଣ କରିଥିଲେ। ଏହାର ପୁରୁଣା ନାମ ଯଶୋଦପୁର ଥିଲା। ଏହି ମନ୍ଦିର ୧୧୧୨ରୁ ୧୧୫୩ ଖ୍ରୀଷ୍ଟାବ୍ଦରେ ଦ୍ୱିତୀୟ ରାଜା ସୂର୍ଯ୍ୟବର୍ମନ ନିର୍ମାଣ କରାଇଥିଲେ। ଏହା ବିଶ୍ୱର ସବୁଠାରୁ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥାନ ମଧ୍ୟରେ ଅନ୍ତର୍ଭୁକ୍ତ। ୟୁନେସ୍କୋ ବିଶ୍ୱ ଐତିହ୍ୟରେ ମଧ୍ୟ ଏହା ସ୍ଥାନ ପାଇଛି। ସବୁଠୁ ବଡ଼ ପ୍ରଶ୍ନ ହେଉଛି କାମ୍ବୋଡିଆରେ ଯଦି ବିଶ୍ୱ ପ୍ରସିଦ୍ଧ ହିନ୍ଦୁ ମନ୍ଦିର ରହିଛି ତେବେ ଏଠାରୁ ହିନ୍ଦୁମାନେ କୁଆଡ଼େ ଗଲେ? ଇତିହାସ ଅନୁଯାୟୀ, ଏଠାରେ ଲୋକମାନେ ଅନ୍ୟ ଧର୍ମ ଗ୍ରହଣ କରିନେଇଛନ୍ତି। ବର୍ତ୍ତମାନ ଏହି ଦେଶରେ କେବଳ ଅଳ୍ପ କେତେକ ହିନ୍ଦୁ ରହିଛନ୍ତି। କାମ୍ବୋଡିଆ ଦକ୍ଷିଣ ପୂର୍ବ ଏସିଆର ଏକ ପ୍ରମୁଖ ଦେଶ ଏବଂ ଏହାର ଜନସଂଖ୍ୟା ପ୍ରାୟ ୧୭ କୋଟି। ପୂର୍ବ ଏସିଆରେ ୧୦୦୦ରୁ ୫୦୦୦ ବର୍ଷ ପୁରୁଣା ପୁରାତନ ମନ୍ଦିରଗୁଡ଼ିକ ଆବିଷ୍କୃତ ହୋଇଛି। ଏହି ଅନୁସନ୍ଧାନରେ ଭାରତର ପ୍ରାଚୀନ ସମୃଦ୍ଧ ସଂସ୍କୃତିର ଝଲକ ଦେଖିବାକୁ ମିଳିଛି। ବୈଜ୍ଞାନିକଙ୍କ ମତରେ, ହଜାର ହଜାର ବର୍ଷ ମଧ୍ୟରେ ସମୁଦ୍ର ପତ୍ତନ ପ୍ରାୟ ୫୦୦ମିଟର ବୃଦ୍ଧି ପାଇଛି। ଏହା ପ୍ରମାଣ କରିଛି ରାମ-ସେତୁ, ଦ୍ୱାରିକା ସହର ପରି ସ୍ଥାନଗୁଡିକ ବିଦ୍ୟମାନ ଅଛି ଏବଂ ଏହି ସ୍ଥାନ ସହ ଜଡିତ ଫଟୋଗୁଡ଼ିକ ମଧ୍ୟ ସତ। କିମ୍ବଦନ୍ତୀ ଅନୁଯାୟୀ, କମ୍ବୁ ନାଗରାଜଙ୍କ ଝିଅକୁ ବିବାହ କରି କମ୍ବୁଜ ରାଜବଂଶର ମୂଳଦୁଆ ପକାଇଲେ। କିନ୍ତୁ ଏଠାରେ ବିଦେଶୀମାନଙ୍କ ଦୃଷ୍ଟି ହିନ୍ଦୁମାନଙ୍କ ଉପରେ ପଡ଼ିଥିଲା। ତେଣୁ ସେମାନେ ଅନ୍ୟ ଧର୍ମ ଗ୍ରହଣ କରିବାକୁ ବାଧ୍ୟ କରିଥିଲେ। ଫଳରେ ଧୀରେ ଧୀରେ ଏଠାରେ ହିନ୍ଦୁମାନଙ୍କ ସଂଖ୍ୟା ହ୍ରାସ ପାଇଥିଲା।




## ସୂର୍ଯ୍ୟବଂଶୀରେ 'ଟିପ୍‌ଟିପ୍ ବର୍ଷା ପାନି'

**ମୁମ୍ବାଇ :** କ୍ୟାଟ୍ରିନା କୈଫ୍ ଓ ଅକ୍ଷୟ କୁମାରଙ୍କ ଫିଲ୍ମ 'ସୂର୍ଯବଂଶୀ' ନଭେମ୍ବର ୫ରେ ରିଲିଜ୍ ହୋଇଯାଇଛି। ଫିଲ୍ମ ପ୍ରଥମ ଦିନରେ ୨୬ କୋଟିର ବମ୍ପର ଓପନିଙ୍ଗ କରିଛି। ନିର୍ମାତା ଏହାର ଚତୁର୍ଥ ଗୀତ 'ଟିପ୍ ଟିପ୍ ବରଷା ପାନି'କୁ ୟୁଟ୍ୟୁବ୍‌ରେ ରିଲିଜ୍ କରିଛନ୍ତି। ଗୀତରେ କ୍ୟାଟ୍ରିନା ଓ ଅକ୍ଷୟଙ୍କ କେମେଷ୍ଟ୍ରିକୁ ଲୋକେ ଖୁବ ପସନ୍ଦ କରିଛନ୍ତି। ଏଥିରେ ଅକ୍ଷୟ କୁମାର ପୂରା କଳା ରଙ୍ଗର ଆଉଟ୍‌ଫିଟ୍ ପିନ୍ଧିଥିବା ବେଳେ କ୍ୟାଟ୍ରିନାଙ୍କୁ ସାଇନିଙ୍ଗ ଶାଢୀ ପିନ୍ଧା ହଟ୍ ଲୁକ୍‌ରେ ଦେଖିବାକୁ ମିଳିଛି। ଏହି ଗୀତ ୯୦ ଦଶକରେ ଆସିଥିବା 'ମୋହରା' ଫିଲ୍ମର 'ଟିପ୍ ଟିପ୍ ବରଷା ପାନି'ର ରିମେକ୍। ଏହି ଗୀତକୁ ଅକ୍ଷୟ କୁମାର ଓ ରବୀନା ଟଣ୍ଡନଙ୍କ ଉପରେ ଚିତ୍ରିତ କରାଯାଇଥିଲା। ସେତେବେଳେ ବି ଅକ୍ଷୟଙ୍କ ସହିତ ତାଙ୍କ ଯୋଡି ଜମିଥିଲା। ଅକ୍ଷୟ କୁମାର ଏହି ଗୀତକୁ ଶେୟାର କରି ଲେଖିଛନ୍ତି ଯେ ସୂର୍ଯ୍ୟବଂଶୀ ର ଟିପ୍ ଟିପ୍ ବର୍ଷା ପାନି ଗୀତ ଲଞ୍ଚ୍ ହୋଇଯାଇଛି। ଏହି ଗୀତର ମ୍ୟୁଜିକ୍ ବିକ୍ରମ ଶାହ କମ୍ପୋଜ୍ କରିଥିବା ବେଳେ ତନିଷ୍କ ବାଗ୍‌ଚୀ ଏହାକୁ ରିକ୍ରିଏଟ୍ କରିଛନ୍ତି। ଗୀତକୁ ଆନନ୍ଦ ବକ୍ସୀ ଓ ତନିଷ୍କ ବାଗଚୀ ଲେଖିଛନ୍ତି। ଗୀତକୁ ଉଦିତ୍ ନାରାୟଣ ଓ ଅଲକା ୟାଗନିକ୍ ବୋଲିଛନ୍ତି 'ଟିପ୍ ଟିପ୍ ବରଷା ପାନି'ର ମୂଳ ଗୀତକୁ ଲୋକେ ଏତେ ପସନ୍ଦ କରିଥିଲେ। ଯାହା ଅଲ୍ ଟାଇମ୍ ସୁପରହିଟ୍ ତାଲିକାରେ ଅଛି। ତେବେ ଏହି ଗୀତର ମୌଳିକତାକୁ ନଷ୍ଟ ନ କରିବା ବାସ୍ତବରେ ଏକ ଚ୍ୟାଲେଞ୍ଜ୍ ଥିଲା ଏବଂ କ୍ୟାଟ୍ରିନା ଏହି ଚ୍ୟାଲେଞ୍ଜକୁ ଗ୍ରହଣ କରି ସଫଳ କରି ଦେଖେଇଛନ୍ତି। ଏହି ଗୀତକୁ ନେଇ ଲୋକେ ଯେଉଁଭଳି ପ୍ରତିକ୍ରିୟା ଦେଉଛନ୍ତି ଏହାକୁ ଦେଖି କୁହାଯିବ ଯେ କ୍ୟାଟ୍ରିନା ନିଜ ଭଙ୍ଗୀରେ ରବୀନା ଟଣ୍ଡନଙ୍କୁ କଡା ଟକ୍କର ଦେଉଛନ୍ତି। ପାଣିରେ ଭିଜୁଥିବା ବେଳେ କ୍ୟାଟ୍ରିନା ମଧ୍ୟ ଖୁବ ଆକର୍ଷଣୀୟ ଲାଗୁଛନ୍ତି। ଜଣେ ପ୍ରଶଂସକ ଏହି ରିମିକ୍ସ ଭର୍ସନ ଉପରେ କମେଣ୍ଟ ଦେଇ ଲେଖିଛନ୍ତି ଯେ ରବୀନା ତ ବେଷ୍ଟ, କିନ୍ତୁ କ୍ୟାଟ୍ରିନା ଏହି ଗୀତକୁ ପୂରା ନ୍ୟାୟ ଦେଇଛନ୍ତି। ସେହିପରି ଆଉ କିଛି ଉପଭୋକ୍ତା ଏହାକୁ ମୂଳ ଗୀତ ଠାରୁ ବି ଖୁବ୍ ଭଲ କହିଛନ୍ତି। ତେବେ ଫିଲ୍ମ ସୂର୍ଯ୍ୟବଂଶୀ ସାରା ଦେଶରେ ୪ ହଜାର ସ୍କ୍ରିନ୍‌ରେ ରିଲିଜ୍ ହୋଇଥିବା ବେଳେ ସାରା ବିଶ୍ୱରେ ୫୨୦୦ ପରଦାରେ ମୁକ୍ତିଲାଭ କରିଛି।

## ଭାଇରାଲ ଚାଟ୍

**ଲକ୍ଷ୍ନୌ:** ଜଣେ ବ୍ୟକ୍ତି ଭିନ୍ନ ଶୈଳୀରେ ଚାଟ୍ ତିଆରି କରୁଥିବାର ଏକ ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଗଜା ମୁଗ, ଗଜା ବୁଟ ଆଦି ବିଭିନ୍ନ ପ୍ରକାରର ଅଙ୍କୁରିତ ମଞ୍ଜିରେ ଚାଟ୍ ତିଆରି କରୁଛନ୍ତି ଉତ୍ତରପ୍ରଦେଶର କାନପୁରରେ ଥିବା ଜଣେ ବ୍ୟକ୍ତି, ଯାହା ଏବେ ଭାଇରାଲ୍ ହେବାରେ ଲାଗିଛି। ସାଧାରଣ ଭାବେ ବ୍ୟକ୍ତି ଜଣକ ଏହି ଚାଟ୍ ତିଆରି କରୁଛନ୍ତି ସତ, କିନ୍ତୁ ତାଙ୍କର କରିବା ଷ୍ଟାଇଲ୍ ହିଁ ଲୋକଙ୍କୁ ଆକୃଷ୍ଟ କରିପାରିଛି। ଇନ୍‌ଷ୍ଟାଗ୍ରାମର ୟୁଟ୍ୟୁବ ପେଜ୍ ସ୍ୱାଦ୍ ଅଫିସିଆଲରେ ଏହି ଚାଟ୍ ତିଆରି କରିବା ଶୈଳୀ ପ୍ରଥମେ ଶେୟାର କରାଯାଇଥିଲା। ଆଉ ଏହି ଭିଡିଓର କ୍ୟାପସନ୍‌ରେ ଲେଖା ଥିଲା କି 'କାନପୁରରେ କାକାଙ୍କର ସବୁଠୁ ଭଲ ଚାଟ୍'।

CLASSIFIED DISPLAY
TARIFF MORE SPACE • SAME PRICE GST 5%

କେମିତି ମଦ ଛାଡ଼ିବେ
ନିଶାସକ୍ତ ବ୍ୟକ୍ତିଙ୍କୁ ନଆଣି ଓ ନଜଣାଇ ସମୟ ପୂର୍ବାହ୍ନ ୧୦ଘଟିକାରୁ ଅପରାହ୍ନ ୨ ଘଟିକା ପର୍ଯ୍ୟନ୍ତ ବାଲେଶ୍ୱର - ପ୍ରତ୍ୟେକ ମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେସନ ଗୋଲେଇ, ଭଦ୍ରକ - ୨ ଓ ୧୬, ହୋଟେଲ ବ୍ଲୁଭାଇନ, ରାଜଘାଟ ଛକ, ଯାଜପୁର- ୩ ଓ ୧୭, ହୋଟେଲ ଭିମ୍‌ସେନ ପ୍ୟାଲେସ, ଗୋପବନ୍ଧୁ ଛକ ନିକଟ, ଯାଜପୁର ରୋଡ଼, କଟକ- ୪ ଓ ୧୮, ହୋଟେଲ ରକ୍ସି, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ, ଭୁବନେଶ୍ୱର- ୫ ଓ ୧୯ , ହୋଟେଲ ଟ୍ରାଇଡେଣ୍ଟ, ଅଶୋକ ନଗର, ପୁରୀ- ୬ ଓ ୨୦, ହୋଟେଲ ପାରାଡାଇଜ, ଗ୍ରାଣ୍ଡ ରୋଡ୍, ବାରିପଦା- ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ. ସମ୍ବଲପୁର- ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏଫ୍ ମାର୍ଗ, ରାଉରକେଲା- ୯ ଓ ୨୩, ହୋଟେଲ ଶ୍ୟାମ, ବିଶ୍ରାରୋଡ଼, ରେଲୱେ ଷ୍ଟେସନ ନିକଟ, ପାରାଦ୍ୱୀପ- ୮ ଓ ୨୨, ହୋଟେଲ ଆରିଷ୍ଟୋକାଟ, କେନ୍ଦ୍ରାପଡା- ୯ ଓ ୨୩, ହୋଟେଲ ଗୋଲଡେନ ପ୍ୟାଲେସ, ବସ୍‌ଷ୍ଟାଣ୍ଡ ନିକଟ, କେନ୍ଦୁଝର- ୧୦ ଓ ୨୪, ହୋଟେଲ ବରାଳ, ବସ୍‌ଷ୍ଟାଣ୍ଡ ନିକଟ, ଝାରସୁଗୁଡା- ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି.ରୋଡ, ଅନୁଗୁଳ- ୧୧ ଓ ୨୫, ହୋଟେଲ ଶାନ୍ତି ଗେଷ୍ଟ ହାଉସ, ବସ୍‌ଷ୍ଟାଣ୍ଡ ନିକଟ, ବ୍ରହ୍ମପୁର- ୧୨ ଓ ୨୬, ହୋଟେଲ ଭୁବନେଶ୍ୱରୀ ପ୍ୟାଲେସ. ସରକାରୀ ବସ୍‌ଷ୍ଟାଣ୍ଡ ନିକଟ, ଭବାନିପାଟଣା- ୧୩ ଓ ୨୭, ରବି ଲଜ୍, ଗାନ୍ଧି ଚୌକ, ବରଗଡ- ୧୪ ଓ ୨୮, ହୋଟେଲ ସାରଳା, ପ୍ରାଇଭେଟ ବସ୍‌ଷ୍ଟାଣ୍ଡ ନିକଟ, ନୟାଗଡ-୧୧, ହୋଟେଲ ତ୍ରିନାଥ, ପୂଜା ହେଲ୍‌ଥ ସେଣ୍ଟର।
ଶ୍ୱାସ, ଗଣ୍ଠିଯନ୍ତ୍ରଣା, ଅର୍ଶ, ଓଜନବୃଦ୍ଧି ପାଇଁ ଫଳପ୍ରଦ ଔଷଧ।

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ସେମିରେ ଅଷ୍ଟ୍ରେଲିଆ, ଇଂଲଣ୍ଡ

**ଆବୁଧାବି,୬ା୧୧**

ଚଳିତ ଟି୨୦ ବିଶ୍ୱକପ୍‌ର ଗ୍ରୁପ୍-୧ରେ ଅଷ୍ଟ୍ରେଲିଆ ଏକ ଗୁରୁତ୍ୱପୂର୍ଣ୍ଣ ବିଜୟ ହାସଲ କରିଛି। ଶନିବାର ଜାଏଦ କ୍ରିକେଟ ଷ୍ଟାଡିୟମରେ ଖେଳାଯାଇଥିବା ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ୨୨ଟି ବଲ ବାକିଥାଇ ୮ ଉଇକେଟରେ ୱେଷ୍ଟଇଣ୍ଡିଜକୁ ପରାସ୍ତ କରିଛି। ଅନ୍ୟପଟେ ଏହି ଗ୍ରୁପ୍‌ର ଅନ୍ତିମ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ଟେବୁଲ ଟପ୍ପର ଇଂଲଣ୍ଡକୁ ହରାଇଥିଲେ ମଧ୍ୟ ନେଟ୍ ରନ ରେଟ୍‌ରେ ପଛରେ ପଡି ସେମିଫାଇନାଲକୁ ଉଠିପାରି ନାହିଁ। ସମାନ ୮ ପଏଣ୍ଟ ପାଇଥିଲେ ମଧ୍ୟ ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ଉନ୍ନତ ନେଟ୍ ରନ ରେଟ୍ କାରଣରୁ ପଏଣ୍ଟ ତାଲିକାର ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ ରହି ସେମିରେ ପ୍ରବେଶ କରିଛନ୍ତି।

ଟସ୍ ଜିତି ଅଷ୍ଟ୍ରେଲିଆ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ୱେଷ୍ଟଇଣ୍ଡିଜ ୭ ଉଇକେଟ ହରାଇ ୧୫୭ ରନ ସଂଗ୍ରହ କରିଥିଲା। ଜବାବରେ ଅଷ୍ଟ୍ରେଲିଆ ୧୬.୨ ଓଭରରେ ୨ ଉଇକେଟ ହରାଇ ୧୬୧ ରନ କରି ବିଜୟୀ ହୋଇଛି। ୫୬ଟି ବଲର ସମ୍ମୁଖୀନ ହୋଇ ୯ ଚୌକା ଓ ୪ ଛକା ସହ ଅପରାଜିତ ୮୯ ରନ କରି ଦଳ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ଅଷ୍ଟ୍ରେଲିଆ ଅଭିଜ୍ଞ ଓପନର ଡେଭିଡ ୱାର୍ନର


ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ଡେଭିଡ୍ ୱାର୍ନର।

ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ୧୫୮ ଆଭରେଜ ଟାର୍ଗେଟର ପିଛା କରି ଅଷ୍ଟ୍ରେଲିଆ ଅଧିନାୟକ ଆରୋନ ଫିଞ୍ଚ୍ (୯ ରନ)ଙ୍କ ଉଇକେଟ ହରାଇ ପ୍ରାରମ୍ଭିକ ଝଟକା ଖାଇଥିଲା। ତେବେ ଦ୍ୱିତୀୟ ଉଇକେଟରେ ୱାର୍ନର ଓ ମିଚେଲ ମାର୍ଶ ୭୫ ବଲରୁ ଦ୍ରୁତ ୧୨୪ ରନକରି ସ୍ଥିତି ସମ୍ଭାଳିବା ସହ ଦଳକୁ ବିଜୟର ଦ୍ୱାରରେ ପହଞ୍ଚାଇଥିଲେ। ୩୨ ବଲର ସମ୍ମୁଖୀନ ହୋଇ ମାର୍ଶ ୫ ଚୌକା ଓ ୨ ଛକା ସହ ୫୩ ରନକରି ଆଉଟ ହୋଇଥିଲେ। ୱେଷ୍ଟଇଣ୍ଡିଜ ତରଫରୁ କ୍ରିସ୍ ଗେଲ ଓ ଅକିଲ ହୋସେନ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ୱେଷ୍ଟଇଣ୍ଡିଜ ୩୫ ରନରେ ୩ ଉଇକେଟ ହରାଇ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଅଧିନାୟକ କିରନ ପୋଲାର୍ଡ ୪୪ ରନ (୩୧ ବଲ, ୪ ଚୌକା, ୧ ଛକା), ଏଭିନ ଲୁଇସ୍ ୨୯, ଡ୍ୱେନ ବ୍ରାଭୋ ୧୦, ଶିମରନ ହେଟମେୟର ୨୭, ଗେଲ୍ ୧୫ ରନକରି ଆଉଟ ହୋଇଥିବା ବେଳେ ଆନ୍ଦ୍ରେ ରସେଲ ୧୮ ରନକରି ଅପରାଜିତ ରହିଥିଲେ। ବୋଲିଂରେ ଅଷ୍ଟ୍ରେଲିଆ ପାଇଁ ଦ୍ରୁତ ବୋଲର ଜୋଶ ହାଜେଲଉଡ ସର୍ବାଧିକ ୪, ମିଚେଲ ଷ୍ଟାର୍କ, ପ୍ୟାଟ କମିନ୍ସ ଓ ଆଡାମ ଜାମ୍ପା ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ୱେଷ୍ଟଇଣ୍ଡିଜ ୨୦ ଓଭରରେ ୧୫୭/୭ (କିରନ ପୋଲାର୍ଡ- ୪୪, ଏଭିନ ଲୁଇସ୍- ୨୯, ଶିମରନ ହେଟମେୟର- ୨୭, କ୍ରିସ ଗେଲ- ୧୫, ଡ୍ୱେନ ବ୍ରାଭୋ- ୧୦, ଆନ୍ଦ୍ରେ ରସେଲ- ୧୮*, ଜୋଶ ହାଜେଲଉଡ- ୪/୩୯, ମିଚେଲ ଷ୍ଟାର୍କ- ୧/୩୩, ପ୍ୟାଟ କମିନ୍ସ- ୧/ ୩୭, ଆଡାମ ଜାମ୍ପା- ୧/୨୦)। ଅଷ୍ଟ୍ରେଲିଆ ୧୬.୨ ଓଭରରେ ୧୬୧/୨ (ଡେଭିଡ ୱାର୍ନର- ୮୯*, ମିଚେଲ ମାର୍ଶ- ୫୩, ଅକିଲ ହୋସେନ- ୧/୨୯, କ୍ରିସ୍ ଗେଲ- ୧/ ୭)।


ଅଷ୍ଟ୍ରେଲିଆ ବିପକ୍ଷ ଟି୨୦ ବିଶ୍ୱକପ୍ ମ୍ୟାଚରେ ୱେଷ୍ଟଇଣ୍ଡିଜ ତରଫରୁ ଶେଷଥର ପାଇଁ ପ୍ରତିନିଧିତ୍ୱ କରି ଫେରୁଥିବା ବେଳେ ଡ୍ୱେନ୍ ବ୍ରାଭୋଙ୍କୁ ସାଥୀ ଖେଳାଳିମାନେ ଗାର୍ଡ ଅଫ୍ ଅନର ଦେଇ ସମ୍ମାନିତ କରୁଛନ୍ତି।

## ରାଜ୍ୟସ୍ତରୀୟ ସିନିୟର ମହିଳା ଭଲିବଲ ୧୧ରୁ

**ବୌଦ୍ଧ,୬ା୧୧(ସ୍ୱ.ପ୍ର.):** ରାଜ୍ୟ ଭଲିବଲ ସଂଘ ଆନୁକୂଲ୍ୟରେ ଜିଲା କ୍ରୀଡା ସଂସଦର ସହଯୋଗକ୍ରମେ ବୌଦ୍ଧ ଷ୍ଟାଡିୟମରେ ଆସନ୍ତା ୧୧ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ରାଜ୍ୟସ୍ତରୀୟ ସିନିୟର ମହିଳା ଭଲିବଲ ପ୍ରତିଯୋଗିତା ଅନୁଷ୍ଠିତ ହେବାକୁ ଯାଉଛି। ଏହି ପ୍ରତିଯୋଗିତାର ସଫଳ ଆୟୋଜନ ପାଇଁ ଏକ ପ୍ରସ୍ତୁତି ବୈଠକ ଜିଲା କ୍ରୀଡା ସଂସଦର ସଭାପତି ଜିଲାପାଳ ଲଲାଟେନ୍ଦୁ ମିଶ୍ରଙ୍କ ଅଧ୍ୟକ୍ଷତାରେ ବୌଦ୍ଧ ସର୍କିଟ ହାଉସ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅତିଥି ଭାବରେ ବିଧାୟକ ପ୍ରଦିପ କୁମାର ଅମାତ ଯୋଗଦେଇ ଜିଲାରେ ଏହି ସମ୍ମାନଜନକ ପ୍ରତିଯୋଗିତା ଆୟୋଜନ ହେବାକୁ ଯାଉଥିବାରୁ ଜିଲାର ମହିଳା ଖେଳାଳିମାନଙ୍କ ପାଇଁ ସୁଯୋଗ ସୃଷ୍ଟି ହେବ ବୋଲି ପ୍ରକାଶ କରିଥିଲେ। ଜିଲା କ୍ରୀଡା ସଂସଦକୁ ସମସ୍ତ ବିଭାଗୀୟ ଅଧିକାରୀ ସହଯୋଗ କରିବାକୁ ଅମାତ ନିବେଦନ କରିଥିଲେ। ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତାର ସିନିୟର ପୁରୁଷ ବର୍ଗ କନ୍ଧମାଳଠାରେ ହେବାକୁ ଥିବା ବେଳେ ସିନିୟର ମହିଳା ବର୍ଗ ବୌଦ୍ଧଠାରେ ଅନୁଷ୍ଠିତ ହେବ। ରାଜ୍ୟର ସମସ୍ତ ଜିଲାର ଖେଳାଳି ଏଥିରେ ଅଂଶଗ୍ରହଣ କରୁଥିବା ବେଳେ ବୌଦ୍ଧରେ ୩୧ଟି ମ୍ୟାଚ ହେବ ବୋଲି ଜିଲା କ୍ରୀଡା ସଂସଦର ସମ୍ପାଦକ ରବିନ୍ଦ୍ର କୁମାର ରାଉତ ସୂଚନା ଦେଇଛନ୍ତି।

## ହରମନପ୍ରୀତ, ରୋଡ୍ରିଗୁଏଜ୍‌ଙ୍କ ପ୍ରଭାବୀ ପ୍ରଦର୍ଶନ

**ଆଡିଲେଡ୍, ୬ା୧୧ (ପି.ଟି.)**

ଭାରତର ଟି୨୦ ଅଧିନାୟିକା ହରମନପ୍ରୀତ କୌର ଓ ତାଙ୍କ ସାଥୀ ଖେଳାଳି ଜେମିମା ରୋଡ୍ରିଗୁଏଜ୍ ଅଷ୍ଟ୍ରେଲିଆରେ ଚାଲିଥିବା ମହିଳା ବିଗ୍‌ବାଶ୍‌ଲିଗ୍‌ରେ (ଡବ୍ଲ୍ୟୁବିବିଏଲ୍)ରେ ମେଲବୋର୍ନ ରେନିଗେଡ୍ସ ତରଫରୁ ଖେଳି ଆକର୍ଷଣୀୟ ଅର୍ଦ୍ଧଶତକ ହାସଲ କରିଛନ୍ତି। ଶନିବାର ଖେଳାଯାଇଥିବା ବ୍ରିସ୍‌ବେନ୍ ହିଟ୍ ବିପକ୍ଷ ମ୍ୟାଚରେ ସେମାନଙ୍କ ଦଳକୁ ୧୫ ରନରେ ବିଜୟୀ କରାଇଛନ୍ତି। ରେନିଗେଡ୍ସ ତରଫରୁ କୌର ୩୨ ବଲ୍‌ରେ ୬୫ ରନର ଏକ ଇନିଂସ ଖେଳିବା ସହ ଗୋଟିଏ ଉଇକେଟ ଅକ୍ତିଆର କରିଛନ୍ତି। ଅଲରାଉଣ୍ଡ ପ୍ରଦର୍ଶନ ପାଇଁ ସେ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ଦଳ ପକ୍ଷରୁ ସେ ଖେଳିଥିବା ୭ ମ୍ୟାଚରେ ୩ଥର ଏହି ପୁରସ୍କାର ଲାଭ କରିଛନ୍ତି। ରୋଡ୍ରିଗୁଏଜ୍ ୩୧ ବଲ୍‌ରୁ ୫୨ ରନ କରିଥିଲେ। ସେ ଓ ଏଭିଲିନ୍ ଜୋନ୍ସ (୬୨) ପ୍ରଥମ ଉଇକେଟରେ ୧୦୧ରନ ଯୋଗ କରି ଦଳର ବ୍ୟାଟିଂ ମୂଳଦୁଆ ପକାଇଥିଲେ। ପରେ କୌର ଦ୍ରୁତରନ ସଂଗ୍ରହ ଜାରି ରଖିଥିଲେ। ଯାହାଫଳରେ ମେଲବୋର୍ନ ରେନିଭେଡ୍ସ ନିର୍ଦ୍ଧାରିତ ୨୦ ଓଭରରେ ୪ ଉଇକେଟ ବିନିମୟରେ ୨୦୭ ରନ ସଂଗ୍ରହ କରିପାରିଥିଲା। ଡବ୍ଲ୍ୟୁବିବିଏଲ୍ ଇତିହାସରେ ଏହା ଦ୍ୱିତୀୟ ସର୍ବୋଚ୍ଚ ସ୍କୋର। ଜବାବରେ ବ୍ରିସ୍‌ବେନ୍ ଦଳ ନିର୍ଦ୍ଧାରିତ ଓଭରରେ ୧୯୨ ରନ କରି ଅଲଆଉଟ ହୋଇଯାଇଥିଲା। ମ୍ୟାଚ୍‌ରେ ମୋଟ ୩୯୯ ରନ ସଂଗୃହୀତ ହୋଇଥିଲା, ଯାହାକୁ ଟୁର୍ନାମେଣ୍ଟ ଇତିହାସରେ ସର୍ବୋଚ୍ଚ ଏଗ୍ରିଗେଟ୍।


ହରମନପ୍ରୀତ୍ କୌର୍

## ବାର୍ସିଲୋନାକୁ ଫେରିଲେ ଜାଭି

**ବାର୍ସିଲୋନା, ୬ା୧୧ (ଏପି):** ଜାଭି ହର୍ନାଣ୍ଡେଜ୍ ବାର୍ସିଲୋନାକୁ ଫେରିଥିବା ଶନିବାର ସ୍ପଷ୍ଟ ହୋଇଛି। କ୍ଲବର ଏହି ପୂର୍ବତନ ଅଧିନାୟକ ରୋନାଲ୍ଡ କୋମ୍ୟାନଙ୍କ ସ୍ଥାନରେ ମୁଖ୍ୟ କୋଚ୍ ହୋଇଛନ୍ତି। ଏଥିପାଇଁ ୩ ବର୍ଷିଆ ଚୁକ୍ତି ହୋଇଛି। କାତାରି କ୍ଲବ ଅଲ୍-ସାଦ୍ ତାଙ୍କୁ ଛାଡ଼ିବା ଲାଗି ରାଜି ହୋଇଥିଲା। ଅଲ୍-ସାଦ୍ ଇତିହାସରେ ଜାଭି ଜଣେ ଅଂଶବିଶେଷ ଥିଲେ। ସ୍ପେନର ଏହି ପୂର୍ବତନ ମିଡ୍‌ଫିଲ୍ଡରଙ୍କୁ ବର୍ତ୍ତମାନ ୪୧ ବର୍ଷ ବୟସ। ଜାଭି ୨୦୧୫ରେ ବାର୍ସିଲୋନା ଛାଡ଼ିବା ପୂର୍ବରୁ କ୍ଲବକୁ ୨୫ ଟାଇଟଲ ଜିତାଇଥିଲେ। ତନ୍ମଧ୍ୟରେ ୪ ଚାମ୍ପିୟନ୍ସ ଲିଗ୍ ଏବଂ ୧୭ ସିଜନରେ ୮ ସ୍ପାନିଶ ଲିଗ୍ ଟାଇଟଲ ରହିଛି। ସ୍ପେନକୁ ୨୦୧୦ ବିଶ୍ୱକପ୍ ଏବଂ ୨୦୦୮ ଓ ୨୦୧୨ ୟୁରୋପିଆନ ଚାମ୍ପିୟନଶିପ୍ ଜିତାଇବାରେ ତାଙ୍କର ବିଶେଷ ଅବଦାନ ରହିଥିଲା।

## ଭାକର-ଫରୋହି ଯୋଡ଼ିଙ୍କୁ ମିକ୍ସଡ ଟିମ୍ ସ୍ୱର୍ଣ୍ଣ

**ରୋକ୍ଲ (ପୋଲାଣ୍ଡ), ୬ା୧୧ (ପି.ଟି.)**

ଭାରତର ମହିଳା ପିସ୍ତଲ ଶୁଟର ମନୁ ଭାକର ଓ ତାଙ୍କ ପାର୍ଟନର ଇରାନର ଅଲିମ୍ପିକ ଚାମ୍ପିୟନ ଜାଭେଦ ଫରୋହି ଏଠାରେ ଚାଲିଥିବା ଉଦ୍‌ଘାଟନୀ ଆଇଏସଏସ୍ଏଫ୍ ପ୍ରେସିଡେଣ୍ଟ୍ସ କପ୍ ମିକ୍ସଡ ଟିମ୍ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ଇଣ୍ଡୋ-ଇରାନିଆନ ଯୋଡ଼ି ଫାଇନାଲରେ ଫ୍ରେଞ୍ଚ୍-ରଷିଆନ ଯୋଡ଼ି ମାଥିଲିଡେ ଲାମୋଲି ଓ ଆର୍ଟେମ ଚେର୍ନୋସୋଭଙ୍କୁ ୧୬-୮ରେ ହରାଇ ଦେଇଥିଲେ। ଭାକର ଓ ଫରୋହି କ୍ୱାଲିଫିକେଶନର ୫୮୨/୬୦୦ ସ୍କୋର କରି ପ୍ରଥମ ସେମିଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ। ୪ଟି ଯୋଡ଼ିଙ୍କ ମଧ୍ୟରେ ଶୀର୍ଷ ସ୍ଥାନ ଅଧିକାର କରି ସେମାନେ ଫାଇନାଲରେ ପ୍ରବେଶ


ମନୁ ଭାକର ଓ ଜାଭେଦ ଫରୋହି।

କରିଥିଲେ। ଲାମୋଲି ଓ ଆର୍ଟେମ ଦ୍ୱିତୀୟ ସେମିଫାଇନାଲ ଜିତିଥିଲେ। ଚାମ୍ପିୟନଶିପ୍‌ରେ ଭାଗ ନେଇଥିବା ଅନ୍ୟ ଭାରତୀୟଙ୍କ ମଧ୍ୟରେ ଅଭିଷେକ ବର୍ମା ଓ ତାଙ୍କ ଯୋଡ଼ି ୟୁକ୍ରେନ୍‌ର ଓଲେନା କୋସ୍ତେଭିଚ୍ ୬ଷ୍ଠ ସ୍ଥାନରେ ରହିଥିଲେ। ଶ୍ରେଷ୍ଠ ୮ ସେମିଫାଇନାଲିଷ୍ଟଙ୍କ ମଧ୍ୟରେ ସୌରଭ ଚୌଧୁରୀ ଓ ତାଙ୍କ ସୁଇସ୍ ପାର୍ଟନର ହିଦି ଗର୍ବର ଦିଥେଲ୍‌ମ ୭ମ ସ୍ଥାନ ଅଧିକାର କରିଥିଲେ। ଆଇଏସ୍ଏସ୍ଏଫ୍ ଡ୍ର' ଅନୁସାରେ ଇଣ୍ଟରନ୍ୟାଶନାଲ ମିକ୍ସଡ ଟିମ୍ ଗଠନ କରାଯାଇଥିଲା।

## କୋଚ୍ ତାରକ ସିହ୍ନାଙ୍କ ପରଲୋକ

**ନୂଆଦିଲ୍ଲୀ, ୬ା୧୧ (ପି.ଟି.)**

ଦୀର୍ଘଦିନ ଧରି ଅସୁସ୍ଥ ରହିବା ପରେ ଭାରତର ଅନ୍ୟତମ ଜଣାଶୁଣା କ୍ରିକେଟ କୋଚ୍ ତାରକ ସିହ୍ନାଙ୍କର ଶନିବାର ସକାଳେ ପରଲୋକ ହୋଇଯାଇଛି। ତାଙ୍କୁ ୭୧ ବର୍ଷ ବୟସ ହୋଇଥିଲା। ସେ ଅବିବାହିତ ଥିଲେ। ସିହ୍ନା ଦିଲ୍ଲୀସ୍ଥିତ ପ୍ରସିଦ୍ଧ ସୋନେଟ୍ କ୍ଲବର ପ୍ରତିଷ୍ଠାତା ଥିଲେ। ବହୁ ଜାତୀୟ ଓ ଅନ୍ତର୍ଜାତୀୟ କ୍ରିକେଟର ତାଙ୍କର ଶିଷ୍ୟ ଥିଲେ। ତାଙ୍କ ଦୀର୍ଘଦିନର ସହକାରୀ ଦେବେନ୍ଦର ଶର୍ମା ରିଷଭ ପନ୍ତଙ୍କ ଭଳି ଖେଳାଳିଙ୍କୁ କୋଚିଂ ଦେଇଛନ୍ତି। ଦିଲ୍ଲୀ କ୍ରିକେଟର ପୂର୍ବତନ ଷ୍ଟଲୱାର୍ଟ ଯଥା ସୁରିନ୍ଦର ଖାନ୍ନା, ମନୋଜ ପ୍ରଭାକର, ରମଣ ଲାମ୍ବା, ଅଜୟ ଶର୍ମା, ଅତୁଲ ୱାସନ ଓ ସଞ୍ଜୀବ ଶର୍ମା ପ୍ରମୁଖ ସିହ୍ନାଙ୍କ ଅଧୀନରେ ତାଲିମ ନେଇଥିଲେ। ସିହ୍ନାଙ୍କୁ ବିଳମ୍ବରେ ୨୦୧୮ରେ ଲାଇଫ୍ ଟାଇମ୍ ଦ୍ରୋଣାଚାର୍ଯ୍ୟ ପୁରସ୍କାରରେ ସମ୍ମାନିତ କରାଯାଇଥିଲା।

## ଅଷ୍ଟ୍ରେଲିଆରେ ପହଞ୍ଚିଲେ ଇଂଲଣ୍ଡ ଖେଳାଳି


ଜୋ ରୁଟ୍

**ଆଶେସ ସରିଜ**

**ବ୍ରିସ୍‌ବେନ, ୬ା୧୧ (ଏପି):** ବିଶ୍ୱ କ୍ରିକେଟର ବହୁପ୍ରତୀକ୍ଷିତ ଆଶେସ ସିରିଜ ଖେଳିବା ଲାଗି ପ୍ରଥମ ପର୍ଯ୍ୟାୟରେ କିଛି ଇଂଲଣ୍ଡ କ୍ରିକେଟ ଖେଳାଳି ଶନିବାର ଅଷ୍ଟ୍ରେଲିଆରେ ପହଞ୍ଚିଛନ୍ତି। ବିମାନ ଯୋଗେ ବ୍ରିସ୍‌ବେନ ବିମାନ ବନ୍ଦରରେ ପହଞ୍ଚିବା ପରେ ଏହି ଖେଳାଳିମାନେ ଗୋଲ୍ଡକୋଷ୍ଟସ୍ଥିତ ଏକ ବିଳାସପୂର୍ଣ୍ଣ ରିସୋର୍ଟରେ ୧୪ ଦିନିଆ କ୍ୱାରାଣ୍ଟାଇନ୍ ଆରମ୍ଭ କରିଛନ୍ତି। ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ ଆଶେସ ଟେଷ୍ଟ ଆହୁରି ପାଖାପାଖି ମାସେ ସମୟ ବାକି ରହିଛି। ଖେଳାଳି ଓ ଷ୍ଟାଫ୍‌ମାନେ ପ୍ରଥମ ୩ ଦିନ କଠିନ କ୍ୱାରାଣ୍ଟାଇନ୍‌ରେ ରହିବାକୁ ପଡ଼ିବ। ଏହି ସମୟରେ ସେମାନଙ୍କୁ ନିଜ ନିଜ ପ୍ରକୋଷ୍ଠରେ ଏକାକୀ ରହିବାକୁ ପଡ଼ିବ। ଏହାପରେ ସେମାନେ ଯାଇ ନିକଟବର୍ତ୍ତୀ ଏକ ଷ୍ଟାଡିୟମରେ ଟ୍ରେନିଂ ନେଇପାରିବେ। ରିସୋର୍ଟରେ ରହିଥିବା ଗଲ୍ଫ କୋର୍ସ ଓ ଟେନିସ କୋର୍ଟ ସମେତ ଅନ୍ୟାନ୍ୟ ସୁବିଧା ସୁଯୋଗ ସେମାନେ ନେଇ ପାରିବେ। ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରେ ଚାଲିଥିବା ଟି୨୦ ବିଶ୍ୱକପ୍‌ରୁ ଫେରିବା ପରେ ଅଷ୍ଟ୍ରେଲିଆ ଖେଳାଳିମାନେ ମଧ୍ୟ ଏହି ରିସୋର୍ଟରେ କ୍ୱାରାଣ୍ଟାଇନ୍‌ରେ ରହିବେ। ଏହି ଟି୨୦ ଟୁର୍ନାମେଣ୍ଟ ଶେଷ ହେବାମାତ୍ରେ ଇଂଲଣ୍ଡ ଦଳ ତରଫରୁ ଖେଳିଥିବା ଜନି ବେୟାରଷ୍ଟୋ ଓ ଜୋସ୍ ବଟଲରଙ୍କ ସମେତ ଇଂଲଣ୍ଡର ଅନ୍ୟ କେତେଜଣ ଖେଳାଳି ମଧ୍ୟ ରିସୋର୍ଟରେ ପହଞ୍ଚି କ୍ୱାରାଣ୍ଟାଇନ୍‌ରେ ରହିବେ।


ଇଂଲଣ୍ଡର ମାଞ୍ଚେଷ୍ଟର ୟୁନାଇଟେଡ୍‌ସ୍ଥିତ ଓଲ୍ଡ ଟ୍ରାଫୋର୍ଡ ଷ୍ଟାଡିୟମରେ ଶନିବାର ମାଞ୍ଚେଷ୍ଟର ସିଟି ବିପକ୍ଷ ଇଂଲିଶ ପ୍ରିମିୟର ଲିଗ୍ ମ୍ୟାଚ୍‌ରେ ମାଞ୍ଚେଷ୍ଟର ୟୁନାଇଟେଡ୍‌ର କ୍ରିଷ୍ଟିଆନୋ ରୋନାଲ୍ଡୋ ବଲ୍ ପାଇଁ ଜମ୍ପ୍ କରୁଛନ୍ତି।

# ଭାରତର ଭାଗ୍ୟ ନିର୍ଦ୍ଧାରଣ ଆଜି

**ଆବୁଧାବି, ୬ା୧୧**

ଟି୨୦ ବିଶ୍ୱକପ୍ ସୁପର ୧୨ ପର୍ଯ୍ୟାୟରେ ନ୍ୟୁଜିଲାଣ୍ଡ ଓ ଆଫଗାନିସ୍ତାନ ପରସ୍ପରକୁ ଭେଟିବାକୁ ଯାଉଛନ୍ତି। ସ୍ଥାନୀୟ ଜାଏଦ କ୍ରିକେଟ ଷ୍ଟାଡିୟମରେ ରବିବାର ଖେଳାଯିବାକୁ ଥିବା ଏହି ମ୍ୟାଚ୍ ଉପରେ ଭାରତ ସମେତ ସାରା ବିଶ୍ୱର ନଜର ରହିଛି। ଏହି ମ୍ୟାଚ୍‌ରେ ଆଫଗାନିସ୍ତାନ ନ୍ୟୁଜିଲାଣ୍ଡକୁ ପରାସ୍ତ କରିପାରିଲେ ଭାରତ ସେମି ଫାଇନାଲକୁ ଉଠିବାର ସୁଯୋଗ ରହିବ। ତେଣୁ ଭାରତ ସମେତ କୋଟି କୋଟି ଭାରତୀୟ ପ୍ରଶଂସକ ଆଫଗାନିସ୍ତାନର ବିଜୟ ପାଇଁ ପ୍ରାର୍ଥନା କରିବେ। ଅନ୍ୟପଟେ ଯଦି ନ୍ୟୁଜିଲାଣ୍ଡ ଏହି ମ୍ୟାଚରେ ବିଜୟୀ ହେଲା ତା'ହେଲେ ଭାରତ ପାଇଁ ସେମିର ସବୁ ରାସ୍ତା ବନ୍ଦ ହୋଇଯିବ। ଆଫଗାନିସ୍ତାନକୁ ହରାଇଲେ ନ୍ୟୁଜିଲାଣ୍ଡ ୮ ପଏଣ୍ଟ ହାସଲ କରିବ ଓ ସିଧାସଳଖ ସେମିକୁ ଉଠିବ। କେବଳ ସେତିକି ନୁହେଁ ଭାରତକୁ ଅନ୍ତିମ ତଥା ପଞ୍ଚମରେ ନାମ୍ବିଆକୁ ବୃହତ୍ ବ୍ୟବଧାନରେ ହରାଇବା ମଧ୍ୟ ନିହାତି ଜରୁରୀ। ତେଣୁ ଆଫଗାନିସ୍ତାନର ପ୍ରଦର୍ଶନ ଉପରେ ଭାରତର ଭାଗ୍ୟ ନିର୍ଭର କରୁଛି। ନ୍ୟୁଜିଲାଣ୍ଡ ବିଜୟୀ ହେଲେ ସୋମବାର ଖେଳାଯିବାକୁ ଥିବା ନାମ୍ବିଆ ବିପକ୍ଷ ଭାରତର ଅନ୍ତିମ ଲିଗ୍ ଗୁରୁତ୍ୱ ହରାଇବ। ନ୍ୟୁଜିଲାଣ୍ଡ


ନ୍ୟୁଜିଲାଣ୍ଡ ଅଧିନାୟକ କେନ୍ ୱିଲିୟମ୍‌ସନ୍ ଓ ଆଫଗାନିସ୍ତାନ ଅଧିନାୟକ ମହମ୍ମଦ ନବି।

୪ଟି ମ୍ୟାଚ୍ ଖେଳି ୩ ବିଜୟ ଓ ୧ ପରାଜୟ ସହ ୬ ପଏଣ୍ଟ ପାଇ ଗ୍ରୁପ୍-୨ର ଶୀର୍ଷ ସ୍ଥାନରେ ରହିଛି। ଅନ୍ୟପଟେ ଆଫଗାନିସ୍ତାନ ୪ଟି ମ୍ୟାଚ୍‌ରୁ ୨ଟି ଲେଖାଏ ବିଜୟ ଓ ପରାଜୟ ସହ ୪ ପଏଣ୍ଟ ପାଇ ଚତୁର୍ଥ ସ୍ଥାନରେ ରହିଛି।

ଶୁକ୍ରବାର ନାମ୍ବିଆକୁ ବୃହତ୍ ବ୍ୟବଧାନରେ ହରାଇ ନ୍ୟୁଜିଲାଣ୍ଡ ତା'ର ଆତ୍ମବିଶ୍ୱାସ ଆହୁରି ଦୃଢ କରିଛି। ଟପ୍ ଅର୍ଡର ଫେଲ ମାରିଥିଲେ ମଧ୍ୟ ଜେମ୍ସ ନିଶାମ ଓ ଗ୍ଲେନ ଫିଲିପ୍ସ ଦମ୍‌ଦାର ପ୍ରଦର୍ଶନ କରି ଦଳକୁ ବଡ଼ ସ୍କୋର ପ୍ରଦାନ କରିଥିଲେ। ନ୍ୟୁଜିଲାଣ୍ଡ ୪

**ନ୍ୟୁଜିଲାଣ୍ଡ-ଆଫଗାନିସ୍ତାନ ମୁକାବିଲା**

ଉଇକେଟ ହରାଇ ୧୬୩ ରନରେ ସୀମତ ରହିଥିବା ବେଳେ ନାମ୍ବିଆ ୭ ଉଇକେଟ ହରାଇ ୧୧୧ ରନରେ ସୀମିତ ରହି ଏକପ୍ରକାର ଆତ୍ମସମର୍ପଣ କରିଥିଲା। ନ୍ୟୁଜିଲାଣ୍ଡ ବୋଲରଙ୍କ ଅଭିଜ୍ଞତା ଓ କୌଶଳ ଆଗରେ ନାମ୍ବିଆ ବ୍ୟାଟର ଆତ୍ମସମର୍ପଣ କରିଥିଲେ।

ବିଶ୍ୱକପ୍‌ରେ ଏ ପର୍ଯ୍ୟନ୍ତ ଆଫଗାନିସ୍ତାନ ବ୍ୟାଟ୍ସମ୍ୟାନମାନେ ସ୍ଥିର ପ୍ରଦର୍ଶନ କରିବାରେ ସଫଳ ହୋଇଛନ୍ତି। ସେହିପରି ସ୍ପିନରମାନେ ମଧ୍ୟ ନିଜର ପ୍ରତିଭା ବିଶ୍ୱସ୍ତରୀୟ ବୋଲି ପ୍ରମାଣ କରିଛନ୍ତି। ତେବେ ନ୍ୟୁଜିଲାଣ୍ଡ ଦଳରେ ଟ୍ରେଣ୍ଟ ବୋଲ୍ଟ, ଟିମ ସୌଦି ଓ ଆଡାମ ମିଲନେଙ୍କ ପରି ଦ୍ରୁତ ବୋଲର ରହିଛନ୍ତି। ଇଶ ସୋଧି ଓ ମିଚେଲ ସାଣ୍ଟନରଙ୍କ ଭଳି ବିଶ୍ୱସ୍ତରୀୟ ସ୍ପିନର ଦଳର କାର୍ଯ୍ୟକୁ ହାଲୁକା କରିଛନ୍ତି। ଯଦି ଆଫଗାନିସ୍ତାନ ବ୍ୟାଟ୍ସମ୍ୟାନମାନେ ଚ୍ୟାଲେଞ୍ଜିଂ ସ୍କୋର ଛିଡା କରନ୍ତି ତେବେ ରସିଦ୍ ଖାଁଙ୍କ ନେତୃତ୍ୱରେ ବୋଲରମାନେ ନ୍ୟୁଜିଲାଣ୍ଡକୁ ସମସ୍ୟାରେ ପକାଇପାରିବେ। ଇଞ୍ଜୁରି ପାଇଁ ମୁଜିବ-ଉର-ରହମାନଙ୍କ ଅନୁପସ୍ଥିତି ଦଳର ବୋଲିଂ ବିଭାଗକୁ ସାମାନ୍ୟ ଦୁର୍ବଳ କରିଛି। ଅଭିଜ୍ଞ ଓପନର ମାର୍ଟିନ ଗୁପ୍ଟିଲ, ଡାରିଲ ମିଚେଲ, ଅଧିନାୟକ କେନ୍ ୱିଲିୟମସନଙ୍କୁ ଶୀଘ୍ର ଆଉଟ କରିପାରିଲେ ଆଫଗାନିସ୍ତାନର କାର୍ଯ୍ୟ ସହଜ ହେବ। ତେବେ ସବୁ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ନ୍ୟୁଜିଲାଣ୍ଡ ଆଫଗାନିସ୍ତାନଠାରୁ ଆଗରେ ରହିବା ଭଳି ମନେହେଉଛି। ମ୍ୟାଚ୍‌ର ଫଳାଫଳ ଭାରତ ପାଇଁ ମହତ୍ତ୍ୱ ରଖୁ। ତେଣୁ ଏହି ମ୍ୟାଚ୍‌ର ଗୁରୁତ୍ୱ ଆଶାଠାରୁ ଅଧିକ ଭାବେ ବୃଦ୍ଧିପାଇଛି। ଆବୁଧାବିରେ ଏହି ମ୍ୟାଚ୍ ଖେଳାଯିବ। ତେବେ ଦୁବାଇରେ ଥିବା ଭାରତୀୟ ଦଳ ଓ ତାର ପ୍ରଶଂସକ ନ୍ୟୁଜିଲାଣ୍ଡର ପରାଜୟ ପାଇଁ ପ୍ରାର୍ଥନା କରିବେ। ମ୍ୟାଚ୍ ରୋମାଞ୍ଚକ ହେବ ବୋଲି ଆଶା କରାଯାଉଛି।

ରବିବାର ଖେଳାଯିବାକୁ ଥିବା ଦ୍ୱିତୀୟ ମ୍ୟାଚ୍‌ରେ ପାକିସ୍ତାନ ଓ ସ୍କଟଲାଣ୍ଡ ପରସ୍ପରକୁ ଭେଟିବେ। ପାକିସ୍ତାନ ୪ଟି ମ୍ୟାଚ୍ ଖେଳି ୪ ବିଜୟ ସହ ୮ ପଏଣ୍ଟ ହାସଲ କରି ସେମିକୁ ଉଠିଛି। ଅନ୍ୟପଟେ ସ୍କଟଲାଣ୍ଡ ୪ଟି ମ୍ୟାଚ୍ ଖେଳି ସବୁଥିରେ ପରାସ୍ତ ହୋଇ ସେମି ଦୌଡ଼ରୁ ବାଦ୍ ପଡିସାରିଛି। ତେଣୁ ଏହି ମ୍ୟାଚ ପାକିସ୍ତାନ ପାଇଁ ସେତେଟା ଗୁରୁତ୍ୱ ବହନ କରୁନାହିଁ। ତେବେ ଦଳ ଅଭ୍ୟାସ କରିବାର ସୁଯୋଗ ପାଇବ।



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

# ମୁମ୍ବାଇ ଲିଙ୍କ୍‌ରେ ଜଣେ ମହିଳା

## ଡିଆର୍‌ଡିଓ ତଥ୍ୟ ଲିକ୍ ଘଟଣା

### ମୁମ୍ବାଇ ଯିବ କ୍ରାଇମବ୍ରାଞ୍ଚ ଟିମ୍: ଏଡିଜି

**କଟକ ଅଫିସ,୬।୧୧**

ବାଲେଶ୍ୱର ଚାନ୍ଦିପୁରସ୍ଥିତ ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ସଙ୍ଗଠନ (ଡିଆର୍‌ଡିଓ) ତଥ୍ୟ ଲିକ୍ ମାମଲାରେ ଦିନକୁ ଦିନ ନୂଆ ତଥ୍ୟ ସାମନାକୁ ଆସୁଛି। ପାକିସ୍ତାନ, ରାଜସ୍ଥାନ ପରେ ଏବେ ଏହି ମାମଲାରେ ମୁମ୍ବାଇ ଲିଙ୍କ୍ ରହିଥିବା ଜାଣିବାକୁ ମିଳିଛି। ତଥ୍ୟ ଲିକ୍ ମାମଲାରେ ଗିରଫ ହୋଇଥିବା ୫ଅଭିଯୁକ୍ତଙ୍କ ମଧ୍ୟରୁ ଜଣଙ୍କୁ ଜନୈକା ମହିଳା ୪୦ ହଜାର ଟଙ୍କା ମାଗିଥିଲେ। ମୁମ୍ବାଇର ୨ଜଣ ବ୍ୟକ୍ତିଙ୍କ ପାଖକୁ ଅନ୍‌ଲାଇନରେ ଏହି ଟଙ୍କା ପଠାଇବାକୁ ମହିଳା ଜଣକ କହିଥିଲେ। ଏହାପରେ ଏପ୍ରିଲ ୧୮ରେ ଅଭିଯୁକ୍ତ ଅନ୍‌ଲାଇନରେ ୪୦ ହଜାର ଟଙ୍କା ଜମା କରିଥିଲେ। ପରେ ଏପ୍ରିଲ ୧୯ରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ଚାନ୍ଦିପୁର ଏସ୍‌ବିଆଇ ବ୍ରାଞ୍ଚରେ ଥିବା ଆକାଉଣ୍ଟକୁ ଉକ୍ତ ଟଙ୍କା ଫେରସ୍ତ ଆସିଥିଲା। ଅନ୍‌ଲାଇନରେ ଟଙ୍କା ପଠା ଯାଇଥିବା ମୁମ୍ବାଇର ସମ୍ପୃକ୍ତ ୨ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇଛି। ସେମାନଙ୍କ ସମ୍ପର୍କରେ ଅଧିକ ତଥ୍ୟ ପାଇଁ କ୍ରାଇମବ୍ରାଞ୍ଚର ଏକ ଟିମ୍ ମୁମ୍ବାଇ ଯିବ ବୋଲି ଅତିରିକ୍ତ ଡିଜି ସଞ୍ଜୀବ ପଣ୍ଡା ସୂଚନା ଦେଇଥିବାବେଳେ ଗିରଫ ୫ଜଣଙ୍କ ମଧ୍ୟରେ କେଉଁ ଅଭିଯୁକ୍ତ ଏହି ଟଙ୍କା ପଠାଇଥିଲେ ସେନେଇ କୌଣସି ତଥ୍ୟ ଦେଇ ନାହାନ୍ତି। ଅପରପକ୍ଷରେ ଟଙ୍କା ମାଗିଥିବା ମହିଳା କିଏ, ପ୍ରଥମ ରହସ୍ୟମୟୀ ମହିଳା ନା ଆଉ ଜଣେ, ସେନେଇ ତଦନ୍ତ ଜାରି ରହିଥିବା ସୂଚନା ମିଳିଛି।

ସୂଚନାଯୋଗ୍ୟ, ଡିଆର୍‌ଡିଓ ଗୁପ୍ତ ତଥ୍ୟ ଲିକ ମାମଲାରେ ଓଡ଼ିଶା ପୋଲିସ ଡିଆରଡିଓର ୫ କର୍ମଚାରୀଙ୍କୁ ଗିରଫ କରିଥିଲା। କ୍ରାଇମବ୍ରାଞ୍ଚ ପକ୍ଷରୁ ତଦନ୍ତ କରାଯିବାପରେ ଏଥିରେ ଜଣେ ରହସ୍ୟମୟୀ ମହିଳାଙ୍କ ସମ୍ପୃକ୍ତି ଥିବା ଜଣାପଡ଼ିଥିଲା। ଏପରି କି ଉକ୍ତ ମହିଳା ଜଣକ ବିଭିନ୍ନ ପରିଚୟ ଦେବା ସହ ୪ଟି ଫେସବୁକ୍ ଆକାଉଣ୍ଟ ମାଧ୍ୟମରେ ପାକିସ୍ତାନରୁ ଅପରେଟ୍ କରୁଥିବା ଜଣାପଡ଼ିଥିଲା। ପ୍ରକ୍ସି ଆଇପି ଜରିଆରେ ଉକ୍ତ ମହିଳା ଲୋକେଶନ ଲୁଚାଉଥିଲେ। ପାକିସ୍ତାନରୁ ଅପରେଟ କରୁଥିଲେ ମଧ୍ୟ ଆମେରିକା, ଜର୍ମାନୀ, ଭାରତର ଆଇପି ଦର୍ଶାଉଥିଲେ। ଉକ୍ତ ରହସ୍ୟମୟୀ ହନିଟ୍ରାପରେ ଡିଆରଡିଓର ୫ଜଣ କର୍ମଚାରୀଙ୍କ ପରି ରାଜସ୍ଥାନ ଯୋଦ୍ଧପୁରସ୍ଥିତ ମିଲିଟାରୀ ଇଞ୍ଜିନିୟରିଂ ସର୍ଭିସର ଜଣେ କର୍ମଚାରୀ ମଧ୍ୟ ପଡିଥିଲେ। ସେ ମିଲିଟାରୀ ଇଞ୍ଜିନିୟରିଂ ସର୍ଭିସର ବହୁ ଗୁରୁତ୍ୱପୂର୍ଣ୍ଣ ଚିଠିପତ୍ରର ଫଟୋ ମହିଳାଙ୍କ ନିକଟକୁ ପଠାଇଥିଲେ। ଏନେଇ ଗତ ଅକ୍ଟୋବର ୧୫ରେ ରାଜସ୍ଥାନରେ ମାମଲା ରୁଜୁ ହୋଇଥିଲା।

# ହାତୀ ପାଇଁ ବିପଦ ହାତୀ ଚଲାପଥ

## ଏନ୍‌ଏଚ୍‌ଏଆଇ, ବନ ବିଭାଗର ଅବହେଳା

- ୨ ରାସ୍ତା ପାଇଁ ଭିନ୍ନ ନିୟମ
- ଠିକା ସଂସ୍ଥାକୁ ସହଯୋଗ, ହେଲାନି ପରିବର୍ତ୍ତନ

**ସମ୍ବଲପୁର, ୬।୧୧(ବ୍ୟୁରୋ)**

ହାତୀ ପାଇଁ ବିପଦ ହାତୀ ଚଲାପଥ। ଅଣ୍ଡରପାସ୍ ନିର୍ମାଣ ନ କରି ରାସ୍ତା ଉପରେ ହାତୀ ଚଲାପଥ ନିର୍ମାଣ କରିବାରୁ ହାତୀ ସହିତ ଅନ୍ୟ ବନ୍ୟପ୍ରାଣୀ, ସରୀସୃପଙ୍କ ଜୀବନ ପ୍ରତି ବିପଦ ରହିଛି। ଜିଲାରେ ନିର୍ମାଣାଧୀନ ସମ୍ବଲପୁର-ତିଲେଇବଣି ୫୫ନଂ. ଜାତୀୟ ରାଜପଥର ତିନୋଟି ସ୍ଥାନରେ ଏଭଳି କରାଯାଇଥିବାର ଦେଖିବାକୁ ମିଳିଛି। ଏପରି ହେବା ପଛରେ ଜାତୀୟ ରାଜପଥ ବିଭାଗ ଓ ବନ ବିଭାଗର ଅବହେଳାକୁ ଦାୟୀ କରିଛନ୍ତି ଜିଲାବାସୀ। ଅନ୍ୟପଟେ ଠିକାସଂସ୍ଥାକୁ ଅନୁକମ୍ପା ଦେଖାଇ ସର୍ଭେ ହୋଇଥିବା ବେଳେ ଅଭିଯୋଗ କଲା ପରେ ମଧ୍ୟ ରାସ୍ତା ନିର୍ମାଣ ଡିଜାଇନ (ଡ୍ରଇଂ)ରେ ପରିବର୍ତ୍ତନ କରାଗଲା ନାହିଁ। ହେଲେ ହାତୀଙ୍କ ସୁରକ୍ଷା ଦୃଷ୍ଟିରୁ ସମ୍ବଲପୁର- ଅନୁଗୋଳ ୫୫ନଂ. ଜାତୀୟ ରାଜପଥରେ ଜନସାଧାରଣଙ୍କ ଅଭିଯୋଗ ପରେ ଡ୍ରଇଂ ପରିବର୍ତ୍ତନ କରାଯାଇଥିଲା। ଏପରି କି ସମ୍ବଲପୁର-ଅନୁଗୋଳ ଜାତୀୟ ରାଜପଥର ୧୦ରୁ ଅଧିକ ସ୍ଥାନରେ ଅଣ୍ଡରପାସ୍ ନିର୍ମାଣ କରିବାକୁ ଯୋଜନା କରାଯାଇ କାମ ବନ୍ଦ କରି ଦିଆଯାଇଥିଲା। ମାତ୍ର ୭୦କି.ମି. ବ୍ୟାପୀ ସମ୍ବଲପୁର-ତିଲେଇବଣି ରାସ୍ତା କାମ ହାତକୁ ନେଇଥିବା ନିର୍ମାଣ ସଂସ୍ଥାକୁ ଅନୁକମ୍ପା ଦେଖାଇବାକୁ ଯାଇ ଏଠାରେ ନିୟମ ପାଳନ କରାଗଲା ନାହିଁ। ଉଭୟ ରାସ୍ତା ସମ୍ବଲପୁର ଏନ୍‌ଏଚ୍‌ଏଆଇ ଡିଭିଜନ ଅଧୀନରେ ଥିବାବେଳେ ନିୟମ ଭିନ୍ନ କରାଯାଇଛି। ଅନ୍ୟପଟେ କାମ ଶୀଘ୍ର କରିବା ନିଶାରେ ଏନ୍‌ଏଚ୍‌ଏଆଇ ସରକାରଙ୍କ ବନ୍ୟପ୍ରାଣୀ ସୁରକ୍ଷା ନିୟମକୁ ଭୁଲିଗଲା ବୋଲି ଅଭିଯୋଗ ହେଉଛି। ସରକାରଙ୍କ ନିୟମ ଅନୁସାରେ ବନ୍ୟପ୍ରାଣୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ହାତୀ ଚଲାପଥ ନିର୍ମାଣ କରାଯାଉ ବୋଲି ଦାବି ହେଉଛି।

ଅଞ୍ଚଳବାସୀଙ୍କ ଅଭିଯୋଗ କ୍ରମେ ସମ୍ବଲପୁର ଜିଲାରେ ସମ୍ବଲପୁର ବନଖଣ୍ଡ ଓ ବାମରା ବନଖଣ୍ଡ ଦେଇ ଏହି ଜାତୀୟ ରାଜପଥ ନିର୍ମାଣ କରାଯାଉଛି। ପୂର୍ବରୁ ନିମ୍ନମାନର ରାସ୍ତା କାମ, ଫ୍ଲାଇ ଆଶ୍ ବ୍ୟବହାରରେ ଅନିୟମିତତା ଭଳି ଅଭିଯୋଗକୁ ନେଇ ଉକ୍ତ ଠିକା ସଂସ୍ଥା ଚର୍ଚ୍ଚାରେ ରହିଥିଲା। ଏହାକୁ ନେଇ ମାନ ଯାଞ୍ଚ କରୁଥିବା ଏଜେନ୍ସି ଓ ଜାତୀୟ ରାଜପଥ ବିଭାଗକୁ ଦାୟୀ କରାଯାଇଥିଲା। ତଦନ୍ତକାରୀ ଟିମ୍ ଆସି ଅଭିଯୋଗକୁ ପ୍ରମାଣିତ କରି ତାଗିଦା ମଧ୍ୟ କରିଥିଲେ। ରାସ୍ତା କାମ ବିଳମ୍ବ ହେବାରୁ ଅନେକ ଦୁର୍ଘଟଣା ଘଟି ଧନଜୀବନ ନଷ୍ଟ ହେଉଛି।

ଏବେ ବନ୍ୟପ୍ରାଣୀଙ୍କ ପ୍ରତି ବିପଦ ହୋଇଛି ଏହି ରାସ୍ତା। ସେମାନେ ଆହୁରି ଅଭିଯୋଗ କରିଛନ୍ତି ଯେ, ଜୟନ୍ତପୁର, ନୀଳଡୁଙ୍ଗୁରି, ଗୌଡ଼ପାଲି ବ୍ରିଜ ପୂର୍ବରୁ ହାତୀ ଚଲାପଥ ରହିଥିଲା। ସେ ସମୟରେ ଜାତୀୟ ରାଜପଥ ଅଣଓସାରିଆ ଥିଲା। ହାତୀପଲ ସହଜରେ ରାସ୍ତାପାର ହୋଇ ଯାଉଥିଲେ। ଏବେ ନୂତନ ରାସ୍ତା ଓସାରିଆ ହେବା ସହ ମଝିରେ ଡିଭାଇଡର ମଧ୍ୟ ରହିଛି। ତେଣୁ ବନ୍ୟପ୍ରାଣୀ ଯିବାଆସିବାରେ ଅସୁବିଧା ହେବ। ରାସ୍ତା ନିର୍ମାଣ ପୂର୍ବରୁ ସର୍ଭେ ସମୟରେ ବନ ବିଭାଗ ପକ୍ଷରୁ ରାସ୍ତାରେ କେତେଗୋଟି ହାତୀ ଚଲାପଥ ରହିଛି ସେ ନେଇ ଏନ୍‌ଏଚ୍‌ଏଆଇକୁ ସୂଚନା ଦିଆଯାଇଥାଏ। କିନ୍ତୁ ସମ୍ବଲପୁର-ତିଲେଇବଣି ରାସ୍ତା କାମରେ ସେଭଳି କରାଯିବା ଭଳି ମନେ ହେଉନାହିଁ। ନୀଳଡୁଙ୍ଗୁରିଠାରେ ରାସ୍ତା ☞ପୃଷ୍ଠା-୬



ତିଲେଇବଣି ରାସ୍ତା ଉପରେ ଥିବା ହାତୀ ଚଲାପଥ।

# ପୋଲିସ-ମାଓବାଦୀ ଗୁଳି ବିନିମୟ

## ହାର୍ଡକୋର ମାଓବାଦୀ ରାମସୁ ନିହତ

**ମାଲକାନଗିରି, ୬।୧୧ (ଡି.ଏନ୍.ଏ.):** ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡର ଦନ୍ତେୱାଡା ଜିଲାର ମେଘନାର ଜଙ୍ଗଲରେ ପୋଲିସ-ମାଓବାଦୀ ମଧ୍ୟରେ ଶନିବାର ଗୁଳି ବିନିମୟ ହୋଇଛି। ପୋଲିସ ଗୁଳିରେ ଜଣେ ହାର୍ଡକୋର ମାଓବାଦୀଙ୍କ ମୃତ୍ୟୁ ହୋଇଛି। ତାଙ୍କ ନାମରେ ୫ଲକ୍ଷ ଟଙ୍କା ପୁରସ୍କାର ରହିଥିଲା। ମୃତ ମାଓବାଦୀ ଜଣକ ହେଲେ ରାମସୁ। ସେ ଇନ୍ଦ୍ରାବତୀ ଏରିଆ କମିଟି ମାଓବାଦୀ ସଙ୍ଗଠନର ଡିଭିସିଏମ କ୍ୟାଡର ଭାବେ କାର୍ଯ୍ୟ କରୁଥିଲେ। ଅନେକ ବଡ ବଡ ହିଂସାକାଣ୍ଡର ମାଷ୍ଟର ମାଇଣ୍ଡ ଥିଲେ ରାମସୁ। ଗୁଳି ବିନିମୟ ପରେ ଘଟଣାସ୍ଥଳ ତଲାସୀ ବେଳେ ଗୋଟିଏ ପିସ୍ତଲ ସହ ବିପୁଳ ପରିମାଣର ମାଓବାଦୀ ବ୍ୟବହୃତ ବିସ୍ଫୋରକ ସାମଗ୍ରୀ ଜବତ ହୋଇଛି। ଅନ୍ୟପକ୍ଷରେ ଶନିବାର ଶତାଧିକ ମାଓବାଦୀ ଏକାଠି ହୋଇ ପୋଲିସକୁ ଟାର୍ଗେଟ କରିବାକୁ ଏକ ବଡ ଯୋଜନା କରିଥିଲେ। ପୋଲିସ ଗୁଳିକୁ ସାମ୍ନା କରି ନ ପାରି ସମସ୍ତେ ଛତ୍ରଭଙ୍ଗ ଦେଇଥିଲେ। ଏହି ଗୁଳି ବିନିମୟ ସମୟରେ ଅନେକ ଟପ କ୍ୟାଡର ମାଓବାଦୀ ଅଳ୍ପକେ ବର୍ତ୍ତି ଯାଇଥିବା ଦନ୍ତେୱାଡା ଏସ୍‌ପି ଅଭିଷେକ ପଲ୍ଲବ କହିଛନ୍ତି।

# ନ୍ୟୁଜିଲାଣ୍ଡରେ ବିଶ୍ୱର ବଡ଼ ଆଳୁ

- ଓଜନ ୭.୮ କିଲୋଗ୍ରାମ୍
- ଗିନିଜ୍ ୱାର୍ଲ୍ଡ ରେକର୍ଡ ପାଇଁ ଆବେଦନ

**ୱେଲିଂଟନ୍, ୬।୧୧**

ନ୍ୟୁଜିଲାଣ୍ଡର ହାମିଲଟନ୍‌ରେ ରହୁଥିବା ଏକ ଦମ୍ପତି ବଗିଚାରୁ ଏକ ବଡ଼ ଆକାରର ଆଳୁ ଖୋଳି ବାହାର କରିଛନ୍ତି। ଏହାର ଓଜନ ୭.୮ କିଲୋଗ୍ରାମ୍ ରହିଛି। ସମ୍ପୃକ୍ତ ଦମ୍ପତି କୋଲିନ୍ ଏବଂ ଡୋନା କ୍ରେଗ୍-ବ୍ରାଉନ୍ ଆଳୁର ନାମ ଡଗ୍ ରଖିଛନ୍ତି। ଏବେ ସୁଦ୍ଧା ଗିନିଜ୍ ବୁକ୍ ୱାର୍ଲ୍ଡ ରେକର୍ଡରେ ସ୍ଥାନିତ ହୋଇଥିବା ଆଳୁର ସର୍ବାଧିକ ଓଜନ ପ୍ରାୟ ୫ କେ.ଜି. ରହିଛି। ତେଣୁ 'ଡଗ୍'କୁ ଗିନିଜ୍ ୱାର୍ଲ୍ଡ ରେକର୍ଡରେ ସାମିଲ କରାଯିବାକୁ ସେମାନେ ଆବେଦନ କରିଛନ୍ତି। ଗତ ଅଗଷ୍ଟ ୩୦ରେ ଉଭୟେ ବଗିଚାରେ ମାଟି ଖୋଳି କିଛି ମଞ୍ଜି ପକାଉଥିବାବେଳେ କିଛି ବଡ଼ ଧରଣର ଜିନିଷ ତଳେ ଥିବା ଜାଣିବାକୁ ପାଇଥିଲେ। ଅଧିକ ଖୋଳିବା ପରେ କୁକୁର ପରି ଦେଖାଯାଉଥିବା ଏହି ଆଳୁ ମିଳିଥିଲା। ଏତେ ବଡଧରଣର ଆଳୁ ଦେଖିବା ପରେ ଉଭୟେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ପରେ ସେମାନେ ସେଥିରେ ଟୋପି ପିନ୍ଧାଇ ତାହାକୁ କୁକୁର ପରି ସଜାଇଥିଲେ। ୨୦୧୧ରେ ବ୍ରିଟେନରୁ ମିଳିଥିବା ଆଳୁ ଗିନିଜ୍ ୱାର୍ଲ୍ଡ ରେକର୍ଡ କରିଥିଲା। ☞ପୃଷ୍ଠା-୬



# ୭୩% ଲୋକଙ୍କ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ିଛି

**ଭୁବନେଶ୍ୱର,୬।୧୧(ବ୍ୟୁରୋ)**

ରାଜ୍ୟରେ କରୋନା ସଂକ୍ରମଣ କମୁଛି। ଏହା ଆମ ପାଇଁ ଭଲ ଲକ୍ଷଣ, ଆଶ୍ୱସ୍ତିର ବିଷୟ। ସ୍ୱାସ୍ଥ୍ୟ ବିଭାଗର ପ୍ରଚେଷ୍ଟା ଓ ଲୋକଙ୍କ ସହଯୋଗରେ ଆଜି ଏହା ସମ୍ଭବ ହୋଇପାରିଛି। କିନ୍ତୁ ପଡ଼ୋଶୀ ଦେଶରେ ପୁଣି ସଂକ୍ରମଣ ବଢୁଥିବାରୁ ଆମେ ସଜାଗ ରହିବା ସହିତ କୋଭିଡ୍ ଗାଇଡ୍‌ଲାଇନ ମାନିବା ଉଚିତ୍ ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ର କହିଛନ୍ତି। ସେ କହିଛନ୍ତି, କିଛି ଦେଶରେ ସଂକ୍ରମଣ ବଢୁଛି, ଯାହା ଚିନ୍ତାଜନକ। ଚାଇନାରେ ଯେତେବେଳେ ସଂକ୍ରମଣ ବଢ଼ିଥିଲା, ତା'ର ବହୁତ ଦିନ ପରେ ଆମ ଦେଶଗୁଡ଼ିକରେ ସଂକ୍ରମଣ ହୋଇଥିଲା। ଆଗାମୀ ଦିନରେ ସଂକ୍ରମଣ ବଢ଼ିବା ଦିଗରେ ଯଦି ସେପରି କିଛି ଜଣାପଡ଼େ ତେବେ ତାକୁ ଆମେ ପ୍ରତିହତ କରିବା ପାଇଁ କୋଭିଡ୍ ନିୟମାବଳୀ ପାଳନ କରିବା ଉଚିତ। କୋଭିଡ୍ ସମୟ ଆମକୁ ବହୁତ କିଛି ଶିଖାଇଛି। ଜନସାଧାରଣ ସେ ସବୁକୁ ବୁଝିପାରିଛନ୍ତି। ତେଣୁ ଆଗାମୀ ଦିନରେ ସେ ସବୁକୁ ଆମେ ଜାରି ରଖିଲେ ସଂକ୍ରମଣ ଭୟ ରହିବ ନାହିଁ। ବିଭାଗ ମଧ୍ୟ ସର୍ଭିଲାନ୍ସ ଜାରି ରଖିଛି, ☞ପୃଷ୍ଠା-୬

# ହାଟ ମଝିରେ ସତ୍କାର

## ଜମି ବିବାଦରୁ ଅନ୍ତିମ ସଂସ୍କାରକୁ ବାରଣ


ପୋଲିସ ଉପସ୍ଥିତିରେ ହାଟ ମଝିରେ ଅନ୍ତିମ ସଂସ୍କାର କରାଯାଉଛି।

**ବିଶୋଇ, ୬।୧୧(ଡି.ଏନ.ଏ.)**

ଜମି ବିବାଦକୁ କେନ୍ଦ୍ର କରି ଅନ୍ତିମ ସଂସ୍କାର କରାଇ ନ ଦେବାରୁ ଗ୍ରାମରେ ଜଣେ ବୃଦ୍ଧାଙ୍କ ମୃତଦେହ ୨୪ ଘଣ୍ଟା ପଡ଼ିରହିଲା। ଶେଷରେ ପୋଲିସ ଫୋର୍ସ ଉପସ୍ଥିତିରେ ସାପ୍ତାହିକ ହାଟ ମଝିରେ ଶବସତ୍କାର କରାଯାଇଛି। ମୟୂରଭଞ୍ଜ ଜିଲା ବିଶୋଇ ଥାନା ଅନ୍ତର୍ଗତ ଓଷାଡ଼ଲା ଗ୍ରାମରେ ଶନିବାର ଏଭଳି ଘଟଣା ଦେଖିବାକୁ ମିଳିଛି।

ଓଷାଡ଼ଲା ଗ୍ରାମରେ ରହୁଥିବା ହେଜଲ ନାଏକ ତାଙ୍କ ସ୍ୱାମୀଙ୍କ ମୃତ୍ୟୁ ପରେ ଇନ୍ଦିରାଆବାସ ଘରେ ଦୀର୍ଘ ବର୍ଷ ଧରି ଏକାକି ରହି ଆସୁଥିଲେ। ଶୁକ୍ରବାର ବାର୍ଦ୍ଧକ୍ୟ ଜନିତ କାରଣରୁ ତାଙ୍କର ପରଲୋକ ହୋଇଥିଲା। ଗ୍ରାମବାସୀଙ୍କ ସହାୟତାରେ ହେଜଲ ରହୁଥିବା ଏହି ବାସସ୍ଥାନ ପରିସରରେ ଶବ ସତ୍କାର ପାଇଁ ଯୋଜନା ଚାଲିଥିଲା। ଉକ୍ତ ସ୍ଥାନରେ ଗାତ ଖୋଳା ଚାଲିଥିବା ବେଳେ ଗ୍ରାମର ଜଣେ ବ୍ୟକ୍ତି ଏହାକୁ ବିରୋଧ କରିଥିଲେ। ହେଜଲ ରହୁଥିବା ଘରର ଜମିଟି ଉକ୍ତ ବ୍ୟକ୍ତିଙ୍କ ପୈତୃକ ଜମି ହୋଇଥିବା ଯୋଗୁ ସେ ଏହାକୁ ବାରଣ କରିଥିଲେ। ☞ପୃଷ୍ଠା-୬

# କୋଭିଡ୍ ହସ୍ପିଟାଲରେ ନିଆଁ: ୧୧ ଦଗ୍ଧ

**ଅହମଦନଗର, ୬।୧୧**

ମହାରାଷ୍ଟ୍ରର ଅହମଦନଗରସ୍ଥିତ ଏକ କୋଭିଡ୍ ହସ୍ପିଟାଲରେ ଶନିବାର ସକାଳେ ଅଗ୍ନିକାଣ୍ଡ ଘଟି ୧୧ ରୋଗୀଙ୍କ ମୃତ୍ୟୁ ହେବା ସହ ୪ ଜଣ ଆହତ ହୋଇଛନ୍ତି। ହସ୍ପିଟାଲର କୋଭିଡ୍ ୱାର୍ଡରେ ନିଆଁ ଲାଗିବାବେଳେ ସେଠାରେ ୧୭ ଜଣ ରୋଗୀ ଚିକିତ୍ସିତ ହେଉଥିଲେ। କେତେଜଣ ରୋଗୀଙ୍କୁ ଅନ୍ୟ ଏକ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଅଗ୍ନିକାଣ୍ଡର କାରଣ ଜାଣିବା ପାଇଁ ତଦନ୍ତ କରାଯାଉଥିବା ଜିଲାପାଳ ରାଜେନ୍ଦ୍ର ଭୋସ୍‌ଲେ କହିଛନ୍ତି।

କୋଭିଡ୍ ହସ୍ପିଟାଲ ଅଗ୍ନିକାଣ୍ଡରେ ୧୧ ରୋଗୀଙ୍କ ଜୀବନ ଯିବା ଘଟଣାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗଭୀର ଦୁଃଖପ୍ରକାଶ କରିଛନ୍ତି। ସେ ମୃତକଙ୍କ ପରିବାର ସଦସ୍ୟଙ୍କୁ ସମବେଦନା ଜଣାଇବା ସହ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ ଅଗ୍ନିକାଣ୍ଡର ତଦନ୍ତ ନିର୍ଦ୍ଦେଶ ଦେବା ସହ ମୃତକଙ୍କ ପରିବାର ପାଇଁ ୫ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି। ସେ ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ସହ ସମସ୍ତ ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଅଗ୍ନିକାଣ୍ଡର କାରଣ ଜଣାପଡ଼ି ନ ଥିବାବେଳେ ବିଦ୍ୟୁତ୍ ଶର୍ଟ ସର୍କିଟରୁ ଏହା ହୋଇଥାଇପାରେ ବୋଲି ଅଗ୍ନିଶମ ବିଭାଗ ପ୍ରାଥମିକ ଅନୁଧ୍ୟାନରୁ ଅନୁମାନ କରୁଛି।

ହସ୍ପିଟାଲର ତଳ ମହଲାରୁ ପ୍ରବଳ ଧୂଆଁ ବାହାରୁଥିବା ଭିଡିଓ ଚିତ୍ରରୁ ଦେଖିବାକୁ ମିଳିଛି। ଅନ୍ୟ ଏକ ଭିଡିଓରେ ଡାକ୍ତରମାନେ ଅଗ୍ନିକାଣ୍ଡରେ ଆହତ ରୋଗୀଙ୍କୁ ବଞ୍ଚାଇବାକୁ ଉଦ୍ୟମ ଚଳାଇଥିବା ଦେଖାଯାଇଛି। ନିଆଁ ଲାଗିଥିବା ୱାର୍ଡରୁ ବାହାର କରାଯାଇଥିବା ରୋଗୀ ଅନ୍ୟତ୍ର ସ୍ଥାନାନ୍ତର ହେବା ଲାଗି ହସ୍ପିଟାଲ ପରିସରରେ ଅପେକ୍ଷା କରିଛନ୍ତି।

କରୋନା ରୋଗୀଙ୍କ ଚିକିତ୍ସା ପାଇଁ ଉକ୍ତ ଆଇସିୟୁ ୱାର୍ଡ ନିକଟରେ ନିର୍ମାଣ କରାଯାଇଥିଲା। ଏଥିରେ ନିଆଁ ଲାଗିବା ଅତ୍ୟନ୍ତ ଗୁରୁତର ପ୍ରସଙ୍ଗ ବୋଲି ମହାରାଷ୍ଟ୍ର ମନ୍ତ୍ରୀ ନୱାବ ମଲିକ କହିଛନ୍ତି। ସମସ୍ତ ହସ୍ପିଟାଲକୁ ଫାୟାର ଅଡିଟ୍ କରିବା ଲାଗି ନିର୍ଦ୍ଦେଶ ଦିଆଯାଇଥିଲା। ଅହମଦନଗର ସିଭିଲ୍ ହସ୍ପିଟାଲ ରିପୋର୍ଟକୁ ଯାଞ୍ଚ କରାଯିବା ସହ ସମ୍ପୂର୍ଣ୍ଣ ଘଟଣାର ତଦନ୍ତ ହେବ ବୋଲି ମନ୍ତ୍ରୀ କହିଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଭାଜପା ନେତା ଦେବେନ୍ଦ୍ର ଫଡ୍‌ନବିସ ଅଗ୍ନିକାଣ୍ଡ ଘଟଣାରେ ଦୁଃଖପ୍ରକାଶ କରିବା ସହ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା ☞ପୃଷ୍ଠା-୬


ଅଗ୍ନିକାଣ୍ଡରେ ଅହମଦନଗର ସିଭିଲ୍ ହସ୍ପିଟାଲ ଭସ୍ମୀଭୂତ।

# ତେଲ ଟ୍ୟାଙ୍କର ବିସ୍ଫୋରଣରେ ୯୨ ମୃତ

**ଫ୍ରିଟାଉନ (ସିଏରା ଲିଓନେ), ୬।୧୧**

ଦକ୍ଷିଣ ଆଫ୍ରିକୀୟ ରାଷ୍ଟ୍ର ସିଏରା ଲିଓନେ ରାଜଧାନୀ ନିକଟରେ ଏକ ତୈଳ ଟ୍ୟାଙ୍କରରେ ବିସ୍ଫୋରଣ ହେବାରୁ ୯୨ ଜଣଙ୍କ ମୃତ୍ୟୁ ଘଟିବା ସହ ଅନେକେ ଆହତ ହୋଇଛନ୍ତି। ଶୁକ୍ରବାର ରାତିରେ ଫ୍ରିଟାଉନ ନିକଟସ୍ଥ ୱେଲିଙ୍ଗଟନ୍‌ରେ ଟ୍ୟାଙ୍କରରୁ ତେଲ ଲିକ୍ ହେଉଥିବାବେଳେ ଏହାକୁ ସଂଗ୍ରହ କରିବା ପାଇଁ ସେଠାରେ ଲୋକଙ୍କ ଭିଡ଼ ଲାଗିଥିଲା। ସେହି ସମୟରେ ଟ୍ୟାଙ୍କରକୁ ଏକ ବସ୍ ଧକ୍କା ଦେବାରୁ ସେଥିରେ ବିସ୍ଫୋରଣ ହୋଇ ଏତେ ସଂଖ୍ୟାରେ ଲୋକଙ୍କ ଜୀବନ ଗଲା ବୋଲି ଜଣେ ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ଶନିବାର ସକାଳ ସୁଦ୍ଧା କନଟ୍ ହସ୍ପିଟାଲର ମର୍ଚ୍ଚୁଆରିକୁ ୯୨ ମୃତଦେହ ଆସିଥିବାବେଳେ ଅନ୍ୟ ୩୦ ଜଣଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେମାନଙ୍କ ଶରୀରର ଅଧିକାଂଶ ଭାଗ ପୋଡ଼ିଯାଇଥିବାରୁ ବଞ୍ଚିବା ଆଶା ବହୁତ କମ୍ ବୋଲି ହସ୍ପିଟାଲ କର୍ମଚାରୀ କହିଛନ୍ତି। ବିସ୍ଫୋରଣ ପରେ ରାତି ଆକାଶରେ ବିଶାଳ ଅଗ୍ନି ପିଣ୍ଡୁଳା ଜଳୁଥିବା ଭିଡିଓରୁ ଦେଖିବାକୁ ମିଳିଛି। ଅଧାପୋଡ଼ା ଲୋକେ ଯନ୍ତ୍ରଣାରେ ଆର୍ତ୍ତ ଚିତ୍କାର କରୁଥିବାବେଳେ ସମ୍ପୂର୍ଣ୍ଣ ଦଗ୍ଧ ମୃତଦେହଗୁଡ଼ିକ ରାସ୍ତାରେ ପଡ଼ିରହିଥିବା ଦେଖାଯାଇଥିଲା। ଜାତିସଂଘ ଜଳବାୟୁ ସମ୍ମିଳନୀରେ ଯୋଗଦେବା ପାଇଁ ସ୍କଟଲାଣ୍ଡରେ ଥିବା ସିଏରା ଲିଓନେ ରାଷ୍ଟ୍ରପତି ଜୁଲିଅସ୍ ମାଡା ବିଓ ବିସ୍ଫୋରଣ ଖବର ପାଇଁ ଗଭୀର ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି। ଉପରାଷ୍ଟ୍ରପତି ମହମ୍ମଦ ଜୁଲଡେହ ଜାଲୋହ ଶୁକ୍ରବାର ରାତିରେ ଆହତମାନେ ☞ପୃଷ୍ଠା-୬



## ସିଦ୍ଧୁଙ୍କୁ ପଞ୍ଜାବ ମୁଖ୍ୟମନ୍ତ୍ରୀଙ୍କ କଡ଼ା ବାର୍ତ୍ତା

ପଞ୍ଜାବ ମୁଖ୍ୟମନ୍ତ୍ରୀ ଚରଣଜିତ୍ ସିଂ ଚନ୍ନି ୨୦୧୫ର ଅପବିତ୍ରକରଣ ଓ ପୋଲିସ ଫାୟାରିଂ ମାମଲାରେ ସରକାରୀ ଲିଗାଲ ଟିମ୍‌କୁ ସମର୍ଥନ କରିଛନ୍ତି। ନବଜ୍ୟୋତ ସିଂ ସିଦ୍ଧୁ ଶୁକ୍ରବାର ତାଙ୍କ ଇସ୍ତଫାପତ୍ର ଫେରାଇ ନେବା ପାଇଁ ୨୦୧୫ ମାମଲାରେ ୨ ଅଭିଯୁକ୍ତ ପୋଲିସ ଅଫିସରଙ୍କ ମାମଲା ପରିଚାଳନା କରୁଥିବା ଆଡଭୋକେଟ ଜେନେରାଲ ଏପିଏସ୍ ଦେଓଲଙ୍କ ଇସ୍ତଫା ଦାବି କରିଥିଲେ। ମୁଖ୍ୟମନ୍ତ୍ରୀ ଚନ୍ନି ଡ୍ରଗ୍ସ ମାମଲାକୁ ଗୁରୁତ୍ୱ ଦେବା ସହ ସାକ୍ରିଲେଜ୍ ମାମଲାରେ ଗୁର୍‌ମିତ ରାମରହିମଙ୍କୁ ଜେରା ଲାଗି ଲିଗାଲ ଟିମ୍‌କୁ ଅନୁମତି ଦିଆଯାଇଥିବା କହିଛନ୍ତି।

## ସଂକ୍ଷେପରେ

### ଖାଇବାତେଲ ଟ୍ୟାଙ୍କରରେ ନିଆଁ ଲାଗି ୨ ଜୀବନ୍ତ ଦଗ୍ଧ

ଜୟପୁର, ୬।୧୧: ରାଜସ୍ଥାନର ବାର୍‌ମେର ଜିଲା ଅନ୍ତର୍ଗତ କୁଡ଼ି ଗ୍ରାମ ଉପକଣ୍ଠରେ ଏକ ଖାଇବା ତେଲ ବୋଝେଇ ଟ୍ୟାଙ୍କର ଓଲଟିପଡ଼ି ନିଆଁ ଲାଗିଯିବାରୁ ୨ ଜଣ ଜୀବନ୍ତ ଦଗ୍ଧ ହୋଇଛନ୍ତି। ବାର୍‌ମେର-ଯୋଧପୁର ଜାତୀୟ ରାଜପଥରେ ଟ୍ୟାଙ୍କର ଆଗକୁ ହଠାତ୍ ଏକ ପଶୁ ପଳାଇଆସିଥିଲା। ଏହାକୁ ରକ୍ଷା କରିବାକୁ ଯାଇ ଟ୍ୟାଙ୍କରଟି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା ଓ ସଙ୍ଗେ ସଙ୍ଗେ ନିଆଁ ଲାଗିଯାଇଥିଲା। ସ୍ଥାନୀୟ ପୋଲିସ ଓ ଅଗ୍ନିଶମ କର୍ମଚାରୀ ୨ ଘଣ୍ଟା ପରେ ନିଆଁକୁ ଆୟତ୍ତକୁ ଆଣିପାରିଥିଲେ। ମୃତକ ହେଲେ ଟ୍ୟାଙ୍କର ଡ୍ରାଇଭର ରଣବୀର ସିଂ ଏବଂ ଉମେଦ୍ ସିଂ। ସେମାନେ ତେଲ ନେଇ ଗୁଜରାଟରୁ ପଞ୍ଜାବ ଯାଉଥିଲେ।

### ୧୯ରେ ଶତାବ୍ଦୀର ଦୀର୍ଘତମ ଚନ୍ଦ୍ରଗ୍ରହଣ

ନୂଆଦିଲ୍ଲୀ, ୬।୧୧: ନଭେମ୍ବର ୧୯ରେ ଚଳିତ ଶତାବ୍ଦୀର ଦୀର୍ଘତମ ଆଂଶିକ ଚନ୍ଦ୍ରଗ୍ରହଣ ହେବାକୁ ଯାଉଛି। ନାସା ସୂଚନା ଅନୁଯାୟୀ ଏହି ଚନ୍ଦ୍ରଗ୍ରହଣ ୩ ଘଣ୍ଟା ୨୮ ମିନିଟ ପର୍ଯ୍ୟନ୍ତ ରହିବ ଏବଂ ଏହି ସମୟରେ ଚନ୍ଦ୍ରର ୯୫ ପ୍ରତିଶତ ଲାଲ୍ ଦେଖାଯିବ। ଉତ୍ତର ଆମେରିକାରେ ଏହା ସ୍ପଷ୍ଟ ଦୃଶ୍ୟମାନ ହେବ। ଭାରତର ଆସାମ, ଅରୁଣାଚଳପ୍ରଦେଶ ସମେତ ଉତ୍ତରପୂର୍ବାଞ୍ଚଳର ବିଭିନ୍ନ ସ୍ଥାନରେ ଚନ୍ଦ୍ରଗ୍ରହଣ ଦେଖାଯିବ। ଉତ୍ତର ଓ ଦକ୍ଷିଣ ଆମେରିକା ସମେତ ପୂର୍ବ ଏସିଆ, ଅଷ୍ଟ୍ରେଲିଆ ଏବଂ ପ୍ରଶାନ୍ତ ମହାସାଗର ଅଞ୍ଚଳରେ ଏହା ଦୃଶ୍ୟମାନ ହେବ ବୋଲି ବୋଲି ନାସା ପକ୍ଷରୁ କୁହାଯାଇଛି।

### ଟ୍ରେନ୍‌ରେ ଆକ୍ରମଣ: ବହୁ ଯାତ୍ରୀ ଆହତ

ବର୍ଲିନ, ୬।୧୧ : ଜର୍ମାନୀର ଏକ ହାଇସ୍ପିଡ୍ ଟ୍ରେନ୍‌ରେ ଜଣେ ଦୁର୍ବୃତ୍ତ ଛୁରି ଧରି ଆକ୍ରମଣ କରିବାରୁ ଅନେକ ଯାତ୍ରୀ ଆହତ ହୋଇଛନ୍ତି। ହାଇସ୍ପିଡ୍ ଆଇସିଇ ଟ୍ରେନ୍‌ଟି ରେଗେନ୍ସବର୍ଗର ବାଭାରିଆନ ସହରରୁ ନୁରେମ୍‌ବର୍ଗ ଯାଉଥିବାବେଳେ ଶନିବାର ସ୍ଥାନୀୟ ସମୟ ସକାଳ ୯ଟାରେ ଆକ୍ରମଣ ହୋଇଥିଲା। ଆକ୍ରମଣ ସହ ସମ୍ପୃକ୍ତ ଜଣେ ବ୍ୟକ୍ତିଙ୍କୁ ସିଉବେର୍ସଡର୍ଫ ଷ୍ଟେଶନରୁ ଗିରଫ କରାଯାଇଛି। ଉକ୍ତ ଷ୍ଟେଶନରେ ଟ୍ରେନ୍ ଅଟକି ରହିଥିବାବେଳେ ପ୍ରାୟ ୨୦୦ ଯାତ୍ରୀଙ୍କୁ ନିକଟସ୍ଥ ଏକ ରେଷ୍ଟୁରାଣ୍ଟକୁ ନିଆଯାଇଛି। ଆକ୍ରମଣ ପଛର କାରଣ ଜଣାପଡ଼ି ନ ଥିବା ଆଭ୍ୟନ୍ତରୀଣ ମନ୍ତ୍ରୀ ହର୍ଷ ସିହୋଫେର କହିଛନ୍ତି।

### ଗୋରୁ ଚୋରି ସନ୍ଦେହରେ ପିଟି ହତ୍ୟା

ଅଗରତାଲା, ୬।୧୧ : ଗୋରୁ ଚୋରି କରିବା ସନ୍ଦେହରେ ଅଗରତାଲାରେ ଜଣକୁ ସ୍ଥାନୀୟ ଲୋକେ ପିଟି ମାରିଦେଇଛନ୍ତି। ଶୁକ୍ରବାର ରାତିରେ ବାଂଲାଦେଶରୁ ୩ ଜଣ ସନ୍ଦିଗ୍ଧ ଗୋରୁ ଚୋରାବେପାରୀ ତ୍ରିପୁରାରେ ପ୍ରବେଶ କରିଥିଲେ। ସେମାନେ ଗାଈ ଚୋରି କରିବା ପାଇଁ ଲିଟନ ପଲ୍‌ଙ୍କ ଘରେ ପ୍ରବେଶ କରିଥିବାବେଳେ ପଡୋଶୀଙ୍କ ସହାୟତାରେ ଗୃହକର୍ତ୍ତା ସେମାନଙ୍କୁ ଧରିଥିଲେ। ସେମାନଙ୍କ ମଧ୍ୟରୁ ୨ ଜଣ କୌଣସି ପ୍ରକାରେ ଖସି ପଳାଇଯାଇଥିଲେ। ଖସିପାରି ନ ଥିବା ଅନ୍ୟ ଜଣକୁ ଉତ୍ତ୍ୟକ୍ତ ଲୋକେ ପିଟି ପିଟି ମାରିଦେଇଥିଲେ ବୋଲି ପୋଲିସ କହିଛି। ମୃତ ବ୍ୟକ୍ତିଙ୍କ ନିକଟରୁ ପୋଲିସ ମୋବାଇଲ ଫୋନ୍ ଏବଂ ବାଂଲାଦେଶୀ ମୁଦ୍ରା ପାଇଛି। ତ୍ରିପୁରାର ସେପାହିଜଲା ଜିଲାର କମଲ ନଗର ଗ୍ରାମରେ ଏହି ଘଟଣା ଘଟିଛି।

## ଆର୍ଯ୍ୟନ ଖାନ୍ ଡ୍ରଗ୍ସ ମାମଲା

# ମୁମ୍ବାଇରେ ଏସ୍‌ଆଇଟି ତନାଘନା

ମୁମ୍ବାଇ, ୬।୧୧ (ପି.ଟି.)


ଏସ୍‌ଆଇଟି ମୁଖ୍ୟ ସଞ୍ଜୟ ସିଂ ମୁମ୍ବାଇର ଏନ୍‌ସିବି ଜୋନାଲ କାର୍ଯ୍ୟାଳୟକୁ ଯାଉଛନ୍ତି।

ବିବାଦୀୟ କ୍ରୁଜ୍ ଜାହାଜ ଡ୍ରଗ୍ସ କାରବାରରେ ସମ୍ପୃକ୍ତ ଶାହରୁଖ ଖାନ୍‌ଙ୍କ ପୁଅ ଆର୍ଯ୍ୟନ ଖାନ୍‌ଙ୍କ ମାମଲା ସମେତ ଅନ୍ୟ ୫ଟି ଡ୍ରଗ୍ସ ମାମଲାର ଏସ୍‌ଆଇଟି ଶନିବାର ତଦନ୍ତ ଆରମ୍ଭ କରିବା ସହ ୨ ଜଣଙ୍କ ବୟାନ ରେକର୍ଡ କରିଛି। ଏହି ତଦନ୍ତ ଲାଗି ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି) ଶୁକ୍ରବାର ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଗଠନ କରିଥିଲା। ଶନିବାର ଦିଲ୍ଲୀରୁ ଆସିଥିବା ଉକ୍ତ ଟିମ୍ ଅପରାହ୍ନରେ ଦକ୍ଷିଣ ମୁମ୍ବାଇର ଏନ୍‌ସିବି ଜୋନାଲ ଅଫିସ୍‌କୁ ଯାଇ ତଦନ୍ତର ଅଗ୍ରଗତି ସମ୍ପର୍କରେ ବୁଝିଥିଲା। ଏନ୍‌ସିବି ମୁଖ୍ୟାଳୟରେ ଡିଡିଜି ଅପରେଶନ୍ ଦାୟିତ୍ୱରେ ଥିବା ଓଡ଼ିଶା କ୍ୟାଡରର ବରିଷ୍ଠ ଆଇପିଏସ୍ ଅଫିସର ସଞ୍ଜୟ କୁମାର ସିଂ ଏସ୍‌ଆଇଟିର ମୁଖ୍ୟ ଅଛନ୍ତି। ଆମେ କେତେକ ମାମଲା ଗ୍ରହଣ କରିଛୁ ଓ ତାହାର ତଦନ୍ତ ଆରମ୍ଭ କରିବୁ ବୋଲି ସଞ୍ଜୟ କହିଛନ୍ତି। ମାମଲାଗୁଡ଼ିକର ସାନି ତଦନ୍ତ ହେବ କି ବୋଲି ପ୍ରଶ୍ନ ହେବାରୁ ମୋତେ ପ୍ରଥମେ କେସ୍ ରେକର୍ଡ ଦେଖିବାକୁ ଓ ବର୍ତ୍ତମାନ ସୁଦ୍ଧା ତଦନ୍ତର ଅଗ୍ରଗତି ସମ୍ପର୍କରେ ଜାଣିବାକୁ ଦିଅ। ପରେ ଆମେ ଏହା ଉପରେ ନିଷ୍ପତ୍ତି ନେବୁ ବୋଲି ସେ କହିଥିଲେ। ଜାତୀୟ ଓ ଅନ୍ତର୍ଜାତୀୟ ସମ୍ପୃକ୍ତି ଥିବା ୬ଟି ମାମଲାର ତଦନ୍ତ ଏସ୍‌ଆଇଟି କରିବ। ଏହା ସହ ଅନ୍ୟ କେଉଁମାନେ ସମ୍ପୃକ୍ତ ତାହା ଖୋଜି ବାହାର କରିବା ଲାଗି ଅପରାଧର ମୂଳ ଉତ୍ସ ପର୍ଯ୍ୟନ୍ତ ତଦନ୍ତ କରାଯିବ ବୋଲି ଶୁକ୍ରବାର ଏନ୍‌ସିବି କହିଥିଲା।

ଶୁକ୍ରବାର ବହୁଚର୍ଚ୍ଚିତ ଆର୍ଯ୍ୟନ ଖାନ୍ ଡ୍ରଗ୍ସ ମାମଲାର ତଦନ୍ତ ଭାର ଏନ୍‌ସିବିର ଜୋନାଲ ଅଫିସର ସମୀର ୱାଙ୍ଖଡେଙ୍କ ହାତରୁ କାଢ଼ିନେଇ ଦିଲ୍ଲୀ ଟିମ୍‌କୁ ଦିଆଯାଇଥିଲା। ଏହି ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍‌ର ନେତୃତ୍ୱ ୧୯୯୬ ବ୍ୟାଚ୍ ଓଡ଼ିଶା କ୍ୟାଡର ଆଇପିଏସ୍) ଅଫିସର ସଞ୍ଜୟ କୁମାର ସିଂଙ୍କୁ ଦିଆଯାଇଥିଲା। ଉପରୋକ୍ତ ମାମଲାଗୁଡ଼ିକର ତଦନ୍ତକାରୀ ଅଧିକାରୀ ନ ଥିବା ୱାଙ୍ଖଡେ ସ୍ୱୀକାର କରିଛନ୍ତି। ତେବେ ଜୋନାଲ ନିର୍ଦ୍ଦେଶକ ଭାବେ ତାଙ୍କର ସୁପରଭାଇଜରି ଭୂମିକା ଜାରି ରହିବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଏନ୍‌ସିପି ନେତା ନୱାବ ମଲିକ କହିଛନ୍ତି, ତଦନ୍ତରୁ ଭିତିରି ଗୁମର ପଦାକୁ ଆସିବ। ଆର୍ଯ୍ୟନଙ୍କୁ ଅପହରଣ ଓ ରାନ୍‌ସମ ଦାବି ନେଇ ୱାଙ୍ଖଡେଙ୍କ ବିରୋଧରେ ଏସ୍‌ଆଇଟି ତଦନ୍ତ କରାଯିବାକୁ ସେ ପୂର୍ବରୁ ଦାବି କରିଥିଲେ। ଏବେ ରାଜ୍ୟ ଓ କେନ୍ଦ୍ର ପକ୍ଷରୁ ଦୁଇଟି ଏସ୍‌ଆଇଟି ଗଠନ କରାଯାଇଛି। କିଏ ୱାଙ୍ଖଡେଙ୍କ କଳା କାରନାମା ଓ ତାଙ୍କର ଘରୋଇ ଆର୍ମିର ପର୍ଦ୍ଦାଫାଶ କରୁଛି ତାହା ଦେଖିବାକୁ ବାକି ରହିଲା ବୋଲି ନୱାବ ଟୁଇଟ୍ କରିଛନ୍ତି।

ଅକ୍ଟୋବର ୨ ରାତିରେ ମୁମ୍ବାଇରୁ ଗୋଆ ଯାଉଥିବା କାର୍ଡେଲିଆ କ୍ରୁଜ୍ ଶିପ୍ ଉପରେ ଏନ୍‌ସିବି ପକ୍ଷରୁ ଅତର୍କିତ ଚଢ଼ାଉ କରାଯାଇଥିଲା। ଏନ୍‌ସିବି ଟିମ୍ ସେଠାରୁ ୨୩ ବର୍ଷୀୟ ଆର୍ଯ୍ୟନ ଖାନ୍, ସହଯୋଗୀ ଅର୍ବାଜ ମର୍ଚ୍ଚାଣ୍ଟ ଓ ମଡେଲ ମୁନ୍‌ମୁନ ଧମେଚାଙ୍କ ସମେତ ୮ ଜଣଙ୍କୁ ନେଇ ପ୍ରଥମେ ଅଟକ ରଖି ପରେ ଗିରଫ କରିଥିଲା। ଏନ୍‌ସିବି ସେମାନଙ୍କ ବିରୋଧରେ ଡ୍ରଗ୍ସ ରଖିବା, ବ୍ୟବହାର କରିବା, କିଣାବିକା କରିବା, ଷଡ଼ଯନ୍ତ୍ର ରଚିବା ଓ ଅପରାଧରେ ସହଯୋଗ କରିବା ଭଳି ସଙ୍ଗିନ ଅଭିଯୋଗ ଆଣି ନାର୍କୋଟିକ୍ସ ଡ୍ରଗ୍ସ ଆଣ୍ଡ ସାଇକୋଟ୍ରୋପିକ୍ ସବ୍‌ଷ୍ଟାନ୍ସେସ୍ ଆକ୍ଟ (ଏନ୍‌ଡିପିଏସ୍)ର ବିଭିନ୍ନ ଧାରାରେ ମାମଲା ରୁଜୁ କରିଥିଲା। ପରେ ଅନ୍ୟ ୧୨ ଜଣଙ୍କୁ ଏହି ମାମଲାରେ ଗିରଫ କରାଯାଇଥିଲା। ମୁମ୍ବାଇର ସ୍ୱତନ୍ତ୍ର ଏନ୍‌ଡିପିଏସ୍ କୋର୍ଟରେ ଜାମିନ ଆବେଦନ ଖାରଜ ହେବା ପରେ ୩ ଅଭିଯୁକ୍ତ ବମ୍ବେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇ ଜାମିନ ଆବେଦନ କରିଥିଲେ। ଅକ୍ଟୋବର ୨୮ରେ ବମ୍ବେ ହାଇକୋର୍ଟ ସେମାନଙ୍କୁ ଜାମିନ ଦେଇଥିଲେ ଓ ଆର୍ଯ୍ୟନ ଦୁଇଦିନ ପରେ ମୁକୁଳିଥିଲେ।

## ୩ ରିମୋଟ୍ ସେନ୍ସିଂ ଉପଗ୍ରହ ପଠାଇଲା ଚାଇନା



ବେଜିଂ, ୬।୧୧

ୟାଓଗାନ୍-୩୫ ଶ୍ରେଣୀର ୩ ରିମୋଟ୍ ସେନ୍ସିଂ ଉପଗ୍ରହକୁ ଚାଇନା ଶନିବାର ମହାକାଶକୁ ପ୍ରେରଣ କରିଛି। ଲଙ୍ଗ୍ ମାର୍ଚ୍ଚ-୨ଡି କ୍ୟାରିୟର ରକେଟ୍ ଯୋଗେ ଏହି ୩ ସାଟେଲାଇଟ୍‌କୁ ପୃଥିବୀ କକ୍ଷପଥରେ ସଫଳତାର ସହ ସ୍ଥାପନ କରାଯାଇଥିବା ବେଜିଂ ପକ୍ଷରୁ କୁହାଯାଇଛି। ଲଙ୍ଗ୍ ମାର୍ଚ୍ଚ ସିରିଜ୍ କ୍ୟାରିୟର ରକେଟ୍‌ର ଏହା ହେଉଛି ୩୯୬ତମ ଅଭିଯାନ। ୧୯୭୦ରୁ ଚାଇନାର ପ୍ରମୁଖ ସ୍ପେସ୍ ପ୍ରୋଗ୍ରାମର ଅଂଶୀଦାର ଲଙ୍ଗ୍ ମାର୍ଚ୍ଚ-୩ବି ରକେଟ୍ ଯୋଗେ ୨୦୧୯ ମାର୍ଚ୍ଚରେ ଚାଇନା ନୂତନ କମ୍ୟୁନିକେଶନ ବା ଯୋଗାଯୋଗ ଉପଗ୍ରହକୁ କକ୍ଷପଥରେ ସଫଳତାର ସହ ସ୍ଥାନିତ କରି ଏହାର ୩୦୦ ତମ ଉତ୍କ୍ଷେପଣ ସମାପ୍ତ କରିଥିଲା। ଚାଇନା ଏରୋସ୍ପେସ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି କର୍ପୋରେଶନ ଦ୍ୱାରା ବିକଶିତ ହୋଇଥବା ଲଙ୍ଗ୍ ମାର୍ଚ୍ଚ କ୍ୟାରିୟର ରକେଟ୍ ଏ ପର୍ଯ୍ୟନ୍ତ ହୋଇଥିବା ସ୍ପେସ୍ ମିଶନରେ ୯୬.୪ ପ୍ରତିଶତ ସଫଳତା ହାସଲ କରିଛି। ପ୍ରଥମ ଶହେ ସାଟେଲାଇଟ୍ ଲଞ୍ଚ୍ ପାଇଁ ଏହା ୩୭ ବର୍ଷ ସମୟ ନେଇଥିଲା। ପରେ ଦ୍ୱିତୀୟ ଶହେ ଅଭିଯାନ ପାଇଁ ମାତ୍ର ୭.୫ ବର୍ଷ ଲାଗିଥିଲା। ସେହିପରି ଶେଷ ଶହେ ମିଶନ ସମ୍ପୂର୍ଣ୍ଣ କରିବାକୁ ଏହା ମାତ୍ର ୪ ବର୍ଷ ସମୟ ନେଇଛି।

## ମ୍ୟୁଜିକ୍ ଫେଷ୍ଟିଭାଲରେ ଦଳାଚକଟା: ୮ ମୃତ



ଟେକ୍ସାସ, ୬।୧୧

ଆମେରିକାର ହ୍ୟୁଷ୍ଟନ୍ ସହରରେ ଶୁକ୍ରବାର ରାତିରେ ଆଷ୍ଟ୍ରୋୱାର୍ଲ୍ଡ ମ୍ୟୁଜିକ୍ ଫେଷ୍ଟିଭାଲ ଚାଲିଥିବାବେଳେ ଦଳାଚକଟାରେ ୮ ଜଣଙ୍କ ମୃତ୍ୟୁ ଘଟିବା ସହ ଅନେକେ ଅହତ ହୋଇଛନ୍ତି। ଶୁକ୍ରବାର ଥିଲା ମ୍ୟୁଜିକ୍ ଫେଷ୍ଟିଭାଲ୍‌ର ଉଦ୍‌ଘାଟନ ଉତ୍ସବ। ଏହାକୁ ଦେଖିବା ପାଇଁ ପ୍ରବଳ ଭିଡ଼ ହୋଇଥିଲା। ଉତ୍ସବ ସ୍ଥଳରେ ପହଞ୍ଚିବା ପାଇଁ ଠେଲାପେଲାରୁ ଦଳାଚକଟା ହୋଇ ଏତେସଂଖ୍ୟାରେ ଲୋକଙ୍କ ଜୀବନ ଯାଇଥିବା ହ୍ୟୁଷ୍ଟନ୍ ଅଗ୍ନିଶମ ବିଭାଗ ମୁଖ୍ୟ ସାମୁଏଲ୍ ପେନା ଶନିବାର ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ଅଗ୍ନିଶମ ବିଭାଗ ୧୭ ଜଣଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଇଥିଲେ। ସେମାନଙ୍କ ମଧ୍ୟରୁ ୧୧ ଜଣଙ୍କୁ ହୃଦ୍‌ଘାତ ହୋଇଥିଲା ବୋଲି ଖୋଉ ୧୧ ନ୍ୟୁଜ୍ ହ୍ୟୁଷ୍ଟନ୍ ଚ୍ୟାନେଲ ପକ୍ଷରୁ କୁହାଯାଇଛି। ରାପର ଟ୍ରାଭିସ୍ ସ୍କଟ୍‌ଙ୍କ ଷ୍ଟେଜ୍ ନିକଟରେ ପ୍ରବଳ ଗହଳିରୁ ଦଳାଚକଟା ହୋଇଥିବା ଜଣାପଡ଼ିଛି। ଦୁଇଦିନିଆ ଏହି କାର୍ଯ୍ୟକ୍ରମ ପାଇଁ ୫୦ ହଜାର ଲୋକଙ୍କ ସମାଗମ ହୋଇଥିଲା। ଦଳାଚକଟା ପରେ ଦ୍ୱିତୀୟ ଦିନର କାର୍ଯ୍ୟକ୍ରମକୁ ବାତିଲ କରିଦିଆଯାଇଛି।

## ‘ଚାଇନାକୁ କ୍ଲିନ୍‌ଚିଟ୍ ଦେଇଥିବାରୁ କ୍ଷମା ମାଗନ୍ତୁ ପ୍ରଧାନମନ୍ତ୍ରୀ’

### ପେଣ୍ଟାଗନ୍ ରିପୋର୍ଟକୁ ନେଇ କେନ୍ଦ୍ର ଉପରେ ବର୍ଷିଲା କଂଗ୍ରେସ

ନୂଆଦିଲ୍ଲୀ, ୬।୧୧


ପୱନ ଖେରା

ଅରୁଣାଚଳ ପ୍ରଦେଶର ୪.୫ କିଲୋମିଟର ପରିଧି ମଧ୍ୟକୁ ଚାଇନା ଧସେଇ ପଶିବା ସହ ଏଲ୍‌ଏସି ନିକଟରେ ଗ୍ରାମ ନିର୍ମାଣ କରିଛି। ଏ ନେଇ ଆମେରିକା କଂଗ୍ରେସକୁ ପେଣ୍ଟାଗନ୍ ଦେଇଥିବା ରିପୋର୍ଟରେ ଉଲ୍ଲେଖ କରିଛି। କିନ୍ତୁ ଭାରତ ସୀମା ମଧ୍ୟକୁ ଚାଇନା ପ୍ରବେଶ କରିନାହିଁ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିବା ସହ ଚାଇନାକୁ କ୍ଲିନ୍‌ଚିଟ୍ ଦେଇସାରିଛନ୍ତି। ଏଥିପାଇଁ ମୋଦି ଦେଶବାସୀଙ୍କୁ କ୍ଷମା ମାଗନ୍ତୁ ଏବଂ ଚାଇନାକୁ ଦେଇଥିବା କ୍ଲିନ୍‌ଚିଟ୍ ଫେରାଇନିଅନ୍ତୁ ବୋଲି କଂଗ୍ରେସ ମୁଖପାତ୍ର ପୱନ ଖେରା ଶନିବାର ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି।

ଖେରା କହିଛନ୍ତି, ଚାଇନା ଭାରତୀୟ ସୀମା ମଧ୍ୟକୁ ପ୍ରବେଶ କରିବା ସହ ଏଲ୍‌ଏସି ଥିବା ଅଞ୍ଚଳରେ ଦ୍ୱୈତ ଉଦ୍ଦେଶ୍ୟ ରଖି ଗ୍ରାମ ନିର୍ମାଣ କରିଥିବା ପେଣ୍ଟାଗନ୍ ରିପୋର୍ଟରୁ ସ୍ପଷ୍ଟ। ଏହି ଗ୍ରାମଗୁଡିକ ଚାଇନା ସେନା ପାଇଁ କ୍ୟାଣ୍ଟନମେଣ୍ଟ ଭାବରେ କାର୍ଯ୍ୟ କରିବାକୁ ଉଦ୍ଦିଷ୍ଟ। ସେଠାରେ ଚାଇନା ନିର୍ମାଣ କରିଥିବା ଶତାଧିକ ଭିତ୍ତିଭୂମି ମଧ୍ୟରୁ କେତେକ ବହୁତଳ ପ୍ରାସାଦ ବିଶିଷ୍ଟ, ଯାହା କି ଭାରତ ପାଇଁ ଗମ୍ଭୀର ଚିନ୍ତାର ବିଷୟ। କିନ୍ତୁ ପ୍ରଧାନମନ୍ତ୍ରୀ ଏସବୁକୁ ଅଣଦେଖା କରିବା ସହ କୌଣସି ଦେଶ ଭାରତ ସୀମାକୁ ପ୍ରବେଶ କରି ନ ଥିବା କହି ଚାଇନାକୁ ୧୭ ମାସ ପୂର୍ବରୁ କ୍ଲିନ୍ ଚିଟ୍ ଦେଇସାରିଛନ୍ତି। ଭାରତର ଇତିହାସରେ ଏହା କଳା ଅଧ୍ୟାୟ ଭାବେ ବର୍ଣ୍ଣନା କରାଯିବ ବୋଲି ସେ କହିଛନ୍ତି। ୨୦୨୦ ଏପ୍ରିଲ ସୁଦ୍ଧା ସୀମା ନିକଟରେ ଥିବା ସ୍ଥିତାବସ୍ଥା କେବେ ଫେରିବ ସେ ନେଇ ପ୍ରଧାନମନ୍ତ୍ରୀ ଦେଶକୁ ଏକ ଡେଡ୍‌ଲାଇନ୍ ଦିଅନ୍ତୁ ବୋଲି ଖେରା ଦାବି କରିଛନ୍ତି। ଡେସ୍‌ପାଙ୍ଗ୍, ଗୋଗ୍ରା ହଟ୍‌ସ୍ପ୍ରିଙ୍ଗ୍, ଡିଓବି ସେକ୍ଟର ଆଦି ସ୍ଥାନରେ ଭାରତର ପୂର୍ବସ୍ଥିତି ଦେଶବାସୀ ଚାହାନ୍ତି ବୋଲି ସେ କହିଛନ୍ତି।

## ମୋଦି ସବୁଠୁ ପ୍ରଶଂସିତ ନେତା

ନୂଆଦିଲ୍ଲୀ, ୬।୧୧

ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଏବଂ ଜର୍ମାନ ଚାନ୍ସେଲର ଆଞ୍ଜେଲା ମର୍କେଲଙ୍କୁ ପଛରେ ପକାଇ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପୁନର୍ବାର ବିଶ୍ୱର ସବୁଠୁ ପ୍ରଶଂସିତ ନେତା ହୋଇଛନ୍ତି। ମର୍ନିକନ୍‌ସଲ୍ଟ ନାମକ ଏକ ସଂସ୍ଥା ଦ୍ୱାରା କରାଯାଇଥିବା ସର୍ଭେରେ ମୋଦିଙ୍କୁ ସର୍ବାଧିକ ୭୦ ପ୍ରତିଶତ ଅନୁମୋଦନ ରେଟିଂ ମିଳିଥିବା କେନ୍ଦ୍ରମନ୍ତ୍ରୀ ପୀୟୂଷ ଗୋୟଲ ସୂଚନା ଦେଇଛନ୍ତି। ୫୪% ରେଟିଂ ସହ ମର୍କେଲ ଚତୁର୍ଥ ସ୍ଥାନରେ ଏବଂ ୪୭ ପ୍ରତିଶତ ରେଟିଂ ସହ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ସ୍କଟ ମୋରିସନ ପଞ୍ଚମ ସ୍ଥାନରେ ରହିଛନ୍ତି। ଜୋ ବାଇଡେନ୍ ତାଲିକାର ୭ମ ସ୍ଥାନରେ ଏବଂ ବ୍ରିଟେନ ପ୍ରଧାନମନ୍ତ୍ରୀ ଦଶମ ସ୍ଥାନରେ ଅଛନ୍ତି।

## ମହିଳା ଅଧିକାର କର୍ମୀଙ୍କୁ ହତ୍ୟା

କାବୁଲ, ୬।୧୧

ଆଫଗାନିସ୍ତାନରେ ଜଣେ ମହିଳା ଅଧିକାର କର୍ମୀଙ୍କୁ ଗୁଳିକରି ହତ୍ୟା କରାଯାଇଛି। ଆଫଗାନିସ୍ତାନକୁ ତାଲିବାନ୍ କବ୍‌ଜା କରିବା ପରଠାରୁ ଏହି ୨୯ ବର୍ଷୀୟା ଅର୍ଥନୀତି ଅଧ୍ୟାପିକା ଫ୍ରୋଜାନ୍ ସାଫି ଦେଶରେ ମହିଳାଙ୍କ ଅଧିକାର ପାଇଁ ସାମ୍‌ନାକୁ ଆସିଥିଲେ। ଅକ୍ଟୋବର ୨୦ରୁ ସେ ନିଖୋଜ ଥିବାବେଳେ ତାଙ୍କର ମୃତଦେହ ମଜାର-ଇ-ସରିଫ୍ ସହରର ଏକ ଶବାଗାରରୁ ଠାବ କରାଯାଇଛି। ଗୁଳି କରାଯାଇ ତାଙ୍କ ମୁହଁକୁ ନଷ୍ଟ କରିଦିଆଯାଇଛି। ସେ ପିନ୍ଧିଥିବା ପୋଷାକରୁ ତାଙ୍କ ଭଉଣୀ ତଥା ମହିଳା ଡାକ୍ତର ରୀତା ସାଫିଙ୍କୁ ଚିହ୍ନଟ କରିଥିଲେ। ସାଫିଙ୍କ ଉପରକୁ ବହୁ ସଂଖ୍ୟାରେ ଗୁଳି ଚଳାଯାଇଛି। ତାଙ୍କ ହୃତ୍‌ପିଣ୍ଡ, କିଡ୍‌ନୀ ଆଦି ଗୁଳିରେ ନଷ୍ଟ ହୋଇଯାଇଛି। ତାଙ୍କ ବ୍ୟାଗ୍‌ରେ ଥିବା ନିର୍ବନ୍ଧ ମୁଦିକୁ ମଧ୍ୟ ନେଇଯାଇଛନ୍ତି ବୋଲି ରୀତା କହିଛନ୍ତି।

## ୧୯ ଯାଏ ଜେଲ ଗଲେ ଦେଶମୁଖ

ମୁମ୍ବାଇ, ୬।୧୧



ମନିଲଣ୍ଡରିଂ ମାମଲାରେ ମୁମ୍ବାଇର ଏକ ଅଦାଲତ ମହାରାଷ୍ଟ୍ରର ପୂର୍ବତନ ଗୃହମନ୍ତ୍ରୀ ଅନିଲ ଦେଶମୁଖଙ୍କୁ ୧୯ ତାରିଖ ଯାଏ (୧୪ ଦିନ ପାଇଁ) ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି। ବହିଷ୍କୃତ ପୋଲିସ ଅଧିକାରୀ ସଚିନ ୱାଜେଙ୍କ ଜରିଆରେ ଦେଶମୁଖ ମୁମ୍ବାଇର ବିଭିନ୍ନ ରେଷ୍ଟୁରାଣ୍ଟ ଓ ବାର୍‌ରୁ ମାସିକ ୧୦୦ କୋଟି ଟଙ୍କା ଚାନ୍ଦା ଆଦାୟ କରୁଥିବା ମୁମ୍ବାଇର ପୂର୍ବତନ ପୋଲିସ କମିଶନର ପରମବୀର ସିଂ ଅଭିଯୋଗ କରିଥିଲେ। ଏନେଇ ସିବିଆଇ ତାଙ୍କ ବିରୋଧରେ ମାମଲା ରୁଜୁ କରିଥିବାବେଳେ ଏହାର ମନିଲଣ୍ଡରିଂ ଦିଗ ଉପରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ତଦନ୍ତ ଚଳାଇଛି। ଗତ ସୋମବାର ଇଡିର ଅଧିକାରୀମାନେ ଦେଶମୁଖଙ୍କୁ ୧୨ ଘଣ୍ଟା ଜେରା କରିବା ପରେ ଗିରଫ କରିଥିଲେ।


କଶ୍ମୀରର ବାରମୁଲା ଜିଲା ଅନ୍ତର୍ଗତ ଗୁଲମାର୍ଗଠାରେ ପର୍ଯ୍ୟଟକମାନେ ତୁଷାରପାତର ମଜା ନେଉଛନ୍ତି।

## ଦିଲ୍ଲୀରେ ଉତ୍କଟ ବାୟୁ ପ୍ରଦୂଷଣ

### ପାଣି ଛିଞ୍ଚିବା ଲାଗି ୧୧୪ ଟ୍ୟାଙ୍କର ନିୟୋଜିତ

ନୂଆଦିଲ୍ଲୀ, ୬।୧୧



ଦୀପାବଳି ପରେ ରାଜଧାନୀ ଦିଲ୍ଲୀରେ ବାୟୁ ପ୍ରଦୂଷଣ ଉତ୍କଟ ହୋଇଛି। ବାଣ, ଗାଡ଼ିମୋଟରର ଧୂଆଁ ସାଙ୍ଗକୁ ପଡୋଶୀ ରାଜ୍ୟରେ ଚାଷୀମାନେ ନଡ଼ା ପୋଡୁଥିବାରୁ ଦିଲ୍ଲୀ ଆକାଶ ଧୂମାଚ୍ଛନ୍ନ ହୋଇଯାଉଛି। ବାୟୁରେ ଧୂଳି ପରିମାଣ କମାଇବା ପାଇଁ ରାସ୍ତାରେ ପାଣି ଛିଞ୍ଚିବା କାର୍ଯ୍ୟରେ ୧୧୪ଟି ଟ୍ୟାଙ୍କର ନିୟୋଜିତ ହୋଇଛି। ଶନିବାର ପରିବେଶ ମନ୍ତ୍ରୀ ଗୋପାଳ ରାୟ ପାଣି ଟ୍ୟାଙ୍କରଗୁଡ଼ିକୁ ପତାକା ଦେଖାଇ ଏହି ଜରୁରୀ ସେବାର ଶୁଭାରମ୍ଭ କରିଛନ୍ତି। ପ୍ରଦୂଷଣ ରୋକିବା ଲାଗି ଗତ ମାସରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ ସହରରେ ଏକ କାର୍ଯ୍ୟଯୋଜନା ଶୁଭାରମ୍ଭ କରିଥିଲେ। ବାୟୁପ୍ରଦୂଷଣର ସ୍ଥାନୀୟ ଉତ୍ସକୁ ବନ୍ଦ କରିବା ଲାଗି ଅଭିଯାନ ଆରମ୍ଭ ହୋଇଥିବା ପରିବେଶ ମନ୍ତ୍ରୀ କହିଛନ୍ତି। ପଞ୍ଜାବ ଓ ହରିୟାଣାରେ ଚାଷୀ ନଡ଼ା ପୋଡ଼ିବା ଅବ୍ୟାହତ ରଖିଛନ୍ତି। ଶୁକ୍ରବାର ୩,୫୦୦ ନଡ଼ାପୋଡ଼ି ଘଟଣା ଘଟିଥିବାବେଳେ ଶନିବାର ୪,୦୦୦ ଘଟଣା ଘଟିଛି। ବାୟୁ ପ୍ରଦୂଷଣର ଏହା ମୁଖ୍ୟ କାରଣ ବୋଲି ମନ୍ତ୍ରୀ ରାୟ କହିଛନ୍ତି।

## ଆଷ୍ଟରଏଡ୍‌କୁ ନଷ୍ଟ କରିବ ନାସା

ୱାଶିଂଟନ, ୬।୧୧

ପୃଥିବୀ ଉପରେ ଅନେକ ସମୟରେ ବିପଦ ହୋଇ ଉଭା ହେଉଥିବା କ୍ଷୁଦ୍ର ଗ୍ରହପିଣ୍ଡ ବା ଆଷ୍ଟରଏଡ୍‌କୁ ନଷ୍ଟ କରିବାକୁ ଆମେରିକା ମହାକାଶ ଗବେଷଣା ସଂସ୍ଥା ନାସା ଯୋଜନା କରିଛି। ଏଥିଯୋଗୁ ଆମ ଗ୍ରହକୁ କ୍ଷତିଗ୍ରସ୍ତ ହେବାରୁ ବଞ୍ଚାଇବାକୁ ପ୍ରସ୍ତୁତ ହେଉଛି ଡାର୍ଟ ମିଶନ। ହଲିଉଡ୍ ଫିଲ୍ମ ‘ଆର୍ମାଗେଡୋନ୍’ରେ ନାୟକ ଏକ ଆଷ୍ଟରଏଡ ଭୂପୃଷ୍ଠରେ ମାଡ଼ ହେବା ପୂର୍ବରୁ କିପରି ତାହାକୁ ନଷ୍ଟ କରୁଛନ୍ତି ତାହା ଚିତ୍ରଣ ହୋଇଥିବା ବେଳେ ମନୋରଞ୍ଜନର ଏହି ଦୃଶ୍ୟକୁ ବାସ୍ତବ ରୂପ ନେବାକୁ ନାସା ଉଦ୍ୟମ ଚଳାଇଛି। ଏହି ସ୍ପେସ୍ ଏଜେନ୍ସିର ଆସନ୍ତା ୨୩ ତାରିଖରେ ଡବଲ ଆଷ୍ଟରଏଡ୍ ରିଡିରେକ୍ସନ୍ ଟେଷ୍ଟ(ଡାର୍ଟ)କୁ ମହାକାଶରେ ପରୀକ୍ଷଣ କରିବାକୁ ଯାଉଛି। ପ୍ରସ୍ତୁତି ଅନୁସାରେ ନାସା ଏହି ଗ୍ରହପିଣ୍ଡଗୁଡ଼ିକୁ ମହାକାଶରେ ହିଁ ଧକ୍କା ଦେଇ ନଷ୍ଟ କରିଦେବ। ଏହା ସଫଳ ହେଲେ ଆମ ପୃଥିବୀକୁ ବିପଜ୍ଜନକ ଗ୍ରହପିଣ୍ଡ ମାଡ଼ ହେବା ପୂର୍ବରୁ ରକ୍ଷା କରାଯାଇପାରିବ।

ଡାର୍ଟ ମିଶନର ଯୋଜନା ଅନୁଯାୟୀ, ନାସା ଏକ ମହାକାଶଯାନକୁ ଘଣ୍ଟା ପ୍ରତି ୨୪ ହଜାର କିଲୋମିଟର ବେଗରେ ଏକ ଆଷ୍ଟରଏଡ୍‌କୁ ଧକ୍କା ଦେବ। ଏହାର ନାମ ପ୍ଲାନେଟାରି ଡିଫେନ୍ସ ରଖାଯାଇଛି। ସ୍ପେସ୍‌ଏକ୍ସର ଫାଲ୍‌କନ୍-୯ ରକେଟ୍ ଯୋଗେ ନଭେମ୍ବର ୨୩ରେ କାଲିଫର୍ନିଆର ଭାନ୍ଦେନବର୍ଗ ସ୍ପେସ୍ ଲଞ୍ଚ୍ କମ୍ପ୍ଲେକ୍ସରୁ ଏହି ସ୍ପେସକ୍ରାଫ୍ଟକୁ ଲଞ୍ଚ କରାଯିବ। ଏହି ମିଶନ ପାଇଁ ପ୍ରାୟ ୨୫ ଶହ କୋଟି ଟଙ୍କା ଖର୍ଚ୍ଚ ହେବ। ନାସାର ପ୍ଲାନେଟାରି ଡିଫେନ୍ସ ଅଫିସର ଲିଣ୍ଡଲି ଜନ୍‌ସନ୍‌ଙ୍କ କହିବା ଅନୁସାରେ, ନିକଟ ଭବିଷ୍ୟତରେ ପୃଥିବୀକୁ କ୍ଷତି ପହଞ୍ଚାଇବା ଭଳି କୌଣସି ଗ୍ରହପିଣ୍ଡକୁ ଠାବ କରାଯାଇନାହିଁ। କିନ୍ତୁ ପୃଥିବୀ ନିକଟରେ ମହାକାଶରେ ବହୁ ସଂଖ୍ୟାରେ ଆଷ୍ଟରଏଡ ରହିଛି। ଏହି ଜ୍ଞାନକୌଶଳ ଦ୍ୱାରା ଭବିଷ୍ୟତରେ ପୃଥିବୀ ପ୍ରତି ଆଷ୍ଟରଏଡ୍ ବିପଦ ଉଭାହେଲେ ସମୟ ପୂର୍ବରୁ ପଦକ୍ଷେପ ନିଆଯାଇପାରିବ ବୋଲି ସେ କହିଛନ୍ତି।

### ପୃଥିବୀର ସୁରକ୍ଷା ପାଇଁ ଡାର୍ଟ ମିଶନ




## ଆତ୍ମସମର୍ପଣ କଲେ ୫୫ ଆଇଏସ୍ ଆତଙ୍କବାଦୀ

କାବୁଲ, ୬।୧୧

ଆଫଗାନିସ୍ତାନର ନଙ୍ଗରହାର ପ୍ରଦେଶରେ ଇସ୍‌ଲାମିକ୍ ଷ୍ଟେଟ୍(ଆଇଏସ୍)ର ୫୫ ଆତଙ୍କବାଦୀ ତାଲିବାନ୍ ନେତୃତ୍ୱାଧୀନ ସରକାରଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି। ଏହି ଆତଙ୍କବାଦୀମାନେ ନଙ୍ଗରହାର ଜିଲାର ବାଟିଲ କୋଟ୍, ଅଚିନ୍ ଏବଂ ସ୍ପିନ୍ ଘର୍ ଅଞ୍ଚଳରେ ସକ୍ରିୟ ଥିଲେ। ଆଫଗାନିସ୍ତାନରେ ତାଲିବାନ୍ ସରକାର ଗଢ଼ିବା ପରଠାରୁ ଆଇଏସ୍ ଖୋରାସାନ୍ ପକ୍ଷରୁ ବାରମ୍ବାର ଆକ୍ରମଣ କରାଯାଉଛି। ତାଲିବାନ୍ ଲଢୁଆଙ୍କ ସମେତ ଜନସାଧାରଣ ତଥା ଶିଆ ଗୋଷ୍ଠୀଙ୍କୁ ଟାର୍ଗେଟ କରି ବିସ୍ଫୋରଣ ଘଟାଉଛନ୍ତି।

# 'ଆତ୍ମନିର୍ଭରଶୀଳ ହୋଇପାରିଛି ଓଡ଼ିଶା'

**ନୟାଗଡ଼ ଅଫିସ,୬।୧୧**

## ରାଜ୍ୟସ୍ତରୀୟ ଗୋ ସମ୍ବର୍ଦ୍ଧନା ଉତ୍ସବ

ନୟାଗଡ଼ ଜିଲାର ମାଛିପଡାଠାରେ ଶନିବାର ୭୦ତମ ରାଜ୍ୟସ୍ତରୀୟ ଗୋ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୃଷି ଓ କୃଷକ ସଶକ୍ତୀକରଣ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଅରୁଣ ସାହୁ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ। ଏହି ଅବସରରେ ମନ୍ତ୍ରୀ ସାହୁ କହିଲେ, ୨୦ ବର୍ଷ ଭିତରେ ଓଡ଼ିଶା ନିଜକୁ ଆତ୍ମ ନିର୍ଭରଶୀଳ କରାଇ ପାରିଛି। ଦୁଗ୍ଧ ଉତ୍ପାଦରେ ଓଡ଼ିଶା ପ୍ରଥମ ସ୍ଥାନ ଅକ୍ତିଆର କରିଛି। ଦୁଇ ହଜାର ମସିହାରେ ଓଡିଶାରେ ଦୈନିକ ୨୭ ଲକ୍ଷ ଲିଟର ଦୁଗ୍ଧ ଉତ୍ପାଦନ ହେଉଥିଲା। ୨୦୨୦ରେ ଏହା ୬୫ ଲକ୍ଷ ଲିଟରରେ ପହଞ୍ଚିଛି। ଗାଁ ଗହଳିର ଦେଶୀ ଗାଈ ସଂଖ୍ୟା କମିଥିଲେ ହେଁ ଜର୍ସି, ହଲିଷ୍ଟନ୍, ଗିରଙ୍କ ପରି ସଙ୍କର ଜାତୀୟ ଗାଈଙ୍କ ସଂଖ୍ୟା ବଢ଼ି ଚାଲିଛି। ଅଳ୍ପ ଗାଈ ହେଲେ ବି ଅଧିକ କ୍ଷୀର ଦେଉଛନ୍ତି। ନୟାଗଡ଼ ଛେନାପୋଡ଼ ଆମ ପାଇଁ ଗର୍ବ ପାଲଟିଛି। ସେହିପରି ୨୦୧୯ରେ ପ୍ରାଣୀ ଗଣନାରେ ୮୩ ଲକ୍ଷ ଦେଶୀ ଗାଈ ଓ ୧୫ ଲକ୍ଷ ସଙ୍କର ଜାତୀୟ ଗାଈ ଏବଂ ୪ ଲକ୍ଷରୁ ଉର୍ଦ୍ଧ୍ୱ ମଇଁଷି ଓଡ଼ିଶାରେ ଥିବା ଜଣାପଡିଛି। ପୁଣି ୨ ହଜାର ମସିହାରେ ୧ ଲକ୍ଷ ୬୦ ହଜାର ମେଟ୍ରିକ ଟନ ମାଛ ଉତ୍ପାଦନ ହେଉଥିଲା। ଏବେ ୮ ଲକ୍ଷ ୮୦ ହଜାର ମେଟ୍ରିକ ଟନ ମାଛ ଉତ୍ପାଦନ ହେଉଛି। ଓଡ଼ିଶାରୁ ୩ ହଜାର କୋଟି ଟଙ୍କାର ମାଛ ବାହାରକୁ ରପ୍ତାନି ହେଉଛି। ଅଣ୍ଡା ଉତ୍ପାଦନ ଥିଲା ୨୦ ଲକ୍ଷ ଏବେ ୮୦ ଲକ୍ଷରେ ପହଞ୍ଚିଛି। ଲେମ୍ବୁ ବେଶି ଉତ୍ପାଦନ ହେଉଥିବା ବେଳେ ଛତୁରେ ଓଡ଼ିଶା ୧ନମ୍ବର ସ୍ଥାନ ଅଧିକାର କରିଛି। କାଜୁରେ ଆମେ ଅନ୍ୟ ଉପରେ ନିର୍ଭରଶୀଳ ନୁହେଁ। ଚିକେନ, ମଟନ ପାଇଁ ଆମେ କୁକୁଡ଼ା ଓ ଛେଳି ବାହାରୁ ଆଣୁନାହୁଁ। ଚାଉଳରେ ଚତୁର୍ଥ ଉତ୍ପାଦନକାରୀ ରାଜ୍ୟ ହୋଇଛି ଓଡ଼ିଶା। ୭ ଶହ ମେଟ୍ରିକ ଟନ ଚାଉଳ ଭାରତ ବାହାରକୁ ପଠାଯାଉଛି। ତରଭୁଜରେ ଉତ୍ପାଦନରେ ଆମେ ବହୁତ ଆଗରେ ଅଛୁ। ବୌଦ୍ଧରେ କଖାରୁ ଭଲ ଉତ୍ପାଦନ ହେଉଛି। କନ୍ଦମୂଳରେ ଉତ୍ପାଦନରେ ଭାରତରେ ୧ ନମ୍ବର ସ୍ଥାନ ଅଧିକାର କରିଛି ଓଡ଼ିଶା। ଓଡିଶାର ପାନ ରାଜ୍ୟ ବାହାରକୁ ଯାଉଛି। ଖଣ୍ଡିଗହମ ସେତେବେଳେ ଆମେରିକାରୁ ଆସୁଥିଲା। ଭାରତରେ ଗହମ ଉତ୍ପାଦନ ହେଉ ନ ଥିଲା। ଭାରତରେ ଚାଉଳ ଓ ଖାଦ୍ୟଶସ୍ୟର ଉତ୍ପାଦନ ନ ଥିବାରୁ ଅନ୍ୟ ଦେଶ ଉପରେ ନିର୍ଭରଶୀଳ ଥିଲା। ୬୦ରୁ ୭୦ ଦଶକରେ ସବୁଜ ବିପ୍ଳବ ପରେ ଭାରତ ନିଜ ଗୋଡରେ ଠିଆ ହେଲା। ଅନ୍ୟ ରାଜ୍ୟ ଠାରୁ ସହଯୋଗ ନେଉଥିବା ଓଡ଼ିଶା ଏବେ ଅନ୍ୟ ରାଜ୍ୟରେ ବାତ୍ୟା ବନ୍ୟା ହେଲେ ସହଯୋଗର ହାତ ବଢ଼ାଉଛି। ଆଉ ବଜାରରେ ଆନ୍ଧ୍ର ମାଛର ଚାହିଦା ନାହିଁ। ଏବେ ଲୋକ ଦେଶୀ ମାଛ ଖୋଜୁଛନ୍ତି। ସ୍ୱୟଂ ସହାୟକ ଗୋଷ୍ଠୀକୁ ବିନା ସୁଧରେ ଋଣ ଦିଆଯାଉଛି। ଯୁବକମାନଙ୍କୁ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ୫୦ ଲକ୍ଷ ପର୍ଯ୍ୟନ୍ତ ୫୦ ପ୍ରତିଶତ ସବ୍‌ସିଡ ଦିଆଯାଉଛି ବୋଲି ମନ୍ତ୍ରୀ କହିଥିଲେ।

ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗର କମିଶନର ତଥା ଶାସନ ସଚିବ ଆର ରଘୁପ୍ରସାଦ, ପ୍ରାଣୀ ପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶକ ୟେଦୁଲା ବିଜୟ, ନୟାଗଡ଼ ଜିଲାପାଳ ପୋମା ଟୁଡୁ, ପିଡି ଡିଆରଡିଏ ସୁବାସ ଚନ୍ଦ୍ର ରାୟ ଓ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ସତ୍ୟନାରାୟଣ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ନୟାଗଡ଼ ଜିଲା ଗୋପାଳକଙ୍କ ସଫଳତାର ଗାଥା ନନ୍ଦିନୀ ପୁସ୍ତକ ଉନ୍ମୋଚନ ହୋଇଥିଲା। ସେହିପରି ନୟାଗଡ଼ ବ୍ଲକ ମାଛିପଡାର ନିରଞ୍ଜନ ମହାପାତ୍ର, ଦଶପଲ୍ଲା ଏନଏସି କୁଞ୍ଜନବନଗଡର ଜିତେନ୍ଦ୍ର ବାରିକ, ଓଡ଼ଗାଁ ବ୍ଲକ ଓସ୍ତିଆର ବୁଲୁ ବେହେରା, ଖଣ୍ଡପଡ଼ା ବ୍ଲକ କିଆଝର ଗାଁର ଶୁକଦେବ ସାହୁ, ଭାପୁର ବ୍ଲକ ମରିଚିଆ ଗାଁର ସୂର୍ଯ୍ୟନାରାୟଣ ରଣସିଂହ, ନୂଆଗାଁ ବ୍ଲକ ମହିପୁର ପୋଖରାସାହିର ମାନସ ସାହୁ, ଗଣିଆ ବ୍ଲକ ଜଗନ୍ନାଥପ୍ରସାଦ ଗାଁର ମନୋରଞ୍ଜନ କରଣ, ରଣପୁର ବ୍ଲକ ଲୋଧାଚୁଆ ଗାଁର ନରେନ୍ଦ୍ର ବେହେରା ପ୍ରମୁଖ ସଫଳ ୮ ଗୋପାଳକ ସମ୍ବର୍ଦ୍ଧିତ ହୋଇଥିଲେ।



ମନ୍ତ୍ରୀ ଅରୁଣ ସାହୁ ଗୋସମ୍ବର୍ଦ୍ଧନା ଉତ୍ସବକୁ ଉଦ୍‌ଘାଟନ କରୁଛନ୍ତି।

# ଶଙ୍କରାଚାର୍ଯ୍ୟ, ୫-ଟି ସଚିବଙ୍କୁ ଭେଟିଲା ଜଗନ୍ନାଥ ସେନା



ପୁରୀ ଗସ୍ତରେ ଆସିଥିବା ୫-ଟି ସଚିବ ଭି.କେ. ପାଣ୍ଡିଆନଙ୍କୁ ବଡ଼ଦାଣ୍ଡରେ ଜଗନ୍ନାଥ ସେନା ପକ୍ଷରୁ ଦାବିପତ୍ର ଦିଆଯାଉଛି।

**ପୁରୀ ଅଫିସ ୬।୧୧**

## ପୁରୀ ସହର ନାମ ପରିବର୍ତ୍ତନ ପ୍ରସଙ୍ଗ

ପୁରୀ ସହରର ନାମକୁ ପରିବର୍ତ୍ତନ କରି ଶ୍ରୀଜଗନ୍ନାଥ ଧାମ ପୁରୀ କରିବା ପ୍ରସଙ୍ଗକୁ ନେଇ ଶ୍ରୀଜଗନ୍ନାଥ ସେନା ପକ୍ଷରୁ ଶନିବାର ପୁରୀ ପୀଠ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ନିଶ୍ଚଳାନନ୍ଦ ସରସ୍ୱତୀ ଏବଂ ୫-ଟି ସଚିବ ଭି. କେ ପାଣ୍ଡିଆନ୍‌ଙ୍କୁ ଭେଟି ଦାବିପତ୍ର ପ୍ରଦାନ କରାଯାଇଛି। ଶ୍ରୀଜଗନ୍ନାଥ ସେନାର ଆବାହାକ ଆଇନଜୀବୀ ପ୍ରିୟଦର୍ଶନ ପଟ୍ଟନାୟକ ଜଗଦ୍‌ଗୁରୁଙ୍କୁ ସାକ୍ଷାତ କରି ପୁରୀର ନାମକରଣ ପ୍ରସଙ୍ଗରେ ୩ଟି ପ୍ରସ୍ତାବ ସମ୍ପର୍କରେ ଆଲୋଚନା କରିଥିଲେ। ପୁରୀର ନାମ ସହ ମହାପ୍ରଭୁଙ୍କର ନାମକୁ ଯୋଡ଼ାଯାଉ। ପୁରୀର ନାମ ପରିବର୍ତ୍ତନ ନ କରି ପୁରୀ ନାମ ପୂର୍ବରୁ ଶ୍ରୀଜଗନ୍ନାଥ ଧାମ ଲଗାଯାଉ ଏବଂ ଏହି ନାମକରଣ ପ୍ରସଙ୍ଗରେ ସୂଚନା ଦେବା ପାଇଁ ସେନା ପକ୍ଷରୁ ଜଗଦ୍‌ଗୁରୁଙ୍କୁ ନିବେଦନ କରାଯାଇଥିଲା। ତେବେ ଜଗଦ୍‌ଗୁରୁ ଏହି ପ୍ରସଙ୍ଗକୁ ବିରୋଧ କିମ୍ବା ସମର୍ଥନ କରୁ ନାହାନ୍ତି। ବରଂ ପୁରୀର ଉତ୍କର୍ଷଣ ଅବତାରଣ କରିଥିଲେ। ପୁରୀ ନାମ କହିଲେ ଜଗନ୍ନାଥ ଧାମ ବୁଝାଏ। ମାତ୍ର ସଂଗଠନ ପକ୍ଷରୁ ପୁରୀ ସହିତ ଶ୍ରୀଜଗନ୍ନାଥ କିମ୍ବା ଶ୍ରୀଜଗନ୍ନାଥ ଧାମ ଯୋଡ଼ାଯାଏ, ତେବେ କୌଣସି ଆପତ୍ତି ନାହିଁ ବୋଲି ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ମତ ଦେଇଥିଲେ। ଯେପରି ଶ୍ରୀଜଗନ୍ନାଥ ସେନା ନାମରେ ସେନା ପୂର୍ବରୁ ଶ୍ରୀଜଗନ୍ନାଥଙ୍କ ନାମ ରହିଛି, ତେଣୁ ସଂଗଠନକୁ ସମସ୍ତେ ଶ୍ରୀଜଗନ୍ନାଥ ସେନା ବୋଲି ଜାଣିପାରୁଛନ୍ତି, ନଚେତ ଖାଲି ସେନା କହିଲେ ଶିବ ସେନାକୁ ବୁଝାଇଥାନ୍ତା ବୋଲି ଜଗଦ୍‌ଗୁରୁ କହିଥିବା ପଟ୍ଟନାୟକ ସୂଚନା ଦେଇଛନ୍ତି।

ତେବେ ଶଙ୍କରାଚାର୍ଯ୍ୟ ଏହି ପ୍ରସଙ୍ଗରେ ପୂର୍ବରୁ ଦେଇଥିବା ମନ୍ତବ୍ୟକୁ ପୁନର୍ବାର ଦୋହରାଇଛନ୍ତି। ପୁରୀର ବିଶେଷତ୍ୱ ହେଉଛି ଏହା ପୂର୍ବରୁ ଜଗନ୍ନାଥ ନ ଲଗାଇଲେ ବି ବିଶ୍ୱରେ ସମସ୍ତେ ଜାଣନ୍ତି ପୁରୀ ହେଉଛି ଜଗନ୍ନାଥ ଧାମ। ତେଣୁ ପୁରୀର ନାମ ପରିବର୍ତ୍ତନ କରି ଶ୍ରୀଜଗନ୍ନାଥ ଧାମ କରିବାର ଆବଶ୍ୟକତା ନାହିଁ ବୋଲି ସେ ସୂଚନା ଦେଇଥିଲେ। ସେହିପରି ଶନିବାର ପୁରୀ ଆସିଥିବା ୫-ଟି ସଚିବ ଭି. କେ. ପାଣ୍ଡିଆନଙ୍କୁ ଜଗନ୍ନାଥ ସେନା ପକ୍ଷରୁ ବଡ଼ଦାଣ୍ଡଠାରେ ସାକ୍ଷାତ କରି ପୁରୀ ନାମକୁ ଶ୍ରୀଜଗନ୍ନାଥ ଧାମ ପୁରୀ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ସେହିପରି ଅନ୍ୟାନ୍ୟ ଦାବି ସମ୍ପର୍କରେ ମଧ୍ୟ ପାଣ୍ଡିଆନଙ୍କୁ ଅବଗତ କରାଯାଇଥିଲା। ସମସ୍ତ ଦାବି ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇବେ ବୋଲି ୫-ଟି ସଚିବ ପାଣ୍ଡିଆନ ପ୍ରତିଶ୍ରୁତି ଦେଇଥିବା ଜଗନ୍ନାଥ ସେନା ପକ୍ଷରୁ କୁହାଯାଇଛି। ତେବେ ପୁରୀ ସହର ସହ ପୁରୀ ରେଳ ଷ୍ଟେଶନର ନାମ ମଧ୍ୟ ପରିବର୍ତ୍ତନ କରି ଶ୍ରୀଜଗନ୍ନାଥ ଧାମ ପୁରୀ କରାଯାଉ ବୋଲି ଦାବି ହୋଇଛି। ଏଥିପାଇଁ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ସହଯୋଗ ଆବଶ୍ୟକ ଥିବାରୁ ଉଭୟଙ୍କ ସହ ସେନା ଯୋଗାଯୋଗ ଜାରି ରଖିଛି। ଅପରପକ୍ଷେ ଶୁକ୍ରବାର ସେନା ପକ୍ଷରୁ ଷ୍ଟେଶନର ନାମ ପରିବର୍ତ୍ତନ ପାଇଁ କରାଯାଇଥିବା ବିକ୍ଷୋଭରେ ପୋଷ୍ଟରରେ ଶ୍ରୀଜଗନ୍ନାଥ ବଦଳରେ ଶ୍ରୀଜନ୍ନାଥ ଲେଖାହୋଇଥିଲା। ଯାହା ମୁଦ୍ରଣ ଜନିତ ତ୍ରୁଟି ଥିଲା। ତେଣୁ ଏ ନେଇ ସେନାର ଆବାହକ ପଟ୍ଟନାୟକ ଦୁଃଖ ପ୍ରକାଶ କରିଥିଲେ।

# ଗ୍ରାମୀଣ କ୍ୟାମ୍ପସରେ ତାଲା ପକାଇଲେ ନର୍ସିଂ ଛାତ୍ରୀ

**ଚଣ୍ଡିଖୋଲ,୬।୧୧(ଡି.ଏନ.ଏ.)**

## ଉତ୍କଳ ବିଶ୍ୱବିଦ୍ୟାଳୟ

ଚଣ୍ଡିଖୋଲସ୍ଥିତ ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଅସ୍ଥାୟୀ ଭାବେ ଚାଲୁଥିବା ଉତ୍କଳ ବିଶ୍ୱବିଦ୍ୟାଳୟ ଗ୍ରାମୀଣ କ୍ୟାମ୍ପସରେ ଛାତ୍ରୀ ଅଶାନ୍ତି ଦେଖାଦେଇଛି। ଏଠାରେ ପଢୁଥିବା ନର୍ସିଂ ଛାତ୍ରୀମାନେ ବିଭିନ୍ନ ଦାବିରେ କ୍ୟାମ୍ପସରେ ଶନିବାର ତାଲା ପକାଇବା ସହ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଛାତ୍ରୀ ଅଭିଯୋଗ କରିଛନ୍ତି ଯେ, ଏଠାରେ କୌଣସି କ୍ଲିନିକାଲର ପାଠ ପଢ଼ାଯାଉ ନ ଥିବାବେଳେ ଲାଇବ୍ରେରି ସୁବିଧା ମଧ୍ୟ ନାହିଁ। ଏହା ପ୍ରତିଷ୍ଠା ହେବ ବୋଲି ଦାୟିତ୍ୱରେ ଥିବା ଅଧିକାରୀମାନେ ବାରମ୍ବାର ପ୍ରତିଶ୍ରୁତି ଦେଉଥିଲେ ମଧ୍ୟ ସମୟ ଗଡ଼ାଇ ଚାଲିଛନ୍ତି। ଫଳରେ ଶିକ୍ଷାଦାନରେ ସମସ୍ୟା ଦେଖାଦେଇଛି। ପୂର୍ବରୁ ଏନେଇ ଛାତ୍ରୀଙ୍କ ଅଭିଯୋଗ ପରେ ଉଚ୍ଚ କର୍ତ୍ତୃପକ୍ଷ ଏକ ମାସ ମଧ୍ୟରେ ସମସ୍ୟା ସମାଧାନ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ଦୀର୍ଘ ଦିନ ବିତିଯାଇଥିଲେ ମଧ୍ୟ ସମସ୍ୟା ସମାଧାନ ହୋଇପାରିନାହିଁ। ଉତ୍କଳ ବିଶ୍ୱବିଦ୍ୟାଳୟ ଭଳି ରାଜ୍ୟର ଏଭଳି ଅଗ୍ରଣୀ ସରକାରୀ ଶିକ୍ଷାନୁଷ୍ଠାନକୁ ଭରସା କରି ଛାତ୍ରୀ ଏଠାରେ ନାମ ଲେଖାଇଥିଲେ ମଧ୍ୟ କର୍ତ୍ତୃପକ୍ଷ ସେମାନଙ୍କ ଭବିଷ୍ୟତ ସହ ଖେଳ ଖେଳୁଥିବା ଅଭିଯୋଗ କରିଛନ୍ତି। ସେହିପରି ଆବଶ୍ୟକ ଅଧ୍ୟାପକ ଓ କର୍ମଚାରୀ ଏବଂ ଭିତ୍ତିଭୂମି ଅଭାବ ରହିଥିଲେ ମଧ୍ୟ କେବଳ ମୋଟା ଅଙ୍କରେ ଛାତ୍ରୀଛାତ୍ରଙ୍କଠାରୁ ଫି' ଆଦାୟ କରି କର୍ତ୍ତୃପକ୍ଷ ଚୁପ ବସିଛନ୍ତି। ଦାବିପୂରଣ ନ ହେବା ଯାଏ ଆନ୍ଦୋଳନରୁ ଓହରିବେ ନାହିଁ ବୋଲି ଛାତ୍ରୀମାନେ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଅଧ୍ୟକ୍ଷା ମୌସୁମୀ ପ୍ରଧାନ କହିଛନ୍ତି, ଖୁବ୍‌ଶୀଘ୍ର ସମସ୍ୟା ସମାଧାନ କରାଯିବ।



ନର୍ସିଂ ଛାତ୍ରୀମାନେ ବିଭିନ୍ନ ଦାବିରେ କ୍ୟାମ୍ପସରେ ତାଲା ପକାଇ ଧାରଣାରେ ବସିଛନ୍ତି।

# ଏମ୍‌ପିଙ୍କ ନାଁ ନ ଥିବାରୁ ଫଳକ ଭାଙ୍ଗିଲେ

**ରୂପସା, ୬।୧୧(ଡି.ଏନ.ଏ.)**

ବାଲେଶ୍ୱର ସଦର ବ୍ଲକ ଅଧୀନ ଛାନୁଆ ପଞ୍ଚାୟତରେ ଶନିବାର ଏକ ମେଗା ପାନୀୟଜଳ ପ୍ରକଳ୍ପ ଶିଳାନ୍ୟାସ କରାଯାଇଛି। ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ପକ୍ଷରୁ ପଞ୍ଚାୟତ ଅଧୀନ ଶିଳିଦାଠାରେ ଦେଢ଼କୋଟି ଟଙ୍କାର ବ୍ୟୟବରାଦରେ ନିର୍ମିତ ହେବାକୁ ଥିବା ଏହିପ୍ରକଳ୍ପ ଫଳକରେ ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ନାମ ନ ଥିଲା। ଭାଜପା କର୍ମୀ ଏହାକୁ ବିରୋଧ କରି ଫଳକକୁ ଭାଙ୍ଗିଦେଇଥିଲେ। ପରେ ପୁଣି ବିଭାଗ ତରଫରୁ କେବଳ ବିଧାୟକ, ବ୍ଲକ ଚେୟାରମ୍ୟାନ ଓ ସରପଞ୍ଚଙ୍କ ନାମ ସ୍ଥାନିତ କରାଯାଇ ତରବରିଆ ଭାବେ ଏକ ଅସ୍ଥାୟୀ ଫଳକ ତିଆରି କରାଯାଇ ଶିଳାନ୍ୟାସ ହୋଇଥିଲା। ବିଧାୟକ ସ୍ୱରୂପ ଦାସ ଏହା ଶିଳାନ୍ୟାସ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଚେୟାରମ୍ୟାନ ନାରାୟଣ ପ୍ରଧାନ, ଯୁବ ବିଜେଡି ନେତା ଶକ୍ତିପଦ ରାୟ ପ୍ରମୁଖ ଯୋଗଦେଇଥିଲେ। ଏହି ପ୍ରକଳ୍ପ ଦ୍ୱାରା ଶିଳିଦା, ଭଦରସିଆ ଓ ସାନଗୁରୁରା ଆଦି ଗ୍ରାମର ଲୋକମାନଙ୍କର ପାନୀୟଜଳ ସମସ୍ୟା ଦୂର ହେବ ବୋଲି ବିଧାୟକ ଦାସ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଭାଗୀୟ ସହକାରୀ ଯନ୍ତ୍ରୀ ନିର୍ମଳ ବେହେରା, ପଞ୍ଚାୟତ ବିଜେଡି ସଭାପତି ସୁଜିତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

**ଅସ୍ଥାୟୀ ଫଳକରେ ଶିଳାନ୍ୟାସ କଲେ ବିଧାୟକ**



-ଭୁବନେଶ୍ୱର ଏକାମ୍ର ହାଟରେ ଉତ୍କଳିକା ପକ୍ଷରୁ ଚାଲିଥିବା ସ୍ୱତନ୍ତ୍ର ହସ୍ତଶିଳ୍ପ ପ୍ରଦର୍ଶନୀର ଏକ ଷ୍ଟଲ୍‌ରେ ଗ୍ରାହକମାନେ କିଣାକିଣି କରୁଛନ୍ତି।

# ଭରସା ଦେଇଛି ଶ୍ରୀଲେଦର୍ସ ବ୍ରାଣ୍ଡ

**ଦୀ**ର୍ଘ ୩୦ବର୍ଷରୁ ଅଧିକ ସମୟ ଧରି ସୁଲଭ ମୂଲ୍ୟରେ ନିରନ୍ତର ଉତ୍ପାଦ ଯୋଗାଇବାରେ ପ୍ରତିଶ୍ରୁତି ଦେଇଆସିଛି ଶ୍ରୀଲେଦର୍ସ ବ୍ରାଣ୍ଡ୍। ବର୍ତ୍ତମାନ କେବଳ ପଶ୍ଚିମବଙ୍ଗରେ ଘରେ ଘରେ ଏହା ପରିଚିତ ହୋଇରହି ନାହିଁ, ବରଂ କୋଲକାତା ଗସ୍ତରେ ଆସୁଥିବା ବାହାର ରାଜ୍ୟର ପର୍ଯ୍ୟଟକଙ୍କ ପାଇଁ ବୁଲିବାବେଳେ ଏହି ଦୋକାନ ଏକ ବିଶେଷ ଅନୁଭବ ସୃଷ୍ଟି କରିଥାଏ। ବିଶେଷକରି ଦୁର୍ଗା ପୂଜା ସମୟରେ ଏହି ଦୋକାନ ବାହାରେ ଲୋକଙ୍କ ଧାଡି ଲାଗିବା ବ୍ରାଣ୍ଡର ବିଶ୍ୱସନୀୟତାକୁ ପ୍ରମାଣିତ କରୁଛି। କୋଲକାତାରେ ଗର୍ବର ସହିତ ତିଆରି ହୋଇଥିବା ଏହି ବ୍ରାଣ୍ଡର ସମ୍ପ୍ରତି ଉତ୍ତର ଏବଂ ପୂର୍ବ ଭାରତରେ ଏକାଧିକ ଷ୍ଟୋର ରହିଛି। ଶ୍ରୀଲେଦର୍ସ ବ୍ରାଣ୍ଡର ପରିଚାଳନା ନିର୍ଦ୍ଦେଶକ ସତ୍ୟବ୍ରତ ଦେ ଏବଂ ତାଙ୍କ ସ୍ତ୍ରୀ ସିପ୍ରା ଦେଙ୍କ ପ୍ରଚେଷ୍ଟା ଆଜି ଏହାକୁ ଏକ ସ୍ୱତନ୍ତ୍ର ପରିଚୟ ଦେଇପାରିଛି। ଏହି ସଫଳ ଉଦ୍ୟୋଗୀ ଦମ୍ପତିଙ୍କ ସହ ଧରିତ୍ରୀର ସ୍ୱତନ୍ତ୍ର ଆଲୋଚନା-



ଶ୍ରୀଲେଦର୍ସର ପରିଚାଳନା ନିର୍ଦ୍ଦେଶକ ସତ୍ୟବ୍ରତ ଦେଙ୍କ ସହ ସ୍ତ୍ରୀ ସିପ୍ରା ଦେ।

**ଧରିତ୍ରୀ: ଯାତ୍ରା ଆରମ୍ଭ କିପରି ଥିଲା?**

**ସତ୍ୟବ୍ରତ ଦେ:** ମୁଁ ଯେତେବେଳେ କୋଲ୍‌କାତା ଆସିଥିଲି, ସେତେବେଳେ ଖାଲି ଚଳିବା ପାଇଁ ସର୍ବନିମ୍ନ ଅର୍ଥ ରହିଥିଲା। ହେଲେ ମୋ ପାଖରେ ଦୃଢ଼ ଇଚ୍ଛାଶକ୍ତି ଥିଲା। ସେତେବେଳେ ମୁଁ ଜୋତା ବଜାରରେ ଦୁଇଟି ଅଭାବ ରହିଥିବା ଅନୁଭବ କରିଥିଲି। ପ୍ରଥମଟି ଥିଲା, ସେତେବେଳେ ପାଦୁକା ବଜାରରେ ଉପଲବ୍ଧ ବ୍ରାଣ୍ଡ୍‌ଗୁଡ଼ିକର ଅଧିକ ମୂଲ୍ୟ ରହିବା ଏବଂ ଦ୍ୱିତୀୟଟି ସମସ୍ତ ବିକ୍ରେତା ଓ ଯୋଗାଣକାରୀ ଅନିୟମିତ ଅର୍ଡର ଏବଂ ଦେୟ ଗ୍ରହଣ କରୁଥିଲେ। ଯେହେତୁ ମୋ ନିକଟରେ ଖୁବ୍ କମ୍ ଅର୍ଥ ଥିଲା, ତେଣୁ ମୁଁ ମୋର ଗ୍ରାହକଙ୍କୁ ସର୍ବୋତ୍ତମ ମୂଲ୍ୟରେ ଉପଯୁକ୍ତ ଗୁଣବତ୍ତାର ପାଦୁକା ପ୍ରସ୍ତୁତ କରିବାକୁ ଚେଷ୍ଟା କଲି। ଖୁବ୍ କମ୍ ଦିନରେ ଏହା ଅନୁଭବ ହୋଇଥିଲା ଯେ, ମୋର ଗ୍ରାହକମାନେ ସର୍ବୋତ୍ତମ ମୂଲ୍ୟରେ ସର୍ବୋତ୍ତମ ଗୁଣ ଗ୍ରହଣ କରିବା ସହ ମୋର ଯୋଗାଣକାରୀମାନେ ମଧ୍ୟ ନିୟମିତ ଅର୍ଡର ଏବଂ ଦେୟ ସହିତ ସନ୍ତୁଷ୍ଟ ଅଛନ୍ତି। ମୁଁ କୋଲକାତା ଆସିବା ସମୟରେ ମୋର ମାତ୍ର ଗୋଟିଏ ଯୋଡ଼ା ପ୍ୟାଣ୍ଟ ଥିଲା, ଯାହାକୁ ମୁଁ ପାଣିରେ ଭିଜାଇ ଶୁଖିଗଲା ପରେ ପିନ୍ଧୁଥିଲି। ଏପରି କି ସେତେବେଳେ ମୋତେ ଦିନକୁ ଥରେ ମାତ୍ର ଖାଇବାକୁ ପଡୁଥିଲା। କାରଣ ମୋ ପାଖରେ ୨ଓଳା ଖାଇବାକୁ ମଧ୍ୟ ଅର୍ଥ ନ ଥିଲା। ଅଧିକାଂଶ ଦିନ ବାବୁ ଘାଟକୁ ଯାଇ ୧ଟଙ୍କା ମୂଲ୍ୟରେ ୪ରୁ ୫ଟି ରୋଟି ଏବଂ ତରକାରି ଆଣି ଖାଉଥିଲି। ଯେହେତୁ ମୁଁ ପ୍ରତ୍ୟେକ ରୋଜଗାରକୁ ବ୍ୟବସାୟରେ ବିନିଯୋଗ କରୁଥିଲି, ତେଣୁ ଘରଟିଏ ମଧ୍ୟ ନେଇପାରିଲି ନାହିଁ ଏବଂ ଦୋକାନ ପରିସରରେ ମତେ ରହିବାକୁ ପଡୁଥିଲା। ଧୀରେ ଧୀରେ ଆମ ବ୍ରାଣ୍ଡ ଗ୍ରାହକଙ୍କ ମଧ୍ୟରେ ବେଶ୍ ଗ୍ରହଣୀୟ ହେବାକୁ ଲାଗିଲା, ଯାହାକି ଦୁର୍ଗାପୂଜା ସମୟରେ ଦୋକାନ ସମ୍ମୁଖରେ ଲୋକଙ୍କ ଲମ୍ବାଧାଡ଼ି ଲାଗିବା ଲୋକପ୍ରିୟତାର ପ୍ରମାଣ ଦେଇଥିଲା।

**ଧରିତ୍ରୀ: ଆପଣ ଶ୍ରୀଲେଦର୍ସ ବ୍ରାଣ୍ଡକୁ କିପରି ବଜାରକୁ ଆଣିଲେ?**

**ସିପ୍ରା ଦେ :** ଯେତେବେଳେ ୧୯୮୯ରେ ସତ୍ୟବ୍ରତଙ୍କୁ ବିବାହ କଲି, ମୁଁ ତାଙ୍କ ପରିସ୍ଥିତି ବିଷୟରେ କିଛି ଜାଣି ନ ଥିଲି। ଏପରି କି ତାଙ୍କର ଘର ନ ଥିବା ମଧ୍ୟ ଜାଣି ନ ଥିଲି। ତାଙ୍କ ବନ୍ଧୁ ଏବଂ ବନ୍ଧୁଙ୍କ ସ୍ତ୍ରୀ ଦୟା ପରବଶ ହୋଇ ମୋତେ ଦୁଇ ଦିନ ତାଙ୍କ ଘରେ ରହିବାକୁ ଅନୁମତି ଦେଇଥିଲେ। ପରବର୍ତ୍ତୀ ସମୟରେ ମୁଁ ସତ୍ରବ୍ରତଙ୍କ ସହିତ ବ୍ୟବସାୟରେ ସାଥୀ ହେବା ଆରମ୍ଭ କଲି। ଯେହେତୁ ମୁଁ ଗଣିତରେ ଶିକ୍ଷା ଲାଭ କରିଥିଲି, ଅର୍ଥ ଏବଂ କ୍ୟାଶ କାଉଣ୍ଟର ପରିଚାଳନା କଲି। ପ୍ରଥମ ଥର ଯେତେବେଳେ ମୁଁ ଦୁର୍ଗା ପୂଜା ସମୟରେ ଲୋକଙ୍କ ଭିଡ଼ ଦେଖିଲି, ସେତେବେଳେ ଅତ୍ୟନ୍ତ ଖୁସି ହୋଇଯାଇଥିଲି। ତାହା ମୋତେ ବ୍ୟବସାୟକୁ ଆଗକୁ ନେବାକୁ ଶିକ୍ଷା ଓ ପ୍ରେରଣା ମଧ୍ୟ ଦେଇଥିଲା।

**ଧରିତ୍ରୀ: ଆପଣଙ୍କ ବ୍ୟବସାୟିକ ପ୍ରତିଷ୍ଠାନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସମ୍ପତ୍ତି କ'ଣ?**

**ସତ୍ୟବ୍ରତ ଦେ:** କର୍ମକ୍ଷେତ୍ରରେ ଆମେ ସାଂଗଠନିକ ସଂସ୍କୃତିକୁ ଗୁରୁତ୍ୱ ଦେଇଥାଉ। ମୋ ପ୍ରାଥମିକତା ହେଉଛି ମୋର କର୍ମଚାରୀଙ୍କୁ ଭଲ ମଣିଷରେ ପରିଣତ କରିବା। ସ୍ୱାସ୍ଥ୍ୟ ଆମ ପାଇଁ ସର୍ବଦା ପ୍ରାଥମିକତା ରହି ଆସିଛି। ଆମେ କୋଭିଡ୍ ଟିକାକରଣ ଶିବିର ମଧ୍ୟ ଆୟୋଜନ କରିଛୁ। ଏହା କେବଳ ଆମର କର୍ମଚାରୀ ନୁହଁନ୍ତି ବରଂ ସ୍ଥାନୀୟ ଲୋକଙ୍କୁ ଟିକା ଦେବାରେ ସହାୟକ ହୋଇଛି। ମୁଁ ଅତ୍ୟନ୍ତ ଖୁସି ଯେ, ଆମ କର୍ମଚାରୀ ଶତପ୍ରତଶତ ଟିକା ନେଇପାରିଛନ୍ତି। ପ୍ରାକ୍ କୋଭିଡ୍ ସମୟରେ ଅନେକ ସଂଗଠନଙ୍କୁ ବ୍ୟବସାୟିକ ପ୍ରତିଷ୍ଠାନକୁ ସ୍ୱାଗତ କରିଛୁ ଏବଂ ଆମ କର୍ମଚାରୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ଲାଗି ପ୍ରଶିକ୍ଷଣ ଦେବାକୁ ସୁଯୋଗ ସୃଷ୍ଟି କରିଛୁ।

**ଧରିତ୍ରୀ: ବ୍ରାଣ୍ଡର ଭବିଷ୍ୟତ କ'ଣ?**

**ସିପ୍ରା ଦେ:** ମୋ ଝିଅ ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ଭାବରେ ବ୍ୟବସାୟରେ ଯୋଗ ଦେଇସାରିଛି। ମୋ ପୁଅ ଏବେ ଆମେରିକାର ବୋଷ୍ଟନ୍ ବିଶ୍ୱବିଦ୍ୟାଳୟରେ ମେକାନିକାଲ୍ ଇଞ୍ଜିନିୟରିଂରେ ଶିକ୍ଷା ଲାଭ କରୁଛି। ସେ ସୂଚନା ଓ ପ୍ରଯୁକ୍ତି ବିକାଶ ଉପରେ ଅତ୍ୟନ୍ତ ଆଗ୍ରହୀ ଅଛି। ସେଠାରେ ପାଇଥିବା ଶିକ୍ଷାକୁ ଆମ ବ୍ୟବସାୟରେ ଲଗାଇବ ବୋଲି ଆଶା କରୁଛୁ।

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଉତ୍କଳିକା ପକ୍ଷରୁ ହସ୍ତଶିଳ୍ପ ପ୍ରଦର୍ଶନୀ, ଏକାମ୍ର ହାଟ, ପୂର୍ବାହ୍ନ ୧୦ଟା।
- ଭାରତ ବିକାଶ ପରିଷଦର ଉତ୍ତର ଶାଖାର ବାର୍ଷିକ ଉତ୍ସବ, ଲୋହିଆ ଏକାଡେମୀ, ପୂର୍ବାହ୍ନ ୧୦ଟା।
- ବରିଷ୍ଠ ଶିକ୍ଷା ସଂଗଠକ ପ୍ରକାଶ ଚନ୍ଦ୍ର ଜେନାଙ୍କ ରାଜ୍ୟସ୍ତରୀୟ ସମ୍ବର୍ଦ୍ଧନା ସଭା, ଦି ଇନଷ୍ଟିଚ୍ୟୁଟ୍ ଅଫ ଇଞ୍ଜିନିୟର୍ସ, ସଚିବାଳୟ ମାର୍ଗ, ପୂର୍ବାହ୍ନ ୧୧ଟା।
- କଳିଙ୍ଗ ସେନାର ଏକବିଂଶ ପ୍ରତିଷ୍ଠା ଦିବସ ପାଳନ ଓ ଖବରଦାତା ଅରିନ୍ଦମ ଦାସଙ୍କୁ ମରଣୋତ୍ତର ସାମ୍ବାଦିକ ରତ୍ନ ସମ୍ମାନରେ ସମ୍ମାନିତ, କସ୍ତୁରବା ନାରୀ ମହଲ, ୟୁନିଟ-୧, ପୂର୍ବାହ୍ନ ୧୧ଟା ୩୦।
- ଓଡ଼ିଆ ଚଳଚ୍ଚିତ୍ର 'ଧରମାରେ' ଓ 'ଭାଗ୍ୟବାନ'ର ଶୁଭ ମହୁରତ, ପାନ୍ଥିକା, ଖଣ୍ଡଗିରି, ମଧ୍ୟାହ୍ନ ୧୨ଟା ୩୦।
- ରାଜ୍ୟ ସ୍କାଉଟ୍ସ ଆଣ୍ଡ ଗାଇଡ୍ସ ପକ୍ଷରୁ ଡ. ଏସ୍.ଏନ୍. ସୁବାରାଓଙ୍କ ସ୍ମୃତିସଭା, ମୁଖ୍ୟ କାର୍ଯ୍ୟାଳୟ ପରିସର, ୟୁନିଟ-୩, ଅପରାହ୍ନ ୩ଟା ୩୦।
- ପେନ୍ ଇନ୍ ବୁକ୍ସ ପକ୍ଷରୁ ଗଳ୍ପ ସଂକଳନ ପୁସ୍ତକ ଉନ୍ମୋଚନ ଉତ୍ସବ, ହୋଟେଲ ଏକ୍ସେଲେନ୍ସି, ଷ୍ଟେଶନ ପାଖ, ଅଶୋକ ନଗର, ଅପରାହ୍ନ ୫ଟା।

## ସଂକ୍ଷେପରେ

### ନିଖୋଜ ଶିଶୁକନ୍ୟାଙ୍କ ମୃତଦେହ ଜବତ

ବାଲିପାଟଣା,୬।୧୧(ଡି.ଏନ୍.ଏ.): ବାଲିପାଟଣା ଥାନା ଅନ୍ତର୍ଗତ ମୁଣ୍ଡହଣ ଗ୍ରାମର ଅଜୟ ମୁଦୁଲିଙ୍କ ୩ ବର୍ଷର ଝିଅ ଗୁରୁବାର ନିଖୋଜ ଥିଲେ। ବାଲିପାଟଣା ଅଗ୍ନିଶମ କର୍ମଚାରୀ ଓ ଓଡ୍ରାଫ ଟିମ୍ ଘର ନିକଟ କେନାଲରେ ଖୋଜାଖୋଜି କରିଥିଲେ ମଧ ସନ୍ଧାନ ପାଇ ନ ଥିଲେ। ଶନିବାର ସକାଳେ ମାର୍ଥାପୁର ଗ୍ରାମ ନିକଟ କେନାଲରେ ଏକ ମୃତଦେହ ଭାସୁଥିବା ଦେଖି ଲୋକେ ପୋଲିସକୁ ଜଣାଇଥିଲେ। ଖବରପାଇ ପୋଲିସ ଓ ପରିବାର ଲୋକ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ବନ୍ଧୁକ ଦେଖାଇ ୧.୫୦ ଲକ୍ଷ ଲୁଟ୍

ପୁରୁଣା ଭୁବନେଶ୍ୱର,୬।୧୧(ଡି.ଏନ୍.ଏ.): ରାଜଧାନୀ ଉପକଣ୍ଠ ଗୁଡ଼ିଆପୋଖରୀ ଛକସ୍ଥିତ ଏକ ହାର୍ଡୱୟାର ଦୋକାନ ମାଲିକଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଶନିବାର ଜଣେ ଯୁବକ ୧ଲକ୍ଷ ୫୦ହଜାର ଟଙ୍କା ଓ ମୋବାଇଲ ଫୋନ ଲୁଟି ନେଇଛନ୍ତି। ଏନେଇ ଦୋକାନ ମାଲିକ ସୁବାସ ଚନ୍ଦ୍ର ଉପାଧ୍ୟାୟ ଉତ୍ତରା ଫାଣ୍ଡିରେ ଅଭିଯୋଗ କରିବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ସୂଚନା ମୁତାବକ, ସୁବାସ ସନ୍ଧ୍ୟାରେ ଦୋକାନରେ ବସିଥିଲେ। ହଠାତ୍ ଜଣେ ଯୁବକ ଗ୍ରାହକ ହିସାବରେ ସେଠାରେ ପହଞ୍ଚିଥିଲେ। ପରେ ଯୁବକ ଜଣକ ସୁବାସଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ କ୍ୟାଶ ଡ୍ରୟାରରେ ଥିବା ୧.୫୦ଲକ୍ଷ ଟଙ୍କା ଏବଂ ମୋବାଇଲ ଫୋନ ଝାମ୍ପି ନେଇ ପଳାଇଥିଲେ।

### ଯମ ଦ୍ୱିତୀୟା: ଭଉଣୀ ଘରେ ଲିଙ୍ଗରାଜ

ପୁରୁଣା ଭୁବନେଶ୍ୱର,୬।୧୧(ଡି.ଏନ୍.ଏ.): ଯମ ଦ୍ୱିତୀୟା ଅବସରରେ ଶନିବାର ମହାପ୍ରଭୁ ଶ୍ରୀଲିଙ୍ଗରାଜ ଯମେଶ୍ୱର ମନ୍ଦିର ଯାତ୍ରା କରିଥିଲେ। ଦ୍ୱିପ୍ରହର ଧୂପରେ ଏହି ଯାତ୍ରରେ ମା' ପାର୍ବତୀ, ମା' ଦୁର୍ଗା, ଅନନ୍ତ ବସୁଦେବ ସେବକଙ୍କ ଗହଣରେ ନିଜ ଭଉଣୀ ଘରକୁ ଯାଇଥିଲେ। ସେଠାରେ ମଠ ପକ୍ଷରୁ ଦିଆଯାଇଥିବା ଭୋଗକୁ ପୂଜାପଣ୍ଡା ସେବକ ପଞ୍ଚ ଉପଚାରରେ ଭୋଗ ନୈବେଦ୍ୟ କରିଥିଲେ। ଏହା ପରେ ଭଉଣୀଙ୍କ ସହ ଭେଟ ଆଳତି କରାଯିବା ପରେ ଦିଅଁ ସ୍ୱମନ୍ଦିର ପ୍ରତ୍ୟାବର୍ତ୍ତନ କରିଥିଲେ।

# ୬ ଶ୍ରମିକ ହାଟର ପୁନରୁଦ୍ଧାର ହେବ

ଭୁବନେଶ୍ୱର, ୬।୧୧ (ବ୍ୟୁରୋ)

■ନିର୍ମାଣ ହେବ ଅତ୍ୟାଧୁନିକ ବିଶ୍ରାମଗୃହ

■ପରବର୍ତ୍ତୀ ସମୟରେ ରାଜ୍ୟର ପ୍ରମୁଖ ସହରରେ ନିର୍ମାଣ ହେବ

ଶ୍ରମିକ ହାଟକୁ ମିଳିବ ଛାତ। ସ୍ଥାୟୀ ବିଶ୍ରାମ ଘରେ ପଙ୍ଖା ସହିତ ବିଶୁଦ୍ଧ ପାନୀୟ ମଧ ମିଳିବ। ପ୍ରାଥମିକ ଭାବେ ରାଜଧାନୀ ଭୁବନେଶ୍ୱରରେ ଥିବା ୫ରୁ ୬ ଶ୍ରମିକ ହାଟର ପୁନରୁଦ୍ଧାର କରାଯିବ। ଏନେଇ ରାଜ୍ୟ ଶ୍ରମ ବିଭାଗ ଓ ଭୁବନେଶ୍ୱର ମହାନଗର ନିଗମ (ବିଏମ୍ସି) ପକ୍ଷରୁ ପ୍ରକ୍ରିୟା ହାତକୁ ନିଆଯାଇଛି। ଶ୍ରମ ବିଭାଗ ସମସ୍ତ ପ୍ରୋତ୍ସାହନ ଯୋଗାଇ ଦେବ ଓ ବିଏମ୍ସି ସମସ୍ତ ଶ୍ରମିକ ହାଟରେ ଅତ୍ୟାଧୁନିକ ବିଶ୍ରାମ ଗୃହ ନିର୍ମାଣ କରିବ। ଇତିମଧରେ ଶ୍ରମ କମିଶନର ଡ. ଏନ୍. ଥିରୁମାଲା ନାଏକ ଓ ବିଏମ୍ସି ଅତିରିକ୍ତ କମିଶନର ଲକ୍ଷ୍ମୀକାନ୍ତ ସେଠୀ ରାଜଧାନୀର ଉକ୍ତ ୬ଟି ସ୍ଥାନ ବୁଲି ପ୍ରସ୍ତାବିତ କାର୍ଯ୍ୟ ଓ ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଖୁବ୍ଶୀଘ୍ର ନିର୍ଦ୍ଧାରିତ ସ୍ଥାନରେ କାର୍ଯ୍ୟ ଆରମ୍ଭ ହେବାକୁ ଥିବାବେଳେ ପରବର୍ତ୍ତୀ ସମୟରେ ରାଜ୍ୟର ପ୍ରମୁଖ ସହରରେ ଏଭଳି ଶ୍ରମିକ ହାଟ ନିର୍ମାଣ ହେବ ବୋଲି ସୂଚନା ଦିଆଯାଇଛି।

ରାଜଧାନୀ ଭୁବନେଶ୍ୱରର ନୟାପଲ୍ଲୀ, କଳ୍ପନା, ରସୁଲଗଡ଼, ଲିଙ୍ଗରାଜ ଷ୍ଟେଶନ ଓ ଶିଖରପୁର ଅଞ୍ଚଳରେ ନିତିଦିନିଆ ଶ୍ରମିକ ହାଟ ଚାଲେ। ସକାଳ ହେବା ମାତ୍ରେ ଦିନ ମଜୁରିଆ ଶ୍ରମିକଙ୍କ ଏଠାରେ ଭିଡ଼ ଲାଗେ। କେଉଁଠି ଶୁଅନ୍ତି, କେଉଁଠି ଖାଆନ୍ତି କିଛି ସେମାନଙ୍କ ଠିକଣା ନ ଥାଏ। ସବୁଦିନ କାମ ମିଳିଲେ ଘରେ ଚୁଲି ଜଳେ। ଏବେ ସେମାନଙ୍କ ଦୈନିକ ଜୀବନଶୈଳୀରେ ପରିବର୍ତ୍ତନ ଆଣିବା ସହ ହାଟର ଉନ୍ନତୀକରଣ ପାଇଁ ଶ୍ରମ ବିଭାଗ ସହ ମିଶି ଅଣ୍ଟା ଭିଡ଼ିଛି ବିଏମ୍ସି। ସୂଚନାଯୋଗ୍ୟ, ଶ୍ରମିକ ହାଟର ସ୍ଥାୟିତ୍ୱ କିଛି ନ ଥିବାରୁ ଶ୍ରମିକମାନେ ନାନା ହଟହଟାର ସମ୍ମୁଖୀନ ହୋଇଥାନ୍ତି। ବର୍ଷା ଓ ଖରାଦିନେ କାମ ପାଇଁ ସେମିତି ଖୋଲା ଆକାଶ ତଳେ ଘଣ୍ଟା ଘଣ୍ଟା ଅପେକ୍ଷା କରିଥାନ୍ତି। ମୁଣ୍ଡ ଗୁଞ୍ଜିବାକୁ ଆଜବେଷ୍ଟସ୍ ନ ଥିବାରୁ ଏଥିପ୍ରତି ଦୃଷ୍ଟି ଦେବାକୁ ଶ୍ରମିକମାନେ ପୂର୍ବରୁ ଦାବି ଜଣାଇଥିଲେ।


କଟକ ପୁରୀଘାଟସ୍ଥିତ ଦେବୀଗଡା କାଠଯୋଡି ନଦୀତଟସ୍ଥ ଅସ୍ଥାୟୀ ପୋଖରୀରେ ଶ୍ୟାମାକାଳୀଙ୍କ ମୃଣ୍ମୟୀ ପ୍ରତିମା ବିସର୍ଜନ କରାଯାଇଛି।

## ଚନ୍ଦକା, ଟ୍ରାଫିକ ଥାନା ଅଧିକାରୀଙ୍କ ବଦଳି

ଭୁବନେଶ୍ୱର,୬।୧(ବ୍ୟୁରୋ)

କମିଶନରେଟ୍ ପୋଲିସ ଭୁବନେଶ୍ୱର ଅନ୍ତର୍ଗତ ଦୁଇ ଥାନାର ଅଧିକାରୀଙ୍କୁ ବଦଳି କରାଯାଇଛି। ଟ୍ରାଫିକ୍ ଥାନା (୧) ଅଧିକାରୀ ସୁରେନ୍ଦ୍ର କୁମାର ବଳଙ୍କୁ ଚନ୍ଦକା ଥାନାକୁ ବଦଳି କରାଯାଇଥିବାବେଳେ ଚନ୍ଦକା ଥାନା ଅଧିକାରୀ ଦେବେନ୍ଦ୍ର ବିଶ୍ୱାଳଙ୍କୁ ଟ୍ରାଫିକ୍ ଥାନାକୁ ବଦଳି କରାଯାଇଛି। ସୁରେନ୍ଦ୍ର କୁମାର ବଳ ଟ୍ରାଫିକ୍ ଥାନାରେ ଦୀର୍ଘ ୬ବର୍ଷହେବ ରହିଥିଲେ। ସେହିଭଳି ଚନ୍ଦକା ଥାନାରେ ୩ବର୍ଷ ରହିଥିଲେ ଦେବେନ୍ଦ୍ର ବିଶ୍ୱାଳ।

## ଦାଦାବଟି ନ ମିଳିବାରୁ ମରଣାନ୍ତକ ଆକ୍ରମଣ

ଭୁବନେଶ୍ୱର,୬।୧୧(ବ୍ୟୁରୋ)

ଦାଦାବଟି ନ ଦେବାରୁ ମଞ୍ଚେଶ୍ୱର ଥାନା ଅଞ୍ଚଳରେ ଥିବା ଏକ ଘରୋଇ ଫ୍ୟାକ୍ଟ୍ରି ମାଲିକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ପୋଲିସ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ ଭୋଟପଡା ଅଞ୍ଚଳର ଅଭିରାଜ ଶ୍ରୀଚନ୍ଦନ ଓ ରଜତ କୁମାର ଦାସ ଓରଫ ରିକି। ସୂଚନା ମୁତାବକ, ସତ୍ୟବିହାର ଅଞ୍ଚଳରେ ରହୁଥିବା ବାବୁରାମ ସ୍ୱାଇଁଙ୍କ ମଞ୍ଚେଶ୍ୱର ଅଞ୍ଚଳରେ ଏକ ଫ୍ୟାକ୍ଟ୍ରି ରହିଛି। ଗତ ଶୁକ୍ରବାର ସନ୍ଧ୍ୟାରେ ଅଭିଯୁକ୍ତ ଅଭିରାଜ ଓ ଦୁଇ ସହଯୋଗୀ ବଳପୂର୍ବକ ୫ଶହ ଟଙ୍କା ମାଗିନେଇଥିଲେ। ପରେ ୫ ହଜାର ଟଙ୍କା ଦାଦାବଟି ମାଗିବାରୁ ବାବୁରାମ ଓ ତାଙ୍କ ଭାଇ ଗଜେନ୍ଦ୍ରଙ୍କ ସହ ଝଗଡା ହୋଇଥିଲା। ଅଭିଯୁକ୍ତ ଅଭିରାଜ ଓ ୨ ସହଯୋଗୀ ବହ୍ଲାରେ ଗଜେନ୍ଦ୍ରଙ୍କୁ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ବାବୁରାମ ଅଭିଯୋଗ କରିବା ପରେ ପୋଲିସ ୩୬୫/୨୧ରେ ମାମଲା ରୁଜୁ କରି ୨ଜଣଙ୍କୁ ଗିରଫ କରିଛି।

## ଲିଙ୍ଗରାଜଙ୍କ ଭୂସମ୍ପତ୍ତି ଫେରାଇ ଆଣିବା ଦାବିରେ ଧାରଣା

ପୁରୁଣା ଭୁବନେଶ୍ୱର,୬।୧୧(ଡି.ଏନ୍.ଏ.)

ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଭୂସମ୍ପତ୍ତିକୁ ଫେରାଇ ଆଣିବା ଦାବିରେ ଶନିବାର ଏକାମ୍ର ଜନଜାଗରଣ ମଞ୍ଚ ପକ୍ଷରୁ ମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ଆଗରେ ଅହୋରାତ୍ର ଧାରଣା ଦିଆଯାଇଥିଲା। ମଞ୍ଚ ପକ୍ଷରୁ କରାଯାଇଥିବା ଦାବି ମୁତାବକ, ଲିଙ୍ଗରାଜ ମନ୍ଦିର ନିକଟ ଯାତ୍ରୀ ନିବାସ(କୋରାପୁଟ ଭବନ) ଭୂସମ୍ପତ୍ତିର ଜମି ଅଧିଗ୍ରହଣ ନେଇ ଜଣେ ବ୍ୟକ୍ତିଙ୍କୁ ଭୂମି ଦିଆଯିବାରେ ରୋକ ଲଗାଯିବା, ସାମନ୍ତରାପୁର ଗଙ୍ଗୁଆ ବ୍ରିଜ ନିକଟରେ ଥିବା କୁତୁଆ ସମ୍ପତ୍ତିର ପ୍ଲଟିଂ ସ୍କିମ ବନ୍ଦ କରିବା, ଏକାମ୍ର କ୍ଷେତ୍ରରେ ଏକ ଯାତ୍ରୀ ନିବାସ ନିର୍ମାଣ ଦାବିରେ ଏହି ଧାରଣା ଦିଆଯାଇଛି। ଏକ ଦାବିପତ୍ର ଜିଲାପାଳଙ୍କ ଉଦ୍ଦେଶ୍ୟରେ ପଠାଯାଇଛି ବୋଲି ମଞ୍ଚ ଅଧକ୍ଷ ଭୀଷ୍ମନାରାୟଣ ନାୟକ କହିଛନ୍ତି। କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ୍ନ ଦାଶ ଧାରଣାସ୍ଥଳରେ ପହଞ୍ଚି ଖୁବ୍ଶୀଘ୍ର ସମସ୍ତ ଦାବିର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏହି ଧାରଣାରେ ଅନ୍ୟମାନଙ୍କ ମଧ୍ୟରେ ଶତାବ୍ଦୀ ମିଶ୍ର, ସ୍ୱପ୍ନାରାଣୀ ସାମଲ, ଅନିତା ରାଉତ, ଚନ୍ଦ୍ରଶେଖର ପାଲ, ସରୋଜ ମିଶ୍ର, ଗୋପୀନାଥ ପ୍ରଧାନ, ସୌମ୍ୟରଞ୍ଜନ ପଣ୍ଡା, ରାଜେଶ ମିଶ୍ର, ବିଜୟ କୁମାର ଭଟ୍ଟାଚାର୍ଯ୍ୟ, ବିଷ୍ଣୁପ୍ରିୟା ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ଭର୍ଚୁଆଲ୍ ଟୁର୍‌ରେ ଲାଞ୍ଜିଆ ସଉରାଙ୍କ ଜୀବନଶୈଳୀ

ଭୁବନେଶ୍ୱର,୬।୧୧

ଲାଞ୍ଜିଆ ସଉରାମାନେ ହେଲେ ଖୁବ୍ ପ୍ରାଚୀନ ଜନଜାତି। ଏମାନେ ସାଧାରଣତଃ ଓଡ଼ିଶାର ଗଜପତି, ରାୟଗଡ଼ା ଜିଲାର ପୂର୍ବଘାଟ ଅଞ୍ଚଳରେ ବସବାସ କରିଥାନ୍ତି। କସ୍ତା/ ଖଦଡ଼ ଧୋତି, ଯାହା କୁଟିକାମ କରାଯାଇ ଆଗକୁ ପଛକୁ ଲାଞ୍ଜ ଭଳି ହୋଇଥାଏ, ଏଭଳି ପୋଷାକ ସେମାନେ ପରିଧାନ କରିଥାନ୍ତି। ସେଥିପାଇଁ ତାଙ୍କୁ ଲାଞ୍ଜିଆ ସଉରା କୁହାଯାଏ। ମହିଳାମାନେ ବେଶି ଅଳଙ୍କାର ବ୍ୟବହାର କରନ୍ତି ନାହିଁ ଓ ସେମାନେ ଏକ ପ୍ରକାର ପାରମ୍ପରିକ ପୋଷାକ ପିନ୍ଧନ୍ତି। କପାଳର ମଧ୍ୟ ଭାଗରେ ଚିତା କୁଟାଇଥାନ୍ତି। କାଠକୁ ପୋତି ଗ୍ରାମଦେବୀ ରୂପରେ ପୂଜା କରିଥାନ୍ତି। କାନ୍ଥରେ ଚିତ୍ର କରିବା, କାଠ ଖୋଦେଇ, ପଥର କାଟିବା, ଜଳ ପରିଚାଳନା ଓ ବାଦାମ ଚାଷ ଆଦି ସେମାନଙ୍କର ମୁଖ୍ୟ ପେସା। ପୋଡୁ ଜମିକୁ ଥାକଥାକ କରି ଧାନ ଚାଷ ପାଇଁ ବ୍ୟବହାର କରନ୍ତି। କାନ୍ଥରେ ଆକର୍ଷଣୀୟ ଚିତ୍ରକଳା 'ଇଡିତାଲ' ପାଇଁ ସେମାନେ ପ୍ରସିଦ୍ଧି ଲାଭ କରିଛନ୍ତି। ରବିବାର ରାଜ୍ୟ ଜନଜାତି ସଂଗ୍ରହାଳୟକୁ ଭର୍ଚୁଆଲ୍ ଟୁର୍‌ରେ (ଫେସବୁକ୍ ଓ ଟୁଇଟର୍ ପେଜ୍ @stcdev, @scstrti) ଦର୍ଶକମାନ ଏହି ଜନଜାତି ସମ୍ପର୍କରେ ଜାଣିବାକୁ ପାଇବେ ବୋଲି ଏସ୍‌ସିଏସ୍‌ଟିଆର୍‌ଟିଆଇ ନିର୍ଦ୍ଦେଶକ ପ୍ରଫେସର ଡ. ଅଖିଳ ବିହାରୀ ଓତା ସୂଚନା ଦେଇଛନ୍ତି।

## ୧୪୬ କୁଇଣ୍ଟାଲ ଗଞ୍ଜେଇ, ୮ କେଜି ବ୍ରାଉନ୍‌ସୁଗାର ଜବତ

ଭୁବନେଶ୍ୱର,୬।୧୧(ବ୍ୟୁରୋ)

**୭ ମାସରେ ଅବକାରୀ ବିଭାଗର କାର୍ଯ୍ୟାନୁଷ୍ଠାନ**

■ସର୍ବାଧିକ ୩୭୭ ମାମଲା, ୪୪୮ ଗିରଫ

ରାଜ୍ୟରେ ବଢୁଥିବା ନିଶା କାରବାର ରୋକିବା ପାଇଁ ରାଜ୍ୟ ଅବକାରୀ ବିଭାଗ କଡା କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି। ଗୋଇନ୍ଦା ସୂଚନା ଆଧାରରେ ଅବକାରୀ ସ୍କ୍ୱାଡ୍‌ର ଧରପଗଡ ଜୋରଦାର କରାଯାଉଛି। ଫଳରେ ଚଳିତ ବର୍ଷ ଶେଷ ୭ ମାସରେ ଅବକାରୀ ବିଭାଗ ୧୪୬ କୁଇଣ୍ଟାଲ ଗଞ୍ଜେଇ ଓ ୮ କେଜି ବ୍ରାଉନସୁଗାର ଜବତ କରିବା ସହ ସର୍ବାଧିକ ୩୭୭ଟି ମାମଲା ରୁଜୁ କରି ୪୪୮ଜଣଙ୍କୁ ଗିରଫ କରାଯାଇଥିବା ସୂଚନା ଦିଆଯାଇଛି।

ଗତ ଅକ୍ଟୋବରରେ ବାଲେଶ୍ୱର ଜିଲାର ଅବକାରୀ ବିଭାଗ ଦେଢ କେଜି ବ୍ରାଉନ୍‌ସୁଗାର ଜବତ କରିଥିଲା। ଏଥିରେ ସମ୍ପୃକ୍ତ ଜଣେ ନିଶା ମାଫିଆଙ୍କୁ ଗିରଫ କରିଥିଲା। ସେହିଭଳି ବସ୍ତା ଥାନା ଅନ୍ତର୍ଗତ ବିଦ୍ୟାଧରପୁରରୁ ୨.୧ କେଜି ବ୍ରାଉନ୍‌ସୁଗାର ଜବତ ସହିତ ୨ଜଣଙ୍କୁ ଗିରଫ କରାଯାଇଛି। ଜବତ ବ୍ରାଉନ୍‌ସୁଗାରର ଆନୁମାନିକ ମୂଲ୍ୟ ପ୍ରାୟ ୩କୋଟି ୬୦ଲକ୍ଷ ଟଙ୍କା ହେବ। ସେହିଭଳି ସେପ୍ଟେମ୍ବରରେ ବ୍ରହ୍ମପୁର ଅବକାରୀ ଜିଲା ପକ୍ଷରୁ ୧୨୫୦ କେଜି ଗଞ୍ଜେଇ ଜବତ କରାଯାଇଛି, ଯାହାର ଆନୁମାନିକ ମୂଲ୍ୟ ୬୨.୫୦ ଲକ୍ଷ ଟଙ୍କା। ଗୋଟିଏ ଟ୍ରକ, ଗୋଟିଏ କାର ଜବତ କରାଯାଇଥିବାବେଳେ ୪ ଜଣ ବେପାରୀଙ୍କୁ ଗିରଫ କରାଯାଇଥିଲା। ସେହି ମାସରେ କୋରାପୁଟ ଜିଲା ପଡଓ୍ୱା ଥାନା ଅଞ୍ଚଳରୁ ଅବକାରୀ ଟିମ୍ ପ୍ରାୟ ୪୨ଲକ୍ଷ ଟଙ୍କା ମୂଲ୍ୟର ୮୪୦ କେଜି ଗଞ୍ଜେଇ ଜବତ କରିଥିଲା।

ଚଳିତ ଆର୍ଥିକ ବର୍ଷର ଏପ୍ରିଲରୁ ଅକ୍ଟୋବର ମଧ୍ୟରେ ଅବକାରୀ ବିଭାଗ ଗତବର୍ଷ ତୁଳନାରେ ଅଧିକ ପରିମାଣରେ ଅବକାରୀ ସାମଗ୍ରୀ ଜବତ କରିବା ସହିତ ଅଧିକ ଏନ୍‌ଡିପିଏସ୍ ମାମଲା ରୁଜୁ କରିଛି। ୨୦୨୦-୨୧ବର୍ଷରେ ୩୭୭ଟି ଅବକାରୀ ମାମଲା ରୁଜୁ କରାଯାଇଥିବାବେଳେ ୨୦୨୦-୨୧ବର୍ଷରେ ଏହାମାତ୍ର ୧୧୬ଟି ରହିଥିଲା। ସେହିଭଳି ୪୪୮ଜଣ ବ୍ୟକ୍ତିଙ୍କୁ ନିଶା କାରବାର ମାମଲାରେ ଗିରଫ କରାଯାଇଥିବାବେଳେ ୨୦୨୦-୨୧ ବର୍ଷର ଏହି ସମୟରେ ଗିରଫ ସଂଖ୍ୟା ମାତ୍ର ୧୪୨ ରହିଥିଲା। ଏନ୍‌ଡିପିଏସ୍ ମାମଲା ରୁଜୁ ଭଳି ଗଞ୍ଜେଇ, ବ୍ରାଉନ୍‌ସୁଗାର ଓ କଫ୍ ସିରପ-ଜବତ ପରିମାଣ ମଧ ବୃଦ୍ଧି ପାଇଛି। ୧୪୬ କୁଇଣ୍ଟାଲ ଗଞ୍ଜେଇ, ପ୍ରାୟ ୮ କିଲୋ ବ୍ରାଉନସୁଗାର ଓ ୫୧୯ ଲିଟର କଫ ସିରପ୍ ଜବତ କରାଯାଇଛି। ମାତ୍ର ଗତବର୍ଷ ଏହି ସମୟ ମଧ୍ୟରେ ୩୪ କୁଇଣ୍ଟାଲ ଗଞ୍ଜେଇ ଓ ୬୦୭ ଗ୍ରାମ ବ୍ରାଉନସୁଗାର ଜବତ କରାଯାଇଥିଲା। ଆଗାମୀ ଦିନରେ ଅବକାରୀ ବିଭାଗ ପକ୍ଷରୁ ଧରପଗଡ଼ ଜୋରଦାର କରାଯାଇ ନିଶା ମାଫିଆଙ୍କୁ ସାବାଡ଼ କରାଯିବ ବୋଲି ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ କାହ୍ନୁ


@ ତାରିଣୀ


@ ପର୍ଶୁରାମ


@ ଆଲିଶା


@ ସନ୍ତୋଷ


କୃଷ୍ଣ

## ରାଜ୍ୟ ଗ୍ରନ୍ଥାଗାରରେ ପୁସ୍ତକ ପଠନ ଗୃହ ଉଦ୍‌ଘାଟିତ

ଭୁବନେଶ୍ୱର, ୬।୧୧ (ବ୍ୟୁରୋ)

ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାରର ନିଜସ୍ୱ ପୁସ୍ତକ ପଠନ ଗୃହ ଶନିବାର ଉଦ୍‌ଘାଟିତ ହୋଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆୟୁକ୍ତ ତଥା ଶାସନ ସଚିବ ଡ. ସୁରେଶ ଚନ୍ଦ୍ର ଦଳାଇ ଏହାକୁ ପାଠକଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଥିଲେ। ଭୁବନେଶ୍ୱରରେ ରହି ବିଭିନ୍ନ ପ୍ରତିଯୋଗିତାମୂଳକ ସେବା ପରୀକ୍ଷା ନିମନ୍ତେ ନିଜକୁ ପ୍ରସ୍ତୁତ କରୁଥିବା ବିଦ୍ୟାର୍ଥୀମାନେ ନିଜସ୍ୱ ପୁସ୍ତକ ନେଇ ଏହି ପଠନ ଗୃହରେ ଅଧ୍ୟୟନର ସୁବିଧା ପାଇପାରିବେ। ବିଭିନ୍ନ ପାର୍କ ଓ ଅନ୍ୟ ସ୍ଥାନରେ ଖୋଲା ଆକାଶ ତଳେ ପଢାପଢ଼ି କରୁଥିବା ବିଦ୍ୟାର୍ଥୀମାନେ ଏହାଦ୍ୱାରା ଉପକୃତ ହୋଇ ପାରିବେ ବୋଲି ଶାସନ ସଚିବ ଓ ବିଭାଗର ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ ମତବ୍ୟକ୍ତ କରିଛନ୍ତି। କାର୍ଯ୍ୟକ୍ରମରେ ପାଠାଗାରର ସମସ୍ତ ଗ୍ରନ୍ଥାଗାରିକ ଓ ଗ୍ରନ୍ଥାଗାର କର୍ମଚାରୀ ଉପସ୍ଥିତ ଥିଲେ। ଅନୁଶାସନ ସଚିବ ତଥା ଭାରପ୍ରାପ୍ତ ଅଧିକାରୀ ଲକ୍ଷ୍ମୀଧର ବେହେରା ଧନ୍ୟବାଦ ଦେଇଥିଲେ। କୋଭିଡ୍ ନିୟମ ପାଳନ ପୂର୍ବକ ପାଠକମାନେ ଏହି ଗୃହର ଉପଯୋଗ କରିବା ପାଇଁ ଗ୍ରନ୍ଥାଗାର ପକ୍ଷରୁ ଅନୁରୋଧ କରାଯାଇଛି।


କଟକ ମେହେନ୍ଦିପୀର ଅଞ୍ଚଳରେ ଶନିବାର ବିହାରୀ ସମ୍ପ୍ରଦାୟର ମହିଳାମାନେ ଗିରି ଗୋବର୍ଦ୍ଧନ ପୂଜା କରୁଛନ୍ତି।



ଉଠା ଦୋକାନୀଙ୍କୁ ଥଇଥାନ ସହ କ୍ଷତିପୂରଣ ପ୍ରଦାନ ଦାବିରେ ଶନିବାର କଟକ ମହାନଗର ନିଗମ(ସିଏମ୍ସି) କାର୍ଯ୍ୟାଳୟ ସମ୍ମୁଖରେ ମୋ କଟକ ସୁରକ୍ଷା ମଞ୍ଚର ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ।


ପୁରୀ ଶ୍ରୀନହର ପରିସରରେ ଶନିବାର ଗଜପତି ମହାରାଜ ଦିବ୍ୟସିଂହ ଦେବ ଓ ଅନ୍ୟଅତିଥିଙ୍କ ଉପସ୍ଥିତିରେ ହରେକୃଷ୍ଣ ଶତପଥୀଙ୍କ ଦ୍ୱାରା ଅନୁବାଦିତ 'ସ୍କନ୍ଦପୁରାଣ' ପୁସ୍ତକକୁ ଉନ୍ମୋଚନ କରାଯାଉଛି।

# ସଂଘବଦ୍ଧ ଅପରାଧରେ ରୋକ୍ ଲାଗିବ

ଭୁବନେଶ୍ୱର,୬।୧୧(ବ୍ୟୁରୋ)

ରାଜ୍ୟରେ ବିଭିନ୍ନ ସ୍ଥାନରେ ନିର୍ଦ୍ଦିଷ୍ଟ ଗୋଷ୍ଠୀର ଲୋକମାନଙ୍କ ଦ୍ୱାରା ସଂଘବଦ୍ଧ ଅପରାଧର ମାତ୍ରା ବଢ଼ିବାରେ ଲାଗିଛି। ରାଜଧାନୀରେ ଅସାମାଜିକ ଯୁବକ ହାତରେ ମାରଣାସ୍ତ୍ର ଓ ବନ୍ଧୁକ ଧରି ବୁଲୁଛନ୍ତି। ଏପରି କି ଫାଙ୍କା ଗୁଳି ଚାଳନା କରିବା ସହ ଫିଲ୍ମ ଷ୍ଟାଇଲରେ ଖଣ୍ଡା, ଭୁଜାଲି, ବନ୍ଧୁକ ଧରି ରାସ୍ତା ମଝିରେ ରକ୍ତଚରିତ୍ର ସଙ୍ଗୀତର ତାଳେ ତାଳେ ନାଚୁଥିବାର ଭିଡିଓ ଭାଇରାଲ କରୁଛନ୍ତି। ପୋଲିସ ଉକ୍ତ ଗୋଷ୍ଠୀର ୫ଜଣଙ୍କୁ ଗିରଫ କରିଛି ସତ ଅପରାଧକୁ ରୋକିବାରେ ସଫଳ ହୋଇପାରି ନାହିଁ। ରାଜଧାନୀର ବିଭିନ୍ନ ଥାନା ଅଞ୍ଚଳରେ ଏପରି ଛୋଟ ବଡ଼ ଗ୍ୟାଙ୍ଗ୍ ମୁଣ୍ଡ ଟେକିଛି। ଯାହାକି ଜନସାଧାରଣଙ୍କ ସମେତ ପୋଲିସ ପ୍ରଶାସନର ମୁଣ୍ଡ ବିନ୍ଧାର କାରଣ ସାଜିଛି। ଏହି ସବୁ ସଂଘବଦ୍ଧ ଓ ସଂଗଠିତ ଅପରାଧକୁ ରୋକିବାକୁ ରାଜ୍ୟ ସରକାର ଚିନ୍ତା କଲେଣି। ଉତ୍ତରପ୍ରଦେଶ ଆଇନ ଢାଞ୍ଚାରେ ଖୁବ୍‌ଶୀଘ୍ର ଆସିବ ଓଡ଼ିଶା ଗୁଣ୍ଡା ଆଣ୍ଡ ଆଣ୍ଟି ସୋସିଆଲ୍ ଆକ୍ଟିଭିଟିଜ୍(ପ୍ରିଭେନ୍‌ଶନ) ବିଲ୍-୨୦୨୧। ଏନେଇ ରାଜ୍ୟ ଗୃହ ବିଭାଗ ପକ୍ଷରୁ ଚିଠା ଆଇନ ପ୍ରସ୍ତୁତ କରାଯାଇ ଆଇନ ବିଭାଗକୁ ପଠାଇଥିବା ସୂଚନା ମିଳିଛି। ରାଜରାସ୍ତାରେ ଉତ୍ପାତ, ଲୋକଙ୍କୁ ଡରାଇ ଧମକାଇ ଦାଦାବଟି ଆଦାୟ କରିବା, ସଂଗଠିତ ଅପରାଧ କରିବାର ମାନସିକତା ରଖୁଥିବା ବ୍ୟକ୍ତି ଆଉ ବର୍ତ୍ତିପାରିବେ ନାହିଁ। ଏହି ନୂଆ ବିଲ୍‌ରେ କଠୋର ଦଣ୍ଡବିଧାନ ସହ ସମ୍ପତ୍ତି ବାଜ୍ୟାପ୍ତି ପାଇଁ ଯୋଜନା ରଖିଛନ୍ତି ସରକାର।

ଏନ୍‌ସିଆର୍‌ବି ତଥ୍ୟ ଅନୁସାରେ ୨୦୧୬ରେ ଓଡ଼ିଶାରେ ଅପରାଧ ସଂଖ୍ୟା ୮୧ ହଜାର ୪୬୦ ଥିବାବେଳେ ୨୦୨୦ରେ ଏହା ୧ଲକ୍ଷ ୩୪ହଜାରରେ ପହଞ୍ଚିଛି। ତେଣୁ ସବୁ ଦିଗକୁ ନଜର କରି ସରକାର ଏହି ଗୁଣ୍ଡା ନିରୋଧୀ ଆଇନକୁ ଆଣିବାକୁ ଯାଉଛନ୍ତି। ଏହି ଆଇନ ଆସିଲେ ରାତି ଅଧିଆ ରାଜଧାନୀ ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଉତ୍ପାତ କରୁଥିବା ଗ୍ୟାଙ୍ଗ୍ ସାବାଡ଼ ହେବେ। ଏହି ବିଲ୍‌କୁ ମଧ୍ୟ ଅନେକ ବରିଷ୍ଠ ପୋଲିସ ଅଧିକାରୀ ସମର୍ଥନ କରିଛନ୍ତି। ଜଣେ ବରିଷ୍ଠ ପୋଲିସ ଅଧିକାରୀ ନିଜ ନାମ ଗୋପନ ରଖି କହିଛନ୍ତି ଯେ, ଏହି ବିଲ୍ ଆସିବା ପରେ ଆପରାଧିକ କାର୍ଯ୍ୟକଳାପରେ ସମ୍ପୃକ୍ତ ହେଉଥିବା ବ୍ୟକ୍ତି ବିଶେଷଙ୍କ ମନରେ ଭୟ ପଶିବା ସହ ଏହି କାର୍ଯ୍ୟକଳାପରୁ ଦୂରେଇ ରହିବେ। ଯାହାଫଳରେ ରାଜ୍ୟରେ ଅପରାଧର ହାର ଏକ ପ୍ରକାର କମିବ ବୋଲି ସେ ଆଶା କରିଛନ୍ତି।

### ବିଲ୍‌ରେ ରହିବ କଠୋର କାର୍ଯ୍ୟାନୁଷ୍ଠାନ

- ଅପରାଧରେ ସମ୍ପୃକ୍ତ ବ୍ୟକ୍ତି ବା ଗୋଷ୍ଠୀଙ୍କୁ ୭ବର୍ଷରୁ ୧୦ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡ
- ଅପରାଧୀଙ୍କୁ ସାହାଯ୍ୟ କରୁଥିବା ଅଫିସରଙ୍କ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ
- ପ୍ରମାଣ ମିଳିଲେ ୩ ବର୍ଷରୁ ୧୦ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡ ହୋଇପାରେ

### ବିଲ୍‌ରେ କ'ଣ ରହିଛି ବ୍ୟବସ୍ଥା

- ଲୋକଙ୍କ ଭିତରେ ଭୟ ଓ ଆତଙ୍କ ସୃଷ୍ଟି କରୁଥିବା ବ୍ୟକ୍ତି ଓ ଗୋଷ୍ଠୀଙ୍କ କାର୍ଯ୍ୟକୁ ଆଣ୍ଟିସୋସିଆଲ କାର୍ଯ୍ୟକଳାପ କୁହାଯିବ
- ସାଧାରଣ ଲୋକଙ୍କ ସମ୍ପତ୍ତି ବା ସର୍ବସାଧାରଣ ସମ୍ପତ୍ତି ନଷ୍ଟ ହେବାର ଆଶଙ୍କା ଥିଲେ ଏହା ଅଧୀନକୁ ଆସିବ
- ଭୟ ପ୍ରଦର୍ଶନ କରି ଟଙ୍କା ବା ସମ୍ପତ୍ତି ଆଦାୟ କରିବାକୁ ଚେଷ୍ଟା ଏବଂ ସମାଜରେ ବିଶୃଙ୍ଖଳା ସୃଷ୍ଟି କରୁଥିବା ବ୍ୟକ୍ତିଙ୍କୁ ଗୁଣ୍ଡା କୁହାଯିବ
- ସ୍ୱତନ୍ତ୍ର କୋର୍ଟରେ ମାମଲାର ଶୁଣାଣି ହେବ

### ଓଡ଼ିଶାରେ ଆସିବ ଗୁଣ୍ଡା ନିରୋଧୀ ବିଲ୍




"ଓଡ଼ିଶା ଗୁଣ୍ଡା ଓ ଆଣ୍ଟିସୋସିଆଲ ଆକ୍ଟିଭିଟିଜ (ପ୍ରିଭେନଶନ୍) ବିଲ୍-୨୦୨୧" ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ସଂଘବଦ୍ଧ ଆକ୍ରମଣ ନେଇ ଆଇପିସିରେ ଦଣ୍ଡ ବିଧାନର ବ୍ୟବସ୍ଥା ରହିଥିଲେ ସୁଦ୍ଧା ପୋଲିସ ଅନେକ ସ୍ଥାନରେ ଏହାକୁ କଡ଼ାକଡ଼ି ପାଳନ ନ କରିବାରୁ ସଂଘବଦ୍ଧ ଅପରାଧ ସଂଖ୍ୟା ବଢ଼ିବାରେ ଲାଗିଛି। ବାଡ଼ ଯଦି ଫସଲ ଖାଇବ ଗୁହାରି କରିବା କାହାକୁ। ତେଣୁ ସରକାର ଯେଉଁ ନୂଆ ବିଲ୍ ଆଣିବାକୁ ଯାଉଛନ୍ତି ପୋଲିସ ତାକୁ କଡ଼ାକଡ଼ି ପାଳନ କରିବା ଜରୁରୀ। ତା'ହେଲେ ଅପରାଧ ରୋକାଯିବାରେ ଏହି ନୂଆ ବିଲ୍ ସହାୟକ ହୋଇପାରିବ।

**– ନିରଞ୍ଜନ କାନୁନ୍‌ଗୋ, ଆଇନଜୀବୀ**

"ରାଜନୈତିକ ବ୍ୟକ୍ତି ବିଶେଷ ଓ ମାଫିଆଙ୍କ ସହଯୋଗ ରହୁଥିବାରୁ ବର୍ତ୍ତମାନ ରାଜଧାନୀ ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ସଂଘବଦ୍ଧ ଆକ୍ରମଣ ଓ ଅପରାଧ ବଢୁଛି। ତେଣୁ ଗୁଣ୍ଡା ନିରୋଧୀ ବିଲ୍‌କୁ ପୋଲିସ କଡ଼ାକଡ଼ି ପାଳନ କରିବା ସହ ଏଥିରେ ଅବହେଳା ନ କରି ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାର ଅଛି। ପିଢ଼ି ପରେ ପିଢ଼ି ଯେଉଁ ଗୁଣ୍ଡା ତିଆରି ହେଉଛନ୍ତି, ତାକୁ ପ୍ରଥମେ ରୋକିବାକୁ ହେବ। ଯୁବଗୋଷ୍ଠୀକୁ ଉଚିତ୍ ଶିକ୍ଷା ପ୍ରଦାନ କରି କୁପଥରୁ ସୁପଥକୁ ଯିବାକୁ ରାସ୍ତା ଦେଖାଇବାର ଅଛି।

**–କମଳାକାନ୍ତ ଦାଶ, ପ୍ରଫେସର, ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ**

## ସଂକ୍ଷେପରେ

### ନାଟ୍ୟ ନିର୍ଦ୍ଦେଶକ ଗୌରୀଶ୍ୟାମ ମହାପାତ୍ରଙ୍କ ପରଲୋକ

ଭୁବନେଶ୍ୱର, ୬।୧୧ (ବ୍ୟୁରୋ): ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ ତଥା ସଂଗଠକ ଗୌରୀଶ୍ୟାମ ମହାପାତ୍ରଙ୍କର ଗତ ବୁଧବାର ବିଳମ୍ବିତ ରାତିରେ ପରଲୋକ ଘଟିଛି। ଦୀର୍ଘଦିନ ଧରି କରୋନା ସହ ଲଢେଇ କରି ଶେଷରେ ସେ ହାରି ଯାଇଛନ୍ତି। ଗୁରୁବାର ସତ୍ୟନଗର ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଚଇତିଘୋଡ଼ା, ପାଶବିକ, ଈଶ୍ୱର ଶୋଇଛନ୍ତି, ଶୁଣ ପରୀକ୍ଷ ଦଣ୍ଡାଧାରୀ, ବସ୍ତ୍ରହରଣ, ଗୋପୀ ସାହୁ ଦୋକାନ ଆଦି ୨୫ରୁ ଊର୍ଦ୍ଧ୍ୱ ନାଟକରେ ନିର୍ଦ୍ଦେଶନା ଦେଇ ସେ ନିଜର ସ୍ୱତନ୍ତ୍ର ଶୈଳୀ ସୃଷ୍ଟି କରିଥିଲେ। କର୍ମଠ, ସ୍ୱଳ୍ପଭାଷୀ, ଦକ୍ଷ ସଂଗଠକ, ବନ୍ଧୁବତ୍ସଳ ତଥା କର୍ମରେ ବିଶ୍ୱାସ କରୁଥିବା ଜଣେ ସରଳ ଓ ନିରାଡ଼ମ୍ବର ନାଟ୍ୟ ବ୍ୟକ୍ତିତ୍ୱ ଭାବେ ସେ ଓଡ଼ିଶା ନାଟ୍ୟ ଜଗତର ଜଣେ ପ୍ରିୟ ନାଟ୍ୟକର୍ମୀ ଥିଲେ। ଭୁବନେଶ୍ୱରର ସର୍ବପୁରାତନ ନାଟ୍ୟସଂସ୍ଥା ଉତ୍ତରପୁରୁଷର ସେ ପ୍ରତିଷ୍ଠାତା ତଥା ସଭାପତି ଥିଲେ। ଶେଷ ଦର୍ଶନ ପାଇଁ ଉତ୍କଳ କରାଟେ ସ୍କୁଲର ପ୍ରତିଷ୍ଠାତା ହରି ପଟ୍ଟନାୟକ, ହରେନ ସାହୁ, ଅଭିନ୍ନ ରାଉତରାୟ, ପ୍ରକାଶ ମହାରଣା, ପବିତ୍ର ମୋହନ କର, ପବିତ୍ର ମହାନ୍ତି, ଉତ୍ତରପୁରୁଷର ସଭ୍ୟବୃନ୍ଦ ତଥା ନାଟକଜଗତର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ।



### ୨୧ ଜଣଙ୍କୁ 'ସାଧୁତା ଗୌରବ ସମ୍ମାନ'

ଭୁବନେଶ୍ୱର,୬।୧୧(ବ୍ୟୁରୋ) : ଓଡିଆ ସାପ୍ତାହିକ ସମ୍ବାଦପତ୍ର 'ସାଧୁତା'ର ୬ଷ୍ଠ ସ୍ୱନକ୍ଷେତ୍ର ଉତ୍ସବ ସମ୍ପାଦକ ସୁଧାଂଶୁ ଶେଖର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଲୋହିଆ ଏକାଡେମୀରେ ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ ଜଗନ୍ନାଥଙ୍କ ବରିଷ୍ଠ ସେବାୟତ ରାମଚନ୍ଦ୍ର ଦାସ ମହାପାତ୍ର, ସ୍ୱତନ୍ତ୍ର ଅତିଥି ଭାବେ ଜଗତସିଂହପୁର ବିଧାୟକ ପ୍ରଶାନ୍ତ ମୁଦୁଲି, ବରିଷ୍ଠ ଅତିଥି ଭାବେ ସୁରେଶ କୁମାର ରାଉତରାୟ, ମୁଖ୍ୟବକ୍ତା ଭାବେ ଅଧକ୍ଷ 'ପୁଣ୍ୟ ଉତ୍କଳ' ତଥା 'ସାଇ ଦର୍ଶନ'ର ସମ୍ପାଦକ ମନୋରଞ୍ଜନ ମହାପାତ୍ର, ବିଶିଷ୍ଟ ସମାଜସେବୀ ବନ୍ଦନା ପଣ୍ଡା, ଏସ୍.ଆର୍ ମାଇନ୍‌ସର ଉପସଭାପତି ଶ୍ୟାମସୁନ୍ଦର ସେଠୀ, ପ୍ରମୋଦ କିଶୋର ପରିଡା ପ୍ରମୁଖ ଉତ୍ସବରେ ଯୋଗ ଦେଇଥିଲେ। ଏହି ଅବସରରେ ଡଃ ବିଶ୍ୱନାଥ ପଟ୍ଟନାୟକ, ପ୍ରମୋଦ କିଶୋର ପରିଡା, ଭୋଳାନାଥ ମହାରଣା, ତନ୍ମୟ ସ୍ୱାଇଁ, ମୃତ୍ୟୁଞ୍ଜୟ ଷଡଙ୍ଗୀଙ୍କ ସମେତ ବିଭିନ୍ନ କ୍ଷେତ୍ରରେ ୨୧ ଜଣଙ୍କୁ 'ସାଧୁତା ଗୌରବ ସମ୍ମାନ' ପ୍ରଦାନ କରାଯାଇଥିଲା। ଉତ୍ସବକୁ ସମୀକ୍ଷା ମହାପାତ୍ର ଓ ଶାରଦା ମହାପାତ୍ର ସୁପରିଚାଳନା କରିଥିଲେ। ସମ୍ପାଦିକା କାମିନୀ ମହାପାତ୍ର ଧନ୍ୟବାଦ ଦେଇଥିଲେ।

### କାଦମ୍ବିନୀର ନଭେମ୍ବର ସଂଖ୍ୟା ଉନ୍ମୋଚିତ

ଭୁବନେଶ୍ୱର, ୬।୧୧ (ବ୍ୟୁରୋ): ମାସିକ ପାରିବାରିକ ପତ୍ରିକା କାଦମ୍ବିନୀର ନଭେମ୍ବର ସଂଖ୍ୟା ଶନିବାର ଉନ୍ମୋଚିତ ହୋଇଛି। ଭାରତୀୟ ହକିର ପୂର୍ବତନ ଅଧିନାୟକ ପଦ୍ମଶ୍ରୀ ଦିଲିପ ତିର୍କୀ, ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ, ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ଓଡ଼ିଶୀ ନୃତ୍ୟଗୁରୁ ରତିକାନ୍ତ ମହାପାତ୍ର ଅତିଥି ଭାବେ ଯୋଗଦେଇ କାଦମ୍ବିନୀ ଓ କୁନିକଥାର ସଦ୍ୟତମ ସଂଖ୍ୟାକୁ ଉନ୍ମୋଚନ କରିଥିଲେ। ଏହି ଅବସରରେ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଅତିଥି ଓ ଶିଶୁ କଳାକାର ଐଶ୍ୱର୍ଯ୍ୟ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କାଦମ୍ବିନୀ ଓ କୁନିକଥାର ସମ୍ପାଦିକା ଡ. ଇତି ସାମନ୍ତ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଧନ୍ୟବାଦ ଦେଇଥିଲେ।

## ବେଣ୍ଟୁଆ ଗାଁମୁଣ୍ଡରେ ହାତୀପଲ

ବାରଙ୍ଗ,୬।୧୧(ଡି.ଏନ୍.ଏ.)

ଚନ୍ଦକା ଜଙ୍ଗଲରୁ ଶନିବାର ଅପରାହ୍ନରେ ହାତୀପଲ ବାହାରି ଅଭୟାରଣ୍ୟର ପାଦଦେଶରେ ଥିବା ବେଣ୍ଟୁଆ ଓ ଭାଲୁଙ୍କା ଗ୍ରାମକୁ ଚାଲିଆସିଛନ୍ତି। ଏହି ହାତୀପଲ ଗାଁମଧ୍ୟକୁ ପଶିବାକୁ ଉଦ୍ୟମ କରୁଥିବାବେଳେ ଗ୍ରାମବାସୀ ଦେଖି ହୋହଲ୍ଲା କରିବାରୁ ଜଙ୍ଗଲ ମଧ୍ୟରେ ହିଁ ରହିଯାଇଛନ୍ତି। ଦିନଦ୍ୱିପ୍ରହର ବେଣ୍ଟୁଆ ଗ୍ରାମର କେତେଜଣ ଲୋକ କୌଣସି କାର୍ଯ୍ୟରେ ଜଙ୍ଗଲ ଆଡ଼କୁ ଯିବାବେଳେ ହାତୀପଲ ଥିବା ଦେଖିଥିଲେ। ଫଳରେ ହାତୀପଲକୁ ଦେଖି ଗ୍ରାମରେ ଏକ ପ୍ରକାର ଭୟର ବାତାବରଣ ସୃଷ୍ଟି ହୋଇଛି। ପରେ ବନ ବିଭାଗକୁ ମଧ୍ୟ ଜଣାଇ ଦିଆଯାଇଛି। ଖବରପାଇ ଭଗୀପୁର ବନ ବିଭାଗ ପହଞ୍ଚି ହାତୀପଲଙ୍କ ଗତିବିଧିକୁ ଜଗିରହିଛନ୍ତି। ତେବେ ରାତିରେ ଘରରୁ କେହି ଏକା ନ ବାହାରିବା ପାଇଁ ବନ ବିଭାଗ ପକ୍ଷରୁ ଗ୍ରାମବାସୀଙ୍କୁ ସୂଚାଇ ଦିଆଯାଇଛି।



ଚନ୍ଦକା ଅଭୟାରଣ୍ୟ ପାଦଦେଶରେ ଥିବା ବେଣ୍ଟୁଆ ଗାଁ ମୁଣ୍ଡରେ ହାତୀପଲ।

## 'ଜଳବାୟୁ ପରିବର୍ତ୍ତନ' ଉପରେ କର୍ମଶାଳା

ଭୁବନେଶ୍ୱର,୬।୧୦

ସ୍ୱେଚ୍ଛାସେବୀ ଅନୁଷ୍ଠାନ ବିକାଶ ପକ୍ଷରୁ 'ଜଳବାୟୁ ପରିବର୍ତ୍ତନ'କୁ ନେଇ ଏକ କର୍ମଶାଳା ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ଓଡ଼ିଶା ପରିବେଶ ସମିତି ପ୍ରଫେସର ଡ. ଜୟକୃଷ୍ଣ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଓ ପୂର୍ବତନ ପିସିସିଏଫ୍ ଡ. ଅଜୟ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସାମାଜିକ କର୍ମୀ ତଥା ବିପର୍ଯ୍ୟୟ ପରିଚାଳନା ବିଶେଷଜ୍ଞ ଅଶୋକ କୁମାର ନନ୍ଦ ବିଶ୍ୱ ସମୁଦାୟର ଆହ୍ୱାନ ଓ ନିରନ୍ତର ବିକାଶ ଲକ୍ଷ୍ୟ ପାଇଁ କେତେଗୁଡ଼ିଏ ପ୍ରସ୍ତାବ ଆଗତ କରିଥିଲେ, ଯାହା ଗୃହୀତ ହୋଇଥିଲା। ଅନୁଷ୍ଠାନର ସମ୍ପାଦକ ବିବେକାନନ୍ଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଦରମା ବୃଦ୍ଧି ଦାବିକଲା ପ୍ରାଥମିକ ବିଦ୍ୟାଳୟ ସଂଘ

ଭୁବନେଶ୍ୱର, ୬।୧୧(ବ୍ୟୁରୋ)

ରାଜ୍ୟ ସରକାର ଓଡ଼ିଶାର ବିଭିନ୍ନ ବିଭାଗରେ କାର୍ଯ୍ୟ କରୁଥିବା ଠିକା କର୍ମଚାରୀଙ୍କ ଦରମା ବୃଦ୍ଧି କରିଛନ୍ତି। କିନ୍ତୁ ସରକାର କନିଷ୍ଠ ଶିକ୍ଷକଙ୍କୁ ସାବତ ପୁଅ ଭଳି ବିଚାର କରୁଥିବା ନେଇ ପ୍ରାଥମିକ ବିଦ୍ୟାଳୟ ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି। ସେମାନଙ୍କର ଦରମା ବୃଦ୍ଧି ହେଉ ବୋଲି ସଂଘ ଦାବି କରିଛି। ଠିକା କର୍ମଚାରୀଙ୍କ ଭଳି କନିଷ୍ଠ ଶିକ୍ଷକମାନଙ୍କୁ ୬ ବର୍ଷରେ ନିୟମିତ ଶିକ୍ଷକ କରିବାକୁ ନିର୍ଦ୍ଦେଶନାମା ଥିବାବେଳେ ୨୦୧୫ରେ ନିଯୁକ୍ତି ପାଇଥିବା ଏହି ଶିକ୍ଷକଙ୍କୁ ଅଦ୍ୟାବଧି ନିୟମିତ ଶିକ୍ଷକ ଘୋଷଣା କରାଯାଇନାହିଁ। ସରକାର ତୁରନ୍ତ କନିଷ୍ଠ ଶିକ୍ଷକଙ୍କ ନ୍ୟାୟୋଚିତ ଦାବି ପ୍ରତି ହୃଦୟଙ୍ଗମ କରି ଅନ୍ୟ ଠିକା କର୍ମଚାରୀଙ୍କ ଭଳି ପାରିତୋଷିକ ବୃଦ୍ଧି କରିବା ସହ ୬ବର୍ଷ ପୂରଣ କରିଥିବା କନିଷ୍ଠ ଶିକ୍ଷକଙ୍କୁ ଅବିଳମ୍ବେ ନିୟମିତ ଶିକ୍ଷକ ଘୋଷଣା କରିବାକୁ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ସଭାପତି ବ୍ରହ୍ମାନନ୍ଦ ମହାରଣା ଓ ସାଧାରଣ ସମ୍ପାଦକ ବିଭୁପ୍ରସାଦ ସାହୁ ଦାବି କରିଛନ୍ତି।

## ଆନ୍ତଃ ରାଜ୍ୟ ବସ୍ ଟର୍ମିନାଲ ପାଇଁ ସମସ୍ୟା ହଟୁଛି

ଭୁବନେଶ୍ୱର, ୬।୧୧ (ବ୍ୟୁରୋ)

### ପଣ୍ଡାକୁଦିଆରୀକୁ ସ୍ଥାନାନ୍ତର ହେବେ ୯ ରାଜୀବ ଆବାସ ହିତାଧିକାରୀ

ବରମୁଣ୍ଡା ବସ୍‌ଷ୍ଟାଣ୍ଡକୁ ଆନ୍ତଃରାଜ୍ୟ ବସ୍ ଟର୍ମିନାଲ୍‌ରେ ପରିଣତ କରିବା ପାଇଁ ଆବଶ୍ୟକ ନିର୍ମାଣ କାର୍ଯ୍ୟ ଜାରି ରହିଥିବାବେଳେ ଜବରଦଖଲ ବାଧକ ସାଜିଛି। ଏଥିପାଇଁ ସେଠାରେ ଥିବା ବେଆଇନ ଘର, ଦୋକାନ ଓ ହୋଟେଲଗୁଡ଼ିକୁ ଉଚ୍ଛେଦ କରାଯାଉଛି। ଶୁକ୍ରବାର ବସଷ୍ଟାଣ୍ଡର ପ୍ରସ୍ଥାନ ପଥରେ ଥିବା ୯ ଆଜବେଷ୍ଟସ୍ ଘର, ୨୦୦ ମିଟର ଲମ୍ବର ପାଚେରି, ଗୋଟିଏ ହୋଟେଲ ଓ ୩ କ୍ୟାବିନକୁ ବିଡିଏ ପକ୍ଷରୁ ଉଚ୍ଛେଦ କରାଯାଇଥିଲା। ତେବେ ଏହି ଅଞ୍ଚଳରେ ରାଜୀବ ଆବାସ ଯୋଜନାରେ ଅନ୍ତର୍ଭୁକ୍ତ କେତେକ ଘର ରହିଥିବାରୁ ସେଗୁଡ଼ିକୁ ଉଚ୍ଛେଦ କରିବାରେ ବିଡିଏ ସଫଳ ହୋଇ ନ ଥିଲା। ସମ୍ପୃକ୍ତ ହିତାଧିକାରୀମାନେ ବିରୋଧ କରିଥିଲେ। ଶେଷରେ ଶନିବାର ଏହି ସମସ୍ୟାର ସମାଧାନ ରାସ୍ତା ବାହାରିଛି। ଟର୍ମିନାଲ ନିର୍ମାଣ ସ୍ଥାନରେ ରାଜୀବ ଆବାସ ଯୋଜନାରେ ରହିଥିବା ୯ ପରିବାରକୁ ପଣ୍ଡାକୁଦିଆରୀ ବସ୍ତିକୁ ସ୍ଥାନାନ୍ତର ନେଇ ସେମାନଙ୍କ ସହ ବୁଝାମଣା ହୋଇଛି। ଏଥିସହ ଅଧିକାରୀମାନେ ଥଇଥାନ ସ୍ଥାନକୁ ହିତାଧିକାରୀଙ୍କୁ ଦେଖାଇବା ସହ ଆସନ୍ତା ୧୫ଦିନ ମଧ୍ୟରେ ସ୍ଥାନାନ୍ତର ପ୍ରକ୍ରିୟା ସରିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହି ସ୍ଥାନାନ୍ତର ପ୍ରକ୍ରିୟା ସରିବା ପରେ ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ ବାକି ଥିବା ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହେବ। ସେହିପରି ବସ୍‌ଷ୍ଟାଣ୍ଡରେ ବେଆଇନ ଭାବେ ଆହୁରି ୨୦ରୁ ୨୫ଟି ଦୋକାନ ରହିଛି। ସେମାନେ ହାଇକୋର୍ଟରୁ ଷ୍ଟେ ଅର୍ଡର ଆଣି ଥିବାରୁ ସମ୍ପୃକ୍ତ ଦୋକାନଗୁଡ଼ିକୁ ମଧ୍ୟ ଭଙ୍ଗାଯାଇ ପାରୁନାହିଁ। ତେବେ ଏହି ଦୋକାନ ଟର୍ମିନାଲ ନିର୍ମାଣରେ କୌଣସି ପ୍ରଭାବ ପକାଇବ ନାହିଁ ବୋଲି ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ଉଚ୍ଛେଦ କାର୍ଯ୍ୟକ୍ରମରେ ବିଡିଏ ଏନଫୋର୍ସମେଣ୍ଟ ଅଫିସର ପ୍ରମୋଦ ପାତ୍ର ଓ ବିଡିଏ ଲିଆସନିଂ ଅଫିସର ଶୁଭ୍ରାଂଶୁ ଶେଖର ମହାନ୍ତି ଉପସ୍ଥିତ ଥିଲେ।

## ୩ଜଣଙ୍କୁ 'ପଣ୍ଡିତ ନୀଳକଣ୍ଠ ଦାସ ସ୍ମୃତି ସମ୍ମାନ'

ଭୁବନେଶ୍ୱର, ୬।୧୧ (ବ୍ୟୁରୋ)

ସ୍ୱାଧୀନତା ସଂଗ୍ରାମୀ, ସମାଜ ସଂସ୍କାରକ, ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଅନ୍ୟତମ ନିର୍ମାତା ତଥା ବିଧାନସଭାର ପୂର୍ବତନ ବାଚସ୍ପତି ପଣ୍ଡିତ ନୀଳକଣ୍ଠ ଦାସଙ୍କ ୫୪ତମ ଶ୍ରାଦ୍ଧୋତ୍ସବ ଶନିବାର ପିଏମ୍‌ଜି ଛକସ୍ଥିତ ତାଙ୍କ ପ୍ରତିମୂର୍ତ୍ତିସ୍ଥଳୀରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଜୟ ଓଡ଼ିଶା, ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ, ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ, ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ ବିଭାଗର ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରା ସଂଯୋଜନା କରିଥିଲେ। ଅତିଥିମାନେ ପଣ୍ଡିତ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହିତ ଦୀପଦାନ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ବଲାଙ୍ଗୀରର ଡାଲ୍‌ଖାଇ ନୃତ୍ୟ କଳାକାର ଟଙ୍କଧର ସାହୁ, କରୁଣାକର ବାଗ୍ ଓ ପଣ୍ଡିତ ନୀଳକଣ୍ଠ ସ୍ମୃତି ସଂସଦର ସାଧାରଣ ସମ୍ପାଦକ ପୂର୍ଣ୍ଣେନ୍ଦୁ କୁମାର ଦାଶଙ୍କୁ 'ପଣ୍ଡିତ ନୀଳକଣ୍ଠ ଦାସ ସ୍ମୃତି ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ବିଭାଗର ଶାସନ ସଚିବ ଡ. ସୁରେଶ ଚନ୍ଦ୍ର ଦଳାଇ, ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, ସ୍ୱର୍ଗତ ଦାସଙ୍କ ଅଣନାତି ପୂର୍ଣ୍ଣେନ୍ଦୁ କୁମାର ଦାସ, ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶାଖା ସଭାପତି ଦିଲୀପ ଦାଶଶର୍ମା, ଜୟ ଓଡ଼ିଶା ଅଧକ୍ଷ ରୁଦ୍ରନାରାଣ ସାମନ୍ତରାୟ, ବ୍ରଜବନ୍ଧୁ ପରିଡ଼ା, ପ୍ରବୀର ମହାନ୍ତ ପୂର୍ବତନ କର୍ପୋରେଟର ନରେନ୍ ସାହୁ ପ୍ରମୁଖ ଯୋଗଦେଇଥିଲେ। ଅରବିନ୍ଦ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

## ୩.୪୦କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପ ଶୁଭାରମ୍ଭ

ପୁରୁଣା ଭୁବନେଶ୍ୱର,୬।୧୧(ଡି.ଏନ୍.ଏ.)

ଏକାମ୍ର ନିର୍ବାଚନମଣ୍ଡଳୀରେ ଶୁକ୍ରବାର ଓ ଶନିବାର ପ୍ରାୟ ୩କୋଟି ୪୦ଲକ୍ଷ ଟଙ୍କାର ବିଭିନ୍ନ ପ୍ରକଳ୍ପ ବିଧାୟକ ତଥା ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡାଙ୍କ ଦ୍ୱାରା ଶୁଭାରମ୍ଭ ହୋଇଛି। ୱାର୍ଡ ନଂ.୬୨ ଅନ୍ତର୍ଗତ ପୋଖରୀପୁଟ ଡିଏଭି ସ୍କୁଲଠାରୁ ବିପିୟୁଟି ପର୍ଯ୍ୟନ୍ତ ପୂର୍ତ୍ତ ବିଭାଗ ପକ୍ଷରୁ ରାସ୍ତା, ସତ୍ୟସାଇ ମହିଳା ମହାବିଦ୍ୟାଳୟର ପାଚେରି ନିର୍ମାଣ କାର୍ଯ୍ୟ, ୱାର୍ଡ ନଂ.୫୭ ମହାରଣା ସାହି ଡ୍ରେନ, ୱାର୍ଡ ନଂ. ୪୯ର କୋଳଥିଆ ପାରାଦୀପ ପୋର୍ଟ କଲୋନୀ ବୃନ୍ଦାବନ ଗାର୍ଡେନ ଏବଂ ଗ୍ରୀନ୍ ପାର୍କ ଆଦି ଅଞ୍ଚଳ ରାସ୍ତାର ମନ୍ତ୍ରୀ ପଣ୍ଡା ଶିଳାନ୍ୟାସ କରିଥିଲେ। କାର୍ଯ୍ୟକ୍ରମରେ ଉପଜିଲାପାଳ ଦେବବ୍ରତ ସାହୁ, କଲେଜ ଅଧକ୍ଷ ଅସୀମା ବସ୍ତିଆ, ହୃଦୟବଲ୍ଲଭ ସାମନ୍ତରାୟ, ନୃପେଶ ନାୟକ, ଅଶ୍ୱିନୀ ସୁନ୍ଦରାୟ, କୈଳାସ ଚନ୍ଦ୍ର ଦାସ, ଶତ୍ରୁଘ୍ନ ନାୟକ, କେଲୁ ଚରଣ ରାଉତ, ଗଜେନ୍ଦ୍ର ପ୍ରସାଦ ଶଙ୍ଖୁଆ, ଉଦ୍ଧବ କର, ଶିବାନନ୍ଦ ମିଶ୍ର, ପ୍ରକାଶ ଦାସ, ଦିବାକର ବେହେରା, ବାବୁଲି ମିଶ୍ର, ଚିତ୍ତରଞ୍ଜନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## 'କାଳିକେ କାଳରାତ୍ରି'ରେ ମା'ଙ୍କ ମହିମା

ଭୁବନେଶ୍ୱର,୬।୧୧(ବ୍ୟୁରୋ)

ଶ୍ୟାମାକାଳୀ ପୂଜା ଅବସରରେ ଆଦିଶକ୍ତି ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଗଙ୍ଗନଗର ଯୁବ ପରିଷଦ ମଣ୍ଡପରେ ମା'ଙ୍କ ମହିମାକୁ ନେଇ ପ୍ରସ୍ତୁତ 'କାଳିକେ କାଳରାତ୍ରି'ର ସର୍ବଭାରତୀୟ ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଛି। ପଣ୍ଡିତ ଦାଶରଥି ସାମନ୍ତରାୟ ଓଡ଼ିଆ ଭାଷାରେ ଅତି ପ୍ରାଞ୍ଜଳ ଭାବେ ମା'ଙ୍କ ମହିମା ସମ୍ପର୍କରେ କହିଥିବାବେଳେ ୟୁଟ୍ୟୁବ୍ ଓ ବିଭିନ୍ନ ସୋସିଆଲ୍ ମିଡିଆରେ ଏହାର ପ୍ରଚାର ପ୍ରସାର କରାଯାଇଛି। ଟ୍ରଷ୍ଟର ସଭାପତି ନାରାୟଣ ମହାପାତ୍ର, ଉପସଭାପତି ଲଳିତମୋହନ ପଣ୍ଡା, ଉପଦେଷ୍ଟା ମଧୁମାଧବ ଜେନା, ସମ୍ପାଦକ ଉମାନାଥ ମିଶ୍ର, ଇଂ. ଦିଲୀପ ପଟ୍ଟନାୟକ, ଗଙ୍ଗନଗର ଯୁବ ପରିଷଦର ନାରାୟଣ ପ୍ରସାଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## କପିଳେଶ୍ୱର ମିଶ୍ର ଡ୍ରିମ୍‌ସର ଏକାଡେମିକ୍ ନିର୍ଦ୍ଦେଶକ



କଟକ ଅଫିସ, ୬।୧୧

ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହର ନୂତନ ନିର୍ଦ୍ଦେଶକ (ଏକାଡେମିକ୍ ଓ ଗବେଷଣା) ଭାବେ ଶିକ୍ଷାବିତ୍ ଡ. କପିଳେଶ୍ୱର ମିଶ୍ର ଶନିବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ ଶିକ୍ଷାନୁଷ୍ଠାନର ବିଭିନ୍ନ ବିଭାଗ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଥିଲା। ମିଶ୍ରଙ୍କ ମାର୍ଗଦର୍ଶନରେ ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ଉତ୍କର୍ଷ ହାସଲ କରିବ ବୋଲି ଅଧକ୍ଷ ପ୍ରମୋଦ ଚନ୍ଦ୍ର ରଥ ଆଶାବ୍ୟକ୍ତ କରିଛନ୍ତି। ସୂଚନାଯୋଗ୍ୟ, ବିଭିନ୍ନ ବୈଷୟିକ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଉଚ୍ଚ ପଦବୀରେ ସଫଳତାର ସହ କାର୍ଯ୍ୟ କରି ମିଶ୍ର ପ୍ରଶଂସିତ ହୋଇଛନ୍ତି। ଶିକ୍ଷାଦାନ, ଗବେଷଣା ଓ ପ୍ରଶାସନିକ କ୍ଷେତ୍ରରେ ତାଙ୍କର ତିନି ଦଶନ୍ଧିରୁ ଊର୍ଦ୍ଧ୍ୱ ଅଭିଜ୍ଞତା ରହିଛି। ବିଶେଷକରି ହାଇଡ୍ରୋଲିକ୍ ଓ ଇରିଗେଶନ ଇଞ୍ଜିନିୟରିଂରେ ତାଙ୍କର ବିଶେଷ ପାରଦର୍ଶିତା ରହିଛି।



ଭକ୍ତ ସାଲବେଗ ପୀଠରେ ଶ୍ରୀକ୍ଷେତ୍ର ଲେଖକ ସାମ୍ମୁଖ୍ୟ ପକ୍ଷରୁ ଶନିବାର 'ସୁଲେଖା' ଓ 'ଦୟଣା' ପତ୍ରିକାକୁ ଉପସ୍ଥିତ ଅତିଥିମାନେ ଲୋକାର୍ପଣ କରୁଛନ୍ତି।



ପୁରୀ ଦଶବାଟିଆଠାରେ ଅନୁଷ୍ଠିତ ଜିଲାସ୍ତରୀୟ ଭଲିବଲ ପ୍ରତିଯୋଗିତାରେ ଶନିବାର ଯୋଗଦେଇଥିବା ପୂର୍ବତନ ମନ୍ତ୍ରୀ ମହେଶ୍ୱର ମହାନ୍ତି ଓ ଅନ୍ୟ ଅତିଥିଙ୍କ ଗହଣରେ ଖେଳାଳିମାନେ।



ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ବିଭିନ୍ନ ସଂଗଠନ ପକ୍ଷରୁ ପଣ୍ଡିତ ନୀଳକଣ୍ଠ ଦାସଙ୍କ ୫୪ତମ ଶ୍ରାଦ୍ଧୋତ୍ସବ ପାଳନ ଅବସରରେ ଶନିବାର ଭୁବନେଶ୍ୱର ପିଏମ୍‌ଜି ଛକସ୍ଥିତ ପ୍ରତିମୂର୍ତ୍ତି ସ୍ଥଳରେ ଉପସ୍ଥିତ ଅତିଥିମାନେ।

# ପାଟିକୁ ସ୍ୱାଦ, ପେଟକୁ ହାନି

**ବର୍ତ୍ତମାନ ଅଧିକାଂଶ ଯୁବପିଢ଼ି ବିଶେଷକରି ପାଠପଢ଼ା କିମ୍ବା ଚାକିରି ଲାଗି ବାହାରେ ରହୁଥିବା ଅଧିକାଂଶ ଯୁବତୀଯୁବକ ସମୟ ଅଭାବରୁ ବିଭିନ୍ନ ଫାଷ୍ଟଫୁଡ୍, ପ୍ୟାକେଜ୍ଡ କିମ୍ବା ଫ୍ରୋଜନ୍ ଫୁଡ୍ ଅଧିକ ଖାଉଥିବା ଦେଖିବାକୁ ମିଳୁଛି। ତେବେ ଏଭଳି ଖାଦ୍ୟର ଆକର୍ଷଣୀୟ ପ୍ରସ୍ତୁତି ଓ ସାଜସଜ୍ଜା ସାଙ୍ଗକୁ ମନୋମୁଗ୍ଧକର ସୁଗନ୍ଧ ସେମାନଙ୍କୁ ଏଥିପ୍ରତି ଅଧିକ ଆକୃଷ୍ଟ କରୁଛି। ହେଲେ ପାଟିକୁ ସ୍ୱାଦିଷ୍ଟ ଲାଗୁଥିବା ଏହି ଖାଦ୍ୟଗୁଡିକ ସ୍ୱାସ୍ଥ୍ୟ ପ୍ରତି ହାନିକାରକ ...**





ଅଧିକାଂଶ ଯୁବପିଢ଼ିଙ୍କୁ ଘରୋଇ ଖାଦ୍ୟ ପରିବର୍ତ୍ତେ ମାର୍କେଟ୍‌ରେ ମିଳୁଥିବା ଭଳିକି ଭଳି ସ୍ୱାଦିଷ୍ଟ ଫାଷ୍ଟଫୁଡ୍ କିମ୍ବା ପ୍ୟାକେଜ୍ଡ ଫୁଡ୍ ବେଶି ପସନ୍ଦ। ବିଶେଷକରି ପାଠପଢ଼ା କିମ୍ବା ଚାକିରି ଲାଗି ବାହାରେ ରହୁଥିବା ଅଧିକାଂଶ ଯୁବତୀଯୁବକ ସମୟ ଅଭାବରୁ ମାର୍କେଟ୍‌ରେ ମିଳୁଥିବା ବିଭିନ୍ନ ରେଡି ଟୁ ଇଟ୍ ଖାଦ୍ୟ ଉପରେ ନିର୍ଭର କରୁଥିବା ଦେଖିବାକୁ ମିଳୁଛି। ହେଲେ ଏଭଳି ଖାଦ୍ୟ ସ୍ୱାସ୍ଥ୍ୟ ପ୍ରତି ହାନିକାରକ। କାରଣ ଏଭଳି ଖାଦ୍ୟାଭ୍ୟାସ ଯୋଗୁ ଅଳ୍ପ ବୟସରୁ ଅନେକଙ୍କଠାରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଉପୁଜୁଥିବା ଦେଖିବାକୁ ମିଳୁଛି। ତେଣୁ ଏକ ସୁସ୍ଥ ଜୀବନ ଲାଗି ଏଭଳି ଖାଦ୍ୟ ଯଥାସମ୍ଭବ କମ୍ ଖାଇବା ଆବଶ୍ୟକ...

➤ଦୀର୍ଘ ଦିନ ରଖାଯାଇ ପାରୁଥିବା ପ୍ରୋସେସ୍ ଫୁଡ୍‌ଗୁଡ଼ିକର ସ୍ୱାଦ ବୃଦ୍ଧି ନିମନ୍ତେ ଲୁଣ, ତେଲ, ରଙ୍ଗ ଏବଂ ପ୍ରିଜର୍ଭେଟିଭ୍ ଅଧିକ ପରିମାଣରେ ବ୍ୟବହାର କରାଯାଇଥାଏ। ହେଲେ ପାଟିକୁ ସୁଆଦିଆ ଲାଗୁଥିବା ଏଭଳି ହାଇ କ୍ୟାଲୋରିଯୁକ୍ତ ଖାଦ୍ୟ ଖାଇବା ଦ୍ୱାରା ମେଦବହୁଳତା, ଉଚ୍ଚ ରକ୍ତଚାପ, ମଧୁମେହ ଭଳି ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେବାର ଆଶଙ୍କା ରହିଛି। କେବଳ ଏତିକି ନୁହେଁ, ଏହା ଶରୀରରେ ବିଶେଷକରି ଧମନୀ ଭିତରେ ଚର୍ବି ଜମା କରିଥାଏ। ଯଦ୍ୱାରା ତାହା ସଂକୁଚିତ ହୋଇ ରକ୍ତ ସଞ୍ଚାଳନ ଠିକ୍ ଭାବେ ହୋଇପାରେ ନାହିଁ। ଏମିତିକି ଏହା ଯୋଗୁ ହୃଦ୍‌ଘାତର ଆଶଙ୍କା ବୃଦ୍ଧି ପାଇଥାଏ। ତେଣୁ ଅତି ଆବଶ୍ୟକ ନ ଥିଲେ ଏଭଳି ଖାଦ୍ୟଠାରୁ ଦୂରେଇ ରୁହନ୍ତୁ।

➤ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏଭଳି ଖାଦ୍ୟରେ ଫାଇବର୍, ଭିଟାମିନ୍ସ ଏବଂ ମିନେରାଲ୍ସ ଭଳି ଏହିସବୁ ପ୍ରୋସେସ୍‌ଡ ଫୁଡ୍ ଶୀଘ୍ର ହଜମ ହୋଇଯାଉଥିବାରୁ ଅନ୍ୟ ସନ୍ତୁଳିତ ଖାଦ୍ୟ ହଜମ ଲାଗି ଆବଶ୍ୟକ ହେଉଥିବା ଏନର୍ଜି ତୁଳନାରେ ଏଥିରେ କମ୍ ଖର୍ଚ୍ଚ ହୋଇଥାଏ। ଏଣୁ ଶରୀରରୁ କମ୍ କ୍ୟାଲୋରି ଖର୍ଚ୍ଚ ହୋଇଥାଏ ଏବଂ ମେଦବହୁଳତାର କାରଣ ସାଜିଥାଏ।

➤ଏଭଳି ଖାଦ୍ୟର ପ୍ରାକୃତିକ ଫ୍ଲେବର ବଜାୟ ରଖିବା ଲାଗି ବ୍ୟବହାର ହେଉଥିବା ମନୋସୋଡିୟମ ଗ୍ଲୁକାମେଟ୍ ଅନେକଙ୍କଠାରେ ମାଇଗ୍ରେନ୍ ସମସ୍ୟା ସୃଷ୍ଟି କରୁଛି।

➤କେବଳ ଏତିକି ନୁହେଁ, ଏସବୁ ଖାଦ୍ୟରେ ମିଶାଯାଉଥିବା ଆର୍ଟିଫିସିଆଲ୍ ସୁଗାର, ସୋଡିୟମ ନାଇଟ୍ରେଟ୍, ମନୋସୋଡିୟମ ଗ୍ଲୁକାମେଟ୍ ବର୍ତ୍ତମାନ ଅନେକଙ୍କଠାରେ ସ୍କିନ୍ ଆଲର୍ଜି, କେଶ ଝଡ଼ିବା ବା ଚନ୍ଦାପଣ, ଡାଇବେଟିସ୍, ବ୍ଲଡ୍‌ପ୍ରେସର, ଲିଭର ସମସ୍ୟା, ପେଟ ସମସ୍ୟା, ମାନସିକ ଅନଗ୍ରସରତା ଏବଂ ସର୍ବୋପରି ହୃଦ୍‌ରୋଗ ସମସ୍ୟା ଉପୁଜାଉଥିବା ଦେଖିବାକୁ ମିଳୁଛି।

➤ଆମେରିକାରେ ପ୍ୟାକେଜ୍ଡ ବା ପ୍ରୋସେସ୍ ଫୁଡ୍ ଖାଉଥିବା ୧,୦୦,୦୦୦ ଲୋକଙ୍କୁ ନେଇ ଏକ ଗବେଷଣା କରାଯାଇଥିଲା। ଯେଉଁଥିରୁ ଜଣାପଡ଼ିଲା, ଏଭଳି ଖାଦ୍ୟ ଗ୍ରହଣରେ ପ୍ରତି ୧୦ ପ୍ରତିଶତ ବୃଦ୍ଧି ଅନୁପାତରେ ୧୨ ପ୍ରତିଶତ କ୍ୟାନ୍‌ସର ହେବାର ଆଶଙ୍କା ଅଧିକ।

➤ଅନେକ ପ୍ୟାକେଜ୍ଡ ଫୁଡ୍‌ରେ ମିନେରାଲ୍ସ, ଫାଇବର ଏବଂ ଭିଟାମିନ୍ସର ପରିମାଣ କମ୍ ହୋଇ ସ୍ୟାଚୁରେଟେଡ ଫ୍ୟାଟ୍, କ୍ୟାଲୋରି, ସୋଡିୟମ୍ ଆଦି ବେଶି ପରିମାଣରେ ଥାଏ। ସେହିପରି କର୍ନ ସିରପ୍, କର୍ନ ସିରପ୍ ସଲିଡ୍ସ, ହାଇ ଫ୍ରୁକ୍ଟୋଜ୍ କର୍ନ ସିରପ୍ ମିଶିଥିବା ଖାଦ୍ୟରେ ଗ୍ଲୁକୋଜ୍ ବଦଳରେ ଫ୍ରୁକ୍ଟୋଜ୍ ବ୍ୟବହାର ହୋଇଥାଏ। ତେଣୁ ଏଭଳି ଖାଦ୍ୟର ପୋଷକ ତତ୍ତ୍ୱର ପରିମାଣ ବା ନ୍ୟୁଟ୍ରିଶନାଲ୍ ଭ୍ୟାଲୁ ଖୁବ୍ କମ୍। ତେଣୁ ଏହାକୁ ଖାଇବା ଦ୍ୱାରା ଶରୀରରେ ବିଭିନ୍ନ ସମସ୍ୟା ସୃଷ୍ଟି କରିବାର ଆଶଙ୍କା ରହିଛି।



## କ'ଣ କୁହନ୍ତି ଏମାନେ...


ବିଷ୍ଣୁପ୍ରିୟା

**ବିଷ୍ଣୁପ୍ରିୟା ସାହୁ** (ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ସମ୍ବଲପୁର)– ବାହାରେ ମିଳୁଥିବା ପ୍ୟାକେଜ୍ଡ ଫୁଡ୍ ହେଉ କିମ୍ବା ବିଭିନ୍ନ ଫାଷ୍ଟଫୁଡ୍ ବେଶ୍ ସ୍ୱାଦିଷ୍ଟ। ଏଣୁ ମୁଁ ପୂର୍ବରୁ ଏଭଳି ଖାଦ୍ୟ ବହୁତ ଖାଉଥିଲି। ହେଲେ ପେଟ ଖରାପ ହେବା, ଗ୍ୟାସ୍, ଏସିଡିଟି ଭଳି ସମସ୍ୟା ଦେଖାଦେବା ଦିନଠାରୁ ଏସବୁ ଖାଇବା ବହୁତ କମିଯାଇଛି। ଏବେ ସ୍ୱାସ୍ଥ୍ୟ ପ୍ରତି ମୁଁ ଖୁବ୍ ସଚେତନ। ବାହାରେ ମେସ୍ କରି ରହୁଚି ସତ, ହେଲେ ବାହାର ଖାଇବାଠୁ ଦୂରେଇ ରହୁଛି। ହଁ, କେବେ କେମିତି ସାଙ୍ଗମାନଙ୍କ ସହ ମିଶି ଫାଷ୍ଟଫୁଡ୍ କିମ୍ବା ପ୍ୟାକେଜ୍ଡ ଫୁଡ୍ ଖାଇଦିଏ। ହେଲେ ଯେତେ କାମ ଥିଲେ ସୁଦ୍ଧା ଯଥାସମ୍ଭବ ନିଜେ ରୋଷେଇ କରି ଖାଉଛି।


ଧର୍ମେଶ

**ଧର୍ମେଶ କୁମାର ମହାନ୍ତ** (ମୟୂରଭଞ୍ଜ)– ଖାଇବା ପ୍ରତି ବିଶେଷକରି ବାହାରେ ମିଳୁଥିବା ଚଟ୍‌ପଟା ଖାଦ୍ୟ ପ୍ରତି ମୋର ଟିକେ ଦୁର୍ବଳତା ରହିଛି। ଯେହେତୁ ପଢ଼ା ପାଇଁ ବାହାରେ ରହୁଚି, ତେଣୁ ମଝିରେ ମଝିରେ ଫାଷ୍ଟଫୁଡ୍ ଖାଇଦିଏ। ସାଙ୍ଗମାନେ ମିଶିକି ବାହାରକୁ ବୁଲିବାକୁ ଯାଉ ଏବଂ ବାହାରେ ଖାଉ। ବେଳେବେଳେ କଲେଜ ଯିବା ସମୟ ଡେରି ହୋଇଗଲେ ଜୋମାଟୋ, ସ୍ୱିଗୀ ଆଦି ଅନ୍‌ଲାଇନ ସାଇଟ୍‌ରୁ ମଗେଇ ଖାଇବା ସୁବିଧା ହେଉଛି। ହେଲେ ସ୍ୱାସ୍ଥ୍ୟ ସଚେତନତା ଦୃଷ୍ଟିରୁ ଏଭଳି ଖାଦ୍ୟ କମ୍ ଖାଇବା ପ୍ରତି ଧ୍ୟାନ ଦିଏ।


ଅଭିନୟ

**ଅଭିନୟ ଆଦିତ୍ୟ ନାଏକ** (ବାଲିପାଟଣା)– ବାହାରେ ରହି ଚାକିରି କରୁଛି। କାମ ସାରି ରୁମ୍‌କୁ ଡେରିରେ ଫେରିଲେ ରୋଷେଇ କରିବାକୁ ଇଚ୍ଛା ହେଉନି। ସେଥିପାଇଁ ଫେରିବା ବେଳେ କିଛି ଖାଇବା ଜିନିଷ ବାହାରୁ କିଣି ଆଣେ। ସକାଳୁ କାର୍ଯ୍ୟବ୍ୟସ୍ତତା ଯୋଗୁ ମ୍ୟାଗି କି ଚାଓମିନ୍ ଖାଇଦିଏ। ଅଧିକାଂଶ ସମୟ ବାହାରେ ଖାଇବାରୁ ମୋର ଏସିଡିଟି ସମସ୍ୟା ଦେଖାଦେଉଛି। ତେଣୁ ଏବେ ଖାଇବା ଅଭ୍ୟାସରେ କିଛିଟା ପରିବର୍ତ୍ତନ କରିଛି। କୌଣସି ଫାଷ୍ଟଫୁଡ୍ କିମ୍ବା ପ୍ୟାକେଜ୍ଡ ଫୁଡ୍ ବଦଳରେ ସକାଳୁ ନିଜେ ହେଲ୍‌ଦି ଫୁଡ୍ ତିଆରି କରି ଖାଇନେଉଛି।


ବିଜୟ କୃଷ୍ଣ

**ବିଜୟ କୃଷ୍ଣ ସ୍ୱାଇଁ** (ଭୁବନେଶ୍ୱର)– ମୋର ଦ୍ୱିପ୍ରହର ଖାଇବା ସାଧାରଣତଃ ହୋଟେଲ୍ କିମ୍ବା ରେଷ୍ଟୁରାଣ୍ଟରେ ହୋଇଥାଏ। ଅନେକ ସମୟରେ ବିଭିନ୍ନ ରେଡି ଟୁ ଇଟ୍ ଖାଦ୍ୟ ବି କିଣିଆଣି ଖାଇଥାଏ। ସମୟ ଅଭାବ ଯୋଗୁଁ ମୁଁ ଘରୁ ରୋଷେଇ କରି ଆଣିପାରେନି। ହେଲେ ମୋର ଜଣେ ସଂପର୍କୀୟଙ୍କ ଏଭଳି ବାହାର ଖାଇବା ଲାଗି ପେଟରେ ସମସ୍ୟା ହେବା ସହ ଅପରେଶନ କରିବା କଥା ଶୁଣିବା ଦିନଠୁ ଏଥିପ୍ରତି ସଚେତନ ହୋଇଯାଇଛି। ପାଷ୍ଟଫୁଡ୍ ଜାତୀୟ ଖାଦ୍ୟଠାରୁ ଯଥାସମ୍ଭବ ଦୂରେଇବାକୁ ଚେଷ୍ଟା କରୁଛି।

## ଏ ସପ୍ତାହର ପ୍ରଶ୍ନ

୧– ନିକଟରେ ଅଭିନେତା .........ଙ୍କୁ ୫୧ତମ ଦାଦାସାହେବ ଫାଲ୍‌କେ ପୁରସ୍କାର ପ୍ରାପ୍ତ ହୋଇଛି ?
୨– ........... ଏୟାରଲାଇନ୍ସ ପକ୍ଷରୁ ଶ୍ରୀନଗରରୁ ଶାର୍‌ଜାହ ପର୍ଯ୍ୟନ୍ତ ଡାଇରେକ୍ଟ ଫ୍ଲାଇଟ୍ ବ୍ୟବସ୍ଥା ଆରମ୍ଭ କରାଯାଇଛି ?
୩– ଭାରତରେ ପ୍ରଥମ ଥର ପାଇଁ ............ ସହରରେ ନ୍ୟାଶନାଲ୍ ଇଣ୍ଟର–ରିଲିଜିଅସ୍ କନ୍‌ଫରେନ୍ସ ଅନୁଷ୍ଠିତ ହୋଇଯାଇଛି ?
୪– ଅକ୍ଷରଧାମ ମନ୍ଦିରରେ .......... ଦେବତା ପୂଜା ପାଆନ୍ତି ?
୫– ଡିଫେନ୍ସ ଏକ୍ସପୋ ବା ଡିଫ୍ ଏକ୍ସପୋ–୨୦୨୨......... ଠାରେ ଆୟୋଜନ କରାଯିବ ?

## ଗତ ଥରର ଉତ୍ତର

୧ ରଜନୀକାନ୍ତ
୨ ଗୋ ଫାଷ୍ଟ
୩ ନାଗପୁର
୪ ସ୍ୱାମୀ ନାରାୟଣ
୫ ଗାନ୍ଧିନଗର

## ଉତ୍ତରଦାତା


ବିଶ୍ୱରଞ୍ଜନ ମହାନ୍ତି, ତାଳଚେର


ପ୍ରତୀକ ସାହୁ, ବଲାଙ୍ଗୀର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ଅଧିକ ସିଟ୍‌ଯୁକ୍ତ ଷ୍ଟାଡିୟମ୍

୧– ରନ୍‌ଗ୍ରାଡୋ ଫାଷ୍ଟ ଅଫ୍ ମେ ଷ୍ଟାଡିୟମ୍ (ଉତ୍ତର କୋରିଆ).......୧,୫୦,୦୦୦
୨– ସର୍ଦ୍ଦାର ପଟେଲ୍ ଷ୍ଟାଡିୟମ୍ (ଭାରତ)..........................୧,୧୦,୦୦୦
୩– ମିଚିଗାନ୍ ଷ୍ଟାଡିୟମ୍ (ଆମେରିକା)........................... ୧,୦୭,୬୦୧
୪– ବିଭର ଷ୍ଟାଡିୟମ୍ (ଆମେରିକା)............................... ୧,୦୬,୫୭୨
୫– ଓହିଓ ଷ୍ଟାଡିୟମ୍ (ଆମେରିକା)................................ ୧,୦୨,୭୮୦
୬– କାଇଲେ ଫିଲ୍ଡ (ଆମେରିକା).................................. ୧,୦୨,୭୩୩
୭– ନେଲାଣ୍ଡ ଷ୍ଟାଡିୟମ୍ (ଆମେରିକା)........................... ୧,୦୨,୪୫୫
୮– ଟାଇଗର ଷ୍ଟାଡିୟମ୍ (ଆମେରିକା)............................ ୧,୦୨,୩୨୧
୯– ଡାରେଲ୍ କେ ରୟାଲ୍–ଟେକ୍ସାସ୍ ମେମୋରିଆଲ୍ ଷ୍ଟାଡିୟମ୍ (ଆମେରିକା).... ୧,୦୦, ୧୧୯
୧୦– ବ୍ରିଆଣ୍ଟ– ଡେନି ଷ୍ଟାଡିୟମ୍ (ଆମେରିକା).................... ୧ ୦୦,୦୭୭

# ୱିଣ୍ଟର ଫ୍ୟାଶନ୍

**ଶୀତ ଆରମ୍ଭ ହେଲାଣି, ଆଉ ଏଥିପାଇଁ ମାର୍କେଟ୍‌ରେ ଭଳିକି ଭଳି ୱିଣ୍ଟର କଲେକ୍ସନ୍ ବି ମିଳିଲାଣି। ଷ୍ଟାଇଲିଶ୍ ତଥା ଟ୍ରେଣ୍ଡି ୱିଣ୍ଟର ଲୁକ୍ ପାଇଁ ଏଭଳି ନୂଆ କଲେକ୍ସନ୍ କିଣିବା ଲାଗି ବେଶ୍ ଏକ୍ସାଇଟେଡ୍ ଯୁବପିଢ଼ି...**



➔କାଜୁଆଲ୍ ଗେଟ୍‌ଅପ୍‌କୁ ପର୍‌ଫେକ୍ଟ ସୁଟ୍ କରିଥାଏ ଜିପ୍ ଅପ୍‌ସ ହୁଡି । ସାଧାରଣତଃ ସବୁପ୍ରକାର। ଏହାର ସିଙ୍ଗିଲ କଲର କିମ୍ବା କଣ୍ଟ୍ରାଷ୍ଟ ବର୍ଡର ଆଉଟ୍‌ଲାଇନ ଅଧିକ ଆକର୍ଷଣୀୟ ଲାଗିଥାଏ।

➔ମାର୍କେଟ୍‌ରେ ଲାଟେଷ୍ଟ ଡିଜାଇନ୍‌ର ଉଭୟ ପ୍ଲେନ୍ ଏବଂ ପ୍ରିଣ୍ଟେଡ୍ ପୁଲ ଓଭର ହୁଡି ମିଳୁଛି, ଯାହାକି ଲାଟେଷ୍ଟ ଫ୍ୟାଶନ୍ ଟ୍ରେଣ୍ଡରେ ରହିଛି।

➔ଶର୍ଟ ହାଇଟ୍ ଯୁବପିଢ଼ିଙ୍କୁ ଫୁଲ୍ ହ୍ୟାଣ୍ଡ ଅଣ୍ଟା ବା ବେଲ୍ଟ ପର୍ଯ୍ୟନ୍ତ ଲମ୍ବ ଥିବା ସ୍ୱେଟର୍, ଜ୍ୟାକେଟ୍ କିମ୍ବା କାର୍ଡିଗାନ୍ ଆଟ୍ରାକ୍ଟିଭ୍ ଲୁକ୍ ସହ ସ୍ଲିମ୍ ଫିଟ୍ ଏବଂ ଆଟ୍ରାକ୍ଟିଭ୍ ଲୁକ୍ ଦେଇଥାଏ। ସେହିପରି ଡେଙ୍ଗା ହୋଇଥିଲେ ଓଭର ସାଇଜ୍ ବା ଲଙ୍ଗ ହୁଡି ସ୍ମାର୍ଟ ତଥା ଷ୍ଟାଇଲିଶ୍ ଲୁକ୍ ଦେଇଥାଏ।

➔ସ୍ଲିମ୍ ଫିଗର ହୋଇଥିଲେ ଜିପ୍‌ଲେସ୍ କିମ୍ବା ପୁଲ୍ ଓଭର କାର୍ଡିଗାନ୍, ସ୍ୱେଟର ଆପଣଙ୍କ ପାଇଁ ବେଷ୍ଟ ଅପ୍ସନ। ଏହା ଆପଣଙ୍କ ଫିଗରକୁ ହାଇଲାଇଟ୍ କରିବା ସହ ଫ୍ୟାଶନେବଲ୍ ଲାଗିଥାଏ। ଓଭର ସାଇଜ୍ ଫିଗର ହୋଇଥିଲେ ଲାଇଟ୍ ମ୍ୟାଟେରିଆଲ୍ ୱିଣ୍ଟର ଆଉଟ୍‌ଫିଟ୍ ବାଛିଲେ ଭଲ ଦେଖାଯିବେ।

➔ଅଫିସ ଯିବା ପାଇଁ ୱିଣ୍ଟର ସୁଟ୍ ଭଲ ଲାଗିଥାଏ। ବର୍ତ୍ତମାନ ବିଭିନ୍ନ ଆକର୍ଷଣୀୟ କଲରର ଉଲେନ୍ ସୁଟ୍ ମାର୍କେଟ୍‌ରେ ଉପଲବ୍ଧ। ଉଲେନ୍ ଟ୍ରାଉଜର୍ ଏବଂ ବ୍ଲେଜର୍ ଆପଣଙ୍କୁ ଷ୍ଟାଇଲିଶ୍ ଲୁକ୍ ଦେବ। ଏହି ସୁଟ୍ ଇଟାଲିୟନ୍ କଟନ୍ ମ୍ୟାଟେରିଆଲ୍‌ରେ ମଧ୍ୟ ମିଳୁଛି।

➔ଷ୍ଟାଇଲିଶ୍ ଶାର୍ଟ କିମ୍ବା ସୁଟ୍ ସହ ୱିଣ୍ଟର ବୁଟ୍ ବେଶ୍ ମାନିବ। ଏହା ଆପଣଙ୍କ ପାଦକୁ ଉଷୁମ ରଖିବା ସହ ଶୀତଦିନେ ଟ୍ରାଭେଲ କରିବା ବେଳେ ଆରାମ ଲାଗିବ। ଏହା ଆପଣଙ୍କୁ ଶୀତଦିନିଆ ଟ୍ରିପ୍, ଇଭେଣ୍ଟ କିମ୍ବା ଅଫିସିଆଲ୍ ୱାର୍କ ପାଇଁ ଷ୍ଟାଇଲିଶ୍ ଲାଗିବ।



## ଜାଣନ୍ତୁ ଦୁନିଆ

# ସିଟି ଅଫ୍ ହ୍ୱାଇଟ୍ ମାର୍ବଲ

**ତୁର୍କମେନିସ୍ତାନର ରାଜଧାନୀ ଆସଗାବାତ୍‌ରେ ରହିଛି ଧଳା ରଙ୍ଗର ମାର୍ବଲରେ ତିଆରି ଅନେକ ଆକର୍ଷଣୀୟ କୋଠା। ଆଉ ଏଥିପାଇଁ ଏହି ସହର 'ଦି ସିଟି ଅଫ୍ ହ୍ୱାଇଟ୍ ମାର୍ବଲ' ବା 'ଧଳା ମାର୍ବଲ୍‌ର ସହର' ନାଁରେ ବିଶ୍ୱ ପ୍ରସିଦ୍ଧ। ଆସନ୍ତୁ ଜାଣିବା ଏହି ସହର ସମ୍ପର୍କରେ କିଛି ରୋଚକ ତଥ୍ୟ...**



➤ଏଠାରେ ଥିବା କୋଠାଗୁଡ଼ିକ ସମେତ ଷ୍ଟାଚ୍ୟୁ ବା ପ୍ରତିମୂର୍ତ୍ତିଗୁଡ଼ିକ ମଧ୍ୟ ଏକ ଧଳାରଙ୍ଗର ଗ୍ରାଣ୍ଡିଓଜ୍ ମାର୍ବଲରେ ନିର୍ମିତ।

➤ସହରଟିର ଆକର୍ଷଣ ବୃଦ୍ଧି କରେ ଏଠାରେ ଅଧିକାଂଶ ସ୍ଥାନରେ ଧାଡ଼ି ଧାଡ଼ି ହୋଇ ଲାଗିଥିବା ଗଛ ସାଙ୍ଗକୁ ଅନେକ ସ୍ଥାନରେ ସୁସଜ୍ଜିତ ମନଲୋଭା ଫାଉଣ୍ଟେନ୍‌ସବୁ।

➤ଏଥିପାଇଁ ଏହି ସହର ଗିନିଜ୍ ୱାର୍ଲ୍ଡ ଅଫ୍ ବୁକ୍ ରେକର୍ଡ୍‌ସରେ ମଧ୍ୟ ସ୍ଥାନ ପାଇଛି।

➤ସହରର ପ୍ରାୟ ୭୦ ପ୍ରତିଶତ ସ୍ଥାନ ମରୁଭୂମିରେ ଆଚ୍ଛାଦିତ, ସେଥିପାଇଁ ଏଠାକୁ ଖୁବ୍ କମ୍ ଲୋକ ଅର୍ଥାତ୍ ବାର୍ଷିକ ହାରାହାରି ୧୫ ହଜାର ଲୋକ ଆସିଥାଆନ୍ତି।

➤ଏହି ମରୁଭୂମିରେ ଥିବା 'ଡାର୍‌ଭାଜ୍ ଗେଟ୍ କାଟର୍'କୁ ''ଡୋର୍ ଟୁ ହେଲ୍'' ବା '' ନର୍କକୁ ଦ୍ୱାର''କୁହାଯାଏ। କାରଣ, ମରୁଭୂମିରେ ଥିବା ଏହି ସ୍ଥାନଟି ହେଉଛି ବିଶ୍ୱର ସବୁଠାରୁ ବୃହତ୍ତମ ସ୍ଥାନ, ଯାହା ପ୍ରାକୃତିକ ଗ୍ୟାସ ଦ୍ୱାରା ଆଚ୍ଛାଦିତ। ବେଳେବେଳେ ଏହି ସ୍ଥାନଟି ପ୍ରାକୃତିକ କାରଣରୁ ଜଳି ଉଠେ।

➤ଏଠାକାର ଅଧିବାସୀମାନେ ମଧ୍ୟ ଏହାକୁ ନିଜେ ଜାଳି ଏହାର ସୌନ୍ଦର୍ଯ୍ୟକୁ ଉପଭୋଗ କରନ୍ତି।

➤ଏଠାରେ 'ମେଲନ୍' ବା ଖରଭୁଜ ପ୍ରଚୁର ପରିମାଣରେ ମିଳିଥାଏ। ଏହା ବହୁତ ମିଠା ହେବା ସହ ଏଠାକାର ଅଧିବାସୀମାନଙ୍କର ପ୍ରିୟ ଖାଦ୍ୟ ଅଟେ। ସେଥିପାଇଁ ପ୍ରତି ବର୍ଷ ଅଗଷ୍ଟ ମାସ ଦ୍ୱିତୀୟ ରବିବାରରେ ସମସ୍ତେ 'ମେଲନ୍' ଖାଇବା ସହ ଏହା ଦିନକୁ 'ମେଲନ୍ ଦିବସ'ରୂପେ ପାଳନ କରି ଜାତୀୟ ଛୁଟି ମନେଇଥାଆନ୍ତି।

➤ଏଠାରେ ଐତିହାସିକ ସିଲ୍‌କ ରୋଡ୍ ରହିଛି, ଯାହା ୟୁରୋପ ଏବଂ ଚାଇନାକୁ ସଂଯୋଗ କରୁଛି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ରବିବାର, ନଭେମ୍ବର ୭/୨୦୨୧ Bhubaneswar, Sunday, November 7/ 2021

# ପ୍ରଶିକ୍ଷଣ ଶିବିରରେ ୫ ଓଡ଼ିଆ



ଭାରତୀୟ ପ୍ରଶିକ୍ଷଣ ଶିବିରକୁ ମନୋନୀତ ହୋଇଥିବା ୫ ଓଡ଼ିଆ ହକି ଖେଳାଳି।

**ନୂଆଦିଲ୍ଲୀ,୬।୧୧**

ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ନଭେମ୍ବର ୨୪ ତାରିଖରୁ ଜୁନିୟର ହକି ବିଶ୍ୱକପ୍ ଆରମ୍ଭ ହେବାକୁ ଯାଉଛି। ଏହି ମେଗା ଇଭେଣ୍ଟ ପାଇଁ ଆୟୋଜନ ହେବାକୁ ଥିବା ପ୍ରସ୍ତୁତି ଶିବିରରେ ଯୋଗ ଦେବାକୁ ହକି ଇଣ୍ଡିଆ ୨୪ ଜଣିଆ ଭାରତୀୟ ଖେଳାଳିଙ୍କୁ ନେଇ ଏକ କୋର୍ ପ୍ରୋବାବଲ ଗ୍ରୁପ୍ ଘୋଷଣା କରିଛି। କଳିଙ୍ଗ ଷ୍ଟାଡିୟମରେ ରବିବାରଠାରୁ ଏହି ଶିବିର ଆରମ୍ଭ ହେବ।

ଏହି ଶିବିରରେ ୫ଜଣ ଓଡ଼ିଆ ଖେଳାଳିଙ୍କୁ ସାମିଲ କରାଯାଇଛି। ଏମାନଙ୍କ ମଧ୍ୟରୁ କଟକର ଜଣେ ଓ ବାକି ୪ ଖେଳାଳି ସୁନ୍ଦରଗଡ଼ର। ସେମାନେ ହେଲେ କଟକର ସାହିଲ କୁମାର ନାୟକ (ଗୋଲ କିପର), ସୁନ୍ଦରଗଡର ସୁଦୀପ ଚିରମାକୁ (ଫରୱାର୍ଡ) ସମେତ ଅଭିଷେକ ଲକଡା, ସିରିଲ ଲୁଗୁନ ଓ ସୁନୀଲ ଜୋଜୋ (ସମସ୍ତେ ଡିଫେଣ୍ଡର)। ପ୍ରଥମଥର ପାଇଁ ଜଣେ ଓଡ଼ିଆ ଗୋଲକିପର ଭାବେ ସାହିଲ ଏହି କୋର ପ୍ରୋବାବଲ ଗ୍ରୁପ୍‌କୁ ମନୋନୀତ ହୋଇଛନ୍ତି।

ମନୋନୀତ ହୋଇଥିବା ଖେଳାଳିମାନେ ନଭେମ୍ବର ୭ରେ ମୁଖ୍ୟ କୋଚ୍ ଗ୍ରାହମ ରିଡ ଓ କୋଚ୍ ବି.ଜେ. କାରିଆପ୍ପାଙ୍କୁ ରିପୋର୍ଟ କରିବେ ବୋଲି ହକି ଇଣ୍ଡିଆ ତରଫରୁ କୁହାଯାଇଛି। ଏହି ମେଗା ଇଭେଣ୍ଟରେ ବିଶ୍ୱର ଶ୍ରେଷ୍ଠ ୧୬ଟି ଦଳ ଅଂଶଗ୍ରହଣ କରିବେ। ବେଙ୍ଗାଲୁରୁସ୍ଥିତ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ)ରେ ଗତ କେତେମାସ ଧରି ଆୟୋଜିତ ହୋଇଥିବା କ୍ୟାମ୍ପରେ ଜୁନିୟର ଖେଳାଳିମାନେ ବିଶ୍ୱକପ୍ ପାଇଁ ପ୍ରସ୍ତୁତି ଚଳାଇଥିଲେ। ଏଥିରେ ମୋଟ ୩୬ ଜଣ ଖେଳାଳି ଯୋଗ ଦେଇଥିଲେ। ଏମାନଙ୍କ ମଧ୍ୟରେ ୭ ଜଣ ଓଡ଼ିଶା ଖେଳାଳି ସାମିଲ ଥିଲେ। ଆଗାମୀ ୨୦ ତାରିଖ ପୂର୍ବରୁ ବିଶ୍ୱକପ୍ ପାଇଁ ଅନ୍ତିମ ଦଳ ଘୋଷଣା କରାଯିବ।

ବିଶ୍ୱକପ୍ ଆରମ୍ଭ ହେବାକୁ ଆଉ ମାତ୍ର ୩ ସପ୍ତାହ ବାକିଥିବା ବେଳେ ମନୋନୀତ ହୋଇଥିବା ଏହି ଖେଳାଳିମାନେ କଳିଙ୍ଗ ହକି ଷ୍ଟାଡିୟମ ସହ ଅଭ୍ୟସ୍ତ ହେବା ପାଇଁ ଓ ସେଠାରେ ଖାପ ଖୁଆଇବା ପାଇଁ ଏହି ଶିବିରରେ ଯୋଗ ଦେବେ। ପୁଲ୍ ବି'ରେ ଆୟୋଜକ ତଥା ଗତଥରର ଚାମ୍ପିୟନ ଭାରତ ସମେତ କାନାଡା, ଫ୍ରାନ୍ସ ଓ ପୋଲାଣ୍ଡ ସ୍ଥାନ ପାଇଛନ୍ତି। ସେହିପରି ପୁଲ୍ ଏ'ରେ ବେଲଜିୟମ, ମାଲେସିଆ, ଦକ୍ଷିଣ ଆଫ୍ରିକା ଓ ଚିଲି ସାମିଲ ହୋଇଛନ୍ତି। ପୁଲ୍ ସି'ରେ ନେଦରଲାଣ୍ଡ୍ସ, ସ୍ପେନ, କୋରିଆ ଓ ଆମେରିକା ସ୍ଥାନ ପାଇଛନ୍ତି। ସେହିପରି ପୁଲ ଡି'ରେ ଜର୍ମାନୀ, ଆର୍ଜେଣ୍ଟିନା, ପାକିସ୍ତାନ ଓ ଇଜିପ୍ଟକୁ ସାମିଲ କରାଯାଇଛି।

### ଜୁନିୟର ପୁରୁଷ ହକି ବିଶ୍ୱକପ୍

**କୋର ପ୍ରୋବାବଲ ଗ୍ରୁପ୍:** ପବନ, ପ୍ରଶାନ୍ତ କୁମାର ଚୌହାନ, ସାହିଲ କୁମାର ନାୟକ, ସଞ୍ଜୟ, ଯଶଦୀପ ସିୱାଚ୍, ଶରଦାନନ୍ଦ ତିୱାରୀ, ଅଭିଷେକ ଲାକ୍ରା, ମନଜିତ, ଦୀନଚନ୍ଦ୍ର ସିଂ ମୋଇରାଙ୍ଗଥେମ, ସୁନୀଲ ଜୋଜୋ, ସିରିଲ ଲୁଗୁନ, ବିବେକ ସାଗର ପ୍ରସାଦ, ରବିଚନ୍ଦ୍ର ସିଂ ମୋଇରାଙ୍ଗଥେମ, ବିଷ୍ଣୁକାନ୍ତ ସିଂ, ଗୁରମୁଖ ସିଂ, ଅଙ୍କିତ ପଲ, ମାରିସ୍ୱରନ ସାକଥିଭେଲ, ଉତ୍ତମ ସିଂ, ମନିନ୍ଦର ସିଂ, ଅରାଇଜିତ ସିଂ ହୁଣ୍ଡାଲ, ସୁଦୀପ ଚିରମାକୋ, ରାହୁଲ କୁମାର ରାଜଭର, ବବି ସିଂ ଧାମି ଓ ପ୍ରଭୋଜୋତ ସିଂ।

# ରାବାଡାଙ୍କ ହ୍ୟାଟ୍ରିକ: ଦକ୍ଷିଣ ଆଫ୍ରିକା ବିଜୟୀ

**ଶାରଜା,୬।୧୧**

ଚଳିତ ଟି୨୦ ବିଶ୍ୱକପ୍ ଗ୍ରୁପ୍-୧ର ଅନ୍ତିମ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ୧୦ ରନରେ ଇଂଲଣ୍ଡକୁ ପରାସ୍ତ କରିଛି। ଅନ୍ତିମ ଓଭରରେ ହ୍ୟାଟ୍ରିକ ଉଇକେଟ ହାସଲ କରି ଦ୍ରୁତ ବୋଲର କାଗିସୋ ରାବାଡ଼ା ଦଳକୁ ବିଜୟୀ କରାଇଛନ୍ତି। ସେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ବଲ୍‌ରେ ଯଥାକ୍ରମେ କ୍ରିସ୍ ୱକ୍ସ, ଇଅନ ମୋର୍ଗାନ ଓ କ୍ରିସ୍ ଜୋର୍ଡାନଙ୍କୁ ଆଉଟ କରି ଚଳିତ ବିଶ୍ୱକପ୍‌ର ତୃତୀୟ ହ୍ୟାଟ୍ରିକ ଅର୍ଜନ କରିଛନ୍ତି। ପ୍ରଥମେ ବ୍ୟାଟିଂ କରି ଦକ୍ଷିଣ ଆଫ୍ରିକା ୨ ଉଇକେଟ ହରାଇ ୧୮୯ ରନ ସଂଗ୍ରହ କରିଥିଲା। ଜବାବରେ ଇଂଲଣ୍ଡ ୮ ଉଇକେଟ ହରାଇ ୧୭୯ ରନରେ ସୀମିତ ରହି ପରାସ୍ତ ହୋଇଥିଲା। ବିଜୟ ସତ୍ତ୍ୱେ ଦକ୍ଷିଣ ଆଫ୍ରିକା ସେମିଫାଇନାଲକୁ ଉଠିବାରେ ବିଫଳ ହୋଇଛି। ସମାନ ୮ ପଏଣ୍ଟ ପାଇଥିଲେ ମଧ୍ୟ ଉନ୍ନତ ରନରେଟ୍ ଭିତ୍ତିରେ ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ସେମିକୁ ଉଠିଛନ୍ତି। ଇଂଲଣ୍ଡ ତରଫରୁ ମୋଇନ ଅଲି ସର୍ବାଧିକ ୩୭, ଡାୱିଦ ମଲନ ୩୩, ଲିଆମ ଲିଭିଙ୍ଗଷ୍ଟୋନ୍ ୨୮, ଜୋସ୍ ବଟଲର ୨୬, ଜାସନ ରୟ ୨୦ରନ କରି ଆଉଟ ହୋଇଥିଲେ। ବୋଲିଂରେ ଦକ୍ଷିଣ ଆଫ୍ରିକା ତରଫରୁ ରାବାଡା ୩, ତାବରେଜ ସାମ୍‌ସି ଓ ଡ୍ୱେନ ପ୍ରିଟୋରିଅସ୍ ୨ଟି ଲେଖାଏ, ଅନରିଚ୍ ନୋର୍ଜ ୧ଉଇକେଟ ଅକ୍ତିଆର କରିଥିଲେ। ବିସ୍ଫୋରକ ଇନିଂସ ପାଇଁ ରସି ଭାନ୍ ଡର ଡୁସେନ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି।

ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଦକ୍ଷିଣ ଆଫ୍ରିକା ଓପନର ରିଜା ହେଣ୍ଡ୍ରିକ୍ସଙ୍କୁ ହରାଇ ପ୍ରାରମ୍ଭିକ ଝଟକା ଖାଇଥିଲା। ହେଣ୍ଡ୍ରିକ୍ସ ୨, କ୍ୱିଣ୍ଟନ ଡିକକ୍ ୩୪ ରନ ସଂଗ୍ରହ କରିଥିଲେ। ତୃତୀୟ ଉଇକେଟରେ ଡୁସେନ ଓ ମାରାକ୍ରାମ ୫୨ ବଲରୁ ଅପରାଜିତ ୧୦୩ ରନ ସଂଗ୍ରହ କରିଥିଲେ। ୬୦ ବଲର ସମ୍ମୁଖୀନ ହୋଇ ୫ ଚୌକା ଓ ୬ ଛକା ସହ ୯୪ ରନକରି ଡୁସେନ ଅପରାଜିତ ରହିଥିଲେ। ମାରାକ୍ରାମ ୨୫ ବଲରୁ ୨ ଚୌକା ଓ ୪ ଛକା ସହ ୫୨ ରନର ଅର୍ଦ୍ଧଶତକୀୟ ଇନିଂସ ଖେଳି ଅପରାଜିତ ରହିଥିଲେ। ବୋଲିଂରେ ଇଂଲଣ୍ଡ ତରଫରୁ ମୋଇନ ଓ ରସିଦ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

### ଟି୨୦ ବିଶ୍ୱକପ

(ଆଜିର ମ୍ୟାଚ)

**ନ୍ୟୁଜିଲାଣ୍ଡ ବନାମ ଆଫଗାନିସ୍ତାନ**
ସ୍ଥାନ: ଆବୁଧାବି, ସମୟ: ଅପରାହ୍ନ ୩ଟା ୩୦

**ପାକିସ୍ତାନ ବନାମ ସ୍କଟଲାଣ୍ଡ**
ସ୍ଥାନ: ଶାରଜା, ସମୟ: ରାତି ୭ଟା ୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ



ଶତକୀୟ ଭାଗୀଦାରି ପରେ ରସି ଭାନ ଡର ଡୁସେନ ଓ ଏଡେନ ମାରାକ୍ରାମ।

**ସଂକ୍ଷିପ୍ତ ସ୍କୋର**

ଦକ୍ଷିଣ ଆଫ୍ରିକା ୨୦ ଓଭରରେ ୧୮୯/୨ (ରସି ଭାନ ଡର ଡୁସେନ- ୯୪*, ଏଡେନ ମାରକ୍ରାମ- ୫୨*, କ୍ୱିଣ୍ଟନ ଡିକକ- ୩୪, ମୋଇନ ଅଲି- ୧/୨୭, ଆଦିଲ ରସିଦ- ୧/୩୨)। ଇଂଲଣ୍ଡ ୨୦ ଓଭରରେ ୧୭୯/୮ (ମୋଇନ ଅଲି- ୩୭, ଡାୱିଦ ମଲନ- ୩୩, ଲିଆମ ଲିଭିଙ୍ଗଷ୍ଟୋନ- ୨୮, ଜୋଶ ବଟଲର- ୨୬, କାଗିସୋ ରାବାଡା- ୩/୪୮, ତାବରେଜ ସାମସି- ୨/୨୪, ଡ୍ୱେନ ପ୍ରିଟୋରିୟସ- ୨/୩୦)।

# ଅବସର ଘୋଷଣା ନ କରି ଶେଷ ବିଶ୍ୱକପ୍ ଖେଳିଲେ ଗେଲ୍

**ଆବୁଧାବି,୬।୧୧**

ୱେଷ୍ଟଇଣ୍ଡିଜ ଅଭିଜ୍ଞ ଓପନର ତଥା ୟୁନିଭର୍ସ ବସ୍ ରୂପେ ପରିଚିତ କ୍ରିସ୍ ଗେଲ କ୍ୟାରିୟରର ଅନ୍ତିମ ଟି୨୦ ବିଶ୍ୱକପ୍ ଖେଳିଛନ୍ତି। ଆନୁଷ୍ଠାନିକ ଭାବେ ଅବସର ଘୋଷଣା କରି ନ ଥିଲେ ମଧ୍ୟ ସେ ତାଙ୍କର ଅନ୍ତିମ ଅନ୍ତର୍ଜାତୀୟ ଟି୨୦ ମ୍ୟାଚ୍ ଖେଳିଛନ୍ତି ବୋଲି ଅନେକଙ୍କର ମନେ ହୋଇଥିଲା। କିନ୍ତୁ ଜାମାଇକାରେ ଘରୋଇ ଦର୍ଶକଙ୍କ ସମ୍ମୁଖରେ ଏକ ମ୍ୟାଚ୍ ଖେଳି ଅବସର ନେବାକୁ ଚାହାନ୍ତି ବୋଲି ଗେଲ୍ କହିଛନ୍ତି। ଶନିବାର ଶେଖ ଜାଏଦ ଷ୍ଟାଡିୟମରେ ଅନୁଷ୍ଠିତ ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚ୍‌ରେ ସେ ଅବଶ୍ୟ ସଫଳ ହୋଇ ନ ଥିଲେ। ସେ ୯ଟି ବଲର ସମ୍ମୁଖୀନ ହୋଇ ୨ଟି ଛକା ମାରି ମାତ୍ର ୧୫ ରନ ସଂଗ୍ରହ କରି ଆଉଟ ହୋଇଥିଲେ।

୪୨ ବର୍ଷୀୟ ଗେଲ୍ ତୃତୀୟ ଓଭରର ପ୍ରଥମ ବଲ୍‌ରେ ପ୍ୟାଟ କମିନ୍ସଙ୍କୁ ଛକା ମାରିଥିଲେ। ଏହାପର ବଲରେ ସେ ବୋଲ୍ଡ ହୋଇଥିଲେ। ପ୍ୟାଭିଲିୟନକୁ ଫେରିବା ଅବସରରେ ସେ ବ୍ୟାଟ ହଲାଇ ଷ୍ଟାଡିୟମରେ ଉପସ୍ଥିତ ଥିବା ଦର୍ଶକଙ୍କଠାରୁ ଅଭିବାଦନ ଗ୍ରହଣ କରିଥିଲେ। ଟି୨୦ କ୍ରିକେଟରେ ସେ ୧୦୪୫ତମ ଛକା ମାରିବା ପରେ ହିଁ ଆଉଟ ହୋଇଥିଲେ। ଟି୨୦ କ୍ରିକେଟରେ ତାଙ୍କ ପ୍ରଦର୍ଶନ ଦୃଷ୍ଟାନ୍ତମୂଳକ ରହିଆସିଛି।

ତେବେ ଗେଲ୍ ଏ ପର୍ଯ୍ୟନ୍ତ ଆନୁଷ୍ଠାନିକ ଭାବେ ତାଙ୍କର ଅବସର ନେଇ ଘୋଷଣା କରିନାହାନ୍ତି। ଚଳିତ ବିଶ୍ୱକପ୍‌ରେ ୱେଷ୍ଟଇଣ୍ଡିଜ ଓ ଗେଲ୍‌ଙ୍କ ପ୍ରଦର୍ଶନ ଆଶାନୁରୂପ ହୋଇପାରି ନାହିଁ। ଆମେ ଗେଲ୍‌ଙ୍କୁ ୱେଷ୍ଟଇଣ୍ଡିଜ ଜର୍ସିରେ ଶେଷଥର ପାଇଁ ଦେଖୁଛୁ ବୋଲି କମେଣ୍ଟେଟର ଇଆନ ବିଶପ କହିଛନ୍ତି। ସେହିପରି ଗେଲ୍ ଟି୨୦ ଫର୍ମାଟର ସର୍ବଶ୍ରେଷ୍ଠ ଖେଳାଳି ବୋଲି ଭାରତୀୟ ପୂର୍ବତନ ବ୍ୟାଟ୍ସମ୍ୟାନ ଭିଭିଏସ୍ ଲକ୍ଷ୍ମଣ କହିଛନ୍ତି। ୧୯୯୯ରେ ଗେଲ୍ ୱେଷ୍ଟଇଣ୍ଡିଜ ପାଇଁ ପଦାର୍ପଣ କରିଥିଲେ। ୱେଷ୍ଟଇଣ୍ଡିଜ ଟି୨୦ ବିଶ୍ୱକପ୍‌ରେ ଦୁଇଥର ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛି। ଗେଲ୍ ଏହି ଦୁଇଟି ବିଶ୍ୱକପ୍‌ରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିଲେ। ସେହିପରି ଗେଲ୍‌ଙ୍କ ଅନ୍ୟତମ ସାଥୀ ଖେଳାଳି ଡ୍ୱେନ ବ୍ରାଭୋ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି।

ଦୁଇଥର ବିଶ୍ୱକପ୍ ଟାଇଟଲ ହାସଲ କରିଥିବା ସୁପରଷ୍ଟାର ଗେଲ୍ ୭୯ ଟି୨୦ ମ୍ୟାଚ୍ ଖେଳି ୧୮୯୯ ରନ ସଂଗ୍ରହ କରିଛନ୍ତି। ୧୩୭. ୩୧ ଷ୍ଟ୍ରାଇକ ରେଟ୍‌ରେ ସେ ୨୮.୧୧ ହାରରେ ରନ ସଂଗ୍ରହ କରିଛନ୍ତି। ଏଥିରେ ଦୁଇଟି ଶତକ ଓ ୧୪ଟି ଅର୍ଦ୍ଧଶତକ ସାମିଲ ରହିଛି। ସେ ମଧ୍ୟ ଟି୨୦ ଫର୍ମାଟରେ ୧୯ଟି ଉଇକେଟ ହାସଲ କରିଛନ୍ତି। ନିୟମିତ ଭାବେ ଇନିଂସ ଓପନ କରୁଥିବା ଗେଲ୍ ଏଥର ବିଶ୍ୱକପ୍‌ରେ ୩ ନମ୍ବରରେ ବ୍ୟାଟିଂ କରିଛନ୍ତି।

ଟି୨୦ କ୍ୟାରିୟରରେ ଗେଲ୍ ମୋଟ ଉପରେ ୪୪୫ଟି ଇନିଂସରୁ ୧୪, ୩୨୧ ରନ ସଂଗ୍ରହ କରିଛନ୍ତି। ଏଥିରେ ୨୨ଟି ଶତକ ସାମିଲ ରହିଛି। ସେ ୬୬ ବଲରୁ ୧୭୫ ରନ ସଂଗ୍ରହ କରି ବିଶ୍ୱ ରେକର୍ଡ ସ୍ଥାପନ କରିଥିଲେ। ସେ ଆଉ ୱେଷ୍ଟଇଣ୍ଡିଜ ପାଇଁ ଖେଳିବା ଆଶା କରାଯାଉ ନାହିଁ। ତେବେ ସେ ବିଦେଶୀ ଲିଗ୍‌ରେ ଖେଳ ଜାରି ରଖିବେ ବୋଲି ଆଶା କରାଯାଉଛି। ୨୦୧୪ ପରଠାରୁ ଗେଲ୍ କୌଣସି ଟେଷ୍ଟ ମ୍ୟାଚ୍ ଖେଳିନାହାନ୍ତି। ୨୦୧୯ରେ ସେ ଶେଷଥର ପାଇଁ ଦିନିକିଆ ମ୍ୟାଚ୍ ଖେଳିଥିଲେ। ସବୁ ଫର୍ମାଟରେ ସେ ସୁପରଷ୍ଟାର ବିବେଚିତ ହୋଇ ଆସିଛନ୍ତି। ସେ ୧୦୩ଟି ଟେଷ୍ଟ ଖେଳି ୭୨୧୪ ରନ ସଂଗ୍ରହ କରିଛନ୍ତି। ସେହିପରି ୩୦୧ଟି ଦିନିକିଆ ମ୍ୟାଚ୍ ଖେଳି ୧୦୪୮୦ ରନ ସଂଗ୍ରହ କରିଛନ୍ତି। ସେ ମଧ୍ୟ ପୂର୍ବରୁ ୱେଷ୍ଟଇଣ୍ଡିଜର ନେତୃତ୍ୱ ନେଇଛନ୍ତି। ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚ୍ ଖେଳି ଡ୍ୱେନ ବ୍ରାଭୋ ଅନ୍ତର୍ଜାତୀୟ କ୍ରିକେଟରୁ ବିଦାୟ ନେଇଛନ୍ତି। ଯଦି ଫିଟନେସ ବଜାୟ ରହେ ସେ ଫ୍ରାଞ୍ଚାଇଜ କ୍ରିକେଟ ଖେଳିବା ଜାରି ରଖିବେ ବୋଲି ଗେଲ୍ କହିଛନ୍ତି।



ଜଣେ ପ୍ରଶଂସକଙ୍କୁ ଗ୍ଲୋଭ୍‌ସ ଦେଉଛନ୍ତି କ୍ରିସ୍ ଗେଲ୍।

## ବିବିସି ଶୋ'ରୁ ଭନ୍ ବାଦ୍ ପଡିଲେ

**ଲଣ୍ଡନ, ୬।୧୧:** ପୂର୍ବତନ ଇଂଲଣ୍ଡ ଅଧିନାୟକ ମାଇକେଲ ଭନ୍ ଜଣାଶୁଣା ନିଉଜ୍ ଏଜେନ୍ସି ବିବିସିରୁ ବାଦ୍ ପଡିଛନ୍ତି। ତାଙ୍କ ବିରୋଧରେ ବର୍ଣ୍ଣ ବୈଷମ୍ୟ ଆକ୍ଷେପ କରାଯିବା ପରେ ଏଭଳି ନିଷ୍ପତ୍ତି ନିଆଯାଇଛି। ଭନ୍ ବିବିସି ୫ ଲାଇଭ୍ସ 'ଦି ଟଫର୍ସ ଆଣ୍ଡ ଭନ କ୍ରିକେଟ ଶୋ' ପାଇଁ ଟେଷ୍ଟ ମ୍ୟାଚ ସ୍ପେଶିଆଲର ଆନାଲିଷ୍ଟ ଭାବେ କାର୍ଯ୍ୟ କରୁଥିଲେ। ୨୦୦୯ରେ ୟର୍କସାୟାର ମ୍ୟାଚ୍‌ରେ ଖେଳାଯିବା ପୂର୍ବରୁ ଭନ୍ ବର୍ଣ୍ଣବୈଷମ୍ୟ ଆକ୍ଷେପ କରିଥିଲେ। ଅଜିମ ରାଫିକ ନାମକ ଜଣେ ଖେଳାଳି ଏହି ଅଭିଯୋଗ ଆଣିଥିଲେ। ଭନ ୧୯୯୧ରୁ ଇଂଲଣ୍ଡ ପାଇଁ ଖେଳିବା ଆରମ୍ଭ କରିଥିଲେ ଓ ୨୦୦୯ରେ ଅବସର ଗ୍ରହଣ କରିଥିଲେ। ରାଫିକଙ୍କ ସମେତ କେତେଜଣ ଏସୀୟ ଖେଳାଳିଙ୍କ ବିରୋଧରେ ସେ ଆକ୍ଷେପ କରି ମନ୍ତବ୍ୟ ଦେଇଥିଲେ। ୨୦୦୯ରେ ନଟିଂହାମଶାୟର ବିପକ୍ଷରେ ୟର୍କଶାୟାର ମ୍ୟାଚ୍ ଖେଳିବା ପୂର୍ବରୁ ଏଭଳି ଘଟଣା ଘଟିଥିଲା। ଏହି ମ୍ୟାଚ୍‌ରେ ରଫିକ ପ୍ରଥମଥର ପାଇଁ ପେସାଦାର ମ୍ୟାଚ୍ ଖେଳିଥିଲେ। ତେବେ ୧୦ ବର୍ଷ ତଳେ ଘଟିଥିବା ଘଟଣାକୁ ନେଇ ଏବେ କାର୍ଯ୍ୟାନୁଷ୍ଠାନ ନିଆଯିବା ଦୁର୍ଭାଗ୍ୟଜନକ ବୋଲି ସେ କହିଛନ୍ତି। ବର୍ଣ୍ଣବୈଷମ୍ୟ ଆକ୍ଷେପ ଅଭିଯୋଗକୁ ଭନ ଅସ୍ୱୀକାର କରିଛନ୍ତି।

# ମହାରାଷ୍ଟ୍ର ନିକଟରୁ ହାରିଲା ଓଡ଼ିଶା

**ଭୁବନେଶ୍ୱର, ୬।୧୧ (ସ୍ପୋର୍ଟ୍ସ ବ୍ୟୁରୋ):** ଲକ୍ଷ୍ନୌସ୍ଥିତ ଅଟଳ ବିହାରୀ ବାଜପାୟୀ ଏକନା କ୍ରିକେଟ ଷ୍ଟାଡିୟମ-ବି'ଠାରେ ଶନିବାର ଚଳିତ ସିନିୟର ପୁରୁଷ ସୟଦ ମୁସ୍ତାକ ଅଲୀ ଟ୍ରଫି ୨୦୨୧-୨୨ ମ୍ୟାଚରେ ମହାରାଷ୍ଟ୍ର ନିକଟରୁ ଓଡ଼ିଶା ୨୭ ରନରେ ପରାସ୍ତ ହୋଇଛି। ଏହି ମ୍ୟାଚରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ମହାରାଷ୍ଟ୍ର ନିର୍ଦ୍ଧାରିତ ୨୦ ଓଭରରେ ୮ଉଇକେଟ ବିନିମୟରେ ୧୮୩ ରନ ସଂଗ୍ରହ କରିଥିଲା। ଋତୁରାଜ ଗାଏକ୍ୱାଡ ୮୧ (୪୭ବଲ୍) ଓ କେ.ଏମ୍. ଯାଦବ ୫୫ (୩୫) ରନ କରିଥିଲେ। ଓଡ଼ିଶା ଦଳ ତରଫରୁ ଦେବବ୍ରତ ପ୍ରଧାନ ୩ଟି ଉଇକେଟ ନେଇଥିବା ବେଳେ ବିକାଶ ରାଉତ ଓ ଜୟନ୍ତ ବେହେରା ୨ଟି ଲେଖାଏଁ ଉଇକେଟ ପାଇଥିଲେ। ଓଡ଼ିଶା ଦଳ ବ୍ୟାଟିଂ କରିବାକୁ ଯାଇ ୧୮.୫ ଓଭରରେ ୧୫୬ ରନ କରି ଅଲଆଉଟ ହୋଇଯାଇଥିଲା।

## ଓଡ଼ିଶା ବିପକ୍ଷରେ ରେଲୱେ ବିଜୟୀ

**ଭୁବନେଶ୍ୱର, ୬।୧୧ (ସ୍ପୋର୍ଟ୍ସ ବ୍ୟୁରୋ):** ପୁଣେସ୍ଥିତ ଆଜାମ କ୍ୟାମ୍ପସଠାରେ ଶନିବାର ଖେଳାଯାଇଥିବା ରେଲୱେ ବିପକ୍ଷ ସିନିୟର ମହିଳା ଏଲିଟ୍ ବି' ଦିନିକିଆ ଲିଗ୍ ମ୍ୟାଚରେ ରେଲୱେ ୮ଉଇକେଟରେ ବିଜୟ ଲାଭ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ୪୭.୪ ଓଭରରେ ୧୦୭ ରନ କରି ଅଲଆଉଟ ହୋଇଯାଇଥିଲା। ଅଧିନାୟିକା ମଧୁସ୍ମିତା ବେହେରା ୨୫ ଓ ରୋସନାରା ପରୱିନ ୨୧ ରନ କରିଥିଲେ। ବିପକ୍ଷ ଦଳର ଏକତା ବିସ୍ତ ମାତ୍ର ୧୦ ରନ ବିନିମୟରେ ୪ ଉଇକେଟ ଅକ୍ତିଆର କରିଥିବାବେଳେ ରେଣୁକା ସିଂ ଓ ଟି. ସରକାର ୨ଟି ଲେଖାଏଁ ଉଇକେଟ ନେଇଥିଲେ। ଜବାବରେ ରେଲୱେ ୨୦.୧ ଓଭରରେ ମାତ୍ର ୨ ଉଇକେଟ ବିନିମୟରେ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା।

# ଓଡ଼ିଶା ଏଫ୍‌ସି-ଆଭାଇ କ୍ଲବ ସହଭାଗିତା

**ଭୁବନେଶ୍ୱର,୬।୧୧(ସ୍ପୋର୍ଟ୍ସ ବ୍ୟୁରୋ):** ବିଶ୍ୱରେ ଫୁଟବଲରେ ସହଭାଗିତା ଓ ବିକାଶ ନେଇ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇ ଅଭିଯାନ ଆରମ୍ଭ କରିଥିବା ଓଡ଼ିଶା ଏଫ୍‌ସି ଆଉ ଏକ ବଡ଼ ପଦକ୍ଷେପ ଗ୍ରହଣ କରିଛି। ଓଡ଼ିଶା ଏଫ୍‌ସି ବ୍ରାଜିଲର ଜଣାଶୁଣା ଆଭାଇ ଫୁଟବଲ କ୍ଲବ ସହ ଏକାଠି କାର୍ଯ୍ୟ କରିବାକୁ ନିଷ୍ପତ୍ତି ନେଇଛି। ଏ ନେଇ ଦୁଇ କ୍ଲବ ମଧ୍ୟରେ ଆପୋସ ସହଭାଗିତା ହୋଇଛି ଓ ଓଡ଼ିଶା ଏଫ୍‌ସି ଏ ନେଇ ଶୁକ୍ରବାର ଘୋଷଣା କରିଛି। ଦେଶର ପ୍ରଥମ କ୍ଲବ ଭାବେ ଓଡ଼ିଶା ଏଫ୍‌ସି ବ୍ରାଜିଲର କୌଣସି ଫୁଟବଲ କ୍ଲବ ସହ ସହଭାଗିତା ତଥା ବୁଝାମଣା ସ୍ଥାପନ କରିଛି। ଏହି ଐତିହାସିକ ବୁଝାମଣା ଦ୍ୱାରା ଉଭୟ ଦେଶ ଓ କ୍ଲବ ବହୁତ ଲାଭ ପାଇବେ। ଫୁଟବଲର ବିକାଶ ଓ କ୍ରୀଡ଼ା ଦୃଷ୍ଟିକୋଣରୁ ବ୍ୟବସାୟିକ ଲାଭ ହେଉଛି ଏହି ବୁଝାମଣାର ମୁଖ୍ୟ ଲକ୍ଷ୍ୟ। ବ୍ରାଜିଲର ସାଣ୍ଟା କାଟାରିନାର ଫ୍ଲୋରିଆନୋପଲିସ୍‌ରେ ଆଭାଇ ଏଫ୍‌ସି ଅବସ୍ଥିତ। ଅଭାଇ ଏଫ୍‌ସିର ଏକାଡେମୀ ବେଶ୍ ଜଣାଶୁଣା ଓ ତାରକା ଖେଳାଳିମାନେ ଏଠାରେ ସୃଷ୍ଟି ହୋଇଆସିଛନ୍ତି। ୧୦୦ ବର୍ଷର ଇତିହାସରେ ଏହି କ୍ଲବ ସବୁବେଳେ ଯୁବ ଫୁଟବଲ ପ୍ରତିଭା ଚିହ୍ନଟ ଓ ଏହାର ବିକାଶ ପାଇଁ କାର୍ଯ୍ୟ କରିଆସିଛି। ଏହି କ୍ଲବ ସହ ବୁଝାମଣା କରି ଆମେ ବେଶ୍ ଉତ୍ସାହିତ ବୋଲି ଓଡ଼ିଶା ଏଫ୍‌ସି ଅଧ୍ୟକ୍ଷ ରାଜ ଅଠୱାଲ କହିଛନ୍ତି। ସେହିପରି ବ୍ରାଜିଲ ଏକ ଫୁଟବଲ ପାୱାର ହାଉସ୍ ହୋଇଥିବାରୁ ଏହ ସହଭାଗିତାରୁ ଆମେ ଫାଇଦା ଉଠାଇପାରିବୁ ବୋଲି ରାଜ୍ୟ କ୍ରୀଡ଼ା ଓ ଯୁବସେବା କମିଶନର ଓ ସଚିବ ଆର. ଭିନିଲ କ୍ରିଷ୍ଣା କହିଛନ୍ତି। ସେହିପରି ଫୁଟବଲର ବିକାଶ ପାଇଁ ଓଡ଼ିଶା ଏଫ୍‌ସି ସହ ମିଳିତ ଭାବେ କାର୍ଯ୍ୟକରିବାକୁ ଆମେ ଉତ୍ସାହିତ ଅଛୁ ବୋଲି ଆଭାଇ ଏଫ୍‌ସି ଅଧ୍ୟକ୍ଷ ଫ୍ରାନ୍ସିସ୍କୋ ଜୋଶ ବାତିସ୍ତୋଟି କହିଛନ୍ତି।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

# ଅସ୍ତିତ୍ୱ ହରାଉଛି ଉଷ୍ଣ ପ୍ରସ୍ରବଣ

ଖୋର୍ଦ୍ଧା ଅଫିସ,୬।୧୧

■ ଚାରିଆଡ଼େ ମାଡ଼ିଗଲାଣି ଗୁଳ୍ମ
■ ଶୋଚନୀୟ ଅବସ୍ଥାରେ କୁଆକୁଣ୍ଡ

ଖୋର୍ଦ୍ଧା ଜିଲା ବାଘମାରୀ ପଞ୍ଚାୟତ ଅତ୍ରୀଠାରେ ରହିଛି ଉଷ୍ଣ ପ୍ରସ୍ରବଣ। ନିକଟରେ ରହିଛି ଏକାଦଶ ରୁଦ୍ର ହଟ୍ଟକେଶ୍ୱରଙ୍କ ପୀଠ। ବର୍ଷତମାମ ଏଠାରେ ପର୍ଯ୍ୟଟକଙ୍କ ଭିଡ଼ ଜମିଥାଏ। ବିଶେଷକରି ଶୀତ ଋତୁରେ ରାଜ୍ୟ ତଥା ରାଜ୍ୟ ବାହାରୁ ପର୍ଯ୍ୟଟକଙ୍କ ପ୍ରବଳ ଗହଳି ହୋଇଥାଏ। ପର୍ଯ୍ୟଟନ ବିଭାଗ ମାନ୍ୟତା ପ୍ରାପ୍ତ ସତ୍ତ୍ୱେ ଏହାର ଭିତ୍ତିଭୂମି ବିକାଶ ପ୍ରତି ଗୁରୁତ୍ୱ ଦିଆଯାଉନାହିଁ। ଜିଲା ପ୍ରଶାସନର ଅବହେଳାରୁ ଏହି ଉଷ୍ଣ ପ୍ରସ୍ରବଣ ଅବହେଳିତ ଅବସ୍ଥାରେ ରହିଛି। ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଏହାର ପରିବେଶ ନଷ୍ଟ ହେବାକୁ ବସିଛି। ଉଷ୍ଣ ପ୍ରସ୍ରବଣ କୁଣ୍ଡ(କୁଆକୁଣ୍ଡ) ମରାମତି ଅଭାବରୁ ଏହା ଶୋଚନୀୟ ଅବସ୍ଥାରେ ରହିଛି। ଚାରିଆଡେ ଅଳିଆ ଆବର୍ଜନା, ଅନାବନା ଗଛଲତା, ଗୁଳ୍ମ ମାଡିଗଲାଣି। ସ୍ୱଚ୍ଛତା ପ୍ରତି ଗୁରୁତ୍ୱ ଦିଆଯାଉନାହିଁ। ଫଳରେ ଏଠାକୁ ଆସୁଥିବା ପର୍ଯ୍ୟଟକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ମହିଳାଙ୍କ ଲାଗି ଶୌଚାଳୟ ନାହିଁ। ଫଳରେ ପର୍ଯ୍ୟଟକମାନେ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଏହି ପର୍ଯ୍ୟଟନ ସ୍ଥଳ ଏବେ ଅସ୍ତିତ୍ୱ ହରାଇବାକୁ ବସିଛି। ଅନ୍ୟପଟେ ଏହାର ଭିତ୍ତିଭୂମି ବିକାଶ ପ୍ରତି ଗୁରୁତ୍ୱ ଦିଆଯିବ ବୋଲି ଅତିରିକ୍ତ ଜିଲାପାଳ ମନୋଜ ପାତ୍ରୀ କହିଛନ୍ତି। ଏହି ଉଷ୍ଣ ପ୍ରସ୍ରବଣ କୁଣ୍ଡ (କୁଆକୁଣ୍ଡ)ରେ ଗରମ ଜଳର ଉବୁକା ଦର୍ଶନ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ।

ଶ୍ରଦ୍ଧାଳୁମାନେ କୁଣ୍ଡରେ ମୁଦ୍ରା, ଚାଉଳ, ପୁଷ୍ପ, ଚନ୍ଦନ, ଦୂବ, ତୁଳସୀ, ବରକୋଳି ପତ୍ର ଆଦି ନିକ୍ଷେପ କରିଥାନ୍ତି। ଏହାର ଜଳ ପ୍ରଭୁ ହଟ୍ଟକେଶ୍ୱରଙ୍କୁ ସମର୍ପିତ କରାଯାଏ। ଏଠାରେ ରହିଥିବା ଉଷ୍ମ ଜଳରେ ସ୍ନାନ କଲେ ଚର୍ମରୋଗ ଆରୋଗ୍ୟ ହୋଇଥାଏ ବୋଲି କୁହାଯାଏ। ଉଷ୍ଣ ପ୍ରସ୍ରବଣରେ ସ୍ନାନ ସାରି ହଟ୍ଟକେଶ୍ୱରଙ୍କୁ ଦର୍ଶନ କଲେ ପୁଣ୍ୟ ମିଳିଥାଏ। ମକର ସଂକ୍ରାନ୍ତିରେ ପ୍ରଚଳିତ ପ୍ରଥା ଅନୁଯାୟୀ ବନ୍ଧ୍ୟାନାରୀମାନେ ବୁଡ ପକାଇବାକୁ ଏଠାକୁ ଆସନ୍ତି। ଭୋର ସମୟରେ ଉଷ୍ଣ ପ୍ରସ୍ରବଣ ଦହଲ(ମାନସିକ କୁଣ୍ଡ)ରେ ଶତାଧିକ ମାନସିକଧାରୀ ମହିଳା ପୂଜକଙ୍କ ଠାରୁ ପାଦୁକା ଗ୍ରହଣ ପରେ ଗୁଆ ପକାଇ ଖୋଜିଥାନ୍ତି। ଏହା ହେଉଛି ଭିନ୍ନ ପରମ୍ପରା। ଜଳରେ ସମର୍ପିତ ଗୁଆ ଭକ୍ଷଣ କଲେ ସନ୍ତାନ ପ୍ରାପ୍ତି ହୋଇଥାଏ ବୋଲି ବିଶ୍ୱାସ ରହିଛି। ପ୍ରତିବର୍ଷ ମକର ସଂକ୍ରାନ୍ତିରେ ହଟ୍ଟକେଶ୍ୱରଙ୍କ ପୀଠରେ ମକର ମେଳା ଏବଂ ଅତ୍ରିରେ ମକର ମହୋତ୍ସବ ଆୟୋଜିତ ହୋଇଥାଏ। ପର୍ଯ୍ୟଟକ ଓ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ଜମିଥାଏ।


କଟକ ପୁରୀଘାଟସ୍ଥିତ ଦେବୀଗଡା କାଠଯୋଡି ନଦୀତଟସ୍ଥ ଅସ୍ଥାୟୀ ପୋଖରୀରେ ଶ୍ୟାମାକାଳୀଙ୍କ ମୃଣ୍ମୟୀ ପ୍ରତିମା ବିସର୍ଜନ କରାଯାଇଛି।

## ସଂକ୍ଷେପରେ

### ବନ୍ଧୁକ ଦେଖାଇ ହାର୍ଡୱେର ଦୋକାନୀଙ୍କଠାରୁ ୧.୫୦ଲକ୍ଷ ଲୁଟ୍

**ପୁରୁଣା ଭୁବନେଶ୍ୱର,୬।୧୧(ଡି.ଏନ୍.ଏ.):** ରାଜଧାନୀ ଉପକଣ୍ଠ ଗୁଡ଼ିଆପୋଖରୀ ଛକସ୍ଥିତ ଏକ ହାର୍ଡୱେର ଦୋକାନ ମାଲିକଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଶନିବାର ଜଣେ ଯୁବକ ୧ଲକ୍ଷ ୫୦ହଜାର ଟଙ୍କା ଓ ମୋବାଇଲ ଫୋନ ଲୁଟି ନେଇଛନ୍ତି। ଏନେଇ ଦୋକାନ ମାଲିକ ସୁବାସ ଚନ୍ଦ୍ର ଉପାଧ୍ୟାୟ ଉତ୍ତରା ଫାଣ୍ଡିରେ ଅଭିଯୋଗ କରିବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ସୂଚନା ମୁତାବକ, ସୁବାସ ସନ୍ଧ୍ୟାରେ ଦୋକାନରେ ବସିଥିଲେ। ହଠାତ୍ ଜଣେ ଯୁବକ ଗ୍ରାହକ ହିସାବରେ ସେଠାରେ ପହଞ୍ଚିଥିଲେ। ପରେ ଯୁବକ ଜଣକ ସୁବାସଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ କ୍ୟାଶ ଡ୍ରୟାରରେ ଥିବା ୧.୫୦ଲକ୍ଷ ଟଙ୍କା ଏବଂ ମୋବାଇଲ ଫୋନ ଝାମ୍ପି ନେଇ ପଳାଇଥିଲେ।

### ଝାମ୍ପିନେଲେ ସୁନାଚେନ

**ଜଟଣୀ,୬।୧୧(ଡି.ଏନ୍.ଏ.):** ଜଟଣୀ ସହରରେ ଲୁଟେରାଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ଶନିବାର ରାତିରେ ଥାନା ଛକ ନିକଟରେ କେହି ଦୁର୍ବୃତ୍ତ ପଲସରରେ ଆସି ଜଣେ ମହିଳାଙ୍କ ବେକରୁ ସୁନାଚେନ ଝାମ୍ପି ନେଇ ପଳାଇଥିବା ଜଣାପଡ଼ିଛି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସହରରେ ପାଟ୍ରୋଲିଂ କଡ଼ାକଡ଼ି କରିବାକୁ ସାଧାରଣରେ ଦାବି ହେଉଛି। ଏନେଇ ଥାନାରେ ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି।

### ଦୁର୍ଘଟଣା: ମୃତକଙ୍କ ପରିଚୟ ମିଳିଲା

**ବାଲୁଗାଁ,୬।୧୧(ଡି.ଏନ୍.ଏ.):** ବାଲୁଗାଁ-ବାଣପୁର ବାଇପାସ ୧୬ନଂ. ଜାତୀୟ ରାଜପଥର କୋତରୀ ଛକ ନିକଟରେ ଶୁକ୍ରବାର ରାତିରେ ଏକ ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିଲା। ତେବେ ଶନିବାର ମୃତକଙ୍କ ପରିଚୟ ମିଳିଛି। ସେ ହେଲେ ଟାଙ୍ଗୀ ଥାନା ଅନ୍ତର୍ଗତ ସାନ ରାଉତରାପଡ଼ା ଗ୍ରାମର ପ୍ରକାଶ ସୁନ୍ଦରାୟ(୨୮)। ସୂଚନା ମୁତାବକ, ଶୁକ୍ରବାର ପ୍ରକାଶ କୌଣସି କାର୍ଯ୍ୟରେ ବାଲୁଗାଁ ଅଞ୍ଚଳକୁ ଆସି ରାତିରେ ବାଇକ୍‌ରେ ଘରକୁ ଫେରୁଥିଲେ। ବାଲୁଗାଁ ବାଇପାସ ରାସ୍ତାର କୋତରୀ ଛକ ନିକଟରେ ବ୍ରହ୍ମପୁରରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ଏକ ଗାଡ଼ି ତାଙ୍କ ବାଇକ୍‌କୁ ପଛପଟକୁ ଧକ୍କା ଦେଇ ପଳାଇଥିଲା। ପ୍ରକାଶ ବାଇକ୍ ସହ ପ୍ରାୟ ୨ଶହ ମିଟର ରାସ୍ତାରେ ଘୋଷାରି ହୋଇଥିବା ସ୍ଥାନୀୟ ଲୋକେ କହିଛନ୍ତି। ଫଳରେ ଘଟଣାସ୍ଥଳରେ ପ୍ରକାଶଙ୍କ ମୃତ୍ୟୁ ଘଟିଥିଲା। ଖବରପାଇ ସ୍ଥାନୀୟ ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ଶନିବାର ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ସମ୍ପର୍କରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ଟାପଙ୍ଗ ଷ୍ଟେଶନ ବଜାରରେ ଶ୍ୟାମାକାଳୀଙ୍କ ପୂଜାର୍ଚ୍ଚନା



**ନିରାକାରପୁର,୬।୧୧ (ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ଟାପଙ୍ଗ ଷ୍ଟେଶନ ବଜାରରେ ରେଳବିଭାଗ (ପିଡବ୍ଲ୍ୟୁ) ପକ୍ଷରୁ ମା'ଶ୍ୟାମାକାଳୀଙ୍କ ମୃଣ୍ମୟୀ ମୂର୍ତ୍ତି ଦୀପାବଳି ମଧ୍ୟରାତ୍ରିରୁ ପୂଜା ଆରମ୍ଭ ହୋଇଛି। କୋଭିଡ୍ କଟକଣା ମଧ୍ୟରେ ନିରାଡ଼ମ୍ବରଭାବେ ଏହି ଉତ୍ସବ ପାଳନ କରାଯାଉଛି। ପିଡବ୍ଲ୍ୟୁର ବାସୁଦେବ ମାର୍ଥା ଓ ଲକ୍ଷ୍ମୀଧର ମଙ୍ଗରାଜ ସଂଯୋଜନା, ଉକ୍ତ ଷ୍ଟେଶନ ରେଳ ଯାତ୍ରୀ ସଂଘ ସଭାପତି ସୌମ୍ୟରଞ୍ଜନ ହରିଚନ୍ଦନ, ଗଜେନ୍ଦ୍ର ବାରିକ, ସପନ କୁମାର ପଟ୍ଟନାୟକ, ମୁନା ମହାପାତ୍ର ପ୍ରମୁଖ ଭକ୍ତମାନେ କିପରି ଶୃଙ୍ଖଳିତ ଭାବେ ମା'ଙ୍କ ଦର୍ଶନ କରିବେ ଉପସ୍ଥିତ ରହି ପରିଚାଳନା କରୁଛନ୍ତି। ମା'ଙ୍କ ଦର୍ଶନ ପାଇଁ ଆଖପାଖ ଅଞ୍ଚଳର ଲୋକଙ୍କ ଭିଡ଼ ଜମୁଛି।

# ଲିଙ୍ଗରାଜଙ୍କ ଭୂସମ୍ପତ୍ତି ଫେରାଇ ଆଣିବା ଦାବିରେ ଧାରଣା

**ପୁରୁଣା ଭୁବନେଶ୍ୱର, ୬।୧୧(ଡି.ଏନ୍.ଏ.)**

ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଭୂସମ୍ପତ୍ତିକୁ ଫେରାଇ ଆଣିବା ଦାବିରେ ଶନିବାର ଏକାମ୍ର ଜନଜାଗରଣ ମଞ୍ଚ ପକ୍ଷରୁ ମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ଆଗରେ ଅହୋରାତ୍ର ଧାରଣା ଦିଆଯାଇଥିଲା। ମଞ୍ଚ ପକ୍ଷରୁ କରାଯାଇଥିବା ଦାବି ମୁତାବକ, ଲିଙ୍ଗରାଜ ମନ୍ଦିର ନିକଟ ଯାତ୍ରୀ ନିବାସ(କୋରାପୁଟ ଭବନ) ଭୂସମ୍ପତ୍ତିର ଜମି ଅଧିଗ୍ରହଣ ନେଇ ଜଣେ ବ୍ୟକ୍ତିଙ୍କୁ ଭୂମି ଦିଆଯିବାରେ ରୋକ ଲଗାଯିବା, ସାମନ୍ତରାପୁର ଗଙ୍ଗୁଆ ବ୍ରିଜ ନିକଟରେ ଥିବା କୁଡୁଆ ସମ୍ପତ୍ତିର ପ୍ଲଟିଂ ସ୍କିମ ବନ୍ଦ କରିବା, ଏକାମ୍ର କ୍ଷେତ୍ରରେ ଏକ ଯାତ୍ରୀ ନିବାସ ନିର୍ମାଣ ଦାବିରେ ଏହି ଧାରଣା ଦିଆଯାଇଛି। ଏକ ଦାବିପତ୍ର ଜିଲାପାଳଙ୍କ ଉଦ୍ଦେଶ୍ୟରେ ପଠାଯାଇଛି ବୋଲି ମଞ୍ଚ ଅଧ୍ୟକ୍ଷ ଭୀଷ୍ମନାରାୟଣ ନାୟକ କହିଛନ୍ତି। କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ୍ନ ଦାଶ ଧାରଣାସ୍ଥଳରେ ପହଞ୍ଚି ଖୁବ୍‌ଶୀଘ୍ର ସମସ୍ତ ଦାବିର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏହି ଧାରଣାରେ ଅନ୍ୟମାନଙ୍କ ମଧ୍ୟରେ ଶତାବ୍ଦୀ ମିଶ୍ର, ସ୍ୱପ୍ନାରାଣୀ ସାମଲ, ଅନିତା ରାଉତ, ଚନ୍ଦ୍ରଶେଖର ପାଲ, ସରୋଜ ମିଶ୍ର, ଗୋପୀନାଥ ପ୍ରଧାନ, ସୌମ୍ୟରଞ୍ଜନ ପଣ୍ଡା, ରାଜେଶ ମିଶ୍ର, ବିଜୟ କୁମାର ଭଟ୍ଟାଚାର୍ଯ୍ୟ, ବିଷ୍ଣୁପ୍ରିୟା ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ଝାଁଳାରେ ବଢୁଛି ମୋରମ ଚାଲାଣ

**ଝାଁଳା, ୬।୧୧(ଡି.ଏନ୍.ଏ.)**

**ନୀରବଦ୍ରଷ୍ଟା ସାଜିଛି ପ୍ରଶାସନ**

ଜଟଣୀ ଥାନା ଝାଁଳା ଫାଣ୍ଡି ଅଧୀନ ଛତାବର ପଞ୍ଚାୟତର ଅଲକର ମୌଜାରେ ଶହ ଶହ ଟ୍ରିପ୍ ମୋରମ ଚୋରାଚାଲାଣ କରାଯାଉଛି। କେତେଜଣ ସରକାରୀ କର୍ମଚାରୀଙ୍କୁ ହାତ କରି ମାଫିଆମାନେ ପ୍ରତିଦିନ ଟ୍ରକ୍ ଓ ଟ୍ରାକ୍ଟରରେ ମୋରମ ଚାଲାଣ କରୁଛନ୍ତି। ଏନେଇ ସ୍ଥାନୀୟ ବାସିନ୍ଦାଙ୍କ ପକ୍ଷରୁ ପ୍ରଶାସନ ନିକଟରେ ଅଭିଯୋଗ ହେଉଥିଲେ ମଧ୍ୟ ପଦକ୍ଷେପ ନିଆଯାଉ ନାହିଁ। ଅନ୍ୟପଟେ ଏନ୍‌ଏଚ-୧୬ ଝାଁଳା ବଜାରର ଓଭରବ୍ରିଜଠାରୁ ଇଙ୍ଗୋଭ୍ୟାଲିକୁ ସଂଯୋଗ କରୁଥିବା ରାସ୍ତାର ଦୁଇ ପାର୍ଶ୍ୱରୁ ମାଫିଆମାନେ ମୋରମ ଖୋଳି ଚାଲାଣ କରୁଛନ୍ତି। ଏନେଇ ପୋଲିସ କିମ୍ବା ପ୍ରଶାସନ ନିକଟରେ ଖବର ଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ। ତୁରନ୍ତ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ସହ ମାଫିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

# ୬ ଶ୍ରମିକ ହାଟର ପୁନରୁଦ୍ଧାର ହେବ

**ଭୁବନେଶ୍ୱର, ୬।୧୧ (ବ୍ୟୁରୋ)**

■ ନିର୍ମାଣ ହେବ ଅତ୍ୟାଧୁନିକ ବିଶ୍ରାମଗୃହ
■ ପରବର୍ତ୍ତୀ ସମୟରେ ରାଜ୍ୟର ପ୍ରମୁଖ ସହରରେ ନିର୍ମାଣ ହେବ

ଶ୍ରମିକ ହାଟକୁ ମିଳିବ ଛାତ। ସ୍ଥାୟୀ ବିଶ୍ରାମ ଘରେ ପଙ୍ଖା ସହିତ ବିଶୁଦ୍ଧ ପାନୀୟ ମଧ୍ୟ ମିଳିବ। ପ୍ରାଥମିକ ଭାବେ ରାଜଧାନୀ ଭୁବନେଶ୍ୱରରେ ଥିବା ୫ରୁ ୬ ଶ୍ରମିକ ହାଟର ପୁନରୁଦ୍ଧାର କରାଯିବ। ଏନେଇ ରାଜ୍ୟ ଶ୍ରମ ବିଭାଗ ଓ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ପ୍ରକ୍ରିୟା ହାତକୁ ନିଆଯାଇଛି। ଶ୍ରମ ବିଭାଗ ସମସ୍ତ ପ୍ରୋତ୍ସାହନ ଯୋଗାଇ ଦେବ ଓ ବିଏମ୍‌ସି ସମସ୍ତ ଶ୍ରମିକ ହାଟରେ ଅତ୍ୟାଧୁନିକ ବିଶ୍ରାମ ଗୃହ ନିର୍ମାଣ କରିବ। ଇତିମଧ୍ୟରେ ଶ୍ରମ କମିଶନର ଡ. ଏନ୍. ଥିରୁମାଲା ନାଏକ ଓ ବିଏମ୍‌ସି ଅତିରିକ୍ତ କମିଶନର ଲକ୍ଷ୍ମୀକାନ୍ତ ସେଠୀ ରାଜଧାନୀର ଉକ୍ତ ୬ଟି ସ୍ଥାନ ବୁଲି ପ୍ରସ୍ତାବିତ କାର୍ଯ୍ୟ ଓ ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଖୁବ୍‌ଶୀଘ୍ର ନିର୍ଦ୍ଧାରିତ ସ୍ଥାନରେ କାର୍ଯ୍ୟ ଆରମ୍ଭ ହେବାକୁ ଥିବାବେଳେ ପରବର୍ତ୍ତୀ ସମୟରେ ରାଜ୍ୟର ପ୍ରମୁଖ ସହରରେ ଏଭଳି ଶ୍ରମିକ ହାଟ ନିର୍ମାଣ ହେବ।

ରାଜଧାନୀ ଭୁବନେଶ୍ୱରର ନୟାପଲ୍ଲୀ, କଳ୍ପନା, ରସୁଲଗଡ଼, ଲିଙ୍ଗରାଜ ଷ୍ଟେଶନ ଓ ଶିଖରପୁର ଅଞ୍ଚଳରେ ନିତିଦିନିଆ ଶ୍ରମିକ ହାଟ ଚାଲେ। ସକାଳ ହେବା ମାତ୍ରେ ଦିନ ମଜୁରିଆ ଶ୍ରମିକଙ୍କ ଏଠାରେ ଭିଡ଼ ଲାଗେ। କେଉଁଠି ଶୁଅନ୍ତି, କେଉଁଠି ଖାଆନ୍ତି କିଛି ସେମାନଙ୍କ ଠିକଣା ନ ଥାଏ। ସବୁଦିନ କାମ ମିଳିଲେ ଘରେ ଚୁଲି ଜଳେ। ଏବେ ସେମାନଙ୍କ ଦୈନିକ ଜୀବନଶୈଳୀରେ ପରିବର୍ତ୍ତନ ଆଣିବା ସହ ହାଟର ଉନ୍ନତିକରଣ ପାଇଁ ଶ୍ରମ ବିଭାଗ ସହ ମିଶି ଅଣ୍ଟା ଭିଡ଼ିଛି ବିଏମ୍‌ସି। ସୂଚନାଯୋଗ୍ୟ, ଶ୍ରମିକ ହାଟର ସ୍ଥାୟିତ୍ୱ କିଛି ନ ଥିବାରୁ ଶ୍ରମିକମାନେ ନାନା ହଟହଟାର ସମ୍ମୁଖୀନ ହୋଇଥାନ୍ତି। ବର୍ଷା ଓ ଖରାଦିନେ କାମ ପାଇଁ ସେମିତି ଖୋଲା ଆକାଶ ତଳେ ଘଣ୍ଟା ଘଣ୍ଟା ଅପେକ୍ଷା କରିଥାନ୍ତି। ମୁଣ୍ଡ ଗୁଞ୍ଜିବାକୁ ଆଜବେଷ୍ଟସ୍ ନ ଥିବାରୁ ଏଥିପ୍ରତି ଦୃଷ୍ଟି ଦେବାକୁ ଶ୍ରମିକମାନେ ପୂର୍ବରୁ ଦାବି ଜଣାଇଥିଲେ।

# ଛାତ୍ରୀଙ୍କୁ ଅପହରଣ କରି ଯୁବକ ଗିରଫ

**ଖୋର୍ଦ୍ଧା ଅଫିସ,୬।୧୧**

ବିବାହ ପ୍ରଲୋଭନ ଦେଖାଇ ଜଣେ ଛାତ୍ରୀଙ୍କୁ ଅପହରଣ କରିବା ଘଟଣାରେ ଶନିବାର ଖୋର୍ଦ୍ଧା ସଦର ଥାନା ପୋଲିସ ଅପହୃତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ବେଗୁନିଆ ଥାନା ଅଞ୍ଚଳର ସୁକାନ୍ତ ନାୟକ(୨୨)। ଏଥିସହ ପୋଲିସ ଛାତ୍ରୀଙ୍କୁ ଉଦ୍ଧାର କରିଛି। ସୂଚନା ମୁତାବକ, ଗତ ଅଗଷ୍ଟରେ ସମ୍ପୃକ୍ତ ଛାତ୍ରୀ ଜଣକ ମାଉସୀ ଘରେ ଥିବା ବେଳେ ଅଭିଯୁକ୍ତ ସୁକାନ୍ତ ତାଙ୍କୁ ବିବାହ ପ୍ରଲୋଭନ ଦେଖାଇ ଅପହରଣ କରିନେଇଥିଲେ। ଏନେଇ ଛାତ୍ରୀଙ୍କ ବାପାଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଥିଲା। ଶୁକ୍ରବାର ବୋଲଗଡ଼ ଥାନା ଅଞ୍ଚଳର ଏକ ଗ୍ରାମରେ ଛାତ୍ରୀ ଏବଂ ଅପହୃତା ଥିବା ଜାଣିବା ପରେ ପୋଲିସ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରିଥିଲା। ଅପହରଣ ଅଭିଯୋଗରେ ସୁକାନ୍ତଙ୍କୁ ଗିରଫ କରାଯାଇଛି ବୋଲି ସଦର ଥାନା ଅଧିକାରୀ ଅନୀତା ସାହୁ କହିଛନ୍ତି।

# ବାମନ ଉଚ୍ଚ ବିଦ୍ୟାଳୟରେ ପ୍ରଶିକ୍ଷଣ ଶିବିର

**ବୋଲଗଡ଼,୬।୧୧(ଡି.ଏନ୍.ଏ.)**

ବୋଲଗଡ଼ ବ୍ଲକ ଅନ୍ତର୍ଗତ ବାମନ ସରକାରୀ ଉଚ୍ଚ ବିଦ୍ୟାଳୟ ସଭାଗୃହରେ ଗୋଷ୍ଠୀ ଶିକ୍ଷାଧିକାରୀ ଡ.ନିରଞ୍ଜନ ମହାନ୍ତିଙ୍କ ନିର୍ଦ୍ଦେଶରେ ରାଷ୍ଟ୍ରୀୟ ଉପଲବ୍ଧି ସର୍ବେକ୍ଷଣ ଉପରେ ଏକ ପ୍ରଶିକ୍ଷଣ ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଧାନଶିକ୍ଷକ ମାଗୁଣି ଚରଣ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ନୂଆସାହି ସାଧନ କେନ୍ଦ୍ର ସଂଯୋଜକ ବିଶ୍ୱରଞ୍ଜନ ସେଠୀଙ୍କ ସଂଯୋଜନାରେ ଅନୁଷ୍ଠିତ ଉକ୍ତ ଶିବିରରେ ଗୋଷ୍ଠୀ ସହ ଶିକ୍ଷାଧିକାରିଣୀ ପ୍ରଭାସିନୀ ସିଂହ, ବୋଲଗଡ଼ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶରତ କୁମାର ପଣ୍ଡା, ସଂପୁର ଚତୁର୍ଭୁଜ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁ ଯୋଗଦେଇ ରାଷ୍ଟ୍ରୀୟ ଉପଲବ୍ଧି ସର୍ବେକ୍ଷଣର ଉପାଦେୟତା ଓ ଏହାର ସଫଳ ରୂପାୟନ ନିମିତ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଦାୟିତ୍ୱବୋଧତା ସମ୍ପର୍କରେ ଆଲୋକପାତ କରିଥିଲେ। ଏହା ପରେ ଖୋର୍ଦ୍ଧା ଜିଲା ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନର ଅଧ୍ୟକ୍ଷ ପ୍ରସନ୍ନ କୁମାର ସାହୁ ଏବଂ ସୌମ୍ୟା ଦାଶ, ଟିକାତାଳ ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ସାହୁ ପ୍ରମୁଖ ନୂଆସାହି ସାଧନ କେନ୍ଦ୍ର ଅନ୍ତର୍ଭୁକ୍ତ ସମସ୍ତ ଉଚ୍ଚ ଓ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଶିକ୍ଷକ ପୀତବାସ ଲେଙ୍କା ଧନ୍ୟବାଦ ଦେଇଥିଲେ।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ କାହ୍ନୁ


@ ତାରିଣୀ


@ ପୂର୍ଣ୍ଣରାମ


@ ଆଲିଶା


@ ସନ୍ତୋଷ


କୃଷ୍ଣ

# କୁକୁଡ଼ା ଫାର୍ମ ଉଚ୍ଛେଦ ଦାବି

**ଖୋର୍ଦ୍ଧା ଅଫିସ,୬।୧୧**

ଖୋର୍ଦ୍ଧା ତହସିଲ ମଲ୍ଲୀପୁର ମୌଜାରେ ହୋଇଥିବା କୁକୁଡା ଫାର୍ମ ଉଚ୍ଛେଦ ଦାବିରେ ଏକାଧିକ ଗ୍ରାମବାସୀ ଶନିବାର ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ଦର୍ଶାଯାଇଛି ଯେ, ଏହି ମୌଜାରେ ଦୁଇ ଜଣ ବ୍ୟକ୍ତି ସରକାରୀ ରାସ୍ତା ଏବଂ ଜାଗାକୁ ଅବରୋଧ କରି କୁକୁଡାଫାର୍ମ କରିଛନ୍ତି। ଏହି ଫାର୍ମ ହାଉସ ନିକଟରେ ଜନବସତି, ପାନୀୟଜଳ ଯୋଗାଣ ପ୍ରକଳ୍ପ, ବିଦ୍ୟାଳୟ, ଦେବାଳୟ, ପୋଖରୀ ଏବଂ ଜନସାଧାରଣଙ୍କ ଗମନାଗମନ ରାସ୍ତା ରହିଛି। ଗାଁ ନିକଟରେ କୁକୁଡାଫାର୍ମ ରହିଥିବାରୁ ଦୁର୍ଗନ୍ଧରେ ନାକ ଫାଟିପଡୁଛି। ଲୋକେ ଚର୍ମରୋଗରେ ମଧ୍ୟ ଆକ୍ରାନ୍ତ ହେଲେଣି। ଏନେଇ ସ୍ଥାନୀୟ ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ ସତ୍ତ୍ୱେ ଗୁରୁତ୍ୱ ଦିଆଯାଉନାହିଁ। ପୂର୍ବରୁ ୨୦୨୦ ନଭେମ୍ବର ୧୩ରେ ଖୋର୍ଦ୍ଧା ଉପଜିଲାପାଳ ଏବଂ ଗତ ଡିସେମ୍ବର ୩୦ରେ ତତ୍କାଳୀନ ଜିଲାପାଳଙ୍କ ଉଚ୍ଛେଦ ପାଇଁ ନିର୍ଦ୍ଦେଶ ସତ୍ତ୍ୱେ ସ୍ଥାନୀୟ ତହସିଲଦାରଙ୍କ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ତୁରନ୍ତ କୁକୁଡା ଫାର୍ମକୁ ଉଚ୍ଛେଦ ଲାଗି ଗ୍ରାମବାସୀ ଦାବି କରିଛନ୍ତି।


କଟକ ମେହେନ୍ଦିପୀର ଅଞ୍ଚଳରେ ଶନିବାର ବିହାରୀ ସମ୍ପ୍ରଦାୟର ମହିଳାମାନେ ଗିରି ଗୋବର୍ଦ୍ଧନ ପୂଜା କରୁଛନ୍ତି।



ଉଠା ଦୋକାନୀଙ୍କୁ ଥଇଥାନ ସହ କ୍ଷତିପୂରଣ ପ୍ରଦାନ ଦାବିରେ ଶନିବାର କଟକ ମହାନଗର ନିଗମ(ସିଏମ୍‌ସି) କାର୍ଯ୍ୟାଳୟ ସମ୍ମୁଖରେ ମୋ କଟକ ସୁରକ୍ଷା ମଞ୍ଚ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ।


ପୁରୀ ଶ୍ରୀନହର ପରିସରରେ ଶନିବାର ଗଜପତି ମହାରାଜା ଦିବ୍ୟସିଂହ ଦେବ ଓ ଅନ୍ୟ ଅତିଥିଙ୍କ ଉପସ୍ଥିତିରେ ହରେକୃଷ୍ଣ ଶତପଥୀଙ୍କ ଦ୍ୱାରା ଅନୁବାଦିତ 'ସ୍କନ୍ଦପୁରାଣ' ପୁସ୍ତକକୁ ଉନ୍ମୋଚନ କରାଯାଉଛି।

## ସଂକ୍ଷେପରେ

### ନାଟ୍ୟ ନିର୍ଦ୍ଦେଶକ ଗୌରୀଶ୍ୟାମ ମହାପାତ୍ରଙ୍କ ପରଲୋକ

**ଭୁବନେଶ୍ୱର, ୬।୧୧ (ବ୍ୟୁରୋ):** ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ ତଥା ସଂଗଠକ ଗୌରୀଶ୍ୟାମ ମହାପାତ୍ରଙ୍କର ଗତ ବୁଧବାର ବିଳମ୍ବିତ ରାତିରେ ପରଲୋକ ଘଟିଛି। ଦୀର୍ଘଦିନ ଧରି କରୋନା ସହ ଲଢେ଼ଇ କରି ଶେଷରେ ସେ ହାରି ଯାଇଛନ୍ତି। ଗୁରୁବାର ସତ୍ୟନଗର ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଚଇତିଘୋଡ଼ା, ପାଶବିକ, ଈଶ୍ୱର ଶୋଇଛନ୍ତି, ଶୁଣ ପରୀକ୍ଷ ଦଣ୍ଡାଧାରୀ, ବସ୍ତ୍ରହରଣ, ଗୋପୀ ସାହୁ ଦୋକାନ ଆଦି ୨୫ରୁ ଉର୍ଦ୍ଧ୍ୱ ନାଟକରେ ନିର୍ଦ୍ଦେଶନା ଦେଇ ସେ ନିଜର ସ୍ୱତନ୍ତ୍ର ଶୈଳୀ ସୃଷ୍ଟି କରିଥିଲେ। କର୍ମଠ, ସ୍ୱଳ୍ପଭାଷୀ, ଦକ୍ଷ ସଂଗଠକ, ବନ୍ଧୁବତ୍ସଳ ତଥା କର୍ମରେ ବିଶ୍ୱାସ କରୁଥିବା ଜଣେ ସରଳ ଓ ନିରାଡ଼ମ୍ବର ନାଟ୍ୟ ବ୍ୟକ୍ତିତ୍ୱ ଭାବେ ସେ ଓଡିଶା ନାଟ୍ୟ ଜଗତର ଜଣେ ପ୍ରିୟ ନାଟ୍ୟକର୍ମୀ ଥିଲେ। ଭୁବନେଶ୍ୱରର ସର୍ବପୁରାତନ ନାଟ୍ୟସଂସ୍ଥା ଉତ୍ତରପୁରୁଷର ସେ ପ୍ରତିଷ୍ଠାତା ତଥା ସଭାପତି ଥିଲେ। ବିଶିଷ୍ଟ ନାଟ୍ୟକାର ତଥା ନାଟ୍ୟ ନିର୍ଦ୍ଦେଶକ ସ୍ୱର୍ଗତ ଅସୀମ ବସୁଙ୍କ ସହ ବିଭିନ୍ନ ପ୍ରଦର୍ଶନୀ/ପ୍ରଜ୍ଞାପନ ମେଢ଼ ନିର୍ମାଣରେ ସେ ଜଣେ ଘନିଷ୍ଠ ସହଯୋଗୀ ଥିଲେ। ଶେଷ ଦର୍ଶନ ପାଇଁ ଉତ୍କଳ କରାଟେ ସ୍କୁଲର ପ୍ରତିଷ୍ଠାତା ହରି ପଟ୍ଟନାୟକ, ହରେନ ସାହୁ, ଅଭିନ୍ନ ରାଉତରାୟ, ପ୍ରକାଶ ମହାରଣା, ପବିତ୍ର ମୋହନ କର, ପବିତ୍ର ମହାନ୍ତି, ଉତ୍ତରପୁରୁଷର ସଭ୍ୟବୃନ୍ଦ ତଥା ନାଟକଜଗତର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ। ତାଙ୍କ ବିୟୋଗ ଓଡିଶା ନାଟ୍ୟ ଜଗତ ପାଇଁ ଅପୂରଣୀୟ କ୍ଷତି ବୋଲି ବିଭିନ୍ନ ନାଟ୍ୟଦଳ ତଥା ବ୍ୟକ୍ତିତ୍ୱମାନେ କହିଛନ୍ତି।



### ଯମ ଦ୍ୱିତୀୟା: ଭଉଣୀ ଘରେ ଲିଙ୍ଗରାଜ

**ପୁରୁଣା ଭୁବନେଶ୍ୱର, ୬।୧୧ (ଡି.ଏନ୍.ଏ.):** ଯମ ଦ୍ୱିତୀୟା ଅବସରରେ ଶନିବାର ମହାପ୍ରଭୁ ଶ୍ରୀଲିଙ୍ଗରାଜ ଯମେଶ୍ୱର ମନ୍ଦିର ଯାତ୍ରା କରିଥିଲେ। ଦ୍ୱିପ୍ରହର ଧୂପରେ ଏହି ଯାତ୍ରରେ ମା' ପାର୍ବତୀ, ମା' ଦୁର୍ଗା, ଅନନ୍ତ ବସୁଦେବ ସେବକଙ୍କ ଗହଣରେ ନିଜ ଭଉଣୀ ଘରକୁ ଯାଇଥିଲେ। ସେଠାରେ ମଠ ପକ୍ଷରୁ ଦିଆଯାଇଥିବା ଭୋଗକୁ ପୂଜାପଣ୍ଡା ସେବକ ପଞ୍ଚ ଉପଚାରରେ ଭୋଗ ନୈବେଦ୍ୟ କରିଥିଲେ। ଏହା ପରେ ଭଉଣୀଙ୍କ ସହ ଭେଟ ଆଳତି ପରେ ଦିଅଁ ସ୍ୱମନ୍ଦିର ପ୍ରତ୍ୟାବର୍ତ୍ତନ କରିଥିଲେ।

### କ୍ୟାପ୍ଟେନ ଯଦୁମଣି ମିଶ୍ରଙ୍କ ଶ୍ରାଦ୍ଧବାର୍ଷିକୀ

**ଖୋର୍ଦ୍ଧା ଅଫିସ,୬।୧୧:** ସ୍ଥାନୀୟ ଭଗବାନ ଭିଲ୍ଲା ପରିସରରେ କ୍ୟାପଟେନ ଯଦୁମଣି ମିଶ୍ରଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକ ଶନିବାର ପାଳିତ ହୋଇଯାଇଛି। ତାଙ୍କ ସ୍ମୃତିରେ ଏକ ପୁସ୍ତକ ଉନ୍ମୋଚିତ ହୋଇଥିଲା। ଏଥିରେ ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର, ରାଧା ବଲ୍ଲଭ ରାୟ, ଶିବ ପ୍ରସାଦ ମଜୁମଦାର, ବିଦ୍ୟାଧର ଲେଙ୍କା, ଅନାଥ ବନ୍ଧୁ ଦାଶ, ଇତିଶ୍ରୀ ସାହୁ ପ୍ରମୁଖ ଯୋଗଦେଇ କ୍ୟାପଟେନ ମିଶ୍ରଙ୍କ ସ୍ମୃତି ଚାରଣ କରିଥିଲେ। ଭାରତୀୟ ସ୍ଥଳସେନାରେ ସେ ୧୯୫୫ ମସିହାରେ ଯୋଗଦେଇଥିଲେ। ୧୯୬୨ ମସିହାରେ ହୋଇଥିବା ଭାରତ-ଚାଇନା, ୧୯୬୫ ମସିହା ଭାରତ-ପାକିସ୍ତାନ ଯୁଦ୍ଧରେ ସେ ସାମିଲ ହୋଇଥିଲେ। ୧୯୭୧ ରେ ମଧ ଭାରତ-ପାକିସ୍ତାନ ଦ୍ୱିତୀୟ ଥର ଯୁଦ୍ଧରେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ କ୍ୟାପଟେନ ମିଶ୍ରଙ୍କ କନ୍ୟା ଆରତୀ ମିଶ୍ର, ଟୁକୁନା ମିଶ୍ର, ବିଜୟ ମିଶ୍ର, ଅଜୟ ମିଶ୍ର, ଗୀତା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ସଂଘବଦ୍ଧ ଅପରାଧରେ ରୋକ୍ ଲାଗିବ

**ଭୁବନେଶ୍ୱର,୬।୧୧(ବ୍ୟୁରୋ)**

ରାଜ୍ୟରେ ବିଭିନ୍ନ ସ୍ଥାନରେ ନିର୍ଦ୍ଦିଷ୍ଟ ଗୋଷ୍ଠୀର ଲୋକମାନଙ୍କ ଦ୍ୱାରା ସଂଘବଦ୍ଧ ଅପରାଧର ମାତ୍ରା ବଢ଼ିବାରେ ଲାଗିଛି। ରାଜଧାନୀରେ ଅସାମାଜିକ ଯୁବକ ହାତରେ ମାରଣାସ୍ତ୍ର ଓ ବନ୍ଧୁକ ଧରି ବୁଲୁଛନ୍ତି। ଏପରି କି ଫାଙ୍କା ଗୁଳି ଚାଳନା କରିବା ସହ ଫିଲ୍ମ ଷ୍ଟାଇଲରେ ଖଣ୍ଡା, ଭୁଜାଲି, ବନ୍ଧୁକ ଧରି ରାସ୍ତା ମଝିରେ ରକ୍ତଚରିତ୍ର ସଙ୍ଗୀତର ତାଳେ ତାଳେ ନାଚୁଥିବାର ଭିଡିଓ ଭାଇରାଲ କରୁଛନ୍ତି। ପୋଲିସ ଉକ୍ତ ଗୋଷ୍ଠୀର ୫ଜଣଙ୍କୁ ଗିରଫ କରିଛି ସତ ଅପରାଧକୁ ରୋକିବାରେ ସଫଳ ହୋଇପାରି ନାହିଁ। ରାଜଧାନୀର ବିଭିନ୍ନ ଥାନା ଅଞ୍ଚଳରେ ଏପରି ଛୋଟ ବଡ଼ ଗ୍ୟାଙ୍ଗ୍ ମୁଣ୍ଡ ଟେକିଛି। ଯାହାକି ଜନସାଧାରଣଙ୍କ ସମେତ ପୋଲିସ ପ୍ରଶାସନର ମୁଣ୍ଡ ବିନ୍ଧାର କାରଣ ସାଜିଛି। ଏହି ସବୁ ସଂଘବଦ୍ଧ ଓ ସଂଗଠିତ ଅପରାଧକୁ ରୋକିବାକୁ ରାଜ୍ୟ ସରକାର ଚିନ୍ତା କଲେଣି। ଉତ୍ତରପ୍ରଦେଶ ଆଇନ ଢାଞ୍ଚାରେ ଖୁବ୍‌ଶୀଘ୍ର ଆସିବ ଓଡ଼ିଶା ଗୁଣ୍ଡା ଆଣ୍ଡ ଆଣ୍ଟି ସୋସିଆଲ୍ ଆକ୍ଟିଭିଟିଜ୍(ପ୍ରିଭେନ୍‌ଶନ) ବିଲ୍-୨୦୨୧। ଏନେଇ ରାଜ୍ୟ ଗୃହ ବିଭାଗ ପକ୍ଷରୁ ଚିଠା ଆଇନ ପ୍ରସ୍ତୁତ କରାଯାଇ ଆଇନ ବିଭାଗକୁ ପଠାଇଥିବା ସୂଚନା ମିଳିଛି। ରାଜରାସ୍ତାରେ ଉତ୍ପାତ, ଲୋକଙ୍କୁ ଡରାଇ ଧମକାଇ ଦାଦାବଟି ଆଦାୟ କରିବା, ସଂଗଠିତ ଅପରାଧ କରିବାର ମାନସିକତା ରଖୁଥିବା ବ୍ୟକ୍ତି ଆଉ ବର୍ତ୍ତିପାରିବେ ନାହିଁ। ଏହି ନୂଆ ବିଲ୍‌ରେ କଠୋର ଦଣ୍ଡବିଧାନ ସହ ସମ୍ପତ୍ତି ବାଜ୍ୟାପ୍ତି ପାଇଁ ଯୋଜନା ରଖିଛନ୍ତି ସରକାର।

ଏନ୍‌ସିଆର୍‌ବି ତଥ୍ୟ ଅନୁସାରେ ୨୦୧୬ରେ ଓଡ଼ିଶାରେ ଅପରାଧ ସଂଖ୍ୟା ୮୧ ହଜାର ୪୬୦ ଥିବାବେଳେ ୨୦୨୦ରେ ଏହା ୧ଲକ୍ଷ ୩୪ହଜାରରେ ପହଞ୍ଚିଛି। ତେଣୁ ସବୁ ଦିଗକୁ ନଜର କରି ସରକାର ଏହି ଗୁଣ୍ଡା ନିରୋଧୀ ଆଇନକୁ ଆଣିବାକୁ ଯାଉଛନ୍ତି। ଏହି ଆଇନ ଆସିଲେ ରାତି ଅଧିଆ ରାଜଧାନୀ ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଉତ୍ପାତ କରୁଥିବା ଗ୍ୟାଙ୍ଗ୍ ସାବାଡ଼ ହେବେ। ଏହି ବିଲ୍‌କୁ ମଧ ଅନେକ ବରିଷ୍ଠ ପୋଲିସ ଅଧିକାରୀ ସମର୍ଥନ କରିଛନ୍ତି। ଜଣେ ବରିଷ୍ଠ ପୋଲିସ ଅଧିକାରୀ ନିଜ ନାମ ଗୋପନ ରଖି କହିଛନ୍ତି ଯେ, ଏହି ବିଲ୍ ଆସିବା ପରେ ଆପରାଧିକ କାର୍ଯ୍ୟକଳାପରେ ସମ୍ପୃକ୍ତ ହେଉଥିବା ବ୍ୟକ୍ତି ବିଶେଷଙ୍କ ମନରେ ଭୟ ପଶିବା ସହ ଏହି କାର୍ଯ୍ୟକଳାପରୁ ଦୂରେଇ ରହିବେ। ଯାହାଫଳରେ ରାଜ୍ୟରେ ଅପରାଧର ହାର ଏକ ପ୍ରକାର କମିବ ବୋଲି ସେ ଆଶା କରିଛନ୍ତି।

### ବିଲ୍‌ରେ ରହିବ କଠୋର କାର୍ଯ୍ୟାନୁଷ୍ଠାନ

- ଅପରାଧରେ ସମ୍ପୃକ୍ତ ବ୍ୟକ୍ତି ବା ଗୋଷ୍ଠୀଙ୍କୁ ୭ବର୍ଷରୁ ୧୦ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡ
- ଅପରାଧୀଙ୍କୁ ସାହାଯ୍ୟ କରୁଥିବା ଅଫିସରଙ୍କ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ
- ପ୍ରମାଣ ମିଳିଲେ ୩ ବର୍ଷରୁ ୧୦ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡ ହୋଇପାରେ

### ବିଲ୍‌ରେ କ'ଣ ରହିଛି ବ୍ୟବସ୍ଥା

- ଲୋକଙ୍କ ଭିତରେ ଭୟ ଓ ଆତଙ୍କ ସୃଷ୍ଟି କରୁଥିବା ବ୍ୟକ୍ତି ଓ ଗୋଷ୍ଠୀଙ୍କ କାର୍ଯ୍ୟକୁ ଆଣ୍ଟିସୋସିଆଲ କାର୍ଯ୍ୟକଳାପ କୁହାଯିବ
- ସାଧାରଣ ଲୋକଙ୍କ ସମ୍ପତ୍ତି ବା ସର୍ବସାଧାରଣ ସମ୍ପତ୍ତି ନଷ୍ଟ ହେବାର ଆଶଙ୍କା ଥିଲେ ଏହା ଅଧୀନକୁ ଆସିବ
- ଭୟ ପ୍ରଦର୍ଶନ କରି ଟଙ୍କା ବା ସମ୍ପତ୍ତି ଆଦାୟ କରିବାକୁ ଚେଷ୍ଟା ଏବଂ ସମାଜରେ ବିଶୃଙ୍ଖଳା ସୃଷ୍ଟି କରୁଥିବା ବ୍ୟକ୍ତିଙ୍କୁ ଗୁଣ୍ଡା କୁହାଯିବ
- ସ୍ୱତନ୍ତ୍ର କୋର୍ଟରେ ମାମଲାର ଶୁଣାଣି ହେବ

### ଓଡ଼ିଶାରେ ଆସିବ ଗୁଣ୍ଡା ନିରୋଧୀ ବିଲ୍




"ଓଡ଼ିଶା ଗୁଣ୍ଡା ଓ ଆଣ୍ଟିସୋସିଆଲ ଆକ୍ଟିଭିଟିଜ (ପ୍ରିଭେନଶନ୍) ବିଲ୍-୨୦୨୧" ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ସଂଘବଦ୍ଧ ଆକ୍ରମଣ ନେଇ ଆଇପିସିରେ ଦଣ୍ଡ ବିଧାନର ବ୍ୟବସ୍ଥା ରହିଥିଲେ ସୁଦ୍ଧା ପୋଲିସ ଅନେକ ସ୍ଥାନରେ ଏହାକୁ କଡ଼ାକଡ଼ି ପାଳନ ନ କରିବାରୁ ସଂଘବଦ୍ଧ ଅପରାଧ ସଂଖ୍ୟା ବଢ଼ିବାରେ ଲାଗିଛି। ବାଡ଼ ଯଦି ଫସଲ ଖାଇବ ଗୁହାରି କରିବା କାହାକୁ। ତେଣୁ ସରକାର ଯେଉଁ ନୂଆ ବିଲ୍ ଆଣିବାକୁ ଯାଉଛନ୍ତି ପୋଲିସ ତାକୁ କଡ଼ାକଡ଼ି ପାଳନ କରିବା ଜରୁରୀ। ତା'ହେଲେ ଅପରାଧ ରୋକାଯିବାରେ ଏହି ନୂଆ ବିଲ୍ ସହାୟକ ହୋଇପାରିବ।

**– ନିରଞ୍ଜନ କାନୁନ୍‌ଗୋ, ଆଇନଜୀବୀ**

ରାଜନୈତିକ ବ୍ୟକ୍ତି ବିଶେଷ ଓ ମାଫିଆଙ୍କ ସହଯୋଗ ରହୁଥିବାରୁ ବର୍ତ୍ତମାନ ରାଜଧାନୀ ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ସଂଘବଦ୍ଧ ଆକ୍ରମଣ ଓ ଅପରାଧ ବଢୁଛି। ତେଣୁ ଗୁଣ୍ଡା ନିରୋଧୀ ବିଲ୍‌କୁ ପୋଲିସ କଡ଼ାକଡ଼ି ପାଳନ କରିବା ସହ ଏଥିରେ ଅବହେଳା ନ କରି ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାର ଅଛି। ପିଢ଼ି ପରେ ପିଢ଼ି ଯେଉଁ ଗୁଣ୍ଡା ତିଆରି ହେଉଛନ୍ତି, ତାକୁ ପ୍ରଥମେ ରୋକିବାକୁ ହେବ। ଯୁବଗୋଷ୍ଠୀକୁ ଉଚିତ୍ ଶିକ୍ଷା ପ୍ରଦାନ କରି କୁପଥରୁ ସୁପଥକୁ ଯିବାକୁ ରାସ୍ତା ଦେଖାଇବାର ଅଛି।

**–କମଳାକାନ୍ତ ଦାଶ, ପ୍ରଫେସର, ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ**

### ଦାଦାବଟି ନ ମିଳିବାରୁ ମରଣାନ୍ତକ ଆକ୍ରମଣ

**ଭୁବନେଶ୍ୱର, ୬।୧୧(ବ୍ୟୁରୋ)**

ଦାଦାବଟି ନ ଦେବାରୁ ମଞ୍ଚେଶ୍ୱର ଥାନା ଅଞ୍ଚଳରେ ଥିବା ଏକ ଘରୋଇ ଫ୍ୟାକ୍ଟ୍ରିର ମାଲିକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଏନେଇ ଅଭିଯେଗ ପରେ ପୋଲିସ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ ଭୋଟପଡା ଅଞ୍ଚଳର ଅଭିରାଜ ଶ୍ରୀଚନ୍ଦନ ଓ ରଜତ କୁମାର ଦାସ ଓରଫ ରିକି। ସୂଚନା ମୁତାବକ, ସତ୍ୟବିହାର ଅଞ୍ଚଳରେ ରହୁଥିବା ବାବୁରାମ ସ୍ୱାଇଁଙ୍କ ମଞ୍ଚେଶ୍ୱର ଥନା ଅଞ୍ଚଳରେ ଏକ ଫ୍ୟାକ୍ଟ୍ରି ରହିଛି। ଗତ ଶୁକ୍ରବାର ସନ୍ଧ୍ୟାରେ ଅଭିଯୁକ୍ତ ଅଭିରାଜ ଓ ତାଙ୍କର ଦୁଇ ସହଯୋଗୀ ପହଞ୍ଚି ବଳପୂର୍ବକ ୫ଶହ ଟଙ୍କା ମାଗିନେଇଥିଲେ। ପରେ ୫ ହଜାର ଟଙ୍କା ଦାଦା ବଟି ମାଗିବାରୁ ବାବୁରାମ ଓ ତାଙ୍କ ଭାଇ ଗଜେନ୍ଦ୍ରଙ୍କ ସହ ଝଗଡା ହୋଇଥିଲା। ଅଭିଯୁକ୍ତ ଅଭିରାଜ ତାଙ୍କର ୨ ସହଯୋଗୀ ବହ୍ଲାରେ ଗଜେନ୍ଦ୍ରଙ୍କୁ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଏ ନେଇ ବାବୁରାମ ଥାନାରେ ଅଭିଯୋଗ କରିବା ପରେ ପୋଲିସ ୩୬୫/୨୧ରେ ମାମଲା ରୁଜୁ କରି ଅଭିରାଜ ଓ ଅଭିରାଜଙ୍କୁ ଗିରଫ କରିଛି। ସହଯୋଗୀ ପପୁଙ୍କୁ ଧରିବାକୁ ଚଢାଉ ଜାରି ରହିଛି।

### ନିଖୋଜ ଶିଶୁକନ୍ୟାଙ୍କ ମୃତଦେହ ଜବତ

**ବାଲିପାଟଣା,୬।୧୧(ଡି.ଏନ୍.ଏ.)**

ବାଲିପାଟଣା ଥାନା ଅନ୍ତର୍ଗତ ମୁଣ୍ଡହଣ ଗ୍ରାମର ଅଜୟ ମୁଦୁଲିଙ୍କ ୩ ବର୍ଷର ଝିଅ ଗୁରୁବାର ନିଖୋଜ ଥିଲେ। ବାଲିପାଟଣା ଅଗ୍ନିଶମ କର୍ମଚାରୀ ଓ ଓଡ୍ରାଫ ଟିମ୍ ଘର ନିକଟ କେନାଲରେ ଖୋଜାଖୋଜି କରିଥିଲେ ମଧ ସନ୍ଧାନ ପାଇ ନ ଥିଲେ। ଶନିବାର ସକାଳେ ମାର୍ଥାପୁର ଗ୍ରାମ ନିକଟ କେନାଲରେ ଏକ ମୃତଦେହ ଭାସୁଥିବା ଦେଖି ଲୋକେ ପୋଲିସକୁ ଜଣାଇଥିଲେ। ଖବରପାଇ ପୋଲିସ ଓ ପରିବାର ଲୋକ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ପୋଲିସ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଚଳାଇଛି।

# ବେଣ୍ଟୁଆ ଗାଁମୁଣ୍ଡରେ ହାତୀପଲ

**ବାରଙ୍ଗ,୬।୧୧(ଡି.ଏନ୍.ଏ.)**

ଚନ୍ଦକା ଜଙ୍ଗଲରୁ ଶନିବାର ଅପରାହ୍ନରେ ହାତୀପଲ ବାହାରି ଅଭୟାରଣ୍ୟର ପାଦଦେଶରେ ଥିବା ବେଣ୍ଟୁଆ ଓ ଭାଲୁଙ୍କା ଗ୍ରାମକୁ ଚାଲିଆସିଛନ୍ତି। ଏହି ହାତୀପଲ ଗାଁମଧ୍ୟକୁ ପଶିବାକୁ ଉଦ୍ୟମ କରୁଥିବାବେଳେ ଗ୍ରାମବାସୀ ଦେଖି ହୋହଲ୍ଲା କରିବାରୁ ଜଙ୍ଗଲ ମଧ୍ୟରେ ହିଁ ରହିଯାଇଛନ୍ତି। ଦିନଦ୍ୱିପ୍ରହର ବେଣ୍ଟୁଆ ଗ୍ରାମର କେତେଜଣ ଲୋକ କୌଣସି କାର୍ଯ୍ୟରେ ଜଙ୍ଗଲ ଆଡ଼କୁ ଯିବାବେଳେ ହାତୀପଲ ଥିବା ଦେଖିଥିଲେ। ଫଳରେ ହାତୀପଲକୁ ଦେଖି ଗ୍ରାମରେ ଏକ ପ୍ରକାର ଭୟର ବାତାବରଣ ସୃଷ୍ଟି ହୋଇଛି। ପରେ ବନ ବିଭାଗକୁ ମଧ ଜଣାଇ ଦିଆଯାଇଛି। ଖବରପାଇ ଭଗୀପୁର ବନ ବିଭାଗ ପହଞ୍ଚି ହାତୀପଲଙ୍କ ଗତିବିଧିକୁ ଜଗିରହିଛନ୍ତି। ତେବେ ରାତିରେ ଘରରୁ କେହି ଏକା ନ ବାହାରିବା ପାଇଁ ବନ ବିଭାଗ ପକ୍ଷରୁ ଗ୍ରାମବାସୀଙ୍କୁ ସୂଚାଇ ଦିଆଯାଇଛି।



ଚନ୍ଦକା ଅଭୟାରଣ୍ୟ ପାଦାଦେଶରେ ଥିବା ବେଣ୍ଟୁଆ ଗାଁ ମୁଣ୍ଡରେ ହାତୀପଲ।

# ପ୍ଲାଷ୍ଟିକ ମୁକ୍ତ ଭାରତ ଆଲୋଚନାଚକ୍ର

**ନିରାକାରପୁର, ୬।୧୧(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ମଳିପଡାସ୍ଥିତ କବି ପ୍ରସନ୍ନ ପାଟଶାଣୀ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜାତୀୟ ସେବା ଯୋଜନାର ପୁରୁଷ ଓ ମହିଳା ଶାଖା ପକ୍ଷରୁ ମଳିପଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନରୋତ୍ତମ ସାହୁ ଓ ପ୍ରିୟଙ୍କା ସ୍ୱାଇଁଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ କରାଯାଇଥିଲା। ପରେ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠାନର ଅଧ୍ୟକ୍ଷ ମିହିର ଚନ୍ଦ୍ର ମହାପାତ୍ରଙ୍କ ପୌରୋହିତ୍ୟରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଉକ୍ତ ଆଲୋଚନାଚକ୍ରରେ ପ୍ଲାଷ୍ଟିକ ମୁକ୍ତ ଭାରତ ଓ ବର୍ଜ୍ୟବସ୍ତୁ ପରିଚାଳନା ବିଷୟରେ ଅଧକ୍ଷ ମହାପାତ୍ର ଓ ଉପସ୍ଥିତ କାର୍ଯ୍ୟକ୍ରମ ଅଧିକାରୀମାନେ ପ୍ଲାଷ୍ଟିକ ବ୍ୟବହାରର ଅପକାରିତା ଓ ପରିବେଶର କୁପ୍ରଭାବ ଉପରେ କହିଥିଲେ। ବର୍ଜ୍ୟବସ୍ତୁର ପରିବେଶ ଉପଯୋଗୀ ସୁପରିଚାଳନା ନେଇ ଶିବିରାର୍ଥୀଙ୍କୁ କହିଥିଲେ।

# ଆନ୍ତଃରାଜ୍ୟ ବସ୍ ଟର୍ମିନାଲ ପାଇଁ ସମସ୍ୟା ହଟୁଛି

**ଭୁବନେଶ୍ୱର, ୬।୧୧ (ବ୍ୟୁରୋ)**

**ପଣ୍ଡାକୁଦିଆରୀକୁ ସ୍ଥାନାନ୍ତର ହେବେ ୯ ରାଜୀବ ଆବାସ ହିତାଧିକାରୀ**

ବରମୁଣ୍ଡା ବସ୍‌ଷ୍ଟାଣ୍ଡକୁ ଆନ୍ତଃରାଜ୍ୟ ବସ୍ ଟର୍ମିନାଲ୍‌ରେ ପରିଣତ କରିବା ପାଇଁ ଆବଶ୍ୟକ ନିର୍ମାଣ କାର୍ଯ୍ୟ ଜାରି ରହିଥିବାବେଳେ ଜବରଦଖଲ ବାଧକ ସାଜିଛି। ଏଥିପାଇଁ ସେଠାରେ ଥିବା ବେଆଇନ ଘର, ଦୋକାନ ଓ ହୋଟେଲଗୁଡ଼ିକୁ ଉଚ୍ଛେଦ କରାଯାଉଛି। ଶୁକ୍ରବାର ବସଷ୍ଟାଣ୍ଡର ପ୍ରସ୍ଥାନ ପଥରେ ଥିବା ୯ ଆଜବେଷ୍ଟସ୍ ଘର, ୨୦୦ ମିଟର ଲମ୍ବର ପାଚେରୀ, ଗୋଟିଏ ହୋଟେଲ ଓ ୩ କ୍ୟାବିନକୁ ବିଡିଏ ପକ୍ଷରୁ ଉଚ୍ଛେଦ କରାଯାଇଥିଲା। ତେବେ ଏହି ଅଞ୍ଚଳରେ ରାଜୀବ ଆବାସ ଯୋଜନାରେ ଅନ୍ତର୍ଭୁକ୍ତ କେତେକ ଘର ରହିଥିବାରୁ ସେଗୁଡ଼ିକୁ ଉଚ୍ଛେଦ କରିବାରେ ବିଡିଏ ସଫଳ ହୋଇ ନ ଥିଲା। ସମ୍ପୃକ୍ତ ହିତାଧିକାରୀମାନେ ବିରୋଧ କରିଥିଲେ। ଶେଷରେ ଶନିବାର ଏହି ସମସ୍ୟାର ସମାଧାନ ରାସ୍ତା ବାହାରିଛି। ଟର୍ମିନାଲ ନିର୍ମାଣ ସ୍ଥାନରେ ରାଜୀବ ଆବାସ ଯୋଜନାରେ ରହିଥିବା ୯ ପରିବାରକୁ ପଣ୍ଡାକୁଦିଆରୀ ବସ୍ତିକୁ ସ୍ଥାନାନ୍ତରଣ ନେଇ ସେମାନଙ୍କ ସହ ବୁଝାମଣା ହୋଇଛି। ଏଥିସହ ଅଧିକାରୀମାନେ ଥଇଥାନ ସ୍ଥାନକୁ ହିତାଧିକାରୀଙ୍କୁ ଦେଖାଇବା ସହ ଆସନ୍ତା ୧୫ଦିନ ମଧ୍ୟରେ ସ୍ଥାନାନ୍ତରଣ ପ୍ରକ୍ରିୟା ସରିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହି ସ୍ଥାନାନ୍ତରଣ ପ୍ରକ୍ରିୟା ସରିବା ପରେ ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ ବାକି ଥିବା ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହେବ। ସେହିପରି ବସ୍‌ଷ୍ଟାଣ୍ଡରେ ବେଆଇନ୍ ଭାବେ ଆହୁରି ୨୦ରୁ ୨୫ଟି ଦୋକାନ ରହିଛି। ସେମାନେ ହାଇକୋର୍ଟରୁ ଷ୍ଟେ ଅର୍ଡର ଆଣି ଥିବାରୁ ସମ୍ପୃକ୍ତ ଦୋକାନଗୁଡ଼ିକୁ ମଧ ଭଙ୍ଗାଯାଇ ପାରୁନାହିଁ। ତେବେ ଏହି ଦୋକାନ ଟର୍ମିନାଲ ନିର୍ମାଣରେ କୌଣସି ପ୍ରଭାବ ପକାଇବ ନାହିଁ ବୋଲି ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ଉଚ୍ଛେଦ କାର୍ଯ୍ୟକ୍ରମରେ ବିଡିଏ ଏନଫୋର୍ସମେଣ୍ଟ ଅଫିସର ପ୍ରମୋଦ ପାତ୍ର ଓ ବିଡିଏ ଲିଆସନିଂ ଅଫିସର ଶୁଭ୍ରାଂଶୁ ଶେଖର ମହାନ୍ତି ଉପସ୍ଥିତ ଥିଲେ।

# 'ଲୁଲୁଙ୍କ ସାଙ୍ଗଠନିକ ଦକ୍ଷତା ଉଚ୍ଚକୋଟୀର ଥିଲା'

**ଖୋର୍ଦ୍ଧା ଅଫିସ/କୃଷ୍ଣପ୍ରସାଦ, ୬।୧୧ (ଡି.ଏନ.ଏ.)**

ଖୋର୍ଦ୍ଧା ଜିଲା ଯାଁଳାସ୍ଥିତ ମିଶନ ଆଶ୍ରା ପରିସରରେ ଲଲାଟେନ୍ଦୁ ବିଦ୍ୟାଧର ମହାପାତ୍ର ପ୍ରୀତି କମିଟି ଆନୁକୂଲ୍ୟରେ କଂଗ୍ରେସ ନେତା ଲଲାଟେନ୍ଦୁ ବିଦ୍ୟାଧର ମହାପାତ୍ର(ଲୁଲୁ)ଙ୍କ ୫ମ ଶ୍ରାଦ୍ଧବାର୍ଷିକୀ ଅବସରରେ ଶ୍ରଦ୍ଧାଞ୍ଜଳି ଓ ସର୍ବଧର୍ମ ପ୍ରାର୍ଥନା ସଭା ଶନିବାର ଅନୁଷ୍ଠିତ ହୋଇଯାଇଛି। କମିଟି ସମ୍ପାଦକ ଅମିତ୍ ମହାନ୍ତିଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର, ପୂର୍ବତନ ବିଧାୟକ ଦିଲୀପ ଶ୍ରୀଚନ୍ଦନ, ଯୁବନେତା ମନ୍ମଥ ରାଉତରାୟ ପ୍ରମୁଖ ଅତିଥିଭାବେ ଯୋଗଦେଇ ଲୁଲୁଙ୍କ ସାଙ୍ଗଠନିକ ଦକ୍ଷତା, ନେତୃତ୍ୱ, ରାଜନୈତିକ କାର୍ଯ୍ୟଶୈଳୀ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ମାନୁଏଲ କରାଡ଼, ଡା. ହାଜି ନସିଉଦ୍ଦିନ ଖାନ ଏବଂ ପ୍ରଶାନ୍ତ ପାଟଶାଣି ପ୍ରମୁଖ ଯଥାକ୍ରମେ ବାଇବେଲ, କୋରାନ ଏବଂ ଗୀତାପାଠ କରିଥିଲେ। ଲୁଲୁଙ୍କ ଝିଅ ଉପାସନା ମହାପାତ୍ର ଓ ଜ୍ୱାଇଁ ଶୁଭ୍ରାଂଶୁ ବିଶ୍ୱାଳ ଯୋଗଦେଇ ଆଶ୍ରାରେ ରହୁଥିବା ମାନସିକ ବିକାରଗ୍ରସ୍ତ ମହିଳାଙ୍କୁ ବସ୍ତ୍ର, ଫଳ ବଣ୍ଟନ କରିଥିଲେ। ଏଥିସହ ଭଗବାନପୁର ଶିଳ୍ପାଞ୍ଚଳସ୍ଥିତ ଶିଶୁ ଥଇଥାନ କେନ୍ଦ୍ର ଆମଘରରେ ଶିଶୁମାନଙ୍କୁ ଫଳ ବଣ୍ଟନ କରିଥିଲେ। ଗଙ୍ଗାପଡାସ୍ଥିତ ଆଶାଲୋକ ପରିସରରେ ଫଳ ବଣ୍ଟନ କରାଯାଇଥିଲା।

କଂଗ୍ରେସ ନେତା ଲୁଲୁ ମହାପାତ୍ରଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ କୃଷ୍ଣପ୍ରସାଦ ବ୍ଲକ ଭାଜପା ପକ୍ଷରୁ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଟିଛିଣି ସ୍ଥିତ ବୀଣାପାଣି ଯୁଥ କ୍ଲବ ପରିସରରେ ବରିଷ୍ଠ ନେତା ଜୟରାମ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ କୃଷ୍ଣପ୍ରସାଦ ମଣ୍ଡଳ ସଭାପତି ଦୀନବନ୍ଧୁ ଜେନା, ରଘୁନାଥ ବଡୁ, ଉତ୍ତମ କୁମାର ତରେଇ, ହରିହର ଦାସ, ରବୀନ୍ଦ୍ରନାଥ ସାହୁ, ସଂଗ୍ରାମ କେଶରୀ ଜେନା, ବିଷ୍ଣୁ ପ୍ରସାଦ ବେହେରା ପ୍ରମୁଖ ଲୁଲୁଙ୍କ ସ୍ମୃତିଚାରଣ କରିଥିଲେ। ପାରିକୁଦ ଗଡ ଦଳବେହେରା ସାହି ଯୁବକ ସଂଘ ପକ୍ଷରୁ ପାଳିତ ହୋଇଥିଲା।

### କପିଳେଶ୍ୱର ମିଶ୍ର ଡ୍ରିମ୍‌ସର ଏକାଡେମିକ୍ ନିର୍ଦ୍ଦେଶକ



**କଟକ ଅଫିସ, ୬।୧୧**

ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହର ନୂତନ ନିର୍ଦ୍ଦେଶକ (ଏକାଡେମିକ୍ ଓ ଗବେଷଣା) ଭାବେ ଶିକ୍ଷାବିତ୍ ଡ. କପିଳେଶ୍ୱର ମିଶ୍ର ଶନିବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ ଶିକ୍ଷାନୁଷ୍ଠାନର ବିଭିନ୍ନ ବିଭାଗ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଥିଲା। ମିଶ୍ରଙ୍କ ମାର୍ଗଦର୍ଶନରେ ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ଉତ୍କର୍ଷ ହାସଲ କରିବ ବୋଲି ଅଧକ୍ଷ ପ୍ରମୋଦ ଚନ୍ଦ୍ର ରଥ ଆଶାବ୍ୟକ୍ତ କରିଛନ୍ତି। ସୂଚନାଯୋଗ୍ୟ, ବିଭିନ୍ନ ବୈଷୟିକ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଉଚ୍ଚ ପଦବୀରେ ସଫଳତାର ସହ କାର୍ଯ୍ୟ କରି ମିଶ୍ର ପ୍ରଶଂସିତ ହୋଇଛନ୍ତି। ଶିକ୍ଷାଦାନ, ଗବେଷଣା ଓ ପ୍ରଶାସନିକ କ୍ଷେତ୍ରରେ ତାଙ୍କର ତିନି ଦଶନ୍ଧିରୁ ଉର୍ଦ୍ଧ୍ୱ ଅଭିଜ୍ଞତା ରହିଛି। ବିଶେଷକରି ହାଇଡ୍ରୋଲିକ୍ ଓ ଇରିଗେଶନ ଇଞ୍ଜିନିୟରିଂରେ ତାଙ୍କର ବିଶେଷ ପାରଦର୍ଶିତା ରହିଛି।



ଭକ୍ତ ସାଲବେଗ ପୀଠରେ ଶ୍ରୀକ୍ଷେତ୍ର ଲେଖକ ସାମ୍ମୁଖ୍ୟ ପକ୍ଷରୁ ଶନିବାର 'ସୁଲେଖା' ଓ 'ଦୟଣା' ପତ୍ରିକାକୁ ଉପସ୍ଥିତ ଅତିଥିମାନେ ଲୋକାର୍ପଣ କରୁଛନ୍ତି।



ପୁରୀ ଦଶବାଟିଆଠାରେ ଅନୁଷ୍ଠିତ ଜିଲାସ୍ତରୀୟ ଭଲିବଲ ପ୍ରତିଯୋଗିତାରେ ଶନିବାର ଯୋଗଦେଇଥିବା ପୂର୍ବତନ ମନ୍ତ୍ରୀ ମହେଶ୍ୱର ମହାନ୍ତି ଓ ଅନ୍ୟ ଅତିଥିଙ୍କ ଗହଣରେ ଖେଳାଳିମାନେ।



ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ବିଭିନ୍ନ ସଂଗଠନ ପକ୍ଷରୁ ପଣ୍ଡିତ ନୀଳକଣ୍ଠ ଦାସଙ୍କ ୫୪ତମ ଶ୍ରାଦ୍ଧୋତ୍ସବ ପାଳନ ଅବସରରେ ଶନିବାର ଭୁବନେଶ୍ୱର ପିଏମ୍‌ଜି ଛକସ୍ଥିତ ପ୍ରତିମୂର୍ତ୍ତି ସ୍ଥଳରେ ଉପସ୍ଥିତ ଅତିଥିମାନେ।

## ଆଜି କ'ଣ କେଉଁଠି

**କଟକ**

- ଆଓ୍ୱାକେନ କ୍ୟାନସର କେୟାର ଟ୍ରଷ୍ଟର ପ୍ରଥମ ପ୍ରତିଷ୍ଠା ଦିବସ, ଓଡ଼ିଶା ମାରିଟାଇମ ମ୍ୟୁଜିୟମ, ପୂର୍ବାହ୍ନ ୧୦ଟା।
- ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ସାରସ୍ୱତ ସାଧକ ପ୍ରଫେସର ଗଣେଶ୍ୱର ମିଶ୍ରଙ୍କ ତୈଳଚିତ୍ର ଉନ୍ମୋଚନ ଉତ୍ସବ, ଶ୍ରୀରାମଚନ୍ଦ୍ର ଭବନ, ସନ୍ଧ୍ୟା ୬ଟା।
- ସାରଳା ସାହିତ୍ୟ ସଂସଦ ପକ୍ଷରୁ ପଦ୍ମଶ୍ରୀ ସଚି ରାଉତରାୟଙ୍କ ସ୍ମୃତି ଉତ୍ସବ, ସାରଳା ଭବନ, ବିଜୁ ପଟ୍ଟନାୟକ ଛକ, ସନ୍ଧ୍ୟା ୬ଟା।
- ଉତ୍କଳ ଗାନ୍ଧୀ ସ୍ମାରକ ନିଧି ପକ୍ଷରୁ ବିଶିଷ୍ଟ ଗାନ୍ଧୀବାଦି ନେତା ଏସ୍.ଏନ୍. ସୁବାରାଓଙ୍କ ସ୍ମୃତି ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ସଭା, ଗାନ୍ଧୀ ଭବନ, ବାଖରାବାଦ, ସନ୍ଧ୍ୟା ୬ଟା।

# ପଞ୍ଚାୟତ ନିର୍ବାଚନ ପାଇଁ ଆରମ୍ଭ ହେଲାଣି କସରତ

କଣ୍ଟାପଡ଼ା,୬।୧୧(ଡି.ଏନ୍.ଏ.)

ପଞ୍ଚାୟତ ନିର୍ବାଚନ ପାଇଁ ବିଭିନ୍ନ ରାଜନୈତିକ ଦଳ ମଧ୍ୟରେ ପ୍ରସ୍ତୁତି ଆରମ୍ଭ ହୋଇଗଲାଣି। କଟକ ଜିଲା କଣ୍ଟାପଡା ବ୍ଲକର ୧୪ଟି ପଞ୍ଚାୟତରେ ବିଭିନ୍ନ ଦଳ ଓ କର୍ମୀମାନଙ୍କୁ ନେଇ ରାଜନୈତିକ ଉଷ୍ମତା ବଢ଼ିବାରେ ଲାଗିଛି। ସବୁଠି ପ୍ରାର୍ଥୀ ଚୟନକୁ ନେଇ ଦଳମଧ୍ୟରେ କସରତ ଚାଲିଛି। ମୋଟ୍ ୧୪ଟି ପଞ୍ଚାୟତର ୨୧୨ ୱାର୍ଡରେ ୮୮,୫୩୨ ଭୋଟର ରହିଛନ୍ତି। ବ୍ଲକର ମୋଟ୍ ୧୪ଟି ସରପଞ୍ଚ ପଦବୀ ମଧ୍ୟରୁ ୪ଟି ଅଣସଂରକ୍ଷିତ ଥିବାବେଳେ ୩ଟି ପଞ୍ଚାୟତ ମହିଳାଙ୍କ ପାଇଁ ଅଣସଂରକ୍ଷିତ ରହିଛି। ତଫସିଲଭୁକ୍ତ ଜାତି ପାଇଁ ୨ ଓ ତଫସିଲଭୁକ୍ତ ଜାତି ମହିଳାଙ୍କ ପାଇଁ ୨ଟି ଆସନ ସଂରକ୍ଷିତ ରହିଛି। ପଛୁଆବର୍ଗ ପାଇଁ ଗୋଟିଏ ଓ ପଛୁଆବର୍ଗ ମହିଳାଙ୍କ ପାଇଁ ୨ଟି ଆସନ ସଂରକ୍ଷିତ ରହିଛି। ସମିତିସଭ୍ୟ ପଦବୀ ଲାଗି ଗୋଟିଏ ପଞ୍ଚାୟତ ତଫସିଲଭୁକ୍ତ ଜନଜାତି ମହିଳାଙ୍କ ପାଇଁ ସଂରକ୍ଷିତ ଥିବାବେଳେ ୪ଟି ପଞ୍ଚାୟତ ଅଣସଂରକ୍ଷିତ ଓ ୩ଟି ପଞ୍ଚାୟତ ମହିଳାଙ୍କ ପାଇଁ ଅଣସଂରକ୍ଷିତ ରହିଛି। ପଛୁଆବର୍ଗ ପାଇଁ ଗୋଟିଏ ଓ ପଛୁଆବର୍ଗ ମହିଳାଙ୍କ ପାଇଁ ଗୋଟିଏ ଆସନ ସଂରକ୍ଷିତ ରହିଛି। ତଫସିଲଭୁକ୍ତ ଜାତି ପାଇଁ ୨ଟି ଓ ତଫସିଲଭୁକ୍ତ ଜାତି ମହିଳାଙ୍କ ପାଇଁ ୨ଟି ଆସନ ସଂରକ୍ଷିତ ରହିଛି।

### ଏମାନେ କ'ଣ କୁହନ୍ତି....

"କଣ୍ଟାପଡା ବ୍ଲକରେ ରାସ୍ତା ଓ ସ୍ୱାସ୍ଥ୍ୟ ସମସ୍ୟା ରହିଛି। ହେଲେ ଏହାର ସମାଧାନ କରାଯାଉନାହିଁ। ନିର୍ବାଚନ ଆସିଲେ ପ୍ରାର୍ଥୀମାନେ ସମସ୍ୟା ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥାନ୍ତି। ନିର୍ବାଚନ ଜିତିଲା ପରେ ପ୍ରତିଶ୍ରୁତି ପାଳନ କରିବାକୁ ପଛଘୁଞ୍ଚା ଦେଇଥାନ୍ତି। ଆସନ୍ତା ନିର୍ବାଚନରେ ପ୍ରଲୋଭନରେ ନ ପଡି ଉତ୍ତମ ପ୍ରାର୍ଥୀ ବାଛିଲେ ପଞ୍ଚାୟତର ଉନ୍ନତି ହେବ।

**ଦୀପକ ପାତ୍ର, ଭୋଟର**

"ମୁଖ୍ୟମନ୍ତ୍ରୀଙ୍କ ଲୋକପ୍ରିୟତା ଓ ନିଆଳି ବିଧାୟକ ଡ. ପ୍ରମୋଦ ମଲ୍ଲିକଙ୍କ ଦ୍ୱାରା କଣ୍ଟାପଡା ବ୍ଲକରେ ବିଭିନ୍ନ ବିକାଶମୂଳକ କାର୍ଯ୍ୟ ହୋଇଆସିଛି। କାର୍ଯ୍ୟର ଏହି ଧାରାକୁ ନେଇ ଆଗାମୀ ପଞ୍ଚାୟତ ନିର୍ବାଚନରେ ଲୋକଙ୍କ ନିକଟରେ ଉପସ୍ଥାପନ କରିବୁ।

**ବିମାନ ବିହାରୀ ବେହେରା, ବିଜେଡି ନେତା**

"ବିଭିନ୍ନ ଯୋଜନାରେ ଶାସକ ଦଳ ଦ୍ୱାରା କରାଯାଇଥିବା ଦୁର୍ନୀତି ଓ ପ୍ରଶାସନର ଅପାରଗତାକୁ ଲୋକଙ୍କୁ ଜଣାଯିବ। ବିଭିନ୍ନ ଯୋଜନା ହେଉଥିଲେ ମଧ୍ୟ ଶାସକ ଦଳର କର୍ମୀଙ୍କ ଯୋଗୁ ଯୋଗ୍ୟ ହିତାଧିକାରୀ ବଦଳରେ ଅଯୋଗ୍ୟ ହିତାଧିକାରୀ ଲାଭବାନ ହେଉଛନ୍ତି। ଏହିସବୁ ଦୁର୍ନୀତିର ଜବାବ ଲୋକେ ଆସନ୍ତା ନିର୍ବାଚନରେ ଦେବେ।

**ପ୍ରଦୀପ୍ତ ପାତ୍ର, ବ୍ଲକ କଂଗ୍ରେସ ସଭାପତି, କଣ୍ଟାପଡ଼ା**

"ରାଜ୍ୟ ସରକାରଙ୍କ ଦୁର୍ନୀତି ଓ ବଢୁଥିବା ନାରୀ ନିର୍ଯାତନା ଯୋଗୁ ଲୋକେ ଅତିଷ୍ଠ ହୋଇଗଲେଣି। ଗୋବିନ୍ଦପୁର ସ୍ୱାସ୍ଥ୍ୟକେନ୍ଦ୍ର ଅବହେଳିତ ହୋଇପଡ଼ିଥିବାରୁ ରୋଗୀ ସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏହି ସମୟରେ ଲୋକଙ୍କୁ ଏକାଠି କରି ଆଗକୁ କଡ଼ା ଜବାବ ଦିଆଯିବ।

**ବାବୁଲି ଚରଣ ବେହେରା, ଭାଜପା ମଣ୍ଡଳ ସଭାପତି, ଗୋବିନ୍ଦପୁର**

## ୮ନଂ. ଜୋନ୍ ଜିଲା ପରିଷଦ ସଂରକ୍ଷଣ ତାଲିକା ବଦଳିଲା

**କଣ୍ଟାପଡା,୬।୧୧(ଡି.ଏନ୍.ଏ.):** ଆସନ୍ତା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ କଣ୍ଟାପଡା ବ୍ଲକର ଦୁଇଟି ଜୋନ୍ ମଧ୍ୟରୁ ୮ନଂ. ଜୋନ୍ ଜିଲାପରିଷଦ ପାଇଁ ପ୍ରକାଶ ପାଇଥିବା ସଂରକ୍ଷଣ ତାଲିକାରେ ପରିବର୍ତ୍ତନ ହୋଇଛି। ପୂର୍ବରୁ ଉକ୍ତ ଜୋନକୁ ସାଧାରଣ ବର୍ଗ ପାଇଁ ସଂରକ୍ଷିତ ରଖାଯାଇଥିବାବେଳେ ପରିବର୍ତ୍ତିତ ତାଲିକାରେ ଏହାକୁ ପଛୁଆବର୍ଗ ପାଇଁ ସରକ୍ଷିତ ରଖାଯାଇଛି। ସେହିପରି ୯ନଂ. ଜୋନ୍‌ଟି ଅନୁସୂଚିତ ଜାତି ମହିଳାଙ୍କ ପାଇଁ ସରକ୍ଷିତ ରହିଥିବା ଜଣାପଡିଛି। ବଡପାଟସୁନ୍ଦରପୁର, ବ୍ରାହ୍ମଣସାଇଲୋ, ଗୋବିନ୍ଦପୁର, ଝାରପଡ଼ା, ନାହାଳପୁର ଓ ନୂଆଗାଁ ପଞ୍ଚାୟତକୁ ନେଇ ୮ନଂ. ଜୋନ୍ ଗଠିତ ହୋଇଛି। ସେହିପରି କଣ୍ଟାପଡା, ବାଗଲପୁର, ଅଡଶପୁର, ଉରାଢ଼, ପୋସ୍ତଳ, ବ୍ରାହ୍ମଣବାଟୀ, ଡିମିରି ଓ ଉତ୍ତାରଣ ପଞ୍ଚାୟତକୁ ନେଇ ୯ନଂ. ଜୋନ ଗଠନ କରାଯାଇଛି।



କଟକ ପୁରୀଘାଟସ୍ଥିତ ଦେବୀଗଡା କାଠଯୋଡି ନଦୀତଟସ୍ଥ ଅସ୍ଥାୟୀ ପୋଖରୀରେ ଶ୍ୟାମାକାଳୀଙ୍କ ମୃଣ୍ମୟୀ ପ୍ରତିମା ବିସର୍ଜନ କରାଯାଇଛି।

## ଅସ୍ଥାୟୀ ପୋଖରୀରେ ବିସର୍ଜନ ହେଲେ ମା'କାଳୀ

କଟକ ଅଫିସ,୬।୧୧

କରୋନା କଟକଣା ମଧ୍ୟରେ ଚଳିତବର୍ଷ କାଳୀପୂଜା ଶେଷ ହୋଇଛି। ଶନିବାର ମା'ଙ୍କ ଭସାଣି ଉତ୍ସବ ନିରାଡମ୍ବର ଭାବେ ଅନୁଷ୍ଠିତ ହୋଇଥିଲା। କଟକ ମହାନଗର ନିଗମ ପକ୍ଷରୁ ପୁରୀଘାଟ ଥାନା ପାଖ ଦେବୀଗଡ଼ା ଘାଟ ଓ ବାଲିକୁଦାରେ ପ୍ରସ୍ତୁତ ହୋଇଥିବା ଅସ୍ଥାୟୀ ପୋଖରୀରେ ପ୍ରାୟ ୭୦ଟି ମେଢ ବିସର୍ଜନ କରାଯାଇଛି। ନିୟମ ଅନୁଯାୟୀ ଭସାଣିରେ କମିଟିର ୬/୭ ଜଣ କର୍ମକର୍ତ୍ତା ସାମିଲ ହୋଇଥିଲେ। ନିୟମ ଅନୁସାରେ ବିସର୍ଜନ କରାଯାଇଥିବାରୁ କଟକ ମହାନଗର ଶାନ୍ତି କମିଟି ପକ୍ଷରୁ ସଭାପତି ଦେବେନ୍ଦ୍ରନାଥ ସାହୁ ଓ ସାଧାରଣ ସମ୍ପାଦକ ଭିକାରୀ ଦାସ କୃତଜ୍ଞତା ଜ୍ଞାପନ କରିଛନ୍ତି। ଆସନ୍ତା ରବିବାର କେବଳ ଚାନ୍ଦିନୀଚୌକ ଓ ଫିରିଙ୍ଗିବଜାର କାଳୀମୂର୍ତ୍ତି ବିସର୍ଜନ କରାଯିବ।

## ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଗଣବିକ୍ଷୋଭ

### ବନ୍ୟା ପୀଡ଼ିତଙ୍କୁ କ୍ଷତିପୂରଣ ଦାବି

ମାହାଙ୍ଗା,୬।୧୧(ସ୍ୱ.ପ୍ର.)

ବନ୍ୟା ପୀଡ଼ିତଙ୍କୁ କ୍ଷତିପୂରଣ ଦାବିରେ ମାହାଙ୍ଗା ଭାଜପା ପକ୍ଷରୁ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଗଣବିକ୍ଷୋଭ କରାଯାଇଛି। ଭାଜପା ନେତା ସାରଦା ପ୍ରଧାନ ଏହାର ନେତୃତ୍ୱ ନେଇଥିଲେ। କୁଆଁପାଳରୁ ଦଳୀୟ କର୍ମୀମାନେ ଏକ ଶୋଭାଯାତ୍ରାରେ ବାହାରି ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଭାଜପା କର୍ମୀଙ୍କ ଅଭିଯୋଗ ଅନୁଯାୟୀ, ଗତ ସେପ୍ଟେମ୍ବରରେ ଲଗାଣ ବର୍ଷାରେ ଗୋବରୀ,ଶୁକ,ମଇଯୋରା ସମେତ ପାଟ ନାଳି ଗୁଡିକରେ ବର୍ଷା ଜଳ ନିଷ୍କାସିତ ହୋଇପାରି ନଥିଲା। ଫଳରେ ବନ୍ୟା ପରିସ୍ଥିତି ହୋଇଥିଲା। ଏଥିଯୋଗୁ ମାହାଙ୍ଗା ତହସିଲ ଅନ୍ତର୍ଗତ ୩୭ ପଞ୍ଚାୟତର ହଜାର ହଜାର ହେକ୍ଟର ଫସଲ କ୍ଷତିଗ୍ରସ୍ତ ହେବାସହ ବହୁ କଚ୍ଚାଘର ଭାଙ୍ଗି ଯାଇଥିଲା। ଗୋ ଓ ମତ୍ସ୍ୟ ସମ୍ପଦ ମଧ୍ୟ ପ୍ରଭାବିତ ହୋଇଥିଲା। ମାତ୍ର ଏପର୍ଯ୍ୟନ୍ତ କ୍ଷତିଗ୍ରସ୍ତ ଚାଷୀ ଓ ବନ୍ୟା ବିପନ୍ନଙ୍କୁ କୌଣସି ସରକାରୀ ସହାୟତା ମିଳିପାରି ନାହିଁ। ଏନେଇ କ୍ଷତିଗ୍ରସ୍ତ ଚାଷୀଙ୍କୁ ଏକର ପିଛା ୫୦ ହଜାର ଟଙ୍କା ସହାୟତା ରାଶି ଓ ଗୋବରୀକୁ ନଦୀର ମାନ୍ୟତା ଦେବା ପାଇଁ ଦାବି କରାଯାଇଛି। ଏସମ୍ପର୍କିତ ଏକ ଦାବିପତ୍ର ତହସିଲଦାର ଉମାକାନ୍ତ ବିଶ୍ୱାଳଙ୍କୁ ପ୍ରଦାନ କରାଯାଇଥିଲା। ଏଥିରେ ଦଳର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭୁବନ ମୋହନ ଜେନା,ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ଦୁର୍ଯ୍ୟୋଧନ ସାହୁ, ଜିଲା ଭାଜପା ମହିଳା ମୋର୍ଚ୍ଚା ସଭାନେତ୍ରୀ ଯାଜ୍ଞସେନୀ ଜେନା, ଭାଜପା ଜିଲା ଉପ ସଭାପତି ମନୋରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଆଇନ ସଚେତନତା କାର୍ଯ୍ୟକ୍ରମ

କଟକ ଅଫିସ, ୬।୧୧

ରାଷ୍ଟ୍ରୀୟ ମହିଳା ଆୟୋଗ, ରାଷ୍ଟ୍ରୀୟ ଆଇନ ସେବା ପ୍ରାଧିକରଣ, ରାଜ୍ୟ ଆଇନ ସେବା ପ୍ରାଧିକରଣ ଏବଂ କଟକ ଜିଲା ଆଇନ ସେବା ପ୍ରାଧିକରଣର ମିଳିତ ଆନୁକୂଲ୍ୟରେ ବାଦାମବାଡ଼ିସ୍ଥିତ ସ୍ୱୟଂଶ୍ରୀ ସମବାୟ ସମିତି ପରିସରରେ ନାରୀ ସଶକ୍ତିକରଣ ସମ୍ପର୍କୀତ ଆଇନ ସଚେତନତା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଅଛି। ଜିଲା ଆଇନ ସେବା ପ୍ରାଧିକରଣ ସଚିବ ସ୍ୱୟଂପ୍ରଭା ଆଚାର୍ଯ୍ୟ ଯୋଗଦେଇ ଯୌନ ନିର୍ଯାତନା, ପାରିବାରିକ ହିଂସା, ନାରୀ ସୁରକ୍ଷା, ବାଲ୍ୟ ବିବାହ ରୋକିବା ଆଦି ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମରେ ନାରୀଜାଗରଣ ଉପରେ ସଚେତନତା ବାର୍ତ୍ତା ପ୍ରଦାନ କରାଯାଇଥିଲା। ଏଥିରେ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଜିଲା ଆଇନସେବା ପ୍ରାଧିକରଣ ସଚିବ ସ୍ୱୟଂପ୍ରଭା ଆଚାର୍ଯ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ହାଟ ନିକଟରେ ଶୌଚାଳୟ ନିର୍ମାଣ ପାଇଁ ପ୍ରସ୍ତାବ

**କଟକ ସଦର,୬।୧୧(ଡି.ଏନ୍.ଏ.):** ୨୦୨୧-୨୦୨୨ ଆର୍ଥିକ ବର୍ଷରେ କଟକ ସଦର ବ୍ଲକ ଅନ୍ତର୍ଗତ କିଶୋରନଗର ପଞ୍ଚାୟତରେ ଏକ ଗୋଷ୍ଠୀ ଶୌଚାଳୟ ନିର୍ମାଣ କରାଯିବ। ଏଥିପାଇଁ ସ୍ଥାନ ନିରୁପଣ କାର୍ଯ୍ୟ ଆରମ୍ଭ ହୋଇଛି। କେତେଜଣ ଲୋକ ମହାନଦୀ କୂଳରେ ନିର୍ମାଣ ପାଇଁ ସ୍ଥାନୀୟ ସରପଞ୍ଚ ରଞ୍ଜିତା ମହାନ୍ତିଙ୍କୁ ପ୍ରସ୍ତାବ ଦେଇଛନ୍ତି। ଅନ୍ୟପକ୍ଷରେ ସ୍ଥାନୀୟ ହାଟ ନିକଟରେ ଶୌଚାଳୟ କରାଗଲେ ବହୁ ଲୋକ ଉପକୃତ ହୋଇପାରିବେ ବୋଲି ଦର୍ଶାଇ ବ୍ୟବସାୟୀମାନେ ସରପଞ୍ଚ ମହାନ୍ତିଙ୍କୁ ପ୍ରସ୍ତାବ ଦେଇଛନ୍ତି। କାରଣ କିଶୋରନଗର ବଜାର, ଥାନା ଓ ତହସିଲ ଅଫିସକୁ ବହୁ ଲୋକ ଆସିଥାନ୍ତି। ମୋଟ୍ ୩ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ଶୌଚାଳୟରେ ଭିନ୍ନକ୍ଷମଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା ରଖାଯିବ। ସହକାରୀ ଯନ୍ତ୍ରୀଙ୍କ ସହିତ ବିଚାର ବିମର୍ଷ କରିବା ପରେ ନିର୍ମାଣ କାମ ଆରମ୍ଭ ହେବ ବୋଲି ସରପଞ୍ଚ ମହାନ୍ତି କହିଛନ୍ତି।

## ରାଜ୍ୟସ୍ତରୀୟ ନେଟ୍‌ବଲ ଚାମ୍ପିୟନଶିପ୍ ଉଦ୍‌ଘାଟିତ

ଚୌଦ୍ୱାର,୬।୧୧(ଡି.ଏନ୍.ଏ.)

ଟାଙ୍ଗୀ-ଚୌଦ୍ୱାର ବ୍ଲକ ବାଣୀପଦାସ୍ଥିତ ଉତ୍କଳ ଇଣ୍ଟରନ୍ୟାଶନାଲ ସ୍କୁଲ ପରିସରରେ ୨୩ତମ ରାଜ୍ୟସ୍ତରୀୟ ନେଟ୍‌ବଲ ଚାମ୍ପିୟନଶିପ୍ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ସ୍କୁଲର ପ୍ରତିଷ୍ଠାତା ଗଣେଶ ପ୍ରସାଦ ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ରାଜ୍ୟ ନେଟ୍‌ବଲ ସଂଘର ସାଧାରଣ ସମ୍ପାଦକ ପ୍ରମୋଦ ପଣ୍ଡା, ସାମାଜିକ କର୍ମୀ ତୀର୍ଥାନନ୍ଦ ସୁବୁଦ୍ଧିରାୟ, ସୁବ୍ରତ ସାମଲ, ଲକ୍ଷ୍ମଣ ରାଉତ, ରଞ୍ଜିତ୍ କୁମାର ଦାସ, ଦେବଜିତ୍ ପ୍ରସାଦ ସିଂଦେଓ, ଶୁଭେନ୍ଦୁ କେଶରୀ ପ୍ରଧାନ ଓ ସହଦେବ ବରାଳ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ଜିଲାରୁ ୧୮ଟି ଦଳ ଭାଗ ନେଇଛନ୍ତି। ପ୍ରଥମ ଦିନରେ ୧୮ଟି ଟିମ୍ ମଧ୍ୟରେ ୩୬ଟି ଖେଳ ଅନୁଷ୍ଠିତ ହୋଇଥିଲା। ସେଥିମଧ୍ୟରୁ ୮ଟି ଟିମ୍ ରବିବାର କ୍ୱାର୍ଟର ଫାଇନାଲ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଥିଲେ। ସ୍କୁଲ ଅଧ୍ୟକ୍ଷ ବୈକୁଣ୍ଠ ନାଥ ତାରେଣିଆ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଇପିଏଫ୍ ପେନ୍‌ସନ୍ ଭୋଗୀ ଶ୍ରମିକ ସଂଘ ବୈଠକ

ଟାଙ୍ଗୀ, (କଟକ)୬।୧୧(ଡି.ଏନ୍.ଏ.)

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅନ୍ତର୍ଗତ ଭଗତପୁରସ୍ଥିତ ଓସିଏମ ଛକଠାରେ ଇପିଏଫ୍ ପେନ୍‌ସନ୍ ଭୋଗୀ ଶ୍ରମିକମାନଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନନ୍ଦ କିଶୋର ସ୍ୱାଇଁ ସଭାପତିତ୍ୱ କରିଥିବାବେଳେ ଡା. କେଶବ ଚନ୍ଦ୍ର ଷଡଙ୍ଗୀ ବିବରଣୀ ପ୍ରଦାନ କରିଥିଲେ। ସର୍ବନିମ୍ନ ପେନ୍‌ସନ୍ ୯ହଜାର ଟଙ୍କା ଦାବିରେ ଆସନ୍ତା ୧୬ତାରିଖରେ କଟକ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବ। ଏଥିରେ ବହୁସଂଖ୍ୟାରେ ପେନ୍‌ସନ୍‌ଭୋଗୀ ଶ୍ରମିକ ସାମିଲ ହେବାକୁ ଆହ୍ୱାନ ଦିଆଯାଇଛି। ବୀରକିଶୋର ବେଜ, ଶ୍ରୀନିବାସ ବାରିକ, ଅନ୍ତର୍ଯ୍ୟାମୀ ଦାସ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ସୁଦର୍ଶନ ପେଙ୍ଗୁଆ ଧନ୍ୟବାଦ ଦେଇଥିଲେ।

## ହାର୍ଡୱେର ଷ୍ଟୋରରେ ଅଗ୍ନିକାଣ୍ଡ

**ଚୌଦ୍ୱାର,୬।୧୧(ଡି.ଏନ୍.ଏ.):** ଚୌଦ୍ୱାର ପୌରପାଳିକା ଅଧୀନ କଳିଙ୍ଗ ଛକ ସ୍ଥିତ ଏକ ହାର୍ଡୱେର ଷ୍ଟୋରରେ ଶନିବାର ଅପରାହ୍ନ ପ୍ରାୟ ସାଢେ ୩ଟାରେ ଅଗ୍ନିକାଣ୍ଡ ଘଟିଥିଲା। ହେଲେ ଏଥିରେ କୌଣସି କ୍ଷତି ହୋଇ ନ ଥିବା ଜଣାପଡିଛି। ବେହେରା ଗ୍ଲାସ ହାଉସ ନାମକ ଏହି ଷ୍ଟୋରର ତୃତୀୟ ମହଲା ମୁଖ୍ୟ ଫାଟକରେ ନିଆଁ ଜଳୁଥିବା ଦେଖି ମାଲିକ ସ୍ଥାନୀୟ ଅଗ୍ନିଶମ କେନ୍ଦ୍ରକୁ ଜଣାଇଥିଲେ। ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ବିଦ୍ୟୁତ୍ ଶର୍ଟସର୍କିଟ୍‌ରୁ ନିଆଁ ଲାଗିଥିବା ଅଗ୍ନିଶମ କର୍ମଚାରୀ ଶ୍ରୀକାନ୍ତ ରଞ୍ଜନ ବଡୁ କହିଛନ୍ତି।

## ଉଠାଦୋକାନୀଙ୍କୁ ଥଇଥାନ କର

### ସିଏମ୍‌ସି ଅଫିସ ସମ୍ମୁଖରେ ବିକ୍ଷୋଭ

କଟକ ଅଫିସ,୬।୧୧

କଟକ ମହାନଗର ନିଗମ(ସିଏମ୍‌ସି) ୫୨ନଂ. ୱାର୍ଡର ରାଜେନ୍ଦ୍ର ନଗର ଅଞ୍ଚଳରେ ୩୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେବ ୧୨ ଜଣ ବ୍ୟବସାୟୀ ଦୋକାନ କରି ପରିବାର ପ୍ରତିପୋଷଣ କରିଆସୁଛନ୍ତି। ସେମାନଙ୍କୁ ଅନ୍ୟ ସ୍ଥାନରେ ଥଇଥାନ କିମ୍ବା କ୍ଷତିପୂରଣ ବ୍ୟବସ୍ଥା କରାଯାଇ ନ ଯାଇ ରବିବାର ସ୍ଥାନ ଖାଲି କରିବାକୁ ସିଏମ୍‌ସି ପକ୍ଷରୁ କୁହାଯାଇଛି। ସେମାନଙ୍କୁ ଉକ୍ତ ସ୍ଥାନରେ ଏକ ପ୍ରକଳ୍ପ ହେବ ବୋଲି ସିଏମ୍‌ସି ପକ୍ଷରୁ କୁହାଯାଇଛି। ଉକ୍ତ ସ୍ଥାନ ନିକଟରେ ରେଲୱେ, ସରକାରୀ ଜାଗାରେ ଅନେକ ଦୋକାନ, ଘର ରହିଥିଲେ ସୁଦ୍ଧା ନିର୍ଦ୍ଦିଷ୍ଟ ବ୍ୟବସାୟୀଙ୍କୁ ଉଚ୍ଛେଦ କରିବା ଏକ ରାଜନୈତିକ ଷଡ଼ଯନ୍ତ୍ର ବୋଲି ସେମାନେ ଅଭିଯୋଗ କରିଛନ୍ତି। ଏହି ବ୍ୟବସାୟୀଙ୍କୁ ଥଇଥାନ ସହ କ୍ଷତିପୂରଣ ଦାବିରେ ଶନିବାର ମୋ କଟକ ସୁରକ୍ଷା ମଞ୍ଚର ପକ୍ଷରୁ ସିଏମ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସରକାରୀ ଯୋଜନାର ପ୍ରକଳ୍ପକୁ ସାର୍ବଜନୀନ ନ କରି ଦଳୀୟ ନେତା ଓ ସରକାରୀ କର୍ମଚାରୀଙ୍କ ମଧୁଚନ୍ଦ୍ରିକାରେ ନିର୍ମାଣ ପାଇଁ ପ୍ରୟାସ କରାଯାଉଛି ବୋଲି ମଞ୍ଚର ସମ୍ପାଦକ ଜିତେନ୍ଦ୍ର ସାହୁ କହିଛନ୍ତି। ଜୟ ଦାସ, ଅନନ୍ତ ପରିଡା, ଫଗୁଆ ରାଉତ, ବିଚି ପ୍ରଧାନ, କୃଷ୍ଣଚନ୍ଦ୍ର ଦାସ ପ୍ରମୁଖ ସିଏମ୍‌ସି କମିଶନରଙ୍କ ଉଦ୍ଦେଶ୍ୟରେ ଡେପୁଟି କମିଶନର ଅଜୟ ମହାନ୍ତିଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏ ସମ୍ପର୍କରେ ସିଏମ୍‌ସି ଅଧିକାରୀ ପଞ୍ଚାନନ ପାଲ କହିଛନ୍ତି, ଇଞ୍ଜିନିୟରିଂ ବିଭାଗ ପକ୍ଷରୁ ଆମକୁ ସରକାରୀ ଜମି ଜବରଦଖଲ ମୁକ୍ତ କରିବାକୁ କୁହାଯାଇଛି। ଉକ୍ତ ସ୍ଥାନରେ ସିଏମ୍‌ସିର ନୂତନ ପ୍ରକଳ୍ପ ପାଇଁ ଯୋଜନା ରହିଛି। ସେଥିଲାଗି ସ୍ଥାନ ଖାଲି କରିବାକୁ ବ୍ୟବସାୟୀମାନଙ୍କୁ କୁହାଯାଇଛି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ କାହ୍ନୁ



@ ତାରିଣୀ



@ ପର୍ଶୁରାମ



@ ଆଲିଶା



@ ସନ୍ତୋଷ



କୃଷ୍ଣ

## ୬ ବର୍ଷ ଲାଗି କଂଗ୍ରେସରୁ ନିଲମ୍ବିତ ହେଲେ ପ୍ରଦୀପ୍ତ

ନିଶ୍ଚିନ୍ତକୋଇଲି,୬।୧୧(ସ୍ୱ.ପ୍ର.)

କଂଗ୍ରେସ ଦଳରୁ ପିସିସି ପୂର୍ବତନ ସମ୍ପାଦକ ପ୍ରଦୀପ୍ତ ଦାସ ଶନିବାର ନିଲମ୍ବିତ ହୋଇଛନ୍ତି। ମାହାଙ୍ଗା ବିଧାନସଭା ନିର୍ବାଚନମଣ୍ଡଳୀର ପ୍ରଦୀପ୍ତଙ୍କୁ ବିଶୃଙ୍ଖଳିତ ଆଚରଣ ଓ ଦଳ ବିରୋଧୀ କାର୍ଯ୍ୟ ପାଇଁ ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ୬ ବର୍ଷ ଲାଗି ନିଲମ୍ବିତ କରାଯାଇଛି। ଏନେଇ କଟକ ଜିଲା କଂଗ୍ରେସ ସଭାପତି ମାନସ ରଞ୍ଜନ ଚୌଧୁରୀ ଏକ ପ୍ରେସ୍ ବିଜ୍ଞପ୍ତିରେ ଶନିବାର ଜଣାଇଛନ୍ତି। ଅନ୍ୟପକ୍ଷରେ ନିଲମ୍ବନ ପୂର୍ବରୁ କାରଣ ଦର୍ଶାଅ ନୋଟିସ ଜାରି ହେବା କଥା। କିନ୍ତୁ ଏହା ନକରି ସିଧାସଳଖ ତାଙ୍କୁ କିପରି ନିଲମ୍ବନ କରାଯାଇଛି ବୋଲି ପ୍ରଦୀପ୍ତ ପ୍ରଶ୍ନ କରିଛନ୍ତି। ଏସମ୍ପର୍କରେ ଜିଲା ସଭାପତି ମାନସ ରଞ୍ଜନ ଚୌଧୁରୀ କହିଛନ୍ତି, ପିସିସି ସଭ୍ୟରୁ ଊର୍ଦ୍ଧ୍ୱରେ ଥିବା କର୍ମକର୍ତ୍ତାଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଏ। ତେବେ ଯିଏ ଦଳ ବିରୋଧୀ କାର୍ଯ୍ୟ କରିବେ ତାଙ୍କୁ ସିଧାସଳଖ ନିଲମ୍ବିତ କରିହେବ।



କଟକ ମେହେନ୍ଦିପୀର ଅଞ୍ଚଳରେ ଶନିବାର ବିହାରୀ ସମ୍ପ୍ରଦାୟର ମହିଳାମାନେ ଗିରି ଗୋବର୍ଦ୍ଧନ ପୂଜା କରୁଛନ୍ତି।




ଉଠାଦୋକାନୀଙ୍କୁ ଥଇଥାନ ସହ କ୍ଷତିପୂରଣ ପ୍ରଦାନ ଦାବିରେ ଶନିବାର କଟକ ମହାନଗର ନିଗମ(ସିଏମ୍‌ସି) କାର୍ଯ୍ୟାଳୟ ସମ୍ମୁଖରେ ମୋ କଟକ ସୁରକ୍ଷା ମଞ୍ଚ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ।



ପୁରୀ ଶ୍ରୀନଅର ପରିସରରେ ଶନିବାର ଗଜପତି ମହାରାଜା ଦିବ୍ୟସିଂହ ଦେବ ଓ ଅନ୍ୟ ଅତିଥିଙ୍କ ଉପସ୍ଥିତିରେ ହରେକୃଷ୍ଣ ଶତପଥୀଙ୍କ ଦ୍ୱାରା ଅନୁବାଦିତ 'ସ୍କନ୍ଦପୁରାଣ' ପୁସ୍ତକକୁ ଉନ୍ମୋଚନ କରାଯାଉଛି।

## ସଂକ୍ଷେପରେ

### ନାଟ୍ୟ ନିର୍ଦ୍ଦେଶକ ଗୌରୀଶ୍ୟାମ ମହାପାତ୍ରଙ୍କ ପରଲୋକ

**ଭୁବନେଶ୍ୱର, ୬।୧୧ (ବ୍ୟୁରୋ):** ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ ତଥା ସଂଗଠକ ଗୌରୀଶ୍ୟାମ ମହାପାତ୍ରଙ୍କର ଗତ ବୁଧବାର ବିଳମ୍ବିତ ରାତିରେ ପରଲୋକ ଘଟିଛି। ଦୀର୍ଘଦିନ ଧରି କରୋନା ସହ ଲଢେଇ କରି ଶେଷରେ ସେ ହାରି ଯାଇଛନ୍ତି।



ଗୁରୁବାର ସତ୍ୟନଗର ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଚଇତିଘୋଡ଼ା, ପାଶବିକ, ଈଶ୍ୱର ଶୋଇଛନ୍ତି, ଶୁଣ ପରୀକ୍ଷ ଦଣ୍ଡାଧାରୀ, ବସ୍ତ୍ରହରଣ, ଗୋପୀ ସାହୁ ଦୋକାନ ଆଦି ୨୫ରୁ ଊର୍ଦ୍ଧ୍ୱ ନାଟକରେ ନିର୍ଦ୍ଦେଶନା ଦେଇ ସେ ନିଜର ସ୍ୱତନ୍ତ୍ର ଶୈଳୀ ସୃଷ୍ଟି କରିଥିଲେ। କର୍ମଠ, ସ୍ୱଳ୍ପଭାଷୀ, ଦକ୍ଷ ସଂଗଠକ, ବନ୍ଧୁବତ୍ସଳ ତଥା କର୍ମରେ ବିଶ୍ୱାସ କରୁଥିବା ଜଣେ ସରଳ ଓ ନିରାଡ଼ମ୍ବର ନାଟ୍ୟ ବ୍ୟକ୍ତିତ୍ୱ ଭାବେ ସେ ଓଡିଶା ନାଟ୍ୟ ଜଗତର ଜଣେ ପ୍ରିୟ ନାଟ୍ୟକର୍ମୀ ଥିଲେ। ଭୁବନେଶ୍ୱରର ସର୍ବପୁରାତନ ନାଟ୍ୟସଂସ୍ଥା ଉତ୍ତରପୁରୁଷର ସେ ପ୍ରତିଷ୍ଠାତା ତଥା ସଭାପତି ଥିଲେ। ବିଶିଷ୍ଟ ନାଟ୍ୟକାର ତଥା ନାଟ୍ୟ ନିର୍ଦ୍ଦେଶକ ସ୍ୱର୍ଗତ ଅସୀମ ବସୁଙ୍କ ସହ ବିଭିନ୍ନ ପ୍ରଦର୍ଶନୀ/ପ୍ରଜ୍ଞାପନ ମେଢ଼ ନିର୍ମାଣରେ ସେ ଜଣେ ଘନିଷ୍ଠ ସହଯୋଗୀ ଥିଲେ। ଶେଷ ଦର୍ଶନ ପାଇଁ ଉତ୍କଳ କରାଟେ ସ୍କୁଲର ପ୍ରତିଷ୍ଠାତା ହରି ପଟ୍ଟନାୟକ, ହରେନ ସାହୁ, ଅଭିନ୍ନ ରାଉତରାୟ, ପ୍ରକାଶ ମହାରଣା, ପବିତ୍ର ମୋହନ କର, ପବିତ୍ର ମହାନ୍ତି, ଉତ୍ତରପୁରୁଷର ସଭ୍ୟବୃନ୍ଦ ତଥା ନାଟକଜଗତର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ। ତାଙ୍କ ବିୟୋଗ ଓଡିଶା ନାଟ୍ୟ ଜଗତ ପାଇଁ ଅପୂରଣୀୟ କ୍ଷତି ବୋଲି ବିଭିନ୍ନ ନାଟ୍ୟଦଳ ତଥା ବ୍ୟକ୍ତିତ୍ୱମାନେ କହିଛନ୍ତି।

### ନନ୍ଦନକାନନରେ ଭାରତୀୟ ଚିତ୍ରା ଗୁରାଣ୍ଡି ଜନ୍ମ

**ବାରଙ୍ଗ,୬।୧୧(ଡି.ଏନ୍.ଏ):** ପ୍ରାଣୀ ଉଦ୍ୟାନ ନନ୍ଦନକାନନର ୩୭ନମ୍ବର (ସି) ଏନକ୍ଲୋଜରରେ ରହୁଥିବା ମାଈ ଭାରତୀୟ ଚିତ୍ରା ଗୁରାଣ୍ଡି ଶନିବାର ସକାଳେ ଗୋଟିଏ ଶାବକ ଜନ୍ମ ଦେଇଛି। ଜନ୍ମ ଦେବା ପରେ ମା' ଓ ଛୁଆ ସୁସ୍ଥଥିବା ସହ ଭଲଭାବେ ବିଚରଣ କରୁଛନ୍ତି। ତେବେ ଏମାନଙ୍କ ସଂଖ୍ୟା ନନ୍ଦନକାନନରେ ବୃଦ୍ଧିପାଇଛି।

### ୨୧ ଜଣଙ୍କୁ 'ସାଧୁତା ଗୌରବ ସମ୍ମାନ'

**ଭୁବନେଶ୍ୱର,୬।୧୧:** ଓଡିଆ ସାପ୍ତାହିକ ସମ୍ବାଦପତ୍ର 'ସାଧୁତା'ର ୬ଷ୍ଠ ସ୍ୱନକ୍ଷେତ୍ର ଉତ୍ସବ ସମ୍ପାଦକ ସୁଧାଂଶୁ ଶେଖର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଲୋହିଆ ଏକାଡେମୀରେ ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଜଗନ୍ନାଥଙ୍କ ବରିଷ୍ଠ ସେବାୟତ ରାମଚନ୍ଦ୍ର ଦାସ ମହାପାତ୍ର ଏହାର ଉଦ୍‌ଘାଟନ କରିଥିଲେ। ଏଥିରେ ସ୍ୱତନ୍ତ୍ର ଅତିଥି ଭାବେ ବିଧାୟକ ପ୍ରଶାନ୍ତ ମୁଦୁଲି, ବରିଷ୍ଠ ଅତିଥି ସୁରେଶ ରାଉତରାୟ, ମୁଖ୍ୟବକ୍ତା 'ପୁଣ୍ୟ ଉତ୍କଳ' ତଥା 'ସାଇ ଦର୍ଶନ'ର ସମ୍ପାଦକ ମନୋରଞ୍ଜନ ମହାପାତ୍ର, ସମାଜସେବୀ ବନ୍ଦନା ପଣ୍ଡା, ଏସ୍.ଆର୍ ମାଇନ୍‌ସର ଉପସଭାପତି ଶ୍ୟାମସୁନ୍ଦର ସେଠୀ ପ୍ରମୋଦ କିଶୋର ପରିଡା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଡଃ ବିଶ୍ୱନାଥ ପଟ୍ଟନାୟକ, ପ୍ରମୋଦ କିଶୋର ପରିଡା, ଭୋଳାନାଥ ମହାରଣା, ତନ୍ମୟ କୁମାର ସ୍ୱାଇଁ, ମୃତ୍ୟୁଞ୍ଜୟ ଷଡଙ୍ଗୀଙ୍କ ସମେତ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଥିବା ୨୧ ଜଣଙ୍କୁ 'ସାଧୁତା ଗୌରବ ସମ୍ମାନ' ପ୍ରଦାନ କରାଯାଇଛି। ଉତ୍ସବକୁ ସମୀକ୍ଷା ମହାପାତ୍ର ଓ ଶାରଦା ମହାପାତ୍ର ପରିଚାଳନା କରିଥିଲେ। ସମ୍ପାଦକ କାମିନୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ସଂଘବଦ୍ଧ ଅପରାଧରେ ରୋକ୍ ଲାଗିବ

**ଭୁବନେଶ୍ୱର,୬।୧୧(ବ୍ୟୁରୋ)**

ରାଜ୍ୟରେ ବିଭିନ୍ନ ସ୍ଥାନରେ ନିର୍ଦ୍ଦିଷ୍ଟ ଗୋଷ୍ଠୀର ଲୋକମାନଙ୍କ ଦ୍ୱାରା ସଂଘବଦ୍ଧ ଅପରାଧର ମାତ୍ରା ବଢ଼ିବାରେ ଲାଗିଛି। ରାଜଧାନୀରେ ଅସାମାଜିକ ଯୁବକ ହାତରେ ମାରଣାସ୍ତ୍ର ଓ ବନ୍ଧୁକ ଧରି ବୁଲୁଛନ୍ତି। ଏପରି କି ଫାଙ୍କା ଗୁଳି ଚାଳନା କରିବା ସହ ଫିଲ୍ମ ଷ୍ଟାଇଲରେ ଖଣ୍ଡା, ଭୁଜାଲି, ବନ୍ଧୁକ ଧରି ରାସ୍ତା ମଝିରେ ରକ୍ତଚରିତ୍ର ସଙ୍ଗୀତର ତାଳେ ତାଳେ ନାଚୁଥିବାର ଭିଡିଓ ଭାଇରାଲ କରୁଛନ୍ତି। ପୋଲିସ ଉକ୍ତ ଗୋଷ୍ଠୀର ୫ଜଣଙ୍କୁ ଗିରଫ କରିଛି ସତ ଅପରାଧକୁ ରୋକିବାରେ ସଫଳ ହୋଇପାରି ନାହିଁ। ରାଜଧାନୀର ବିଭିନ୍ନ ଥାନା ଅଞ୍ଚଳରେ ଏପରି ଛୋଟ ବଡ଼ ଗ୍ୟାଙ୍ଗ୍ ମୁଣ୍ଡ ଟେକିଛି। ଯାହାକି ଜନସାଧାରଣଙ୍କ ସମେତ ପୋଲିସ ପ୍ରଶାସନର ମୁଣ୍ଡ ବିନ୍ଧାର କାରଣ ସାଜିଛି। ଏହି ସବୁ ସଂଘବଦ୍ଧ ଓ ସଂଗଠିତ ଅପରାଧକୁ ରୋକିବାକୁ ରାଜ୍ୟ ସରକାର ଚିନ୍ତା କଲେଣି। ଉତ୍ତରପ୍ରଦେଶ ଆଇନ ଢାଞ୍ଚାରେ ଖୁବ୍‌ଶୀଘ୍ର ଆସିବ ଓଡ଼ିଶା ଗୁଣ୍ଡା ଆଣ୍ଡ ଆଣ୍ଟି ସୋସିଆଲ୍ ଆକ୍ଟିଭିଟିଜ୍(ପ୍ରିଭେନ୍‌ଶନ) ବିଲ୍-୨୦୨୧। ଏନେଇ ରାଜ୍ୟ ଗୃହ ବିଭାଗ ପକ୍ଷରୁ ଚିଠା ଆଇନ ପ୍ରସ୍ତୁତ କରାଯାଇ ଆଇନ ବିଭାଗକୁ ପଠାଇଥିବା ସୂଚନା ମିଳିଛି। ରାଜରାସ୍ତାରେ ଉତ୍ପାତ, ଲୋକଙ୍କୁ ଡରାଇ ଧମକାଇ ଦାଦାବଟି ଆଦାୟ କରିବା, ସଂଗଠିତ ଅପରାଧ କରିବାର ମାନସିକତା ରଖୁଥିବା ବ୍ୟକ୍ତି ଆଉ ବର୍ତ୍ତିପାରିବେ ନାହିଁ। ଏହି ନୂଆ ବିଲ୍‌ରେ କଠୋର ଦଣ୍ଡବିଧାନ ସହ ସମ୍ପତ୍ତି ବାଜ୍ୟାପ୍ତି ପାଇଁ ଯୋଜନା ରଖିଛନ୍ତି ସରକାର।

ଏନ୍‌ସିଆର୍‌ବି ତଥ୍ୟ ଅନୁସାରେ ୨୦୧୬ରେ ଓଡ଼ିଶାରେ ଅପରାଧ ସଂଖ୍ୟା ୮୧ ହଜାର ୪୬୦ ଥିବାବେଳେ ୨୦୨୦ରେ ଏହା ୧ଲକ୍ଷ ୩୪ହଜାରରେ ପହଞ୍ଚିଛି। ତେଣୁ ସବୁ ଦିଗକୁ ନଜର କରି ସରକାର ଏହି ଗୁଣ୍ଡା ନିରୋଧୀ ଆଇନକୁ ଆଣିବାକୁ ଯାଉଛନ୍ତି। ଏହି ଆଇନ ଆସିଲେ ରାତି ଅଧିଆ ରାଜଧାନୀ ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଉତ୍ପାତ କରୁଥିବା ଗ୍ୟାଙ୍ଗ୍ ସାବାଡ଼ ହେବେ। ଏହି ବିଲ୍‌କୁ ମଧ୍ୟ ଅନେକ ବରିଷ୍ଠ ପୋଲିସ ଅଧିକାରୀ ସମର୍ଥନ କରିଛନ୍ତି। ଜଣେ ବରିଷ୍ଠ ପୋଲିସ ଅଧିକାରୀ ନିଜ ନାମ ଗୋପନ ରଖି କହିଛନ୍ତି ଯେ, ଏହି ବିଲ୍ ଆସିବା ପରେ ଆପରାଧିକ କାର୍ଯ୍ୟକଳାପରେ ସମ୍ପୃକ୍ତ ହେଉଥିବା ବ୍ୟକ୍ତି ବିଶେଷଙ୍କ ମନରେ ଭୟ ପଶିବା ସହ ଏହି କାର୍ଯ୍ୟକଳାପରୁ ଦୂରେଇ ରହିବେ। ଯାହାଫଳରେ ରାଜ୍ୟରେ ଅପରାଧର ହାର ଏକ ପ୍ରକାର କମିବ ବୋଲି ସେ ଆଶା କରିଛନ୍ତି।

## ବିଲ୍‌ରେ ରହିବ କଠୋର କାର୍ଯ୍ୟାନୁଷ୍ଠାନ

- ଅପରାଧରେ ସମ୍ପୃକ୍ତ ବ୍ୟକ୍ତି ବା ଗୋଷ୍ଠୀଙ୍କୁ ୭ବର୍ଷରୁ ୧୦ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡ
- ଅପରାଧୀଙ୍କୁ ସାହାଯ୍ୟ କରୁଥିବା ଅଫିସରଙ୍କ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ
- ପ୍ରମାଣ ମିଳିଲେ ୩ ବର୍ଷରୁ ୧୦ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡ ହୋଇପାରେ

## ବିଲ୍‌ରେ କ'ଣ ରହିଛି ବ୍ୟବସ୍ଥା

- ଲୋକଙ୍କ ଭିତରେ ଭୟ ଓ ଆତଙ୍କ ସୃଷ୍ଟି କରୁଥିବା ବ୍ୟକ୍ତି ଓ ଗୋଷ୍ଠୀଙ୍କ କାର୍ଯ୍ୟକୁ ଆଣ୍ଟିସୋସିଆଲ କାର୍ଯ୍ୟକଳାପ କୁହାଯିବ
- ସାଧାରଣ ଲୋକଙ୍କ ସମ୍ପତ୍ତି ବା ସର୍ବସାଧାରଣ ସମ୍ପତ୍ତି ନଷ୍ଟ ହେବାର ଆଶଙ୍କା ଥିଲେ ଏହା ଅଧୀନକୁ ଆସିବ
- ଭୟ ପ୍ରଦର୍ଶନ କରି ଟଙ୍କା ବା ସମ୍ପତ୍ତି ଆଦାୟ କରିବାକୁ ଚେଷ୍ଟା ଏବଂ ସମାଜରେ ବିଶୃଙ୍ଖଳା ସୃଷ୍ଟି କରୁଥିବା ବ୍ୟକ୍ତିଙ୍କୁ ଗୁଣ୍ଡା କୁହାଯିବ
- ସ୍ୱତନ୍ତ୍ର କୋର୍ଟରେ ମାମଲାର ଶୁଣାଣି ହେବ

## ଓଡ଼ିଶାରେ ଆସିବ ଗୁଣ୍ଡା ନିରୋଧୀ ବିଲ୍





"ଓଡ଼ିଶା ଗୁଣ୍ଡା ଓ ଆଣ୍ଟିସୋସିଆଲ ଆକ୍ଟିଭିଟିଜ (ପ୍ରିଭେନଶନ୍) ବିଲ୍-୨୦୨୧" ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ସଂଘବଦ୍ଧ ଆକ୍ରମଣ ନେଇ ଆଇପିସିରେ ଦଣ୍ଡ ବିଧାନର ବ୍ୟବସ୍ଥା ରହିଥିଲେ ସୁଦ୍ଧା ପୋଲିସ ଅନେକ ସ୍ଥାନରେ ଏହାକୁ କଡ଼ାକଡ଼ି ପାଳନ ନ କରିବାରୁ ସଂଘବଦ୍ଧ ଅପରାଧ ସଂଖ୍ୟା ବଢ଼ିବାରେ ଲାଗିଛି। ବାଡ଼ ଯଦି ଫସଲ ଖାଇବ ଗୁହାରି କରିବା କାହାକୁ। ତେଣୁ ସରକାର ଯେଉଁ ନୂଆ ବିଲ୍ ଆଣିବାକୁ ଯାଉଛନ୍ତି ପୋଲିସ ତାକୁ କଡ଼ାକଡ଼ି ପାଳନ କରିବା ଜରୁରୀ। ତା'ହେଲେ ଅପରାଧ ରୋକାଯିବାରେ ଏହି ନୂଆ ବିଲ୍ ସହାୟକ ହୋଇପାରିବ।

**– ନିରଞ୍ଜନ କାନୁନ୍‌ଗୋ, ଆଇନଜୀବୀ**

"ରାଜନୈତିକ ବ୍ୟକ୍ତି ବିଶେଷ ଓ ମାଫିଆଙ୍କ ସହଯୋଗ ରହୁଥିବାରୁ ବର୍ତ୍ତମାନ ରାଜଧାନୀ ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ସଂଘବଦ୍ଧ ଆକ୍ରମଣ ଓ ଅପରାଧ ବଢୁଛି। ତେଣୁ ଗୁଣ୍ଡା ନିରୋଧୀ ବିଲ୍‌କୁ ପୋଲିସ କଡ଼ାକଡ଼ି ପାଳନ କରିବା ସହ ଏଥିରେ ଅବହେଳା ନ କରି ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାର ଅଛି। ପିଢ଼ି ପରେ ପିଢ଼ି ଯେଉଁ ଗୁଣ୍ଡା ତିଆରି ହେଉଛନ୍ତି, ତାକୁ ପ୍ରଥମେ ରୋକିବାକୁ ହେବ। ଯୁବଗୋଷ୍ଠୀକୁ ଉଚିତ୍ ଶିକ୍ଷା ପ୍ରଦାନ କରି କୁପଥରୁ ସୁପଥକୁ ଯିବାକୁ ରାସ୍ତା ଦେଖାଇବାର ଅଛି।

**–କମଳାକାନ୍ତ ଦାଶ, ପ୍ରଫେସର, ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ**

## ଅଚିହ୍ନା ରୋଗରେ ଗୋମଡ଼କ

**ବାଙ୍କୀ,୬।୧୧(ସ୍ୱ.ପ୍ର.)**

ବାଙ୍କୀର ବିଭିନ୍ନ ଅଞ୍ଚଳରେ କିଛି ଦିନ ହେବ ଗୋରୁମାନେ ଅଚିହ୍ନା ରୋଗରେ ପଡ଼ି ମୃତ୍ୟୁବରଣ କରୁଛନ୍ତି। ପ୍ରତିଦିନ ପ୍ରାୟ ୩ରୁ ଊର୍ଦ୍ଧ୍ୱ ଗୋରୁଙ୍କ ମୃତ୍ୟୁ ଘଟୁଥିବା ନେଇ ଗୋପାଳକମାନେ କହିଛନ୍ତି। ଇତିମଧ୍ୟରେ ୩୦ରୁ ଊର୍ଦ୍ଧ୍ୱ ଗୋରୁଙ୍କ ମୃତ୍ୟୁ ଘଟିଥିବା କୁହାଯାଉଥିବା ବେଳେ ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ଏସମ୍ପର୍କିତ କୌଣସି ତଥ୍ୟ ଦିଆଯାଇନାହିଁ। ପ୍ରଥମେ ଗୋରୁଙ୍କ ଗୋଡ଼ରୁ ପୋକ ବାହାରୁଛି। କିଛି ଦିନ ପରେ ସେମାନଙ୍କ ମୃତ୍ୟୁ ଘଟୁଛି ବୋଲି ଗୋଚାଷୀମାନେ କହିଛନ୍ତି। ଏ ସମ୍ପର୍କରେ ପ୍ରାଣୀ ଚିକିତ୍ସକମାନେ କୁହନ୍ତି, ଗୋରୁମାନେ ଫାଟୁଆ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଏହାର ନିରାକରଣ ପାଇଁ ଟିକା ମହଜୁଦ୍ ନାହିଁ। ଟିକା ପାଇଁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ସୂଚନା ଦିଆଯାଇଛି। ଟିକା ଆସିଲେ ଗୋରୁମାନଙ୍କୁ ପ୍ରଦାନ କରାଯିବ ବୋଲି ସେମାନେ କହିଛନ୍ତି।

## କୋଇଲା ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଜବତ: ଚାଳକ ଗିରଫ

**ଖୁଣ୍ଟୁଣୀ,୬।୧୧(ଡି.ଏନ.ଏ.)**

ଖୁଣ୍ଟୁଣୀ ପୋଲିସ ଶୁକ୍ରବାର ରାତିରେ ଚୋରା କୋଇଲା ବୋଝେଇ ଏକ ପିକ୍‌ଅପ୍ ଭ୍ୟାନ୍ ଜବତ କରିଛି। ଏହି ଘଟଣାରେ ଚାଳକ ସ୍ଥାନୀୟ କୃଷ୍ଣଶ୍ୟାମପୁର ଗ୍ରାମର ରଜନୀକାନ୍ତ ମୁଦୁଲିଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ଖୁଣ୍ଟୁଣୀରୁ କୋଇଲା ନେଇ ଏହି ଭ୍ୟାନ୍ ବାରଙ୍ଗ ଅଭିମୁଖେ ଯିବା ପାଇଁ କଣ୍ଟାରେ ଓଜନ କରି ବାହାରୁଥିଲା। ଏହି ସମୟରେ ପାଟ୍ରୋଲିଂ କରୁଥିବା ଥାନାଧିକାରୀ ବାମଦେବ ସ୍ୱାଇଁଙ୍କ ସନ୍ଦେହ ହେବାରୁ ଉକ୍ତ ଭ୍ୟାନ୍‌କୁ ଥାନାକୁ ନେଇଥିଲେ। ସେଠାରେ ଚାଳକ କୋଇଲା ଚାଲାଣର କାଗଜପତ୍ର ଦେଖା ନ ପାରିବାରୁ ତାଙ୍କୁ ଗିରଫ କରାଯାଇଛି। ଜବତ କୋଇଲାର ପରିମାଣ ପ୍ରାୟ ୬ ଟନ୍ ହେବ ବୋଲି ଥାନାଧିକାରୀ କହିଛନ୍ତି। ଏ ନେଇ ଥାନାରେ ଏକ ମାମଲା(ନଂ. ୧୪୫/୨୧) ରୁଜୁ ହୋଇଛି।

# ବେଣ୍ଟୁଆ ଗାଁମୁଣ୍ଡରେ ହାତୀପଲ

**ବାରଙ୍ଗ,୬।୧୧(ଡି.ଏନ୍.ଏ.)**

ଚନ୍ଦକା ଜଙ୍ଗଲରୁ ଶନିବାର ଅପରାହ୍ନରେ ହାତୀପଲ ବାହାରି ଅଭୟାରଣ୍ୟର ପାଦଦେଶରେ ଥିବା ବେଣ୍ଟୁଆ ଓ ଭାଲୁଙ୍କା ଗ୍ରାମକୁ ଚାଲିଆସିଛନ୍ତି। ଏହି ହାତୀପଲ ଗାଁମଧ୍ୟକୁ ପଶିବାକୁ ଉଦ୍ୟମ କରୁଥିବାବେଳେ ଗ୍ରାମବାସୀ ଦେଖି ହୋହଲ୍ଲା କରିବାରୁ ଜଙ୍ଗଲ ମଧ୍ୟରେ ହିଁ ରହିଯାଇଛନ୍ତି। ଦିନଦ୍ୱିପ୍ରହର ବେଣ୍ଟୁଆ ଗ୍ରାମର କେତେଜଣ ଲୋକ କୌଣସି କାର୍ଯ୍ୟରେ ଜଙ୍ଗଲ ଆଡ଼କୁ ଯିବାବେଳେ ହାତୀପଲ ଥିବା ଦେଖିଥିଲେ। ଫଳରେ ହାତୀପଲକୁ ଦେଖି ଗ୍ରାମରେ ଏକ ପ୍ରକାର ଭୟର ବାତାବରଣ ସୃଷ୍ଟି ହୋଇଛି। ପରେ ବନ ବିଭାଗକୁ ମଧ୍ୟ ଜଣାଇ ଦିଆଯାଇଛି। ଖବରପାଇ ଭଗୀପୁର ବନ ବିଭାଗ ପହଞ୍ଚି ହାତୀପଲଙ୍କ ଗତିବିଧିକୁ ଜଗିରହିଛନ୍ତି। ତେବେ ରାତିରେ ଘରରୁ କେହି ଏକା ନ ବାହାରିବା ପାଇଁ ବନ ବିଭାଗ ପକ୍ଷରୁ ଗ୍ରାମବାସୀଙ୍କୁ ସୂଚାଇ ଦିଆଯାଇଛି।



ଚନ୍ଦକା ଅଭୟାରଣ୍ୟ ପାଦଦେଶରେ ଥିବା ବେଣ୍ଟୁଆ ଗାଁ ମୁଣ୍ଡରେ ହାତୀପଲ।

# ୭, ୨୧ରେ ବୁଥ୍‌ରୁ ଅଭିଯୋଗପତ୍ର ଗ୍ରହଣ କରାଯିବ

**କଟକ ଅଫିସ, ୬।୧୧**

### ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ସମ୍ପର୍କିତ ବୈଠକ

୨୦୨୨ ଜାନୁୟାରୀ ୧ ତାରିଖରେ ଭାରତୀୟ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ଆରମ୍ଭ ହେବାକୁ ଯାଉଛି। ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ନେଇ ଶନିବାର କଟକ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିରିକ୍ତ ଜିଲାପାଳ(ରାଜସ୍ୱ) ପୂର୍ଣ୍ଣଚନ୍ଦ୍ର ମିଶ୍ର ଅଧ୍ୟକ୍ଷତା କରିଥିଲେ। ନଭେମ୍ବର ୧ ତାରିଖରେ ପ୍ରକାଶିତ ଭୋଟର ତାଲିକାକୁ ମାଗଣାରେ ଜାତୀୟ ଓ ରାଜ୍ୟସ୍ତରୀୟ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର କର୍ମକର୍ତ୍ତାଙ୍କୁ ଯୋଗାଇ ଦିଆଯିବ। ସେହିପରି ଅଣସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳଗୁଡିକର କର୍ମୀମାନେ ନିର୍ଦ୍ଧାରିତ ମୂଲ୍ୟ ଦେଇ ଭୋଟର ତାଲିକାର କପି ନେଇପାରିବେ। ଉଚିତ ମୂଲ୍ୟ ଦେଇ ଏହାର ସଫ୍ଟ କପି ମଧ୍ୟ ପିଡିଏଫ ମାଧ୍ୟମରେ ଉପଜିଲାପାଳଙ୍କ କାର୍ଯ୍ୟାଳୟରୁ ନେଇପାରିବେ ବୋଲି ଅତିରିକ୍ତ ଜିଲାପାଳ ମିଶ୍ର କହିଛନ୍ତି। ଭୋଟରମାନେ ମଧ୍ୟ ଏହାକୁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ୱେବ୍‌ସାଇଟ୍ www.ceoorissa.nic.inରେ ଦେଖିପାରିବେ।

ନାଗରିକମାନେ ଭୋଟର ତାଲିକାରେ ସେମାନଙ୍କର ନାମ ଯୋଡିବା କିମ୍ବା କାଟିବା ପାଇଁ ଭୋଟ ପଞ୍ଜୀକରଣ ଅଧିକାରୀଙ୍କୁ ନିର୍ଦ୍ଧାରିତ ଫର୍ମରେ ଜଣାଇ ପାରିବେ ଅଥବା ଆସନ୍ତା ୩୦ ମଧ୍ୟରେ ବୁଥସ୍ତରୀୟ ଅଧିକାରୀଙ୍କୁ ଜଣାଇ ପାରିବେ। ଭାରତୀୟ ନିର୍ବାଚନ ଆୟୋଗ ଅନଲାଇନ୍ ମାଧ୍ୟମରେ ନାଗରିକ ଅନୁକୂଳ ଆପ୍, ଭୋଟର ହେଲ୍ପଲାଇନ ଆପ ଓ nvsp.in ଆପ୍ ପ୍ରଚଳନ କରିଛନ୍ତି। ଏହି ଆପ୍ ଆଣ୍ଡ୍ରୋଏଡ୍ ଫୋନ୍‌ର ପ୍ଲେ ଷ୍ଟୋରରୁ ios/apple i phone ଆପ୍ ପ୍ଲେଷ୍ଟୋରରୁ ଡାଉନ୍‌ଲୋଡ କରିପାରିବେ। ଭୋଟର ତାଲିକାରେ ନୂତନ ନାମ ପଞ୍ଜୀକରଣ ନିମନ୍ତେ ଫର୍ମ ନଂ-୬, ତାଲିକାରୁ ନାମ ବାଦ୍ ଦେବା ପାଇଁ ଫର୍ମ ନଂ-୭, ତାଲିକାରେ ନାମ, ଠିକଣା ଓ ବୟସ ତ୍ରୁଟି ଥିଲେ ଫର୍ମ ନଂ-୮ରେ ଆବେଦନ କରିପାରିବେ ବୋଲି ମିଶ୍ର ସୂଚନା ଦେଇଛନ୍ତି। ଗୋଟିଏ ନିର୍ବାଚନ ମଣ୍ଡଳୀ ମଧ୍ୟରେ ଅନ୍ୟ ଏକ ସ୍ଥାନ ପରିବର୍ତ୍ତନ କରିବାକୁ ହେଲେ ଫର୍ମ ନଂ-୮(କ) ରେ ଆବେଦନ କରିବାକୁ ହେବ। ନିର୍ଦ୍ଧାରିତ ଆପ୍ ଡାଉନଲୋଡ କରିବା ପରେ ଫର୍ମ ପୂରଣ କରିବାକୁ ହେବ। ଏଥିସହ ଠିକ୍ ବାସସ୍ଥାନ ଠିକଣା ନିମନ୍ତେ ବିଦ୍ୟୁତ୍ ବିଲ୍/ଟେଲିଫୋନ୍ ବିଲ୍/ଜମିଜମା ଦସ୍ତାବିଜର ସ୍କାନ କପି ଅପ୍‌ଲୋଡ୍ କରିବାକୁ ହେବ। ସେହିପରି ଜନ୍ମ ତାରିଖ ପ୍ରମାଣିତ କରିବା ନିମନ୍ତେ ଜନ୍ମ ପ୍ରମାଣ ପତ୍ର/ପାସ୍‌ପୋର୍ଟ/ପ୍ୟାନକାର୍ଡ/ମାଟ୍ରିକ ସାର୍ଟିଫିକେଟ/ଡ୍ରାଇଭିଂ ଲାଇସେନ୍ସର ସ୍କାନ କପି ସହ ପାସ୍‌ପୋର୍ଟ ସାଇଜ ଫଟୋ ଅପ୍‌ଲୋଡ କରିବାକୁ ହେବ। ବୁଥସ୍ତରୀୟ ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତିରେ ଭୋଟ୍ ପଞ୍ଜୀକରଣ ଅଧିକାରୀଙ୍କୁ ରାଜନୈତିକ ଦଳର ପ୍ରତିନିଧିମାନେ ସହାୟତା କରିବେ।

ନଭେମ୍ବର ୭ ଓ ୨୧ ତାରିଖରେ ଜିଲାର ସମସ୍ତ ବୁଥ୍‌ରେ ବୁଥ ସ୍ତରୀୟ ଅଧିକାରୀ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଉପସ୍ଥିତ ରହି ନାଗରିକମାନଙ୍କ ଆପତ୍ତି ଅଭିଯୋଗ ଗ୍ରହଣ କରିବେ। ୨୦୨୧ ଡିସେମ୍ବର ୨୦ ତାରିଖ ସୁଦ୍ଧା ସମସ୍ତ ଆପତ୍ତି ଅଭିଯୋଗର ଫଇସଲା କରାଯିବ। ଚୂଡାନ୍ତ ଭୋଟର ତାଲିକା ୨୦୨୨ ଜାନୁଆରୀ ୫ ତାରିଖରେ ପ୍ରକାଶ ପାଇବ ହେବ ବୋଲି ଅତିରିକ୍ତ ଜିଲାପାଳ ମିଶ୍ର କହିଛନ୍ତି। ବୈଠକରେ ପ୍ରଶାନ୍ତ ନାୟକ, ପ୍ରସନ୍ନ ମହାପାତ୍ର, ସନନ୍ତ ସେଠୀ, ବିଜୟ ସାମଲ, କଟକ ସଦର ଉପଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା, ଆଠଗଡ଼ ଉପଜିଲାପାଳ ହେମନ୍ତ ସ୍ୱାଇଁ, ଡେପୁଟି କଲେକ୍ଟର(ନିର୍ବାଚନ) ଅନିତା ପାତ୍ର, ସହକାରୀ ଜିଲାପାଳ ଶଶାଙ୍କ ମିଶ୍ରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## କାଠଯୋଡ଼ିରୁ ଅଚିହ୍ନା ମୃତଦେହ ଜବତ

**ଫୁଲନଖରା,୬।୧୧(ଡି.ଏନ.ଏ.)**

କାଠଯୋଡି ନଦୀରୁ ଶନିବାର ଅପରାହ୍ନ ୪ଟାରେ ଜଣେ ଅଚିହ୍ନା ମହିଳାଙ୍କ ମୃତଦେହ କଟକ ସଦର ପୋଲିସ ଜବତ କରିଛି। ପରେ ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୂର୍ବାହ୍ନରେ ସମ୍ପୃକ୍ତା ମହିଳା କାଠଯୋଡି ବ୍ରିଜ୍ ଉପରେ ବୁଲାବୁଲି କରୁଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ହେଲେ ଅପରାହ୍ନରେ ଏହି ବ୍ରିଜ୍‌ର କିଛି ଦୂର ଗୋପାଳପୁର ତୁଠରେ ମୃତଦେହ ଭାସୁଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବାବେଳେ ମହିଳା ଜଣକ ନଦୀକୁ ଡେଇଁ ଆତ୍ମହତ୍ୟା କରିଥିବା ଅନୁମାନ କରାଯାଉଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ଜଣାପଡିବ ବୋଲି ଆଇଆଇସି ସୁଧାଂଶୁ ଭୂଷଣ ଜେନା କହିଛନ୍ତି।

## ପ୍ଲାଷ୍ଟିକ୍ ବର୍ଜନ ସଚେତନତା କାର୍ଯ୍ୟକ୍ରମ

**ବାଙ୍କୀ,୬।୧୧(ସ୍ୱ.ପ୍ର.)**

ବାଙ୍କୀ ଏନ୍‌ଏସି ଅଞ୍ଚଳକୁ ପ୍ଲାଷ୍ଟିକ୍ ଓ ପଲିଥିନ୍ ମୁକ୍ତ ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ବାଙ୍କୀ ଏନ୍‌ଏସି ନିର୍ବାହୀ ଅଧିକାରିଣୀ ପଲ୍ଲବୀ ବେହେରାଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ଅବସରରେ କର୍ମଚାରୀ ଓ ସ୍ୱାସ୍ଥ୍ୟକର୍ମୀମାନେ ଶୋଭାଯାତ୍ରାରେ ଟାଉନ୍ ପରିକ୍ରମା କରିଥିଲେ। ବାଙ୍କୀ ଏନ୍‌ଏସିର ପରିମଳ ବିଭାଗ ମୁଖ୍ୟ ବିଜୟ ରାଜା ଏହାକୁ ପରିଚାଳନା କରିଥିଲେ। ଏହି ଅବସରରେ ଲୋକମାନଙ୍କୁ ପ୍ଲାଷ୍ଟିକ୍ ଓ ପଲିଥିନ୍ ବ୍ୟବହାର ନ କରିବା ଏବଂ କନା ବ୍ୟାଗ୍, କାଗଜ ଠୁଙ୍ଗା ବ୍ୟବହାର ପାଇଁ ସଚେତନ କରାଯାଇଥିଲା। ପରିଶେଷରେ ୧୨ଜଣ ଛାତ୍ରୀଛାତ୍ରମାନଙ୍କୁ ନେଇ ପ୍ଲାଷ୍ଟିକ୍ ଓ ପଲିଥିନ୍ ବର୍ଜନ ପାଇଁ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଏନ୍‌ଏସିର ମୁଖ୍ୟ କିରାଣି ସଞ୍ଜୟ ପ୍ରଧାନ, ପରିମଳ ବିଭାଗର ବୈଷୟିକ କର୍ମକର୍ତ୍ତା ଶୁଭରାଜ ସାମଲ ପ୍ରମୁଖ ଯୋଗଦେଇଥିଲେ।

## କପିଳେଶ୍ୱର ମିଶ୍ର ଡ୍ରିମ୍‌ସର ଏକାଡେମିକ୍ ନିର୍ଦ୍ଦେଶକ



**କଟକ ଅଫିସ, ୬।୧୧**

ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହର ନୂତନ ନିର୍ଦ୍ଦେଶକ (ଏକାଡେମିକ୍ ଓ ଗବେଷଣା) ଭାବେ ଶିକ୍ଷାବିତ୍ ଡ. କପିଳେଶ୍ୱର ମିଶ୍ର ଶନିବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ ଶିକ୍ଷାନୁଷ୍ଠାନର ବିଭିନ୍ନ ବିଭାଗ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଥିଲା। ମିଶ୍ରଙ୍କ ମାର୍ଗଦର୍ଶନରେ ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ଉତ୍କର୍ଷ ହାସଲ କରିବ ବୋଲି ଅଧ୍ୟକ୍ଷ ପ୍ରମୋଦ ଚନ୍ଦ୍ର ରଥ ଆଶାବ୍ୟକ୍ତ କରିଛନ୍ତି। ସୂଚନାଯୋଗ୍ୟ, ବିଭିନ୍ନ ବୈଷୟିକ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଉଚ୍ଚ ପଦବୀରେ ସଫଳତାର ସହ କାର୍ଯ୍ୟ କରି ମିଶ୍ର ପ୍ରଶଂସିତ ହୋଇଛନ୍ତି। ଶିକ୍ଷାଦାନ, ଗବେଷଣା ଓ ପ୍ରଶାସନିକ କ୍ଷେତ୍ରରେ ତାଙ୍କର ତିନି ଦଶନ୍ଧିରୁ ଊର୍ଦ୍ଧ୍ୱ ଅଭିଜ୍ଞତା ରହିଛି। ବିଶେଷକରି ହାଇଡ୍ରୋଲିକ୍ ଓ ଇରିଗେଶନ ଇଞ୍ଜିନିୟରିଂରେ ତାଙ୍କର ବିଶେଷ ପାରଦର୍ଶିତା ରହିଛି।



ଭକ୍ତ ସାଲବେଗ ପୀଠରେ ଶ୍ରୀକ୍ଷେତ୍ର ଲେଖକ ସାମ୍ମୁଖ୍ୟ ପକ୍ଷରୁ ଶନିବାର 'ସୁଲେଖା' ଓ 'ଦୟଣା' ପତ୍ରିକାକୁ ଉପସ୍ଥିତ ଅତିଥିମାନେ ଲୋକାର୍ପଣ କରୁଛନ୍ତି।



ପୁରୀ ଦଶବାଟିଆଠାରେ ଅନୁଷ୍ଠିତ ଜିଲାସ୍ତରୀୟ ଭଲିବଲ ପ୍ରତିଯୋଗିତାରେ ଶନିବାର ଯୋଗଦେଇଥିବା ପୂର୍ବତନ ମନ୍ତ୍ରୀ ମହେଶ୍ୱର ମହାନ୍ତି ଓ ଅନ୍ୟ ଅତିଥିଙ୍କ ଗହଣରେ ଖେଳାଳିମାନେ।



ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ବିଭିନ୍ନ ସଂଗଠନ ପକ୍ଷରୁ ପଣ୍ଡିତ ନୀଳକଣ୍ଠ ଦାସଙ୍କ ୫୪ତମ ଶ୍ରାଦ୍ଧୋତ୍ସବ ପାଳନ ଅବସରରେ ଶନିବାର ଭୁବନେଶ୍ୱର ପିଏମ୍‌ଜି ଛକସ୍ଥିତ ପ୍ରତିମୂର୍ତ୍ତି ସ୍ଥଳରେ ଉପସ୍ଥିତ ଅତିଥିମାନେ।

**ବେଆଇନ ଭାବେ ଟ୍ରେନରେ ଯାତ୍ରା କରି ୪୪ ଗିରଫ**

ପୁରୀ ଅଫିସ- ବିଭିନ୍ନ ଟ୍ରେନର ଭିନ୍ନ ବଗିରେ ବସି ବେଆଇନ ଭାବେ ଯାତ୍ରା କରୁଥିବା ୪୪ଜଣ ବାହାର ଲୋକଙ୍କୁ ପୁରୀ ରେଲୱେ ପୋଲିସ ଶନିବାର ଗିରଫ କରି କୋର୍ଟ ଚାଲାଣ କରିଛି। ପୁରୀ ରେଲୱେ ଥାନା ଆଇଆଇସି ଅନିଲ କୁମାର ସିଂହଙ୍କ ସୂଚନା ଅନୁଯାୟୀ, ପୂଜା ଅବସରରେ ଷ୍ଟେଶନ ଏବଂ ଟ୍ରେନ୍ ପରିସରରେ ଆପରାଧିକ କାର୍ଯ୍ୟକଳାପ ରୋକିବା ନିମନ୍ତେ ରେଲୱେ ପୋଲିସ ପକ୍ଷରୁ ବିଭିନ୍ନ ଟ୍ରେନ୍‌ର ତଲାସି ନିଆଯାଇଥିଲା। ରେଲୱେ ପୋଲିସ ପକ୍ଷରୁ ଉତ୍କଳ ଏକ୍ସପ୍ରେସ, ଶ୍ରୀ ଜଗନ୍ନାଥ ଏକ୍ସପ୍ରେସ, ଗରିବ ରଥ ଏକ୍ସପ୍ରେସ, ପୁରୀ -ହାୱଡ଼ା ଏକ୍ସପ୍ରେସ, ତପସ୍ୱିନୀ ଏକ୍ସପ୍ରେସ, ଧଉଳୀ ଏକ୍ସପ୍ରେସ ଏବଂ ଅହମ୍ମଦାବାଦ ଏକ୍ସପ୍ରେସ ଆଦି ଟ୍ରେନ ତଲାସି ନିଆଯାଇଥିଲା। ତଲାସି ସମୟରେ ବିଭିନ୍ନ ଟ୍ରେନରେ ୪୪ଜଣ ବ୍ୟକ୍ତି ଟ୍ରେନରେ ଥିବା ଲେଡିଜ କମ୍ପାର୍ଟମେଣ୍ଟ ଏବଂ ଭିନ୍ନକ୍ଷମ କମ୍ପାଟମେଣ୍ଟରେ ଯାତ୍ରା କରୁଥିବା ଦେଖିଥିଲେ। ସେମାନଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୬।୧୧।୨୦୨୧

| | |
|---|---|
| ୫,୬୪,୫୭୭ ଟଙ୍କା | |
| ସୁନା | ୧.୪୫୦ ଗ୍ରାମ |
| ରୁପା | ୨.୮୫୦ ଗ୍ରାମ |

# କରତକଳକୁ ଲାଇସେନ୍ସ ମିଳୁ

## ଜଙ୍ଗଲ ମନ୍ତ୍ରୀଙ୍କୁ ବାତ୍ୟା ବିପନ୍ନଙ୍କ ଚିଠି

ଗୋପ,୬।୧୧(ଡି.ଏନ୍.ଏ.):

ପୁରୀ ଜିଲା ଅଧିକାଂଶ ସମୟ ବନ୍ୟା, ବାତ୍ୟାର ସମ୍ମୁଖୀନ ହେଉଛି। ପ୍ରତିବର୍ଷ ଗୋଟିଏ ପରେ ଗୋଟିଏ ବିପର୍ଯ୍ୟୟ ଘଟି ଲୋକଙ୍କ ଜୀବନ ନେବା ସହ ଘରଦ୍ୱାର ସର୍ବସ୍ୱ ଛାରଖାର କରିଦେଉଛି। ଫଳରେ ଲୋକେ ପରବର୍ତ୍ତୀ ସମୟରେ ବଞ୍ଚିବା କଷ୍ଟକର ହୋଇପଡୁଛି। କାରଣ ଘର ସଜାଡ଼ିବା ପାଇଁ କବାଟ, ଦ୍ୱାର ଭାଙ୍ଗିଯାଇଥିବା ବେଳେ ମରାମତି କିମ୍ବା ନୂଆ ଲଗାଇବା ପାଇଁ ଅଧିକାଂଶ ଅଞ୍ଚଳରେ କରତକଳଟିଏ ନାହିଁ। ବିଶେଷ କରି ଗୋପଠାରୁ ଆଖପାଖ ଅଞ୍ଚଳ ତଥା ପୁରୀ ପର୍ଯ୍ୟନ୍ତ ଗୋଟିଏ ହେଲେ ବିଲାଇସେନ୍ସପ୍ରାପ୍ତ କରତକଳଟିଏ ନାହିଁ। ଯେଉଁଥିପାଇଁ ଲୋକେ ଘର ସଜାଡ଼ିପାରୁଛନ୍ତି ନା ନୂଆ କବାଟ, ଝରକା ନିର୍ମାଣ କରିପାରୁଛନ୍ତି। ଫଳରେ ବିପର୍ଯ୍ୟୟରେ ସର୍ବସ୍ୱ ହରାଇଥିବା ବିପନ୍ନମାନେ ଭଙ୍ଗାଘରେ ଓ ଜରିପାଲ ତଳେ ଜୀବନ ନିର୍ବାହ କରୁଛନ୍ତି। ଏଥିପାଇଁ ଗୋପ ଅଞ୍ଚଳରେ କରତକଳଗୁଡ଼ିକୁ ସରକାର ଲାଇସେନ୍ସ ପ୍ରଦାନ କରି ଚଳାଇବାକୁ ଦାବି କରିଛନ୍ତି। ପ୍ରକାଶ ଯେ ଗୋପ, କୋଣାର୍କ, ବାଲୁଖଣ୍ଡ ରେଞ୍ଜ ଅଧୀନରେ ରହିଥିବା କରତକଳଗୁଡିକ ଦୀର୍ଘ ବର୍ଷ ଧରି ବନ୍ଦ ରହିଛି। ବିପର୍ଯ୍ୟୟ ସମୟରେ ଶତାଧିକ ଲୋକ ଘରଦ୍ୱାର ହରାଇଥିଲେ। ପରେ ସରକାରୀ ସ୍ତରରେ କେବଳ ବିପନ୍ନଙ୍କୁ କିଛି ଅର୍ଥ ମିଳିଥିବା ବେଳେ ଘର ଖଣ୍ଡେ ମିଳିପାରି ନାହିଁ। ସବୁ ଭାଙ୍ଗିରୁଜି ଯାଇଥିବା ବେଳେ ମରାମତି ନ ହେବାରୁ ବିପନ୍ନମାନେ ଅସୁବିଧାରେ ରହିଛନ୍ତି। ବିଭିନ୍ନ ରେଞ୍ଜରେ ବନ୍ଦ ପଡିଥିବା କରତକଳକୁ ଚଳାଇବା ଲାଗି ବାରମ୍ବାର ବିପନ୍ନମାନେ ଦାବି କରିଥିଲେ ମଧ୍ୟ କେହି ଗୁରୁତ୍ୱ ଦେଉ ନାହାନ୍ତି। ୧୯୯୯ରେ ସୁପ୍ରିମକୋର୍ଟ କେତେକ କରତକଳକୁ ବେଆଇନ ଦର୍ଶାଇ ବନ୍ଦ କରି ଦେଇଥିଲେ। ପରେ କରତକଳ ମାଲିକମାନେ ମଧ୍ୟ କୋର୍ଟରେ ଏକ ରିଟ୍ ପିଟିଶନ ଆଗତ କରିବା ପରେ କୋର୍ଟ ୨୭୪ଟି କରତକଳକୁ ସରକାରୀ ଲାଇସେନ୍ସ ଦେବା ଲାଗି ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ତାହା ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇ ନ ଥିବା ଜଣାପଡିଛି। ତେଣୁ ଉକ୍ତ ଅଞ୍ଚଳରେ ଥିବା କରତକଳକୁ ଚାଲୁ କରିବା ପାଇଁ ଗୋପ ଅଞ୍ଚଳର ବିପନ୍ନ ରାଧାନାଥ ରାୟ, ଭଗବାନ ବିଶ୍ୱାଳ, ରବୀନ୍ଦ୍ରନାଥ ସାହୁ, ସ୍ୱାଗତ ପରମାଣିକ, ଶତ୍ରୁଘ୍ନ ବେହେରା, ସୂର୍ଯ୍ୟକାନ୍ତ ବେହେରା ପ୍ରମୁଖ ଜଙ୍ଗଲ ବିଭାଗ ମନ୍ତ୍ରୀଙ୍କୁ ଅଭିଯୋଗପତ୍ରରେ ଜଣାଇଛନ୍ତି। ଏଥିସହ ଏକ ଦାବିପତ୍ର ବିଧାୟକ, ଜିଲାପାଳ ପ୍ରମୁଖଙ୍କୁ ଦେଇଛନ୍ତି। ଏ ନେଇ ଗୋପ ଜଙ୍ଗଲ ବିଭାଗ ରେଞ୍ଜର ପୂର୍ଣ୍ଣଚନ୍ଦ୍ର ସ୍ୱାଇଁଙ୍କୁ ପଚାରିବାରେ ଡିଏଫ୍‌ଓଙ୍କ ନିର୍ଦ୍ଦେଶରେ କରତକଳଗୁଡ଼ିକୁ ବନ୍ଦ ରଖାଯାଇଛି ବୋଲି ସୂଚନା ଦେଇଛନ୍ତି।



କଟକ ପୁରୀଘାଟସ୍ଥିତ ଦେବୀଗଡା କାଠଯୋଡି ନଦୀତଟସ୍ଥ ଅସ୍ଥାୟୀ ପୋଖରୀରେ ଶ୍ୟାମାକାଳୀଙ୍କ ମୃଣ୍ମୟୀ ପ୍ରତିମା ବିସର୍ଜନ କରାଯାଇଛି।

## ସଂକ୍ଷେପରେ

### ପାଇଖାନା ଟାଙ୍କିରୁ ବାର୍ହା ଉଦ୍ଧାର

ବ୍ରହ୍ମଗିରି,୬।୧୧(ଡି.ଏନ୍.ଏ.): ସାତପଡା ଅଧୀନ ଆଲୁପାଟଣା ଗ୍ରାମରୁ ଶନିବାର ଏକ ବାର୍ହାକୁ ବନ ବିଭାଗ ଉଦ୍ଧାର କରିଛି। ସୂଚନା ଅନୁଯାୟୀ, ଉକ୍ତ ଗ୍ରାମର ସଦାଶିବ ଜେନାଙ୍କ ଅର୍ଦ୍ଧନିର୍ମିତ ଏକ ପାଇଖାନା ଟାଙ୍କିରେ ଏକ ଜଙ୍ଗଲି ବାର୍ହା ପଡିଯାଇଥିଲା। ଏ ନେଇ ସଦାଶିବ ବନ ବିଭାଗକୁ ଜଣାଇଥିଲେ। ବନବିଭାଗ ବ୍ରହ୍ମଗିରି ଅଗ୍ନିସେବା ସଂସ୍ଥାର କର୍ମଚାରୀମାନେ ପହଞ୍ଚି ପାଇଖାନା ଟାଙ୍କିରୁ ବାର୍ହାଟିକୁ ଉଦ୍ଧାର କରିଥିଲେ। ପରେ ତା'ର ସ୍ୱାସ୍ଥ୍ୟାବସ୍ଥାକୁ ଦେଖି ସାରି ଜଙ୍ଗଲରେ ଛଡ଼ା ଯାଇଥିଲା।

### ଶ୍ରୀକ୍ଷେତ୍ରରେ ଭ୍ରାତୃ ଦ୍ୱିତୀୟା

ପୁରୀ ଅଫିସ,୬।୧୧ - କାର୍ତ୍ତିକ ମାସ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିକୁ ଶ୍ରୀକ୍ଷେତ୍ରରେ ଭ୍ରାତୃ ଦ୍ୱିତୀୟା ଭାବେ ପାଳନ କରାଯାଇଥାଏ। ଏହି ଅବସରରେ ପୁରୀ ହରଚଣ୍ଡୀ ସାହିରେ ଥିବା ଯମେଶ୍ୱର ମନ୍ଦିରରେ ହବିଷିଆଳିମାନେ ସ୍ୱତନ୍ତ୍ର ପୂଜା କରିଥିଲେ। ଏଥିସହ ଏହି ପୂଜା ସେବାୟତମାନଙ୍କ ଘରେ ସ୍ୱତନ୍ତ୍ର ଭାବେ ଦେଖିବାକୁ ମିଳିଥିଲା। ସେବାୟତ ପରିବାରରେ ଭ୍ରାତୃ ଦ୍ୱିତୀୟାରେ ଭଉଣୀମାନେ ଭାଇଙ୍କ ଶୁଭ ମନାସିବା ସହ ମିଠା ଖୁଆଇଥିଲେ। ସ୍ୱୟଂ ଯମରାଜଙ୍କ ଭଉଣୀ ଯମୁନା ମଧ ଭାଇ ଯମଙ୍କୁ ଏହି ଦିନ ମିଷ୍ଟାନ୍ନ ଖୁଆଇଥିଲେ। ଏହି ଅବସରରେ ଯମେଶ୍ୱର ମନ୍ଦିରରେ ଭକ୍ତଙ୍କ ସୁଅ ଛୁଟିଥିଲା। ମହିଳାମାନେ ପ୍ରଭୁ ଯମେଶ୍ୱରଙ୍କୁ ଆରାଧନା କରି ନିଜ ଭାଇଙ୍କ ଶୁଭ ମନାସୀ ଥିଲେ।

### ସୁବାରାଓଙ୍କ ଶ୍ରଦ୍ଧାଞ୍ଜଳି ସଭା

ପୁରୀ ଅଫିସ ୬।୧୧- ବର୍ଷୀୟାନ ଗାନ୍ଧୀବାଦୀ ପଦ୍ମଶ୍ରୀ ଡ. ଏସ .ଏନ. ସୁବାରାଓ (ଭାଇଜୀ) ଙ୍କ ପବିତ୍ର ଦଶାହ ତିଥି ଅବସରରେ ସ୍ଥାନୀୟ ଯୁଥ୍ ହଷ୍ଟେଲ ପରିସରରେ ଏକ ଶ୍ରଦ୍ଧାଞ୍ଜଳି ସଭା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ରାଷ୍ଟ୍ରୀୟ ସଦ୍‌ଭାବନା ମଞ୍ଚ ଏବଂ ଜାତୀୟ ଯୁବ ପ୍ରକଳ୍ପ ପୁରୀ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୁବ ପ୍ରକଳ୍ପର ସଭାନେତ୍ରୀ ସ୍ୱର୍ଣ୍ଣଲତା ଜେନା ଅଧକ୍ଷତା କରିଥିଲେ। ସ୍ମୃତିସଭାରେ ଚକ୍ରଧର ମହାପାତ୍ର, ଖବରଦାତା ଜଗନ୍ନାଥ ବସ୍ତିଆ, ଅଧାପିକା ଡ. ହରପ୍ରିୟା ଦାଶ, ଅଭିନନ୍ଦନିକା ସମ୍ପାଦକ ଶ୍ୟାମପ୍ରକାଶ ସେନାପତି ଓ ସଂଗଠକ ରବୀନ୍ଦ୍ର ପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ତାଙ୍କ ନୀତିକୁ ଯୁବପିଢ଼ି ଆପଣାଇବା ଆବଶ୍ୟକ ବୋଲି କହିଥିଲେ। ପ୍ରଥମେ ସଦ୍‌ଭାବନା ମଞ୍ଚର ଆବାହକ ସଞ୍ଜୟ ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରଭାସ ପ୍ରଧାନ, ସଞ୍ଜୀବ ମହାନ୍ତି, ଜଗନ୍ନାଥ ଷଡଙ୍ଗୀ ଏବଂ ପ୍ରଦୀପ ମହାରଣା ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ପରେ ଅନୁଷ୍ଠାନ ପକ୍ଷରୁ ବାଟମଙ୍ଗଳାରେ ସଫେଇ ସହ ମଙ୍ଗରାଜପୁର ଗ୍ରାମରେ ଚାରାରୋପଣ କରାଯାଇଥିଲା। ଏଥିରେ ମା' ବାଟମଙ୍ଗଳା ଯୁବକସଂଘର ସଦସ୍ୟ ସହଯୋଗ କରିଥିଲେ।

# ମହାପ୍ରଭୁଙ୍କ ନାମ କଦର୍ଥ କରିଛି ଭାଜପା

ପୁରୀ ଅଫିସ,୬।୧୧:

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନାମକୁ ଭାଜପାର ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ର କଦର୍ଥ କରିଛନ୍ତି। ସେଥିପାଇଁ ଶନିବାର ଯୁବ ବିଜେଡିର ରାଜ୍ୟ ଉପସଭାପତି ଶୁଭାଶିଷ ଖୁଣ୍ଟିଆଙ୍କ ନେତୃତ୍ୱରେ ଶତାଧିକ ଯୁବକ ବଡ଼ଦାଣ୍ଡରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏପରି କି ସମ୍ବିତ ପାତ୍ରଙ୍କର କୁଶପୁତ୍ତଳିକା ଦାହ କରାଯାଇଥିଲା। ଶୁଭାଶିଷ କହିଥିଲେ ଯେ, ଭାଜପାର ରାଷ୍ଟ୍ରୀୟ ପ୍ରବକ୍ତା ହୋଇ ମହାପ୍ରଭୁ ଜଗନ୍ନାଥଙ୍କୁ ଅପମାନ କରିଥିବା ବ୍ୟକ୍ତିଙ୍କୁ ପୁରୀ ସହରବାସୀ ଓ ଜଗନ୍ନାଥପ୍ରେମୀମାନେ କ୍ଷମା କରିବେ ନାହିଁ। ସମ୍ବିତ ପାତ୍ର ସର୍ବସାଧାରଣରେ କ୍ଷମାପ୍ରାର୍ଥନା କରିବା ଦରକାର ବୋଲି ବିକ୍ଷୋଭରେ ପୂର୍ବତନ ନଗରପାଳ ଗୌରହରି ପ୍ରଧାନ, ଜିଲା ଯୁବ ବିଜେଡି ସଭାପତି ନାରାୟଣ ସ୍ୱାଇଁ ଓ ନାରାୟଣ ଖୁଣ୍ଟିଆ ପ୍ରମୁଖ ସାମିଲ ହୋଇ କହିଥିଲେ। ଅନ୍ୟପକ୍ଷରେ ବିଜେଡିର ଅନ୍ୟ ଏକ ଗୋଷ୍ଠୀ ସୁନୀଲ ମହାନ୍ତିଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ବିକ୍ଷୋଭରେ ମହିଳା ଓ ଯୁବକମାନେ ସାମିଲ ହୋଇଥିଲେ। ରାଜ୍ୟ ବିଜେଡିର ଉପସଭାପତି ସୁନୀଲ ମହାନ୍ତି କହିଛନ୍ତି ଯେ, ମହାପ୍ରଭୁଙ୍କ ନାମକୁ ନେଇ ଶସ୍ତା ରାଜନୀତି କରା ନ ଯାଉ। ଜଣେ ଓଡ଼ିଆ, ମହାପ୍ରଭୁଙ୍କ ନାମକୁ ଅପଭ୍ରଂଶ କରିବା ନିହାତି ପକ୍ଷେ ଅକ୍ଷମଣୀୟ। ଏହି ପରିପ୍ରେକ୍ଷୀରେ ଷ୍ଟାଲିନ୍ ପରିଜାଙ୍କ ସମେତ ଅନ୍ୟ ନେତାମାନେ ଉପସ୍ଥିତ ଥିଲେ। ସୂଚନାଥାଉକି, ପୁରୀ ନାମକୁ ପରିବର୍ତ୍ତନ କରିବା ପ୍ରସଙ୍ଗରେ ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ର ଶୁକ୍ରବାର ଯୋଗଦେଇଥିଲେ। ହେଲେ ସେହି ବିକ୍ଷୋଭରେ ଥିବା ବ୍ୟାନରରେ ଶ୍ରୀଜଗନ୍ନାଥଙ୍କ ନାମ ବଦଳରେ ଶ୍ରୀଜଗନ୍ନାଥ ଲେଖା ହୋଇଥିଲା। ଏହି ଭୁଲ୍ ପାଇଁ ସମ୍ବିତ ପାତ୍ର କ୍ଷମା ମାଗନ୍ତୁ ବୋଲି ବିଜେଡି ଦାବି କରିଛି।

# ବ୍ଲକ ପିଏଙ୍କ କାର୍ଯ୍ୟାଳୟରେ ଅଗ୍ନିକାଣ୍ଡ

ବ୍ରହ୍ମଗିରି, ୬।୧୧(ଡି.ଏନ୍.ଏ.):

ବ୍ରହ୍ମଗିରି ବ୍ଲକରେ ଥିବା ପିଏଙ୍କ ସରକାରୀ କାର୍ଯ୍ୟାଳୟରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ଅଗ୍ନିକାଣ୍ଡ ଘଟିଛି। ଏଥିରେ କେହି ମୃତାହତ ହୋଇ ନାହାନ୍ତି। ସୂଚନା ଅନୁଯାୟୀ, ବ୍ଲକ କାର୍ଯ୍ୟାଳୟ ଭିତରେ ପିଏଙ୍କ କାର୍ଯ୍ୟାଳୟ ରହିଛି। ଏଠାରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ରହିଥାଏ। କିନ୍ତୁ ଶୁକ୍ରବାର ରାତିରେ ଏହି କାର୍ଯ୍ୟାଳୟରେ ହଠାତ୍ ନିଆଁ ଲାଗିଯାଇଥିଲା। ଖବରପାଇ ଅଗ୍ନିଶମ ସେବା ବାହିନୀର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡରେ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜ ସହିତ ଆସବାବପତ୍ର ପୋଡିଯାଇଛି। ତେବେ ଏହି ଅଗ୍ନିକାଣ୍ଡକୁ ନେଇ ସାଧାରଣରେ ନାନା ପ୍ରଶ୍ନ ଉଠୁଛି। ପ୍ରକାଶଥାଉ କି, ଅକ୍ଟୋବର ୯ ରେ ସାଢେ ପାଞ୍ଚ କୋଟି ଟଙ୍କା ବ୍ୟୟରେ ପ୍ରଶାସନିକ ସୌଧର ଲୋକାର୍ପଣ କରାଯାଇଥିଲା। କିନ୍ତୁ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାଳୟକୁ ଏହାକୁ ସ୍ଥାନାନ୍ତରିତ କରାଯାଇ ନାହିଁ। ବିଶେଷ କରି ପିଏ କାର୍ଯ୍ୟାଳୟ ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗ ଥିବା ସମୟରେ ଏଠାରେ ଝରକା ନ ଥିବା ଏକ ବିପଦପୂର୍ଣ୍ଣ ଘରେ ଚାଲୁଛି। ଅନ୍ୟପଟେ ପିଏ ଅରକ୍ଷିତ ପ୍ରଧାନ ଅସୁସ୍ଥତା ଥିବାରୁ ଦୀର୍ଘଦିନ ହେବ ଅନୁପସ୍ଥିତ ଅଛନ୍ତି। ଏଭଳି କ୍ଷେତ୍ରରେ ବନ୍ଦ କାର୍ଯ୍ୟାଳୟରେ କିପରି ନିଆଁ ଲାଗିଲା ତାହା ସନ୍ଦେହ ସୃଷ୍ଟି କରୁଛି। ଅଗ୍ନିକାଣ୍ଡର କାରଣ ଏବେ ବି ଅସ୍ପଷ୍ଟ ରହିଛି। ଏ ନେଇ ବିଡିଓ ଜ୍ୟୋତିପ୍ରକାଶ ସେଠୀ କହିଛନ୍ତି, ଅଗ୍ନିକାଣ୍ଡ ବିଷୟରେ ଥାନାରେ ଅଭିଯୋଗ କରାଯାଇଛି। ପୋଲିସ ଘଟଣାର ତଦନ୍ତ କରୁଛି।

# ମହାପ୍ରଭୁଙ୍କୁ ଦର୍ଶନ କଲେ ୫-ଟି ସଚିବ

ପୁରୀ ଅଫିସ,୬।୧୧:

୫-ଟି ସଚିବ ଭି.କେ. ପାଣ୍ଡିଆନ ଶନିବାର ସକାଳୁ ପୁରୀ ଗସ୍ତରେ ଆସିଥିଲେ। ଅଚାନକ ସକାଳୁ ପୁରୀରେ ସେ ପହଞ୍ଚି ଶ୍ରୀମନ୍ଦିର ଚାରିପାଖରେ ବୁଲିବା ସହ ଶ୍ରୀମନ୍ଦିର ଯାଇ ରତ୍ନବେଦୀରେ ବସିଥିବା ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରିଛନ୍ତି। ଦର୍ଶନ ସାରିବା ପରେ ପୁଣି ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ମନ୍ଦିର ବୁଲିବା ସହ ଉନ୍ନୟନମୂଳକ କାର୍ଯ୍ୟକୁ ତଦାରଖ କରିଛନ୍ତି। ସେହିଭଳି ସେବାୟତମାନଙ୍କ ସହ ମଧ୍ୟ ଶ୍ରୀମନ୍ଦିର ପରିକ୍ରମା ଯୋଜନା ସମ୍ପର୍କରେ ଆଲୋଚନା କରିଛନ୍ତି। ଶ୍ରୀମନ୍ଦିର ଦର୍ଶନ ସାରି ଫେରିବା ପରେ ଶ୍ରୀଜଗନ୍ନାଥ ସେନା ପକ୍ଷରୁ ପୁରୀର ନାମ ପରିବର୍ତ୍ତନ କରିବା ପାଇଁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହି ଅବସରରେ ଶ୍ରୀଜଗନ୍ନାଥ ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ କହିଛନ୍ତି ଯେ, ପୁରୀର ନାମ ପରିବର୍ତ୍ତନ କରାଯାଇ ନାହିଁ। କେବଳ ନାମ ସହ ଧାମର ନାମକୁ ଯୋଡ଼ିବାକୁ ଏକ ପ୍ରୟାସ ହେଉଛି। ପୁରୀ ନାମକ ବଦଳାଇବାର ପ୍ରୟାସ କରିବାକୁ ଆମେ କିଏ। ଏତେ ବଡ଼ ଦୁଃସାହାସ ଆମେ କରିପାରିବୁ ନାହିଁ। ୫-ଟି ସଚିବ ପାଣ୍ଡିଆନ ମଧ୍ୟ ଦାବିପତ୍ରକୁ ଗ୍ରହଣ କରିବା ସହ ଖୁବଶୀଘ୍ର ଏଥିପ୍ରତି ଧ୍ୟାନ ଦିଆଯିବ ବୋଲି ସୂଚନା ଦେଇଥିଲେ।

## ଓଡ଼ିଆ ବିଶ୍ୱବିଦ୍ୟାଳୟ ପାଇଁ ମାଟି ଅନୁକୂଳ

ସାକ୍ଷୀଗୋପାଳ,୬।୧୧(ଡି.ଏନ୍.ଏ)

ସତ୍ୟବାଦୀରେ ଓଡ଼ିଆ ବିଶ୍ୱବିଦ୍ୟାଳୟ ନିର୍ମାଣ ନିମନ୍ତେ ଶନିବାର ମାଟିର ନମୁନା ସଂଗ୍ରହ ହୋଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଟେଣ୍ଡର ପ୍ରକ୍ରିୟା ସହ ଭୂମିପୂଜା କରି ମୁଖ୍ୟମନ୍ତ୍ରୀ ଶିଳାନ୍ୟାସ କରିଥିବା ପଞ୍ଚସଖା ପଡ଼ିଆ ନିକଟରେ ବୋରିଂ କାର୍ଯ୍ୟ ଆରମ୍ଭ କରାଯାଇଛି। ସମୁଦାୟ ୯.୬୦ ଏକର ଜମିର ସୀମା ଚିହ୍ନଟ କରି ସମତୁଲ କରିବା ପାଇଁ ମାଟି ପକାଇ ପ୍ରାଚୀର ନିର୍ମାଣ କରବାକୁ ଲକ୍ଷ୍ୟ ରଖାଯାଇଛି। ଓଡ଼ିଆ ଭାଷା ସାହିତ୍ୟର ଉଚ୍ଚକୋଟିର ଗବେଷଣା ନିମନ୍ତେ ଐତିହ୍ୟ ସମ୍ପନ୍ନ ସତ୍ୟବାଦୀ ବକୁଳବନରେ ୨୦୧୮ ଅକ୍ଟୋବର ୯ ତାରିଖ ଗୋପବନ୍ଧୁଙ୍କ ଜୟନ୍ତୀ ଅବସରରେ ମୁଖ୍ୟମନ୍ତ୍ରୀ ଓଡ଼ିଆ ବିଶ୍ୱବିଦ୍ୟାଳୟର ଶିଳାନ୍ୟାସ କରିଥିଲେ। ଏଥିପାଇଁ ଜମି କ୍ରୟ କରିବା ସହ ୬୩ କୋଟି ଟଙ୍କା ମଞ୍ଜୁର କରିଛନ୍ତି।

## ବନ୍ଧୁକ ଦେଖାଇ ୨୦ ହଜାର ଲୁଟ୍

ପିପିଲି,୬।୧୧(ସ୍ୱ.ପ୍ର.)

ପିପିଲିସ୍ଥିତ ଗୁଡ଼ିଆ ପୋଖରୀଛକ ମା'ମଙ୍ଗଳା ଟ୍ରେଡର୍ସ ସିମେଣ୍ଟ ଗୋଦାମର ମାଲିକଠାରୁ ଜଣେ ଦୁର୍ବୃତ୍ତ ଶନିବାର ରାତି ୮ଟାରେ ବନ୍ଧୁକ ଓ ଛୁରି ଦେଖାଇ ୨୦ ହଜାର ଟଙ୍କା ସହ ମୋବାଇଲ ଫୋନ ଲୁଟି ନେଇଛି। ମାଲିକ ଜଣଙ୍କ ହେଉଛନ୍ତି ସୁବାସ ଚନ୍ଦ୍ର ଉପାଧ୍ୟାୟ। ପିପିଲି ପୋଲିସ ଆସି ଘଟଣାର ତଦନ୍ତ ଚଳାଇଛି। ସୁବାଷଙ୍କ କହିବା ଅନୁଯାୟୀ, ସେ ଦୋକାନରେ ଏକା ଥିବାବେଳେ ଜଣେ ହେଲମେଟ ସହ ଏମ୍‌ସିଲ କିଣିବା ପାଇଁ ଆସିଥିଲେ। କିଣିବା ପରେ ସୁବାସ କ୍ୟାଶ ଡ୍ର ଖୋଲିବାବେଳେ ଦୁର୍ବୃତ୍ତ ଜଣଙ୍କ ହଠାତ୍ ବନ୍ଧୁକ, ଛୁରି ଦେଖାଇ ଡ୍ରରୁ ସମସ୍ତ ଟଙ୍କା ସହ ମୋବାଇଲ ଫୋନ୍ ନେଇ ବାଇକ୍‌ରେ ଫେରାର ହୋଇଯାଇଥିଲା। ଏ ନେଇ ସୁବାସ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପିପିଲି ଥାନା ଅଧିକାରୀ ଅଭିମନ୍ୟୁ ନାୟକ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି।

## ପରିବା ଦରକୁ ନେଇ ଖାଉଟି ହନ୍ତସନ୍ତ

କଣାସ,୬।୧୧(ସ୍ୱ.ପ୍ର.):

କାର୍ତ୍ତିକମାସ ବାରମାସ ମଧ୍ୟରୁ ଶ୍ରେଷ୍ଠ ଧର୍ମମାସ ହୋଇଥିବାରୁ ବହୁ ବ୍ୟକ୍ତି ଆମିଷ ପରିତ୍ୟାଗ କରି ନିରାମିଷ ଭୋଜନ କରୁଛନ୍ତି। ହେଲେ ବଜାରରେ ପରିବା ଦର ଆଶାତୀତ ଭାବେ ବୃଦ୍ଧିପାଇଥିବାରୁ କଣାସ ଅଞ୍ଚଳର ଖାଉଟିମାନଙ୍କର ମୁଣ୍ଡବିନ୍ଧାର କାରଣ ହୋଇପଡିଛି। ଯେଉଁ ଖାଉଟି ଦୈନନ୍ଦିନ ବଜାରରୁ ଏକ କେଜି ପରିବା ନେଉଥିଲା ସେ ପରିବାର ଦରବୃଦ୍ଧି ଯୋଗୁ ୨୫୦ଗ୍ରାମ ନେବାକୁ ବାଧ ହେଉଛି। ବିଶେଷ ଭାବେ ଗରିବ ଓ ଦିନ ମଜୁରିଆମାନେ ବହୁ ହନ୍ତସନ୍ତ ହେଉଛନ୍ତି। ବଜାରରେ ଆଳୁ କିଲୋ ପିଛା ୨୦ଟଙ୍କା ଥିବାବେଳେ ପିଆଜ ୪୦ଟଙ୍କା, ବାଇଗଣ ୭୦, ପୋଟଳ ୮୦, କାଙ୍କଡ ୧୨୦, ଭେଣ୍ଡି ୬୦, ଝୁଡଙ୍ଗ ୮୦, ସଜନାଛୁଇଁ ୮୦, ଜହ୍ନି ୬୦, ବନ୍ଧାକୋବି ୫୦, କୋଶଳାଶାଗ ବିଡାକୁ ୧୦ଟଙ୍କା, କଲରା ୬୦, କଖାରୁ ୨୫, କଞ୍ଚାକଦଳୀ ଗୋଟାକୁ ୧୦ଟଙ୍କାରେ ବିକ୍ରି ହେଉଛି। ସାଧାରଣ ଗରିବ ଶ୍ରେଣୀର ବ୍ୟକ୍ତିମାନେ ବାଧ ହୋଇ ୨୦୦ରୁ ୩୦୦ ଗ୍ରାମ ମଧ୍ୟରେ ପରିବା ନେଉଥିବା କହିଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ କାହ୍ନୁ



@ ତାରିଣୀ



@ ପର୍ଶୁରାମ



@ ଆଲିଶା



@ ସନ୍ତୋଷ



କୃଷ୍ଣ

# ଜବରଦଖଲକାରୀଙ୍କୁ ଉଚ୍ଛେଦ ଦାବି

କାକଟପୁର,୬।୧୧୬।୧୧(ଡି.ଏନ୍.ଏ)

କାକଟପୁର ବଜାର ମଧ୍ୟସ୍ଥ ରାସ୍ତାର ଉଭୟ ପାର୍ଶ୍ୱରୁ ଜବର ଦଖଲକାରୀଙ୍କୁ ଉଚ୍ଛେଦ କରିବା ପାଇଁ କାକଟପୁର ବରିଷ୍ଠ ନାଗରିକ ମଞ୍ଚ, ବିକାଶ ପରିଷଦ ଏବଂ ବୁଦ୍ଧିଜୀବିମାନେ ପୁରୀ ଜିଲାପାଳ ଓ ରାଜ୍ୟ ସରକାରଙ୍କ ନିକଟରେ ଦାବି କରିଛନ୍ତି। ମା'ମଙ୍ଗଳା ହେଉଛନ୍ତି କାକଟପୁରର ମୁଖ୍ୟ ଆକର୍ଷଣ ଏବଂ ଏହା ଏକ ବ୍ୟବସାୟୀ ପେଣ୍ଠ ସ୍ଥଳୀ। କାକଟପୁର ବଜାର ଉପରେ ସେହି ବ୍ଲକର ୧୬ଟି ପଞ୍ଚାୟତବାସୀ ସମ୍ପୂର୍ଣ୍ଣ ଭାବେ ନିର୍ଭରଶୀଳ। ପଡ଼ୋଶୀ ଜିଲାରୁ ବିଭିନ୍ନ ଲୋକ ଏହି ହାଟରେ ବ୍ୟବସାୟ କରନ୍ତି। ଏଥିସହ ଏଠାରେ ଅନେକ ଅନୁଷ୍ଠାନ ମଧ୍ୟ ରହିଛି। ଅନେକ ସମୟରେ ରାସ୍ତା ଗହଳି ଲାଗି ରହୁଛି। ସରକାରଙ୍କ ପୂର୍ତ୍ତ ବିଭାଗ କୋଟି କୋଟି ଟଙ୍କା ବିନିମୟରେ ରାସ୍ତାକୁ ପ୍ରଶସ୍ତୀକରଣ କରାଉଥିଲେ ମଧ୍ୟ ଏହାର କୌଣସି ସୁଧାର ହେଉନାହିଁ। ଅନେକ ରାସ୍ତା ଉପରେ ଗୃହ ନିର୍ମାଣ କରି ପୂର୍ତ୍ତ ବିଭାଗ ଓ ରାଜସ୍ୱ ବିଭାଗ ପଦାଧିକାରୀଙ୍କୁ ହାତ କରି ଜବରଦଖଲ କରିଥିବା ସାଧାରଣରେ ଅଭିଯୋଗ ହେଉଛି। ବ୍ୟବସାୟ ପ୍ରତିଷ୍ଠାନମାନେ ପାର୍କିଂ ପାଇଁ ଜାଗା ନ ରଖିବାରୁ ଦୁର୍ଘଟଣା ମଧ୍ୟ ଘଟୁଛି। ଏହାର ସମାଧାନ ପାଇଁ ପୁରୀ ଜିଲାପାଳ ଓ ରାଜ୍ୟ ସରକାରଙ୍କ ନିକଟରେ କାକଟପୁର ଅଞ୍ଚଳବାସୀ ଦାବି କରିଛନ୍ତି।



କଟକ ମେହେନ୍ଦିପୀର ଅଞ୍ଚଳରେ ଶନିବାର ବିହାରୀ ସମ୍ପ୍ରଦାୟର ମହିଳାମାନେ ଗିରି ଗୋବର୍ଦ୍ଧନ ପୂଜା କରୁଛନ୍ତି।





ଉଠା ଦୋକାନୀଙ୍କୁ ଥଇଥାନ ସହ କ୍ଷତିପୂରଣ ପ୍ରଦାନ ଦାବିରେ ଶନିବାର କଟକ ମହାନଗର ନିଗମ(ସିଏମ୍‌ସି) କାର୍ଯ୍ୟାଳୟ ସମ୍ମୁଖରେ ମୋ କଟକ ସୁରକ୍ଷା ମଞ୍ଚ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ।



ପୁରୀ ଶ୍ରୀନହର ପରିସରରେ ଶନିବାର ଗଜପତି ମହାରାଜା ଦିବ୍ୟସିଂହ ଦେବ ଓ ଅନ୍ୟ ଅତିଥିଙ୍କ ଉପସ୍ଥିତିରେ ହରେକୃଷ୍ଣ ଶତପଥୀଙ୍କ ଦ୍ୱାରା ଅନୁବାଦିତ 'ସ୍କନ୍ଦପୁରାଣ' ପୁସ୍ତକକୁ ଉନ୍ମୋଚନ କରାଯାଉଛି।

**ଏକତା ହିଁ ଆମକୁ ବିକାଶ କ୍ଷେତ୍ରରେ ଆଗକୁ ନେବ**

ଗୋପ(ଡି.ଏନ୍.ଏ.): ଗାଁର ଏକତା ସବୁକିଛି ଅସମ୍ଭବକୁ ସମ୍ଭବ କରିବାରେ ସହାୟକ ହେବା ସହ ବିକାଶ କ୍ଷେତ୍ରରେ ଗାଁ ଆଗକୁ ଯାଇପାରିବ ବୋଲି ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି। ଗୋପ ବ୍ଲକ ଗଣେଶ୍ୱରପୁର ପଞ୍ଚାୟତର ଲୁଣହାର ଗାଁରେ ଶନିବାର ଅନୁଷ୍ଠିତ ବିଜେଡିର ଏକ ମିଶ୍ରଣ ପର୍ବରେ ମନ୍ତ୍ରୀ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପସ୍ଥିତ କର୍ମୀମାନଙ୍କୁ ଏହା କହିଥିଲେ। ଲୁଣହାର ଗ୍ରାମର ପ୍ରକାଶ କାନୁନ୍‌ଗୋ, ବଂଶୀଧର ନାୟକଙ୍କ ନେତୃତ୍ୱରେ ଗ୍ରାମର ୩୨ଟି ପରିବାରର ସଦସ୍ୟ ନିଜ ଦଳ ଛାଡ଼ି ବିଜେଡିରେ ଯୋଗଦେଇଛନ୍ତି। ପ୍ରହ୍ଲାଦ ସ୍ୱାଇଁଙ୍କ ସଭାପତିତ୍ୱରେ ବ୍ଲକ ବିଜେଡି ସଭାପତି ମଧୁସୂଦନ ପାଇକରାୟ, ସୁକାନ୍ତ ମହାନ୍ତି, ଗଣେଶ୍ୱରପୁର ସରପଞ୍ଚ ଦେବବ୍ରତ ସାହୁ, ସମିତିସଭ୍ୟ କରୁଣାକର ସାହୁ ପ୍ରମୁଖ ଯୋଗଦେଇ ନୂତନ କର୍ମୀଙ୍କୁ ସ୍ୱାଗତ କରିଥିଲେ।



## ସଂକ୍ଷେପରେ

### ନାଟ୍ୟ ନିର୍ଦ୍ଦେଶକ ଗୌରୀଶ୍ୟାମ ମହାପାତ୍ରଙ୍କ ପରଲୋକ

**ଭୁବନେଶ୍ୱର, ୬।୧୧ (ବ୍ୟୁରୋ):** ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ ତଥା ସଂଗଠକ ଗୌରୀଶ୍ୟାମ ମହାପାତ୍ରଙ୍କର ଗତ ବୁଧବାର ବିଳମ୍ବିତ ରାତିରେ ପରଲୋକ ଘଟିଛି। ଦୀର୍ଘଦିନ ଧରି କରୋନା ସହ ଲଢ଼େଇ କରି ଶେଷରେ ସେ ହାରି ଯାଇଛନ୍ତି। ଗୁରୁବାର ସତ୍ୟନଗର ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଚଇତିଘୋଡ଼ା, ପାଶବିକ, ଈଶ୍ୱର ଶୋଇଛନ୍ତି, ଶୁଣ ପରୀକ୍ଷ ଦଣ୍ଡାଧାରୀ, ବସ୍ତ୍ରହରଣ, ଗୋପୀ ସାହୁ ଦୋକାନ ଆଦି ୨୫ରୁ ଊର୍ଦ୍ଧ୍ୱ ନାଟକରେ ନିର୍ଦ୍ଦେଶନା ଦେଇ ସେ ନିଜର ସ୍ୱତନ୍ତ୍ର ଶୈଳୀ ସୃଷ୍ଟି କରିଥିଲେ। କର୍ମଠ, ସ୍ୱଳ୍ପଭାଷୀ, ଦକ୍ଷ ସଂଗଠକ, ବନ୍ଧୁବତ୍ସଳ ତଥା କର୍ମରେ ବିଶ୍ୱାସ କରୁଥିବା ଜଣେ ସରଳ ଓ ନିରାଡ଼ମ୍ବର ନାଟ୍ୟ ବ୍ୟକ୍ତିତ୍ୱ ଭାବେ ସେ ଓଡିଶା ନାଟ୍ୟ ଜଗତର ଜଣେ ପ୍ରିୟ ନାଟ୍ୟକର୍ମୀ ଥିଲେ। ଭୁବନେଶ୍ୱରର ସର୍ବପୁରାତନ ନାଟ୍ୟସଂସ୍ଥା ଉତ୍ତରପୁରୁଷର ସେ ପ୍ରତିଷ୍ଠାତା ତଥା ସଭାପତି ଥିଲେ। ବିଶିଷ୍ଟ ନାଟ୍ୟକାର ତଥା ନାଟ୍ୟ ନିର୍ଦ୍ଦେଶକ ସ୍ୱର୍ଗତ ଅସୀମ ବସୁଙ୍କ ସହ ବିଭିନ୍ନ ପ୍ରଦର୍ଶନୀ/ପ୍ରଜ୍ଞାପନ ମେଢ଼ ନିର୍ମାଣରେ ସେ ଜଣେ ଘନିଷ୍ଠ ସହଯୋଗୀ ଥିଲେ। ଶେଷ ଦର୍ଶନ ପାଇଁ ଉତ୍କଳ କରାଟେ ସ୍କୁଲର ପ୍ରତିଷ୍ଠାତା ହରି ପଟ୍ଟନାୟକ, ହରେନ ସାହୁ, ଅଭିନ୍ନ ରାଉତରାୟ, ପ୍ରକାଶ ମହାରଣା, ପବିତ୍ର ମୋହନ କର, ପବିତ୍ର ମହାନ୍ତି, ଉତ୍ତରପୁରୁଷର ସଭ୍ୟବୃନ୍ଦ ତଥା ନାଟକଜଗତର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ। ତାଙ୍କ ବିୟୋଗ ଓଡିଶା ନାଟ୍ୟ ଜଗତ ପାଇଁ ଅପୂରଣୀୟ କ୍ଷତି ବୋଲି ବିଭିନ୍ନ ନାଟ୍ୟଦଳ ତଥା ବ୍ୟକ୍ତିତ୍ୱମାନେ କହିଛନ୍ତି।



### ଜିଲାସ୍ତରୀୟ ଭଲିବଲ ପ୍ରତିଯୋଗିତା

ପୁରୀ ଅଫିସ,୬।୧୧ - ପୁରୀ ଜିଲା କ୍ରୀଡ଼ା ସଂସଦ ଓ ଶ୍ରୀକ୍ଷେତ୍ର କ୍ଲବ୍ ଆନୁକୂଲ୍ୟରେ ଶାସନ ଦାମୋଦରପୁରସ୍ଥିତ ଦଶବାଟିଆ ଖେଳ ପଡିଆରେ ଜିଲାସ୍ତରୀୟ ଭଲିବଲ ପ୍ରତିଯୋଗିତା ଓ ଚୟନ ଶିବିର ଅନୁଷ୍ଠିତ ହୋଇଛି। ଏହି ପ୍ରତିଯୋଗିତାରେ ୧୨ଜଣ ପ୍ରତିଯୋଗୀଙ୍କୁ ଚୟନ କରାଯାଇଛି। ପ୍ରତିଯୋଗିତାରେ ଜିଲାର ୮ଟି ଦଳ ସାମିଲ ଥିଲେ। ପ୍ରତିଯୋଗିତାରେ ପୂର୍ବତନ ମନ୍ତ୍ରୀ ମହେଶ୍ୱର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ଜିଲାପରିସଦ ଅଧକ୍ଷ ଦିବାକର ପାତ୍ର, ସୂର୍ଯ୍ୟ ନାରାୟଣ ପାତ୍ର, ନାରାୟଣ ମହାସୁଆର ଏବଂ ଜିଲା କ୍ରୀନା ସଂସଦ ସମ୍ପାଦକ ରବିଶଙ୍କର ପ୍ରତିହାରୀ ପ୍ରମୁଖ ଯୋଗଦେଇଥିଲେ। ପ୍ରତିଯୋଗିତାକୁ ଜାତୀୟସ୍ତରୀୟ ରେଫରି ବିଦ୍ୟୁତ ଭୂଷଣ ରଥ, ଶ୍ରୀକାନ୍ତ ନାୟକ, ତ୍ରିଲୋଚନ ଦାଶ, ରାଜ୍ୟସ୍ତରୀୟ ରେଫରି ଉଦୟ ଭାନୁ ସୁନ୍ଦରାୟ, ବିଶ୍ୱଜିତ ବରାଳ, ଅଶୋକ ବରାଳ, ଅଭିରାମ ବରାଳ, ସଞ୍ଜୀବ ଭଞ୍ଜ ପ୍ରମୁଖ ପରିଚାଳନା କରିଥିଲେ। ସେହିପରି ଚୟନ କର୍ତ୍ତା ଭାବେ ପାର୍ଥ ସାରଥୀ ମୁଦୁଲି, ଦେବେନ୍ଦ୍ର ସେଠୀ ଏବଂ ନାରାୟଣ ସାହୁ ପ୍ରମୁଖ ଯୋଗଦେଇଥିଲେ।

### ସୁଲେଖା, ଦୟଣା ଲୋକାର୍ପିତ

ପୁରୀ ଅଫିସ,୬।୧୧ - ସାରସ୍ୱତ ସଂଗଠନ ସୁଲେଖା ସାହିତ୍ୟ ସଂସ୍କୃତି ପରିଷଦ ଓ ଶ୍ରୀକ୍ଷେତ୍ର ଲେଖକ ସାମ୍ମୁଖ୍ୟର ମିଳିତ ଆନୁକୂଲ୍ୟରେ ଶିଶିର ସାହିତ୍ୟ ଆସର ଅନୁଷ୍ଠାନର ସଭାପତି ସଦାଶିବ ମିଶ୍ରଙ୍କ ଅଧକ୍ଷତାରେ ଭକ୍ତ ସାଲବେଗ ପୀଠ ପରିସରରେ ଏକ ପୁସ୍ତକ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥିଭାବେ ରାଜ୍ୟ ସରକାରଙ୍କ ଜଙ୍ଗଲ ବିଭାଗର ଅତିରିକ୍ତ ଶାସନ ସଚିବ ମଧୁସୂଦନ ଦାଶ, ମୁଖ୍ୟବକ୍ତା ଭାବେ ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟର ଓଡ଼ିଆ ବିଭାଗ ମୁଖ୍ୟ ଡ. ଦିଲୀପ ସ୍ୱାଇଁ ଓ ଅନ୍ୟ ଅତିଥି ଯୋଗ ଦେଇ ସୁଲେଖା ଓ ଦୟଣା ପୁସ୍ତକକୁ ଉନ୍ମୋଚନ କରିଥିଲେ।

# ସଂଘବଦ୍ଧ ଅପରାଧରେ ରୋକ୍ ଲାଗିବ

**ଭୁବନେଶ୍ୱର,୬।୧୧(ବ୍ୟୁରୋ)**

ରାଜ୍ୟରେ ବିଭିନ୍ନ ସ୍ଥାନରେ ନିର୍ଦ୍ଦିଷ୍ଟ ଗୋଷ୍ଠୀର ଲୋକମାନଙ୍କ ଦ୍ୱାରା ସଂଘବଦ୍ଧ ଅପରାଧର ମାତ୍ରା ବଢ଼ିବାରେ ଲାଗିଛି। ରାଜଧାନୀରେ ଅସାମାଜିକ ଯୁବକ ହାତରେ ମାରଣାସ୍ତ୍ର ଓ ବନ୍ଧୁକ ଧରି ବୁଲୁଛନ୍ତି। ଏପରି କି ଫାଙ୍କା ଗୁଳି ଚାଳନା କରିବା ସହ ଫିଲ୍ମ ଷ୍ଟାଇଲରେ ଖଣ୍ଡା, ଭୁଜାଲି, ବନ୍ଧୁକ ଧରି ରାସ୍ତା ମଝିରେ ରକ୍ତଚରିତ୍ର ସଙ୍ଗୀତର ତାଳେ ତାଳେ ନାଚୁଥିବାର ଭିଡିଓ ଭାଇରାଲ କରୁଛନ୍ତି। ପୋଲିସ ଉକ୍ତ ଗୋଷ୍ଠୀର ୫ଜଣଙ୍କୁ ଗିରଫ କରିଛି ସତ ଅପରାଧକୁ ରୋକିବାରେ ସଫଳ ହୋଇପାରି ନାହିଁ। ରାଜଧାନୀର ବିଭିନ୍ନ ଥାନା ଅଞ୍ଚଳରେ ଏପରି ଛୋଟ ବଡ଼ ଗ୍ୟାଙ୍ଗ୍ ମୁଣ୍ଡ ଟେକିଛି। ଯାହାକି ଜନସାଧାରଣଙ୍କ ସମେତ ପୋଲିସ ପ୍ରଶାସନର ମୁଣ୍ଡ ବିନ୍ଧାର କାରଣ ସାଜିଛି। ଏହି ସବୁ ସଂଘବଦ୍ଧ ଓ ସଂଗଠିତ ଅପରାଧକୁ ରୋକିବାକୁ ରାଜ୍ୟ ସରକାର ଚିନ୍ତା କଲେଣି। ଉତ୍ତରପ୍ରଦେଶ ଆଇନ ଢାଞ୍ଚାରେ ଖୁବ୍‌ଶୀଘ୍ର ଆସିବ ଓଡ଼ିଶା ଗୁଣ୍ଡା ଆଣ୍ଡ ଆଣ୍ଟି ସୋସିଆଲ୍ ଆକ୍ଟିଭିଟିଜ୍(ପ୍ରିଭେନ୍‌ଶନ) ବିଲ୍-୨୦୨୧। ଏନେଇ ରାଜ୍ୟ ଗୃହ ବିଭାଗ ପକ୍ଷରୁ ଚିଠା ଆଇନ ପ୍ରସ୍ତୁତ କରାଯାଇ ଆଇନ ବିଭାଗକୁ ପଠାଇଥିବା ସୂଚନା ମିଳିଛି। ରାଜରାସ୍ତାରେ ଉତ୍ପାତ, ଲୋକଙ୍କୁ ଡରାଇ ଧମକାଇ ଦାଦାବଟି ଆଦାୟ କରିବା, ସଂଗଠିତ ଅପରାଧ କରିବାର ମାନସିକତା ରଖୁଥିବା ବ୍ୟକ୍ତି ଆଉ ବର୍ତ୍ତିପାରିବେ ନାହିଁ। ଏହି ନୂଆ ବିଲ୍‌ରେ କଠୋର ଦଣ୍ଡବିଧାନ ସହ ସମ୍ପତ୍ତି ବାଜ୍ୟାପ୍ତି ପାଇଁ ଯୋଜନା ରଖିଛନ୍ତି ସରକାର।

ଏନ୍‌ସିଆର୍‌ବି ତଥ୍ୟ ଅନୁସାରେ ୨୦୧୬ରେ ଓଡ଼ିଶାରେ ଅପରାଧ ସଂଖ୍ୟା ୮୧ ହଜାର ୪୬୦ ଥିବାବେଳେ ୨୦୨୦ରେ ଏହା ୧ଲକ୍ଷ ୩୪ହଜାରରେ ପହଞ୍ଚିଛି। ତେଣୁ ସବୁ ଦିଗକୁ ନଜର କରି ସରକାର ଏହି ଗୁଣ୍ଡା ନିରୋଧୀ ଆଇନକୁ ଆଣିବାକୁ ଯାଉଛନ୍ତି। ଏହି ଆଇନ ଆସିଲେ ରାତି ଅଧିଆ ରାଜଧାନୀ ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଉତ୍ପାତ କରୁଥିବା ଗ୍ୟାଙ୍ଗ୍ ସାବାଡ଼ ହେବେ। ଏହି ବିଲ୍‌କୁ ମଧ ଅନେକ ବରିଷ୍ଠ ପୋଲିସ ଅଧିକାରୀ ସମର୍ଥନ କରିଛନ୍ତି। ଜଣେ ବରିଷ୍ଠ ପୋଲିସ ଅଧିକାରୀ ନିଜ ନାମ ଗୋପନ ରଖି କହିଛନ୍ତି ଯେ, ଏହି ବିଲ୍ ଆସିବା ପରେ ଆପରାଧିକ କାର୍ଯ୍ୟକଳାପରେ ସମ୍ପୃକ୍ତ ହେଉଥିବା ବ୍ୟକ୍ତି ବିଶେଷଙ୍କ ମନରେ ଭୟ ପଶିବା ସହ ଏହି କାର୍ଯ୍ୟକଳାପରୁ ଦୂରେଇ ରହିବେ। ଯାହାଫଳରେ ରାଜ୍ୟରେ ଅପରାଧର ହାର ଏକ ପ୍ରକାର କମିବ ବୋଲି ସେ ଆଶା କରିଛନ୍ତି।

### ବିଲ୍‌ରେ ରହିବ କଠୋର କାର୍ଯ୍ୟାନୁଷ୍ଠାନ

- ⇨ ଅପରାଧରେ ସମ୍ପୃକ୍ତ ବ୍ୟକ୍ତି ବା ଗୋଷ୍ଠୀଙ୍କୁ ୭ବର୍ଷରୁ ୧୦ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡ
- ⇨ ଅପରାଧୀଙ୍କୁ ସାହାଯ୍ୟ କରୁଥିବା ଅଫିସରଙ୍କ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ
- ⇨ ପ୍ରମାଣ ମିଳିଲେ ୩ ବର୍ଷରୁ ୧୦ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡ ହୋଇପାରେ

### ବିଲ୍‌ରେ କ'ଣ ରହିଛି ବ୍ୟବସ୍ଥା

- ➞ ଲୋକଙ୍କ ଭିତରେ ଭୟ ଓ ଆତଙ୍କ ସୃଷ୍ଟି କରୁଥିବା ବ୍ୟକ୍ତି ଓ ଗୋଷ୍ଠୀଙ୍କ କାର୍ଯ୍ୟକୁ ଆଣ୍ଟିସୋସିଆଲ କାର୍ଯ୍ୟକଳାପ କୁହାଯିବ
- ➞ ସାଧାରଣ ଲୋକଙ୍କ ସମ୍ପତ୍ତି ବା ସର୍ବସାଧାରଣ ସମ୍ପତ୍ତି ନଷ୍ଟ ହେବାର ଆଶଙ୍କା ଥିଲେ ଏହା ଅଧୀନକୁ ଆସିବ
- ➞ ଭୟ ପ୍ରଦର୍ଶନ କରି ଟଙ୍କା ବା ସମ୍ପତ୍ତି ଆଦାୟ କରିବାକୁ ଚେଷ୍ଟା ଏବଂ ସମାଜରେ ବିଶୃଙ୍ଖଳା ସୃଷ୍ଟି କରୁଥିବା ବ୍ୟକ୍ତିଙ୍କୁ ଗୁଣ୍ଡା କୁହାଯିବ
- ➞ ସ୍ୱତନ୍ତ୍ର କୋର୍ଟରେ ମାମଲାର ଶୁଣାଣି ହେବ

### ଓଡ଼ିଶାରେ ଆସିବ ଗୁଣ୍ଡା ନିରୋଧୀ ବିଲ୍





"ଓଡ଼ିଶା ଗୁଣ୍ଡା ଓ ଆଣ୍ଟିସୋସିଆଲ ଆକ୍ଟିଭିଟିଜ (ପ୍ରିଭେନଶନ୍) ବିଲ୍-୨୦୨୧" ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ସଂଘବଦ୍ଧ ଆକ୍ରମଣ ନେଇ ଆଇପିସିରେ ଦଣ୍ଡ ବିଧାନର ବ୍ୟବସ୍ଥା ରହିଥିଲେ ସୁଦ୍ଧା ପୋଲିସ ଅନେକ ସ୍ଥାନରେ ଏହାକୁ କଡ଼ାକଡ଼ି ପାଳନ ନ କରିବାରୁ ସଂଘବଦ୍ଧ ଅପରାଧ ସଂଖ୍ୟା ବଢ଼ିବାରେ ଲାଗିଛି। ବାଡ଼ ଯଦି ଫସଲ ଖାଇବ ଗୁହାରି କରିବା କାହାକୁ। ତେଣୁ ସରକାର ଯେଉଁ ନୂଆ ବିଲ୍ ଆଣିବାକୁ ଯାଉଛନ୍ତି ପୋଲିସ ତାକୁ କଡ଼ାକଡ଼ି ପାଳନ କରିବା ଜରୁରୀ। ତା'ହେଲେ ଅପରାଧ ରୋକାଯିବାରେ ଏହି ନୂଆ ବିଲ୍ ସହାୟକ ହୋଇପାରିବ।

**– ନିରଞ୍ଜନ କାନୁନ୍‌ଗୋ, ଆଇନଜୀବୀ**

"ରାଜନୈତିକ ବ୍ୟକ୍ତି ବିଶେଷ ଓ ମାଫିଆଙ୍କ ସହଯୋଗ ରହୁଥିବାରୁ ବର୍ତ୍ତମାନ ରାଜଧାନୀ ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ସଂଘବଦ୍ଧ ଆକ୍ରମଣ ଓ ଅପରାଧ ବଢୁଛି। ତେଣୁ ଗୁଣ୍ଡା ନିରୋଧୀ ବିଲ୍‌କୁ ପୋଲିସ କଡ଼ାକଡ଼ି ପାଳନ କରିବା ସହ ଏଥିରେ ଅବହେଳା ନ କରି ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାର ଅଛି। ପିଢ଼ି ପରେ ପିଢ଼ି ଯେଉଁ ଗୁଣ୍ଡା ତିଆରି ହେଉଛନ୍ତି, ତାକୁ ପ୍ରଥମେ ରୋକିବାକୁ ହେବ। ଯୁବଗୋଷ୍ଠୀକୁ ଉଚିତ୍ ଶିକ୍ଷା ପ୍ରଦାନ କରି କୁପଥରୁ ସୁପଥକୁ ଯିବାକୁ ରାସ୍ତା ଦେଖାଇବାର ଅଛି।

**–କମଳାକାନ୍ତ ଦାଶ, ପ୍ରଫେସର, ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ**

# ବିଭିନ୍ନ ଦାବି ନେଇ ଆଶାକର୍ମୀଙ୍କ ବିକ୍ଷୋଭ

**ପୁରୀ ଅଫିସ,୬।୧୧**

ପୁରୀ ଜିଲା ଆଶାକର୍ମୀମାନଙ୍କ କାର୍ଯ୍ୟକ୍ଷେତ୍ରରେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାର ସମାଧାନ ଦାବି କରି ଶନିବାର ଜିଲା ଆଶାକର୍ମୀ ସଂଘ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହ ୬ ଦଫା ସମ୍ବଳିତ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି। ସଂଘ ଅଭିଯୋଗ ଅନୁଯାୟୀ, ଅନେକ ସମୟରେ ଆଶାକର୍ମୀମାନେ କାର୍ଯ୍ୟକ୍ଷେତ୍ରରେ ଦୁର୍ବ୍ୟବହାର ଶିକାର ହେଉଛନ୍ତି। ତେଣୁ ଏସବୁ ରୋକାଯିବା ଜରୁରୀ। ପ୍ରସବ ନିମନ୍ତେ ଆସୁଥବା ରୋଗୀଙ୍କୁ ଆଶାକର୍ମୀ ଡାକ୍ତରଖାନାରେ ଛାଡିବା ପରେ ଉପସ୍ଥାନ ପକାଇ ଫେରିବା ଓ ଡିସଚାର୍ଯ ଦିନ ଉପସ୍ଥିତ ରହିବା ପାଇଁ ଅନୁମତି। ସ୍ତ୍ରୀ, ପ୍ରସୂତି ବିଭାଗରେ ମା ଓ ଛୁଆର କୌଣସି ଅସୁବିଧା ହେଲେ ସେଥିପାଇଁ ଆଶାକର୍ମୀ ଦାୟ ରହିବେ ନାହିଁ। କାର୍ଯ୍ୟକ୍ଷେତ୍ରରେ ଆଶାର କୌଣସି ସମସ୍ୟା ହେଲେ ସମାଧାନ ପାଇଁ ଉପରିସ୍ଥ ଅଫିସର ଆଶାର ଫୋନ୍ କଲକୁ ଗ୍ରହଣ କରିବେ ଏବଂ ଆବଶ୍ୟକ ସ୍ଥଳେ ସେହି ସ୍ଥାନରେ ପହଞ୍ଚି ସମସ୍ୟାର ସମାଧାନ କରିବା ନିମନ୍ତେ ସଂଘ ଦାବି କରିଛି। ଯଦି ପ୍ରଶାସନ ୧୫ଦିନ ମଧ୍ୟରେ ଆଶା କର୍ମୀଙ୍କର ସମସ୍ତ ଦାବିଗୁଡିକ ପୂରଣ ନ କରେ ତେବେ ସେମାନେ ଆଗାମୀ ଦିନରେ କାମ ବନ୍ଦ କରିବା ପାଇଁ ବାଧ ହେବେ ବୋଲି ଜିଲା ଆଶାକର୍ମୀ ସଂଘ ପକ୍ଷରୁ ସୂଚନା ଦିଆଯାଇଛି।



ଚନ୍ଦକା ଅଭୟାରଣ୍ୟ ପାଦାଦେଶରେ ଥିବା ବେଣ୍ଟୁଆ ଗାଁ ମୁଣ୍ଡରେ ହାତୀପଲ।

# ମହିଳା କୁଟୀର ଆଶ୍ରମ ଜମି ବିକ୍ରି ମାମଲା, ତଦନ୍ତ ନିର୍ଦ୍ଦେଶ

**ପୁରୀ ଅଫିସ,୬।୧୧:** ପୁରୀ ମହିଳା କୁଟୀର ଆଶ୍ରମ ଜମି ବିକ୍ରି ଦୁର୍ନୀତି ଅଭିଯୋଗରେ ତଦନ୍ତ ପାଇଁ ଜିଲାପାଳଙ୍କୁ ରାଜ୍ୟ ସରକାରଙ୍କ ରାଜସ୍ୱ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଜଣେ ମୃତବ୍ୟକ୍ତିଙ୍କ ଦରଖାସ୍ତକୁ ଭିତ୍ତି କରି ପୁରୀ-କୋଣାର୍କ ଉନ୍ନୟନ କର୍ତ୍ତୃପକ୍ଷ ଜମି ପ୍ଲଟିଂ ଯୋଜନା ଉପରେ ଆପତ୍ତିବିହୀନ ପ୍ରମାଣପତ୍ର ଦେଇଥିବା ସାମାଜିକ କର୍ମୀ ଜଗନ୍ନାଥ ବସ୍ତିଆ ଅଭିଯୋଗ କରିଥିଲେ। ଗତ ୨୧ ତାରିଖରେ ବସ୍ତିଆ ଏ ନେଇ କ୍ରାଇମବ୍ରାଞ୍ଚ କିମ୍ବା ସିବିଆଇ ତଦନ୍ତ ଦାବି କରି ମୁଖ୍ୟ ଶାସନ ସଚିବଙ୍କ ଦ୍ୱାରସ୍ଥ ହୋଇଥିଲେ। ରାଜସ୍ୱ ବିଭାଗ ପକ୍ଷରୁ ଗତ ୩ ତାରିଖରେ ଏ ନେଇ ପୁରୀ ଜିଲାପାଳଙ୍କୁ ଚିଠି କରାଯାଇଛି।

# ଲୋକ ପ୍ରଚଳିତ ନାମକୁ ସଙ୍କୁଚିତ କରା ନ ଯାଉ

**ପୁରୀ ଅଫିସ,୬।୧୧:**

ପୁରୀ ନାମ ପରିବର୍ତ୍ତନକୁ ନେଇ ବିଭିନ୍ନ ସାମାଜିକ ଅନୁଷ୍ଠାନ ଓ ସାଧାରଣ ଲୋକଙ୍କ ମଧ୍ୟରେ ଦ୍ୱିମତ ଦେଖିବାକୁ ମିଳିଛି। କେତେକ ସଙ୍ଗଠନ ପୁରୀର ନାମକୁ ବଦଳାଇ ଶ୍ରୀଜଗନ୍ନାଥ ଧାମ ପୁରୀ ରଖିବା ପାଇଁ ଦାବି କରିଥିବା ବେଳେ ଅନ୍ୟ କେତେ ସଙ୍ଗଠନ ଏଭଳି ପ୍ରୟାସକୁ କେବଳ ରାଜନୀତି ବୋଲି କହିଛନ୍ତି। ଜଗଦ୍‌ଗୁରୁ ନିଶ୍ଚଳାନନ୍ଦ ସରସ୍ୱତୀ ମହାରାଜ ପୁରୀର ନାମ ବଦଳାଇବା ପ୍ରସ୍ତାବକୁ ବିରୋଧ କରିବା ପରେ ତାଙ୍କ ସପକ୍ଷରେ ଅନେକ ସାମାଜିକ ସଙ୍ଗଠନ ବାହାରିଛନ୍ତି। ଅନାବଶ୍ୟକ ଭାବେ ପୁରୀର ନାମ ପରିବର୍ତ୍ତନ ପାଇଁ କାହିଁକି ଜୋର ଦିଆଯାଉଛି ଓ ନାମ ପରିବର୍ତ୍ତନ ହେବା ଦ୍ୱାରା ପୁରୀର କ'ଣ ଲାଭ ହେବ ବୋଲି ସାଧାରଣ ଲୋକେ ପ୍ରଶ୍ନ କରୁଛନ୍ତି। ଏପରିକି ଲୋକ ପ୍ରଚଳିତ ଥିବା ପୁରୀ ଭଳି ନାମକୁ ପରିବର୍ତ୍ତନ କରି ସଂକୁଚିତ କରା ନ ଯାଉ ବୋଲି ମଧ ବିଶିଷ୍ଟ ବ୍ୟକ୍ତି ମତ ଦେଇଛନ୍ତି। ସୋସିଆଲ୍ ମିଡିଆରେ ଅନେକ ଯୁବଗୋଷ୍ଠୀ ପୁରୀ ସହର ମୂଳ ସମସ୍ୟାକୁ ପ୍ରାଥମିକତା ଦେବା ସପକ୍ଷରେ ଯୁକ୍ତି ବାଢ଼ିଛନ୍ତି। ପୁରୀର ନାମକରଣ ପଛରେ ନ ଦୌଡ଼ି ସାମାଜିକ ଅନୁଷ୍ଠାନମାନେ ସହରରେ ଦୀର୍ଘଦିନ ଧରି ଥିବା ବିବାଦ ଉପରେ ଜୋର ଦେବା ପାଇଁ ଦାବି କରିଛନ୍ତି।

ଏ ଅବସରରେ ଶନିବାର ପୁରୀ ଜିଲା ଯୁବ ଅଧିବକ୍ତା ସଂଘ ତରଫରୁ କଚେରି ଛକରେ ପ୍ରତିବାଦ ସଭା କରାଯାଇଥିଲା। ପୁରୀ ନାମକୁ ବଦଳାଇବାକୁ ଚାହୁଁଥିବା ସଙ୍ଗଠନ ବିରୋଧରେ ସ୍ଲୋଗାନ ଦେବା ସହ ଏହାକୁ ନେଇ ରାଜନୀତି ନ କରିବା ପାଇଁ ସଂଘ ପକ୍ଷରୁ କୁହାଯାଇଛି। ଏ ନେଇ ଅଧିବକ୍ତା ସଂଘ ଆବାହକ ଅନୀଲ ସାହୁ କହିଛନ୍ତି, ଶ୍ରୀଜଗନ୍ନାଥଙ୍କ ପାଇଁ ପୁରୀ ନାମ

**ପୁରୀ ନାମ ପରିବର୍ତ୍ତନକୁ ବିରୋଧ**

ବିଶ୍ୱବିଦିତ ଅଟେ। ତେଣୁ ପୁରୀ ନାମକୁ ପରିବର୍ତ୍ତନ କରିବାର ଆବଶ୍ୟକତା ମନେ ହେଉ ନାହିଁ। ଏହା ବଦଳରେ ସହରରେ ଥିବା ଅନେକ ପ୍ରମୁଖ ସମସ୍ୟା ଉପରେ ଧ୍ୟାନ ନ ଦେଇ ନାମକରଣ ରାଜନୀତିରେ ମାତିବା ନିହାତି ପକ୍ଷେ ଦୁର୍ଭାଗ୍ୟଜନକ ଘଟଣା। ଏହି ପ୍ରତିବାଦରେ ସଂଘ ସଭାପତି ବିଶ୍ୱଜିତ ପ୍ରଧାନ, ଶୁଭାଶିଷ ମହାନ୍ତି ଓ ସୁରେଶ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପକ୍ଷେ ପୁରୀର ନାମ ପରିବର୍ତ୍ତନ ଦାବି ଏକ ହୀନ ରାଜନୀତି ବୋଲି ଶ୍ରୀଜଗନ୍ନାଥ ଭକ୍ତ ପରିଷଦ ପକ୍ଷରୁ କୁହାଯାଇଛି। ପରିଷଦର ଆବାହକ ସୂର୍ଯ୍ୟ ନାରାୟଣ ରଥ କହିଛନ୍ତି, ଶ୍ରୀଜଗନ୍ନାଥଧାମ ମର୍ତ୍ତ୍ୟ ବୈକୁଣ୍ଠର ନାମ ଆବାହନ କାଳରୁ ପୁରୀ ରହିଆସିଛି। ସ୍ୱୟଂ ଶ୍ରୀଜଗନ୍ନାଥ ପୁରୀର ପରିଚୟ। ପୁରୀର ନାମ ପରିବର୍ତ୍ତନ ଦାବି ଅବାସ୍ତବ ଓ ଶସ୍ତା। ପୁରୀବାସୀଙ୍କ ବିନା ମତାମତରେ ଏଭଳି ନିଷ୍ପତ୍ତି ନିଆଯାଇଛି। ପୁରୀ ବୁଦ୍ଧିଜୀବୀ, ଐତିହାସିକ, ଜଗନ୍ନାଥ ସଂସ୍କୃତି ଗବେଷକ, ଶ୍ରୀମନ୍ଦିର ମୁଖ୍ୟ ଗଜପତି ମହାରାଜା, ବିଭିନ୍ନ ସାମାଜିକ ଅନୁଷ୍ଠାନର ମୁଖ୍ୟ ଓ ପଣ୍ଡିତ ମଣ୍ଡଳୀଙ୍କ ସମେତ ରାଜନୈତିକ ବ୍ୟକ୍ତି ବିଶେଷଙ୍କ ସହ ଆଲୋଚନା କରିବାର ଆବଶ୍ୟକତା ଥିଲା। ସେହିଭଳି ଜଗନ୍ନାଥ ସଂସ୍କୃତି ଗବେଷକ ଡ. ସୁରେନ୍ଦ୍ର କୁମାର ମିଶ୍ର କହିଛନ୍ତି, ପୁରୀର ସମୁଦାୟ ୪୨ଟି ନାମ ରହିଛି। ଶାସ୍ତ୍ର, ଇତିହାସ ଓ ଓଡ଼ିଶାର ପ୍ରାଚୀନ ଦସ୍ତାବିଜ ଅନୁଯାୟୀ ନାମଗୁଡ଼ିକ ପଛରେ ଗୁରୁତ୍ୱପୂର୍ଣ୍ଣ ଐତିହ୍ୟ ରହିଛି। ମହାପ୍ରଭୁଙ୍କ ଧ୍ୟାନ ମନ୍ତ୍ରରେ କ୍ଷେତ୍ରର ଦୁଇଟି ନାମ ରହିଛି ନୀଳାଦ୍ରି ଓ ଶଙ୍ଖକ୍ଷେତ୍ର। କୌଣସି ନାମକୁ ଅତୀତରେ ରାଜବଂଶଙ୍କ ପକ୍ଷରୁ ବଦଳା ଯିବାର ନଜିର ନାହିଁ ବରଂ ନୂଆ ନାମ ସାମିଲ କରାଯାଇଛି। ପୁରରୁ ପୁରୀ, ପୁର ହେଉଛି ପୂର୍ଣ୍ଣର ପ୍ରତୀକ। ପ୍ରାଚୀନ କାଳରେ ଯେଉଁ ସ୍ଥାନର ନାମ ଶେଷରେ ପୁର ଲାଗୁଥିଲା ତାହା ଆମର ସାଂସ୍କୃତିକ କେନ୍ଦ୍ର ଥିଲା। ସନାତନ ପରମ୍ପରାରେ ସାରା ଭାରତରେ ଏକଥା ସମାନ। ଯାଜପୁର, ବ୍ରହ୍ମପୁର, ସମ୍ବଲପୁର ସଂସ୍କୃତି, ସଭ୍ୟତା ଓ ସଂସ୍କାରର କେନ୍ଦ୍ର ଥିଲା। କେରା, ପଡ଼ା, ସାହି ପ୍ରଭୃତିର ସଂସ୍କୃତି, ସଭ୍ୟତାର ଗୁରୁତ୍ୱ କମ୍ ଥିଲା। ରାଜାମାନେ ବ୍ରାହ୍ମଣ ଶାସନ ବସାଇଲେ ଶେଷରେ ପୁର ଥିଲା, ପୁର ଭିତରେ ଭିନ୍ନ ମତ, ଭିନ୍ନ ଦର୍ଶନ ଦେଖିବାକୁ ମିଳୁଥିଲା। ଏତେସବୁର ମିଶ୍ରଣ ହେଉଛି ପୁରୀ। ପୂର୍ଣ୍ଣ ବ୍ରହ୍ମରେ ସବୁ ଦେବତାଙ୍କ ସମୀକରଣ ଯେଉଁଠି, ସେଇ କ୍ଷେତ୍ର ହେଉଛି ପୂର୍ଣ୍ଣ, ବେଦର ପୂର୍ଣ୍ଣାତ ପୂର୍ଣ୍ଣମାଦାୟ। ରହସ୍ୟ ଲୋକ ପ୍ରଚଳିତ ନାମ ହେଉଛି ପୁରୀ ଏଣୁ ଏହାକୁ ସଂକୁଚିତ କରିବା ପାଇଁ ପ୍ରୟାସ ନ ହେବା ଦରକାର ବୋଲି ସେ କହିଥିଲେ।

### ମାଡ଼ ମାରିବା ଅଭିଯୋଗ, ୩ ଗିରଫ

**ପୁରୀ ଅଫିସ, ୬।୧୧**

ଜିଲା ମୁଖ୍ୟ ଚିକିତ୍ସାଳୟରେ ଭଙ୍ଗାରୁଜା ସହ ଫାର୍ମାସିଷ୍ଟ, ଷ୍ଟାଫନର୍ସ ଓ କର୍ମଚାରୀଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ମାଡ ମାରିବା ଅଭିଯୋଗରେ କୁମ୍ଭାରପଡା ଥାନା ପୋଲିସ ୩ ଜଣଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେ ହେଲେ, ଟାଉନଥାନା ଅନ୍ତର୍ଗତ ଶୀତଳପଇଣ୍ଡା ସାହିର ପୃଥୀରାଜ ଦାଶ, କୁମ୍ଭାରପଡା ଥାନା ନବକଳେବର ରୋଡ ଗୋଚ୍ଛାୟତ ବଗିଚାର ରୁଦ୍ର ପ୍ରସାଦ ଦାସ ଏବଂ ବାଉଳା ମଠ ଲେନ୍ ପବିତ୍ର ଦାସ। ପୋଲିସ ନଂ. ୪୧୧/୨୧ରେ ଏକ ମାମଲା ରୁଜୁ କରିଛି। ସୂଚନା ଅନୁଯାୟୀ ଶୁକ୍ରବାର ରାତି ପ୍ରାୟ ୧୦ଟାରେ ଚିକିତ୍ସାଳୟରେ କାର୍ଯ୍ୟରତ ନର୍ସିଂ ଅଫିସର ଦୀପାବଳି ଦାସ ଅଭିଯୋଗ କରିଥିଲେ ଯେ, ଜଣେ ରୋଗୀଙ୍କୁ ଇଞ୍ଜେକ୍ସନ୍ ଦେବା ସମୟରେ ମେଡିକାଲରେ କାର୍ଯ୍ୟରତ ସୁପରଭାଇଜର ଏବଂ ତାଙ୍କ ୩ ସାଙ୍ଗ ଆସି କେମିତି ଇଞ୍ଜେକ୍ସନ୍ ଦେଉଛ କହି ଛଡାଇ ନେବା ସହ ଗାଳି କରି ଭଙ୍ଗାରୁଜା କରିଥିଲେ। ଜଣେ ଷ୍ଟାପ ତାଙ୍କ ମୋବାଇଲରେ ସମସ୍ତ ଘଟଣା ଶୁଟିଂ କରୁଥିବା ବେଳେ ଅଭିଯୁକ୍ତମାନେ ତାଙ୍କଠାରୁ ମୋବାଇଲ ଛଡାଇ ଭାଙ୍ଗି ଦେଇଥିଲେ। ଖବରପାଇ ପୋଲିସ ଅଭିଯୁକ୍ତମାନଙ୍କୁ ଗିରଫ କରିଛି।

### ବୃକ୍ଷ ଲଗାନ୍ତୁ ପରିବେଶ ବଞ୍ଚାନ୍ତୁ

**କାକଟପୁର,୬।୧୧(ଡି.ଏନ୍.ଏ)**

ଫନୀ ବାତ୍ୟା କାରଣରୁ ନଡ଼ିଆ ଗଛ ସବୁ ଉପୁଡି ଯାଇଥିଲା। କିଛି ପରିମାଣରେ ଏହାର ଭରଣ ପାଇଁ ପୁରୀ ଜିଲା କାକଟପୁର ବ୍ଲକର କାହାଳ ଗ୍ରାମର ନୀଳମାଧବ ଯୁବକ ସଂଘ ପକ୍ଷରୁ ୟୁଥ୍ କ୍ଲବର ସଭ୍ୟମାନେ ମିଶି ଚାରାରୋପଣ କରିଛନ୍ତି। ମାଳାମାଛଠାରୁ କାହାଳ ଓ ଜିଓଳ ପର୍ଯ୍ୟନ୍ତ ରାସ୍ତାର ଦୁଇପାର୍ଶ୍ୱରେ ନଡ଼ିଆ ଚାରାରୋପଣ କରାଯାଇଛି। କ୍ଲବର ସଭାପତି ଶିବ ନାରାୟଣ ପଣ୍ଡା, ଭାରତମାତା କ୍ଲବର ଉପସଭାପତି ସମୀର ସ୍ୱାଇଁ, କାହାଳ ଗ୍ରାମର ସାଗର ବନ୍ଧୁ ଦାଶ, ଶରତ ଚନ୍ଦ୍ର ବେହେରା, ରଞ୍ଜନ ନାୟକ ଏବଂ ସମ୍ପଦ ସେଠୀଙ୍କ ନେତୃତ୍ୱରେ ମନୋଜ ସ୍ୱାଇଁ, ସୌଭାଗ୍ୟ ରଞ୍ଜନ କାଣ୍ଡି, ପ୍ରତ୍ୟୁଷ ଦାଶ, ସନ୍ତୋଷ ନାୟକ ଏବଂ ବିରଞ୍ଚି ନାରାୟଣ କାଣ୍ଡି ପ୍ରମୁଖ ଚାରା ରୋପଣରେ ସହଯୋଗ କରିଥିଲେ।

### କପିଳେଶ୍ୱର ମିଶ୍ର ଡ୍ରିମ୍‌ସର ଏକାଡେମିକ୍ ନିର୍ଦ୍ଦେଶକ



**କଟକ ଅଫିସ, ୬।୧୧**

ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହର ନୂତନ ନିର୍ଦ୍ଦେଶକ (ଏକାଡେମିକ୍ ଓ ଗବେଷଣା) ଭାବେ ଶିକ୍ଷାବିତ୍ ଡ. କପିଳେଶ୍ୱର ମିଶ୍ର ଶନିବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ ଶିକ୍ଷାନୁଷ୍ଠାନର ବିଭିନ୍ନ ବିଭାଗ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଥିଲା। ମିଶ୍ରଙ୍କ ମାର୍ଗଦର୍ଶନରେ ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ଉତ୍କର୍ଷ ହାସଲ କରିବ ବୋଲି ଅଧ୍ୟକ୍ଷ ପ୍ରମୋଦ ଚନ୍ଦ୍ର ରଥ ଆଶାବ୍ୟକ୍ତ କରିଛନ୍ତି। ସୂଚନାଯୋଗ୍ୟ, ବିଭିନ୍ନ ବୈଷୟିକ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଉଚ୍ଚ ପଦବୀରେ ସଫଳତାର ସହ କାର୍ଯ୍ୟ କରି ମିଶ୍ର ପ୍ରଶଂସିତ ହୋଇଛନ୍ତି। ଶିକ୍ଷାଦାନ, ଗବେଷଣା ଓ ପ୍ରଶାସନିକ କ୍ଷେତ୍ରରେ ତାଙ୍କର ତିନି ଦଶନ୍ଧିରୁ ଊର୍ଦ୍ଧ୍ୱ ଅଭିଜ୍ଞତା ରହିଛି। ବିଶେଷକରି ହାଇଡ୍ରୋଲିକ୍ ଓ ଇରିଗେଶନ ଇଞ୍ଜିନିୟରିଂରେ ତାଙ୍କର ବିଶେଷ ପାରଦର୍ଶିତା ରହିଛି।



ଭକ୍ତ ସାଲବେଗ ପୀଠରେ ଶ୍ରୀକ୍ଷେତ୍ର ଲେଖକ ସାମ୍ମୁଖ୍ୟ ପକ୍ଷରୁ ଶନିବାର 'ସୁଲେଖା' ଓ 'ଦୟଣା' ପତ୍ରିକାକୁ ଉପସ୍ଥିତ ଅତିଥିମାନେ ଲୋକାର୍ପଣ କରୁଛନ୍ତି।



ପୁରୀ ଦଶବାଟିଆଠାରେ ଅନୁଷ୍ଠିତ ଜିଲାସ୍ତରୀୟ ଭଲିବଲ ପ୍ରତିଯୋଗିତାରେ ଶନିବାର ଯୋଗଦେଇଥିବା ପୂର୍ବତନ ମନ୍ତ୍ରୀ ମହେଶ୍ୱର ମହାନ୍ତି ଓ ଅନ୍ୟ ଅତିଥିଙ୍କ ଗହଣରେ ଖେଳାଳିମାନେ।



ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ବିଭିନ୍ନ ସଂଗଠନ ପକ୍ଷରୁ ପଣ୍ଡିତ ନୀଳକଣ୍ଠ ଦାସଙ୍କ ୫୪ତମ ଶ୍ରାଦ୍ଧୋତ୍ସବ ପାଳନ ଅବସରରେ ଶନିବାର ଭୁବନେଶ୍ୱର ପିଏମ୍‌ଜି ଛକସ୍ଥିତ ପ୍ରତିମୂର୍ତ୍ତି ସ୍ଥଳରେ ଉପସ୍ଥିତ ଅତିଥିମାନେ।